ମଇ ୨୦୨୨ • ୫୦ ଟଙ୍କା

# ରେବତୀ

ଆମ ମାଟିର ସ୍ୱର

website :
www.rebatee.in



SMILE GOLD
JEWELLERS



Making
Flat 50% OFF
On Gold Ornaments

Flat 25% OFF
On Diamond Ornaments

Making
Flat 50% OFF
On Silver Ornaments

Flat 20% OFF
On Branded Watches

Saheed Nagar, Bhubaneswar
Mob: 9438019696, 9438029797
Ph.: 0674-2969696, 2969797

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ଚତୁର୍ଥ ବର୍ଷ : ୭ମ ସଂଖ୍ୟା, ମଇ ୨୦୨୨ ■ Vol-4, Issue : 7, May 2022



ମାର୍ଗଦର୍ଶକ | Advisor
ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor
ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**

ଆରାଧ୍ୟ

**ଫକୀରମୋହନ ସେନାପତି**

କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା

**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**

ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ

**କୃଷ୍ଣ କୁମାର ମହାନ୍ତି**

ପ୍ରସାରଣ ଓ ବିଜ୍ଞାପନ ବିଭାଗ : **ରବୀନ୍ଦ୍ର ବିଶ୍ୱାଳ**

ଅଳଂକରଣ ବିଭାଗ

- ଗ୍ରାଫିକ୍ ଡିଜାଇନ୍ : **ଶିବରାଜ କର୍ଣ୍ଣ**
- ଚିତ୍ରକଳା : **ସଂଜୟ କୁମାର ରାଉଳ**
- ଲେ-ଆଉଟ୍ : **ଦିଲ୍ଲୀପ କୁମାର ସେଣ**
- ଅକ୍ଷର : **ନିରଞ୍ଜନ ସାହୁ**
- ରେବତୀ ନାମାଙ୍କନ : **ଶିଳ୍ପୀ ଶଶିକାନ୍ତ ରାଉତ**

**Bhubaneswar Office**

**Rebatee Media House Pvt. Ltd.**
Plot No. 432, 1st Floor
Lewis Road
Bhubaneswar-751002
Phone : 9937288554
**E-mail**
***rebatimedia@gmail.com***

**Editorial Office**

Editor : **Rebati Ama Matira Swara**
O.T. Road, Balasore
Pin - 756001, Odisha
Phone : 9437080003
7008845920
**E-mail :**
***rebati.rebati2018@gmail.com***
***rebati.edit2020@gmail.com***

Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : **୫୦ ଟଙ୍କା ମାତ୍ର** ■ Price : **INR 50/- Only**

## ସୂ ଚୀ ପ ତ୍ର

୪ର୍ଥ ବର୍ଷ ୭ମ ସଂଖ୍ୟା । ମଇ ୨୦୨୨ ।

# ରେବତୀ
ଆମ ମାଟିର ସ୍ୱର







୦୩ ସମ୍ପାଦକୀୟ : ପରିବାରରେ ବିଭାଜନ: ସୁବାସିନୀ ଜେନା






୮
ବିଶେଷ ମତ : ବିଶ୍ୱଜୀବନ ଅବବୋଧ..: ଡକ୍ଟର ଶିଶିର ବେହେରା

୧୪
ଜୀବନ-ଜୀବିକା : ପିତଳର ପରିଚୟ: ନାରାୟଣ ରାଉତରାୟ

୧୮
ନଦନଦୀ : ଆଃ ! ଚିତ୍ରୋତ୍ପଳା:.... : ଡକ୍ଟର ବିଜୟଲକ୍ଷ୍ମୀ ଦାଶ

୩୨
ପ୍ରବାସୀ ଓଡ଼ିଆ : ମହକେ ମାଲେସିଆ : ବୀଣାପାଣି ପ୍ରଧାନ

୩୮
ଭ୍ରମଣ କାହାଣୀ-୧ : ଆରାକୁର ଅନ୍ୱେଷଣ: ରୋଜାଲିନି ମିଶ୍ର

୪୪
ଭ୍ରମଣ କାହାଣୀ-୨ : ବ୍ୟାଙ୍କକ୍‌ର ବୁଦ୍ଧ: ସ୍ୱୟଂପ୍ରଭା ପଣ୍ଡା

୫୨
ସମ୍ବାଦ ବାହିକା : ରେବତୀ ନ୍ୟୁଜ୍ ବ୍ୟୁରୋ

୫୪ ଦ୍ୱି-ପ୍ରଚ୍ଛଦ : ଅଞ୍ଜଳି ବେହେରା
୫୬ ଧାରାବାହିକ କାବ୍ୟ : ପ୍ରଫୁଲ୍ଲ କୁମାର ମହାନ୍ତି
୫୭ ସମକାଳ କବିତା : ଡକ୍ଟର ଦେବାଶିଷ ପାତ୍ର
୫୮ : ଅକ୍ଷୟ ସ୍ୱାଇଁ
୫୯ : ଯୀଶୁକ୍ରିଷ୍ଟ ଦାସ
୬୦ : ସୌଭାଗ୍ୟବନ୍ତ ମହାରଣା
୬୧ : ଶର୍ମିଷ୍ଠା ସାହୁ
୬୨ : ହେମନ୍ତ ମହାନ୍ତି
୬୩ : ତପନ ମାଝୀ
୬୪ : ମନୋଜ କୁମାର ସିଂ
୬୫ କଥାକବିତା : ଅଧ୍ୟାପକ ବିଶ୍ୱରଂଜନ













୬୬ କଥା-କାହାଣୀ-୧ : ବିରଜା ମହାପାତ୍ର
୭୧ କଥା-କାହାଣୀ-୨ : କମଳା ଶତପଥୀ
୭୮ ଆଇନକାନୁନ : ଆଡ୍‌ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ
୭୯ ଚରିତ-ଉପନ୍ୟାସ : ପବିତ୍ର ମୋହନ ଦାଶ
୮୬ ଆତ୍ମଜୀବନୀ : ଜୟନ୍ତୀ ରଥ
୯୦ ଅବଲୋକନ : ଡକ୍ଟର ମଣୀନ୍ଦ୍ର କୁମାର ମେହେର
୯୩ ପୁଷ୍ପବିତାନ : ଶ୍ୱେତା ରାଉତ
୧୦୦ ଗୃହ ସମସ୍ୟା : ଡକ୍ଟର ହରପ୍ରସନ୍ନ ଦାସ




## ନିୟମିତ ବିଭାଗ

୧୦୪ ରୋଷେଇଶାଳ: ସଙ୍ଗୀତା ଦାସ




୧୦୬ ଶେଷପୃଷ୍ଠା : ସର୍ଜନଶୀଳତାରେ ବିଭାଜନ : କୃଷ୍ଣ କୁମାର ମହାନ୍ତି










ପ୍ରଚ୍ଛଦ ଭାବନା : **କୃଷ୍ଣ କୁମାର ମହାନ୍ତି**
ପ୍ରଚ୍ଛଦ ମଡେଲ୍ : **ପ୍ରିୟଙ୍କା ନାୟକ**, ଭୁବନେଶ୍ୱର
ଉଚ୍ଚତା : **୫ ଫୁଟ୍ ୪ ଇଞ୍ଚ୍**
ଶିକ୍ଷା : **ସ୍ନାତକ ଛାତ୍ରୀ**
ବୃତ୍ତି : **ଅଭିନେତ୍ରୀ**
ପ୍ରବୃତ୍ତି : **ଅଭିନୟ, ନାଚ**
ପ୍ରଚ୍ଛଦ ଫଟୋଗ୍ରାଫି : **ହରିହର ସ୍ୱାଇଁ**, ଭୁବନେଶ୍ୱର
ପ୍ରଚ୍ଛଦ ଡିଜାଇନ୍ : **ଶିବରାଜ କର୍ମ**, ସୋନପୁର
ମେକ୍‌ଅପ୍ ଓ କଷ୍ଟ୍ୟୁମ୍ : **ସିଲୁ**, ଭୁବନେଶ୍ୱର
ସ୍ଥାନ : **ଖୋର୍ଦ୍ଧା**

**ମଲାଟ କଥା** : ନିଦାଘ କାଳରେ ନଦୀ, ପୁଷ୍କରିଣୀ, ଜଳାଶୟ ଆଦିରେ ଦେଖାଦିଏ ଜଳ ସଂକଟ । ବୈଶାଖ ଓ ଜ୍ୟେଷ୍ଠ ଏ ଦୁଇମାସ କାଳ ଅନୁଭୂତ ହୁଏ ନିଦାଘର ନିଆଁଖେଳ । ନିଦାଘ ବା ଗ୍ରୀଷ୍ମକାଳରେ ଜଳବାୟୁ ରହେ ଉତ୍ତପ୍ତ । ଜନଜୀବନରେ ଜଳକଷ୍ଟକୁ ନେଇ ହାହାକାର ପଡ଼ିଯାଏ । ସମସ୍ତେ ଯେପରି ତୃଷ୍ଣାର ତଟରେ ତୃଷିତ ପଥିକ । ମାନବଜାତି, ପକ୍ଷୀକୁଳ, ପଶୁଜଗତ-ସଭିଙ୍କ ଭିତରେ ଦିଶେ ପାଣିକୁ ନେଇ ଆକୁଳତା । କୁହାଯାଏ ଶୋଷିଲା ଲୋକକୁ ପାଣି ମୁନ୍ଦିଏ ଦେଲେ ଧର୍ମ ହୁଏ । ସେହିପରି ପକ୍ଷୀ ପାଇଁ ଛାତ ଉପରେ ପାଣିପାତ୍ରଟିଏ କି ଗେଟ୍ ବାହାରେ ପାଣି ଡାଲଟିଏ ରଖାଯାଏ ବୁଲା ଗୋରୁଗାଈଙ୍କ ତୃଷା ନିବାରଣ ପାଇଁ । ଜଳଭର୍ତ୍ତି ମାଟି କଳସୀ ଧରି ଏଥରର ପ୍ରଚ୍ଛଦ ଆମର ନାରୀ ଓ ନୀରର ସଂପର୍କକୁ ପ୍ରତୀକିତ କରେ ।

## ଦାମ ପଚାଶ୍ କାମ କିନ୍ତୁ ଶହେ ଶହେରେ

● ଯେଉଁଠୁ ଆରମ୍ଭ ହୁଏ ମଣିଷର ଜୀବନ ଯାତ୍ରା, ତାହା ହେଉଛି ଆମ ପରିବାର। ପରିବାରରେ ସମାନତା ଲୋଡ଼ା। ଶିକ୍ଷାରେ, କାମରେ, ନିଷ୍ପତ୍ତିରେ ନାରୀର ବି ଗୁରୁତ୍ୱ ରହୁ, ଧୀର କଥାରେ ବିରାଟ ସନ୍ଦେଶ ଦେଲେ, ସମ୍ପାଦିକା। ମାଡାମ୍‌ଙ୍କୁ ଅଜସ୍ର ଧନ୍ୟବାଦ। ମୋ ବାପା ରଣଜୟୀ ରମାରମଣ, ସେ କେନ୍ଦୁଝରର ଗୌରବ ଉଜ୍ଜ୍ୱଳ ସନ୍ତାନ, ଲେଖାଟି ପରା ଟାଣିନେଲା ମୋତେ। ଅଗ୍ରଜ କବି ସୁଚେତା ମିଶ୍ରଙ୍କର ଉର୍ଜସ୍ୱିତ ସମ୍ବେଦନାର ମହାକୁମ୍ଭ ୩ କବିଙ୍କର ବହିର ସାରାଂଶ ପାଇଗଲି। କବି ଶ୍ରୀଦେବଙ୍କର 'ଚାଷବାସ' ବହି ତ ପଢ଼ିଛି, ରଗରଗ ରୁନ୍ଧି ହେଉଥିବା ବିଦ୍ରୋହୀ ଛାତିର ଲୁହ ଆଉ ଲହୁ। "ତୋ ତିର୍ଲା ଦେ ଆଉ ଲକ୍ଷେ ନେ..." ଓଃ କ'ଣ ହେଇଗଲା ମାନସିକତା! କବି ସଂଜିତ୍ ବଳ ଓ ଅଜୟ ପ୍ରଧାନ ନିଜ ବହିର କବିତାରେ ସ୍ୱାତନ୍ତ୍ର୍ୟ ଆଣିଛନ୍ତି। ନଟବର ସାର୍‌ଙ୍କର 'ପଣତତଳର ଅସାଡ଼ଲତା' ବହୁତ ଭଲ ଲାଗିଲା। ହୃଦାନନ୍ଦ ସାର୍‌ଙ୍କ କବିତାରେ ଗାଉଁଲି ଶବ୍ଦ ପ୍ରୟୋଗ, ନାଟକୀୟ ଛଟା, କ୍ରୋଧ ମିଶା ବିକ୍ରିୟା ଭାବ ବାରି ହୁଏ। ବିଜୟ ନାୟକ ସାର୍‌ଙ୍କର ନିବୁଜ କୋଠରୀ ଛାତିରେ ଚରିଗଲା। ମୋ ଭାଷା, ପୋଲ, ବିଭୋର ଅପ୍ରେଲ ଆଦି ସମସ୍ତ କବିତା ବହୁତ ଭଲ ଲାଗିଲା, ଭାରି ହୃଦୟସ୍ପର୍ଶୀ। 'ରେବତୀ' ବିଷୁବ କବିତାର ଜାତି ଜାତି ଫୁଲ ବଡ଼ଦାଣ୍ଡରେ ଯାଉଛି ଥାଟରେ ଦିଅଁ ଲାଗି ହେବ। ଭଲ ଧାଡ଼ିଟିଏ ପାଇଲି- କବିତା ଗଭୀରତମ ସ୍ନେହ ଆଉ ଆତ୍ମିକ ଆଲୋଡ଼ନରୁ ଜନ୍ମ ନିଏ। 'ସନେଟ୍‌ର ସିମ୍ଫୋନୀ' ଜବରଦସ୍ତ, ମୋର ସବୁ ପ୍ରିୟ କବିଙ୍କ କଥା ରହିଛି। କବି ଗିରିଜା କୁମାର ବଳିୟାର ସିଂହଙ୍କର ସନେଟ୍ ବହି ପଢ଼ିଛି। କବି ଇପ୍‌ସିତା ଷଡ଼ଙ୍ଗୀଙ୍କର 'ଚାରିକେ ଚାରି' ବହୁ ପରିଶ୍ରମର ଫଳ, ୪ଜଣଙ୍କୁ ସଯତ୍ନରେ ଆକଳନ କରି ମାପିଚୁପି, ପରଖି ନିରେଖି, ଛାଇଆଲୁଅରେ ଘାଣ୍ଟି ଲହୁଣୀ ବାହାର କରିଛନ୍ତି। କବିତା ଲେଖିବା ପୁଣି କବିଙ୍କ ସମ୍ପର୍କରେ କଥା କବିତାର କଥା ରଚନା କରିବା ନିହାତି ଅଧିକ ଶ୍ରମ ଲୋଡ଼ା ବୋଲି ମୁଁ ଭାବେ। ସେ ଦୃଷ୍ଟିରୁ କବି ଇପ୍‌ସିତା ମନନଶୀଳା, ସୁଲେଖିକାଙ୍କ ହାତରେ ବହୁତ ସୁନ୍ଦର ନିର୍ଯ୍ୟାସ ହୋଇଛି। ବତୀଘର ଆଲୋକିତଙ୍କୁ ଆହୁରି ଉଜ୍ଜ୍ୱଳ କରିଛି, କବି ମନୋଜ ମେହେର ଯେବେ କାମରେ ହାତ ଦିଅନ୍ତି, ବହୁତ ମନସ୍କ ଓ ସାରଗର୍ଭକ ଲେଖା ଭେଟି ଦିଅନ୍ତି, ଯାହା ୫ଜଣ ଅଗ୍ରଜ କବିଙ୍କୁ ଆଣିଛନ୍ତି। ଅଳ୍ପରେ ଆକଳନ ବେଶ୍ ଓଜନିଆ। 'ରେବତୀ'ର ମୂଲ୍ୟ ସିନା ୫୦ଟଙ୍କା,ଲାଗୁଛି ଅଧିକ ଖର୍ଚ୍ଚ ହେଉଥିବ।

**ପିନାକୀ ମିଶ୍ର**,କେନ୍ଦୁଝର




## ସୁବାସିନୀ ଜେନାଙ୍କ ସଂପାଦକୀୟ ବେଶ୍ ଭାବଗର୍ଭକ

● ଓଡ଼ିଆ କବିତା ପ୍ରସଙ୍ଗକୁ ମୂଳାଧାର କରି ଏପ୍ରିଲ ସଂଖ୍ୟା 'ରେବତୀ' କବିତାପ୍ରେମୀ ପାଠକ, ଲେଖକ ଓ କବିମାନଙ୍କ ଆଦରର କେନ୍ଦ୍ରବିନ୍ଦୁ ପାଲଟିଛି। ସମ୍ପାଦକୀୟରେ ସମ୍ପାଦିକା ସୁବାସିନୀ ଜେନା 'ପରିବାରରେ ସମାନତା' ଉପରେ ଏକ ଭାବଗର୍ଭକ ଆଲେଖ୍ୟ ଲେଖିଛନ୍ତି ଯେଉଁଠି ପରିବାରରେ ନାରୀ ଅପେକ୍ଷା ପୁରୁଷକୁ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି ସେଇଠି ନାରୀସ୍ୱରକୁ ଶୁଣିବାକୁ ଆଉ କିଏ ଅଛି ସମାନତାର ପୃଷ୍ଠଭୂମିରେ? 'ଶେଷପୃଷ୍ଠା'ର ସମ୍ପାଦକୀୟ 'ସର୍ଜନଶୀଳତାରେ ସମାନତା' ପ୍ରସଙ୍ଗରେ ସହଯୋଗୀ ସମ୍ପାଦକ କୃଷ୍ଣ କୁମାର ମହାନ୍ତି ସୃଜନଶୀଳ କବି ଓ ଲେଖକଙ୍କ ମଧ୍ୟରେ ଥିବା ଉଦାର ଓ ବିନୟୀ ଭାବ, ସହିଷ୍ଣୁତା, ନିଷ୍କପଟ ଓ ନମ୍ର ସ୍ୱଭାବକୁ ତର୍ଜମା କରିଛନ୍ତି ମହାନ୍ ସ୍ରଷ୍ଟା ମନୋଜ ଦାସ ଓ ପ୍ରଥିତଯଶା କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ଦୃଷ୍ଟାନ୍ତ ମାଧ୍ୟମରେ। ତାଙ୍କ ସମ୍ପାଦକୀୟ ପାଠକଙ୍କୁ ଭାବପ୍ରବଣ କରିଦେବାର ସାମର୍ଥ୍ୟ ରଖେ। 'ରେବତୀ'ର ମୂଳ ପ୍ରସଙ୍ଗ ଆଧୁନିକ ଓଡ଼ିଆ କବିତାକୁ ନେଇ ପର୍ଯ୍ୟବେଶିତ। ଏହା ଉପରେ ଆଲୋଚନା କଲେ ଏକ ଦୀର୍ଘ ପ୍ରବନ୍ଧ ହୋଇଯିବାର ଭୟ ଅଛି। ମନୋଜ ମେହେରଙ୍କ ଆଲୋଚନାରେ ଓଡ଼ିଶାର ପାଞ୍ଚଜଣ ବିରଳ ପ୍ରତିଭାର କବି ଯଥା: ଜୟନ୍ତ ମହାପାତ୍ର, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ସୌଭାଗ୍ୟ କୁମାର ମିଶ୍ର ଓ ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ଚମତ୍କାର ସର୍ଜନା ସ୍ଥାନ ପାଇଛି। କବି ଓ ସମାଲୋଚିକା ଇପ୍‌ସିତା ଷଡ଼ଙ୍ଗୀଙ୍କ 'ଆଲୋକିତ କାବ୍ୟସ୍ୱର'ରେ ଓଡ଼ିଆ କବିତାର ଚାରିଜଣ ଚର୍ଚ୍ଚିତ କବି ପ୍ରଦୀପ ବିଶ୍ୱାଳ, ରକ୍ଷକ ନାୟକ, ପ୍ରଭାତ ନଳିନୀ ମହାପାତ୍ର ଓ ପିନାକୀ ମିଶ୍ରଙ୍କ କବିତା ସମ୍ପର୍କରେ ଗଭୀର ବିଶ୍ଳେଷଣ କରିଛନ୍ତି। ନାରୀ ବିନିର୍ମାଣ ଉପରେ ପାଞ୍ଚଜଣ କବୟିତ୍ରୀଙ୍କ କବିତା ସଂପର୍କରେ ଡକ୍ଟର ଗୌତମ ଜେନାଙ୍କ ଅନୁଶୀଳନ ବେଶ୍ ଚିତ୍ତାକର୍ଷକ। ଓଡ଼ିଆ ସନେଟ୍‌ର ଉତ୍ପତ୍ତି ଓ ଉତ୍ତରଣକୁ ଡକ୍ଟର ଭରତ ବେହେରା ସୁନ୍ଦର ଭାବରେ ଆଲୋଚନା କରିଛନ୍ତି। ଧାରାବାହିକ କାବ୍ୟ ଦ୍ରୌପଦୀ-୧୪ ପୂର୍ବଭଳି ନିଜ ସ୍ୱାତନ୍ତ୍ର୍ୟ ବଜାୟ ରଖିଛି। ସମକାଳର କବିତା ପୃଷ୍ଠା ଏଥର ପ୍ରତିଭାଶାଳୀ ବରିଷ୍ଠ କବି ଯଥା ଜୟନ୍ତ ମହାପାତ୍ର, ଫନୀ ମହାନ୍ତି, ମମତା ଦାଶଙ୍କ ଠାରୁ ଚର୍ଚ୍ଚିତ ଯୁବକବି ମୁକୁଲ ମିଶ୍ର, ଦୁର୍ଗା ପ୍ରସାଦ ପଣ୍ଡା, ମନୋଜ ମେହେରଙ୍କ ପର୍ଯ୍ୟନ୍ତ କାବ୍ୟିକ ଉଚ୍ଚାରଣ ସମକାଳର କବିତାକୁ ମହନୀୟ କରିଛି। ବିଜୟ ନାୟକଙ୍କ ଗଳ୍ପ 'ନିବୁଜ କୋଠରୀ' ଓ ସୁଜାତା ନାୟକଙ୍କ ଗଳ୍ପ 'ଭାଲେଣ୍ଟାଇନ୍ ଡେ ପ୍ରେମ' ଦୁଇଟି ସାର୍ଥକ ସୃଷ୍ଟି। ହୃଦାନନ୍ଦ ପାଣିଗ୍ରାହୀଙ୍କ କବିତାମାନଙ୍କୁ ମନୋଜ୍ଞ ଓ ନିଆରା ଆକଳନ କରିଛନ୍ତି ନଟବର ସାର୍। ଶ୍ରୀଦେବ, ଅଜୟ ପ୍ରଧାନ, ସଂଜିତ ବଳଙ୍କ ତିନୋଟି କବିତା ସଂକଳନର ଅନୁଶୀଳନକୁ ନୂଆରୂପ ଦେଇଛନ୍ତି କବି ସୁଚେତା ମିଶ୍ର। 'ରମ୍ୟ ରମାରମଣ' ଆଲେଖ୍ୟଟି ସୁଖପାଠ୍ୟ ହୋଇଛି।

**ସୌଭାଗ୍ୟବନ୍ତ ମହାରଣା**, ଭାରତୀ ଭବନ, ସମ୍ବଲପୁର

## ଫିଚରଧର୍ମୀ ପତ୍ରିକାରେ କବିତାକୁ ପ୍ରସଙ୍ଗ କରିବା ଏକ ସ୍ୱାଗତଯୋଗ୍ୟ ପ୍ରୟାସ

● ଅପ୍ରେଲ ସଂଖ୍ୟା 'ରେବତୀ' ପଢ଼ିଲି। କୌଣସି ଏକ ଫିଚରଧର୍ମୀ ପତ୍ରିକାରେ ଓଡ଼ିଆ କବିତାକୁ ଏକ ପ୍ରସଙ୍ଗ କରି ଉପସ୍ଥାପନା କରିବା ନିଶ୍ଚିତ ରୂପେ ଅଭିନବ ଓ ସ୍ୱାଗତଯୋଗ୍ୟ ପଦକ୍ଷେପ। କବି ମନୋଜ ମେହେରଙ୍କ 'ପସନ୍ଦର ପାଞ୍ଚ'ରେ ପାଞ୍ଚଜଣ ମହାନ କବିଙ୍କର କବିତାକୁ ନେଇ ଏକ ସଂକ୍ଷିପ୍ତ ଆକଳନ ଓ ଅନୁଶୀଳନ ଉଲ୍ଲେଖଯୋଗ୍ୟ ନିଶ୍ଚୟ। ଭଲ ଲାଗିଲା ତାଙ୍କ ଦ୍ୱାରା ପ୍ରସ୍ତୁତ ଏ ଆଲେଖ। କିନ୍ତୁ ତାଙ୍କର କବିତା 'ଅପାର୍ଥିବ ପ୍ରେମ କବିତା'ଏ ଧାରାରେ ତାଙ୍କ ପୂର୍ବ ରଚିତ କବିତାର ପୁନରାବୃତ୍ତି ଭଳି ହିଁ ମନେ ହେଲା। ମନୋଜ ଜଣେ ବିବେକବନ୍ତ ମଣିଷ ଓ ଆମ ସମୟର ଅନ୍ୟତମ ପ୍ରଖର କବି। ଏ ଦିଗ ପ୍ରତି ସେ ଦୃଷ୍ଟି ଦେବେ ବୋଲି ଆଶା। ସମକାଳ କବିତାରେ ବିଭୋର କଲା ପୂଜ୍ୟ କବି ଜୟନ୍ତ ମହାପାତ୍ର, ମମତା ଦାଶ ଓ ସ୍ୱପ୍ନା ମିଶ୍ରଙ୍କ କବିତା। ସ୍ୱପ୍ନାଙ୍କର ଅନ୍ଧାରରୁ ଆଲୋକ ଆଡ଼କୁ ଏ ଯାତ୍ରା ଭିତରେ ଭଲ ଲାଗିଲା ଏପରି କିଛି ପଂକ୍ତି 'ଜହ୍ନର ଚଗଲା ଛାଇ / ଚାଟୁଥିଲା ପୃଥିବୀକୁ ଆପାଦ ମସ୍ତକ।/ ଆମେ ଚାଲିଲେ / ଆମ ନାଭିମୂଳରୁ ବାହାରିଥିବା / ନଈର ଧାରେ ଧାରେ / ବାଟସାରା କଥା ହେଲେ କେତେ କ'ଣ / ପିଲାଦିନର ଶଗଡ଼ବାଟୁଆ କୋଳିଠୁ କେତକୀ ବଣ।" କବି ଦୁର୍ଗାଙ୍କର ସାତୋଟି 'ଛାଇ' କବିତାରୁ ପ୍ରଥମ, ଦ୍ୱିତୀୟ ଓ ଚତୁର୍ଥ ଛାଇ ଖୁବ୍ ଛୁଇଁଲା। ସନେଟ୍‌କୁ ନେଇ ପ୍ରିୟ କବି ଭରତ ବେହେରାଙ୍କର ଆଲୋଚନା ଅତ୍ୟନ୍ତ ଉପାଦେୟ। ଏପରି ଏକ ଆଲୋଚନା ନିଶ୍ଚିତ ରୂପେ ଆବଶ୍ୟକ ଥିଲା। ତାଙ୍କୁ ମୋର ସାଧୁବାଦ। 'ଶେଷପୃଷ୍ଠା'ରେ କୃଷ୍ଣ କୁମାର ମହାନ୍ତିଙ୍କର 'ସର୍ଜନଶୀଳତାରେ ସମାନତା' ସାହିତ୍ୟ ଜଗତରେ ଉଦାହରଣ ସାବ୍ୟସ୍ତ ହେଉ।

**କେ.ଶ୍ୟାମବାବୁ ଦୋରା**, ବ୍ରହ୍ମପୁର




Our expertise in power transmission is directed towards one goal, the happiness and comfort of the people of Orissa.

**Our Objectives :**

- Expansion of transmission network.
- Up-gradation of Grid sub-station & Transmission lines.
- Evacuation of power from up-coming generation plants.

Taking power to the people is the motto at OPTCL

PPS

OPTCL
Lifeline of Odisha

**Odisha Power Transmission Corporation Ltd.**
Janpath, Bhubaneswar - 751 022, Odisha, www.optcl.co.in

# ବିଶ୍ୱଜୀବନ ଅବବୋଧ : ସମ୍ପାଦିକା ସୁବାସିନୀ ଜେନା


## ଡକ୍ଟର ଶିଶିର ବେହେରା

ସହକାରୀ ପ୍ରଫେସର,
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ
କେନ୍ଦୁଝର ପରିସର, କେନ୍ଦୁଝର,
ଫୋନ: ୮୨୪୯୮୯୫୨୭୪




▲ ଶିଶିର ବେହେରା

ସୃଷ୍ଟିର ଶ୍ରେଷ୍ଠ ଜୀବ ଭାବେ ମଣିଷକୁ ମାନ୍ୟତା ମିଳିଛି । ଉନ୍ନତ ବୁଦ୍ଧି, ବିଚାର ସହିତ ସୃଷ୍ଟିକର୍ମକୁ ସୁରକ୍ଷା ଓ ସୁନ୍ଦର କରିବା ପାଇଁ ମଧ୍ୟ ତା' ନିକଟରେ ରହିଛି ସକଳ ସାମର୍ଥ୍ୟ । ନାରୀ-ପୁରୁଷ ଭେଦରେ ମଣିଷର ସଂସ୍ଥିତି । ଦୁଇଜଣଙ୍କ ମିଳିତ ସହଯୋଗ ଓ ସମର୍ପଣରେ ବିଶ୍ୱ ହୁଏ ମଧୁମୟ । ପ୍ରକୃତି ଓ ପୁରୁଷଙ୍କ ଏହି ମିଳିତ କ୍ରିୟା ହିଁ ମାନବ ଜଗତର ପ୍ରତିଷ୍ଠା-ପ୍ରଭାବକୁ ଦ୍ୟୋତିତ କରିଛି । ଏହାରି ମୂଳରେ ଯେଉଁ ସାର୍ବଜନୀନ ବାର୍ତ୍ତାଟି ରହିଛି, ତା'ର ସର୍ବବିଧ ଆବେଦନ ସକଳଙ୍କ ଲାଗି ଅନସ୍ୱୀକାର୍ଯ୍ୟ । ଅର୍ଥାତ୍, ତନ୍ମଧ୍ୟରୁ ପାରସ୍ପରିକ ସୌହାର୍ଦ୍ଦ୍ୟ, ସମ୍ବେଦନ, ଶ୍ରଦ୍ଧା ଓ ସମ୍ମାନରେ ଜୀବନର ମୂଲ୍ୟବୋଧକୁ ଅନୁଭବ କରିହୁଏ । ଏଥିରେ ଉଭୟଙ୍କ ସହଭାଗିତା ପ୍ରମୁଖ ସାଧନ । କାହାରି ନ୍ୟୂନତା ବା ଆଧିକ୍ୟ ବିଚାର ଏଥିରେ ଗ୍ରହଣୀୟ ନୁହେଁ, ପ୍ରକୃତିଦତ୍ତ ଶକ୍ତି ସାମର୍ଥ୍ୟ ଏବଂ ଦାୟିତ୍ୱ ପାଳନରେ ନାରୀ-ପୁରୁଷର ମହାନ ପରାକାଷ୍ଠାଟିକୁ ସହଜରେ ଅନୁମାନ କରିହୁଏ । ପାରିବାରିକ ସହାବସ୍ଥାନ, ସାମାଜିକ ପରିବେଷ୍ଟନୀ ଏହାର ଏକ ପ୍ରମୁଖ ଅଂଶବିଶେଷ । ମାତ୍ର, ଲିଙ୍ଗଗତ ବୈଷମ୍ୟାନୁସାରେ ମଣିଷକୁ ବିଚାର କରିବା ଏବଂ ଶାରୀରିକ ଗଠନ ଦୃଷ୍ଟିରୁ ଅନ୍ୟକୁ ମୂଲ୍ୟାୟିତ କରିବା ଯେତକି ନିନ୍ଦନୀୟ, ସେତିକି ମଧ୍ୟ ଚିନ୍ତାଜନକ । 'ରେବତୀ'ର ଅପ୍ରେଲ ୨୦୨୨ ସଂଖ୍ୟାରେ ସମ୍ପାଦିକା ସୁବାସିନୀ ଜେନା 'ପାରିବାରିକ ସମାନତା' ଶୀର୍ଷକରେ ଯେଉଁ ସମ୍ପାଦକୀୟ ଆବେଗଟିକୁ ଉପସ୍ଥାପିତ କରଛନ୍ତି, ତାହା ପାଠକଙ୍କୁ ନିଶ୍ଚୟ ମାନସମନ୍ଥନ କରାଇବ । ଲୈଙ୍ଗିକ ସମାନତାର ପ୍ରମୁଖ ପ୍ରସଙ୍ଗର ଚୁମ୍ବକୀୟ ଉପସ୍ଥାପନା, ପାରିବାରିକ ଜୀବନରେ ଏହିଭଳି ଏକ ସ୍ୱର୍ଶକାତର ଘଟଣା ସମ୍ପର୍କରେ ଲେଖିକା ଜେନାଙ୍କ ପ୍ରଶ୍ନାକୁଳ ଆପତ୍ତି ଓ ସମାନତା ବିଚାର ସଂପର୍କରେ ଏହି ଆଲେଖଟି ।



▲ ସଂପାଦିକା ସୁବାସିନୀ ଜେନା

ଭାରତବର୍ଷ ପାରିବାରିକ ଜୀବନରେ ବିଶ୍ୱାସୀ । ବିଶେଷତଃ ଓଡ଼ିଶାର ଜାତୀୟ ଜୀବନରେ ମଧ୍ୟ ପାରିବାରିକ ସୌହାର୍ଦ୍ଦ୍ୟ, ସଂପ୍ରୀତି ଅନନ୍ୟ ଓ ଅସାଧାରଣ । ସେଥିଲାଗି କବିମାନେ ବୈକୁଣ୍ଠ ସମାନ ବୋଲି ଘର-ପରିବାରକୁ ସୂଚୀତ କରିଛନ୍ତି । ମାତ୍ର, ପ୍ରସଙ୍ଗ ଏହି ଯେ, ଏହି ବୈକୁଣ୍ଠପୁରୀରେ ଅସମାନତାର ଯେଉଁ କୁପ୍ରଥାଟି ରକ୍ଷଣଶୀଳ ମାନସିକତା ନେଇ ପ୍ରତିପାଳିତ ହୋଇଆସିଛି, ତାହାର ପରିବର୍ତ୍ତନ ପ୍ରତି ଦୃଷ୍ଟି ଦେବା ନିତାନ୍ତ ଜରୁରୀ- ଯାହାକୁ ସମ୍ପାଦିକା ଅନୁଭବିଛନ୍ତି । ସରକାରୀସ୍ତରରୁ ଗ୍ରାମ୍ୟ ଜୀବନଯାଏଁ ବ୍ୟାପ୍ତ ନାରୀଶିକ୍ଷା, ସ୍ୱାଧିନତା, ସ୍ୱତନ୍ତ୍ରତା, ସମାନତା ଆଦି ନାରାବାଜି ଆମ କର୍ଣ୍ଣକୁହରରେ ପ୍ରତିଧ୍ୱନିତ ହେଉଥିଲେ ହେଁ, ବାସ୍ତବରେ ତା'ର ସ୍ଥିତି ଯେ କେତେ ଦୟନୀୟ ତାହା ଚିନ୍ତାର ବିଷୟ ପାଲଟିଛି । ଯୌଥ ପରିବାରରେ ଏକାନ୍ନବର୍ତ୍ତୀ ମାନସିକତା ଆଜି ବହୁଭାବରେ ବିପର୍ଯ୍ୟସ୍ତ । ଏହାରି ଭିତରେ ପରିବାରର ମୁଖ୍ୟ ତତ୍ତ୍ୱାବଧାରିକା, ପରିବାରର ପରିଚୟ ଓ ସମ୍ମାନର ଅଧିକାରିଣୀ କନ୍ୟାରତ୍ନମାନଙ୍କୁ ଆମ ସାମାଜିକ ଜୀବନରେ ଆଜି ମଧ୍ୟ ପୂର୍ଣ୍ଣ ସ୍ୱାଧୀନତା ନଦେଇ ଏକ ଅହେତୁକ ଅନୁକମ୍ପା ପ୍ରକାଶ କରିବାର ବ୍ୟବସ୍ଥା ମଧ୍ୟ ପ୍ରଚଳିତ । ଲିଙ୍ଗଗତ ସମାନତା ଉପରେ ପୂର୍ଣ୍ଣ ଆସ୍ଥା ନରହିବା ବାସ୍ତବିକ ଏକ ଦୁସ୍ଥ ମାନସିକତାକୁ ପ୍ରକାଶ କରୁଛି ସାଂପ୍ରତିକ ସମୟରେ । ପୁଅ-ଝିଅଙ୍କ ପ୍ରତି ଏଭଳି ପାତର ଅନ୍ତର ନୀତି ପରିବାରରେ ମଧ୍ୟ ପୋଷିତ ହେଉଅଛି । ସେଥିପାଇଁ ଅଙ୍କୁରୋଦ୍‌ଗମ ହୋଇ ପୂର୍ଣ୍ଣ ବିକଶିତ ହେବାର ଦ୍ରୁମାୟିତ ଲକ୍ଷ୍ୟରେ ଭଙ୍ଗା ପଡ଼ିଯିବା କେବଳ ନାରୀର ନିୟତି ପାଲଟିଛି । ଏଭଳି ସ୍ଥାଣୁ- କ୍ଲୀବତ୍ୱ ଭିତରେ ପୁରୁଷତାନ୍ତ୍ରିକର ସ୍ୱେଚ୍ଛାଚାରର ଅହଂକାରକୁ ଉଖାରି ଦେଇଛନ୍ତି ସଂପାଦିକା ଜେନା ।

ଭାରତବର୍ଷର ମହାନ୍ ଗ୍ରନ୍ଥ, ବେଦ, ଉପନିଷଦ ମହାପୁରାଣ, ଶାସ୍ତ୍ରାଦିରେ ନାରୀର ସର୍ବମୟ ସତ୍ତା ଓ ସୃଷ୍ଟି-ସ୍ଥିତି-ବିଲୟରେ ଥିବା ଉଲ୍ଲେଖଯୋଗ୍ୟ ଭୂମିକା ସମ୍ପର୍କରେ ବ୍ୟାପକ ବର୍ଣ୍ଣନା କରାଯାଇଛି । ଆମ ଦେବାଦେବୀଙ୍କ ପରିକଳ୍ପନା ମଧ୍ୟରେ ଦେବୀପୂଜନ, ଶକ୍ତି ଉପାସନା ଓ ନାରୀ-ନାରାୟଣୀର ଅମୃତମୟୀ

PVC HDPE Pipes & Fittings

# OHM PIPES PVT. LTD.




## “An ISO 9001-2015 Certified Company”

## OHM PIPES, Symbol of Trust

### A leading manufacturer of PVC & HDPE Pipes & Fittings

**Works: D - 7, 8, 49 & 50, Somnathpur, IID Centre, Odisha 756019**
**Sales Enquiry Odisha: +91 - 7008869992, 8280956445**
**West Bengal: +91- 9433094332**
**info@ohmpipes.com**
**www.ohmpipes.com**

ଆଭାଟି ବିସ୍ତାରିତ । ସଂପ୍ରତି, ପୁଅ-ଝିଅ ଭିତରେ ଲିଙ୍ଗଗତ ବିଭେଦ ଏବଂ ସମାନତା କଥା ଉଠିଲେ ବହୁ ଫରକ ନଜରକୁ ଆସେ । ମାତ୍ର ପରିବାରରେ ଏଭଳି କୁପ୍ରଥାକୁ ପ୍ରଶ୍ରୟ ଦେବା ଯେ ଦେଶ-ଜାତି ପାଇଁ ଅମଙ୍ଗଳକର, ତା'ର ପରିଣାମ ପ୍ରତି ଆମର ଅସଚେତନତା ହିଁ ଆମ ଜୀବନକୁ ଅନ୍ଧକାର କରି ଦେଉଛି । ନାରୀ-ପୁରୁଷର ସମାନତା କଥା କହିଲେ ହେଁ, ବାସ୍ତବରେ ତା'ର ପ୍ରତିଫଳନ ଓ ରୂପାୟନରେ ରହିଛି ଅମେଳ । ଅନେକ 'କାହିଁକି'ର ପ୍ରଶ୍ନ ତା'ର ଅନିଭୋଗ ଭାଗ୍ୟ । ସେଥିପାଇଁ ସମ୍ପାଦିକାଙ୍କ କ୍ଷୋଭ ଓ ସମାଜ ସଚେତନ ପାଇଁ କଟାକ୍ଷ ପ୍ରକାଶିତ ହୋଇଛି ଲେଖନୀରେ- "କାହିଁକି ଝିଅଟିଏ ଯେତେ ଶିକ୍ଷିତ ହୋଇଥିଲେ ବି ବିବାହ ପରେ ଶାଶୁଘରେ କେବଳ ରୋଷେଇ କରିବ, ଘର ସଜାଡ଼ିବ ! କାହିଁକି ତାକୁ ତା ଠୁ ତା'ପରି ବଂଚିବାର ଅଧିକାରଟି ଆମେ ଛଡ଼େଇ ଆଣୁ ? କାହିଁକି ଆମେ ତାକୁ ଡେଣା କଟା ଗୋଟେ ପକ୍ଷୀରେ ପରିଣତ କରିଦେଉ ? ଏହା ସତରେ କେଉଁ ପ୍ରକାର ସାମାଜିକ ସମାନତା ?"

ସମ୍ପାଦିକାଙ୍କ ଏହି ପ୍ରଶ୍ନଟି ଯଥାର୍ଥ ଓ ଗୁରୁତ୍ୱପୂର୍ଣ୍ଣ । ବହୁଯୁଗରୁ ନାରୀମାନେ ଯେଉଁ ଲିଙ୍ଗ ବୈଷମ୍ୟର ଶୀକାର ହୋଇ ଆସୁଛନ୍ତି । ତନ୍ମଧ୍ୟରେ ଶିକ୍ଷା ମଧ୍ୟ ଅନ୍ୟତମ । ଜାତିର ଜନକ ମହାତ୍ମାଗାନ୍ଧୀ ମଧ୍ୟ ଏ ସମ୍ପର୍କରେ ମତ ଦେଇ କହିଥିଲେ- ଜଣେ ପୁରୁଷକୁ ଶିକ୍ଷିତ କରିବା ଅର୍ଥ ଜଣେ ମନୁଷ୍ୟକୁ ଶିକ୍ଷିତ କରିବା, କିନ୍ତୁ ଜଣେ ନାରୀକୁ ଶିକ୍ଷିତ କରିବା ଅର୍ଥ ଗୋଟାଏ ସମାଜକୁ ଶିକ୍ଷିତ କରିବା ।" ଯଦି ପୁଅ ପରି ଝିଅକୁ ସମାନ ସୁବିଧା ସୁଯୋଗ, ଅନୁକୂଳ ମାନସିକତା ଦେଇ ଗଢ଼ା ଯାଏ, ତେବେ ଅତି ସହଜରେ ସେମାନେ ନିଜର ଭଲମନ୍ଦ, ଭବିଷ୍ୟତ ଓ ବ୍ୟାପକ ଦିଗନ୍ତର ଉର୍ଦ୍ଧ୍ୱ ଉଡ଼ାଣ ସଂପର୍କରେ ପ୍ରସ୍ତୁତ ହୋଇ ପାରିବେ । ପରିସ୍ଥିତି ଓ ହୀନମାନସିକତାର ଦ୍ୱାହି ଦେଇ ଆମେ ଆମ ଝିଅମାନଙ୍କୁ ସେମାନଙ୍କ ମୁକ୍ତ ବିଚାର ଓ ସ୍ୱାଧୀନତା ଦେବା ପାଇଁ ଅନିଚ୍ଛୁକ । ମାତ୍ର,ମନେରଖିବା ଉଚିତ ହେବ ଯେ, ଝିଅମାନଙ୍କ ନିରାପତ୍ତା ଓ ରକ୍ଷଣାବେକ୍ଷଣର ଦ୍ୱାହି ଦେଇ ଆମେ ଯଦି ପାରିବାରିକ ସ୍ତରରେ ସେମାନଙ୍କ ଗତିରୋଧ କରିଦେଉଛୁ, ତେବେ ଏହା ମଧ୍ୟ ଜାଣିବା ଜରୁରୀ ଯେ ଝିଅଙ୍କୁ ସ୍ୱାବଲମ୍ବୀ, କ୍ଷମତାୟନ ନକରାଇ ସେମାନଙ୍କ ଦୁର୍ବଳତାକୁ ଆହୁରି ବଢ଼ାଇବାରେ ଆମେମାନେ ହିଁ ପ୍ରତ୍ୟକ୍ଷ ଭାବରେ ସାମିଲ ହୋଇଛୁ । ପିତୃତାନ୍ତ୍ରିକ ପରିବାରରେ ଏହି ପ୍ରଭୁତ୍ୱକୁ ଉଠାଇବା ହିଁ ପରିବାରର ବିକାଶ ।

ଜୀବନର ବାସ୍ତବତାରେ ଏବଂ ସାମାଜିକ ରୀତିନୀତି ମଝିରେ ବାସ କରି ନାରୀଟି ଅସହାୟ ହୋଇପଡ଼େ । ପ୍ରତିବାଦ ତୋଳିବାର ଶକ୍ତି ସାମର୍ଥ ଜୁଟାଇବାକୁ ସାହସ କୁଳାଏ ନାହିଁ । ଏହି ଅସହାୟବୋଧର ପରିସମାପ୍ତି ହେବ ପରିବାରର ସହଯୋଗ, ପାରିବାରିକ ସଂସ୍କାର ଏବଂ ସମାନତାବୋଧ । ଜନନୀ, ଭଗିନୀ, ଜାୟା ଭଳି ବିବିଧା ନାରୀର ମୁକ୍ତ ସ୍ୱାଧୀନତା ଓ ସର୍ବତୋ ବିକାଶ ହିଁ ଏହିଭଳି ଏକ ପରିସ୍ଥିତିକୁ ଏଡ଼ାଇ ପାରିବ । ଏଥିପାଇଁ ମାନସିକତାରେ ପରିବର୍ତ୍ତନ ଜରୁରୀ । ପରିବାର ଯେହେତୁ ବ୍ୟକ୍ତିଜୀବନର ମୂଳ ପିଣ୍ଡ, ସେଥିପାଇଁ ଏହିଠାରୁ ହିଁ ନୂତନ ଚିନ୍ତାଧାରାର ଅୟମାରମ୍ଭ ହେବା ଜରୁରୀ । ପୁଅ ଭଳି ଝିଅଙ୍କୁ ସମାନ ବିଚାର କରିବା, ଶିକ୍ଷା, ସ୍ୱାସ୍ଥ୍ୟ, ଭରଣପୋଷଣ, ସୁବିଧା-ସୁଯୋଗ ଦେଇପାରିଲେ ହିଁ ପାରିବାରିକ ସମାନତା ଆସିପାରିବ । ଏହିଭଳି ଏକ ଚିନ୍ତାଦ୍ୟୋତିକ ବିଷୟ ଉପରେ ସମ୍ପାଦିକା ଏହି ସଂଖ୍ୟାରେ ତାଙ୍କ ଅନୁଚିନ୍ତା ବ୍ୟକ୍ତ କରିଛନ୍ତି । ପ୍ରତିଟି ସମ୍ପାଦକୀୟରେ ସେ ତାଙ୍କର ସ୍ୱାଧୀନ ଅଥଚ ପ୍ରସଙ୍ଗୋଚିତ ଘଟଣାକୁ ଇଙ୍ଗିତ କରିଥାନ୍ତି । ମାତ୍ର ଏହି ପାରିବାରିକ ଜୀବନରେ ସମାନତା ଭଳି ଏକ ଘଟଣାକୁ ସେ ଯେପରି ଲେଖକୀୟ ଅନୁସନ୍ଧିତ୍ସା ମଧ୍ୟରେ ପ୍ରକାଶ କିଛନ୍ତି, ତାହା ଭିନ୍ନ ଓ ଯଥାର୍ଥ । କନ୍ୟା ପ୍ରତି ଅନୁଦାର ନୁହେଁ, ବରଂ ତା'ର ସର୍ବାଙ୍ଗୀନ ମଙ୍ଗଳ ବିଧାନ ହେଉଛି ତା'ର ପ୍ରାପ୍ତ ସମସ୍ତ ସୁଯୋଗକୁ ଉପଲବ୍ଧ କରାଇବା । ଏହା ହିଁ ପ୍ରତି ପରିବାରର ଦାୟିତ୍ୱ ହେବା ଉଚିତ । ସମ୍ପାଦିକାଙ୍କ ମତ ଏଥିପାଇଁ-

"ତାଙ୍କ ଅଧିକାର ତାଙ୍କ ହାତରେ ରହୁ । ଆମେ କାହିଁକି ଛଡ଼ାଇ ଆଣିବା ସେମାନଙ୍କ ହସଖୁସିର ଜୀବନ । ଏଭଳି ଏକ ସ୍ଥିତିର ପରିବର୍ତ୍ତନ ପାଇଁ ପ୍ରତିଟି ପରିବାରରେ ଏବେଠାରୁ ସଂକଳ୍ପ ନେବାର ଆବଶ୍ୟକତା ରହିଛି । ପରିବାରରେ ସବୁ ସଦସ୍ୟଙ୍କ ସମାନ ଅଧିକାର ଭଳି ଝିଅମାନଙ୍କୁ ସେମାନଙ୍କ ଅଧିକାର ଓ ନିଜ ଭଳି ବଞ୍ଚିବାର ଇଚ୍ଛାକୁ ମାରି ଦିଆନଯାଉ ।"

'ରେବତୀ' ଏକ ନୂତନ ବିପ୍ଳବ ନେଇ ପତ୍ରିକା ଜଗତରେ ଉଭା ହୋଇଛି । ଏହାର ପାଠକ ଅନେକ । ମାଟିର କଥା କହିବା ସହ ପ୍ରତିଟି ରେବତୀମାନଙ୍କୁ ନ୍ୟାୟ ଦେବା ପାଇଁ ଏକ ପରିବର୍ତ୍ତନ ମାନସିକତାର ବିକାଶ କରିବାରେ ଏହା ସର୍ବଦା ପ୍ରୟତ୍ନ କରିଆସିଛି । ସମ୍ପାଦକୀୟ ଲେଖାରେ ବିଶ୍ୱଜନୀନ ଅବବୋଧ, ସଂସ୍କାରମାନସିକତାକୁ ଅଗ୍ରାଧିକାର ଦେଇ ଅଭିଲେଖାଟିଏ ପ୍ରସ୍ତୁତ କରିବା ଏବର ପତ୍ରିକାରେ ବିରଳ । ମାତ୍ର, 'ରେବତୀ' ଏହି ପରମ୍ପରାର ସମ୍ବାହକ । ସମ୍ପାଦିକା ସୁବାସିନୀ ଜେନାଙ୍କ ଅନ୍ୟାନ୍ୟ ଲେଖା ଭଳି ପରିବାରରେ ସମାନତା ପ୍ରସଙ୍ଗଟି ପ୍ରତିଟି ପାଠକଙ୍କୁ ନିଜ ପରିବାରରେ କନ୍ୟାରତ୍ନର ଉପଯୁକ୍ତ ମର୍ଯ୍ୟାଦା ବିଧାନରେ ଏକ ପ୍ରତିଚକ୍ଷୁ ହେବ ବୋଲି ଆଶା କରାଯାଇପାରିବ ।

## ଶିଶିର ବେହେରାଙ୍କ ବିଶେଷ ମତ ଭଲ ଲାଗୁଛି

● 'ରେବତୀ'ର ମାର୍ଚ୍ଚ ସଂଖ୍ୟା ପଢ଼ି ସାରିବାରେ ଖୁବ୍ ବିଳମ୍ବ ହେଲା । ଏ ସଂଖ୍ୟାରେ ଉଭୟ ସମ୍ପାଦକୀୟ ଓ 'ଶେଷପୃଷ୍ଠା'ରେ ଯଥାକ୍ରମେ 'ପରିବାରରେ ମୁରବୀପଣ' ଓ 'ସର୍ଜନଶୀଳତାରେ ମୁରବୀପଣ' ଉପରେ ଆଲୋଚନା ଖୁବ୍ ଭଲ ଲାଗିଲା । ନବପିଢ଼ିକୁ ମାର୍ଗଦର୍ଶନ ଦେବା ମୁରବି ମାନଙ୍କର ଯେତକି ଦାୟିତ୍ୱ, ମୁରବୀପଣକୁ ସମ୍ମାନ ଦେବା ନବପିଢ଼ିର ସେତିକି କର୍ତ୍ତବ୍ୟ । 'ବିଶେଷ ମତ' ପୃଷ୍ଠା ଆରମ୍ଭ ହେବା ପର ଠାରୁ ଡକ୍ଟର ଶିଶିର ବେହେରାଙ୍କର ଜ୍ଞାନୋଦୀପ୍ତ ଓ ସୂକ୍ଷ୍ମ ସମୀକ୍ଷା ମୋତେ ଅଭିଭୂତ କରିଛି । ଫେବୃଆରୀ ସଂଖ୍ୟା 'ଶେଷପୃଷ୍ଠା'ର ଏଥର ଚମତ୍କାର ସମୀକ୍ଷା କରିଛନ୍ତି ଡକ୍ଟର ବେହେରା । ଶୈବପୀଠ ଯାଜପୁରକୁ ନେଇ ନାରାୟଣ ରାଉତରାୟଙ୍କର ଆଲେଖ୍ୟ ଭଲ ଲାଗିଲା । ଆଲେଖ୍ୟଟି ପ୍ରସ୍ତୁତ କରିବା ପାଇଁ କେତେ ପରିଶ୍ରମ କରି ତଥ୍ୟ ସଂଗ୍ରହ କରିଥିବେ ଲେଖକ ତାହା ସ୍ପଷ୍ଟ ଅନୁମେୟ । ଭ୍ରମଣ କାହାଣୀ ପ୍ରସ୍ତୁତିରେ ଏକାଧିକ ବାର ମୋତେ ପ୍ରଭାବିତ କରିଥିବା ଲକ୍ଷ୍ମୀପ୍ରିୟା ଓଝାଙ୍କର କାମାକ୍ଷା ମନ୍ଦିର ପରିକ୍ରମା ଭଲ ଆଲେଖ୍ୟ ନିଶ୍ଚୟ । କିନ୍ତୁ, ବ୍ୟକ୍ତିଗତ ଭାବେ ଗୌହାଟିର 'ପିକକ ଆଇଲାଣ୍ଡ୍'କୁ ନେଇ ତାଙ୍କ ଠାରୁ ଏକ ସୁନ୍ଦର ଭ୍ରମଣ କାହାଣୀ ଆଶା କରେ । ଫିଚର ରଚନାରେ ନିଜର ପ୍ରତିଭା ପ୍ରଦର୍ଶନ କରି ସାରିଥିବା ପ୍ରତ୍ୟାଶା ଅନାଲୋଚିତ ବଗଦା ବେଳାଭୂମିକୁ ନେଇ ଭଲ ଆଲେଖ୍ୟ ପ୍ରସ୍ତୁତ କରିଛନ୍ତି, ଯଦିଓ ଆଲେଖ୍ୟଟି ଆଉ ଟିକେ ବିସ୍ତୃତ ହୋଇ ପାରିଥିଲେ ସୁନ୍ଦର ହୋଇଥାନ୍ତା । ପର୍ଯ୍ୟଟନ ବିଶେଷାଙ୍କର ଅନ୍ୟ ଫିଚର ଗୁଡ଼ିକ ମଧ୍ୟ ସୁଖପାଠ୍ୟ । କବିତା ଓ ତତ୍‌ସଂଲଗ୍ନ ଚିତ୍ର ସବୁ ଖୁବ୍ ସୁନ୍ଦର । ଗଳ୍ପ ନାୟକ ସହ ଲେଖକଙ୍କ ଘନିଷ୍ଠତା ସ୍ପଷ୍ଟ ଅନୁମାନ କରିହେଉଛି କିଶୋର ଆକାଶଙ୍କର ଗଳ୍ପ ସହ ଜଡ଼ିତ ଲେଖକୀୟ ଆବେଗରୁ । 'ପୁଷ୍ପବିତାନ' ପରେ ଶ୍ୱେତା ରାଉତଙ୍କର 'ମୋହନ ବଂଶୀ' ତାଙ୍କର ଗଭୀର ଅନୁଶୀଳନର ପରିଚୟ ପ୍ରଦାନ କରୁଛି । 'ଡିମିରିଫୁଲ'ର ଭଦ୍ର ମହିଳା ଚରିତ୍ରର ଚମତ୍କାର ବିଶ୍ଳେଷଣ କରିଛନ୍ତି ଡକ୍ଟର ମଣୀନ୍ଦ୍ର କୁମାର ମେହେର । ଧାରାବାହିକ 'ଦାସେ ଆପଣେ' ଓ 'ସ୍ମୃତିର ପ୍ରଜ୍ଞାପୀଠ' ଖୁବ ପାଠକୀୟ ସନ୍ତୁଷ୍ଟି ଦେଉଛି । ଓଡ଼ିଆ ପତ୍ରିକା ଜଗତରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ସାରିଥିବା 'ରେବତୀ' ଆହୁରି ଆଗକୁ ଯାଉ ।

**ପ୍ରତ୍ୟୁଷ ପଣ୍ଡା, ସିଡ଼ିଏ, କଟକ**

**ଆମର ଉତ୍ତର :** ନିୟମିତ ପଢିବା ଓ ଖୁବ୍ ମନନଶୀଳ ଭାବେ ନିୟମିତ ମତାମତ ଦେଇ ଆମର ଲେଖକଲେଖିକାଙ୍କୁ ଅନୁପ୍ରେରିତ କରୁଥିବାରୁ ଆପଣଙ୍କୁ ପ୍ରଥମେ ସାଧୁବାଦ ଜଣାଉଛୁ । ଆପଣଙ୍କ ପାଇଁ ପିକକ୍ ଆଇଲାଣ୍ଡ୍ ଖୁବ ଶିଘ୍ର ଆସିବ । ଏ ସଂପର୍କରେ ଆମେ ଲକ୍ଷ୍ମୀପ୍ରିୟା ଓଝାଙ୍କୁ ଅନୁରୋଧ କରିବୁ ।

## କବିତା ବିଭାଗର ସବୁ କବିତା ବେଶ୍ ଭାବୋଦ୍ଦୀପୋକ ଓ ସୁଖପାଠ୍ୟ

● ଏଥର ରୂପସୀ 'ରେବତୀ'କୁ ଆଉ ଏକ ଭିନ୍ନ ରୂପରେ ପାଇଲି । ପ୍ରତି ସଂଖ୍ୟା ଏହାର ମୋତେ ସ୍ୱପ୍ନମୟ କରୁଛି । ମନରେ ଭରୁଛି ଅନେକ ସାରସ୍ୱତ ସମ୍ଭାବନା । 'ରେବତୀ'ର ପ୍ରଚ୍ଛଦ ଏଥର ମୋତେ ଫେରାଇ ନେଲା, ୧୯୩୬ ମସିହା ଏପ୍ରିଲ୍ ଏକ ତାରିଖକୁ, ଯେଉଁଦିନ ଭାଷା ଭିତ୍ତିରେ ଆମ ରାଜ୍ୟ ସ୍ୱତନ୍ତ୍ର ହୋଇଥିଲା । ତାର ଏକ ପ୍ରତୀକ ଭାବେ ସିଲଟ୍‌କୁ ଧରି ମଡ଼େଲ ଜଣକ ଓଡ଼ିଆ ଭାଷାକୁ ପ୍ରୋଜେକ୍ଟ କରୁଛନ୍ତି । ଆହୁରି ଖୁସି ଲାଗିଲା ମଡ଼େଲ ଝିଅ ରିଆ ନନ୍ଦ ହେଉଛନ୍ତି ଆମ ବାଲେଶ୍ୱର (ନୀଳଗିରି) ମାଟିର । ବରିଷ୍ଠ କବି ପ୍ରହରାଜ ସତ୍ୟ ନାରାୟଣ  ନନ୍ଦଙ୍କ ଝିଆରୀ ସେ । ଇଏ ବି ଆମ ବାଲେଶ୍ୱରର ଗର୍ବ ଓ ଗୌରବ । ଖୁବ୍ ସାଦାସିଧା ପରିପାଟିରେ ଚିତ୍ରଣ ହେଇଛି ପ୍ରଚ୍ଛଦ । ଚିଠି ବିଭାଗରେ ପ୍ରଫୁଲ୍ଲ ତ୍ରିପାଠୀଙ୍କ ଗୋଟିଏ ଧାଡ଼ିର ଭାବ ଉଦ୍ଦୀପକ ଓ ପ୍ରେରଣା ପୂର୍ଣ୍ଣ ଚିଠିଟି 'ରେବତୀ' ପାଇଁ ଓ ସମ୍ପାଦକଙ୍କ ପାଇଁ ଏକ ବଡ଼ ପ୍ରମାଣପତ୍ର । ପ୍ରଥମ ଆଲେଖ୍ୟ ଚାନ୍ଦୁଆ କଥା ମୋତେ ମୋହିତ କଲା । ପିପିଲି ଚାନ୍ଦୁଆର ଉତ୍ପତ୍ତି, ପ୍ରସ୍ତୁତି ପ୍ରଣାଳୀ, କାରିଗରଙ୍କ ସମସ୍ୟା, ଏହାର ବିକାଶ ଓ ଆଧୁନିକତାର କଥା ମୋତେ ବିମୋହିତ କଲା । ଏହାର ଇତିହାସ ଓ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କଥା ବି ପଢ଼ି ବିଭୋର ହେଲି । ମନୋଜ ମେହେରଙ୍କ କବିତା ଆଲୋଚନା ଖୁବ୍ ଉଚ୍ଚକୋଟୀର । ଏଥିରେ ଅଛନ୍ତି ମୋଟ ୫ଜଣ ପ୍ରିୟ କବି, ଜୟନ୍ତ, ରମାକାନ୍ତ, ସୌଭାଗ୍ୟ, ସୀତାକାନ୍ତ ଓ ରାଜେନ୍ଦ୍ର । ପ୍ରତି କବିଙ୍କ କବିତାର ଦିଗ ଓ ଦିଗନ୍ତକୁ ସେ ଖୁବ୍ ଶ୍ରଦ୍ଧାଶୀଳ ହୋଇ ବିଶ୍ଲେଷଣ କରିଛନ୍ତି । ଏହା ପିଜି କରୁଥିବା ସମସ୍ତ ଓଡ଼ିଆ ବିଦ୍ୟାର୍ଥୀଙ୍କ ପାଇଁ ଖୁବ୍ ସହାୟକ ହେବ । ତାପରକୁ ଇପ୍‌ସିତା ଷଡ଼ଙ୍ଗୀ ଖୁବ୍ ପ୍ରଜ୍ଞାଶୀଳ ହେଇ ୪ଜଣ ସାମ୍ପ୍ରତିକ କବିଙ୍କ କବିତା ଉପରେ ତାଙ୍କର ମତ ରଖିଛନ୍ତି । ବର୍ଣ୍ଣନା ଖୁବ୍ ରୁଚିପୂର୍ଣ୍ଣ ଓ ହୃଦୟସ୍ପର୍ଶୀ । ପୁଣି କଥା ଏଇଠି ଅଟକି ନାହିଁ । କିଛି ନାରୀକବିଙ୍କୁ ନେଇ ଖୁବ ସୁନ୍ଦର ଓ ମନ ମୁଗ୍ଧକର ଆଲେଖ୍ୟ ବାଢନ୍ତି ଗୌତମ ଜେନା । ଓଡ଼ିଆ କବିତାର ବିନିର୍ମାଣ ଓ ନାରୀବାଦକୁ ନେଇ ଏ ଉପସ୍ଥାପନା ଓ ବିଶ୍ଲେଷଣ ଏକ ଅଭିନବ ଦିଗ ଉନ୍ମୋଚନ କରୁଛି । ହଁ ଏ ସଂଖ୍ୟାର ଏକ ମହତ୍ତ୍ୱପୂର୍ଣ୍ଣ ବିଭବ ହଉଛି ସନେଟ୍‌ର କଥା । ଆଲୋଚକ ଭରତ ବେହେରା କହନ୍ତି ଓଡ଼ିଆ ସନେଟ୍‌ର ସ୍ରଷ୍ଟା ହେଉଛନ୍ତି ବାଲେଶ୍ୱର ମାଟିର ରୁଦ୍ର ନାରାୟଣ ପଟ୍ଟନାୟକ, ଦେଉର୍‌ଦା ନିବାସୀ । ତାଙ୍କର କାବ୍ୟ ରାମର କେତକ ଷ୍ଟାଞ୍ଜା ପଢ଼ି ମୁଁ ଅଭିଭୂତ ହେଇଗଲି । ଏହି ସନେଟକୁ ରାଧାନାଥ, ମଧୁସୂଦନ, ଫକୀରମୋହନ, ଗଙ୍ଗାଧର, ନନ୍ଦକିଶୋର ଓ ଚିନ୍ତାମଣି ଅନୁସରଣ କରିଥିଲେ । ରମାକାନ୍ତ, ପ୍ରହରାଜ ସତ୍ୟନାରାୟଣ, ଦେବଦାସ, ବଂଶୀଧର କମଳ କଣ୍ଟା, ସୁରେଶ, ବଳିଆର ସିଂ ଆଦି ଏହି ଧାରର ବି ପ୍ରବକ୍ତା ଅଟନ୍ତି । ବାଲେଶ୍ୱର କବି ଏହାର ମୂଳଧର ହୋଇଥିବାରୁ ମୁଁ ଗର୍ବିତ । ଏଥର କବିତା ବିଭାଗରେ ବହୁ ବରିଷ୍ଠ ଓ ସାମ୍ପ୍ରତିକ କବିଙ୍କ କବିତା ଅଛି । କବିତା ଗୁଡ଼ିକ ବେଶ୍ ଭାବ ଉଦ୍ଦୀପକା ଓ ପାଠକୀୟତା ବହନ କରେ । ବେଶି ମୋତେ ଚକିତ ଓ ପୁଲକିତ କରିଛି କବି ଶ୍ରୀଦେବଙ୍କ କବିତା, ବାଲେଶ୍ୱର । ମୋ ବାଲେଶ୍ୱରକୁ ସେ ଜଣେ କିଶୋରୀ ଭାବେ ଗଢ଼ି ତାକୁ ଜୀବନ୍ୟାସ ଦେଇଛନ୍ତି । ବାଲେଶ୍ୱରକୁ ନାୟିକା କରି ଗଢ଼ିଲା ବେଳେ ଉପେନ୍ଦ୍ର ଭଞ୍ଜଙ୍କ ଶିଳାକୁ ନାୟିକା କରିବା କଥା ମନେ ପଡ଼ିଯାଏ । କ୍ଷୁଦ୍ର ଗଳ୍ପରେ ବିଜୟ ନାୟକଙ୍କ ଗପ 'ନିବୁଜ କୋଠରୀ' ମୋତେ ଆକର୍ଷିତ କରିଛି । ଗଳ୍ପରେ ଦୁଇ ନାରୀଙ୍କ ମନକୁ ନେଇ ଗପ ଏକ ବାସ୍ତବତାକୁ ଛୁଇଁ ପାରିଛି । ନଟବର ସତପଥୀ କବି ହୃଦାନନ୍ଦଙ୍କ କବିତା କଥା ଆଲୋଚନା କଲାବେଳେ, ସୁଚେତା ମିଶ୍ର ଆଉ ତିନିଜଣ କବି ଅଜୟ, ଶ୍ରୀଦେବ ଓ ସଞ୍ଜିତଙ୍କ କବିତା କଥା ବର୍ଣ୍ଣନା କରନ୍ତି । ମୋ ବାପା ବିଭାଗରେ ଡାକ୍ତର ସିଦ୍ଧାର୍ଥଙ୍କ ବାପାଙ୍କୁ ନେଇ ଅକୁହା ବେଦନା ମୋତେ ମୋହଗ୍ରସ୍ତ କଲା । ଶେଷକୁ ଆସୁଛି କୃଷ୍ଣ ବାବୁଙ୍କ 'ଶେଷକଥା'ର ଏକ ମହତ କଥା । ସେ ପ୍ରତିଥର ଏକ ସୁନ୍ଦର କଥାକୁ ତାଙ୍କ 'ଶେଷପୃଷ୍ଠା'କୁ ଆଣିଥାନ୍ତି । ଏଥର ସାହିତ୍ୟ ସାଧନାରେ ଛୋଟବଡ଼ ପାର୍ଥକ୍ୟକୁ ସେ ଅତି ନଗଣ୍ୟ କରି ଦେଇଛନ୍ତି ମନୋଜ ଦାସ ଓ ରାଜେନ୍ଦ୍ର ପଣ୍ଡାଙ୍କ ଦୃଷ୍ଟାନ୍ତ ଦେଇ ।

**ଉଦୟ ନାରାୟଣ ଦାସ,** ଚୁନଭାଟି, ଗୋପାଳଗାଁ, ବାଲେଶ୍ୱର

## ପ୍ରତିଟି କବିତା ଏବଂ କବିତା ସହ ସଂଯୋଜିତ ଚିତ୍ର ବେଶ୍ ହୃଦୟସ୍ପର୍ଶୀ

● ଅପ୍ରେଲ ମାସର 'ରେବତୀ'ର ସ୍ୱତନ୍ତ୍ର ସଂଖ୍ୟା କେବଳ କବି ଓ କବିତା ପ୍ରେମୀଙ୍କ ପାଇଁ ଯେ ଏକ ଉପାଦେୟ ସଂଖ୍ୟା ତାହା ନୁହଁ, ବରଂ ଏ ସଂଖ୍ୟାଟି ଅନେକ ଛାତ୍ରଛାତୀ, ଗବେଷକମାନଙ୍କ ପାଇଁ ସଂଗ୍ରହଣୀୟ କହିଲେ ଅତ୍ୟୁକ୍ତି ହେବ ନାହିଁ । କାରଣ ଓଡ଼ିଆ କବିତାରେ ଭିନ୍ନ ଭିନ୍ନ ଦିଗ ଉପରେ ଏଥରର ସଂଖ୍ୟାରେ ବେଶ୍ ସୁନ୍ଦର ଆଲୋଚନା ପଢ଼ିବାର ସୁଯୋଗ ଲାଭ କରିବେ ପାଠକ । ପ୍ରତିଭାଦୀପ୍ତ କବି ମନୋଜ ମେହେର 'କବିତାର ୫ ବତୀଘର' ଆଲେଖ୍ୟରେ ୫ ପ୍ରିୟ ସ୍ରଷ୍ଟା (ସୀତାକାନ୍ତ ମହାପାତ୍ର, ରମାକାନ୍ତ ରଥ, ଜୟନ୍ତ ମହାପାତ୍ର, ସୌଭାଗ୍ୟ ମିଶ୍ର, ରାଜେନ୍ଦ୍ର କିଶୋର ପଣ୍ଡା)ଙ୍କ କବିତାର ସ୍ୱର ଓ ସ୍ୱରୂପକୁ ଉଦ୍‌ଘାଟନ କରିବାକୁ ଯାଇ ଯେପରି ପ୍ରଯତ୍ନଶୀଳ ହୋଇପାରିଛନ୍ତି ତାହା ତାଙ୍କ ସତ୍ୟନିଷ୍ଠତା, ସାଧନା, ପ୍ରିୟ କବିଙ୍କ କବିତା ପ୍ରତି ଥିବା ଗଭୀର ଅନୁରାଗର ପରିଚୟ ଦିଏ । ପ୍ରତ୍ୟେକ କବିଙ୍କ ସଂପର୍କରେ କହିବାକୁ ଯାଇ ସେ ଯେଉଁ ଶୀର୍ଷକ ମାନ ରଖିଛନ୍ତି ତାହା ଖୁବ୍ ଚମତ୍କାର ହୋଇଛି । ଏଇ ଯେପରି- 'ବିଦ୍ରୋହର କମନୀୟ ଦୀପଶିଖା: ଜୟନ୍ତ ମହାପାତ୍ର', 'ଅନ୍ଧାର ଓ ମୃତ୍ୟୁର ଈଶ୍ୱର ରମାକାନ୍ତ ରଥ'... । 'ଓଡ଼ିଆ କବିତା ଚାରିକେ ଚାରି'- ଏ ସ୍ତମ୍ଭରେ ପ୍ରତ୍ୟେକ ଥର ସୁନ୍ଦର ଭାବେ ଚାରିଜଣ ସମକାଳର ସ୍ୱନାମଧନ୍ୟ କବିଙ୍କ ସଂପର୍କରେ, ତାଙ୍କ ସୃଷ୍ଟିସମୂହ ସଂପର୍କରେ କବି ଇପ୍‌ସିତା ଷଡ଼ଙ୍ଗୀ ଆଲୋକପାତ କରୁଛନ୍ତି । ଏଥରର ଆଲୋକିତ କାବ୍ୟସ୍ୱରରେ ପ୍ରଭାତନଳିନୀ ମହାପାତ୍ର, ପ୍ରଦୀପ ବିଶ୍ୱାଳ, ରକ୍ଷକ ନାୟକ ଓ ପିନାକୀ ମିଶ୍ରଙ୍କ କାବ୍ୟ ଜଗତ ସଂପର୍କରେ ପାଠକ ଆଉ ଟିକେ ଅଧିକ ଜାଣି ପାରିବ । ଡକ୍ଟର ଗୌତମ ଜେନାଙ୍କ ଦ୍ୱାରା ପ୍ରସ୍ତୁତ 'ନାରୀବାଦର ନାରୀ ବିନିର୍ମାଣ ବନାମ ଓଡ଼ିଆ କବିତା', ଡକ୍ଟର ଭରତ ବେହେରାଙ୍କ ଦ୍ୱାରା ଲିଖିତ 'ଓଡ଼ିଆ ସନେଟ୍‌ର ଉତ୍ପତ୍ତି ଓ ଉତ୍ତରଣ'- ଏ ଦୁଇଟି ଆଲୋଚନା ଖୁବ୍ ସୁନ୍ଦର । ଉପାଦେୟ ଏ ଦୁଇଟି ଆଲୋଚନା ଗବେଷଣାରତ ଛାତ୍ରଛାତ୍ରୀମାନଙ୍କ ପାଇଁ ମଧ୍ୟ ଖୁବ୍ ଉପଯୋଗୀ ଅଟେ । 'ଓଡ଼ିଆ କବିତା: ୩ ସଂକଳନର ପ୍ରଶ୍ନାକୁଳତା'- ଏଥିରେ ଅଛି କବି ସୁଚେତା ମିଶ୍ରଙ୍କ ଆଲୋଚନା ୨୦୨୧ ରେ ପ୍ରକାଶିତ ତିନିଟି ଚମତ୍କାର କବିତା ସଂକଳନକୁ ନେଇ (ଅଜୟ ପ୍ରଧାନଙ୍କ 'ଅକ୍ଷର ଯଜ୍ଞ', କବି ଶ୍ରୀଦେବ୍‌କ 'ଚାଷବାସ', ସଂଜିତ ବଳଙ୍କ 'ଆହା') ଯାହାର ଏକ ସୁନ୍ଦର ଶୀର୍ଷକ ସେ ରଖିଛନ୍ତି 'ଉର୍ଜସ୍ୱିତ ସଂବେଦନାର ମହକ' । ତିନି ସଂକଳନର କାବ୍ୟସ୍ୱର ଏହି ସଂକଳନର କିଛି କିଛି କବିତାକୁ ସେ ଏପରି ସୁନ୍ଦର ଭାବେ ଆଲୋଚନା କରିଛନ୍ତି ଯେ, ଯାହା ତାଙ୍କ ଗଭୀର ପଠନଶୀଳତାର ପରିଚୟ ଦିଏ । ସୁଜାତା ଶୁଭଦର୍ଶିନୀଙ୍କ ତିନୋଟି କ୍ଷୁଦ୍ର ଗପ ଭଲ ଲାଗିଲା, ବିଜୟ ନାୟକଙ୍କ ଗଳ୍ପ ସର୍ବଦା ସୁନ୍ଦର ବାର୍ତ୍ତା ବହନ କରେ । ମଣିଷ କିପରି ଅହଂକାର, ଅସୂୟା ପରି ଦୁର୍ଗୁଣ ସବୁକୁ ଆବୋରି ନେଇ ନିଜ ମନକୁ ମୁକ୍ତ କରିପାରେନା ଏବଂ ଏକ ନିବୁଜ କୋଠରୀ ଭିତରେ ରହି ଯନ୍ତ୍ରଣା ଭୋଗୁଥାଏ, ତାହାକୁ ସୁନ୍ଦର ଭାବେ ଉପସ୍ଥାପନ କରିଛନ୍ତି ସେ । 'ରେବତୀ'ର ଏ ସଂଖ୍ୟାର ପ୍ରତିଟି କବିତା ଖୁବ୍ ହୃଦୟସ୍ପର୍ଶୀ ଏବଂ ତା ସହିତ ସଂଯୋଜିତ ଚିତ୍ର ଆହୁରି ଆକର୍ଷଣୀୟ । ଅପ୍ରେଲ 'ରେବତୀ' ସତେଅବା ଯେମିତି ଏକ ଅନନ୍ୟ କବିତା ଉପବନ, ଯେଉଁଠୁ ଭାସି ଆସୁଛି ଅନେକ ଭାବର ମହକ ।

**ସୁବ୍ରତ କୁମାର ସେନାପତି,** ଓୟୁଏଟି, ଭୁବନେଶ୍ୱର

## ଇପ୍‌ସିତା ଷଡ଼ଙ୍ଗୀଙ୍କ ଆଲୋଚନା ଅନେକ ପରିଶ୍ରମର ଫଳଶ୍ରୁତି

● 'ରେବତୀ'ର କବି ଓ କବିତା ବିଶେଷାଙ୍କ ଭଲ ହେଇଛି । କବିତା କିଛି ଭଲ ଲାଗିଲା । ବିଭୋର ହେଲି । କବି ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ ଶବ୍ଦରେ କହିବି- ଭାରି କଷ୍ଟ ମାଆ ପକ୍ଷୀ ପରି / ଶାବକ ଚଂଚୁରେ ଆଧାର ଦେବା । ଅନୁଭବିଛି ଶବ୍ଦ ପାଉନି କେତେ ଯେ ଛୁଇଁଲା । ଇପ୍‌ସିତା ଷଡ଼ଙ୍ଗୀଙ୍କ 'ଆଲୋକିତ କାବ୍ୟସ୍ୱର'ରେ ଚାରିଜଣ ପ୍ରତିଭାବନ ଓ କମ ଆଲୋଚିତ କବିଙ୍କ କବିତାର ବିସ୍ତୃତ ଆଲୋଚନା ସ୍ୱାଗତଯୋଗ୍ୟ । ବହୁତ ମେହନତ୍ କରିଛନ୍ତି । ପ୍ରଶଂସନୀୟ, ପିପିଲି ଚାନ୍ଦୁଆ ଉପରେ ଆଲେଖ ବହୁତ ବଢ଼ିଆ ।

**ସୁଶୀଲ କୁମାର ପାଣିଗ୍ରାହୀ,** ସମ୍ବଲପୁର

## ଶିବମୟ ଯାଜପୁର ପାଇଁ ରେବତୀ ଆକର୍ଷଣୀୟ

● ମାର୍ଚ୍ଚ ସଂଖ୍ୟା 'ରେବତୀ'ର ନିୟମିତ ବିଭାଗ 'ପୁଷ୍ପବିତାନ'ରେ ମୁଁ ନଥିଲେ ବି ଅନ୍ୟ ଏକ ଉପାଦେୟ ବିଷୟ 'ମୋହନ ବଂଶୀ' ଆଲେଖ୍ୟକୁ ସ୍ଥାନିତ କରିଥିବାରୁ କୃତଜ୍ଞ। ଶ୍ରୀକୃଷ୍ଣଙ୍କର ଖୁବ୍ ଭଲ ଛବି ଦେଇଛନ୍ତି ଆଲେଖ୍ୟରେ ଆପଣ। ଏଥର 'ରେବତୀ'ରେ ସବୁଠୁ ଆକର୍ଷଣୀୟ ଲାଗିଲା ନାରାୟଣ ରାଉତରାୟଙ୍କ 'ଶିବମୟ ଯାଜପୁର' ଆଲେଖ୍ୟଟି ପାଇଁ। ଦୁଃଖର କଥା ଯାଜପୁରରେ ଅନ୍ୟ ସ୍ଥାନ ଭଳି ବୁକ୍‌ଷ୍ଟୋର ବା କୌଣସି ପତ୍ରିକା ବିକ୍ରୟ କେନ୍ଦ୍ର ନଜରକୁ ଆସେନି ଯେଉଁଠି 'ରେବତୀ'କୁ ସମସ୍ତେ ପାଇ ପାରିବେ। ଯାଜପୁର ସମ୍ପର୍କରେ ଏଭଳି ଚମତ୍କାର ତଥ୍ୟ ସମ୍ବଳିତ ଆଲେଖ୍ୟ ଯାଜପୁରବାସୀ ନିଶ୍ଚୟ ପଢ଼ିବା ଉଚିତ୍। ଜନ୍ମମାଟିର ମୋହରେ ଏକାଥରକେ ପଢ଼ିଗଲି ଶେଷ ଯାଏଁ। ସାବିତ୍ରୀ କବିଙ୍କ କବିତା ସବୁବେଳେ ସ୍ୱତନ୍ତ୍ର, ଖୁବ୍ ଛୁଇଁଲା। ଲକ୍ଷ୍ମୀପ୍ରିୟା ଓଝା ତାଙ୍କ ଲେଖା ମାଧ୍ୟମରେ ଆମକୁ ପ୍ରସିଦ୍ଧ ସ୍ଥାନମାନଙ୍କୁ ଭ୍ରମଣ କରେଇ ନିଅନ୍ତି। ଅନ୍ୟ ସମସ୍ତ ସ୍ରଷ୍ଟାଙ୍କ ଚମତ୍କାର ସୃଜନ ପାଇଁ ଶୁଭେଚ୍ଛା ଓ ଶୁଭକାମନା। ନିଶ୍ଚୟ ସମସ୍ତଙ୍କୁ ପଢ଼ିବି ଏବଂ ମତାମତ ଦେବି।

**ଶ୍ୱେତା ରାଉତ,** କଟକ ରୋଡ଼, ଭୁବନେଶ୍ୱର

## ପ୍ରଦୀପ ମିଶ୍ରଙ୍କ ଦେଓମାଳୀ ଖୁବ ଭଲ ଲାଗିଲା

● ଅଫିସ୍ କାମ ଆଜି ଟିକେ ହାଲ୍‌କା। ମାର୍ଚ୍ଚ 'ରେବତୀ' ଭିତରେ ହଜିଛି ମୁଁ। 'ଶେଷପୃଷ୍ଠା'ରୁ ପଢ଼ା ଆରମ୍ଭ କଲି। ସତରେ ବିନା ଗୁରୁରେ ଭଗବାନ ଦୁର୍ଲଭ ପରି, ବିନା ମୁରବୀରେ ମାର୍ଗ ଦର୍ଶନ, ସେମାନଙ୍କ ନିଆରା ଅନୁଭୂତି ଶ୍ରବଣ ନକରି ସାହିତ୍ୟରେ ନବଜାତକମାନେ ଆଗେଇଲେ ଆଗକୁ ପଥ ବନ୍ଧୁର ହେବ, ସାହିତ୍ୟ ଚର୍ଚ୍ଚା ମାଦକତା ହରେଇ ବସିବ। ତୀକ୍ଷ୍ଣ କଟାକ୍ଷ ଫେସ୍‌ବୁକ୍‌ରେ ବିନା ସମ୍ପାଦିତ କବିତା ସବୁର, ଉଇଁଲେ ବରଷିବ। ଓଡ଼ିଆ ସାହିତ୍ୟର ଭବିଷ୍ୟତ ପାଇଁ ଶୁଭଙ୍କର ନୁହେଁ। ବେଶ୍ ପ୍ରଭାବୀ ଏ 'ଶେଷପୃଷ୍ଠା'! ଭଲ ଲାଗିଲା, ଡକ୍ଟର ପ୍ରଦୀପ ମିଶ୍ରଙ୍କ 'ଦେଓମାଳୀ: ପ୍ରକୃତି ପର୍ଯ୍ୟଟନର ସ୍ୱର୍ଗ' ଆଲେଖ୍ୟ। ମନଶ୍ଚକ୍ଷୁରେ ଆରମାକୁଣ୍ଡାର ଆହ୍ୱାନ ମୋତେ ଆଗକୁ ଆଗକୁ ଦେଓମାଳୀର ସୁଉଚ୍ଚ ପର୍ବତମାଳାର ବିସ୍ମୟ ସବୁରେ ଅବଗାହନ କରାଉଥିଲେ। ଏପରି ସନ୍ତୁଳିତ, ବିସ୍ତୃତ ଆଲେଖ୍ୟ, ଠାଏ ଠାଏ ମହାନ କବିମାନଙ୍କର କବିତାରୁ ପଂକ୍ତିଏ, ବନବାସୀମାନଙ୍କର ପ୍ରକୃତି ମନସ୍କତା, ଆନ୍ଧ୍ରର ଦେଓମାଳୀ ପ୍ରାଚୁର୍ଯ୍ୟ ଉପରେ ଲୋଲୁପ ନୀତି, ଓଡ଼ିଶା ପର୍ଯ୍ୟଟନର ଦେଓମାଳୀ ପାଇଁ ଦିଶାହୀନ ଯୋଜନା ସବୁର ଏକ ସ୍ୱଷ୍ଟ ଚିତ୍ର ପାଇଲି। ଜୟନ୍ତୀ ରଥଙ୍କ 'ପ୍ରଜ୍ଞାପୀଠରେ ତେତିଶ ବର୍ଷ' ଆତ୍ମଜୀବନୀ ମୂଳକ ଆଲେଖ୍ୟ ପଢ଼ିଲା ପରେ ଅନୁଭବ ହେଲା କେତେ ଆପ୍ତ ବାକ୍ୟ– 'ଯା ବିଦ୍ୟା, ସା ବିମୁକ୍ତୟେତ! ସତରେ ସତ୍ ପୁସ୍ତକ ପଠନ ଅଭ୍ୟାସ, ତାର ମନନ, ମଣିଷର ରୁଚି, କାର୍ଯ୍ୟଶୈଳୀ, ଆଧ୍ୟାତ୍ମିକ ଉତ୍ତରଣ ଦିଗରେ କେତେ ସାହାଯ୍ୟ ନକରେ! କେତେ ଦୀପ୍ତିମନ୍ତ ଅନୁଭବ...ଈଶ୍ୱର ସିଧା ସଳଖ ଆସନ୍ତି ନାହିଁ, ଆସନ୍ତି ସତ୍ ଗ୍ରନ୍ଥ ମାଧ୍ୟମରେ...! ନିରନ୍ତର ବାଣୀ ଆରାଧନା କରୁଥିବା ସାଧ୍ୱୀଟିଏ ହିଁ ଏପରି ଦିବ୍ୟ ଅନୁଭବ ବାଣ୍ଟି ପାରିବ। ଦୁର୍ଯ୍ୟୋଧନର ନିଷ୍ଠା ମଧ୍ୟ ଲକ୍ଷ୍ୟ କରିବା ପରି, ସଂଗ୍ରହାଳୟର ପୁରୁଣା ସଂଗୃହିତ ମୁଦ୍ରା ତନଖିରେ ହେଉ ବା ଏକ ନିର୍ଭୁଲ ଦରଖାସ୍ତଟିଏ ଲେଖିବାରେ ହେଉ।

**ସ୍ୱାତୀ ମହାପାତ୍ର,** ଖଣ୍ଡଗିରି, ଭୁବନେଶ୍ୱର

## କବିତାକୁ ପ୍ରସଙ୍ଗ କରି 'ରେବତୀ'ର ଅପ୍ରେଲ ସ୍ୱତନ୍ତ୍ର ସଂଖ୍ୟା ଏକ ଦୁଃସାହସ ହିଁ

● 'ରେବତୀ ଆମ ମାଟିର ସ୍ୱର' ଅପ୍ରେଲ ୨୦୨୨ ସଂଖ୍ୟା ଆଜି ମୋର ହସ୍ତଗତ ହୋଇଛି। ସର୍ବପ୍ରଥମେ ମୁଁ ପତ୍ରିକାର ସମ୍ପାଦିକା ଶ୍ରୀମତୀ ସୁବାସିନୀ ଜେନାଙ୍କୁ ଧନ୍ୟବାଦ ଜଣାଇବି ଯେ ଓଡ଼ିଆ କବିତାକୁ ପ୍ରସଙ୍ଗ କରି ଏକ ଫିଚରଭିତ୍ତିକ ପତ୍ରିକାର ସ୍ୱତନ୍ତ୍ର ସଂଖ୍ୟା ପ୍ରକାଶ କରିବାକୁ ଦୁଃସାହସ କରିଛନ୍ତି। ଦୁଃସାହସ ଏଥିପାଇଁ ଯେ କବିତା ପ୍ରତି ସାଧାରଣ ପାଠକଙ୍କ ମୋହଭଙ୍ଗ ଘଟୁଥିବା ବେଳେ ତା'ପ୍ରତି ଆଦର ଓ ସମ୍ମାନ ବଢ଼ାଇବା ପାଇଁ ଏଥିରେ ଅସାଧାରଣ ପ୍ରୟାସ ହୋଇଛି। ବ୍ୟବସାୟିକ ଲାଭହାନିକୁ ଅପେକ୍ଷା ନରଖି ନିରୁତା କବିତାନୁରାଗକୁ ଖିଅ କରି ଯେପରି ପ୍ରୀତି ପାଳନ କରିଛନ୍ତି, ତାହା ଖଣ୍ଡାଧାରରେ ଚାଲିବା ଠୁ କିଛି କମ୍ ନୁହେଁ। ଏହି ଖଣ୍ଡାଧାର କାଳକ୍ରମେ 'ପୁଷ୍ପପଥ'ରେ ପରିଣତ ହେବ ଏବଂ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ଏଥିରେ କୌଣସି ଦ୍ୱିମତ ନାହିଁ। କୃଷ୍ଣଭାଇ ମଧ୍ୟ ବିଶେଷ ଧନ୍ୟବାଦର ପାତ୍ର ଏଥିପାଇଁ ଯେ ସେ ଯେଉଁ କବିତା ପୃଥିବିଟିର ସଂରଚନା କଲେ ସବୁପ୍ରକାର ବିରୋଧାଭାସ ଓ ପ୍ରତିକୂଳତା ଆଗରେ ଛିଡ଼ା ହୋଇ, ତାକୁ ସୁନ୍ଦର କରିବା ପାଇଁ ସବୁଠି ଉଦାରତା ଓ ନମ୍ରତାକୁ ଜାଗା ଦେଇଛନ୍ତି। ଯାହାଦ୍ୱାରା ପତ୍ରିକାଟି ଫଳଫୁଲଭରା ଏକ ଚଳନ୍ତି ଗଛର ରୂପ ନେଇପାରିଛି। ଅନ୍ୟପକ୍ଷରେ, ସାଧାରଣତଃ ଅନେକ ପତ୍ରିକା ପରୀକ୍ଷାନିରୀକ୍ଷାକୁ ପ୍ରଶ୍ରୟ ଦିଅନ୍ତି ନାହିଁ, ହେଲେ 'ରେବତୀ' ଏ ମାମଲାରେ ବ୍ୟତିକ୍ରମ ଏବଂ 'ପଥ ଖୋଜ, ପଥ ପାଅ' ଦିଶାର ଦିଶାରୀ ବନିଛି। ସର୍ବପ୍ରଥମେ 'ରେବତୀ' ଆଗରେ ମୁଁ ଋଣୀ ଯେ ଏଥର ସଂଖ୍ୟାରେ ମୋର ଆଲେଖ୍ୟକୁ ସ୍ଥାନ ଦେବା ସହିତ ମୋର ଗଦ୍ୟଧର୍ମୀ କବିତା 'ଅପାର୍ଥିବ ପ୍ରେମକବିତା'କୁ କ୍ରୋଡ଼ସ୍ଥ କରିଛନ୍ତି। ଚଳିତ ସଂଖ୍ୟାରେ ପ୍ରତ୍ୟେକ ଆଲେଖ୍ୟର ସ୍ୱତନ୍ତ୍ର ସୁରଭି ରହିଛି। ସୁଚେତା ମିଶ୍ରଙ୍କ ଉର୍ଜସ୍ୱିତ ସମ୍ବେଦନାର ମହକ: ତିନି ସଙ୍କଳନର କାବ୍ୟସ୍ୱରର ଅନୁଶୀଳନ ବେଶ୍ ମନନଶୀଳ। ଶ୍ରୀଦେବ, ଅଜୟ ପ୍ରଧାନ ଓ ସଞ୍ଜିତ ବଳଙ୍କ ସଦ୍ୟ ପ୍ରକାଶିତ କବିତା ପୁସ୍ତକର ଉଚ୍ଛ୍ୱସିତ ମୂଲ୍ୟାୟନ କରି ସାମ୍ପ୍ରତିକ ଓଡ଼ିଆ କବିତାର ସ୍ୱର ଓ ସ୍ୱାକ୍ଷରକୁ ଅନାବରଣ କରିଛନ୍ତି। ଇପ୍‌ସିତା ଷଡଙ୍ଗୀ 'ଆଲୋକିତ କାବ୍ୟସ୍ୱର' କ୍ରମରେ ଅପେକ୍ଷାକୃତ କମ୍ ଆଲୋଚିତ କବିଙ୍କ କାବ୍ୟସ୍ୱରକୁ ଲୋକଲୋଚନକୁ ଆଣିବା ଦିଗରେ ଯେପରି ପ୍ରଯତ୍ନଶୀଳ ହୋଇ କାମ କରି ଚାଲିଛନ୍ତି, ତାହା ନିଶ୍ଚିତ ଭାବେ ଗୁରୁତ୍ୱପୂର୍ଣ୍ଣ। ଡାକ୍ତର ସିଦ୍ଧାର୍ଥ ଷଡ଼ଙ୍ଗୀ ତାଙ୍କର ଡାକ୍ତର ପିତା ପ୍ରଫେସର ରମାରମଣ ଷଡ଼ଙ୍ଗୀଙ୍କ ଉପରେ ପ୍ରସ୍ତୁତ କରିଥିବା ଆଲେଖ୍ୟ 'ମୋ ବାପା: ରଣଜୟୀ ରମାରମଣ' ନିଶ୍ଚିତ ଭାବେ ପ୍ରେରଣାଦାୟୀ। ଡାକ୍ତର ସିଦ୍ଧାର୍ଥ ଏଥିରେ ପିତାଙ୍କ ଗୁଣାବଳୀ ଓ କୀର୍ତ୍ତିକଳାପର ଅବତାରଣା କରିବା ସହ ବ୍ୟସ୍ତବହୁଳ ଡାକ୍ତରୀ ପେସାରେ ମଗ୍ନ ଜଣେ ପିତା ନିଜ ସନ୍ତାନଙ୍କୁ ସୁମଣିଷ ଓ ଉଚ୍ଚଶିକ୍ଷିତ କରିବାରେ କିପରି ଦାୟିତ୍ୱବୋଧ ଓ ସମୟର ସଦ୍‌ବିନିଯୋଗ କରନ୍ତି, ତାହାକୁ ଖୁବ୍ ଭାବପୂର୍ଣ୍ଣ ଓ ଅର୍ଥଦ୍ୟୋତକ କରି ପରିପ୍ରକାଶ କରିଛନ୍ତି। ଗୌତମ ଜେନାଙ୍କ ଆଲେଖ୍ୟ 'ନାରୀବାଦରେ ନାରୀ ବିନିର୍ବାଣ ବନାମ ଓଡ଼ିଆ କବିତା'ରେ ନାରୀ ଅସ୍ମିତାର ବାସ୍ନା ନିଆରା। ସଂଯୁକ୍ତା ପରିଡ଼ାଙ୍କ 'ପିପିଲି ଚାନ୍ଦୁଆର କିମିଆ' ପଠନୀୟ। ଏପରି ଲେଖା ବିବରଣୀ ସର୍ବସ୍ୱ ନ ହୋଇ ସ୍ୱକୀୟ ଆକଳନ ଓ ସଚିତ୍ର ମତାମତ ସମ୍ପନ୍ନ ହେଲେ ତାହାର ମୂଲ୍ୟ ବଢ଼ିଯାଏ। ସମ୍ପାଦକୀୟ ସର୍ଜନଶୀଳତାରେ ସମାନତା ହୃଦୟଗ୍ରାହୀ। ପରିଶେଷରେ 'ରେବତୀ' ପାଇଁ ମୋର ଗୋଟିଏ ପ୍ରସ୍ତାବ ରହିଛି। ତାହାହେଲା 'ରେବତୀ'ର ଆଗାମୀ କୌଣସି ଏକ ସଂଖ୍ୟାରେ ସାହିତ୍ୟିକ (ଯିଏ ବୃଦ୍ଧ ମାତାପିତାଙ୍କ ସେବା କରନ୍ତି, ଯୌତୁକ ଆଣି ନାହାନ୍ତି, ମଦ୍ୟପାନ ବା ନିଶାସକ୍ତ ନୁହନ୍ତି, ଉତ୍କୋଚ ନିଅନ୍ତି ନାହିଁ, ଯଶପାଗଳ ନୁହନ୍ତି, ଆଚରଣ ଓ ଉଚ୍ଚାରଣରେ ସମାନତା ପରିଦୃଶ୍ୟ, ପୁରସ୍କାରର ଘୋଡ଼ା ଦୌଡ଼ର ଧାର୍ ଧରନ୍ତି ନାହିଁ ଆଦି ଗୁଣାବଳୀସମ୍ପନ୍ନ)ଙ୍କ ଉପରେ ଏକ ବିଶେଷ ଆଲେଖ୍ୟ କରାଯାଇପାରିଲେ ଭଲ ହୁଅନ୍ତା। ଭଲ ମଣିଷ ଓ ଭଲ ସାହିତ୍ୟିକ ସମନ୍ୱୟଧାରୀ ଲେଖକଙ୍କ ଉପରେ ସ୍ୱତନ୍ତ୍ର କିଛି କଲେ ତାହା ସମାଜ ପାଇଁ ମଙ୍ଗଳମୟ ଓ ବାର୍ତ୍ତାପ୍ରସୂନ ହେବ। ଏସବୁ କହିବାର ତାତ୍ପର୍ଯ୍ୟ ହେଲା ଯେ ରାଜନେତା, ପୁଲିସ, ଓକିଲ, ଡାକ୍ତର, ସାମ୍ବାଦିକ ଏବେ ସାହିତ୍ୟିକ ପ୍ରଭୃତିଙ୍କ ଉପରେ ସାଧାରଣ ଲୋକଙ୍କ ଆସ୍ଥା ତୁଟି ଯାଉଛି। ଯେଉଁ ସାହିତ୍ୟିକଙ୍କୁ ସମାଜ ଦ୍ୱିତୀୟ ଈଶ୍ୱର ଆଖ୍ୟାୟିତ କରେ ପୂଜା କରେ, ଅନେକତ୍ର ଏମାନଙ୍କ କାର୍ଯ୍ୟକଳାପ ଦୁଃଖୀ କରାଉଛି। ବିଶେଷକରି ପୁରସ୍କାର-ସମ୍ମାନ ପ୍ରାପ୍ତି ବା କବିପଣ ଲାଳସାରେ ଅନେକ ବିବେକଜ୍ଞାନକୁ ବଳି ପକାଇ ଦେଉଛନ୍ତି। ସାହିତ୍ୟିକ କ'ଣ ପାଇବ ତାହା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, କ'ଣ ଅଧିକ ଦେଇପାରିବ ତାହା ଧ୍ୟେୟ ହେଉ। ଦେବାରେ ଆନନ୍ଦ ବା ଜଗତର କଲ୍ୟାଣ ହିଁ ଜଣେ ମହତ୍ ସାହିତ୍ୟ ଋଷିଙ୍କ ପରିଚାୟକ। ଗୋଟିଏ ଧାଡ଼ିରେ କହିବାକୁ ଗଲେ ଏଥର ସଂଖ୍ୟା ମାର୍ଗଦର୍ଶକ ଓ ଉର୍ଜାଉର୍ମିଳ ହେବା ସହ ଫଳଫୁଲଭରା ଏକ ଚଳନ୍ତି ଗଛର ରୂପ ଧାରଣ କରିଛି।

**ମନୋଜ କୁମାର ମେହେର,** ସମାଜ ଅଫିସ୍, ବକ୍ସିବଜାର, କଟକ

ସମ୍ପାଦକୀୟ

# ପରିବାରରେ ବିଭାଜନ

ହିନ୍ଦୁ ଯୌଥ ପରିବାର କହିଲେ ଆମ ଆଗରେ ଯେଉଁ ଚିତ୍ରଟି ସହସା ଭାସି ଉଠେ, ତାହା ଅଧୁନା ଆଉ ଦୃଶ୍ୟ ହୁଏ ନାହିଁ । ଯୌଥ ପରିବାର କହିଲେ ଯାହା ବୁଝୁ, ତାହା ଏବେ କେବଳ ପଢ଼ିବାକୁ ମିଳେ, ଦେଖିବାକୁ ନୁହେଁ । ସାଧାରଣ ଅର୍ଥରେ ଆମେ ଯୌଥ ପରିବାର କହିଲେ ଯାହା ବୁଝୁ, ତା ହେଲା ଗୋଟିଏ ଗୃହରେ ବସବାସ କରିବା, ଗୋଟିଏ ଚୁଲିରେ ରନ୍ଧନ ହେବା ଓ ଭୋଜନ କରିବା, ଅବିଭକ୍ତ ସମ୍ପତ୍ତିର ଅଧିକାରୀ ହେବା, ପାରିବାରିକ ପୂଜାବିଧିରେ ଅଭିନ୍ନ ଭାବରେ ଅଂଶ ଗ୍ରହଣ କରିବା, ପରସ୍ପର ରକ୍ତସମ୍ପର୍କରେ ଆବଦ୍ଧ ବହୁ ସଂଖ୍ୟକ ବ୍ୟକ୍ତି ଏକତ୍ର କାଳାତିପାତ କରିବା ।

ଆମ ଭାରତୀୟ ସମାଜରେ ଯୌଥ ପରିବାର କହିଲେ ଏକ ମୌଳିକ ଓ ଆଦର୍ଶ ଅନୁଷ୍ଠାନକୁ ବୁଝାଏ । ପରିବାର ଗୋଟିଏ ଅନୁଷ୍ଠାନ ପରି କାର୍ଯ୍ୟ କରିଥାଏ । ଫଳରେ ପରିବାରର ପ୍ରତିଟି ସଦସ୍ୟଙ୍କ ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ ଓ ଧାର୍ମିକ ଜୀବନ ଏହାଦ୍ୱାରା ପ୍ରଭାବିତ ହୋଇଥାଏ । ସୁତରାଂ ଏହା ସାମାଜିକ ସଂଗଠନର ଏକ ପ୍ରତିରୂପ ଭାବେ ବିବେଚିତ ହୁଏ । ସାମାଜିକ ବିକାଶରେ ପରିବାରର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ପରିବାରରେ ନଥିବା ଓ ବିଚ୍ଛିନ୍ନ ହୋଇ ବୁଲୁଥିବା ଜଣେ ବ୍ୟକ୍ତିର ସାମାଜିକ ପରିଚିତି ବା ସ୍ଥିତି କିଛି ନଥାଏ । ସେ ପରିବାରରୁ ଯାହା ଶିଖିବା କଥା ତହିଁରୁ ବଞ୍ଚିତ ହୋଇ ଏକ ଅଣ-ସାମାଜିକ ପ୍ରକ୍ରିୟାରେ ପ୍ରତିପାଳିତ ହୋଇ ଏକ ପ୍ରକାର ସାମାଜିକ ପରିପନ୍ଥୀ ହୋଇ ଉଠିଥାଏ । ସୁତରାଂ ଯୌଥ ପରିବାରର ଭୂମିକାକୁ ଆଦୌ ଅଣଦେଖା କରା ଯାଇପାରିବ ନାହିଁ ।

ପ୍ରଥମତଃ ଗୋଟେ ଯୌଥ ପରିବାରରେ ଶିଶୁଟିଏ ବୟୋଜ୍ୟେଷ୍ଠ ସଦସ୍ୟଙ୍କ ନିୟନ୍ତ୍ରଣ ଓ ତତ୍ତ୍ୱାବଧାନରେ ରହି ଅନେକ ନୈତିକ ଗୁଣ ଗ୍ରହଣ କରିବା ସହିତ ଶୃଙ୍ଖଳା, ଆତ୍ମସଂଯମ, ଦୟା, କ୍ଷମା, ଆଦର ଭଳି ସଦ୍‌ଗୁଣ ଗୁଡ଼ିକୁ ଶିଖିଥାଏ । ଏସବୁ ସଦ୍‌ଗୁଣର ଶିକ୍ଷା ପରିବାର ଭଳି ଏକ ପରିବେଶ ବ୍ୟତୀତ ଆଉ କେଉଁଠାରେ ଉପଲବ୍ଧ ନଥାଏ । ଏହିଠୁ ହିଁ ବ୍ୟକ୍ତିତ୍ୱର ବିକାଶ ହେବା ସହ ସେ ସାମାଜିକତାକୁ ଆପଣାଇଥାଏ । ସେ କଦାଚିତ୍ ଅସାମାଜିକ ଗୁଣସମ୍ପନ୍ନ ହୋଇପାରେନା କି ସେପରି ଅବିଗୁଣର ପାଖାପାଖି ରହି ପାରେନା । ଯୌଥ ପରିବାରରେ ଏକତ୍ର ବସବାସ ଫଳରେ ବରିଷ୍ଠମାନଙ୍କ ତତ୍ତ୍ୱାବଧାନରେ ରହି କନିଷ୍ଠମାନେ ନିଜ ବ୍ୟକ୍ତିତ୍ୱର ବିକାଶ କରାଇବା ସହିତ ଦୟା, କ୍ଷମା, ସ୍ନେହ, ଶ୍ରଦ୍ଧା, ସହଯୋଗ, ସହାନୁଭୂତି, ଆବେଗ, ସେବା, ତ୍ୟାଗ ଭଳି ସଦ୍‌ଗୁଣକୁ ଆପଣାଇ ଥାଏ । ଆଉ ଗୋଟିଏ ବଡ଼ କଥା ଘଟେ ଯୌଥ ପରିବାରରେ । ତାହାହେଲା ଯୌଥ ପରିବାର, ଭୂସମ୍ପତ୍ତିକୁ ଖଣ୍ଡ ବିଖଣ୍ଡିତ ହେବାକୁ ଦିଏ ନାହିଁ । ତେଣୁ ଅବିଭକ୍ତ ଭୂସମ୍ପତ୍ତି ଯୋଗୁଁ ଏକତ୍ର ସମସ୍ତେ ଚାଷବାସ କରିବା ଦ୍ୱାରା ଅର୍ଥନୈତିକ ବିକାଶ ଘଟିଥାଏ । ଯୌଥ ପରିବାରର ଭୂମିକା ସମ୍ପର୍କରେ ଅନେକ କଥା କୁହା ଯାଇପାରେ । ମାତ୍ର ଅଧୁନା ଏଇ ଯୌଥ ପରିବାରର ବିଭାଜନ ସବୁକିଛି ଧ୍ୱସ୍ତ କରିଦେଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଦେଶ ବା ରାଷ୍ଟ୍ରର ବିଭାଜନ ଯେପରି ପୀଡ଼ାଦାୟକ, ସେହିପରି ଏକ ସଂଯୁକ୍ତ ପରିବାର ଖଣ୍ଡ ଖଣ୍ଡ ହୋଇଯିବା ମଧ୍ୟ ସାମାଜିକ ବ୍ୟବସ୍ଥା ପଇଁ ବିପଜ୍ଜନକ । ଅଖଣ୍ଡତା ଯଦି ଭାରତୀୟତାର ମନ୍ତ୍ର, ତେବେ ଆଜି କାହିଁକି ପରିବାର ପରିବାର ଭିତରେ ଏ ବିଭାଜନ ! ଗୋଟିଏ ପରିବାର ଟିକିଏ ବିସ୍ତାର ଲାଭ ପରେ ସେଠି ଆରମ୍ଭ ହୁଏ ଭାଗବଣ୍ଟାର ପ୍ରହସନ । ପ୍ରଥମେ ପରିବାରର ଭାଇ ଭାଇ ଭିତରେ ହୁଏ ବିଭାଜନ । ଏହାକୁ ଆମେ ଭିନେ ହେବା କହିଥାଉଁ । ଅର୍ଥାତ୍ ଗୋଟିଏ ଚୁଲିରେ ଆଉ ଭାତ ବସେନି । ଗୋଟିଏ ଜାଗାରେ ବସି ସବୁ ଭାଇମାନେ ଏକତ୍ର ଖାଆନ୍ତି ନାହିଁ । ସବୁ ଭାଇ ପରିବାରରୁ ଅଲଗା ହୋଇଯାଇ ଅଲଗା ଅଲଗା ଚୁଲିରେ ରାନ୍ଧିବାକୁ ଲାଗନ୍ତି । ଘର ଭିତରେ ଉଠେ କାନ୍ଥ । ଭାଇ ଭାଇ ଭିତରେ ଆରମ୍ଭ ହୁଏ ହିଂସା, କଳହ, ମାଡ଼ଗୋଳ । ସବୁଠୁ ଦୟନୀୟ ଲାଗେ, ଯେତେବେଳେ ଏଇ ଭାଗବଣ୍ଟା ବା ବିଭାଜନରେ ବୃଦ୍ଧ ପିତାମାତାମାନେ ବି ବାଣ୍ଟି ହୋଇ ଯାଇଥାନ୍ତି ଅଧାଅଧା । ମାଆ ବାପାଙ୍କୁ ଅଲଗା ଅଲଗା କରି ଦିଆଯାଏ ସାମାନ୍ୟ ସ୍ୱାର୍ଥରେ ଅନ୍ଧ ହୋଇ । ତା'ପରେ ପୁଣି ଆରମ୍ଭ ହୁଏ ମହାଭାରତ ଯୁଦ୍ଧ । ପୈତୃକ ସମ୍ପତ୍ତିର ଭାଗବଣ୍ଟାକୁ ନେଇ କେତେ ଯେ କେତେ ମତ ମତାନ୍ତର ଘଟେ, ରକ୍ତପାତ ଘଟେ, ତା'ର ଇୟତ୍ତା ନାହିଁ । ସତେ ଯେମିତି ସେହି ବିଭାଜିତ ଭୂଖଣ୍ଡଟି ପାଇଗଲେ ଜଣେ ସ୍ୱର୍ଗକୁ ଗଲା ବେଳେ ସାଙ୍ଗରେ ଧରି ଯିବ- ଏପରି ଆଚରଣ ଆସିଯାଏ ଆମ ଭିତରେ । କିନ୍ତୁ କାହିଁକି ହୁଏ ଏ ବିଭାଜନ ! ଅଖଣ୍ଡତା ଯଦି ଆମ ରକ୍ତରେ ପ୍ରବାହିତ, ଖଣ୍ଡ ଖଣ୍ଡ ହେଉ ଆମେ କେଉଁ ଆନନ୍ଦରେ ? ପିତାମାତାଙ୍କ ଗଢ଼ା ପରିବାରକୁ ଭାଙ୍ଗି ଛୋଟ ଛୋଟ ଖଣ୍ଡରେ ପରିଣତ କରୁ କେଉଁ ଖୁସିରେ? ଏ ପ୍ରଶ୍ନର ଉତ୍ତର ଆମ ପାଖରେ ଆଜି ନାହିଁ । ପୈତୃକ ସମ୍ପତ୍ତିର ଅଧିକାର ପାଇଁ ବିଭାଜନକୁ ଆପଣେଇ ନେଉଥିବା ବ୍ୟକ୍ତିଟି ଦିନେ ତ ପିତା ରୂପରେ ଉଭା ହେବ । ସେତେବେଳେ ମଧ୍ୟ ସେ ସେଇ ସମାନ ଦୃଶ୍ୟକୁ ଦେଖିବ । ତା'ର ନିଜ ରକ୍ତର ପୁଅମାନେ ତା'ରି ସମ୍ପତ୍ତିକୁ ଭାଗ ଭାଗ କରି ବାଣ୍ଟି ନେବେ । ଏ ବିଭାଜନର ସତରେ କ'ଣ ଅନ୍ତ ନାହିଁ ! ସତରେ ଅବିଭକ୍ତ ଏକ ପରିବାରର ଆତ୍ମୀୟ ଆବେଶ ଭିତରେ ଆମେ ସମସ୍ତେ ଏକତ୍ର ବସବାସ କରି ଅଖଣ୍ଡ ଭାରତୀୟତାର ପରିଚୟ ଦେଇପାରିବା ନାହିଁ ଆଉ ?

ଆସନ୍ତୁ, ଅଖଣ୍ଡତାର ମନ୍ତ୍ର ପଢ଼ି ବିଭାଜନକୁ ଦୂରେଇ ଦେବା ବେଳେ ପୁଣିଥରେ ସେଇ ଯୌଥ ପରିବାରର ବନ୍ଧନକୁ ଆପଣେଇବା ।



ସମ୍ପାଦିକା

# ପିତଳର ପରିଚୟ



# ବୈଦ୍ୟରାଜପୁରର ପିତଳ କୁମ୍ଭ

**ନାରାୟଣ ରାଉତରାୟ**

ଉପୁଳାଇ, ନଗୁଆଁ, ଯାଜପୁର ରୋଡ୍‌, ଯାଜପୁର
ଫୋନ : ୯୯୩୭୧୨୮୫୮୪

ଫଟୋ ସୌଜନ୍ୟ : ଲେଖକ



▲ ଲେଖକ ନାରାୟଣ ରାଉତରାୟ

ହିନ୍ଦୁ ସଂସ୍କୃତି ଓ ପରମ୍ପରାରେ ଅଶୌଚ କର୍ମକୁ ବାଦ୍ ଦେଲେ ସମସ୍ତ ଧାର୍ମିକ ଓ ସାମାଜିକ କର୍ମ ଅର୍ଥାତ ବୈଦିକ ପୂଜାପାଠ, ବୈଦିକ ଜାଗଯଜ୍ଞ, ବିବାହ ବ୍ରତାନୁଷ୍ଠାନ, ମେଳା ମହୋତ୍ସବ, ଏମିତିକି ଯେକୌଣସି ଶୁଭ କର୍ମର ଆରମ୍ଭରେ ବିଘ୍ନହର୍ତ୍ତା, ବିନାୟକ ଶ୍ରୀଗଣେଶଙ୍କ ଉପାସନା ପାଇଁ ଦରକାର ପଡିଥାଏ କୁମ୍ଭ ବା କଳସ । ଏହି କୁମ୍ଭ ବା କଳସରେ ସିନ୍ଦୂରର ସ୍ୱସ୍ତିକ ଚିହ୍ନ ଲଗାଇ ତା' ଉପରେ ପଞ୍ଚପଲ୍ଲବ, ନାରିକେଳ, ଅକ୍ଷତ ଦେଇ ସମସ୍ତ ବିଘ୍ନ ହରଣ ପାଇଁ ଏବଂ ଉଦ୍ଦିଷ୍ଟ କାର୍ଯ୍ୟର ନିର୍ବିଘ୍ନ ସମାପନ ପାଇଁ ସର୍ବାଦୌ ଶ୍ରୀଗଣେଶଙ୍କୁ ଆବାହନ କରାଯାଇଥାଏ । ଏହା ବେଦ ଅନୁମୋଦିତ କାର୍ଯ୍ୟ, ଯାହା ଆଜି ପର୍ଯ୍ୟନ୍ତ ଚଳି ଆସୁଛି । ଓଡିଶାର ପ୍ରତ୍ୟେକ ପରିବାର ଏହି କୁମ୍ଭର ବ୍ୟବହାର କରି ଆସୁଥିବା ବେଳେ ଜାଣନ୍ତି ନାହିଁ କୁମ୍ଭର ଇତିହାସ । ଏହା କେଉଁଠି ପ୍ରଥମେ ପ୍ରସ୍ତୁତ କରା ଯାଉଥିଲା ଏବଂ ଏହାକୁ ପ୍ରସ୍ତୁତ କରୁଥିବା କାରିଗରମାନେ କେଉଁଠି କିପରି ଅବସ୍ଥାରେ ଅଛନ୍ତି  କି ବୃତ୍ତି ଛାଡି ଦେଲେଣି, ସେ ସମ୍ବନ୍ଧରେ ପ୍ରାୟ କେହି କେବେ ଜାଣିବାକୁ ଚେଷ୍ଟା କରି ନାହାନ୍ତି । ବାଲେଶ୍ୱରରୁ ପ୍ରକାଶିତ ମାସିକ ପତ୍ରିକା 'ରେବତୀ'ର କାର୍ଯ୍ୟନିର୍ବାହୀ ସଂପାଦକ କୃଷ୍ଣ କୁମାର ମହାନ୍ତିଙ୍କ ସହ ଏ ସଂପର୍କରେ ଆଲୋଚନା କରି ଆଲେଖ୍ୟଟିଏ ପ୍ରସ୍ତୁତ କରିବାକୁ ଅନୁମତି ଲୋଡିଥିଲି । ତାଙ୍କ ଠାରୁ ସବୁଜ ସଂକେତ ମିଳିଲା ପରେ ମୋର ସହଯୋଗୀ ସାମ୍ବାଦିକ ବନ୍ଧୁ ରବିନନ୍ଦନ ପତିଙ୍କ ସହିତ ଯାଇ ପହଂଚିଥିଲି ଯାଜପୁର ସହରର ସନ୍ତେଶ୍ୱରପୁର ସ୍ଥିତ ବୈଦ୍ୟରାଜପୁର କଂସାବାସନ ସହଯୋଗ ସମିତି କାର୍ଯ୍ୟାଳୟରେ । ସେଠାରେ ଭେଟ ହୋଇଥିଲା ଏହି ସହଯୋଗ ସମିତିର ଉପ ସଭାପତି ରଘୁନାଥ ସାହୁ ଓ ସଂପାଦକ ବିଶ୍ୱନାଥ ସାହୁଙ୍କ ସହ । ଯାହାଙ୍କ ଠାରୁ ମିଳିଥିଲା କୁମ୍ଭ ପ୍ରସ୍ତୁତି ଓ ସହଯୋଗ ସମିତିର ସବିଶେଷ ତଥ୍ୟ ।

## କେମିତି ଯିବେ

ଭୁବନେଶ୍ୱରରୁ ଯାଜପୁର ସହରକୁ ପ୍ରତିଦିନ ଏକାଧିକ ବସ୍  ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ବାହାରି ୧୬ ନମ୍ବର ଜାତୀୟ ରାଜପଥରେ କୁଆଖିଆ ଛକ ଦେଇ ଚଳାଚଳ କରୁଛି । କଲିକତାରୁ ଯାଜପୁରକୁ ବସ୍ ସେବା ଅଛି । ବାରିପଦା ଓ ବାଲେଶ୍ୱରରୁ ୧୬ ନମ୍ବର ଜାତୀୟ ରାଜପଥରେ ଆସି ପାଣିକୋଇଲି ଛକରେ ଓହ୍ଲାଇ ଯେକୌଣସି ଛୋଟ ଗାଡି ଯୋଗେ ଯାଜପୁର ଟାଉନକୁ ଯାଇ ହେବ । ଭୁବନେଶ୍ୱରରୁ କିମ୍ବା ବାଲେଶ୍ୱର ଆଡୁ ରେଳ ଯୋଗେ ଆସି ଯାଜପୁର କେଉଁଝର ରୋଡ ଷ୍ଟେସନ୍‌ରେ ଓହ୍ଲାଇ ଯେକୌଣସି ଛୋଟଗାଡିରେ ଯାଜପୁର ଯାଇ ହେବ । ବୈଦ୍ୟରାଜପୁର କଂସାପିତ୍ତଳ ସହଯୋଗ ସମିତି କଂସା ପିତ୍ତଳରେ କୁମ୍ଭ ନିର୍ମାଣ କରୁଥିବା ୪୫ଜଣ  କାରିଗରଙ୍କୁ ନେଇ ୧୯୨୨ ମସିହାରେ ଗଠନ କରା ଯାଇଥିଲା । ସମିତି ପରିଚାଳନା ପାଇଁ ଗଠନ କରାଯାଇଥିଲା ଶ୍ରୀପଞ୍ଚ ବା ପାଞ୍ଚଜଣିଆ କମିଟି । ସେହି ପାଞ୍ଚଜଣ ହେଲେ ପ୍ରହଲ୍ଲାଦ ମହାପାତ୍ର , ଗୋଖେଇ ଚରଣ ସାହୁ, ଲୋକନାଥ ସାହୁ, ଦୈତାରୀ ସାହୁ ଏବଂ ବାଗୁଡି ସାହୁ । ସେତେବେଳେ ଓଡିଶା ବିହାର ଗୋଟିଏ ପ୍ରୋଭିନ୍ସ ଥିଲା । ତେଣୁ ପରିଚାଳନା କମିଟି ସରକାରୀ ସ୍ୱୀକୃତି ପାଇଁ ସେହି ବର୍ଷ ଉଦ୍ୟମ କରି ସଫଳ ହୋଇଥିଲେ । ରେଜିଷ୍ଟ୍ରେସନ ନମ୍ବର ୧୨୦/୦ ଥାଇ ତା ୧୪.୨.୧୯୨୨ରେ ସରକାରୀ ସ୍ୱୀକୃତି ମିଳିଥିଲା । ସହଯୋଗ ସମିତିର ୪୫ଜଣ ସଦସ୍ୟଙ୍କ ଆର୍ଥିକ ସହଯୋଗ  ଓ କେତେଜଣ ବଦାନ୍ୟ ବ୍ୟକ୍ତିଙ୍କ ଦାନ ଅର୍ଥରେ ୧୯୨୩ରେ ଯାଜପୁର ସହରର ମେଡିକାଲ୍ ଛକର ଉତ୍ତର ପାର୍ଶ୍ୱକୁ ଖଣ୍ଡିଏ ଜମି କିଣାଯାଇ ସମିତିର କାର୍ଯ୍ୟାଳୟ ଓ ଗୋଦାମ ଚାଲିଥିଲା । କିଛି ବର୍ଷ ପରେ ଯାଜପୁର ସହରରେ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ୍ ଖୋଲିବା ପାଇଁ ଜମି ଓ ଘରର ଆବଶ୍ୟକତା ପଡିଲା । ସହଯୋଗ ସମିତିର କାର୍ଯ୍ୟାଳୟ ଚାଲିଥିବା ଜମି ଓ ଘରକୁ ସବୁ ଦୃଷ୍ଟିରୁ ଉତ୍ତମ ସ୍ଥାନ ବୋଲି ବିବେଚନା କରିଥିଲେ । ତତ୍‌କାଳୀନ ପ୍ରଶାସନିକ ଅଧିକାରୀଙ୍କ ଚାପରେ ସହଯୋଗ ସମିତିକୁ ଉକ୍ତ ସ୍ଥାନ ଛାଡିବାକୁ ପଡିଥିଲା । ଏବଂ ଭଡାଘରେ ସହଯୋଗ ସମିତିର କାର୍ଯ୍ୟାଳୟ ଚଳାଇବାକୁ ପଡିଲା । ୧୯୪୦ ମସିହାରେ ସେହି ମେଡିକାଲ ଛକର ଦକ୍ଷିଣ ପାର୍ଶ୍ୱରେ  ମୁଖ୍ୟ ସଡକକୁ ଲାଗି ଏ୦.୨୦ଡେସିମିଲର ଆଉ ଖଣ୍ଡିଏ ଜମି ସହଯୋଗ ସମିତି ନାମରେ କିଣାଗଲା । ୧୯୮୦ ଭୂବନ୍ଦୋବସ୍ତରେ ମାତ୍ର ଏ୦.୧୦ ଡେସିମିଲ ଜମିର ପଟ୍ଟା ମିଳିଥିବା ବେଳେ ଅବଶିଷ୍ଟ ଜମିର ପଟ୍ଟା ଏବେ ବି ମିଳିନାହିଁ । ହେଲେ  କିଛି ପ୍ରଭାବଶାଳୀ ବ୍ୟକ୍ତି ଏହି ଜାଗାର କିଛି ଅଂଶ ଜବର ଦଖଲରେ ରଖିଥିବାରୁ

ଏବଂ ଉକ୍ତ ସ୍ଥାନ ଖାଲି କରୁନଥିବାରୁ ସହଯୋଗ ସମିତି ମାନ୍ୟବର ଅଦାଲତଙ୍କ ଆଶ୍ରୟ ନେଇଛନ୍ତି । ବହୁ ଘାତ ପ୍ରତିଘାତ ଦେଇ ଶେଷରେ ଯାଜପୁର ସହରର ସପ୍ତେଶ୍ୱରପୁର ଠାରେ ସହଯୋଗ ସମିତିର ଲାଭାଂଶରେ ପ୍ରାୟ ଏ୦.୪୪ଡେସିମିଲ ଜମି କିଣାଯାଇ କାର୍ଯ୍ୟାଳୟ ଓ ଗୋଦାମଘର ଆଦି ନିର୍ମାଣ କରାଗଲା ପରେ ୧୯୬୬ ମସିହାରୁ ସେହିଠାରେ କାର୍ଯ୍ୟ କରି ଆସୁଛି । ଦେଶ ସ୍ୱାଧୀନ ହେଲା ପରେ ଏହି ସହଯୋଗ ସମିତିର ପରିଚାଳନା ପାଇଁ ଏକ ବୋର୍ଡ କାର୍ଯ୍ୟ କରୁଥିଲା ଏବଂ ମୁଖ୍ୟ ଭାବେ ଜଣେ ମ୍ୟାନେଜର୍‌କୁ ସରକାର ନିଯୁକ୍ତି ଦେଇଥିଲେ । ଏହାଛଡା ପରିଚାଳନାରେ ସହଯୋଗ କରିବାକୁ ଜଣେ କ୍ୟାସିୟର, ଜଣେ ଗୋଦାମ ରକ୍ଷକ, ୨ଜଣ କିରାଣୀ, ୨ଜଣ ସେଲ୍‌ସ୍‌ମ୍ୟାନ୍ ଓ ୫ଜଣ ଅନ୍ୟାନ୍ୟ କର୍ମଚାରୀଙ୍କୁ ମିଶାଇ ମୋଟ ୧୨ଜଣ କାର୍ଯ୍ୟ କରୁ ଥିଲେ । ୧୯୭୬ରେ ରାଜ୍ୟ ସରକାର ବୋର୍ଡ ଭାଙ୍ଗି ଦେଇ ତା ବଦଳରେ ପରିଚାଳନା କମିଟି ଗଠନ କଲେ ଏବଂ ଜଣେ ସଂପାଦକ ଓ ଜଣେ ଗୋଦାମ ରକ୍ଷକଙ୍କୁ ନିଯୁକ୍ତି ଦେଲେ । ଏବେ ବିଶ୍ୱନାଥ ସାହୁ ସଂପାଦକ ଭାବେ କାର୍ଯ୍ୟ କରୁଥିବା ବେଳେ ପରିଚାଳନା କମିଟିରେ ପଦ୍ମନାଭ ସାହୁ ସଭାପତି ଓ ରଘୁନାଥ ସାହୁ ଉପ ସଭାପତି ଅଛନ୍ତି । ୪୫ଜଣ ସଦସ୍ୟଙ୍କୁ ନେଇ ଆରମ୍ଭ ହୋଇଥିବା ସହଯୋଗ ସମିତିର ସଦସ୍ୟ ସଂଖ୍ୟା ବର୍ତ୍ତମାନ ୪୯୦ଜଣ । ଯାଜପୁର ଜିଲ୍ଲାରେ ଏହି ଗୋଟିଏ ମାତ୍ର ସହଯୋଗ ସମିତି କାର୍ଯ୍ୟ କରୁଥିବାରୁ ଏଥିରେ ବୈଦ୍ୟରାଜପୁର, ରଘୁନାଥପୁର, ବାସୁପୁର, ଜାଫରପୁର, କଳିନ୍ଦ୍ରାବାଦ, ତ୍ରିଲୋଚନପୁର, ବାଣପୁର, ବଖାଣପୁର, ଜାହାନପୁର, ପଣସୁଧା, ବାଲିଚନ୍ଦ୍ରପୁର, କୁଣ୍ଡପାଟଣା, ଲକ୍ଷ୍ମୀନଗର, ଓଡେଇ, ଦଶରଥପୁର,ଓ କଲ୍ୟାଣପୁର ଆଦିର କଂସାପିତ୍ତଳ କୁମ୍ଭକାରମାନେ ସଦସ୍ୟ ରହିଛନ୍ତି ।

## କଂଚାମାଲ

ତମ୍ବା ସହିତ ଜିଙ୍କ୍ ବା ଦସ୍ତା ଏକ ନିର୍ଦ୍ଦିଷ୍ଟ ଅନୁପାତରେ ମିଶାଇ ଭାଟିରେ କାଠ କୋଇଲା ନଚେତ ପଥର କୋଇଲା ଜାଳି ଅତି ଉଚ୍ଚ ତାପମାତ୍ରାରେ ତରଳା ଯାଇଥାଏ । ଏହି ମିଶ୍ରିତ ଧାତୁକୁ ପିତ୍ତଳ କୁହାଯାଉଥିବା ବେଳେ ତମ୍ବା ସହିତ ଟିଣକୁ ନିର୍ଦ୍ଦିଷ୍ଟ ଅନୁପାତରେ ମିଶାଇ ଅତି ଉଚ୍ଚ ତାପମାତ୍ରାରେ ଭାଟିରେ ତରଳାଇ କଂସା ପ୍ରସ୍ତୁତ କରାଯାଏ । ଉଭୟ ମିଶ୍ରିତ ଧାତୁକୁ ଅତି ଉଚ୍ଚ ଉତ୍ତାପରେ ଭାଟିରେ ତରଳାଇବା ପାଇଁ କାରିଗରମାନେ ହୁଙ୍କା ମାଟି ନଚେତ ପଙ୍କ ମାଟିରେ ଏକ ଗହିରିଆ ପାତ୍ର ପ୍ରସ୍ତୁତ କରିଥାନ୍ତି । ଯାହାକୁ 'କୋଇ' କୁହା ଯାଇଥାଏ । କୋଇ ପ୍ରସ୍ତୁତ କରିବା ଏବଂ ଅତି ଉଚ୍ଚ ତାପମାତ୍ରାରେ ଉଭୟ ମିଶ୍ରିତ ଧାତୁକୁ ତରଳାଇବା ଏତେ ସହଜ ହୋଇନଥାଏ ।



## ସମସ୍ୟା

▶ ରାଜ୍ୟସରକାରଙ୍କ ନିୟମ ଅନୁସାରେ ସମିତିର୧% ଅଂଶଧନ ସହିତ ସରକାରଙ୍କ ଅଂଶଧନ ୧୦%କୁ ମିଶାଇ ଶେୟାର ବଜାରରେ ବିନିଯୋଗ କରିବାର ବିଧିବ୍ୟବସ୍ଥା ରହିଛି । ସେହି ନିର୍ଦ୍ଦେଶନାମା ଅନୁସାରେ ବୈଦ୍ୟରାଜପୁର କଂସାପିତ୍ତଳ ସହଯୋଗ ସମିତି ତାର ଅଂଶଧନ ବାବଦକୁ୫୮ହଜାର ୬୮୦ ଟଙ୍କା ଦାଖଲ କରିଥିବା ବେଳେ ସରକାର ମାତ୍ର ୧ଲକ୍ଷ ୫ହଜାର ଟଙ୍କା ଦାଖଲ କରିଛନ୍ତି । ଅବଶିଷ୍ଟ ଟଙ୍କା ଅଂଶଧନ ବାବଦକୁ ଦେବା ପାଇଁ ଟାଳଟୁଳ ନୀତି ଆପଣେଇ ଥିବାରୁ କାରୀଗରଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି ।

▶ ସହଯୋଗ ସମିତି କାର୍ଯ୍ୟାଳୟ ପରିଚାଳନା ପାଇଁ ରାଜ୍ୟସରକାର ପ୍ରତି ବର୍ଷ ଯୋଗାଇ ଦେଉଥିବା ଅନୁଦାନ ୧୯୯୦-୯୧ ଆର୍ଥିକ ବର୍ଷରୁ ବନ୍ଦ କରି ଦେଇଛନ୍ତି । ଫଳରେ ପରିଚାଳନାଗତ ସମୁଦାୟ ଖର୍ଚ୍ଚ ସମିତିକୁ ବହନ କରିବାକୁ ପଡୁଛି । ଏହାଦ୍ୱାରା ସମିତି ଆର୍ଥିକ ସ୍ତରରେ ଦୁର୍ବଳ ହେଉଥିବା ଅଭିଯୋଗ ହେଉଛି ।

▶ ୧୯୯୧ ମସିହା ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ହୋଇଥିବା ବିଭିନ୍ନ ପ୍ରଦର୍ଶନୀରେ ବୈଦ୍ୟରାଜପୁର କଂସାପିତ୍ତଳ ସହଯୋଗ ସମିତି ଭାଗ ନେଇଥିଲା ଏବଂ ବହୁ ସୁନାମ ଅର୍ଜନ କରିଥିଲା । ହେଲେ ରାଜ୍ୟ ସରକାର ସ୍ଥିର କରିଥିବା ପରିବହନ ଖର୍ଚ୍ଚ ଓ ରିବେଟ୍ ବାବଦକୁ ୬୭ହଜାର ୯୬୭ ଟଙ୍କା ସମିତିକୁ ନମିଳିବାରୁ ୧୯୯୨ ରୁ ଆଉ କୌଣସି ପ୍ରଦର୍ଶନୀରେ ଭାଗ ନେଉନଥିବା ଜଣାପଡିଛି ।

▶ ୧୯୯୧ରେ ରାଜ୍ୟ ସରକାର ପ୍ରତି କାରୀଗରଙ୍କୁ ୧୦ହଜାର ଟଙ୍କା ଲେଖାଁ ଋଣ ଛାଡ କରିବାକୁ ଘୋଷଣା କରିଥିଲେ । କିନ୍ତୁ ତାହା ବୈଦ୍ୟରାଜପୁର କଂସାପିତ୍ତଳ କାରୀଗରଙ୍କ ପ୍ରତି ଲାଗୁ କରାଗଲା ନାହିଁ । ଫଳରେ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ୍ ଯାଜପୁର ଶାଖା ସହଯୋଗ ସମିତିର ଜମାଖାତାରୁ ୫୦ହଜାର ଟଙ୍କା ଋଣ ବାବଦକୁ କାଟି ରଖିଥିଲେ ମଧ୍ୟ ଜମାଖାତାରେ ଥିବା ବଳକା ୫ ଲକ୍ଷ ୫୨ହଜାର ଟଙ୍କାକୁ ଫେରସ୍ତ କରୁନାହିଁ ।

▶ ବୈଦ୍ୟରାଜପୁର କଂସାପିତ୍ତଳ ସହଯୋଗ ସମିତିର ନିଜସ୍ୱ କର୍ମଶାଳା ନଥିବାରୁ କାରୀଗରମାନେ ବଜାର ଚାହିଦା ଓ ଗ୍ରାହକଙ୍କ ରୁଚି ଅନୁସାରେ ସାମଗ୍ରୀ ଗୁଡିକୁ ନିଜ ଘରେ ପ୍ରସ୍ତୁତ କରିବାକୁ ବାଧ୍ୟ ହେଉଛନ୍ତି ।ଏହାଛଡା ଆଧୁନିକ ଯନ୍ତ୍ରପାତି ଓ ଜ୍ଞାନକୌଶଳର ଅଭାବ କାରଣରୁ ସାମଗ୍ରୀ ପ୍ରସ୍ତୁତିରେ ଅଧିକ ସମୟ ଲାଗୁଛି । ଫଳରେ କାରୀଗରମାନେ ଅଧିକ ପରିଶ୍ରମ କରି ମଧ୍ୟ କମ ପାରିଶ୍ରମିକ ପାଉଛନ୍ତି । ଏହିସବୁ ସମସ୍ୟାଗୁଡିକ ପ୍ରତି ରାଜ୍ୟ ସରକାର ସହୃଦୟତାର ସହିତ ଦୃଷ୍ଟି ନଦେଲେ ଏବଂ ପ୍ରତିକାର ପାଇଁ ପଦେକ୍ଷପ ଗ୍ରହଣ ନକଲେ ଶହେ ବର୍ଷର ପୁରୁଣା ଅନୁଷ୍ଠାନରୁ କାରୀଗରମାନେ ମୁହଁ ବୁଲାଇ ନେବେ ।

## ମତ ମନ୍ତବ୍ୟ



ଘରୋଇକରଣ ସମୟରେ ସହଯୋଗ ସମିତି ଭଲରେ ଚାଲୁଥିଲା । ୧୯୫୩ରେ ସରକାର ହାତକୁ ନେବା ପରେ କଂଚାମାଲ୍ ଯୋଗାଣ, ସାମଗ୍ରୀ ବିକ୍ରିବଟାରେ, ସମିତି ପରିଚାଳନାରେ ଆର୍ଥିକ ସହାୟତା ପ୍ରଦାନ, କାରୀଗରଙ୍କୁ ପ୍ରୋତ୍ସାହନ ଯୋଗାଇବା ଆଦିରେ ବିଭିନ୍ନ ସମସ୍ୟା ଦେଖା ଦେଇଛି । ସରକାର ଏଥିପ୍ରତି ଦୃଷ୍ଟି ଦେଲେ ବୈଦ୍ୟରାଜପୁର କଂସାପିତ୍ତଳ ଶିଳ୍ପ ପୂର୍ବ ସୁନାମ ବଜାୟ ରଖି ପାରନ୍ତା ।

**ରଘୁନାଥ ସାହୁ,** ଉପସଭାପତି

**ବୈଦ୍ୟରାଜପୁର କଂସାପିତ୍ତଳ ସହଯୋଗ ସମିତି, ଯାଜପୁର**

ଓଡିଶା ପ୍ରସିଦ୍ଧ ବୈଦ୍ୟରାଜପୁର କଂସାପିତ୍ତଳ ସହଯୋଗ ସମିତିର



କାରିଗର ସଂଖ୍ୟା ଅଧିକ ଏବଂ ଏହି କରୋନା ମହାମାରୀ ସମୟରେ ବ୍ୟବସାୟ ମାନ୍ଦା । ଏଭଳି ସ୍ଥିତିରେ ପରିବାର ପ୍ରତିପୋଷଣ କରିବା କଷ୍ଟକର । ଏଣୁ ସେମାନଙ୍କ ପରିବାର ପ୍ରତିପୋଷଣ ପାଇଁ ସରକାରୀ ସହାୟତା ଯୋଗାଇ ଦେବା ଅତ୍ୟନ୍ତ ଆବଶ୍ୟକ । ଏହାଛଡା ସମିତିର ପରିଚାଳନା ପାଇଁ ନିଯୁକ୍ତ କର୍ମଚାରୀମାନେ ମାସିକ ଦରମା ବଦଳରେ ଦିନମଜୁରୀରେ କାମ କରିବା କଷ୍ଟକର ହେଉଛି । ଏଣୁ ସରକାର ସେମାନଙ୍କ ପ୍ରତିପୋଷଣ ପାଇଁ ଉଚିତ ପଦେକ୍ଷପ ନେବା ନିହାତି ଜରୁରୀ ।

**ବିଶ୍ୱନାଥ ସାହୁ,** ସଂପାଦକ,

**ବୈଦ୍ୟରାଜପୁର କଂସାପିତ୍ତଳ ସହଯୋଗ ସମିତି, ଯାଜପୁର**



୧୯୯୯ ମହାବାତ୍ୟା ପରେ ସରକାରଙ୍କର ଆର୍ଥିକ ସହାୟତା ଅଭାବରୁ ବହୁ କାରୀଗର ଏହି ବୃତ୍ତିରୁ ଦୂରେଇ ଯାଇଥିଲେ । ଏବେ କରୋନା ମହାମାରୀ ସମୟରେ ରାଜ୍ୟ ସରକାର ବିଭିନ୍ନ ଶ୍ରେଣୀର କାରିଗର ମାନଙ୍କୁ ଆର୍ଥିକ ସହାୟତା, ପରିଚୟ ପତ୍ର ଆଦି ଯୋଗାଇ ଦେଉଥିଲା ବେଳେ ବୈଦ୍ୟରାଜପୁର କଂସାପିତ୍ତଳ କାରିଗରମାନେ ସେଥିରୁ ବଞ୍ଚିତ ହେବା ଅତିବ ପରିତାପର ବିଷୟ । ଏମାନଙ୍କ ପାଇଁ ରାଜ୍ୟସରକାର ସୁଚିନ୍ତିତ ଯୋଜନା ପ୍ରସ୍ତୁତ ନକଲେ , ହୁଏତ ଦିନ ଆସିବ କୁମ୍ଭ କାରୀଗରମାନେ ତାଙ୍କର କୌଳିକ ବୃତ୍ତିରୁ ସଂପୂର୍ଣ୍ଣ ଦୂରେଇ ଯିବେ । ସରକାରୀ ସ୍ତରରେ ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ ହୋଇପଡିଛି ।

**ଜୟନ୍ତ କୁମାର ସାହୁ,** ସମାଜସେବୀ, ଯାଜପୁର



ଅନେକ ସମୟରେ ଅସାବଧାନତାରୁ ଦୁର୍ଘଟଣା ଘଟି ଧନଜୀବନ ମଧ୍ୟ ହାନି ହୋଇଥାଏ । ସେସବୁକୁ ଭ୍ରୁକ୍ଷେପ ନକରି କାରିଗରମାନେ ପିତ୍ତଳ ଓ କଂସା ମିଶ୍ର ଧାତୁ ପ୍ରସ୍ତୁତ କରି କୁମ୍ଭ ଗଢିଥାନ୍ତି । କୁମ୍ଭ ପ୍ରସ୍ତୁତି ପାଇଁ ଆବଶ୍ୟକ ହେଉଥିବା କଂଚାମାଲର ମୂଲ୍ୟ ଓଡ଼ିଶା ବଜାରରେ ଅଧିକ ପଡୁଥିବାରୁ ସହଯୋଗ ସମିତି କଲିକତାର ବଜାରମାନଙ୍କରୁ ନିଜ ମାର୍ଫତରେ ସିଧାସଳଖ କଞ୍ଚାମାଲ କିଣି କାରିଗର ମାନଙ୍କୁ ଯୋଗାଇଥାଏ ।

### କୁମ୍ଭ ପ୍ରସ୍ତୁତି

କୁମ୍ଭ ଓ ଅନ୍ୟାନ୍ୟ ସାମଗ୍ରୀ ନିର୍ମାଣ ପାଇଁ ଛାଞ୍ଚର ଆବଶ୍ୟକତା ରହିଛି । ଏଠିକାର କାରିଗରମାନେ ବିଶେଷତଃ ଦୁଇ ପ୍ରକାରର ଛାଞ୍ଚ ବ୍ୟବହାର କରିଥାନ୍ତି, ଯଥା: ମାଟି ଛାଞ୍ଚ,



ଓ ବାଲି ଛାଞ୍ଚ । ମାଟି ଛାଞ୍ଚ ପାଇଁ ସାଧାରଣତଃ ପଙ୍କ ମାଟି ସହିତ ଝୋଟ, କୁଣ୍ଡା ଓ ଅଗାଡି ମିଶାଇ ଚକଟି ଛାଞ୍ଚ ପ୍ରସ୍ତୁତ କରାଯାଏ । ଆଉ କେତେକ ସ୍ଥଳରେ ତେଲବାଲିଆ ମାଟିରେ ମଧ୍ୟ ଛାଞ୍ଚ ପ୍ରସ୍ତୁତ କରାଯାଏ । ମିଶ୍ରିତ ଧାତୁକୁ ଉଚ୍ଚ ତାପମାତ୍ରାରେ ତରଳାଇ ଏହି ଛାଞ୍ଚରେ ଢଳା ଯାଇଥାଏ ଏବଂ ପରେ ଯୋଡାଯାଇ କୁନ୍ଦରେ ପଲିସ୍ କରାଯାଏ । କେତେକ ସ୍ଥଳରେ ଅଧିକ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ରଙ୍ଗରେ ଚିତ୍ରିତ କରାଯାଏ । ମୋଟାମୋଟି କହିବାକୁ ଗଲେ ଗ୍ରାହକଙ୍କ ପସନ୍ଦ ମୁତାବକ କୁମ୍ଭ ଏଠାକାର କାରିଗରମାନେ ପ୍ରସ୍ତୁତ କରିଥାନ୍ତି ଓ ସେହି ଅନୁସାରେ ପାରିଶ୍ରମିକ ସହେଯାଗ ସମିତିରୁ ପାଇଥାନ୍ତ ।

### ବଜାର

ଏଠିକାର ପ୍ରସ୍ତୁତ କୁମ୍ଭର ଚାହିଦା ଓଡିଶାର ୩୦ଟି ଜିଲ୍ଲାର ବଜାରମାନଙ୍କରେ ରହିଛି। ଏହାଛଡା ପଶ୍ଚିମବଙ୍ଗ, ଛତିଶଗଡ ଓ ଆନ୍ଧ୍ରରେ ମଧ୍ୟ ବୈଦ୍ୟରାଜପୁର ପ୍ରସ୍ତୁତ କୁମ୍ଭର ଚାହିଦା ରହିଛି । ତେଣୁ ବଡବଡ ବ୍ୟବସାୟୀମାନେ ଏଠାରୁ ସିଧାସଳଖ ସାମଗ୍ରୀ କ୍ରୟ କରୁଥିବା ବେଳେ କେତେକ ସ୍ଥାନକୁ ବିଭିନ୍ନ ମାଧ୍ୟମରେ ଏଠାରୁ ସାମଗ୍ରୀ ପଠାଯାଇଥାଏ । ଏହାବ୍ୟତୀତ ସହଯୋଗ ସମିତି କେତେକ ବଡବଡ ମେଳା ଓ ରାଜ୍ୟସ୍ତରୀୟ ପ୍ରଦର୍ଶନୀରେ ଭାଗ ନେଇଥାଏ ।

# ଆଃ ! ଚିତ୍ରୋତ୍ପଳା




: ଚିତ୍ରିତ ମଧୁଶାଳା

# ପ୍ରାଣେଶ୍ୱରୀ ଚିତ୍ରୋତ୍ପଳା


## ଡକ୍ଟର ବିଜୟଲକ୍ଷ୍ମୀ ଦାଶ

ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ-୭୫୩୦୦୩


ଫଟୋ ସୌଜନ୍ୟ : ଲେଖିକା



▲ ଲେଖିକା ବିଜୟଲକ୍ଷ୍ମୀ ଦାଶ

୧. ହେ ପ୍ରିୟନଦୀ ! ଚିତ୍ରୋତ୍ପଳା, ତମ ନୀଳ ଜଳରାଶି ଛଡ଼େଇ ଦିଏ ରାଗ, ରୋଷ, ଅଭିମାନ । ତମ କୁନିକୁନି ଲହରୀମାଳାର କଳକଳ ଧ୍ୱନି ଆପଣାର କରିଦଏ ଆକାଶ, ସମୁଦ, ଗ୍ରହ, ଚନ୍ଦ୍ର, ତାରା, ଗଛ, ଫୁଲ, ପାହାଡ଼, ଝରଣା, ପକ୍ଷୀଭର୍ତ୍ତି ଦିଗ୍‌ବଳୟ । ଟିକିଏ ହେଲେ ପାତର ଅନ୍ତର କରିପାରେନା । ତମ ତନୁଶ୍ରୀକୁ ଛୁଇଁ ଯାଉଥିବା ଦକ୍ଷିଣା ପବନ ସହ ମଉଜିଆ ଲୁଚକାଳି ଖେଳ ଭିତରେ ବିତିଯାଏ ଶୈଶବର ସ୍ମୃତି । ତମର ଶୋଭାମଣ୍ଡନ କରୁଥିବା ଶସ୍ୟର ସବୁଜିମା ଜୀବନକୁ ପ୍ରତ୍ୟହ ନୂଆ ସଜବାଜ କରାଏ । ନୂଆ ସ୍ୱପ୍ନ ଓ ସ୍ପନ୍ଦନ ଭରିଦିଏ । ତୁମରି ତଟରେ ପହଞ୍ଚିଗଲେ ଯୋଡ଼ି ହୋଇଯାଏ ଚିରି ଯାଇଥିବା ହୃଦୟ । ଭାଙ୍ଗି ଯାଇଥିବା ମନ । ଲୁହର ସାନ୍ତ୍ୱନା ବୋଳା ହାତ ଲମ୍ବି ଆସେ ଆଖି ପାଖକୁ । ଶିର୍‌ଶିରେଇ ଦେଉଥିବା ଥଣ୍ଡା ପବନର କୋଳରେ ସତେ ଯେମିତି ଫୁଲର ବାସ୍ନା ମୁହଁ ଗୁଂଜିଦିଏ । ସାମୟିକ ଭାବେ ପଥର ସନ୍ଧିରେ ଅଟକି ଯାଇଥିବା ପାଣି ପୁଣି ହସିହସି ତଳକୁ ଆଗକୁ ବହିଚାଲେ ଅବଲୀଳା କ୍ରମେ । ତମରି ବକ୍ଷରେ ଦେଖେ ଆକାଶର ନୀଳ ଆଲିଙ୍ଗନ । ମହାଶୂନ୍ୟରେ ନିତ୍ୟ ଲଳିତ ମଧୁରାସ । ଚିତ୍ରୋତ୍ପଳାର ନୀଳ ବକ୍ଷରେ ଅନୁଭବ କରେ ଜହ୍ନରାତିର ମଦିରା ସାଙ୍ଗକୁ ଶୀତୁଆ ସକାଳର ମିଠାଖରା । ଆପଣେଇ ନେବାର ଭାବ । ସତେ ଯେମିତି ଚିତ୍ରୋତ୍ପଳା ଆଉ ମୋ ସତ୍ତା ଚିରକାଳ ନିଜର ନିଜର । 'ଚିତ୍ରୋତ୍ପଳା' ! ମୋ ପାଇଁ ନିବିଡ଼ ସଂଗମର ମଧୁଶାଳା । ସୃଷ୍ଟି ଆଉ ପ୍ରେମର ଆବେଗଭରା ମୁଗ୍ଧ ଉଚ୍ଚାରଣ । ତୁମରି ଭିତରେ ଦେଖେ ଶୀତରାତି, ମୌସୁମୀର ବର୍ଷା, ଋତୁ ବସନ୍ତର କଥା । ତୁମରି ତଟରେ ଜହ୍ନର ଏନ୍ତୁଡ଼ିଶାଳ । ତୁମରି ତଟରେ ଜୁଇର ନିଆଁ । ହେ ଚିତ୍ରୋତ୍ପଳା ! ମୋ ଅଜାଣତରେ ମୋତେ ତମ ଇନ୍ଦ୍ରଜାଲର ମାୟାରେ ଛନ୍ଦି ଦେଇଛ । ତମର ପବିତ୍ରତା, ତମର ରୂପଲାବଣ୍ୟ ସହିତ ମୋର ଆବେଗ ଓ ବିଭୋର ପଣିଆକୁ ଅହରହ ଭାବେ ଓ ଶବ୍ଦରେ ମିଶାଇ ମୋର ସର୍ଜନାତ୍ମକ ଦିଗଟିକୁ ବିକଶିତ କରାଇ ପାରିଛି । ଚିତ୍ରୋତ୍ପଳା କୂଳରେ କଟିଥିବା ବାଲ୍ୟକାଳର ସେଇ ମିଠା ଅନୁଭୂତି ଆଜି ଏ ଆଲେଖ୍ୟର ମୂଳ ପ୍ରେରଣା, 'ଚିତ୍ରୋତ୍ପଳା' କେବଳ ମୋ ପାଇଁ ଆବେଗିକ ବ୍ୟାକୁଳତାର ସୃଷ୍ଟିଭୂମି ନୁହେଁ ବରଂ ବୌଦ୍ଧିକ ସାଧନାର ଭୂମି ମଧ୍ୟ । ଯେଉଁ ନଦୀର ଉପକଣ୍ଠରେ ଆଦିକବି ସାରଳା ଦାସ ମହାଭାରତ ରଚନା କରିଛନ୍ତି, ମହାପୁରୁଷ ଅଚ୍ୟୁତାନନ୍ଦ ମାଳିକା ଲେଖି ଯାଇଛନ୍ତି, ସମୀକ୍ଷକ ଆର୍ତ୍ତବଲ୍ଲଭଙ୍କ ଭଳି ପ୍ରବାଦ ପୁରୁଷ ପୋଥି ସମ୍ପାଦନର ନୂଆ ଦିଗ୍‌ଦର୍ଶନ ଦେଇଛନ୍ତି, ବର୍ତ୍ତମାନ ସମୟର କବି ଲେଖକ ସୀତାକାନ୍ତ ମହାପାତ୍ରଙ୍କ ଠାରୁ ଆରମ୍ଭ କରି ରତ୍ନାକର ଚଇନି, ସଦାଶିବ ଦାଶ, ସରୋଜରଂଜନ ମହାନ୍ତି, ଗୌରାଙ୍ଗ ଚରଣ ଦାଶ, ଗିରୀଶ ଚନ୍ଦ୍ର ସାହୁଙ୍କ ଭଳି କବି, ଗାଳ୍ପିକ, ସମୀକ୍ଷକମାନଙ୍କ ପାଇଁ ଏଇ ନଦୀ ଚିତ୍ରୋତ୍ପଳା ପ୍ରେରଣାର ଭୂମି ସାଜିଛି । ଚିତ୍ରୋତ୍ପଳାର ନୈସର୍ଗିକ ରୂପ ବିଭା ଏମାନଙ୍କର ସର୍ଜନ ପ୍ରାଣକୁ ବିମୁଗ୍ଧ କରିଛି । ଓଡ଼ିଶାର ସାମାଜିକ- ଅର୍ଥନୈତିକ-ସାଂସ୍କୃତିକ-ସାହିତ୍ୟିକ-ଆଧ୍ୟାତ୍ମିକ ଜୀବନଧାରା ଉପରେ ଅପରିସୀମ ପ୍ରଭାବ ବିସ୍ତାର କରି ପାରିଥିବା ଏ ପୁଣ୍ୟତୋୟା ଚିତ୍ରୋତ୍ପଳା ନଦୀର ସ୍ଥିତି, ଗତି, ପ୍ରକୃତି ସମ୍ବନ୍ଧରେ ଅବଗତ ହେବା ଉଚିତ୍ ମନେହୁଏ ।

୧.୧ 'ଚିତ୍ରୋତ୍ପଳା' ସଂପର୍କରେ ସବିଶେଷ ଅବଗତି ପାଇଁ ପରିଚୟ ପର୍ବକୁ ଦୁଇ ଭାଗରେ ବିଭକ୍ତ କରୁଅଛି ।

- ପୁରାଣ କକ୍ଷରେ ଚିତ୍ରୋତ୍ପଳା ।
- ଭୂଗୋଳ କକ୍ଷରେ ଚିତ୍ରୋତ୍ପଳା ।

## ପୁରାଣ କକ୍ଷରେ ଚିତ୍ରୋତ୍ପଳା

ମହାପୁରୁଷ ଅଚ୍ୟୁତାନନ୍ଦ 'ଚିତ୍ରୋତ୍ପଳା ମାହାତ୍ମ୍ୟ'ରେ ଲେଖିଛନ୍ତି:

"ଅପ୍ରକଟେ ଚିତ୍ରୋତ୍ପଳା ଏ ବଂଶ ଯୋଦିନ
ଉତ୍ତର ଭାଗରେ ଗୁପ୍ତେ କହିଲେ ଗମନ ।୫।
ମୁର୍କୁଣ୍ଡି ଅର୍ଚ୍ଚନା ଠାରୁ ଚିତ୍ରୋତ୍ପଳା ଧଶର
ଉତ୍ତର ମୁଖେ ବହିଲେ ଶୁଣ ଭଳଧର ।୧୪।

(ଚିତ୍ରୋତ୍ପଳା-ମାହାତ୍ମ୍ୟ'- ଅଚ୍ୟୁତାନନ୍ଦ ଦାସ)

ଅଚ୍ୟୁତାନନ୍ଦଙ୍କ ମତରେ ଚିତ୍ରୋତ୍ପଳା ନଦୀ ଚିତ୍ରକୂଟ ପର୍ବତରୁ ବାହାରି ମୁର୍କୁଣ୍ଡି ଅର୍ଚ୍ଚନା ପର୍ଯ୍ୟନ୍ତ ମହାନଦୀ ବନ୍ଧରେ ଗୁପ୍ତ ଭାବରେ ପ୍ରବାହିତ ହୋଇ ମୁର୍କୁଣ୍ଡି ପାଖରେ ଚିତ୍ରୋତ୍ପଳା ନାମ ଧାରଣ କରିଛି । ଚିତ୍ରୋତ୍ପଳାକୁ ପବିତ୍ର ନଦୀ ଭାବରେ ଆଖ୍ୟାୟିତ କରି ମହାମହୋପାଧ୍ୟାୟ ଶାସ୍ତ୍ରୀ କହନ୍ତି: "ଯେଉଁ ଦେଶକୁ ପବିତ୍ର ସଳିଳା ବ୍ରାହ୍ମୀ, ବୈତରଣୀ, ସୁବର୍ଣ୍ଣରେଖା, ବିନ୍ଧ୍ୟଗିରି ନିସୃତା ମହାନୀଦ, ଭାର୍ଗବୀ, ଚିତ୍ରୋତ୍ପଳା-ଋଷିକୂଲ୍ୟା, ମହେନ୍ଦ୍ରଗିରି ନିଃସୃତା ମହେନ୍ଦ୍ର ତନୟା ଓ ପ୍ରାଚୀ ପ୍ରଭୃତି ନଦୀ

ଏବଂ ଦକ୍ଷିଣରେ ସରିତପତି ସମୁଦ୍ର ପ୍ରଭୃତି ନାନା ତୀର୍ଥ ପୁଂଜ ପବିତ୍ର କରୁଅଛନ୍ତି, ସେ ଦେଶକୁ ଅତ୍ୟନ୍ତ ପବିତ୍ର ବୋଲି କହିବା ବାହୁଲ୍ୟ ମାତ୍ର ।'(୧)

## ଭୂଗୋଳ କକ୍ଷରେ ଚିତ୍ରୋତ୍ପଳା

ଭୌଗୋଳିକ ଦୃଷ୍ଟିକୋଣରୁ ଚିତ୍ରୋତ୍ପଳା ମହାନଦୀର ଶାଖା ନଦୀ । ଅବିଭକ୍ତ କଟକ ଜିଲ୍ଲା ମଧ୍ୟ ଦେଇ ପ୍ରବାହିତ । ନଦୀଟି ପ୍ରଥମେ କିଶୋର ନଗର ଥାନା ଅଂଚଳରେ ପ୍ରବାହିତ ହୋଇ ସାଲେପୁର ଅଂଚଳରେ ନଦୀର ଏକ ତୃତୀୟାଂଶ ଭାଗ ପ୍ରବାହିତ ହେଉଥିବା ବେଳେ ପାଟକୁରା ଅଂଚଳରେ ନଦୀର ଦୁଇ ତୃତୀୟାଂଶ ଭାଗ ପ୍ରବାହିତ ହେଉଛି । ନଈର ଦୈର୍ଘ୍ୟ ୫୦କି.ମି. । ଚିତ୍ରୋତ୍ପଳାର ଦକ୍ଷିଣରେ ଗୁଆଳିନାହି ପାଖରେ ଥିବା ମୁର୍କୁଣ୍ଡି ଅର୍ଚ୍ଚନା ଗାଁ ଏବଂ ଉତ୍ତରରେ ତେନ୍ତୋଳ ଗ୍ରାମ ପଂଚାୟତ ସୀମା ପାଖରୁ ମହାନଦୀରୁ ବାହାରିଛି । ଗନ୍ତବ୍ୟ ପଥରେ ସାଲେପୁର ଥାନାର ବଟେଶ୍ୱର ଭଗବତୀ ପୀଠ ଦେଇ ତିଳକଣା ଠାରେ ଲୁଣା ଓ ଚିତ୍ରୋତ୍ପଳା ନାମରେ ଦୁଇ ଧାରରେ ବିଭକ୍ତ ହୋଇ ପାଟକୁରା ଥାନାର କୁଆଁରପାଳ ଗାଁ ଯାଏଁ ପ୍ରବାହିତ ହେବା ପରେ ଦୁଇଧାରା ମିଶି ଯାଇଛି । ଏ ନଦୀର ଏକ ସ୍ୱାତନ୍ତ୍ର୍ୟ ହେଉଛି ଏତେ କମ୍ ଦୈର୍ଘ୍ୟ ଭିତରେ ବହୁ ସ୍ଥାନରେ ନଦୀ ବାଙ୍କ ଦେଖିବାକୁ ମିଳେ । ପ୍ରତ୍ୟେକ ବାଙ୍କରେ ଦେବଦେବୀଙ୍କର ମନ୍ଦିଟିଏ ଥିବ ନହେଲେ ମହାପୁରୁଷ, ମୁନିଋଷିଙ୍କର ଗାଦି ବା ମଠ ଥିବ । ଚାରିଦିଗକୁ ନଦୀର ବାଙ୍କ ଦେଖାଯାଏ, ନଈ ନିପୁର ଓ ପାଟକୁରା ମଝିରେ ନଦୀଟି ଧନୁ ଆକୃତିର ବଙ୍କା ଦେଖାଯାଏ ।

ନଦୀର ସୃଷ୍ଟିସ୍ଥଳ ଠାରୁ ବେମାଳ ଭିତରେ ଏହାର ଉତ୍ତରରେ ସାଲେପୁର, କୋହ୍ଲଣପୁର, କେନ୍ଦୁପାଟଣା ଭଳି ଐତିହାସିକ ସ୍ଥାନ ଏବଂ ଦକ୍ଷିଣ ଦିଗରେ ମୁର୍କୁଣ୍ଡି, ମାରଡ଼ା ବଳରାମପୁର, ଲେଣ୍ଡରା ଭଗବାନପୁର ପ୍ରଭୃତି ଗାଁ ଅବସ୍ଥିତ । ଏହି ଗାଁ ଗୁଡ଼ିକ ଐତିହାସିକ ଓ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ମନେହୁଏ ।

୧.୨- ଉତ୍କଳୀୟ ସଂସ୍କୃତି, ପରଂପରା, ସାହିତ୍ୟିକ ବିକାଶଧାରାରେ ଚିତ୍ରୋତ୍ପଳା ତଟସ୍ଥ ଗାଁଗୁଡ଼ିକର ସ୍ୱାତନ୍ତ୍ର୍ୟ ବାରି ହୋଇପଡ଼େ । ଗୁଆଳ ନାସି ଚିତ୍ରୋତ୍ପଳା ନଦୀର ସୃଷ୍ଟିସ୍ଥଳ । ଏଠାରୁ ହିଁ ମହାନଦୀର ଶାଖା ନଦୀ ରୂପେ ବାହାରି ଗୁଆଳି ଗାଁକୁ ଦକ୍ଷିଣ ଦିଗରେ ରଖି ପ୍ରବାହିତ ହେଉଛି । ଏହି ଗାଁର ଆରାଧ୍ୟ ଦେବତା- ସୋମନାଥ । ସୋମନାଥ ମନ୍ଦିର ଚିତ୍ରୋତ୍ପଳା କୂଳରେ ଅବସ୍ଥିତ । ଗୁଆଳର ପଡ଼ା ଗାଁ ତରତରେ ମୁଗୁନି ପଥରରେ ତିଆରି ୪ଫୁଟ ଉଚ୍ଚତାର ନୃସିଂହ ମୂର୍ତ୍ତି ମଧ୍ୟ ମନ୍ଦିରରେ ପୂଜା ପାଉଛନ୍ତି । ଗୁଆଳିର ପାଖ ଗାଁ ମୁର୍କୁଣ୍ଡିରେ ମଧ୍ୟ ମୁଗୁନି ପଥରର ଏକ ରମଣୀୟ କୃଷ୍ଣମୂର୍ତ୍ତି ମନ୍ଦିରରେ ପୂଜିତ । ସ୍ଥାନୀୟ ଅଂଚଳରେ ଏହି ମୂର୍ତ୍ତି ଶ୍ୟାମଚାନ୍ଦ ନାମରେ ପରିଚିତ । ଏହି ଅଂଚଳର ବୈଷ୍ଣବ ସଂପ୍ରଦାୟର ପୂଜକମାନେ ଶ୍ୟାମଚାନ୍ଦଙ୍କର ପୂଜା କରନ୍ତି । (୨) ମୁର୍କୁଣ୍ଡିର ଉତ୍ତର ପାଖରେ ଥିବା ତେନ୍ତୋଳ ପଞ୍ଚାୟତର ଆତୋଡ଼ା ଗାଁ ଅବସ୍ଥିତ । ଏ ଗାଁର ସ୍ୱାତନ୍ତ୍ର୍ୟ ହେଉଛି ଗାଁର ଘରଗୁଡ଼ିକରେ ମଉଡ଼ ମରାଯାଏ ନାହିଁ । ଏଠାରେ ଲକ୍ଷ୍ମୀ-ନୃସିଂହ ପୂଜା ମନ୍ଦିର ଥିବାରୁ ସ୍ଥାନୀୟ ବଜାରର ନାମକରଣ ମଧ୍ୟ ଲକ୍ଷ୍ମୀ-ନୃସିଂହ ବଜାର କରାଯାଇଛି । ଏହି ଗାଁ ପାଖରେ ଚିତ୍ରୋତ୍ପଳାର ବିସ୍ତିର୍ଣ୍ଣ ବାଲି ଶେଯରେ ବୁଦା ବୁଦା ଜଂଗଲ ଦେଖାଯାଏ । ଏହାକୁ ସାହାଡ଼ା ପଠା କୁହାଯାଏ । ଏଠାରେ ଗାଦି ଗୋସେଇଁ ମଠ ମଧ୍ୟ ଗାଦି ଗୋସେଇଙ୍କ 'ମାଟିଗାଦି' ମଧ୍ୟ କୁହାଯାଏ । ଚିତ୍ରୋତ୍ପଳାର ଉତ୍ତର ପଟେ ପାଟପୁର ଗାଁ ଅବସ୍ଥିତ । ଏ ଗାଁରେ ଥିବା 'ଭଗବତୀ' ବରଗଛ ଜନଶ୍ରୁତି ଦୃଷ୍ଟିକୋଣରୁ ସ୍ୱତନ୍ତ୍ର । ଗଛଟିକୁ କେହି ହାଣନ୍ତି ନାହିଁ । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଥରେ ଜଣେ ଲୋକ ଏହି ବରଗଛରୁ ଖଣ୍ଡେ ଡାଳ ଭାଙ୍ଗିଥିଲା ବୋଲି ତା'ର ବଳଦଟି ମରିଗଲା ।(୩) ଅତୋଡ଼ା ଗାଁର ପାଖ ଗାଁ- 'ଟିଶରପୁର' । ଏଠାରେ ଜଗନ୍ନାଥ ମନ୍ଦିର ବିଦ୍ୟମାନ । ଏହି ମନ୍ଦିରର ଆଉ ଏକ ବିଶେଷତ୍ୱ ହେଉଛି ଏଠାରେ ଜଗନ୍ନାଥଙ୍କ ସହ ବରାହ ମୂର୍ତ୍ତି ପୂଜା କରାଯାଏ । ଏହି ଗାଁ ବ୍ୟତୀତ ଚିତ୍ରୋତ୍ପଳାର ଦକ୍ଷିଣରେ ଥିବା ମାରଡ଼ା ବଳରାମପୁର ଗାଁରେ ମଧ୍ୟ ତିନିଫୁଟ ଛଅ ଇଞ୍ଚ ଉଚ୍ଚତା ବିଶିଷ୍ଟ ବରାହ ମୂର୍ତ୍ତି ପୂଜା କରାଯାଉଛି । ଏହି ମନ୍ଦିରକୁ ବରାହନାଥ କୁହାଯାଏ । ବରାହନାଥର ଚକ ବିପରୀତ ଦିଗରେ (ଉତ୍ତରରେ) ବଟେଶ୍ୱର ଭଗବତୀ ମନ୍ଦିର ବିଦ୍ୟମାନ । ଏହି ଗାଁ ସଂପର୍କରେ ଅଚ୍ୟୁତାନନ୍ଦଙ୍କ 'ବଣଭୋଜି' ଓ 'କୁସୁମକେଳି'ରେ ଉଲ୍ଲେଖ ଅଛି:

"ଗୋପ ବାଳକ ବସି ଜନମିବ
ମରଡ଼ା ବିଶେ ନିବାସ ପାଇବ
ହରି ଶରଣ ହେ ବଣର ନାମ
ସତ୍ୟ ବଚନ କହିଲେ ହେ ରାମ ।(୪)(ପୃ-୨୬)

ଚିତ୍ରୋତ୍ପଳା ଉତ୍ତର ପାଖରେ ରାଘବପୁର ଗାଁ ଅବସ୍ଥିତ । ନଦୀ କୂଳରେ ବିଶେଶ୍ୱର ମହାଦେବଙ୍କ ମନ୍ଦିର ଅଛି । ମନ୍ଦିର ଚାରିପାଖରେ ପାର୍ଶ୍ୱ ଦେବତା କାର୍ତ୍ତିକ, ଗଣେଶ, ଦୁର୍ଗା ଓ ବ୍ରହ୍ମା ବିରାଜିତ । ଏଠାରେ ଥିବା ବ୍ରହ୍ମାଙ୍କ ମୂର୍ତ୍ତିରେ ଚାରିମୁଖ ପରିବର୍ତ୍ତେ ପାଞ୍ଚମୁଖ ଓ ଦଶଟି ଭାତ ଅଛି । ବିଶେଶ୍ୱର ମନ୍ଦିରରୁ ପାଖାପାଖି ଏକ କିଲୋମିଟର ଦୂରରେ ହରିଚନ୍ଦନପୁର ବ୍ୟାରେଜ୍ ଚିତ୍ରୋତ୍ପଳା ବକ୍ଷରେ ନିର୍ମାଣ କରାଯାଇଛି । ଯାହାକି ଏସିଆର ସର୍ବବୃହତ ଅଣ୍ଡରଗ୍ରାଉଣ୍ଡ ବ୍ୟାରେଜ୍ ଭାବେ ପ୍ରଖ୍ୟାତି ଅର୍ଜନ କରିଛି । ବିଶେଶ୍ୱର ମହାଦେବଙ୍କ ସମ୍ମୁଖରେ ଥିବା ରାସ୍ତା ଦେଇ ଆଗକୁ ଏକ କି.ମି. ଗଲେ ପଡ଼େ ସାଲେପୁର ମହାବିଦ୍ୟାଳୟ । ଏହା ପାଖରେ ଚିତ୍ରୋତ୍ପଳା ନଦୀତଟରେ ପୂଜା ପାଉଛନ୍ତି ଗ୍ରାମଦେବତୀ 'ଜାଗୁଳାଇ' । ଏହାର ପାଖ ଗାଁ ହେଉଛି 'ବଟେଶ୍ୱର' । ବଟକେଶ୍ୱର ମହାଦେବଙ୍କ ନାମାନୁସାରେ ଗାଁର ନାମ ବଟେଶ୍ୱର । ଏହି ଗାଁର ବିଶେଷତ୍ୱ ହେଉଛି ଗୋଟିଏ ପୀଠରେ ଶିବ-ଶକ୍ତିଙ୍କର ଆରାଧନା କରାଯାଏ । ଶଙ୍କରେଶ୍ୱର



ଓ ମା' ଭଗବତୀଙ୍କର ମନ୍ଦିର ଶୈବ-ଶକ୍ତି ପୀଠ ଭାବେ ଅଂଚଳଖ୍ୟାତ । ଚିତ୍ରୋତ୍ପଳା ତଟରେ ଥିବା ଭଗବତୀ ମନ୍ଦିରର ସୌନ୍ଦର୍ଯ୍ୟ ବେଶ୍ ମନୋମୁଗ୍‌ଧକର । ସାଲେପୁରର ଅଦୂରରେ ଅବସ୍ଥିତ 'ଭୀଷ୍ମକୁଣ୍ଡି' ମଧ୍ୟ ଏକ ଦେବସ୍ଥଳୀ ଅଟେ । ଏବେ ବି ଏ ଅଂଚଳରେ ପ୍ରସିଦ୍ଧ ଅର୍ଜନ କରିଛି । ଏହି ସ୍ଥାନର ମହିମା ସଂପର୍କରେ ଜଗନ୍ନାଥ ଦାସ ଭକ୍ତି ଚନ୍ଦ୍ରିକାରେ ଲେଖିଛନ୍ତି:

"କୁଣ୍ଡୀ ନଗ୍ର ଭଗବତୀ ଆଶ୍ରା କରିଅଛି
ଟାଣ ଲୋକମାନଙ୍କୁ ସେ ଖାଇବ ଯେ ବାଛି ।"

(ଭକ୍ତି ଚନ୍ଦ୍ରିକା, ପୃ.୧୦୪)



ବଟେଶ୍ୱରର ପାଖ ଗାଁ 'କୋଲଣ ପୁର', କେନ୍ଦୁପାଟଣା ଓ ତିଳକଣା ଚିତ୍ରୋତ୍ପଳାର ଉତ୍ତରରେ ଅବସ୍ଥିତ । ଏ ଗାଁ ତିନୋଟିର ଐତିହାସିକ ଓ ଧାର୍ମିକ ଗୁରୁତ୍ୱ ରହିଛି । କେନ୍ଦୁପାଟଣା ଗାଁ ସମ୍ପର୍କରେ ଉକ୍ତି ଚନ୍ଦ୍ରିକାରେ ଉଲ୍ଲେଖିଅଛି:

"କେନ୍ଦୁପାଟଣା ଠାବରେ କଦମ୍ବର ବୃକ୍ଷ
ସେହିଠାରେ-ମହରଣ ମ୍ଳେଚ୍ଛ ହେବେ ଶେଷ ।"

(ଭକ୍ତି ଚନ୍ଦ୍ରିକା, ପୃ୧୦)

କେନ୍ଦୁପାଟଣାର କଦମ୍ବ କଣ୍ଟା ଠାରେ ଥିବା କଦମ୍ବ ବିହାରୀ ମଠ, ଚାଟକାଇ ଶକ୍ତିପୀଠ, କୋଲଣପୁରର ବ୍ରହ୍ମାବଣ ଠାରେଥିବା ପ୍ରାଚୀନ ବୌଦ୍ଧ କୀର୍ତ୍ତି ଏ ସ୍ଥାନର ଐତିହାସିକ ଗୁରୁତ୍ୱ ବଢ଼ାଇଥାଏ । କେନ୍ଦୁପାଟଣାର ଅନତିଦୂରରେ ଲୁଣା ଓ ଚିତ୍ରୋତ୍ପଳାର ସଂଗମ ସ୍ଥଳରେ ଓଡ଼ିଶାର ସର୍ବବୃହତ ଠାକୁର ଅନୁକୂଳଚନ୍ଦ୍ରଙ୍କ ଆଶ୍ରମ ଅବସ୍ଥିତ । ଏଠାରେ ଅଚ୍ୟୁତାନନ୍ଦଙ୍କ ଦ୍ୱାରା ପୂଜା ପାଉଥିବା ଗୋପୀନାଥ ମୂର୍ତ୍ତି ଏବେବି ଦେଖିବାକୁ ମିଳେ । ଯେଉଁ ବରଗଛ ତଳେ ଅଚ୍ୟୁତାନନ୍ଦ ଧ୍ୟାନରତ ଥିଲେ ଓ ଯେଉଁ ବଉଳ ଗଛରେ ଜଗନ୍ନାଥଙ୍କୁ ଦର୍ଶନ କରିଥିଲେ ସେ ଗଛ ଦୁଇଟି ଏବେବି ସେଠାରେ ରହିଛି ।

୧.୩- ଓଡ଼ିଶାର ସାଂସ୍କୃତିକ ଓ ଧାର୍ମିକ ପରମ୍ପରାରେ ଚିତ୍ରୋତ୍ପଳାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଚିତ୍ରୋତ୍ପଳା କୂଳରେ ଥିବା ବିଭିନ୍ନ ଧର୍ମର ମଠ, ମନ୍ଦିର, ଗାଦି, ବଟ ଓ ପାଳିତ ହେଉଥିବା ପର୍ବପର୍ବାଣୀ ଓଡ଼ିଶାର ସାଂସ୍କୃତିକ ଐତିହ୍ୟର ପରିଚୟ ବହନକାରୀ । ଚିତ୍ରୋତ୍ପଳା ନଦୀ ତଟରେ ବ୍ରହ୍ମାବଣର ବୌଦ୍ଧମଠ, ମାଳମଠ, ନେମାଳମଠ, ଦଧିଚି ଋଷିମଠ, ମଡ଼ିଆକଣମଠ, ପାଟକୁରାମଠ, ନୃସିଂହଦୀ ମଠ, ଦେଉଳିଆ ମଠ ରହିଛି । ବ୍ରହ୍ମାବଣର ବୌଦ୍ଧ ମଠ କୋଳଣ ପୁର ଠାରେ ଅବସ୍ଥିତ । ଏଠାରେ ଥିବା ବୌଦ୍ଧ ମୂର୍ତ୍ତିର ଗଠନ ପ୍ରଣାଳୀ ଓ ଇଟାକାନ୍ଥର ନିର୍ମାଣ ଭଙ୍ଗୀକୁ ଦେଖି ଏହା ନବମ ଶତାବ୍ଦୀର ବୋଲି ଗବେଷକ ଅର୍ଜୁନ ଯୋଶୀ ମତ ପ୍ରଦାନ କରନ୍ତି । ଏଠାରେ ଥିବା ବୁଦ୍ଧ ମୂର୍ତ୍ତି ଭୂମି ମୁଦ୍ରାରେ (୩'୧'ର ୧'୮') ବସିଥିବାର ଦେଖାଯାଏ । ଏହି ମୂର୍ତ୍ତିରେ ଦୁଇଟି ଧାଡ଼ି ଲେଖା ଯାଇଛି । ଲିପି ଗୁଡ଼ିକ ୯ମ ଶତାବ୍ଦୀର ବୋଲି ଯୋଶୀ ମତ ଦିଅନ୍ତି । ଏହା ବ୍ୟତୀତ ଏଠାରେ ଏକ ଅବଲୋକିତେଶ୍ୱର, ଏକ ତାରା ମୂର୍ତ୍ତି ବୌଦ୍ଧ ବିହାରର ବିଦ୍ୟାଦାୟିନୀ ଦେବୀ ମଂଜୁଶ୍ରୀ ମୂର୍ତ୍ତି ଆବିଷ୍କୃତ ହୋଇଅଛି । ମନ୍ଦିରର ପାଦଦେଶ ପାଖରେ ଏକ ମିଟର ଶରୀର ତଳେ ୨ ମିନିଟ ଲମ୍ବ ବିଶିଷ୍ଟ ଏକ ଇଟା କାନ୍ଥ ଦେଖିବକୁ ମିଳେ । (୫)

ଏହାବ୍ୟତୀତ ଶଙ୍କରେଶ୍ୱର ମନ୍ଦିରରେ ମଧ୍ୟ ବୌଦ୍ଧ ମୂର୍ତ୍ତିମାନ ରଖାଯାଇଛି । ସେଗୁଡ଼ିକ ଭୌମକର ରାଜତ୍ୱ ସମୟରେ । ଐତିହାସିକ କୃଷ୍ଣ ଚନ୍ଦ୍ର ପାଣିଗ୍ରାହୀ ମଧ୍ୟ ଚିତ୍ରୋତ୍ପଳା ନଦୀ ଅବବାହିକାରେ କେତେକ ଗୁରୁତ୍ୱପୂର୍ଣ୍ଣ ବୌଦ୍ଧ ବିହାରର ସନ୍ଧାନ ମିଳିପାରେ ବୋଲି ଉଲ୍ଲେଖ କରିଛନ୍ତି । (୬)

ଚିତ୍ରୋତ୍ପଳା ନଦୀର ଦକ୍ଷିଣ ଦିଗରେ ତେଣ୍ଡାକୁଡ଼ା ହାଇସ୍କୁଲର ପାଖରେ ଥିବା ମାଳମଠର ପ୍ରତିଷ୍ଠା ତାଙ୍କ ସଂପର୍କରେ କୌଣସି ତଥ୍ୟ ପ୍ରାପ୍ତ ହୋଇପାରି ନାହିଁ । ସ୍ଥାନୀୟ ଗ୍ରାମବାସୀମାନଙ୍କର କହିବାନୁସାରେ ଶ୍ରୀ ଚୈତନ୍ୟଙ୍କର ଓଡ଼ିଶା ଭ୍ରମଣ ସମୟରେ ସେ ଏଠାରେ କିଛି ସମୟ ବିତାଇଥିଲେ । (୭) ୧୯୩୮ ମସିହା ବେଳକୁ ନାମାଚାର୍ଯ୍ୟ ଶ୍ରୀମଦ୍ ବାୟା ବାବା ଯିଏକି ଚୈତନ୍ୟଙ୍କ ଗୌଡ଼ୀୟ ବୈଷ୍ଣବଧର୍ମରେ ଦୀକ୍ଷିତ ହୋଇଥିଲେ । ସେ ମାଳମଠରେ ଅକ୍ଷୟ ତୃତୀୟା ଠାରୁ ବୈଶାଖ ପୂର୍ଣ୍ଣିମାଯାଏଁ ଯଜ୍ଞ ଆରମ୍ଭ କରିଥିଲେ । ଏ ଅଂଚଳରେ ଏହି ଯଜ୍ଞ ଏକ ପ୍ରମୁଖ ଆକର୍ଷଣ ।

ସନ୍ଥ ସାଧକ ଅଚ୍ୟୁତାନନ୍ଦ ଚିତ୍ରୋତ୍ପଳାର ଉତ୍ତରପଟରେ ଥିବା ନେମାଳ ଠାରେ ମଠ ସ୍ଥାପନ କରିଥିଲେ । ଜୀବିତାବସ୍ଥାରେ ଏଠାରେ ରହିବା ସହିତ ମୃତ୍ୟୁ ପରେ ମଧ୍ୟ ଏଠାରେ ସମାଧି ନେବା ପାଇଁ ଶେଷ ଇଚ୍ଛା ପ୍ରକାଶ କରିଥିଲେ । ଅଷ୍ଟଗୁଜ୍ଜରୀରେ ଅଚ୍ୟୁତାନନ୍ଦ ଲେଖିଛନ୍ତି:

"ଚିତ୍ରୋତ୍ପଳା ନଦୀ ଉତ୍ତରରେ ଗ୍ରାମ ଲେମ୍ବାଳ ସ୍ଥାନ
ସେ ସ୍ଥାନେ ଏ ଦେହ ରହିବ ମୋର ଏହି ଧିଆନ ।"

(ଅଷ୍ଟଗୁଜ୍ଜରୀ- ଅଚ୍ୟୁତାନନ୍ଦ ଦାସ)

ଗୁରୁଙ୍କ ଆଦେଶ ମାନି ଶିଷ୍ୟମାନେ ନେମାଳ ବଟ ଠାରେ ଅଚ୍ୟୁତଙ୍କୁ ସମାଧି ହେଲେ ଓ ସମାଧି ଉପରେ ଏକ ଗାଦି ତିଆରି କଲେ । ଏହି ନେମାଳ ବଟ ସାରା ଓଡ଼ିଶାରେ ସୁଖ୍ୟାତି ଅର୍ଜନ କରିଛି । ଏହି ଗାଦିଟି ଏକ ବରଗଛ ମୂଳରେ ଅଛି । ଗାଦି ଚାରିପାଖରେ ଚାରିଟି ବରଗଛ । ପଶ୍ଚିମ ପାଖେ ଥିବା ଗଛଟି ୧୯୭୧ ମସିହା ମହାବାତ୍ୟାରେ ଉପୁଡ଼ି ପଡ଼ିଥିଲା । ସାମ୍ନାରେ ଥିବା ବଉଳ ଗଛକୁ ସିଦ୍ଧବଉଳ ଗଛ କୁହାଯାଏ । ଏହି ଗଛ ମୂଳରେ ସନ୍ଥ ଅଚ୍ୟୁତ ସିଦ୍ଧିଲାଭ କରିଥିଲେ । ଗାଦିର ଉତ୍ତର ପାଖରେ ଏକ ଦୀର୍ଘ ଉଚ୍ଚତା ବିଶିଷ୍ଟ କୁରୁମ ଗଛ ଅଛି । ମହାବାତ୍ୟାରେ ଏ ଗଛର ଅଧାଭାଗ ଭାଙ୍ଗି ପଡ଼ିଛି । ସ୍ଥାନୀୟ ଲୋକେ କହନ୍ତି ଏହି ଗଛ ଉପରେ ଠିଆ ହେଲେ ପୁରୀ ଜଗନ୍ନାଥ ମନ୍ଦିର ନୀଳଚକ୍ର ଦେଖାଯାଏ । ଅଚ୍ୟୁତାନନ୍ଦ ଗାଦିକୁ ପୂଜା କରୁଥିବା ପୂଜକମାନେ ଗୋପାଳ ବୈଷ୍ଣବ ସଂପ୍ରଦାୟର । ଅଚ୍ୟୁତାନନ୍ଦ ନିଜେ ବନାରସରୁ ଆଣି ଏଠାରେ ସ୍ଥାପନା କରିଥିବା କଳା ମୁଗୁନି ପଥରର ଗୋପୀନାଥମୂର୍ତ୍ତି ପିତଳର ରାଧାମୂର୍ତ୍ତିଙ୍କୁ ବ୍ରାହ୍ମଣମାନେ ପୂଜା କରିଥାନ୍ତି ।

ଚିତ୍ରୋତ୍ପଳାର ଦକ୍ଷିଣ ଦିଗରେ ଥିବା କଳାବୁଦା ଗାଁରେ ଦଧିଚି ଋଷିଙ୍କର ଆଶ୍ରମ ଅଛି । ଆଶ୍ରମଟି ଭୂସଂପତ୍ତି ଶୂନ୍ୟ । ଆଶ୍ରମବାସୀମାନେ ଭିକ୍ଷା କରି


SMILE GOLD
Agarbati
JHPPL
SMILE
AN ISO 9001:2008 Certified
Since : 20years
Our Product
Jayadurga Homecare Products Pvt. Ltd.
Mancheswar, Bhubaneswar
Customer Care : 9861049796, 9238349796



ଚଳନ୍ତି । ଆଶ୍ରମର ପୂର୍ବ ଦିଗରେ ଥିବା ବରଗଛ ମୂଳରେ ଏକ ମାଟି ଗାଦି ଉପରେ ଦଧିଚି ମୁନିଙ୍କୁ ପୂଜା କରାଯାଏ । ଏ ସ୍ଥାନ ସହିତ ଏକ କିମ୍ବଦନ୍ତୀ ଜଡ଼ିତ । ଅସୁର ବିନାଶ ନିମିତ୍ତ ଦେବତାମାନଙ୍କ ଅନୁରୋଧ ରକ୍ଷା କରି ଦଧିଚି ମୁନିଙ୍କୁ ନିଜର ଅସ୍ଥି ପ୍ରଦାନ କରିବାକୁ ପଡ଼ିଥିଲା । ଅସ୍ଥିଦାନ ପରେ ମୁନି ଭୀଷଣ ଅସୁସ୍ଥ ହୋଇ ପଡ଼ିଲେ । ବୈଦ୍ୟ ଦଧିଚିଙ୍କୁ ଜଳବାୟୁ ପରିବର୍ତ୍ତନ ନିମନ୍ତେ ଉପଦେଶ ଦେଲେ । ଆରୋଗ୍ୟ କାମନା କରି, ଦଧିଚି ଯେଉଁଠାରେ ଚିତ୍ରୋତ୍ପଳାର ଉତ୍ତର ଦିଗକୁ ମୁହଁ କରି ପ୍ରବାହିତ ହେଉଛି ସେଠାରେ ଆଶ୍ରମ ସ୍ଥାପନ କରି ଅବସ୍ଥାନ କଲେ । ଧୀରେ ଧୀରେ ଦଧିଚି ଆରୋଗ୍ୟ ପ୍ରାପ୍ତ ହେଲେ । ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେ ଚିତ୍ରୋତ୍ପଳା କୂଳର ଏଇ ଆଶ୍ରମରେ ବାସ କରିଥିଲେ । ଯେଉଁଦିନ ତାଙ୍କର ମହାପ୍ରୟାଣ ହୋଇଥିଲା, ସେଇ ଦିନଟିକୁ ସ୍ମରଣୀୟ କରିବା ପାଇଁ ଚିତ୍ରୋତ୍ପଳାରେ ବାରୁଣୀ ସ୍ନାନ କରାଯାଏ । ଏହିଦିନ ସ୍ଥାନୀୟ ଦଧିଚି ମଠ ଓ ବଟେଶ୍ୱର ଭଗବତୀଙ୍କ ପୀଠରେ ବାରୁଣୀ ମେଳା ଅନୁଷ୍ଠିତ ହୁଏ ।

ମଢ଼ିଆ କଣ ମଠ ଚିତ୍ରୋତ୍ପଳାର ଦକ୍ଷିଣରେ ଥିବା ଜଗନ୍ନାଥପୁର ଗାଁରେ ଅବସ୍ଥିତ । ଏହି ମଠର ଆରାଧ୍ୟ ଦେବତା 'ଗୋପୀନାଥ' । ପୂଜା ପାଉଥିବା ମୂର୍ତ୍ତିଟି କଳା ମୁଗୁନି ପଥରରେ ତିଆରି । ଏ ମଠର ମହନ୍ତମାନେ ନିଜବଂଶ ପରମ୍ପରାରୁ ନିର୍ବାଚିତ ହୋଇ ମଠର ଦାୟିତ୍ୱ ନିଅନ୍ତି । ରାହାସ, ଝୁଲଣ, ଜନ୍ମାଷ୍ଟମୀ ଏ ମଠରେ ଖୁବ୍ ଆନନ୍ଦ ସହକାରେ ପାଳନ କରାଯାଏ । ଚିତ୍ରୋତ୍ପଳାର ଦକ୍ଷିଣରେ 'ପାଟକୁରା' ଗାଁରେ ଥିବା ପାଟକୁରା ମଠର ପ୍ରସିଦ୍ଧ ରହିଛି । ଏହି ମଠର ଅନ୍ୟନାମ ଲେହିଙ୍ଗି ମଠ, ମଠ ପରିସରରେ ଏକ ମନ୍ଦିରଅଛି । ମନ୍ଦିରରେ ଦାରୁରେ ତିଆରି କୃଷ୍ଣମୂର୍ତ୍ତି ପୂଜା ପାଇ ଆସୁଛନ୍ତି । କୃଷ୍ଣମୂର୍ତ୍ତିର ଦକ୍ଷିଣରେ ରାଧାମୂର୍ତ୍ତି ନିରାଜିତା । ସାଂସାରିକ ବ୍ୟକ୍ତ ଏ ମଠର ମହନ୍ତ ହୋଇପାରିବେ ନାହିଁ । ମଠର ମହନ୍ତମାନେ 'ଶ୍ରୀ' ସଂପ୍ରଦାୟର । ସ୍ଥାନୀୟ ବାସିନ୍ଦାଙ୍କର କହିବାନୁଯାୟୀ ଶ୍ରୀ ଚୈତନ୍ୟଙ୍କର କେହି ଜଣେ ସଭ୍ୟ ଏ ମଠ ପ୍ରତିଷ୍ଠା କରିଥିଲେ ।(୮) 'ଭାଗ୍ୟଧର ଦାସ' ନାମକ କେହି ଜଣେ ପ୍ରଥମେ ଏହାର ଦାୟିତ୍ୱ ନେଇଥିଲେ । ଏହାପରେ ଶ୍ରୀ ଚରଣ ଦାସ, ଶ୍ରୀ ବୃନ୍ଦାବନ ଦାସ, ଶ୍ରୀ ଜନାର୍ଦ୍ଦନ ଦାସ, ଶ୍ରୀ ବୈଷ୍ଣବ ଚରଣ ଦାସ ମଠର ଦାୟିତ୍ୱ ନେଇଥିଲେ ।

ପାଟକୁରା ମଠର ଠିକ୍ ବିପରୀତ ଦିଗରେ ଉତ୍ତର ପଟରେ ନୃସିଂହ ମଠ ଅବସ୍ଥିତ । ମଠରେ ଏକ ଶାଳଗ୍ରାମକୁ ନୃସିଂହ ନାମରେ ପୂଜା କରାଯାଉଛି । ନୃସିଂହଙ୍କ ପ୍ରତିମୂର୍ତ୍ତି ମଠରେ ନାହିଁ । ମଠ ବାହାରେ ହନୁମାନ ମୂର୍ତ୍ତି ପୂଜା ପାଉଛନ୍ତି । ମଠ ଘରର ବାରଣ୍ଡା ତଳକୁ ଚାଳର ପାଣି ହନୁମାନଙ୍କ ମୂର୍ତ୍ତି ଉପରେ ପଡ଼େ । ମଠ ସାମ୍ନାରେ ମସ୍ତରାମ, ଜାନକୀ ରାମ, ଜଗତରାମ, ରଘୁରାମ ଓ ବୈଷ୍ଣ ଦାସଙ୍କ ସମାଧି ଅଛି । ନାମ ଚତୁର୍ଥୀଦନ ମହନ୍ତ ମସ୍ତରାମଙ୍କ ଦେହାନ୍ତ ଘଟିଥିବାରୁ ପ୍ରତିବର୍ଷ ତାଙ୍କର ଶ୍ରାଦ୍ଧୋତ୍ସବ ସମାରୋହ ପାଳିତ ହୁଏ ।

ଦେଉଳିଆ ମଠ ଚିତ୍ରୋତ୍ପଳା ନଦୀର ଦକ୍ଷିଣ ଦିଗରେ ଥିବା ବିଚଣା ଗ୍ରାମରେ ଅବସ୍ଥିତ । ଏହା ଗୌଡ଼ୀୟ ବୈଷ୍ଣବ ସଂପ୍ରଦାୟର ମଠ । ଏହି ସଂପ୍ରଦାୟ ଦ୍ୱାରା ମଠରେ ପୂଜାର୍ଚ୍ଚନା କରାଯାଏ । ଗାଁର ପୂର୍ବ ପଟରେ ଏକ ଦେଉଳିଆ ବଟ ନାମକ ଏକ ବରଗଛ ଥିବାରୁ ମଠର ନାମ ଗଦଉଳିଆ ମଠ । ଏହି ଆଶ୍ରମରେ ସିଦ୍ଧ ସନ୍ଥମାନେ ଗୁପ୍ତରେ ଅବସ୍ଥାନ କରୁଛନ୍ତି ବୋଲି ଅଚ୍ୟୁତାନନ୍ଦ ଚିତ୍ରୋତ୍ପଳା ମାହାତ୍ମ୍ୟରେ ଉଲ୍ଲେଖ କରିଛନ୍ତି । ଦୋଳରେ ଏହି ମଠରେ ଅଷ୍ଟ ପ୍ରହରୀ ଓ ହରିହାଟ ହୋଇଥାଏ ।

କେନ୍ଦୁପାଟଣା ସ୍ଥିତ କଦମ୍ବକଣ୍ଠାର କଳମ୍ବ ବିହାରୀ ମଠରେ ରାମାନୁଜପନ୍ଥୀ ବୈଷ୍ଣବ ସଂପ୍ରଦାୟର ସନ୍ଥମାନଙ୍କର ସମାଧି ରହିଛି । ଯେଉଁ ସମାଧିରେ ରାମାନନ୍ଦୀ ଚିତା ଥିବାର ମଧ୍ୟ ଦେଖିବାକୁ ମିଳେ ।

୧.୪ ଓଡ଼ିଶାର ଧାର୍ମିକ ପରମ୍ପରା ସହିତ ଚିତ୍ରୋତ୍ପଳା ତଟବର୍ତ୍ତୀ ଅଞ୍ଚଳ ସବିଶେଷ ଭାବେ ଜଡ଼ିତ । ଉପରେ କରା ଯାଇଥିବା ଆଲୋଚନାରୁ ଆମେ ସ୍ପଷ୍ଟ ହେଲେ ଚିତ୍ରୋତ୍ପଳା ନଦୀ ତଟବର୍ତ୍ତୀ ଅଂଚଳରେ ଶୈବ, ଶାକ୍ତ, ନାଥ, ବୈଷ୍ଣବ, ବୌଦ୍ଧ ଧର୍ମର ସ୍ମାରକୀ ସାଙ୍ଗକୁ ପର୍ବପର୍ବାଣୀ ପାଳରେ ପରମ୍ପରା ଓ ପୂଜାର୍ଚ୍ଚନା ଦେଖିବାକୁ ମିଳେ । ଚିତ୍ରୋତ୍ପଳାର ତଟବର୍ତ୍ତୀ ଗାଁ ଅତୋଡ଼ା ଠାରୁ କେନ୍ଦୁପଟଣା ଯାଏ ପାଖାପାଖି ୧୪ କି.ମି. ଦୂରତ ମଧ୍ୟରେ ଅନେକ ପ୍ରାଚୀନ କୀର୍ତ୍ତିର ଭଗ୍ନାବଶେଷ ମାନ ଆବିଷ୍କୃତ ହୋଇଅଛି । ଏଥିରେ ସୁସ୍ପଷ୍ଟ ହୁଏ ଯେ, ଏ ଅଂଚଳରେ ଶୈବ-ଶାକ୍ତ-ବୌଦ୍ଧଧର୍ମର ଏକ ସମୃଦ୍ଧ ପରମ୍ପରା ବିଦ୍ୟମାନ । ଚିତ୍ରୋତ୍ପଳା କୂଳେ କୂଳେ ବହୁ ଶିବ ମନ୍ଦିର ଦେଖିବାକୁ ମିଳେ । କୁଦା ନଗରୀର ପଶ୍ଚିମରେ ଥିବା ରାମେଶ୍ୱରପୁର ଗାଁରେ ଝାଡ଼େଶ୍ୱର ଶିବ ମନ୍ଦିରର ଏକ ସ୍ୱାତନ୍ତ୍ୟ ରହିଛି । ଜନସାଧାରଣ ଏହାକୁ ଗଡ଼ଗଡ଼ିଆ ମହାଦେବ ମଧ୍ୟ କହନ୍ତି । ଏହି ମହାଦେବଙ୍କୁ ଉଭୟ ହିନ୍ଦୁ ଓ ମୁସଲମାନ ମାନେ ପୂଜା କରନ୍ତି । ସ୍ଥାନୀୟ ଗ୍ରାମବାସୀଙ୍କ କହିବା ଅନୁଯାୟୀ ଥରେ ଜଣେ ମୁସଲମାନ ବାଳକ ଶିବ ମନ୍ଦିର ସାମ୍ନାରେ ଥିବା ବୃଷଭଙ୍କ ଉପରେ ପରିସ୍ରା କରିବା ସମୟରେ ହଠାତ୍ ତାଙ୍କୁ ସର୍ପଦଂଶନ ହେଲା । ବାଳକର ବାପା ମା' ଶିବଙ୍କୁ ଆରାଧନା କଲାରୁ ପିଲାଟି ମୃତ୍ୟୁ ମୁଖରୁ ରକ୍ଷା ପାଇଗଲା । ସେହି ଦିନଠାରୁ ଏଠାକାର ମୁସଲମାନ ସଂପ୍ରଦାୟ ମହାଦେବଙ୍କର ପୂଜାର୍ଚ୍ଚନା କରି ଆସୁଛନ୍ତି ।

ଚିତ୍ରୋତ୍ପଳା ତଟସ୍ଥ ବଟେଶ୍ୱର ଗ୍ରାମର ଭଗବତୀ ପୀଠ ଶିବ-ଶକ୍ତି ଆରାଧନାର ମିଳନସ୍ଥଳ । ଏଠାରେ ଭଗବତୀ-ଶଙ୍କରେଶ୍ୱର କୋଠି ପୂଜା ପାଉଛନ୍ତି । ଭଗବତୀ ମନ୍ଦିରରେ ଥିବା ମନାସା ମୂର୍ତ୍ତିରୁ ଏଠାରେ ମନାସା ଦେବୀଙ୍କ ପୂଜାର୍ଚ୍ଚନା କରାଯିବାର ପ୍ରମାଣ ମିଳେ ।

ଭଗବତୀ ପୀଠରେ ଆଉ ଏକ ସ୍ୱାତନ୍ତ୍ୟ ହେଉଛି ଏଠାରେ ଥିବା ପଞ୍ଚମୁଖୀ କାଳୀ ବିଗ୍ରହ, ଯାହା ସମଗ୍ର ଓଡ଼ିଶାରେ ବିରଳ । ମୂର୍ତ୍ତିଟି ବ୍ରୋଞ୍ଜ ନିର୍ମିତ, ଦଶହାତ ଖପୁରମାଳା ପିନ୍ଧିଥିବା ମହାକାଳୀ ମୂର୍ତ୍ତିଟି ପଦ୍ମାସନାରେ ଆସୀନା । ଶକ୍ତିପୂଜା ପରଂପରା ସହ ଏଠାରେ ତନ୍ତ୍ରସାଧନା ମଧ୍ୟ କରା ଯାଉଥିବାର ପ୍ରମାଣ ମିଳେ । କୁଦାନଗରୀ ପାଖରେ ଥିବା କମଳପୁର ଗାଁରେ ପୂଜା ପାଉଥିବା 'ଇଳାମବିକା କମଳେଇ' ଓ 'ପୂର୍ଣ୍ଣମାସୀ' ପ୍ରମୁଖ ତାନ୍ତ୍ରିକ ଦେବୀ ଭାବରେ ଖ୍ୟାତ ।

ଚିତ୍ରୋତ୍ପଳା ଅଞ୍ଚଳରେ ନାଥ ଧର୍ମର ମଧ୍ୟ ବିକାଶ ଘଟିଥିଲା । ପଦ୍ମପୁରର କାଳଭୈରବ ମଠ ଖଣ୍ଡସାହି ଗାଁର ମଲ୍ଲିକା ନାଥ ଗାଦି, କେୟାରବାଙ୍କର ନାଥ ମଠ, ପୁନ୍ଦାଳର ମତ୍ସେନ୍ଦ୍ରନାଥ ଗାଦି, ସମସରାର ଲୋହିନାଥ ଗାଳି, ଆଖୁଆ ଦକ୍ଷିଣୀରେ ମୀନନାଥଙ୍କ ଗାଦିରୁ ଏହାର ପ୍ରମାଣ ମିଳେ ।



କିନ୍ତୁ ଏ ଗାଦି ଗୁଡ଼ିକରେ ପୂଜାଭାର ବର୍ତ୍ତମାନ ବ୍ରାହ୍ମଣ ପୂଜକମାନଙ୍କ ହସ୍ତରେ ନ୍ୟସ୍ତ । ଚିତ୍ରୋତ୍ପଳା ତଟରେ ବୈଷ୍ଣବ ଧର୍ମର ମଧ୍ୟ ସମୃଦ୍ଧି ଓ ବିକାଶ ହୋଇଥିଲା । ଓଡ଼ିଶାର ପଞ୍ଚସଖା ସାଧକମାନଙ୍କର ଅଧିକାଂଶ କୃତିରେ ଚିତ୍ରୋତ୍ପଳା ନଦୀର ଆଧ୍ୟାତ୍ମିକ ଗୁରୁତ୍ୱ କଥା ବର୍ଣ୍ଣିତ । ଏ ଅଞ୍ଚଳରେ ସନ୍ଥ କବି ଅଚ୍ୟୁତାନନ୍ଦଙ୍କ ଜନ୍ମ, ଡେମାଳ ଆଶ୍ରମରେ ଜ୍ଞାନ ମିଶ୍ରା ଭକ୍ତି ମାର୍ଗର ପ୍ରସାର ଇତ୍ୟାଦି ଘଟଣାରୁ ଏହା ପ୍ରମାଣିତ ହୁଏ ।

୧.୫ ଚିତ୍ରୋତ୍ପଳା ତଟବର୍ତ୍ତୀ ଅଂଚଳରେ ପାଳିତ ହେଉଥିବା ପର୍ବପର୍ବାଣୀ, ପାଲା ଯାତ୍ରା ସାଂସ୍କୃତିକ ବିକାଶର ଅନ୍ୟତମ ସୂତ୍ର । ବଡ଼ମାଳର ରାସୋତ୍ସବ, ଅଚ୍ୟୁତାନନ୍ଦଙ୍କ ଜନ୍ମ ଉତ୍ସବ, ଅଚ୍ୟୁତାନନ୍ଦଙ୍କ ମହାପ୍ରୟାଣ ଉତ୍ସବ, ମାଘସପ୍ତମୀ- କୁନ୍ଦାନଗରୀରେ ସୂର୍ଯ୍ୟ ଦର୍ଶନ, କଳାବୁଦାର ବାରୁଣୀ ପର୍ବ, ମହାଶିବରାତ୍ରୀ, ଗରଦପୁରର ରଥଯାତ୍ରା, ଦୋଳ ଦଶମୀ- ଗୋପାଳଙ୍କ ଓଗାଳ, ବେଣୀରାମପୁରର ତ୍ରିବେଣୀ ସ୍ନାନ, ନମସପୁରର ଶାମ୍ବଦଶମୀ ବଟେଶ୍ୱରରେ ମକର ସଂକ୍ରାନ୍ତି ମହୋତ୍ସବ ଏ ଅଂଚଳର ସାଂସ୍କୃତିକ ବିକାଶର ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା କରେ ।

ଅଚ୍ୟୁତାନନ୍ଦଙ୍କ ସମୟରୁ ଆଜିଯାଏ ପ୍ରତିବର୍ଷ ଆଶ୍ୱିନ ମାସ ଦଶମୀ ଠାରୁ କୁମାର ପୂର୍ଣ୍ଣିମା ଯାଏଁ ରାସୋତ୍ସବ ମହା ଆଡ଼ମ୍ବରରେ ପାଳନ କରାଯାଏ । ସନ୍ଥ କବି ଅଚ୍ୟୁତା ଶାରଳାଙ୍କ ପୀଠରୁ ଏହି ରାସଯାତ୍ରା ପ୍ରଥମେ ଆରମ୍ଭ କରିଥିଲେ । 'ବରଣ ଚରିତ' ପୋଥି ଅନୁଯାୟୀ ବାରଜଣ ଶିଷ୍ୟଙ୍କ ସାହାଯ୍ୟରେ ସେ ସର୍ବତ୍ର ଏହାର ପ୍ରଦର୍ଶନ କରାଇଥିଲେ । ନେମାଳ ଆଶ୍ରମକୁ ବୃନ୍ଦାବନ ବୋଲି ପରିକଳ୍ପନା କରି ଏଠାରେ ଯେ ରାଧା-କୃଷ୍ଣଙ୍କର ରାସଲୀଳା ନିତ୍ୟ ସଂଗଠିତ ହେଉଛି ବୋଲି ପରିକଳ୍ପନା କହିଥିଲେ ।

ଅଚ୍ୟୁତାନନ୍ଦଙ୍କ ଜନ୍ମୋତ୍ସବ ମାଘ ମାସ ଶୁକ୍ଳ ଏକାଦଶୀ ତିଥିରେ ହୋଇଥିବାରୁ ଏହି ଦିନଟିକୁ ଉଭୟ ନେମାଳ ଓ ତିଳକଣାରେ ମହାସମାରୋହରେ ପାଳନ କରାଯାଏ । ଦୁଇଟିଯାକ ସ୍ଥାନରେ ଅଷ୍ଟପ୍ରହର ନାମଯଜ୍ଞର ଆୟୋଜନ କରାଯାଏ । ଯେଉଁମାନେ ଏହି ନାମ ସଂକୀର୍ତ୍ତନରେ ଯୋଗ ଦେବା ପାଇଁ ସେମାନେ ସାଙ୍ଗରେ ପନିପରିବା, ଚାଉଳ, ଘିଅ, କ୍ଷୀର, କଦଳୀପତ୍ର ଆଣିଥାଆନ୍ତି । "ଭଦନିପଇ ଗୌର ରାଧେଶ୍ୟାମ, ଜପ ହରେକୃଷ୍ଣ ହରେରାମ" ଧ୍ୱନିରେ ଚତୁର୍ଦ୍ଦିଗ କମ୍ପି ଉଠୁଥାଏ ।

ଜନ୍ମ ଉତ୍ସବ ଭଳି ଅଚ୍ୟୁତଙ୍କ ମହାପ୍ରୟାଣ ଉତ୍ସବ ମଧ୍ୟ ପ୍ରତିବର୍ଷ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ନେମାଳ ଠାରେ ପାଳନ କରାଯାଏ । ସାରାରାତି ଭକ୍ତମାନେ ଚିତ୍ରୋତ୍ପଳା ନଈ ବାଲିରେ ଖଞ୍ଜଣି ବଜାଇ ଅଚ୍ୟୁତଙ୍କ ଭଜନ ଗାନ କରନ୍ତି । ଏ ଅଞ୍ଚଳ ବାସୀଙ୍କର ବିଶ୍ୱାସ ଏହି ଦିନ ସ୍ୱୟଂ ପ୍ରଭୁ ଜଗନ୍ନାଥ ନେମାଳରେ ବିଜେ କରନ୍ତି ।

ନାମଣପୁର ଗ୍ରାମ ପାଖରେ ଅବସ୍ଥିତ କୁଦା ନଗରୀରେ ମାଘ ସପ୍ତମୀ ମହା ସମାରୋହରେ ପାଳିତହୁଏ । ଏହି ଦିନ ଚିତ୍ରୋତ୍ପଳାରେ ସ୍ନାନ କରି ଉଦିତ ସୂର୍ଯ୍ୟଙ୍କର ନିରାଜନାରେ କରାଯାଏ ।

ପୁଣ୍ୟତୋୟା ଚିତ୍ରୋତ୍ପଳାର କଳାବୁଦା ଠାରେ ବାରୁଣୀ ସ୍ନାନ କରି ଭକ୍ତମନେ ମହାଦେବ ଦର୍ଶନ କରନ୍ତି । ଏହି ବାରୁଣୀ ସ୍ନାଯୋଗ ଯଦି ଶନିବାରରେ ପଡ଼େ ତେବେ ତାହାକୁ 'ମହାବାରୁଣୀ' କୁହାଯାଏ । ଏହି ବାରୁଣୀ ଯାତ୍ରାର ଆଉ ଏକ ଆକର୍ଷଣ ହେଉଛି ଏଠାରେ ମିଳୁଥିବା ବାରୁ କାର୍ଯ୍ୟ ପୂର୍ଣ୍ଣ ମାଠିଆ ।

ଚିତ୍ରୋତ୍ପଳା ତଟବର୍ତ୍ତୀ ଅଂଚଳରେ ବହୁ ସଂଖ୍ୟାରେ ଶିବ ମନ୍ଦିର ଦେଖିବାକୁ ମିଳେ । ଚିକନପୁରର କାମେଶ୍ୱର ମହାଦେବ ତନ୍ମଧ୍ୟରୁ ଅନ୍ୟତମ । ଏଠାରେ ମହାଦେବ ମନ୍ଦିରରେ ପୂଜା ନପାଇ ଖୋଲା ଆକାଶ ତଳେ ପୂଜା ପାଉଛନ୍ତି । ପ୍ରତିବର୍ଷ ଜାଗର ଦନ ଏଠାରେ ମହାସମାରୋହରେ ଯଜ୍ଞ କରାଯାଏ ।

ତିବନପୁରର ପାଖାପାଖି ଗାଁ (ଜିରାଳ, ପୁନ୍ଦାଳ, ପନ୍ଦିଆ, ଜଗନ୍ନାଥପୁର) ଗ୍ରାମବାସୀମାନେ ଯଜ୍ଞର ସମସ୍ତ ଖର୍ଚ୍ଚ ବହନ କରନ୍ତି । ଏଠାରେ ତିନିରାତି ଯାତ୍ରାହୁଏ । ତାପରଦିନ ରାତିର ପ୍ରଥମ ପ୍ରହରରେ କାମେଶ୍ୱର ମହାଦେବଙ୍କୁ କ୍ଷୀରରେ, ଦ୍ୱିତୀୟ ପ୍ରହରରେ ଦହିରେ ଓ ତୃତୀୟ ପ୍ରହରରେ ମହୁରେ ସ୍ନାନ କରାଇ ପୂଜା କରିଥାଆନ୍ତି ।

ଚିତ୍ରୋତ୍ପଳା ନଦୀ ତଟରେ ଗରଳପୁର ଗାଁରେ ମଧ୍ୟ ଜଗନ୍ନାଥଙ୍କର ରଥଯାତ୍ରା ବେଶ୍ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରାଯାଏ । କେନ୍ଦ୍ରାପଡ଼ାର ନରେନ୍ଦ୍ର ବଂଶଧର ରାମ ଗୋବିନ୍ଦ ଜଗଦେବ ଏଠାରେ ଜଗନ୍ନାଥ ମନ୍ଦିର ନମାଣ କରି ତିନି ଠାକୁରଙ୍କୁ ସ୍ଥାପନା କରିଥିଲେ । ବଳଦେବ ଜୀଉଙ୍କ ପରି ଏଠାରେ ମଧ୍ୟ ଗୋଟିଏ ରଥ ତିନିଠାକୁରଙ୍କ ପାଇଁ ତିଆରି ହୁଏ ।

ଚିତ୍ରୋତ୍ପଳା ତଟସ୍ଥ ନଗସପୁର ଗାଁରେ ସୂର୍ଯ୍ୟପୂଜା ଶାମ୍ବଦଶମୀ ଠାରୁ ତିନିଦିନ ଯାଏ କରାଯାଏ । ପଥମେ ନଗସପୁର ଗାଁରେ ଶାମ୍ବଦଶମୀ ପୂର୍ବଦିନ ରାତି ବାରଟା ଠାରୁ ଆରମ୍ଭ ହୋଇ ଯାତ୍ରା ଶାମ୍ବଦଶମୀ ଦିନ ରାତ ବାରଟା ଯାଏ ଚାଲେ । ପାଳଦା ଠାରେ ଶାମ୍ବଦଶମୀ ଦିନରାତି ୧୨ଟାରୁ ଯାତ୍ରା ଆରମ୍ଭ ହୋଇ ଏକାଦଶୀ ଦିନ ୧୨ଟା ଯାଏ ଚାଲେ । ଚାରିରକବାରେ ଥିବା ସାତ ଭଉରୀ ଠାକୁରାଣୀଙ୍କ ପାଖରେ ଶାମ୍ବଦଶମୀ ପରଦିନ (ଏକାଦଶୀଦିନ) ରାତି ୧୨ଟାରୁ ଆରମ୍ଭ ହୋଇ ଦ୍ୱାଦଶୀ ଦିନ ରାତି ୧୨ଟା ଯାଏ ଯାତ୍ରା ଚାଲେ । ତିନିଦିନର ଏହି ଯାତ୍ରାକୁ ବ୍ରତ କୁହାଯାଏ ।

ବଟେଶ୍ୱର ଗାଁର ଭଗବତି ଓ ଶଙ୍କରେଶ୍ୱର ପୀଠରେ ପ୍ରତିବର୍ଷ ମକର ସଂକ୍ରାନ୍ତି ଦିନ ମକର ମେଳା ଅନୁଷ୍ଠିତ ହୁଏ । ଆଖପାଖ ଅଂଚଳର ଶତାଧିକ ଲୋକ ଏହି ମେଳାରେ ଯୋଗ ଦିଅନ୍ତି ।

### ୧.୬: କାବ୍ୟ କବିତା ଓ ମହାକାବ୍ୟରେ ଚିତ୍ରୋତ୍ପଳା

ସଂସ୍କୃତ କାବ୍ୟ ସାହିତ୍ୟରେ ମହାନଦୀକୁ 'ଚିତ୍ରୋତ୍ପଳା' ଭାବରେ ଆଖ୍ୟାୟିତ



କରାଯାଇଛି । ମାତ୍ର ଆଦିକବି ସାରଳା ଦାସ ମହାଭାରତରେ ମହାନଦୀ ଓ ଚିତ୍ରୋତ୍ପଳା ମଧ୍ୟରେ ଅଭେଦତ୍ୱ ଦର୍ଶାଇଛନ୍ତି । ମଧ୍ୟପର୍ବରେ ଚିତ୍ରୋତ୍ପଳା ନଦୀର ଉତ୍ତର ଦିଗରେ, ଅବସ୍ଥିତ କନକପୁର ଗାଁ (ଯାହା କବିଙ୍କର ଜନ୍ମସ୍ଥାନ) ଏବଂ କବିଙ୍କର ଅନୁଜ ପରଶୁରାମଙ୍କ କଥା ଉଲ୍ଲେଖ କରିଛନ୍ତି ।

"ଚିତ୍ର ଉତ୍ପଳା ନଦୀର ଉତ୍ତର ଯେ ଠଣା
ଝଙ୍କଡ଼ପୁର ନାମରେ ବସଇ ପାଟଣା
କନକପୁର ପାଟଣା ଘର ପର୍ଶୁରାମ
ତାର ଅନୁଜ ଶାରଳା ଦାସ ମୋର ନାମ ।"

**(ସାରଳା ମହାଭାରତ-ମଧ୍ୟପର୍ବ ସାଂସ୍କୃତିକ ବ୍ୟାପାର ବିରାମ)**

ଶାନ୍ତି ପର୍ବରେ ଭୀଷ୍ମଙ୍କର ପିଣ୍ଡ ଦହନ ପ୍ରସଙ୍ଗରେ ଯୁଧିଷ୍ଠିର ଅପୋଡ଼ା ଭୂଇଁର ସନ୍ଧାନ ଚିତ୍ରୋତ୍ପଳା ନଦୀ କୂଳରେ ପାଇଥିଲେ ବୋଲି ବର୍ଣ୍ଣନା କରାଯାଇଛି ।

"ଓଡ଼ରାଷ୍ଟ୍ର ମଣ୍ଡଳେ ଚିତ୍ରୋତ୍ପଳା ନଦୀ କୂଳେ
ପାରେଶ୍ୱର, ଲିଙ୍ଗ ଅଛି ଅପୋଡ଼ା ଭୂମିରେ ।

**(ବିରାଟପର୍ବ-ପୃ.୭୦୯, ସାଂସ୍କୃତିକ ବ୍ୟାପାର ବିଭାଗ)**

ଚିତ୍ରୋତ୍ପଳା କୂଳରେ ଥିବା ବିଶେଶ୍ୱର ପୀଠର ମହିମା ବର୍ଣ୍ଣନା ମଧ୍ୟ ମହାଭାରତର ସ୍ୱର୍ଗାରୋହଣ ପର୍ବରେ କରାଯାଇଛି ।

"କଳିଯୁଗ ବାନ୍ଧିଥିଲେ ଯେଉଁ ବନସ୍ତରେ
କଳକଳା ଗଡ଼ ବୋଲି ହୋଇଲା ସେଠଣରେ ।
ତହୁଁ ଚଳିଲେ ପାଣ୍ଡବ ହୋଇ ହୃଷ୍ଟମତି
ଚିତ୍ରୋତ୍ପଳା ନଦୀ ତୀରେ ବିଶେଶ୍ୱର ପୂଜି
ଅମ୍ବର ଲିଙ୍ଗ ଦର୍ଶନେ ବହୁ ତୋଷ ଭଜି ।
ପ୍ରବେଶ ହୋଇଲେ ଯାଇ ଏକାମ୍ବର ତୀର୍ଥେ
ବିନ୍ଦୁ ହ୍ରଦେ ସ୍ନାନ କରି ଦେଖି ବିଶ୍ୱନାଥେ ।"

ଜଗମୋହନ ରାମାୟଣର ଆରଣ୍ୟକ କାଣ୍ଡରେ ମଧ୍ୟ ଚିତ୍ରୋତ୍ପଳା ନଦୀ ସଂପର୍କରେ ବର୍ଣ୍ଣନା କରାଯାଇଛି । ବନବାସ ସମୟରେ ଚିତ୍ରୋତ୍ପଳା ନଦୀର ସୌନ୍ଦର୍ଯ୍ୟ ଦେଖି ସୀତା ବିମୋହିତ ହୋଇ ରାମଚନ୍ଦ୍ରଙ୍କୁ ଚିତ୍ରୋତ୍ପଳା ସଂପର୍କରେ ଜାଣିବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ରାମଚନ୍ଦ୍ର ଏହାର ପବିତ୍ରତା ସଂପର୍କରେ ବର୍ଣ୍ଣନା କରିବା ସହ ବ୍ରହ୍ମା ଏହାର ସୃଷ୍ଟିକର୍ତ୍ତା ବୋଲି ରାମଚନ୍ଦ୍ର କହିଛନ୍ତି । ଚିତ୍ରୋତ୍ପଳାର ପବିତ୍ରତା ସଂପର୍କରେ ଶୁଣିବା ପରେ ସୀତା ପରମ ସନ୍ତୋଷ ଲାଭ କରିବା ସହ ସ୍ନାନ ତର୍ପଣ କାର୍ଯ୍ୟ ସମାପନ କଲେ ।

"ଚିତ୍ରୋତ୍ପଳା ନଦୀର କୂଳରେ ପ୍ରବେଶ
ବିସ୍ତାର ନଦୀ ଦେଖିଣ ଜାନକୀ ହରଷ
ଶ୍ରୀରାମ ବୋଇଲେ ଚିତ୍ର ଉତ୍ପଳା ଯାର ନାମ
ସକଳ ନଦୀମାନଙ୍କ ଏହୁ ଯେ ପରମ
ଏ ନଦୀ ବିଧାତା ପ୍ରଥମେ ଜାତକଲା
ଏ ନଦୀର ଦୁଇମୁଖ ବ୍ରହ୍ମା ଭିଆଇଲା
ପୂର୍ବରୁ ଏକ ମୁଖେ ଆସଇ ପୁଣ ବହି
ଜମ୍ବୁଦ୍ୱୀପ ମଧ୍ୟରୁ ପଶ୍ଚିମ ମୁଖେ ଯାଇ ।
ନଦୀର ଅନେକ ପୁତ୍ର ଯେ ଦୁହିତା
ଦୁଇକରେ ଏହାର ବହୁତ ଅଛି ସ୍ରୋତା
ଶୁଣିଣ ଜାନକୀ ଯେ ପରମ ତୋଷ ହେଲେ
ତିନିଜଣ ନଦୀରେ ସ୍ନାନ ପାଇଁ କଲେ ।"

**(ଦାଣ୍ଡି ରାମାୟଣ-ବଳରାମ ଦାସ, ପୃ-୬୯), ସଂଗ୍ରହ-ତାରେଶ୍ୱର ଚୌଧୁରୀ, ଧର୍ମଗ୍ରନ୍ଥ ଷ୍ଟୋର)**

ଯଶୋବନ୍ତ ଦାସଙ୍କ ମାଳିକାରେ ମଧ୍ୟ ଚିତ୍ରୋତ୍ପଳାର ମହିମା ବର୍ଣ୍ଣନା କରାଯାଇଛି ।




*We Make*

• Etching • Beveling • H-Polish • Designers Glass
• Colour Etching • Hi-Polish Etc. • Decorative Mirror







## MIRROR HOUSE

Plot No.-19, Rebati Nagar, Near Odiani Dhaba, Cuttack-Puri N.H., Bi-pass Road,
Bhubaneswar - 751002, Mob.: 9861150065, 9040483341, Email: shankar198611@gmail.com



"ଚିତ୍ରୋତ୍ପଳା ବୋଲିଣ ଯେବଣ ନଈ
ମହାନଦୀରୁ ସେ ଆସୁଛି ବହି
ସେ ନଦୀ ତଟରେ ଅଛନ୍ତି ମୁନ
ଭଗବତୀ ଦୁର୍ଗା ଶବଦ ଘେନି
ଚିତ୍ରୋତ୍ପଳା ତଟେ ମାହାଳ ବନ
କାଠହାରି ବୋଲି ଯେବଣ ଗ୍ରାମ
ମାହାଳ ବନ ଯେ ଗୁପତ ସ୍ଥାନ
ଯୋଗ ସାଧୁଥିବେ ସେ ମୁନିଗଣ
ସେହି ନଦୀତଟ ଉପରେ ଦୋଡି
ଆଡୋଡ଼ା ବୋଲିଣ ଗ୍ରାମ ଏକଟି ।

**(ମାଳିକା-ଯଶାବନ୍ତ ଦାସ, ପୃ-୯, ରତ୍ନାକର ସାହୁ)**

ଚିତ୍ରୋତ୍ପଳା ନଦୀର ମାହାତ୍ମ୍ୟ ଜଗନ୍ନାଥ ଦାସଙ୍କ 'ଭକ୍ତି ଚନ୍ଦ୍ରିକା'ରେ ମଧ୍ୟ କରାଯାଇଛି । ବର୍ତ୍ତମାନ ଆଧୁନିକ ସମୟଖଣ୍ଡରେ କାବ୍ୟ କବିତାରେ ଚିତ୍ରୋତ୍ପଳାର ନଦୀର ମାହାତ୍ମ୍ୟ ଜଗନ୍ନାଥ ଦାସଙ୍କ 'ଭକ୍ତି ଚନ୍ଦ୍ରିକା'ରେ ମଧ୍ୟ କରାଯାଇଛି । ବର୍ତ୍ତମାନ ଆଧୁନିକ ସମୟ ଖଣ୍ଡରେ କାବ୍ୟ କବିତାରେ ଚିତ୍ରୋତ୍ପଳାର ମାହାତ୍ମ୍ୟ କିପରି ବର୍ଣ୍ଣିତ ହୋଇଛି ସେ ପ୍ରସଙ୍ଗରେ ଆଲୋଚନା କରିବା ।

କବିବର ରାଧାନାଥ ରାୟ 'ଦରବାର' କାବ୍ୟରେ ପଣ୍ଡିତ ଚନ୍ଦ୍ରଶେଖରଙ୍କ ପାଣ୍ଡିତ୍ୟ ଓ ବ୍ୟକ୍ତିତ୍ୱକୁ ଚିତ୍ରୋତ୍ପଳାର ସ୍ୱଚ୍ଛତା ଓ ପବିତ୍ରତା ସହିତ ତୁଳନା କରିଛନ୍ତି । ଚନ୍ଦ୍ରଶେଖର ଚିତ୍ରୋତ୍ପଳା ନଦୀର ଜଳପରି ପବିତ୍ର ଜ୍ଞାନର ଅଧିକାରୀ । ତେଣୁ ସେ କାହିଁକି ମଇଁଷି ମର୍ଦ୍ଦିତ ପୋଖରୀ ସଦୃଶ ବ୍ୟଭିଚାରଗ୍ରସ୍ତ ଓ ଛଳନାପୂର୍ଣ୍ଣ ରାଜସଭାକୁ ଆମନ କରିବେ କବିଙ୍କର ବର୍ଣ୍ଣନାଟି ଏହିପରି:

"ମଣ୍ଡି ଅଛି କିମ୍ବା ଆସି ସଭାଘର
ଉତ୍କଳ ଶେଖର ହେ ଚନ୍ଦ୍ରଶେଖର
ଚିତ୍ରୋତ୍ପଳା ନୀର-ପାୟୀ କି ଆଶାରେ
ପଶିଲ କାସର- ସେବିତ କାସାରେ ?

**(ଦରବାର-ରାଧାନାଥ ରାୟ ପୃ-୨୬୩, କ୍ଷେତ୍ରବାସୀ ନାୟକ)**

ନନ୍ଦିକେଶ୍ୱରୀ କାବ୍ୟରେ ପବିତ୍ର ଚିତ୍ରୋତ୍ପଳା ନଦୀର ବର୍ଣ୍ଣନା ସାଙ୍ଗକୁ ଏହାରୀ ବଳରେ ମା' ଭଗବତୀଙ୍କର ଅଭିଷେକରେ ଲାଗି ହୁଏ । ଏ ସମ୍ପର୍କରେ ବର୍ଣ୍ଣନା ପ୍ରଦତ୍ତ ।

"ଅସୁର ଶ୍ୱର ଈଶ୍ୱର ଯହିଁ ରକ୍ତପାନ
ନିତ୍ୟକରେ ଚଣ୍ଡୀ ତୃଷାର୍ତ୍ତ କୃପାଣ ।
ଶାଳିପୁର ଯହିଁ ଚିତ୍ରୋତ୍ପଳା ନୀର
ପୁତ ଅଭିଷେକ ଶ୍ରୀ ଭଗବତୀର ।"

**(ନନ୍ଦିକେଶ୍ୱରୀ-ରାଧାନାଥ ଗ୍ରନ୍ଥାବଳୀ ସ, ବିଜୟଲକ୍ଷ୍ମୀ ଦାଶ)**

ବାମଣ୍ଡା ରାଜା ସାର ବାସୁଦେବ ସୁଢ଼ଳ ଦେବ 'ଚିତ୍ରୋତ୍ପଳା'ର ମହିମା ବର୍ଣ୍ଣନା କରିବାକୁ ଯାଇ କହିଛନ୍ତି 'ଚିତ୍ରୋତ୍ପଳା' ନଦୀ ସାଲେପୁର ଅଂଚଳର ବଟେଶ୍ୱର ଭଗବତୀଙ୍କର ପଦଧୌତ କରି ନିରବଚ୍ଛିନ୍ନ ଭାବରେ ପ୍ରବାହିତ ହେଉଛି । କବିଙ୍କ ବର୍ଣ୍ଣନାରେ:

"କଟକୁ ବାହାରି ବଭ୍ରୁ ଶାଖା ଭୋଇ ଚଳଇ ଉଲ୍ଲାସହିରେ
ଶାଳିପୁର ଯାଇ ହିମବତୀ ପାଦେ ଖଟଇ ଭକ୍ତି ବେଗରେ ।"

**(ଚିତ୍ରୋତ୍ପଳା- ବାସୁଦେବ ମୃଢ଼ଳଦେବ, ବସୁଦେବ, ଗ୍ରନ୍ଥାବଳୀ, ପୃ-୨୭)**

ମଧୁସୂଦନଙ୍କର 'କୁସୁମାଞ୍ଜଳି' ସଂକଳନରେ ଶୋକ ଲହରୀ । କବିତାରେ ଚିତ୍ରୋତ୍ପଳା ପ୍ରସଙ୍ଗର ବର୍ଣ୍ଣନା କରିଛନ୍ତି । ଯଦିଓ କବିତାଟି ସୁଢ଼ଳଦେବତା ମୃତ୍ୟୁ ପରିପ୍ରେକ୍ଷୀରେ ରଚନା କରାଯାଇଛି । କିନ୍ତୁ ପ୍ରସଙ୍ଗକ୍ରମେ ଚିତ୍ରୋତ୍ପଳାର ସୌନ୍ଦର୍ଯ୍ୟ କବିଙ୍କୁ ମୁଗ୍ଧ ବିଭୋର କରିଛି । କବି ଲେଖିଛନ୍ତି:

"ରୁଶର ସଭାବ ରାଜ୍ୟେ ହେ ରସଜ୍ଞ କବି

ଦିସର୍ଗର ସୌନ୍ଦର୍ଯ୍ୟ- ନିଳୟେ
ଆନନ୍ଦେ ବିହରି କେତେ ସୁମନୋଜ୍ଞ ଛବି
ଚିତ୍ରିଲେହେ କବିତା- ନିଶ୍ଚୟେ
ଉତ୍କଳର ସୁରଧ୍ୱନୀ ଉତ୍କଳ- ପାବନୀ
ମହାନଦୀ 'ଚିତ୍ରୋତ୍ପଳା' ଚିତ୍ର
ଶ୍ରୀକରେ- ଚିତ୍ରିଲ ଚିନ୍ତି ଦିବସ ରଜନୀ
ମହାନଦୀ ମଉମା ବିଚିତ୍ର ।"

(କୁସୁମାଞ୍ଜଳି- (ଶୋକଉଉରୀ) ପୃ-୧୭୦, ମଧୁସୂଦନ ଗ୍ରନ୍ଥାବଳୀ)

୧୯୬୦ ମସିହା ପରବର୍ତ୍ତୀ ଓଡ଼ିଆ କବିମାନେ ମଧ୍ୟ ସେମାନଙ୍କ କାବ୍ୟ କବିତାରେ ଚିତ୍ରୋତ୍ପଳାକୁ ସମୁଚିତ ମର୍ଯ୍ୟାଦା ପ୍ରଦାନ କରିଛନ୍ତି । ଏ କ୍ଷେତ୍ରର ପ୍ରଥମେ ଆସକ୍ତି କବି ସୀତାକାନ୍ତ ମହପାତ୍ର । ସୀତାକାନ୍ତଙ୍କ 'ଚିତ୍ରନଦୀ' ସଂକଳନର ପ୍ରେରଣା ଭୂମି ହେଉଛି 'ଚିତ୍ରୋତ୍ପଳା' । ଚିତ୍ରନଦୀ ଚିତ୍ରୋତ୍ପଳାର ପରିଚୟ ପ୍ରଦାନ କରିବାକୁ ଯାଇ କବି ସୀତାକାନ୍ତ 'ଚିତ୍ରନଦୀ' ମୁଖବନ୍ଧରେ କହୁଛନ୍ତି:

"ଶବ୍ଦ ଓ ସଂଗୀତ ସେଇ କୂଳ ଓ ଦୁଇ ସ୍ରୋତର ପତିଆରା । ଖାଲି ସେଇ ସ୍ରୋତରେ ପ୍ରତିଧ୍ୱନି ଶବଳ ଓ ଗୀତ ସେଇଠି ସରେ । ଯୋଉଠି କୂଳ ଆରମ୍ଭ ହୁଏ । ତରଙ୍ଗ ଶେଷହୁଏ କିନ୍ତୁ ଚିତ୍ରନଦୀର ହଂସ ତାର ଖେଳେ, ଖେଳି ବୁଲେ ପାଣିରେ ତାର ନିଜର ଛାଇକୁ ଖୁମ୍ପେ ।" (୯)

କବିଙ୍କର ପ୍ରାଣସତ୍ତା ଏମିତି ହଂସଟିଏ, ଜୀବନ ମୃତ୍ୟୁ ମଧ୍ୟରେ ସହଜରେ ଆତଯାତ କରିପାରୁଥିବା ଏଇ ହଂସ ଚିତ୍ରୋତ୍ପଳାର ନୀଳ ଜଳରାଶିକୁ ଉପଯୁକ୍ତ ସ୍ଥାନ ବୋଲି ଗ୍ରହଣ କରିନେଇଛି । କବି ସତେ ଯେମିତି ଚିତ୍ରୋତ୍ପଳା ସତ୍ତା ସହ ଏକୀଭୂତ । ଏକାତ୍ମ ନହେଲେ କୌଣସି ବସ୍ତୁର ଅନ୍ତଃପ୍ରବେଶ ସମ୍ଭବ ନୁହେଁ । କଳା ଓ ସାହିତ୍ୟ କ୍ଷେତ୍ରରେ ଏହାର ତାତ୍ପର୍ଯ୍ୟ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ । ସୀତାକାନ୍ତ ଭଲ ଭାବେ ଜାଣନ୍ତି ଚିତ୍ରୋତ୍ପଳାକୁ ନିଜର କରି ଦେଖି ନପାରିଲେ ଚିତ୍ରୋତ୍ପଳାରୂପି ଏ ଚିତ୍ର ନଦୀର ସୌନ୍ଦର୍ଯ୍ୟ ତାଙ୍କ ପାଖରେ ଦୁରୂହ ହୋଇ ରହିବ । ବାହାରକୁ ନିଜ ଭିତରେ ସ୍ଥାନ ନଦେଇ ପାରିଲେ ସୌନ୍ଦର୍ଯ୍ୟକୁ ଫୁଟାଇ ହେବ ନାହିଁ । ସେଥିପାଇଁ କବି ସୁଲଭ ସମ୍ବେଦନଶୀଳମନ ନେଇ ଭାଗବତର ବାଣୀ "ସବୁରି ସଂଗେ ସଂଗ ହେବ / ଅନ୍ତରେ ନିରୋଳେ ରହିବ ।" ପରି ସୀତାକାନ୍ତ ଚିତ୍ରୋତ୍ପଳା ସହିତ ନିଜକୁ ଏକାକାର କରିଦେଇଛନ୍ତି । କବି ଦୃଷ୍ଟିରେ ଚିତ୍ରୋତ୍ପଳା ଏପରି ଏକ ନଦୀ ଯେଉଁଠି ଜୀବନର ପ୍ରତ୍ୟେକଟି ପର୍ଯ୍ୟାୟକୁ ଆମେ ତା' ଭିତରେ ଖୋଜିଲେ ପାଇପାରିବା । ଶୈଶବର ସ୍ମୃତି ସହିତ ମଲା ମଣିଶର ଚିତାଭସ୍ମକୁ ମଧ୍ୟ ନିଜ ବାଲି ବକ୍ଷରେ ଚିତ୍ରୋତ୍ପଳା ସାଇତି ରଖିଛି । ପ୍ରତ୍ୟହ ଜୀବନ ଓ ମୃତ୍ୟୁର ଅନୁଭବକୁ ଆଧାର କରି ଚିତ୍ରୋତ୍ପଳା ପ୍ରବଲ୍ୟମାନା ଅଟନ୍ତି ଗତିପଥରେ । ଜୀବନ ଓ ମୃତ୍ୟୁର ଊର୍ଦ୍ଧ୍ୱକୁ ଉଠିବାର ଅନୁଭବ କବି ସୀତାକାନ୍ତଙ୍କ କବି ପଂକ୍ତିରୁ ବାଧ ଜଣାପଡ଼େ ।

"ଶୂନ୍ୟରୁ ଆସିଣ ସେ ଯେ ଶୂନ୍ୟରେ ମୁମ୍ବାଇ
ମୋ ହୃଦୟ କୁଡ଼ିଆର ରୁଦ୍ଧ ବାତାୟନ
ପ୍ରୀତି କାଙ୍ଗାଳୁଣୀ ମନହୁଏ ଭାଇପାଇଁ
ତାକୁ କୋଳେ ଟାଣି ନେଇ
ବୋକ ଦେଇ ଲୁଟି ନେବାପାଇଁ ।" (ପରକୀୟା ଚିତ୍ରନଦୀ-୭୮)

ସୀତାକାନ୍ତଙ୍କ ଚିତ୍ରନଦୀ ଚିତ୍ରୋତ୍ପଳା ଜୀବନର ଆଦି ପର୍ଯ୍ୟାୟରୁ ଆରମ୍ଭ ହୋଇ ରୋମାଣ୍ଟିକ ପ୍ରଣୟ ସାଙ୍ଗକୁ ଜୀବାତ୍ମା ପରମାତ୍ମାଙ୍କର ରହସ୍ୟ ଭିତରେ ବହି ଚାଲିଛି । ଆଧୁନିକ ଓଡ଼ିଆ କବିତାର ଅନ୍ୟତମ ସ୍ରଷ୍ଟା କବି ଦୀପକ ମିଶ୍ରଙ୍କର 'ନିଦାଘ ଯାତ୍ରା' ସଂକଳନରେ ଋକ୍ ୮୦,୮୧,୮୨ କବିତାରେ ଚିତ୍ରୋତ୍ପଳାର ରୂପବର୍ଣ୍ଣନା କରିଛନ୍ତି ।

"ଚିତ୍ରୋତ୍ପଳାର
ନୀଳରଂଗର ପାଦ ଦୁଇଟିକୁ କେହିକେବେ
ଦେଖିଲା ପରି ଦେଖିଛ କି ?
ରାସ ପୂର୍ଣ୍ଣିମା ସଂଜରେ
ଆଞ୍ଜୁଳାଏ ସତ ଆକାଶ ଧରି
ଅଗ୍ନିକୋଣର ମେଘଖଣ୍ଡ କେମିତି
ନଇଁ ଆସେ ଚିତ୍ରୋତ୍ପଳାର
ପାଦବନ୍ଦନା ପାଇଁ ।"

(ଦୀପକ ମିଶ୍ର-ନିଦାଘଯାତ୍ରା-ଋକ୍-୮୦, ପୃ୧୮-୧୯)

"ବାୟୁରେ ବାୟୁରେ
ବୁଲୁଥିବା
ନିଷ୍କାମ ଆତ୍ମାର ଛାଇ
ଏପରି ଢେଉ ଯେଉଁ
ନଈରେ ଦେଖିବ
ନାଆଁ ତାର ଚିତ୍ରୋତ୍ପଳା ।"

(ଦୀପକ-ନିଦାଘଯାତ୍ରା) ଋକ୍-୮୧, ପୃ-୨୩)



ଏଠାରେ ଏକ ପ୍ରଶ୍ନ ଆସେ ଚିତ୍ରୋତ୍ପଳା ପ୍ରତି କବି କାହିଁକି ଆକୃଷ୍ଟ ହୋଇଛନ୍ତି । କାରଣ ଏହା କବିଙ୍କର ସୃଜନ କାମନାକୁ ପ୍ରଖର କରାଇଛି । ମଧୁପ ଯେପରି ଅନାୟାସରେ ପୁଷ୍ପରେ ମଧୁଚସଂଧାନ କରିଥାଏ । କବି ଦୀପକ ମିଶ୍ର ସେହିପରି ଚିତ୍ରତ୍ପେଳା ନିଭୃତ ଅନ୍ତରାଳରୁ ଅନାୟାସରେ ସୌନ୍ଦର୍ଯ୍ୟକୁ ଉଦ୍‌ଘାଟନ କରିଛନ୍ତି ।

ସମକାଳୀନ କବି ସଦାଶିବ ଦାଶଙ୍କ କବି ପ୍ରାଣକୁ ମଧ୍ୟ  ଚିତ୍ରୋତ୍ପଳା ବହୁ ଭାବରେ ପ୍ରଭାବିତ କରିଛି । କାରଣ କବିଙ୍କର ଜନ୍ମ ଚିତ୍ରୋତ୍ପଳା  ତୀରସ୍ଥ ବାଟେଶ୍ୱର ଗ୍ରାମ । ତେଣୁ ଚିତ୍ରୋତ୍ପଳାର ସୌନ୍ଦର୍ଯ୍ୟ , ବସ୍ତୁ, ଭାବାନୁଭବ ଯାହାକୁ କବି ନବ କୈଶୋର ଜୀବନର କର୍ମ ଚଞ୍ଚଳତା ମଧ୍ୟରେ ବହୁବାର ଦେଖି ଆସିଛନ୍ତି । ତେଣୁ କବିଙ୍କର ଚିତ୍ରୋତ୍ପଳାକୁ ନେଇ ସ୍ୱଷ୍ଟ କବିତା ହେଉଛି ବଳିଷ୍ଠ ଭାବାନୁଭୂତିର ସ୍ୱତଃସ୍ଫୂର୍ତ୍ତ ଉଦ୍‌ବେଳନ । ପାରା ବିଜନ ମୁହୂର୍ତ୍ତରେ ଲବ୍‌ଧ ସଂଗୃହୀତ ସଂବେଗରୁ ସଂଦାତ । ଚିତ୍ରୋତ୍ପଳାରେ ଗୁଡ଼ିଉଡ଼ା କବିତାରେ କବି କହନ୍ତି:-

"ଆମ ଗାଁ ଚିତ୍ରୋତ୍ପଳାବାଲିରେ
ଗୁଡ଼ି ଉଡ଼ାଇବା ଲାଗୁଥିଲା
ବାଲି ଶେଯରେ ଗୁଡ଼ି ହୋଇ ଉଡୁଛି
ଆମନିଆଁ କୈଶୋରର ଫୁଲା ଫାଙ୍କିଆ ମନ
ଶଙ୍ଖଧ୍ୱନୀ କରୁଥିବା ଶୁଖୁଆ ବୁଢ଼ାର ନାଦ
ଆଳତୀରେ ବଳୁଥିବା ଠାକୁରାଣୀଙ୍କର ଦପ୍‌ଦପ୍ ଆଖି । (ଚିତ୍ରୋତ୍ପଳାରେ ଗୁଡ଼ିଉଡ଼ା, ମଧ୍ୟାହ୍ନ, ସଂପାଦନା- ବିଜୟଲକ୍ଷ୍ମୀ ଦାଶ)

କବିଙ୍କ ପାଇଁ ଚିତ୍ରୋତ୍ପଳା-ଚିତ୍ରା, ଚିତ୍ରାୟନୀ, ଚିତ୍ରାଙ୍ଗଦା, ଚିତ୍ରେଶ୍ୱରୀ । ଚିତ୍ରୋତ୍ପଳାକୁ ନେଇ କବି ଯାହା ଅନୁଭବ କରିଛନ୍ତି, ତାହାକୁ ସ୍ୱଶୈଳୀରେ କବିତାରେ ପ୍ରାଣ ପ୍ରତିଷ୍ଠା କରିବାକୁ ସକ୍ଷମ ହୋଇଛନ୍ତି । କବି ଦୃଷ୍ଟିରେ ଚିତ୍ରୋତ୍ପଳା ସୌନ୍ଦର୍ଯ୍ୟ ଓ ଆନନ୍ଦର ଏକ୍ରକାର ଘେନାଘେନି ଭାବ । ଏହାକୁ ଦେଖି ଦେଖାଇବାର, ଉପଲବ୍ଧି କରାଇବା ଉଭୟର ମତ୍ତାର୍ଘତା । ଚିତ୍ରୋତ୍ପଳାର ସୌନ୍ଦର୍ଯ୍ୟ କବିଙ୍କୁ ଚିରସ୍ଥାୟୀ ସହ ଏକ ଶାନ୍ତ ସମାହିତ ଅବସ୍ଥା ଦାନ କରିଥାଏ । ସେଥିପାଇଁ କବିଙ୍କ ଚିତ୍ରୋତ୍ପଳା:-

"ତୁଇ ସେ ହୃଦୟ ନଦୀ
ସୁଭାସିନୀ....ଶବଦାତ୍ରୀ ସୃଜନ କଳ୍ପନା
ଦୁଇ ସେ ଜୀବନନଦୀ
ସୁକାମିନୀ..ସୃଷ୍ଟିଶୀଳା...ପ୍ରଜ୍ଞା ଓ କରୁଣା । (ନଈକୂଳ ଗାଁ- ସଦାନନ୍ଦ ଦାଶ)

ତେଣୁ ଏଠାରେ ସ୍ୱଷ୍ଟହୁଏ 'ଚିତ୍ରୋତ୍ପଳା' କେବଳ ନଦୀ ଭାବରେ ନୁହେଁ ବରଂ ଏକ ଚେତନା ଭାବରେ କବି-ଲେଖକମାନଙ୍କୁ ପ୍ରଭାବିତ କରିଛି ।

୧.୭ ବିବିଧ ସଂସ୍କାର କର୍ମ ସହ ଚିତ୍ରୋତ୍ପଳା ଜଡ଼ିତ । ଚିତ୍ରୋତ୍ପଳାକୁ ଗଂଗା ନଦୀର ଆରୋପ କରାଯାଇ ଏହାକୁ ପବିତ୍ରତମ ନଦୀ ଭାବେ ପୂଜା କରାଯାଏ । ଚିତ୍ରୋତ୍ପଳାର ପବ୍ରିତ ଜଳରେ ବାରୁଣଈ ସ୍ନାନ ଦିନ ବିବାହ ଓ ବ୍ରତୋପନୟନରେ ବ୍ୟବହୃତ ହୋଇଥିବା ମୁକୁଟ, ମାଳି ଓ ଫୁଲ ଇତ୍ୟାଦିକୁ ବିସର୍ଜନ କରାଯାଏ । ଚିତ୍ରୋତ୍ପଳା ପବିତ୍ର ବାଲିରେ ଶବଦାହ ମଧ୍ୟ କରାଯାଏ । ଏ ଅଂଚଳରେ ଯେଉଁ ନାରୀମାନେ  ପତିହରା ହୋଇଥାଆନ୍ତି ସେମାନେ ସ୍ୱହସ୍ତର ଶଙ୍ଖାକୁ ଚିତ୍ରୋତ୍ପଳା ବକ୍ଷକୁ ନିକ୍ଷେପ କରନ୍ତି ଓ ମଥାର ସିନ୍ଦୁରକୁ ପୁଣ୍ୟତୋୟା ଚିତ୍ରୋତ୍ପଳାର ଦଳରେ ଧେଶଇ ଦେଇ ଆଗାମୀ ଜନ୍ମରେ ବୈଧବ୍ୟ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ କାମନା କରନ୍ତି ।

୧.୮- ଉପରୋକ୍ତ ଆଲୋଚନାରୁ ସ୍ୱଷ୍ଟ ହୁଏ ଯେ, ଚିତ୍ରୋତ୍ପଳା ନଦୀ ଅବବାହିକା ଅଂଚଳର ଏକ ସାଂସ୍କୃତିକ- ସାମାଜିକ- ରାଜନୈତିକ-ଆଧ୍ୟାତ୍ମିକ ଗୁରୁତ୍ୱ ବହନ କରେ । ନଦୀଟି ମାତ୍ର ପଚାଶ କି.ମି. ପରିବ୍ୟାପ୍ତ । କିନ୍ତୁ ଆମ ଚେତନାରେ ଦେବୀ ସ୍ୱରୂପା । ନଦୀର ତଟ-ସବୁଜ ବୃକ୍ଷରେ ଆଚ୍ଛାଦିତା । ଓଡ଼ିଶାର କଳା-ସଂସ୍କୃତିକୁ ଏହାର ଅବଦାନ ଅତୁଳନୀୟ । ସାରଳା ଦାସଙ୍କ ମହାଭାରତ, ଅଚ୍ୟୁତାନନ୍ଦଙ୍କ ରଚନାବାଳୀ ଗୁଡ଼ିକର ନାମ ସଗୌରବେ ନିଆଯାଇପାରେ । ନୃତ୍ୟଗୀତ ଓ ଲୋକନାଟକ ଭାବେ ଏଠାକାର ପାଟୁଆ ନାଚ, କାଳିକା ନାଚର ସ୍ୱାତନ୍ତ୍ର୍ୟ ରହିଛି । ଯାତ୍ରା ଓ ପାଲା ସଂସ୍କୃତିକୁ ମଧ୍ୟ ଏହି ନଦୀ ତଟବର୍ତ୍ତର ଅଂଚଳର ଅବଦାନ ଉଲ୍ଲେଖଯୋଗ୍ୟ । ଯାତ୍ରାଦଳ ଭାବେ ବେଣୀରାମପୁର, ନଗସପୁର, ଉତ୍ତରକୂଳର ନାମ ଓଡ଼ିଶା ଖ୍ୟାତ । ଯଜ୍ଞ, ରାହାସ, ମେଳା  ମହୋତ୍ସବଭଳି ପାରମ୍ପରିକ ପୂଜା ପର୍ବକୁ ଦେଇ ଚିତ୍ରୋତ୍ପଳା ତଟବର୍ତ୍ତୀ ଅଂଚଳ ସଦା ଚଳଚଞ୍ଚଳ । ମଠ, ମନ୍ଦିର, ଗାଦି ସାଂଗକୁ ବୈଷ୍ଣବ ଧର୍ମର ଜ୍ଞାନ ମିଶ୍ରା ଭକ୍ତି ଭାବର ପ୍ରଚାର ଓ ପ୍ରସାର ନିମନ୍ତେ ଏ ଅଂଚଳର ଅବଦାନ ପ୍ରମାଣିତ । ହରିଚନ୍ଦନପୁର ଠାରେ ଚିତ୍ରୋତ୍ପଳା ନଦୀ ଉପରେ ନିର୍ମିତ ଭାରତର ସର୍ବ ବୃହତ ଅଣ୍ଡର ଗ୍ରାଉଣ୍ଡ ବ୍ୟାରେଜ୍ ସାଙ୍ଗକୁ ଲୁଣା ଚିତ୍ରୋତ୍ପଳାର ମିଳନସ୍ଥଳରେ ନଦୀକୂଳରେ ତିଆରି ହୋଇଥିବା ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସୁନ୍ଦର ଆଶ୍ରମ ମଧ୍ୟ ଓଡ଼ିଶାର ସର୍ବବୃହତ । ସାରଳା ଦାସଙ୍କ ଠାରୁ ଆରମ୍ଭ କରି ଅଚ୍ୟୁତାନନ୍ଦ, ଆଧୁନିକ କାଳର କବି ସୀତାକାନ୍ତ, ସଦାଶିବ, ସରୋଜରଂଜନ, ଗିରୀଶ, ଅପର୍ଣ୍ଣା ପ୍ରମୁଖ ସାହିତ୍ୟ ସ୍ରଷ୍ଟାଙ୍କର ଜନ୍ମ ଚିତ୍ରୋତ୍ପଳା ତଟବର୍ତ୍ତର ଅଂଚଳ । ପରିଶେଷରେ ଏ ପବିତ୍ର ନଦୀ ଚିତ୍ରୋତ୍ପଳା ଉଦ୍ଦେଶ୍ୟରେ ମୋର ଶ୍ରଦ୍ଧା ସମର୍ପଣ ବ୍ୟକ୍ତ କରୁଛି ନିମ୍ନ ପଂକ୍ତି ମାଧ୍ୟମରେ:-

"ଚିତ୍ରୋତ୍ପଳା
ମୁକ୍ତାଭାରଟିଏ ପରି ଚକ୍‌ଚକ୍ କରେ
ସକାଳର ଖରାରେ
ବାକୀ ଆୟୁଷର ଦିନ ତୋସଂଗେ
କଟିବ ବୋଲି
ମିଳିଯାଇଛି ପଟ୍ଟା ଓ ପାଉତି
ଯିଏ ମୋତେ ସମୁଦ୍ର ସହ
ମୋ ଆତ୍ମାକୁ ପରମାତ୍ମା ସହ
ମିଶେଇ ଦେବାକୁ ଦେଇଛି
ପ୍ରତିଶ୍ରୁତି
ସେ ଚିତ୍ରୋତ୍ପଳା, ମୋ ପ୍ରିୟନଈ ଚିତ୍ରୋତ୍ପଳା ।''


## ସହାୟକ ସୂଚୀ ଓ ତଥ୍ୟ ସଂଗ୍ରହ:

୧. ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ, ୧୯୬୯, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ପୃ-୨୯ । ୨. ଶ୍ରୀ ରଘୁନାଥ କର, ବୟସ-୬୦, କଲେଜରୋଡ଼, ସାଲେପୁର (ତଥ୍ୟ ସଂଗ୍ରହ), ତା୧୬/୨/୨୨) । ୩. ଶ୍ରୀ ବିଷ୍ଣୁ ଚରଣ ମିଶ୍ର, ବୟସ-୫୫, ସାଲେପୁର (ତଥ୍ୟ ସଂଗ୍ରହ) (୧୭/୨/୨୨) । ୪. ବଣଭୋଜି ଓ କୁସୁମ କେଳି ସଂପାଦନା, ରତ୍ନାକର ଚଇନି, ବୁକ୍‌ସ୍ ଏଣ୍ଡ୍ ବୁକ୍‌ସ୍, ୧୯୮୧, ପୃ-୨୬ । ୫. ବିଜୟଲକ୍ଷ୍ମୀ ଦାଶ, ଅଧ୍ୟାପିକା, ରେଭେନ୍ସା ବିଶ୍ୱବିଦ୍ୟାଳୟ, ତଥ୍ୟ ସଂଗ୍ରହ-ତା୧୭/୨/୨୨ ।୬. ବିଜୟଲକ୍ଷ୍ମୀ ଦାଶ, ଅଧ୍ୟାପିକା, ରେଭେନ୍ସା ବିଶ୍ୱବିଦ୍ୟାଳୟ ତଥ୍ୟସଂଗ୍ରହତା୧୭/୨/୨୨ । ୭. ସଦାଶିବ ଦାଶ, କବି, ବଟେଶ୍ୱର, ସାଲେପୁର, ବୟସ-୭୫, ତଥ୍ୟ ସଂଗ୍ରହ ୧୭/୨/୨୨ । ୮. ପ୍ରଭାତ ରଂଜନ ଦାସ, ପାଟକୁରା, ବୟସ-୬୫ବର୍ଷ, ତଥ୍ୟ ସଂଗ୍ରହ-୧୮/୨/୨୨ । ୯. ଚିତ୍ରନଦୀ ମୁଖବନ୍ଧ- ସୀତାକାନ୍ତ ମହାପାତ୍ର


manful Foods
ଛତୁଆ
manful Foods
Mix Chhatua
For Trade Enquiries :- 7325916233

Malaysia Odia Community

# ମହକେ ମାଲେସିଆ



# ମାଲେସିଆ ମାଟିର ମହକ

**ବୀଣାପାଣି ପ୍ରଧାନ**

ସୁଆସନା ସେଣ୍ଟ୍ରାଲ, କଏଲ୍ ସେଣ୍ଟ୍ରାଲ
କୁଆଲାଲମ୍ପୁର, ମାଲେସିଆ

ଫଟୋ ସୌଜନ୍ୟ : ଲେଖିକା

**ଓଡ଼ିଶା ବାହାରେ ରହି ଓଡ଼ିଆ ଅସ୍ମିତାକୁ ବଞ୍ଚାଇ ରଖୁଥିବା କିଛି ଓଡ଼ିଆ ସଂଗଠନର ଭୂମିକା ଅନସ୍ୱୀକାର୍ଯ୍ୟ । ବୃତ୍ତିଗତ କାରଣରୁ ଓଡ଼ିଶା ବାହାରେ ରହୁଥିବା ଓଡ଼ିଆମାନେ ସଂଗଠିତ ହୋଇ ଓଡ଼ିଆ ପରମ୍ପରା, ସଂସ୍କୃତି, ପବପର୍ବାଣିକୁ ଉଜ୍ଜୀବିତ କରିରଖିବାରେ ବେଶ୍ ଆଗୁଆ । 'ରେବତୀ'ରେ ଆମେ ସେପରି କିଛି ସଂଗଠନ ସମ୍ପର୍କରେ ଆଲେଖମାନ ପ୍ରକାଶ କରିଥାଉଁ । ଏଥର ସୁଦୂର ମାଲେସିଆରେ ଥିବା ଏକ ଓଡ଼ିଆ ସଂଗଠନ 'ମାଲେସିଆ ଓଡ଼ିଆ କମ୍ୟୁନିଟୀ'କୁ ନେଇ ବୀଣାପାଣି ପ୍ରଧାନଙ୍କ ଏ ପ୍ରତିବେଦନ ।**



◄ ଲେଖିକା ବୀଣାପାଣି ପ୍ରଧାନ

ଓଡ଼ିଆ ଜାତି ପାଇଁ କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ହିଁ ଜୀବନ । ଆମ ପରିଚୟ ଆମେ ବାରବାଟୀ ଦୁର୍ଗରେ ଦେଖୁ, ସ୍ୱପ୍ନିଳ ଚିଲିକାର ଛାତିରେ ମାପୁ, କୋଣାର୍କ କେଦାରଗୌରୀର କଳାକୃତିରେ ତଉଲୁ, ନୀଳ କନ୍ଦରରେ କେବେ ଆବୋରି ଥାଉ, ପୁଣି କେବେ ଖୋର୍ଦ୍ଧାର ଲାଲ ମାଟିରେ ଖୋଜି ବସୁ । ଆମ ମଠ ମନ୍ଦିର, ଆମ ନୃତ୍ୟସଂଗୀତ, ଆମ ସଂସ୍କୃତିର ଚିତ୍ରଚରିତ୍ର ଯେତିକି ଅବର୍ଣ୍ଣନୀୟ ସେତିକି ଅବିଶ୍ୱସନୀୟ । ସତରେ ଉତ୍ତରୁ ଓଡ଼ିଶା ଯେତିକି ଦୂର ଆମ ଇତିହାସ ସେତିକି ଗୌରବମୟ ଓ କଳା ସଂସ୍କୃତି ସେତିକି ରୁଦ୍ଧିମନ୍ତ । ଏହି ଓଡ଼ିଆପଣକୁ ନେଇ ଆମେ ଗର୍ବିତ ଓଡ଼ିଆ, ନିଜ ମାଟି ଠାରୁ ଦୂରେଇ ଗଲା ପରେ ବି ସେହି ମାଟିର ମହକରେ ସଦାସର୍ବଦା ଆର୍ଦ୍ର ।

ଓଡ଼ିଶାରୁ ସୁଦୂର ମାଲେସିଆ ଦେଶରେ ଏହି ଓଡ଼ିଆ ମନର ସଦ୍ଭାବନା ଓ ଏକତାକୁ ନେଇ ଗଢ଼ି ଉଠିଛି **ମାଲେସିଆ ଓଡ଼ିଆ କମ୍ୟୁନିଟି** (ଏମ୍ଓସି) । ମାଲେସିଆରେ ରହୁଥିବାରୁ ଏହି ସଂଗଠନ ସହ ମୁଁ ଭଲଭାବେ ଜଡ଼ିତ । ଏହି ଆଲେଖ୍ୟଟିରେ ମୁଁ ଏହି କମ୍ୟୁନିଟିର ଉଦ୍ଦେଶ୍ୟ, ଆଭିମୁଖ୍ୟ ଓ କାର୍ଯ୍ୟକଳାପ ସଂପର୍କରେ 'ରେବତୀ'ର ଆଗ୍ରହ ଅନୁସାରେ ଜଣାଇବାକୁ ଚେଷ୍ଟା କରିଛି । ଏଠାରେ ଗଢ଼ି ଉଠିଥିବା ମାଲେସିଆ ଓଡ଼ିଆ କମ୍ୟୁନିଟି ଏକ ସ୍ୱେଚ୍ଛାସେବୀ ଗୋଷ୍ଠୀ ବା ସଂଗଠନ ଯାହା କୁଆଲାଲମ୍ପୁର୍‌ରେ ଅବସ୍ଥିତ । ଓଡ଼ିଶା ବାହାରେ ସାଂସ୍କୃତିକ ତଥା ସାମାଜିକ ସେବା କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖେ । ଓଡ଼ିଶା ମାତୃଭୂମିର ସଂସ୍କୃତି ଓ ପରମ୍ପରା ବଞ୍ଚାଇ ରଖିବା ସହ ସୁଦୂର ପ୍ରସାରି କରୁଛି । ମାଲେସିଆ ଓଡ଼ିଆ କମ୍ୟୁନିଟିର ଏକ ପ୍ରତୀକ ରହିଛି ଯାହା ଅନ୍‌ଲାଇନ୍ ଦେଖି ପାରିବେ ଯେକେହି । ଏହି ପ୍ରତୀକ ଓଡ଼ିଆ କମ୍ୟୁନିଟିର ଅସ୍ତିତ୍ୱକୁ ସମସ୍ତଙ୍କ ଆଗେ, ବିଶ୍ୱ ଦରବାରରେ ପରିପ୍ରକାଶ କରୁଅଛି । ମାଲେସିଆ ଓଡ଼ିଆ କମ୍ୟୁନିଟି ଲୋଗୋ ଓଡ଼ିଆ ଓ ମାଲେସିଆର ମହତ୍ୱକୁ ମହିମାନ୍ୱିତ କରୁଛି । ଲୋଗୋରେ କୋଣାର୍କ ଚକ୍ର, ଓଡ଼ିଶୀ ନୃତ୍ୟଶିଳ୍ପୀର ଚିତ୍ର ସହ ମାଲେସିଆର ଟ୍ୱିନ୍ ଟାୱାର୍ ଓ କେଏଲ୍ ଟାୱାର୍ ଚିତ୍ରପଟ ଉଭୟ ଦେଶର କଳାସ୍ଥାପତ୍ୟକୁ ପ୍ରତିନିଧିତ୍ୱ କରେ । ଦୁଇ ଦେଶ ମଧ୍ୟରେ ସଂସ୍କୃତିର ଆଦାନ ପ୍ରଦାନ ପାଇଁ ଏହା ସେତୁଟିଏ ସାଜିଛି ବୋଲି ସୂଚାଇ ଦିଏ ଆମମାନଙ୍କୁ ।

## ପ୍ରତିଷ୍ଠା

ମାଲେସିଆ ଓଡ଼ିଆ କମ୍ୟୁନିଟି ୨୦୧୭ ମସିହାରେ କୁଆଲାଲମ୍ପୁର୍‌ରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କୁ ନେଇ ପ୍ରତିଷ୍ଠା କରାଯାଇଥିଲା । ପ୍ରାୟ ୨୦୦ଜଣଙ୍କ ଉପସ୍ଥିତିରେ ଏହି ସଭା ଗୋଟିଏ ପାର୍କରେ ପ୍ରଥମ କରି ଅନୁଷ୍ଠିତ ହୋଇଥିଲା, ଏହି ମିଳନୀ ସମସ୍ତଙ୍କୁ ଏତେ ମାତ୍ରାରେ ଆନନ୍ଦ ମୁଖର କରିଥିଲା ଯେ, ଏହିପରି ପରିବେଶକୁ ଆଉଥରେ ଅନୁଭବ କରିବା ପାଇଁ ଉତ୍ସାହ ସୃଷ୍ଟି ହୋଇଥଲା । ତାପରେ ଏ ଅନୁଷ୍ଠାନର ପରିକଳ୍ପନା ସୃଷ୍ଟି ହୋଇଥିଲା । ପ୍ରବାସୀ ଓଡ଼ିଆମାନେ ଏହି ଦେଶରେ ସୂଚନା, ଯୋଗାଯୋଗ, ପ୍ରଯୁକ୍ତି ବିଦ୍ୟା, ଉଚ୍ଚ ଶିକ୍ଷା, ବୀମା, ତୈଳ ଓ ଗ୍ୟାସ୍, ବ୍ୟାଙ୍କ୍ ଓ ସ୍ୱାସ୍ଥ୍ୟ ସେବା ପରି ବିଭିନ୍ନ ପ୍ରମୁଖ କର୍ମ କ୍ଷେତ୍ରରେ କାର୍ଯ୍ୟ କରି ଆସୁଛନ୍ତି । ମାଲେସିଆ ଓଡ଼ିଆ କମ୍ୟୁନିଟିର ଏକ୍‌ଜିକ୍ୟୁଟିଭି ବୋର୍ଡ଼ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଓଡ଼ିଆମାନଙ୍କୁ ନେଇ ଗଠିତ । ସେମାନଙ୍କ ମଧ୍ୟରୁ ଅଳ୍ପ କିଛି ଦଶନ୍ଧିରୁ ଅଧିକ ସମୟ ଏଠାରେ ରହି ଆସୁଥିବା ବେଳେ ଅନ୍ୟମାନେ ଅପେକ୍ଷାକୃତ ନୂତନ ଅଟନ୍ତି, କିନ୍ତୁ ଓଡ଼ିଆତ୍ୱ ସମସ୍ତଙ୍କୁ ଗୋଟିଏ ଡୋରିରେ ବାନ୍ଧି ରଖିଛି । ମାଲେସିଆ ଓଡ଼ିଆ କମ୍ୟୁନିଟିର ପ୍ରଥମ ସଭାପତି ଥିଲେ ଶ୍ରୀ ପ୍ରବୋଧ କୁମାର ବେହେରା ଯିଏକି ୨୦୧୭ରୁ ୨୦୧୮ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ ତାପରେ ଶ୍ରୀଯୁକ୍ତ ଦୀପ୍ତି ରଞ୍ଜନ ନନ୍ଦ ସଭାପତିତ୍ୱ କରୁଛନ୍ତି । ଶ୍ରୀଯୁକ୍ତ ଏକାମ୍ର ମହାପାତ୍ର ଅନ୍ୟଜଣେ ଇଂଜିନିୟର, ଉତ୍ସାହୀ ଗାୟକ ଉପସଭାପତି ରୂପେ କାର୍ଯ୍ୟ ତୁଲାଇ ଆସୁଛନ୍ତି ।

## ଉଦ୍ଦେଶ୍ୟ

ମାଲେସିଆ ଓଡ଼ିଆ କମ୍ୟୁନିଟିର ଉଦ୍ଦେଶ୍ୟ କେବଳ ଓଡ଼ିଆ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ନୁହଁ, ଅନେକ ସେବାମୂଳକ କାର୍ଯ୍ୟକୁ ଅଗ୍ରାଧିକାର ଦେବା ଲକ୍ଷ୍ୟ ରଖେ । ସ୍ଥାନୀୟ ଓ ପ୍ରବାସୀ ଓଡ଼ିଆକୁ ସୁବିଧା ଅସୁବିଧାରେ ଆବଶ୍ୟକ ସ୍ଥଳେ ସାହାଯ୍ୟ ଯୋଗାଇ ଦେବାକୁ ହାତ ବଢ଼େଇଥାଏ । ଏହି ମିଶନକୁ ଆହୁରି ସୁଦୃଢ଼ ଆଉ ସଫଳ କରିବାକୁ ବିଭିନ୍ନ ପଦକ୍ଷେପ ଉପରେ କମ୍ୟୁନିଟି ସଦସ୍ୟମାନେ ସଦା ସର୍ବଦା ଧ୍ୟାନ ଦେଇ ଆସୁଛନ୍ତି । ମାଲେସିଆ ଓଡ଼ିଆ କମ୍ୟୁନିଟି ଆମ ସଂସ୍କୃତିର ବିବିଧତାକୁ ମାଲେସିଆ ଦେଶବାସୀଙ୍କ ସମ୍ମୁଖରେ ପରିଚୟ କରେଇ ପାରୁଛି, ଏପରି ସୁନ୍ଦର ପଦକ୍ଷେପ ପାଇଁ ମାଲେସିଆ ଓଡ଼ିଆ କମ୍ୟୁନିଟି ସବୁ ସମୟରେ ଉଚ୍ଚ ପ୍ରଶଂସିତ ହୋଇ ଆସିଚି । ଏହି ଚେଷ୍ଟା ଆଗକୁ ଆହୁରି ବୃଦ୍ଧି କରିବାକୁ କମ୍ୟୁନିଟି ପ୍ରତ୍ୟେକ ସଦସ୍ୟ ଆଶାପ୍ରକଟ କରନ୍ତି । ପ୍ରବାସୀ ଓଡ଼ିଆଙ୍କ ଏହି କମ୍ୟୁନିଟି ପ୍ରାକୃତିକ ବିପର୍ଯ୍ୟୟ କୋଭିଡ୍ ସମୟରେ ସେବାପ୍ରଦାନ କରିବା




ଓଡ଼ିଆ କଳାକାରମାନଙ୍କ ସହିତ 'ଦୀପାବଳି ତରଙ୍ଗ' ଉତ୍ସବ ପାଳନ, କୁଆଲାଲମ୍ପୁର, ମାଲେସିଆ

ଭଳି ଅନେକ କାର୍ଯ୍ୟ କରିଛି । କେବଳ ଓଡ଼ିଆ ନୁହେଁ, ମାଲେସିଆ ଓଡ଼ିଆ କମ୍ୟୁନିଟି ପିପୁଲ୍ସ୍ ଅଫ୍ ଇଣ୍ଡିଆନ୍ ଅରିଜିନ୍‌କୁ ସେବା ଯୋଗାଇ ଦେବାକୁ ଆଗେଇ ଆସିଛି । ରକ୍ତଦାନ ଶିବିର, ଅସହାୟ ବ୍ୟକ୍ତିଙ୍କୁ ବିଭିନ୍ନ ସାହାଯ୍ୟ ଯୋଗାଇବା ପରି ସମାଜ ସେବା ମୂଳକ କାର୍ଯ୍ୟ କରିଆସୁଛି ।

## ସାଂସ୍କୃତିକ କାର୍ଯ୍ୟକ୍ରମ

ଓଡ଼ିଆ ପର୍ବପର୍ବାଣି ଆମ ହସଖୁସିର ମାଧ୍ୟମ ହୋଇଥିବା ବେଳେ ଆମେ ବିଦେଶରେ ଏହି ହସଖୁସିକୁ ହରେଇ ଦେଇନାହୁଁ । ରଜ, ସାବିତ୍ରୀ ବ୍ରତ, ଉତ୍କଳ ଦିବସ, ଦୀପାବଳି ପରି ଓଡ଼ିଆ ଘରର ପର୍ବକୁ ଅତି ଆନନ୍ଦର ସହ ମାଲେସିଆ ଓଡ଼ିଆ କମ୍ୟୁନିଟିର ସଦସ୍ୟମାନେ ପାଳନ କରନ୍ତି । ଏହିସବୁ ପର୍ବଗୁଡ଼ିକୁ ସରସ ସୁନ୍ଦର କରିବା ପାଇଁ ମନପ୍ରାଣ ଦେଇ କାର୍ଯ୍ୟ କରିଥାନ୍ତି । ପ୍ରବାସୀ ପରିବାର ଏହି କାର୍ଯ୍ୟରେ ଯୋଗଦାନ କରି ପୁଣି ଓଡ଼ିଶାର ବାସ୍ନାକୁ ମନେପକାଇଥାନ୍ତି ।

## ଉତ୍କଳ ଦିବସ

ଉତ୍କଳ ଦିବସ ମାଲେସିଆ ଓଡ଼ିଆ କମ୍ୟୁନିଟିର ଏକ ପ୍ରମୁଖ ଉତ୍ସବ । ଓଡ଼ିଶା ରାଜ୍ୟ ଗଠନର ସ୍ମୃତିକୁ ଦୋହରାଇବା ସହ ଆଗକୁ ଜାତି, ଭାଷାର ବିକାଶ ପାଇଁ ଉତ୍ସାହିତ କରେ ମାଲେସିଆ ଓଡ଼ିଆ କମ୍ୟୁନିଟି । ବିଭିନ୍ନ ସେମିନାର ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରା ଯାଇଥାଏ । ମାଲେସିଆରେ ରହି ମଧ୍ୟ ନିଜ ଭାଷାରେ ଲେଖାଲେଖି କରୁଥିବା କବିତା ପାଠ, ଗଳ୍ପ ଆଲୋଚନା ସହ ଆମ ସାହିତ୍ୟ, ଭାଷାର ଅଭିବୃଦ୍ଧି ନିମନ୍ତେ ଆଲୋଚନା ରଖା ଯାଇଥାଏ ।



'ମାଲେସିଆ ଓଡ଼ିଆ କମ୍ୟୁନିଟି'ର କଳାକାରମାନଙ୍କ ଦ୍ୱାରା 'ଦୀପାବଳି ତରଙ୍ଗ'



**ଦୀପ୍ତି ରଞ୍ଜନ ନନ୍ଦ,** ପ୍ରେସିଡେଣ୍ଟ୍, ମାଓସି

ମାଲେସିଆରେ ଓଡ଼ିଆ ଲୋକ ଅନେକ ଅଛନ୍ତି । ସାଧାରଣତଃ ଦୁଇ ପ୍ରକାରର ଲୋକ, କିଛି ଓଡ଼ିଆ ଲୋକ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ପ୍ଲାଣ୍ଟେସନ୍ ଲେବର୍ ଭାବରେ ଆସିଥିଲେ । ସେମାନେ ପ୍ରାୟ ଜେନେରେସନ୍ ଧରି ମାଲେସିଆରେ ବସବାସ କରି ଆସୁଛନ୍ତି କୁଆଲାଲମ୍ପୁର ଠାରୁ ପ୍ରାୟ ୧୦୦ କିମି ଦୂରରେ ଦୁଇଟି ଗାଁରେ ସେମାନେ ରୁହନ୍ତି । କିଛି ଲେକ ସେମାନଙ୍କ ମଧ୍ୟରୁ କୁଆଲାଲମ୍ପୁର୍‌ରେ ରହୁଛନ୍ତି, ସେମାନେ ଗୋଟିଏ ଗ୍ରୁପ୍‌ର ଲୋକ, ସେମାନେ ପ୍ରାୟତଃ ଓଡ଼ିଶାର ଗଂଜାମ ଅଂଚଳରୁ ଆସିଛନ୍ତି । ସେମାନଙ୍କ ମଧ୍ୟରେ ଓଡ଼ିଆ ଭାବ ଓ ସଂସ୍କୃତିର ବହୁତ ପ୍ରଭାବ ଅଛି । ସେମାନଙ୍କର ଓଡ଼ିଆ ପ୍ରୀତି ଦେଖିଲେ ବହୁତ ଖୁସି ଲାଗେ ଓ ଆଶ୍ଚର୍ଯ୍ୟ ଲାଗେ । ଏହା ବାଦ୍ ପ୍ରାୟ ୨୦୦ରୁ ୩୦୦ ଓଡ଼ିଆ ଲୋକ ଅଛନ୍ତି ପ୍ରାୟତଃ ଆଇଟି ସେକ୍ଟର୍‌ରେ କାମ କରି ଆସୁଛନ୍ତି । ମୋର ମାଲେସିଆ ସହ ସମ୍ପର୍କ ୨୦୦୦ ମସିହାରୁ, ସେ ସମୟରେ ମଧ୍ୟ ମୁଁ ମାଲେସିଆରେ ରହୁ ନଥିବା ସତ୍ତ୍ୱେ ବର୍ଷକୁ ପ୍ରାୟ ଥରେ ଦୁଇଥର କର୍ମ ସଂସ୍ଥାନ ପାଇଁ ଆସୁଥିଲି । ୨୦୦୫ରେ ମୁଁ କୁଆଲାଲମ୍ପୁର୍‌ରେ ପରିବାର ସହିତ ରହିଲି, ତାର ବର୍ଷେ ଦୁଇବର୍ଷ ଭିତରେ ଦୁଇ ତିନି ଓଡ଼ିଆ ପରିବାର ସହ ସମ୍ପର୍କରେ ଆସିଲି । କିନ୍ତୁ ଆସୋସିଏସନ୍ ଗଢ଼ିବା ପାଇଁ କେହି କେବେ ଚିନ୍ତା କରିନଥିଲେ । ପ୍ରାୟ ୨୦୦୯ ମସିହାରେ ଗୋଟିଏ ଭୋଜିରେ ଆମେ ଏକାଠି ହୋଇଥିଲୁ । ସେଠାରେ ପ୍ରାୟ ୪୦ରୁ ୫୦ ପରିବାର ଏକାଠି ହୋଇଥିଲେ । ତାପରେ ଆଉ କିଛି କଥା ଆଗକୁ ନଥିଲା, ହଠାତ୍ ୨୦୧୭ରେ ଶ୍ରଦ୍ଧେୟ ଅଶୋକ ଜେନା ଓ ସ୍ନିଗ୍ଧା ମିଶ୍ରଙ୍କ ସହିତ ଟେଲିଫୋନ୍‌ରେ କଥାବାର୍ତ୍ତା ହେଲି, ସେମାନେ ଏଠାରେ ଓଡ଼ିଆ ଆସୋସିଏସନ୍ କରିବା ପାଇଁ ପ୍ରସ୍ତାବ ଆଣିଲେ । ତାର କିଛି ଦିନ ପରେ କୁଆଲାଲମ୍ପୁର୍ ସେଣ୍ଟ୍ରାଲ୍ ପାର୍କରେ ଆମେ ଗୋଟେ ଭୋଜି କଲୁ ସେଠାରେ ୬୦ରୁ ୭୦ ପରିବାର ଆସିଲେ । ସେଇ ସମୟରେ ଆସୋସିଏସନ୍ କରିବା ପାଇଁ କଥାବାର୍ତ୍ତା ହେଲା । ଆମେମାନେ ସେହି ସମୟରେ ଆସୋସିଏସନର ସଭାପତି, ଉପସଭାପତି, ସେକ୍ରେଟେରୀ ବାଛିଥିଲୁ । ସେଇଠି ହିଁ ଆସୋସିଏସନ୍‌ର ମୂଳଦୁଆ ପଡ଼ିଥିଲା । ପରବର୍ତ୍ତୀ ସମୟରେ ଠିକ ହେଲା ଯେ ଆସୋସିଏସନ କେବଳ ଓଡ଼ିଆମାନଙ୍କ ସାଂସ୍କୃତିକ ବିଷୟକୁ ଭାବିବ, ଓଡ଼ିଆମାନଙ୍କୁ ଏକାଠି କରିବ, ଓଡ଼ିଆମାନଙ୍କ ସୁବିଧା ଅସୁବିଧାରେ ସେମାନଙ୍କୁ ସାହାଯ୍ୟ କରିବ କିନ୍ତୁ ଏହା ବାଦ୍ ବହୁତ ଭଲ ଭାବରେ କଥାବାର୍ତ୍ତା ହୋଇଥିଲୁ ଯେ we will be completely secular, completely look after our Odia people irrespective of their caste and gender. ଆସୋସିଏସନ ବହୁତ ଭଲରେ ଚାଲିଲା । ସେ ସମୟରେ ଆମ ଦୂତାବାସରେ ଥିଲେ ଡେପୁଟି ହାଇକମିଶନର ନିଖିଳେଶ ଗିରି, ଯଦିଓ ସେ ମେମ୍ବର ନଥିଲେ ସେ ଆସୋସିଏସନକୁ ବହୁତ ଦିଗଦର୍ଶନ ଦେଇଥିଲେ । ତାଙ୍କ ସାହାଯ୍ୟ ସହଯୋଗକୁ ଭୁଲିହେବ ନାହିଁ । ଆସୋସିଏସନଟି ଓଡ଼ିଆଙ୍କୁ ଏକାଠି କରିବାର ମୂଳ ଲକ୍ଷ୍ୟ ରଖିଥିଲା । ସେଥିପାଇଁ ବିଭିନ୍ନ ପୂଜାପର୍ବାଣିର ଆୟୋଜନରେ ଆମେ ପରସ୍ପକୁ ଭେଟିବାର ସୁଯୋଗ ପାଇଲୁ । ବିଗତ ପାଞ୍ଚ ବର୍ଷ ଭିତରେ ଆମେ ଦୀପାବଳି କାର୍ଯ୍ୟକ୍ରମ ଜରିଆରେ ବହୁତ ଓଡ଼ିଆ କଳାକାରଙ୍କୁ ଆଣି ଖୁବ ଜାକଜମକରେ ଉତ୍ସବ ପାଳନ କରିଛୁ । ଆମ ବାର୍ଷିକ ପତ୍ରିକା ଅଭୀପ୍ସା

## ଅନ୍ୟାନ୍ୟ ପର୍ବପାଳନ

ଓଡ଼ିଆ କମ୍ୟୁନିଟି ରଜ ପର୍ବ ପାଳନ କରିଥାଏ । ରଜ ପାନ ଠାରୁ ଆରମ୍ଭ କରି ରଜ ଦୋଳି ଗୀତ ପ୍ରବାସୀ ଓଡ଼ିଆଙ୍କ ମନକୁ ଚଳଚଞ୍ଚଳ କରିଥାଏ । ଛୋଟ ପିଲାଙ୍କ ପାଇଁ ମଞ୍ଚ ସୃଷ୍ଟି କରିବା ସହ ଓଡ଼ିଶା ଗୀତ ନାଚ ସମସ୍ତଙ୍କୁ ଝୁମେଇଦିଏ । ହିନ୍ଦୁମାନଙ୍କର ଆଦ୍ୟ ଦେବତା ଗଣେଶଙ୍କ ପୂଜାପାଠ, ଆଶୀର୍ବାଦ ପାଇଁ ପୂଜା ଅନୁଷ୍ଠିତ ହୋଇଥାଏ । ପ୍ରତିବର୍ଷ ଖେଚେଡ଼ି, ଡାଲମା, ଖଟା, ଘାଣ୍ଟ ପରି ଚମତ୍କାର ଓଡ଼ିଆ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥାଏ । ଦୀପାବଳିରେ ମାଲେସିଆ ଓଡ଼ିଆ କମ୍ୟୁନିଟି ଓଡ଼ିଶାର ଯୁବ ପ୍ରତିଭାମାନଙ୍କ ପାଖରେ ପହଂଚିବାକୁ




'ମାଲେସିଆ ଓଡ଼ିଆ କମ୍ୟୁନିଟି'ର ବାର୍ଷିକ ସ୍ମରଣିକା ପତ୍ରିକା 'ଅଭୀପ୍ସା'

ଚେଷ୍ଟା ରଖିଥାଏ । ବିଭିନ୍ନ ଓଡ଼ିଆ ଉଦୀୟମାନ କଳାକାରଙ୍କୁ ଆମନ୍ତ୍ରିତ କରି ସେମାନଙ୍କୁ ନୂଆ ମଂଚ ଯୋଗାଇ, ମନୋବଳ ବଢ଼ିବାରେ ସାହାଯ୍ୟ କରିଥାଏ । ସାବିତ୍ରୀ ବ୍ରତ, ମାଲେସିଆ ଓଡ଼ିଆ କମ୍ୟୁନିଟି ମହିଳା ସଦସ୍ୟମାନ ଆୟୋଜନ କରିଥାନ୍ତି । ସମସ୍ତ ବିବାହିତ ମହିଳାମାନେ ସେମାନଙ୍କ ପ୍ରାର୍ଥନା ପାଇଁ ଲକ୍ଷ୍ମୀନାରାୟଣ ମନ୍ଦିରରେ ଏହି ପୂଜା ଆୟୋଜନ କରନ୍ତି । ଦୁଇବର୍ଷ ଧରି କରୋନା କଟକଣା ସତ୍ତ୍ୱେ ଭରଚୁଆଲ ବ୍ୟବସ୍ଥା ମାଧ୍ୟମରେ ଅନେକ ସେମିନାର, ମିଟିଂ, ଅନ୍ତାକ୍ଷରୀ କାର୍ଯ୍ୟକ୍ରମ ସଫଳ ରୂପେ କରା ଯାଇପାରିଛି । ପର୍ବପର୍ବାଣି ସହ ଭାଷା, ସାହିତ୍ୟ ଓ ସମାଜସେବା ଭଳି ଦିଗଗୁଡ଼ିକୁ ସମାନ ରୂପେ ପ୍ରାଧାନ୍ୟ ଦେଇଥାଏ ।

## ସାହିତ୍ୟିକ ସାକ୍ଷାତକାର

ମାଲେସିଆ ଓଡ଼ିଆ କମ୍ୟୁନିଟି ଓଡ଼ିଆ ଭାଷାର ପ୍ରସାର ପାଇଁ ପ୍ରତିବଦ୍ଧ ଅଟେ । ୨୦୧୯ ରେ ଭାରତୀୟ ଉଚ୍ଚ ଆୟୋଗ କାର୍ଯ୍ୟାଳୟ ଓ ମାଲେସିଆ ଓଡ଼ିଆ କମ୍ୟୁନିଟି ମିଳିତ ଉଦ୍ୟମରେ ଓଡ଼ିଶାର ବିଶିଷ୍ଟ ଲେଖକ ଡଃ ବିଭୂତି ପଟ୍ଟନାୟକ, ଡଃ ଗୌରହରି ଦାସ ଓ ପ୍ରଫେସର ଯତୀନ୍ଦ୍ର କୁମାର ନାଏକଙ୍କ

ଆମେ ତିନିବର୍ଷ ଧରି ପ୍ରକାଶିତ କରୁଚୁ । ବିଗତ ତିନୋଟି ସଂସ୍କରଣରେ ଆମ ଓଡ଼ିଆମାନଙ୍କ ଲେଖା ସହ ଓଡ଼ିଶାର କିଛି ପ୍ରତିଷ୍ଠିତ ଲେଖକଙ୍କ ଲେଖା, ଆମ ଏଠାକାର ଓଡ଼ିଆ ପିଲାମାନଙ୍କ ଲେଖା ଚିତ୍ରକଳା ରହିଛି । moc ର ପରିଚାଳନାରେ ଏଠାକାର ସୁପ୍ରତିଷ୍ଠିତ ଶିଳ୍ପଦ୍ୟୋଗୀ ଶ୍ରଦ୍ଧେୟ ସଞ୍ଜୟ ଦାସ ଓ ସୁକାନ୍ତ ଜେନାଙ୍କୁ ତାଙ୍କର ସାହାଯ୍ୟ ସହଯୋଗ ପାଇଁ ବହୁତ ଧନ୍ୟବାଦ ସେମାନଙ୍କୁ ଭୁଲିହେବ ନାହିଁ । ସବୁ ଅସୁବିଧା ସୁବିଧା ଭିତରେ ଆମେ ଆମମାନଙ୍କର କାର୍ଯ୍ୟକ୍ରମକୁ ଜାରି ରଖିଚୁ । ପାଣ୍ଡେମିକ୍ ଭିତରେ ମଧ୍ୟ ଆମେ ଭର୍‌ଚୁଆଲ୍ ସେଲିବ୍ରେସନ ସବୁ କରିଛୁ । ଏହାବାଦ୍ ଓଡ଼ିଶାର ବିପଦ ସମୟରେ ଯଥା ଫାଇଲିନ, କୋଭିଡ- ଏସବୁ ସମୟରେ ଆମେମାନେ ଚିଫ୍ ମିନିଷ୍ଟର୍ ରିଲିଫ୍ ଫଣ୍ଡକୁ ଯଥାସାଧ ସାହାଯ୍ୟ ସହଯୋଗ କରିଛୁ, କେରଳ ବନ୍ୟା ସମୟରେ ମଧ୍ୟ ଆସୋସିଏସନ ସାହାଯ୍ୟର ହାତ ବଢ଼ାଇଛି । ଆସୋସିଏସନ ଜମାରୁ ୪ରୁ ୫ବର୍ଷର ଅନୁଷ୍ଠାନ ତଥାପି ଓଡ଼ିଆମାନଙ୍କୁ ଏକାଠି କରିବାରେ ସେମାନଙ୍କୁ ଓଡ଼ିଶା ବିଷୟକୁ ଭୁଲି ନଯିବାରେ ଏହା ଏକ ସଫଳ ପଦକ୍ଷେପ ନେଇ ପାରଛି, ମୁଁ ସେଥିପାଇଁ ବହୁତ ଖୁସି ।

**ସ୍ନିଗ୍ଧା ମିଶ୍ର,** ସେକ୍ରେଟେରୀ,ମାଓସି



ମୋର ଆଜି ଭି ମନେପଡ଼େ କେମିତି moc ର ସଂକଳ୍ପ ୩ ଉତ୍ସାହୀ ବ୍ୟକ୍ତିବିଶେଷଙ୍କ ଡ୍ରଇଂରୁମ୍‌ର ଚାହା କପ୍ ଆଲୋଚନାରୁ ଆରମ୍ଭ ହେଇଥିଲା । ଆମେମାନେ ଆଉ କିଛି ଉତ୍ସାହୀ ଯୁବକଙ୍କୁ ନେଇ ୨୦୧୭ରେ ମାଲେସିଆ ସ୍ଥିତ ଏକ ପାର୍କରେ ଏଠାକାର କିଛି ଓଡ଼ିଆ ଲୋକଙ୍କୁ ନେଇ ଗୋଟିଏ ଭୋଜି କରିଥିଲୁ । ପ୍ରଥମ ଦେଖାରେ ହିଁ ଲାଗିଲା ଏତେ ଓଡ଼ିଆ ଥାଇ ମଧ୍ୟ କୌଣସି ଅନୁଷ୍ଠାନ ନଥିବାରୁ କେହି କାହାକୁ ଜାଣି ପାରୁନାହାନ୍ତି । ସେଇଥିରୁ ହିଁ moc ର ଜନ୍ମ । ଦୀର୍ଘ ପାଞ୍ଚବର୍ଷ ହେଲା ବିଦେଶରେ ଓଡ଼ିଆ ଭାଷା ସଂସ୍କୃତିର ପ୍ରଚାର ପ୍ରସାର କରିବା ସହିତ ଏଠାକାର ତଥା ଓଡ଼ିଶାର ଲୋକଙ୍କ ପାଇଁ ଯଥାସମ୍ଭବ କାର୍ଯ୍ୟରତ । ମୋ ପାଇଁ moc ଗୋଟିଏ କମ୍ୟୁନିଟି ନୁହେଁ ବରଂ ଗୋଟିଏ ପରିବାର । ବିଭିନ୍ନ ସମୟରେ ମାଲେସିଆରେ ଅସୁବିଧାରେ ପଡ଼ିଥିବା ଓଡ଼ିଆଙ୍କୁ ଆମେ ଯଥାସାଧ ସାହାଯ୍ୟ ସହଯୋଗ କରୁଚୁ । ବର୍ଷ ସାରା ଆମେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରୁଥାଉ ଯେଉଁଥିରେ ଏଠିକାର ତଥା ଓଡ଼ିଶାର କଳାକାରମାନେ ଯୋଗ ଦେଇଥାନ୍ତି । ଆମ ପରବର୍ତ୍ତୀ ପିଢ଼ି କେମିତି ଆମ ସଂସ୍କୃତି ସହିତ ଜଡ଼ିତ ରହିବ ସେଥିନେଇ ଆମେ ସର୍ବଦା ପ୍ରଚେଷ୍ଟା କରିଚାଲୁଛୁ । ପ୍ରତ୍ୟେକ ବର୍ଷ ଆମର ବାର୍ଷିକ ସ୍ମାରକୀ 'ଅଭୀପ୍ସା' ଓଡ଼ିଆ ଭାଷାର ପ୍ରଚାର ପାଇଁ ଏକ ମାଧ୍ୟମ ହେବ ସେଇଟି ଆମର ବିଶ୍ୱାସ । ଛୋଟ ଛୋଟ ପିଲାଙ୍କୁ ଓଡ଼ିଶାର ସଂସ୍କୃତି ସହିତ ପରିଚୟ କରିବା ପାଇଁ ଆମର ମୂଳ ଲକ୍ଷ୍ୟ । ଭବିଷ୍ୟତରେ ମଧ୍ୟ moc ମାଲେସିଆରେ ଥିବା ଓଡ଼ିଆ ତଥା ଓଡ଼ିଶା ଏକ ସେତୁ ଭଳି ରହି ଆମ ସଂସ୍କୃତିର ଜୟଗାନ କରି ଚାଲିଥିବ ।

**ଏକାମ୍ର ମହାପାତ୍ର,** ଭାଇସ୍ ପ୍ରେସିଡେଣ୍ଟ,ମାଓସି



ମୋର ମାଲେସିଆରେ ଏକ ଦଶନ୍ଧିରୁ ଅଧିକ ସମୟ ହେଲାଣି । ପ୍ରଥମେ ଅଳ୍ପ କିଛି ଓଡ଼ିଆଙ୍କ ସହିତ ପରିଚୟ ଥିଲା ମାତ୍ର ଜାଣିନଥିଲି ଏଇଠି ଶତାଧିକ ଓଡ଼ିଆ ପରିବାର ଅଛନ୍ତି ବୋଲି । ମାଲେସିଆ ଓଡ଼ିଆ କମ୍ୟୁନିଟି ପ୍ରତିଷ୍ଠା ହେଲା ପରେ ଲାଗୁଚି ଏଇଟି ଗୋଟିଏ ଛୋଟ



'ମାଲେସିଆ ଓଡ଼ିଆ କମ୍ୟୁନିଟି'ର ଉତ୍କଳ ଦିବସ ପାଳନ

ଉପସ୍ଥିତିରେ ଓଡ଼ିଆ ଭାଷା ସାହିତ୍ୟର ଆଲୋଚନା ଶିବିର ଅନୁଷ୍ଠିତ ହୋଇଥିଲା । ଏଠାରେ ଥିବା ସମସ୍ତ ଓଡ଼ିଆଙ୍କ ପାଇଁ ଏହା ଏକ ମୂଲ୍ୟବାନ ମୁହୂର୍ତ୍ତଥିଲା, ଯେଉଁମାନେ ଏହି ବିଶିଷ୍ଟ ଲେଖକମାନଙ୍କୁ ବ୍ୟକ୍ତିଗତ ଭାବରେ ଭେଟିଥିଲେ । ଏହି କାର୍ଯ୍ୟକ୍ରମରେ ଅଳ୍ପ କିଛି ଲେଖକ ସେମାନଙ୍କର ପ୍ରତିଭା ଉପସ୍ଥାପନ କରିଥିଲେ । ଗତବର୍ଷ ଡଃ ଇତିରାଣୀ ସାମନ୍ତଙ୍କ ସହ ମଧ୍ୟ ସାକ୍ଷାତକାର ଅନୁଷ୍ଠିତ ହୋଇଥିଲା ।

## ସମାଜସେବା : ସ୍ଥାନୀୟ ଓଡ଼ିଆଙ୍କୁ ଓଡ଼ିଆ ଶିକ୍ଷା

ମାଲେସିଆରେ କିଛି ସ୍ଥାନୀୟ ମାଲେସିଆ ଓଡ଼ିଆ ଭାଷାଭାଷୀ ଅଛନ୍ତି । ପ୍ରାୟ ୧୩୦ବର୍ଷ ପୂର୍ବେ ସେମାନେ ବୃକ୍ଷରୋପଣରେ କାମ କରିବାକୁ ଏଠାକୁ ଆସିଥିଲେ ଏବଂ ସେହି ଦିନ ଠାରୁ ମାଲେସିଆରେ ଅବସ୍ଥାନ କରୁଛନ୍ତି । ସମ୍ପ୍ରତି, ତୃତୀୟ ଏବଂ ଚତୁର୍ଥ ପିଢ଼ିରେ ବିଦ୍ୟମାନ ଅଟନ୍ତି । ଇଣ୍ଡିଆନ୍ ହାଇ କମିଶନଙ୍କ ସହଯୋଗରେ ମାଲେସିଆ ଓଡ଼ିଆ କମ୍ୟୁନିଟି ଏହି ଲୋକଙ୍କୁ ଲିଖିତ ଓଡ଼ିଆ ଶିକ୍ଷା ଦେବାରେ ଭାଗ ନେଇଥିଲା । ସେମାନଙ୍କ ସହ ଭାବର ଆଦାନ ପ୍ରଦାନ ବାସ୍ତବରେ ଏହା ମାଲେସିଆ ଓଡ଼ିଆ କମ୍ୟୁନିଟି ସଭ୍ୟଙ୍କ ପାଇଁ ଏକ ଖୁସିର ଅନୁଭୂତି ଆଣିଥିଲା । ଏହି ପ୍ରଚେଷ୍ଟା ଆଗକୁ ଜାରି ରଖିବାକୁ କମ୍ୟୁନିଟି ଲକ୍ଷ୍ୟ ରଖିଅଛି ।

ଆବଶ୍ୟକତା ଥିବା ଓଡ଼ିଆଙ୍କୁ ସହାୟତା କରିବାକୁ ମାଲେସିଆ ଓଡ଼ିଆ କମ୍ୟୁନିଟି ସଦାସର୍ବଦା ହାତ ବଢ଼ାଇଥାଏ । କୁଆଲାଲମ୍ପୁର ଓ ପାଖାପାଖି ଅଂଚଳରେ ଥିବା ଅଭାବୀ ପରିବାରଙ୍କୁ ସାହାଯ୍ୟ କରିବା ପାଇଁ ମାଲେସିଆ ଓଡ଼ିଆ କମ୍ୟୁନିଟି ପ୍ରମୁଖତା ଦେଇ ଆସିଛି । ଏଠାରେ ଫସି ରହିଥିବା କିଛି




'ମାଲେସିଆ ଓଡ଼ିଆ କମ୍ୟୁନିଟି'ର ଉତ୍କଳ ଦିବସ ପାଳନ

ପରିବାର । ନିଜ ମାଟି ଠାରୁ ଏତେ ଦୂରରେ ରହି ଓଡ଼ିଆ ମାଟିର ମହକ ଏଠାରେ ବାସୁଛି କେବଳ ଆମ ଏଇ ପରିବାର ପାଇଁ । ବିଦେଶରେ ରହି ମଧ୍ୟ ନିଜ ମାତୃଭୂମିକୁ ଭୁଲିନାହାନ୍ତି ଆଉ ଏହି ଓଡ଼ିଆମାନଙ୍କର ଆଗ୍ରହ ଓ ଅନୁରାଗରୁ ଏହାର ଜନ୍ମ । ଆମେ ପାଳନ କରୁଥିବା ପ୍ରତ୍ୟେକ ପର୍ବପର୍ବାଣିରେ ନିଜ ଓଡ଼ିଆ ଲୋକଙ୍କ ସମାଗମ ଦେଖିଲେ ଲାଗେ ଆମେ ଜନ୍ମଭୂମି ଠାରୁ ବେଶୀ ଦୂରରେ ନାହୁଁ । moc ମାଲେସିଆରେ ରହୁଥିବା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ନିଜ ରାଜ୍ୟର ସଂସ୍କୃତିକୁ ବଜାୟ ରଖିବାର ଏକ ମଂଚ ପାଲଟିଛି । ପ୍ରତ୍ୟେକ ସମାବେଶରେ ଓଡ଼ିଆ ଖାଦ୍ୟ ଆଉ ଓଡ଼ିଆ ନୃତ୍ୟ ସଂଗୀତର ଆୟୋଜନ କରୁ ଯାହାକୁ ଦେଖିଲେ ଲାଗେ ସତରେ ଛୋଟିଆ ଓଡ଼ିଶାଟିଏ ଏଇଠି । ସାହିତ୍ୟ ଚର୍ଚ୍ଚା ଠାରୁ ଆରମ୍ଭ କରି ବିପଦରେ ପଡ଼ିଥିବା ଲୋକଙ୍କୁ ସାହାଯ୍ୟ କରିବାକୁ ସବୁବେଳେ ଆଗୁଆ moc । ଭବିଷ୍ୟତରେ ନିଜ ମାଟି ପାଇଁ କିଛି କରିପାରିବୁ ଏତିକି ହିଁ ଆମର ସ୍ୱପ୍ନ ।

**ନିଖିଲେଶ ଗିରି,** ଭାରତୀୟ ମହାବାଣିଜ୍ୟ ଦୂତ, ଓସାକା-କୋବେ, ଜାପାନ

ମୁଁ ମାଲେସିଆରେ ଭାରତୀୟ ଉପ ଉଚ୍ଚାୟୁକ୍ତ ଭାବେ ଅବସ୍ଥାପିତ ହେଇଥିବା ସମୟରେ ମାଲେସିଆ ଓଡ଼ିଆ କମ୍ୟୁନିଟି (ଏମ.ଓ.ସି.)ର ଜନ୍ମ । ମାଲେସିଆରେ ରହୁଥିବା ଓଡ଼ିଆ ଭାଇଭଉଣୀମାନଙ୍କ ଦ୍ୱାରା ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଥିଲା । ନିଜର କାର୍ଯ୍ୟବସ୍ତତା ସତ୍ତ୍ୱେ ମୁଁ ସେମାନଙ୍କ ଦ୍ୱାରା ଆୟୋଜିତ ପ୍ରଥମ ଗୋଷ୍ଠୀଭୋଜି ସମାବେଶରୁ ଆରମ୍ଭ କରି ପ୍ରାୟତଃ ପ୍ରତିଟି ସଭା



ସମାବେଶରେ ଯୋଗଦାନ କରିବାକୁ ଚେଷ୍ଟା କରିଥାଏ । ମାଲେସିଆରେ ଦୁଇ ତିନି ପିଢ଼ିରୁ ରହି ଆସୁଥିବା କିଛି ପ୍ରବାସୀ ଓଡ଼ିଆ ଲୋକଙ୍କୁ ଓଡ଼ିଆ ଭାଷା ସହିତ ଅବଗତ କରାଇବା ପାଇଁ ମୋର ଏକ କ୍ଷୁଦ୍ର ପ୍ରଚେଷ୍ଟାକୁ ଏମ.ଓ.ସି.ର ସହୃଦୟ ସହଯୋଗ ମିଳିଥିଲା ଯାହା ନିଶ୍ଚିତ ଭାବରେ ପ୍ରଶଂସନୀୟ ।

ମାଲେସିଆର ନାଗରିକତା ଗ୍ରହଣ କରି ସାରିଥିବା ଓଡ଼ିଆ ଭାଇଭଉଣୀମାନଙ୍କ ସଂଖ୍ୟା ପ୍ରାୟ ୩୦୦୦ କିମ୍ବା ତହିଁରୁ ଉର୍ଦ୍ଧ୍ୱ ହେବ । ସେମାନେ ମୁଖ୍ୟତଃ ପେଡ଼ାସ ଏବଂ ବାହାଓ ନାମିତ ଦୁଇଟି ଅଂଚଳରେ ରହନ୍ତି । ତାଙ୍କ ପୂର୍ବପୁରୁଷଙ୍କ ପ୍ରବାସ ଶହେ ବର୍ଷରୁ ଉପରେ ହେବ । ତଥାପି ସେମାନଙ୍କ ହୃଦୟରେ ଓଡ଼ିଆ ଭାଷା ତଥା ସଂସ୍କୃତି ପ୍ରତି ଅଦମ୍ୟ ପ୍ରେମ ଏବେ ବି ବଳବତ୍ତର ରହିଛି । ମୁଁ ଥରଟେ ସେମାନଙ୍କ ଦ୍ୱାରା ଆୟୋଜିତ ଦୋଳପୂର୍ଣ୍ଣିମା ଉତ୍ସବରେ ଭାଗ ନେବାର ସୌଭାଗ୍ୟ ଲାଭ କରିଥିଲି । ତାଙ୍କ ଭିତରୁ କିଛି ସକ୍ରିୟ ବ୍ୟକ୍ତି ମାଲେସିଆ ଓଡ଼ିଆ ସମାଜ ନାମରେ ସାଂସ୍କୃତିକ ସଂସ୍ଥାଟିଏ ଗଢ଼ିଛନ୍ତି । ବିଭିନ୍ନ ଓଡ଼ିଆ ପର୍ବପର୍ବାଣି ପାଳନ ସମୟରେ ଏହି ଦୁଇ ସଂସ୍ଥା ଏକାଠି ହୋଇ କାମ କରିଥାନ୍ତି ।

ଏକଦା ଭାରତୀୟ ଉଚ୍ଚାୟୁକ୍ତ ଏବଂ ଏମଓସିର ମିଳିତ ଆନୁକୂଲ୍ୟରେ ପ୍ରସିଦ୍ଧ ଓଡ଼ିଆ ଲେଖକ ସର୍ବଶ୍ରୀ ବିଭୂତି ପଟ୍ଟନାୟକ, ଗୌରହରି ଦାସ, ଯତୀନ୍ଦ୍ର ନାୟକ ଓ ମହେନ୍ଦ୍ର ପ୍ରସାଦଙ୍କୁ ନେଇ ଏକ ଓଡ଼ିଆ ଭାଷା କର୍ମଶାଳାର ଆୟୋଜନ ବି ଆମେ କରିଥିଲୁ, ଯେଉଁଥିରେ ପ୍ରବାସୀ ଓଡ଼ିଆ ଭାଇଭଉଣୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସୃଜନାତ୍ମକ ସାହିତ୍ୟିକ ପ୍ରସ୍ତୁତି ଖୁବ୍ ସୁନ୍ଦର ହୋଇଥିଲା । ଗତ ତିନିବର୍ଷ ଧରି ମାଲେସିଆ ଓଡ଼ିଆ କମ୍ୟୁନିଟି ବାର୍ଷିକୀ 'ଅଭୀପ୍ସା' ନାମରେ ମୁଖପତ୍ରଟିଏ ପ୍ରକାଶିତ କରି ଆସୁଛି । ମୋର ଦୃଢ଼ ବିଶ୍ୱାସ ଯେ ଆଗାମୀ ଦିନରେ ମାଲେସିଆ ଓଡ଼ିଆ କମ୍ୟୁନିଟି ଆହୁରି ସଶକ୍ତ ଏବଂ କ୍ରିୟାଶୀଳ ହୋଇ ନିଜ ପ୍ରବାସ ସ୍ଥାନରେ କଳାସଂସ୍କୃତିକୁ ଉଜ୍ଜୀବିତ କରି ରଖିବା ସହିତ ଓଡ଼ିଶାର ପ୍ରଗତି ପଥରେ ଯଥାସାଧ୍ୟ ରଚନାତ୍ମକ ଅବଦାନ ମଧ୍ୟ କରିପାରିବ ।




ଅନ୍ତରଂଗ 'ମାଲେସିଆ ଓଡ଼ିଆ କମ୍ୟୁନିଟି'ଦ୍ୱାରା ସଂଗଠିତ ଏକ ସାହିତ୍ୟ ଉତ୍ସବ

ଓଡ଼ିଆଙ୍କୁ ଓଡ଼ିଶାକୁ ଫେରିବା ପାଇଁ ମାଲେସିଆ ଓଡ଼ିଆ କମ୍ୟୁନିଟି ଦ୍ୱାରା ସାହାଯ୍ୟ କରାଯାଇଥିଲା । ଏକ ରୋମାଞ୍ଚକର ଘଟଣାରେ ଶ୍ରୀ ସଞ୍ଜୟ ଦାସ, ଜଣେ ଯୁବ ଉଦ୍ୟୋଗୀ ଅଳ୍ପ ସଂଖ୍ୟକ ଓଡ଼ିଆ ଶ୍ରମିକଙ୍କୁ ଉଦ୍ଧାର କରିଥିଲେ ।

ତାଙ୍କର ଏହି ମିଶନକୁ ଓଡ଼ିଶାର ଗଣମାଧ୍ୟମ ଦ୍ୱାରା ପ୍ରଶଂସା କରାଯାଇଥିଲା । ସେହିପରି ଓଡ଼ିଶାରୁ ଆସୁଥିବା କିଛି ଅସହାୟ ଲୋକଙ୍କ ପାଖରେ ପହଞ୍ଚି କମ୍ୟୁନିଟିର ସଦସ୍ୟମାନେ ସେମାନଙ୍କୁ ବୁଝାସୁଝା କରିବା ସହ ଓଡ଼ିଶାକୁ ଫେରାଇବା ଦିଗରେ ମାଲେସିଆ ଓଡ଼ିଆ କମ୍ୟୁନିଟି ସକ୍ରିୟ ସହଯୋଗ କରୁଛି ।

## ଓଡ଼ିଶାରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସାହାଯ୍ୟ ଓ ସହାନୁଭୂତି

ଯଦିଓ ମାତୃଭୂମି ଠାରୁ ବହୁ ଦୂରରେ, ତଥାପି ଏମ୍‌ଓସିର ହୃଦୟ ଓଡ଼ିଶା ସହିତ ଅଛି । କଠିନ ସମୟରେ ଏମ୍‌ଓସି ସମସ୍ତଙ୍କ ପାଖରେ ଦୃଢ଼ ଭାବରେ ଠିଆ ହୋଇଛି । ସାଇକ୍ଲୋନ୍ ଫାନି ୨୦୧୯ ସମୟରେ ସିଏମ୍‌ଙ୍କ ରିଲିଫ୍ ପାଣ୍ଠିକୁ ଦାନ ମାଧ୍ୟମରେ ଓଡ଼ିଶାର ପୁନଃ ନିର୍ମାଣ ଦିଗରେ ଏମ୍‌ଓସି ସହଯୋଗ କରିଥିଲା, କେରଳରେ ରିଲିଫ୍ କାର୍ଯ୍ୟକୁ ସମର୍ଥନ କରିବା ପାଇଁ ମାଲେସିଆ ଓଡ଼ିଆ କମ୍ୟୁନିଟି ୨୦୧୮ରେ ସାଇକ୍ଲୋନିକ ସମୟରେ କେରଳର ମୁଖ୍ୟମନ୍ତ୍ରୀ ପାଣ୍ଠିକୁ ମଧ୍ୟ ସହଯୋଗ କରିଥିଲା ।

ବିଶିଷ୍ଟ ଓଡ଼ିଆ ଲୋକଙ୍କୁ ଭେଟିବା, ଅଭିବାଦନ ଆୟୋଜନ କରିବା ପାଇଁ ମାଲେସିଆ ଓଡ଼ିଆ କମ୍ୟୁନିଟି ଏହାକୁ ସର୍ବଦା ଆଗକୁ ଆସିଥାଏ । ଭ୍ରମଣକାରୀ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସହ ଓଡ଼ିଶା ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବା ପାଇଁ ବିଭିନ୍ନ ସାକ୍ଷାତ ଏବଂ ଅଭିବାଦନ ଅଧିବେଶନ ଆୟୋଜନ ମାଲେସିଆ ଓଡ଼ିଆ କମ୍ୟୁନିଟି କରିଆସିଛି । ଦୁଇ ବର୍ଷ ତଳେ ଡକ୍ଟର ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନିତ କରିବା ସହ ଏବଂ ସମାଜରେ ତାଙ୍କର ମହତ୍ ଅବଦାନ ପାଇଁ ତାଙ୍କୁ ମାଲେସିଆ ଓଡ଼ିଆ କମ୍ୟୁନିଟି ସମ୍ମାନିତ କରିଛି ।




'ମାଲେସିଆ ଓଡ଼ିଆ କମ୍ୟୁନିଟି'ର ଓଡ଼ିଶାରେ ଫନି ବାତ୍ୟାର ରିଲିଫ୍ ଫଣ୍ଡ

## ମାଲେସିଆ ଓଡ଼ିଆ କମ୍ୟୁନିଟିର ସ୍ମରଣିକା

ମାଲେସିଆ ଓଡ଼ିଆ କମ୍ୟୁନିଟି ଏହାର ବାର୍ଷିକ ସ୍ମରଣିକା 'ଅଭୀପ୍ସା'ର ନୂଆ ସଂସ୍କରଣ ପ୍ରକାଶ କରିଆସୁଛି । ଆମର ଭାଷାକୁ ସମୃଦ୍ଧ କରିବା ଏବଂ ସାହିତ୍ୟ ଲେଖିବା ପଢ଼ିବାର ସ୍ୱପ୍ନକୁ ପୂରଣ କରିବା ସହ, ବିଭିନ୍ନ ଚିତ୍ରକଳା ତଥା ତଥ୍ୟଭିତ୍ତିକ ପ୍ରସଙ୍ଗକୁ ଲୋକଲୋଚନକୁ ଆଣିବା ମାଲେସିଆ ଓଡ଼ିଆ କମ୍ୟୁନିଟିର ଏକ ପ୍ରୟାସ ଅଟେ । ଏହି ପତ୍ରିକାର ପ୍ରତ୍ୟେକଟି ସଂସ୍କରଣ ସୃଜନାତ୍ମକ ଭାବରେ ପରିକଳ୍ପିତ ଏବଂ ଉପସ୍ଥାପିତ ହେଉଛି, ବିଭିନ୍ନ ବିଷୟକୁ ଅନ୍ତର୍ଭୁକ୍ତ କରିଛି । ଓଡ଼ିଆ ମହାନ ସଂସ୍କୃତିକୁ ସଂଯୋଗ କରିବା ଏବଂ ଏହାର ମହତ୍ୱ ବିସ୍ତାର କରିବା ପାଇଁ 'ଅଭୀପ୍ସା'ର ଆକାଂକ୍ଷା । ଏହା ଓଡ଼ିଆ ଏବଂ ଇଂରାଜୀ ପ୍ରବନ୍ଧ, ଗଳ୍ପ, କବିତା ମାଲେସିଆ ଓଡ଼ିଆ କମ୍ୟୁନିଟି ସଦସ୍ୟ ତଥା ଓଡ଼ିଶାର ଲେଖକମାନଙ୍କ ଦ୍ୱାରା ରଚିତ ହୋଇ ପ୍ରକାଶ ପାଉଛି । 'ଅଭୀପ୍ସା' ଓଡ଼ିଆ ମନର ମହକ ବୋଲି ପ୍ରବାସୀ ଓଡ଼ିଆଙ୍କ ଦ୍ୱାରା ଶ୍ରଦ୍ଧା ପାଇ ଆସୁଛି । ଏଇଠି ମନେପଡ଼େ ଡକ୍ଟର ଏପିଜେ ଅବଦୁଲ କଲାମ ଥରେ କହିଥିଲେ, "ତୁମର ସ୍ୱପ୍ନ ସାକାର ହେବା ପୂର୍ବରୁ ତୁମକୁ ସ୍ୱପ୍ନ ଦେଖିବା ଆବଶ୍ୟକ । ସମସ୍ତଙ୍କର ନିଜ ପାଇଁ ସ୍ୱପ୍ନ ଥାଏ । କିନ୍ତୁ କେବଳ ଅଳ୍ପ ଲୋକ ନିଜ ମାତୃଭୂମି ପାଇଁ ସ୍ୱପ୍ନ ଦେଖି ପାରିବେ ।" ଓଡ଼ିଶାର ଗୌରବକୁ ଆମ ଭିତରେ ବଞ୍ଚାଇବାର ସ୍ୱପ୍ନ ଏମଓସିର ପ୍ରତିଟି ଓଡ଼ିଆ ସଦସ୍ୟ ଦେଖିଥାନ୍ତି । ସାମୂହିକ ପ୍ରୟାସ ଦ୍ୱାରା ଏହି ସ୍ୱପ୍ନକୁ ସାକାର କରିବାକୁ ଏମ୍‌ଓସି ସଂକଳ୍ପବଦ୍ଧ ।




# ‘ଆରାକୁ’ ଉପତ୍ୟକାରେ ଦିନେ

**ରୋଜାଲିନି ମିଶ୍ର**
ଏ/ଇ-୨୫୦, ଭି.ଏସ୍.ଏସ୍. ନଗର, ଭୁବନେଶ୍ୱର-୭୫୧୦୦୭
ଫୋନ : ୮୮୯୫୩୨୬୪୩୪

ଫଟୋ ସୌଜନ୍ୟ : ଲେଖିକା


ଲେଖିକା ରୋଜାଲିନି ମିଶ୍ର

ଯାରାଡା ବେଳାଭୂମିର ସୁନେଲି ବାଲୁକା ରାଶି ଉପରେ ବସି ମୁଁ ଚାହିଁଥିଲି ଦୂର ଦିଗ୍‌ବଳୟକୁ । ଦୂରରେ ଥାଇ ଉପଭୋଗ କରୁଥିଲି ‘ଡଲ୍‌ଫିନ୍ ନୋଜ୍’ର ପ୍ରାକୃତିକ ସବୁଜିମାକୁ । ମାନସପଟରେ ଆକଳନ କରୁଥିଲି ସେଠାରେ ବତୀଘରର ସୌନ୍ଦର୍ଯ୍ୟକୁ । ଲହଡ଼ି ଆସି ମଥା ପିଟୁଥିଲା ବେଳାଭୂମି ତଟରେ । କୁନିକୁନି ପକ୍ଷୀ ଦିଓଟି ଅଦୂରରେ ଡେଣା ଝାଡୁଥିଲେ ବାଲୁକା ଶଯ୍ୟା ଉପରେ ଡେଇଁ ଡେଇଁ । ମୁଁ ହଜି ଯାଇଥିଲି ଭାବନା ରାଜ୍ୟରେ । ହଠାତ୍ ପୁଅ ଆସି ହଲେଇ ଦେଲା ପଛପଟୁ । ଭାବନାର ସୂତାଖିଅ ଛିଣ୍ଡିଗଲା ।

- ମାମା...ଏଇ ଦୂରରେ ଯୋଉ ପାହାଡ଼ଟା ଦିଶୁଛି...ସେଇଟା ଅନନ୍ତଗିରି ହିଲ୍ ନା ? ସେଇଠି ଅଛି ବୋରା କେଭ୍ ?

- ନା...ସେଇଟା ଡଲ୍‌ଫିନ୍ ନୋଜ୍ । ଆମେ କାଲି ଯିବା ଆରାକୁ ଭ୍ୟାଲି ଆଉ ବୋରା କେଭ୍ ।

- ଆଉ ବାମ୍ବୁ ଚିକେନ୍ ବି ଖାଇବା..

- ଖାଇବା ଛଡ଼ା ଆଉ ଦ୍ୱିତୀୟ ଚିନ୍ତା ତୋର କିଛି ଅଛି ?

ମୋ କଥାରେ ହସିଦେଲା ଟିକେ ପୁଅ ।

# ଅନ୍ୱେଷଣ



ତା' ପର ଦିନ ଏକଦମ ସକାଳୁ ସକାଳୁ ପ୍ରସ୍ତୁତ ହୋଇ ବାହାରି ଯିବାର ଥାଏ ଆରାକୁ ଉପତ୍ୟକା ଆଉ ବୋରା ଗୁମ୍ଫା ବୁଲିବା ପାଇଁ ।

ଆନ୍ଧ୍ରପ୍ରଦେଶର ଅନନ୍ତଗିରି ହିଲ୍ସ ସ୍ଥିତ ଏକ ପ୍ରସିଦ୍ଧ ହିଲ୍ ଷ୍ଟେସନ ହେଉଛି ଆରାକୁ ଉପତ୍ୟକା । ଓଡ଼ିଶା ସୀମାର ପାଖାପାଖି ଏବଂ ଭାଇଜାଗ୍ ସହରରୁ ୧୧୪ କି.ମି. ଦୂରରେ ଅବସ୍ଥିତ ଏହି ଉପତ୍ୟକାକୁ ଚାରି ପାଖରୁ ଘେରି ରହିଛନ୍ତି ରକ୍ତକୋଣ୍ଡା, ଚିତାମୋଗଣ୍ଡି, ଗଲିକୋଣ୍ଡା ଆଉ ଶଙ୍କରୀମେଟ୍ଟା ପାହାଡ଼ । ବହଳ ଜଙ୍ଗଲର କୋଳ ଭିତରେ ନିଜ କାୟା ବିସ୍ତାର କରିଥିବା ଏହି ହିଲ୍ ଷ୍ଟେସନଟି ବର୍ଷସାରା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥାଏ ନିଜ ସୌନ୍ଦର୍ଯ୍ୟର ଜାଲ ବିଛାଇ ।

ଆମେ ହୋଟେଲ୍‌ରୁ ବାହାରିଲା ବେଳକୁ ଖରା ଟିକେଟିକେ ଆସି ସାରିଥାଏ । ଡ୍ରାଇଭର୍ କହିଲା ଆମେ ପ୍ରଥମେ ଆରାକୁ ଉପତ୍ୟକାଟା ବୁଲିଦେବା ଏବଂ ଫେରିବା ରାସ୍ତାରେ ବୋରା କେଭ୍ ବୁଲିକି ଯିବା । ସେଇ ଅନୁସାରେ ମାନସିକ ପ୍ରସ୍ତୁତି ନେଇ ବାହାରିଗଲୁ ଆମେ ।

ପାହାଡ଼ ଛାତିର ସବୁଜିମାକୁ ଦୁଇ ଭାଗ କରି ସର୍ପିଳ ଗତିରେ ଆଗକୁ ଆଗକୁ ପଡ଼ିଛି କଳା ପିଚୁରାସ୍ତାଟିଏ । ଆରାକୁ ଘାଟିର ପ୍ରବେଶ ପଥରେ ପାଦ ଦେଉ ଦେଉ ଲକ୍ଷ୍ୟ କଲି ହଠାତ୍ ଜଳବାୟୁରେ ପରିବର୍ତ୍ତନ । ଭାଇଜାଗ୍ ସହରରେ ମୁହଁ କାଢ଼ିଥିବା ସୂର୍ଯ୍ୟ ଏଠି କିନ୍ତୁ ମୁହଁ ଲୁଚେଇଥିଲେ କୁହୁଡ଼ି ଭିତରେ । ଆମେ ଯେତେଯେତେ ଭିତରେ ପ୍ରବେଶ କରୁଥିଲୁ ସେତେସେତେ ବଢ଼ି ଚାଲିଥିଲା କୁହୁଡ଼ିର ଘନତା । କୁହୁଡ଼ିର ବହଳ ଆବରଣ ତଳେ ଗଛପତ୍ର, ରାସ୍ତାଘାଟ ସବୁ ଦିଶୁଥିଲା ଧୂଆଁ ଧୂଆଁଳିଆ । କେମିତି ଗୋଟାଏ ନିଛକ ଜଙ୍ଗଲୀ ଜଙ୍ଗଲୀ ନିଆରା ପରିବେଶ । ରାସ୍ତାର କଡ଼େକଡ଼େ ସବୁଜ ବନାନୀ ଭିତରୁ ମୁକୁଳି ଫିଟି ଆସିଛି କେଉଁଠି କେଉଁଠି ଛୋଟ ଜଳପ୍ରପାତ ମାନ ।

ମଝିରେ ମଝିରେ ରାସ୍ତାରେ ଗାଡ଼ି ରଖି ଆମେ ନିରିଖେଇ ଦେଖୁଥିଲୁ ଆରାକୁ ଉପତ୍ୟକାର ସୌନ୍ଦର୍ଯ୍ୟକୁ ରାସ୍ତା କଡ଼ରେ ଠିଆ ହୋଇ । ଏମିତି ଆଗକୁ ଯାଉ ଯାଉ ହଠାତ୍ ଗାଡ଼ି ଆମର ଅଟକିଲା ଗୋଟିଏ ସୁନ୍ଦର ଜଳପ୍ରପାତ ପାଖରେ । ପାହାଡ଼ ଛାତିରୁ ଛୋଟିଆ ନିର୍ଝରିଣୀଟିଏ ବହି ଆସିଛି ତଳକୁ କଳକଳ ଶବ୍ଦ କରି । ସମସ୍ତେ ଗାଡ଼ିରୁ ଓହ୍ଲେଇ ପାଖକୁ ଗଲୁ । ମୋ ସହ ଥିଲେ ମୋ ମିଷ୍ଟର, ପୁଅ, ସାନ ଭଉଣୀ ଆଉ ଭଉଣୀ ଜ୍ୱାଇଁ । ସେମାନଙ୍କୁ ଜଳପ୍ରପାତଟି କେମିତି ଲାଗୁଥିଲା ମୁଁ ଜାଣିନି । କିନ୍ତୁ ମୋତେ ଲାଗୁଥିଲା ଯେମିତି ସୁନ୍ଦରୀ ପାହାଡ଼ି କନ୍ୟାଟିଏ ପାଦରେ ଘୁଙ୍ଗୁର ବାନ୍ଧି ଛମ୍‌ଛମ୍ ହୋଇ ଧିମ୍‌ସା (ସେଠା ଆଦିବାସୀମାନଙ୍କର ଲୋକନୃତ୍ୟ) ନାଚୁଛି । ପାହାଡ଼ୀ କନ୍ୟାଟିକୁ ଟିକେ ଛୁଇଁ ଦେବାର ଅଦମ୍ୟ ଇଚ୍ଛାକୁ ଏଡ଼ାଇ ନପାରି ହାତରେ ଟୋକି ଧରିଲି ଆଞ୍ଜୁଳାଏ ପାଣି । ଇସ୍...କି ଥଣ୍ଡା ଆଉ କେତେ ନିର୍ମଳ ! ଆକ୍ୱାଗାର୍ଡ଼ ପାଣି ଠାରୁ ବି ଆହୁରି ସ୍ୱଚ୍ଛ ଆଉ ନିର୍ମଳ ଦିଶିଲା ମୋତେ । ଶୋଷ ନଥାଇ ବି ଢକଢକ କରି ପିଇ ନେଲି ଦୁଇ ଆଞ୍ଜୁଳା ପାଣି ପରମ ତୃପ୍ତିରେ ।

ଘାଟି ରାସ୍ତାରେ ଚକ୍ରି କାଟି କାଟି ଗାଡ଼ି ଚାଲିଥିଲା ଉପରକୁ ଉପରକୁ । ରାସ୍ତାର ଦୁଇ କଡ଼ରେ ବାମ୍ବୁ ଚିକେନ୍, ରୋଷ୍ଟେଡ୍ ଚିକେନ୍ ଆଉ ମକାପୋଡ଼ାର ପସରା ଧରି ବସିଥାନ୍ତି ଆଦିବାସୀ ଲୋକମାନେ । କୋଉଠି କୋଉଠି ଛୋଟ ପିଲାଙ୍କୁ ଆକୃଷ୍ଟ କରିବା ପାଇଁ ବେଲୁନ୍‌କୁ ଲକ୍ଷ୍ୟ କରି ଗୁଳି ମାରିବା, ତୀର ସନ୍ଧାନ କରିବା ଖେଳର ପସରା ମଧ୍ୟ ।

ଆରାକୁ ଉପତ୍ୟକାର ପ୍ରସିଦ୍ଧ ଖାଦ୍ୟ ହେଉଛି ବିନା ତେଲରେ ତିଆରି ବାମ୍ବୁ ଚିକେନ୍ ।

ପୁଅ ତ ପୂର୍ବଦିନରୁ ଅପେକ୍ଷା କରି ବସିଥିଲା ବାମ୍ବୁ ଚିକେନ୍ ଖାଇବ ବୋଲି । ଗାଡ଼ିରୁ ଓହ୍ଲେଇ ଦରଦାମ ବୁଝାବୁଝି କଲେ ମିଷ୍ଟର୍ । ସମସ୍ତଙ୍କ ପାଇଁ ବାମ୍ବୁ ଚିକେନ୍ ଅର୍ଡର୍ କରାଗଲା କେବଳ ମୋତେ ଛାଡ଼ି ।



ସେଦିନ ଥିଲା ରବିବାର । ମୁଁ ତ ରବିବାର ଆମିଷ ଖାଏନି । ସେଥିପାଇଁ ଆରାକୁ ଉପତ୍ୟକାର ଥଣ୍ଡା ଥଣ୍ଡା ପ୍ରାକୃତିକ ପରିବେଶରେ ପାହାଡ଼ି ରାସ୍ତାର କଡ଼ରେ ଠିଆ ହୋଇ ଗରମ ଗରମ ସଦ୍ୟ ପ୍ରସ୍ତୁତ ବାଙ୍ଗଉଠା ବାମ୍ବୁ ଚିକେନ୍ ଚାଖିବାର ମଜା ଟିକକୁ ହରେଇବାକୁ ପଡ଼ିଲା ମୋତେ । ଅନ୍ୟମାନେ ଖୁବ୍ ମଜା ନେଇ ନେଇ ଖାଇଲେ ଆଉ ମୋତେ ଚିଡ଼େଇଲେ ବି । ମିଷ୍ଟର କହିଲେ, "ଆଜି ରବିବାର ନା...ସୂର୍ଯ୍ୟଙ୍କ ବାର...ଏଠି ତ ସୂର୍ଯ୍ୟ କୁହୁଡ଼ି ଭିତରେ ଅଛନ୍ତି । ଡାଇରେକ୍ଟ ଦିଶୁ ନାହାନ୍ତି । ଆଜି ଖାଇ ଦେଇ କାଲି ମୁଣ୍ଡ ଧୋଇ ଗାଧୋଇ ପଡ଼ିଲେ ହେବନି ?" ଭଉଣୀ ଜ୍ୱାଇଁ କହିଲେ, "ନା ମ...ନାନୀଙ୍କର ଖାଇବା ଅଧା ହୋଇଗଲାଣି କହିଲେ ଚଳେ । କାରଣ ଆଘ୍ରାଣେ ଅର୍ଦ୍ଧ ଭୋଜନ ।" ସମସ୍ତଙ୍କ କଥା ଶୁଣିଲି । ଛାଡ଼..ମୋତେ କେବଳ ପୋଡ଼ାମକାରେ ହିଁ ସନ୍ତୁଷ୍ଟ ରହିବାକୁ ପଡ଼ିଲା ।

ଡ୍ରାଇଭର କହିଲା, "ମାଡାମ୍ ଜୀ....କଲ୍ ଆପ୍ ହୋଟେଲ୍ ରିସେପ୍ସନ୍ ମେଁ ବୋଲ୍କର୍ ତୁମ୍‌କୋ ବାମ୍ବୁ ଚିକେନ୍ କା ପାର୍ଶଲ୍ ଅର୍ଡ଼ର୍ କରା ସକ୍‌ତେ ହୋ ।"

– ନେହିଁ ହୋ ସକ୍‌ତା..ମେଁ ସୋମବାର୍ ଭି ନେହିଁ ଖାତି ହୁଁ ନନ୍‌ଭେଜ୍ ।

– ତୋ ଫିର୍ ଅଗଲେ ଦିନ୍...

– ନେହିଁ...ମେଁ ମଙ୍ଗଲ୍‌ବାର୍ କୋ ଭି ନେହିଁ ଖାତି ହୁଁ ନନ୍‌ଭେଜ୍ ।

– ତୋ ଫିର ଔର କୁଛ ନେହିଁ କିୟା ଜା ସକ୍‌ତା । ଆପ୍‌କୋ ଏକ୍‌ବାର୍ ଫିର୍‌ସେ ଆନା ପଡ଼େଗା ଭାଇଜାଗ୍ ସିର୍ଫ୍ ବାମ୍ବୁ ଚିକେନ୍ ଖାନେକେ ଲିୟେ ।

ମୋତେ ହସ ଲାଗିଲା ତା କଥାରେ ।

ବିନା ତେଲରେ କେମିତି ବାମ୍ବୁ ଚିକେନ୍ ତିଆରି ହେଉଛି ଟିକେ ଜାଣିବା ପାଇଁ ଇଚ୍ଛା ହେଲା । ପ୍ରସ୍ତୁତି ପ୍ରଣାଳୀ ବିଷୟରେ ଯାହା ଜାଣିଲି ସେମାନେ ପ୍ରଥମେ ଚିକେନ୍‌କୁ ଛୋଟ ଛୋଟ ପିସ୍ କରି ସେଥିରେ ଲୁଣ, ହଳଦୀ, ମସଲାଗୁଣ୍ଡ, ଅଦା ରସୁଣ ପେଷ୍ଟ, ଗରମ ମସଲା ଗୁଣ୍ଡ, କଟାପିଆଜକୁ ଗୋଳେଇ କିଛି ସମୟ ମାରିନେଟ୍ କରି ରଖନ୍ତି ।  ତା ପରେ ଗୋଟିଏ ବାଉଁଶ ଖଣ୍ଡ ମଝିରେ ତାକୁ ପୁରେଇ ଦେଇ ତା ମୁହଁକୁ କଦଳୀ ପତ୍ର କିମ୍ବା ଶାଳପତ୍ର ଦ୍ୱାରା ବନ୍ଦ କରି ଦିଅନ୍ତି । ତାପରେ ସେହି ଚିକେନ୍ ଭର୍ତ୍ତି ବାଉଁଶ ଖଣ୍ଡକୁ ନେଇ କାଠଚୁଲା କିମ୍ବା କୋଇଲା ଆଞ୍ଚରେ ଅଧଘଣ୍ଟାରୁ ପଇଁଚାଳିଶ ମିନିଟ ଯାଏଁ ମଧ୍ୟମ ଆଞ୍ଚରେ ଥୋଇ ଏପଟ ସେପଟ କରନ୍ତି । ବାଉଁଶ ପୋଡ଼ିବା ଆରମ୍ଭ କରେ । ସମ୍ପୂର୍ଣ୍ଣ ପୋଡ଼ିଗଲା ପରେ ସେମାନେ ଧିରେ ଧିରେ ବାଉଁଶକୁ ଫଟେଇ ସେଥିରୁ ଚିକେନ୍ ତକ ବାହାର କରି ଆଣନ୍ତି । ତାପରେ ସରୁସରୁ କଟା ହୋଇଥିବା କଞ୍ଚା ପିଆଜ, ଲେମ୍ବୁରସ ଆଉ ଆବଶ୍ୟକ ସ୍ଥଳେ କଞ୍ଚା ଲଙ୍କା ଦେଇ ପରଷି ଦିଅନ୍ତି ପର୍ଯ୍ୟଟକମାନଙ୍କୁ । ବାଃ...ଖୁବ୍ ବଢ଼ିଆ ତ ! ବିନା ତେଲ ଆଉ ଖୁବ୍ କମ ମସଲାରେ ସ୍ୱାଦିଷ୍ଟ ବ୍ୟଞ୍ଜନ ।

ଆପଣମାନେ ଯେବେ ବି ଆରାକୁ ଭ୍ୟାଲିକୁ ବୁଲିବା ପାଇଁ ଯିବେ ବାମ୍ବୁ ଚିକେନ୍ ଖାଇବାର ମଜା ଜମା ହାତଛଡ଼ା କରିବେନି । ଏଠାରେ ଚିକେନ୍ ଫୁଲ୍





ପ୍ଲେଟ୍ କିମ୍ବା ଅଧାପ୍ଲେଟ୍ ହିସାବରେ ବିକ୍ରି ହୁଏନି । ଆପଣଙ୍କୁ ୨୦୦ଗ୍ରାମ, ୩୦୦ଗ୍ରାମ କି ୫୦୦ଗ୍ରାମ ଚିକେନ୍ ଦରକାର କହିଲେ ସେମାନେ ସେତିକି ପରିମାଣର ଚିକେନ୍ ଓଜନ କରି ସାଙ୍ଗେ ସାଙ୍ଗେ ଆପଣଙ୍କ ପାଇଁ ତିଆରି କରିବେ । ଅର୍ଡ଼ର ଦେଇ ସାରି ଚିକେନ୍ ପ୍ରସ୍ତୁତ ହେବା ସମୟ ଭିତରେ ଆପଣ ଲକ୍ଷ୍ୟଭେଦ କରି ବନ୍ଧୁକ ଚାଳନା, ତୀର ଚାଳନାର ମଜା ନେଇ ପାରିବେ । ନହେଲେ ସେଇ ପାଖରେ ଥିବା ଛୋଟ ହ୍ରଦ, ଜଳପ୍ରପାତ, ପାହାଡ଼ପର୍ବତ ସହ କିଛି ସମୟ ବିତେଇ ପାରିବେ ।

ଆରାକୁ ଭ୍ୟାଲିରେ ଅଛି ଟ୍ରାଇବାଲ୍ ମ୍ୟୁଜିଅମ୍ । ମ୍ୟୁଜିଅମ୍‌ର ଚାରି କଡ଼ରେ ଥିବା ଫୁଲଗଛର ସମ୍ଭାର ପର୍ଯ୍ୟଟକଙ୍କ ମନ ମୋହିନେବା ପାଇଁ ଯଥେଷ୍ଟ । ମ୍ୟୁଜିଅମ୍ ଭିତରେ ଭଳିକି ଭଳି ହାତ ତିଆରି ଜିନିଷ ଠାରୁ ଆରମ୍ଭ କରି ଚେରମୂଳି, ଜଙ୍ଗଲଜାତ ଦ୍ରବ୍ୟ, ବିଭିନ୍ନ ଫୁଲଫଳର ବିହନମଞ୍ଜି ଉପଲବ୍ଧ । ଖୁବ୍ ସୁନ୍ଦର ସୁନ୍ଦର ଝୋଟରେ ତିଆରି ହାତବ୍ୟାଗ୍, କାଠରେ ତିଆରି ଚାବି ରିଂ ଆଉ ଘରକରଣା ଜିନିଷ, ମାଟିରେ ତିଆରି କଣ୍ଢେଇ ସବୁ ଦେଖି ଲୋଭ ଲାଗିଲା କିଛି କିଣିବା ପାଇଁ । ଅଳ୍ପ କିଛି ଜିନିଷ କିଣାକିଣି ସାରି ଆମେ ପୁଣି ବସିଲୁ ଗାଡ଼ିରେ । ଫେରିବା ରାସ୍ତାରେ ଆମକୁ ବୋରା ଗୁମ୍ଫା ବୁଲିକି ଯିବାର ଅଛି ପୁଣି ।

ରାସ୍ତାର ଦୁଇ ପାର୍ଶ୍ୱରେ ଧାଡ଼ି ଧାଡ଼ି କଫି ବଗିଚା । ଠାଆକୁ ଠାଆ ପର୍ଯ୍ୟଟକମାନଙ୍କ ପାଇଁ ଛୋଟ ଛୋଟ ଉଠା କଫି ଦୋକାନ ମଧ୍ୟ । ଥଣ୍ଡାଥଣ୍ଡା କୁହୁଡ଼ିଆ ପାଗ ସାଙ୍ଗକୁ ପବନରେ ଭାସି ଆସୁଥାଏ କଫିର ମାଦକ ବାସ୍ନା ।

ଆରାକୁ ଉପତ୍ୟକା କଫିଚାଷ ପାଇଁ ବିଶ୍ୱ ପ୍ରସିଦ୍ଧ । ଏଠାରେ ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟ ମୁଖ୍ୟତଃ କଫିଚାଷ ଉପରେ ନିର୍ଭରଶୀଳ । ବିଶ୍ୱ ସ୍ତରରେ ପ୍ରସିଦ୍ଧି ଅର୍ଜନ କରିଥିବା 'ଆରାକୁ ଏମେରାଲ୍‌ଡ୍' ବ୍ରାଣ୍ଡ୍ କଫିର ଉତ୍ପତ୍ତି ଏହି ଆରାକୁ ଉପତ୍ୟକାରୁ ହିଁ ହୋଇଥାଏ । ତେଣୁ କଫିର ଉତ୍ପତ୍ତି ସ୍ଥଳକୁ ଆସି ଟିକେ କଫି ପିଇକି ନଯିବାଟା କିଛି ଗୋଟାଏ ସୁନ୍ଦର ସ୍ମୃତିକୁ ସାଉଁଟୁ ସାଉଁଟୁ ହାତଛଡ଼ା କରିଦେବା ସାଙ୍ଗେ ସମାନ ହେବ ନିଶ୍ଚୟ । ଗରମା ଗରମ କଫିର ବାସ୍ନାକୁ ଏଡ଼ାଇ ନପାରି ଗାଡ଼ି ପୁଣି ରହିଲା । ସମସ୍ତେ କଫି ପାଇଁ ଅର୍ଡ଼ର ଦେଲେ ।

ଯଦିଓ ମୁଁ ଚା କିମ୍ବା କଫି ସହ ଆଦୌ ଅଭ୍ୟସ୍ତ ନୁହେଁ ତଥାପି ବି ମୁଁ ପିଇବାକୁ ଚାହିଁଲି । କାରଣ ବାମ୍ବୁ ଚିକେନ୍‌ର ମଜା ନେବା ସୁଯୋଗକୁ ହରେଇ ସାରିଲା ପରେ ପୁଣିଥରେ ଆରାକୁ କଫିକୁ ହାତଛଡ଼ା କରିବାକୁ ଚାହୁଁ ନଥିଲି ।

ଏବେ ଆମେ ଫେରନ୍ତା ପଥର ଯାତ୍ରୀ । କେତେ ସୁନ୍ଦର ପ୍ରଶାନ୍ତିମୟ ପରିବେଶ ! ଛାଡ଼ିକି ଆସିବା ପାଇଁ ମନ ଡାକୁ ନଥିଲା । ସହରର ଉଥଲ୍‌ପୁଥଲ୍ ପ୍ରଦୂଷଣ ଠାରୁ ଢେର୍ ଦୂରରେ ଏହି ସବୁଜ ସୁନ୍ଦର ଉପତ୍ୟକାଟି । ମୋତେ ଲାଗୁଥିଲା ଆଃ...ଏଇଠି ହିଁ ଶାନ୍ତି...ଯାକୁ ହିଁ କୁହନ୍ତି ବୋଧେ ଜୀବନ ।

ଆମେ ଆରାକୁ ଉପତ୍ୟକାରୁ ଫେରୁଥିଲୁ । ବୋରା ଗୁମ୍ଫା ଆଉ ଅଳ୍ପ ବାଟ ଅଛି । ହଠାତ୍ ଟିପ୍‌ଟିପ୍ ବର୍ଷା ପଡ଼ିବା ଆରମ୍ଭ ହେଲା । ଗୋଟେ କୁହୁଡ଼ିଆ ଶୀତୁଆ ଅପରାହ୍ନରେ ପବନର ହାଲ୍‌କା ସୁ ସୁ ଶବ୍ଦ ସହ ବର୍ଷାର ରିମ୍‌ଝିମ୍ ଶବ୍ଦ ରିମିକ୍ସରେ ଯେଉଁ ମାହୋଲ୍ ସୃଷ୍ଟି ହେଲା ସେଥିରେ ଆମ ଦେହହାତ କାଲୁଆ ହୋଇଗଲା ଏକଦମ ଥଣ୍ଡାରେ । ପାଖରେ ଛତା ବି ନାହିଁ । କିଏ ଜାଣିଥିଲା ଏମିତି ହେବ ବୋଲି ? ତରତର ହୋଇ ଟିକେଟ୍ କାଟି ଗୁମ୍ଫା ଭିତରେ ପଶିଗଲୁ ସବୁ ।

ଯେତେବେଳେ ଜଳ ଚୂନ ପଥରର ସଂସ୍ପର୍ଶରେ ଆସେ ସେତେବେଳେ କଣ ଘଟେ ଜାଣିବା ପାଇଁ ଆପଣମାନଙ୍କୁ ନିଶ୍ଚୟ ଆସିବାକୁ ପଡ଼ିବ ଥରେ ଏହି ବୋରା ଗୁମ୍ଫା ଭିତରକୁ । ଅନନ୍ତଗିରି ପାହାଡ଼ରେ ବହି ଯାଇଛି ଗୋସ୍ଥାନୀ ନଦୀ । ଗୋସ୍ଥାନୀ ନଦୀ ଜଳର ସଂସ୍ପର୍ଶରେ ଆସିଥିଲା ଏହି ଅନନ୍ତଗିରି ପାହାଡ଼ରେ ଗଚ୍ଛିତ ଥିବା ଚୂନପଥର । ଚୂନ ପଥରରେ ମହଜୁଦ ଥିବା କ୍ୟାଲ୍‌ସିୟମ୍ କାର୍ବୋନେଟ୍ ସହ ଜଳର ମିଶ୍ରଣର ପ୍ରତିକ୍ରିୟାରେ ଯାହା ଘଟିଲା ତାହାର ପରିଣାମ ହେଉଛି ଏହି ବୋରା ଗୁମ୍ଫା । ଗୋସ୍ଥାନୀ ନଦୀର ପ୍ରବାହ ଜନିତ ଆଘାତ ଦ୍ୱାରା ସୃଷ୍ଟି ଏହି ପ୍ରାକୃତିକ ଗୁମ୍ଫାର ।

୬୬୦ ଫୁଟ୍ ଲମ୍ବା ଆଉ ୪୦ଫୁଟ୍ ଉଚ୍ଚତା ବିଶିଷ୍ଟ ଏହି ଗୁମ୍ଫା ହେଉଛି





ବିଶ୍ୱର ଅନ୍ୟତମ ମୂଲ୍ୟବାନ ନୃତତ୍ତ୍ୱ ଗବେଷଣା କେନ୍ଦ୍ର । ପ୍ରତ୍ନତାତ୍ତ୍ୱିକ ଖନନ ସମୟରେ ମିଳିଥିବା କିଛି ମଧ୍ୟ ପ୍ରସ୍ତର ଯୁଗୀୟ ଉପକରଣରୁ ଜଣାଯାଏ ଯେ ଏଠାରେ କେଇ ନିୟୁତ ବର୍ଷ ଆଗରୁ ମାନବ ବସତି ଥିଲା ।

ଆମେ ବୁଲୁଥିଲୁ ଗୁମ୍ଫା ଭିତରେ । କେଉଁଠି ପାହାଡ଼ ଦେଇ ତଳକୁ ଯିବାକୁ ପଡୁଥିଲା ତ କୋଉଠି ଉପରକୁ ଉଠିବାକୁ ପଡୁଥିଲା । ଗୁମ୍ଫାର ଭିତରେ ଆଲୋକ ପ୍ରବେଶ ପାଇଁ ଗୁମ୍ଫାର ଛାତରେ ଠାଏ ଠାଏ କେତୋଟି ଛିଦ୍ର ଅଛି । ଯେହେତୁ ଆମେ ସନ୍ଧ୍ୟା ପରେ ବୁଲୁଥିଲୁ ସେଥିପାଇଁ ଦିନବେଳା ତିର୍ଯ୍ୟକ ସୂର୍ଯ୍ୟ ରଶ୍ମିର ପ୍ରଭାବରେ ଗୁମ୍ଫାର ସୌନ୍ଦର୍ଯ୍ୟକୁ ଦେଖିବାରୁ ବଞ୍ଚିତ ହେଲୁ ।

ଗୁମ୍ଫା ଭିତରେ ଏଟିଡିସି ଦ୍ୱାରା ନାଲି, ନୀଳ, ହଳଦିଆ, ସବୁଜ ଆଦି ରଙ୍ଗର ରଙ୍ଗୀନ ଲାଇଟ୍‌ର ବ୍ୟବସ୍ଥା ହୋଇଛି ଯାହାକି ଆଖିରେ କୁହୁକ ଇନ୍ଦ୍ରଜାଲ ବୁଣୁଥିଲା । ଗୁମ୍ଫାର ଛାତରୁ ଦୀର୍ଘଦିନ ଧରି ଜମା ହୋଇ ହୋଇ ତଳକୁ ଓହଳି ପଡ଼ିଥିବା କ୍ୟାଲସିୟମ୍ ସ୍ତୁପ (stalagmite) ଏବଂ ଛାତରୁ ଠପ୍ ଠପ୍ କ୍ୟାଲସିୟମ୍ ମିଶ୍ରିତ ପାଣି ଗଳି ଗୁମ୍ଫାର ଚଟାଣରେ ଜମା ହୋଇ ସ୍ତୁପ (stalacite) ସବୁ ବିଭିନ୍ନ ମୂର୍ତ୍ତିର ରୂପ ନେଇ ସାରିଥିଲେ । କେଉଁଠି କେଉଁଠି ପଥର ଉପରେ ଶୈବାଳ କବକମାନଙ୍କ ଆସ୍ତରଣ ତ ପୁଣି କେଉଁଠି ବାଦୁଡ଼ି ଚେମେଣିମାନଙ୍କ ଆଡ୍ଡା ଜମିଛି ଗୁମ୍ଫା ଭିତରେ ।

ଗୁମ୍ଫା ଭିତରେ ଗୋଟିଏ ପ୍ରାଚୀନ ଶିବଲିଙ୍ଗ ମଧ୍ୟ ଦେଖିବାକୁ ମିଳିଲା । ଗୁମ୍ଫା ଭିତରେ ଶିବଲିଙ୍ଗ ! ନିଶ୍ଚୟ କିଛି କିମ୍ବଦନ୍ତୀ ଥିବ ଯା ପଛରେ । ଭାବିଭାବି କାନ ଡେରିଲି ଜଣେ ଗାଇଡ୍ କିଛି ବୁଝାଉଥିବାର କିଛି ଲୋକଙ୍କୁ ।

କିମ୍ବଦନ୍ତୀ କୁହେ ଯେ ଥରେ ଏହି ଗୁମ୍ଫା ଉପରେ ଗୋଟିଏ ପରଜା ସଂପ୍ରଦାୟର ପିଲା ଗାଈ ଚରଉଥିଲା । ଗୁମ୍ଫା ଉପରେ ଥିବା ଛିଦ୍ର ଦେଇ ଗାଈଟି ଗୁମ୍ଫା ଭିତରକୁ ଖସି ପଡ଼ିଲା । ଗାଈଟିକୁ କେମିତି ଉଦ୍ଧାର କରିବ ଆଉ କେମିତି ଗୁମ୍ଫା ଭିତରକୁ ଯିବ ବୋଲି କିଛି ବୁଦ୍ଧିବାଟ ପାଇଲାନି ଗାଈଆଳ ପିଲାଟି । ଦୁଇ ତିନିଦିନ ପରେ ଯେତେବେଳେ ସେ ବାଟ ଖୋଜିଖୋଜି ଗୁମ୍ଫା ଭିତରେ ପ୍ରବେଶ କଲା ସେ ଦେଖିଲା ଯେ ତା ଗାଈ ବଞ୍ଚିଛି ଆଉ ଏକ୍‌ଦମ୍ ଠିକ୍ ଅଛି । ଗୋଟିଏ ଶିବଲିଙ୍ଗ ପାଖରେ ଗାଈଟି ଚୁପ୍‌ଚାପ୍ ଠିଆ ହୋଇଛି । ଶିବଜୀଙ୍କ କୃପାରୁ ତା ଗାଈ ବଞ୍ଚିଛି ବୋଲି ତା ମନରେ ବିଶ୍ୱାସ ଜନ୍ମିଲା । ସେ ଏକଥା ଯାଇ ସବୁ ଲୋକମାନଙ୍କୁ କହିଲା । ଲୋକମାନେ ମିଶି ଗୁମ୍ଫା ବାହାରେ ଗୋଟିଏ ଶିବ ମନ୍ଦିର ତିଆରି କରିଦେଲେ । ଏବେ ବି ସେଠାରେ ବସବାସ କରୁଥିବା ସଉରା, କନ୍ଧ, କୁଟିଆ, ପରଜା ଓ ବାଲ୍ମୀକି ସମ୍ପ୍ରଦାୟର ଲୋକମାନେ ଏହି ମନ୍ଦିରରେ ପୂଜା କରନ୍ତି ।

କେହି କେହି ବି କଥା ହେଉଥିବାର ଶୁଣିଲି ଯେ ଭଗବାନ ଶ୍ରୀ ରାମଚନ୍ଦ୍ର ତାଙ୍କ ବନବାସ ସମୟରେ ଏହି ଗୁମ୍ଫାରେ କିଛି ଦିନ ଅତିବାହିତ କରିଥିଲେ ଆଉ ଏହ ଶିବଲିଙ୍ଗଙ୍କୁ ପୂଜା କରୁଥିଲେ ।

ଗୁମ୍ଫାରୁ ବାହାରିବାର ବେଳ ପାଖେଇ ଆସୁଥିଲା । ଯେତିକି ସମୟ ତା ଭିତରେ ଥିଲି ଗୋଟେ ଭିନ୍ନ ପୃଥିବୀରେ ଥିଲା ପରି ଅନୁଭୂତ ହେଉଥିଲା ମୋତେ । ମନ ଡାକୁ ନଥିଲା ଫେରିବା ପାଇଁ । ଇଚ୍ଛା ଥିଲା ଦିନବେଳା ଥରେ ଗୁମ୍ଫା ଭିତରେ ବୁଲିବା ପାଇଁ । ଆହୁରି ଇଚ୍ଛା ଥିଲା ଆରାକୁ ଉପତ୍ୟକାରେ ବସବାସ କରୁଥିବା ପରଜା, କୁଟିଆ, ସଉରା ଆଦି ଜନଜାତିଙ୍କ ଜୀବନଶୈଳୀ ବିଷୟରେ କିଛି ଜାଣିବା ପାଇଁ । କିନ୍ତୁ ହାତରେ ସୀମିତ ସମୟ । ପୁଣି ତା ପରଦିନ ଭୁବନେଶ୍ୱର ବି ଫେରିବାର ଥିଲା । ଡ୍ରାଇଭର୍ ବି ବ୍ୟସ୍ତ ହେଉଥିଲା ଜଲ୍‌ଦି ଜଲ୍‌ଦି ସେ ଘାଟି ଜଙ୍ଗଲ ରାସ୍ତାରୁ ବାହାରି ଆମକୁ ଆମ ହୋଟେଲ୍ ଛାଡ଼ିଦେଲେ ସେ ଦାୟିତ୍ୱମୁକ୍ତ ହେବ । ଅଗତ୍ୟା ଫେରିବାକୁ ପଡ଼ିଲା ମୋତେ ସେଇ ଶାନ୍ତ ସ୍ନିଗ୍ଧ ପରିବେଶ, ପାହାଡ଼ୀ ଝରଣା, କଫି ବଗିଚା, ସରଳ ଆଦିବାସୀ ଜନଜାତିଙ୍କୁ ପଛରେ ଛାଡ଼ି ।




Aryan Life Sciences, Main Road, Opp. Auro Spinning mills, Vardhaman Chowk, Baddi, Dist- Solan, H.P., Pin- 173205
Mob: 09318032233, 09338932233 | E-mail: aaryanlifescience@gmail.com | Web: www.aryanlifesciences.in



# ବ୍ୟାଙ୍କକ୍‌ର ବୁଦ୍ଧ

# ବୁଲିଆସିବା ବ୍ୟାଙ୍କକ୍


## ସ୍ୱୟଂପ୍ରଭା ପଣ୍ଡା

ଆଟ୍ଲାଣ୍ଟିସ୍ ୧୮୦୩- ବି ୱିଙ୍ଗ୍
ହୀରାନନ୍ଦାନି ଗାର୍ଡ଼େନ୍ସ୍, ପାୱାଇ, ମୁମ୍ବାଇ-୪୦୦୦୭୬
ଫୋନ : ୮୩୬୯୦୧୨୧୫୪


ଫଟୋ ସୌଜନ୍ୟ : ଲେଖିକା



◄ ଲେଖିକା ସ୍ୱୟଂପ୍ରଭା ପଣ୍ଡା

ପିଲାଦିନୁ ବୁଦ୍ଧଙ୍କ ଜୀବନୀ ଓ ଜାତକ କାହାଣୀ ସଂଗେ ଆମେ ସମସ୍ତେ ଊଣା ଅଧିକେ ପରିଚିତ । ଅତି ଅଲିଅଳ ହୋଇ ବଢ଼ିଥିବା ରାଜକୁମାର ସିଦ୍ଧାର୍ଥ ଗୋଟେ ବୃଦ୍ଧ, ଗୋଟେ ରୋଗୀ, ମୃତ ବ୍ୟକ୍ତି ଓ ସର୍ବଶେଷରେ ଜଣେ ଯୋଗୀଙ୍କୁ ଦେଖି ଏତେ ବେଶୀ ବିଚଳିତ ହୋଇଗଲେ ଯେ ନିଜ ସ୍ତ୍ରୀ ଓ ଜନ୍ମିତ ପୁତ୍ରକୁ ଛାଡ଼ି ନିର୍ବାଣ ପାଇବା ପାଇଁ ଜଙ୍ଗଲକୁ ଚାଲିଗଲେ । ଶେଷରେ ବୋଧଗୟାର ଏକ ଅଶ୍ୱସ୍ଥ ଗଛ ତଳେ ବୁଦ୍ଧତ୍ୱ ପ୍ରାପ୍ତ ହେଲେ । ସେଥିପାଇଁ ଯେତେବେଳେ ବୁଦ୍ଧଙ୍କ କଥା ଆମେ ପଢୁ ଆପେ ଆପେ ମନକୁ ଏକ ଚିତ୍ର ଆସେ ଯେ, ସେ ଜଣେ ମହାନ ଯୋଗୀ ଅବା ଭଗବାନଙ୍କ ଏକ ଅବତାର ଯିଏ ଏକ ଅଶ୍ୱସ୍ଥ ବୃକ୍ଷ ମୂଳେ ସଦା ଧ୍ୟାନରତ । ତାଙ୍କ ଧର୍ମରେ ଦୀକ୍ଷିତ ଗୈରିକ ବସ୍ତ୍ରଧାରୀ ବୌଦ୍ଧ ଭିକ୍ଷୁମାନେ ବି ଆମ କଳ୍ପନାରେ ଆସିଥାନ୍ତି । ଏମିତି ଭାବିବାର ଆଉ ଗୋଟେ କାରଣ ହେଉଛି ତିବ୍‌ବତର ଦଲାଇଲାମା ଆଉ ଅନ୍ୟ ଭୀକ୍ଷୁଗଣ । ତଥା ଦୋକାନମାନଙ୍କରେ ବୁଦ୍ଧଙ୍କ ସେ ତପସ୍ୟାରତ ଦୃଶ୍ୟର ମୂର୍ତ୍ତିସବୁ । ହେଲେ ବାଙ୍କର ବୁଦ୍ଧ ମନ୍ଦିର ଥରେ ଦେଖିଲେ ଲାଗିବ, ଯାହାର ରାଜା ହେବାର ଅଛି ସେ ଯୋଗୀ ହେଲେ ବି ରାଜା ଭଳିଆ ହିଁ ରହିବ । ଏମିତି କହିବା ପଛରେ ଅଛି ମୋ ଅନୁଭୂତି, ଯାହା ମୁଁ ବ୍ୟାଂକକ୍‌ର ବୁଦ୍ଧ ମନ୍ଦିର ସବୁ ବୁଲିକି ଦେଖିଲା ପରେ ମୋ ମନକୁ ଆସିଲା ।

ବ୍ୟାଙ୍କକ୍‌ର ସୁବର୍ଣ୍ଣଭୂମି ଏୟାର୍‌ପୋର୍ଟରେ ଓହ୍ଲାଇବା ମାତ୍ରେ ହିଁ ଆମେ ଅନୁଭବ କଲୁ ଯେମିତି ଗୋଟେ ରାଜାଙ୍କ ରାଜଧାନୀରେ ଆମେ ପ୍ରବେଶ କରୁଛୁ । ଉଡ଼ାଜାହାଜରୁ ବାହାରିବା ଠୁ ଏୟାର୍‌ପୋର୍ଟ ବାହାର ପର୍ଯ୍ୟନ୍ତ ଚତୁର୍ଦ୍ଦିଗ, ଲକ୍ଷାଧିକ ଅର୍କିଡରେ ସଜା ହୋଇଥିଲା । ଅର୍କିଡର ଯେତେ ଜାତି ପ୍ରଜାତି ଥାଇପାରେ ବୋଧେ ସେଠି ସବୁ ମହଜୁଦ ଥିଲା । ଲାଗୁଥିଲା ଯେମିତି ଆମେ ଏୟାର୍‌ପୋର୍ଟ ନୁହେଁ ଗୋଟେ ଅର୍କିଡ୍ ଉଦ୍ୟାନରେ ପଶି ଯାଇଛୁ । ସେ ଫୁଲଗୁଡ଼ିକ ଏତେ ନିଖୁଣ ଆଉ ସତେଜ ଥିଲା ଯେ ମୁଁ ନିଜର କୌତୁହଳକୁ ସମ୍ଭରଣ କରି ନପାରି ତାକୁ ଟିକେ ଛୁଇଁ କି ଦେଖିଲି ଯେ ସେ ସତ ଗଛ ନା ପ୍ଲାଷ୍ଟିକ୍ ! ବହୁତ୍ ବାଟ ଏୟାର୍‌ପୋର୍ଟରେ ଚାଲି ଚାଲି ଯିବା ପରେ ଆମ ଇମେଗ୍ରେସନ୍ clearance ବୁଥ୍‌ରେ ପହଞ୍ଚିଲୁ । ସେଠାରେ ଦୁଇଟି ଲାଇନ୍ ଥିଲା । ଗୋଟିଏ ସର୍ବ ସାଧାରଣ ଆଉ ଗୋଟିଏ ଭିଆଇପି । ଭିଆଇପି ଲାଇନ ପାଇଁ ଅଳ୍ପ ଅଧିକା ଫିସ୍ ଦରକାର । ସେଠି ଇଂରେଜୀ ବହୁତ୍ କମ୍ ବୁଝନ୍ତି । ଆଉ କେବେ କେବେ ଜାଣି କି ବି ପର୍ଯ୍ୟଟକଙ୍କୁ ଫସାନ୍ତି । ତେବେ ଆମେ ଭିସା ଅନ୍ ଏରାଇଭାଲ୍ ପାଇଁ ସେହି ଭିଆଇପି ଲେନ୍ ଦେଇ ଗଲୁ । ଭିସା ନେଇ ବାହାରକୁ ଆସି ନିଜ ଜିନିଷପତ୍ର ନେଇ ବାହାରକୁ ଆସିଲୁ । ଏୟାରପୋର୍ଟରେ ଅର୍କିଡ୍ ଆଉ ପୌରାଣିକ ଚରିତ୍ରମାନଙ୍କ ମୂର୍ତ୍ତି ସବୁ ବିଭିନ୍ନ ଜାଗାରେ ସଜା ହୋଇଥିଲା । ଯଦିବା ଏୟାର୍‌ପୋର୍ଟର ସାଜସଜ୍ଜା ସିଙ୍ଗାପୁର, କି ମୁମ୍ବାଇ ପରି ନଥିଲା, ହେଲେ ସ୍ଥାନେ ସ୍ଥାନେ ଖୁବ୍ ସୁନ୍ଦର ପୌରାଣିକ କଥାକୁ ଦର୍ଶାଉଥିବା ମୂର୍ତ୍ତିମାନଙ୍କୁ ରଖା ଯାଇଥିଲା, ଯେମିତି ଗୋଟେ ଯକ୍ଷର ମୂର୍ତ୍ତି, ଶ୍ରୀକୃଷ୍ଣଙ୍କ କାଳିଆ ଦଳନ ମୂର୍ତ୍ତି, ହେଲେ ସେସବୁ ମୂର୍ତ୍ତି, ଥାଇଲାଣ୍ଡର ପାରମ୍ପରିକ ପୋଷାକରେ ଖୁବ୍ ଅଦ୍ଭୁତ ଦିଶୁଥିଲେ ଆମକୁ । ସତ କହିବାକୁ ଗଲେ ମୋତେ ଖୁବ୍ ହସ ଲାଗିଲା ତାକୁ ଦେଖି, ଆଉ ଖୁବ ଆପଣାର ବି ଲାଗିଲା ସେ ଦେଶ, ଭାବିଲି ହିନ୍ଦୁ ଧର୍ମକୁ କେତେ ସମ୍ମାନ ଆଉ ଆଦର କରୁଛନ୍ତି ଏମାନେ ! ଆଉ ଆମ ଦେଶରେ ହିନ୍ଦୁ ଧର୍ମ ଉପରେ ପଦେ କହିବା ପାଇଁ ବି ସାହସ ଯୁଟାଇବାକୁ ପଡୁଛି ।

ସୁବର୍ଣ୍ଣଭୂମି ଏୟାରପୋର୍ଟରେ ଓହ୍ଲାଇ ଆମେ ହୋଟେଲ ରାମାଡ଼ାକୁ ଗଲୁ । ବହୁଦିନ ପୂର୍ବରୁ ସେଠି ବୁକିଂ ହୋଇଥିଲା, ହୋଟେଲ୍‌ଟା ଯଦିବା ସୁନ୍ଦର ଥିଲା ମୋତେ ସେଇଟା ଏତେ ଭଲ ଲାଗିଲାନି । ସେଠି ଲୋକଙ୍କ ଭିତରେ କେମିତି ଗୋଟେ ଅଦ୍ଭୁତ ଶଠତା ମୋତେ ଦେଖାଗଲା । ଯେମିତି ଆମେ ଆସୁ ଆସୁ ୱେଲ୍‌କମ୍ ଡ୍ରିଙ୍କ୍‌ରେ ଗୋଟେ ଫ୍ରୁଟ୍‌ପଂଚ୍ ଡ୍ରିଂକ୍ ତ ଦେଲେ, ହେଲେ ମାତ୍ର ଦୁଇ ଜଣଙ୍କୁ ଅନ୍ୟ ପାଇଁ ଯଦି ଆସି ପାରିନି ତେବେ ସେଥିନେଇ କିଛି ବି ସେମିତି ବ୍ୟସ୍ତତା ତାଙ୍କ ପାଖରେ ନଥିଲା । ପ୍ରଥମେ ମୁଁ ଏଇଟାକୁ ଏତେ ବଡ଼ ଭାବୁନଥିଲି ହେଲେ ଧୀରେ ଧୀରେ ମୁଁ ସେଠା ଲୋକଙ୍କ ଏ ଗୁଣଟିକୁ ଖୁବ୍ ଭଲ ଭାବେ ଅନୁଭବ କଲି ।

ଆମେ ସେଠି ପହଞ୍ଚ ରୁମ୍‌କୁ ଯିବା ରାସ୍ତାରେ ଦେଖିଲୁ, ହୋଟେଲର ସବୁ କାନ୍ଥରେ ପୁରା ଛାତ ଯାଏ ଗାଲିଚା ଲାଗିଛି, କାହିଁକି କେଜାଣି ମୋତେ ତାକୁ ଦେଖି ଏତେ ଠିକ୍ ଲାଗିଲାନି, ଭାବିଲି ଯଦି କେବେ ନିଆଁ ଲାଗିଯାଏ ତେବେ କେହିବି ଏଠୁ ରକ୍ଷା ପାଇ ପାରିବେନି, ତେବେ ଯାହା ହଉ ଆମେ ସେଠି ରହିବୁ ବୋଲି ଠିକ୍ କଲୁ, ଭାବିଲୁ ଦୁଇଦିନ କଥା ଏମିତି

ଚାଲିଯିବ । ଲଞ୍ଚ୍ କରି ଆମେ ଗୋଟେ ଟ୍ୟାକ୍ସି ନେଇ 'ଓ୍ୱଟ ଅରୁଣ' ଯିବାକୁ ବାହାରିଲୁ । ଏଠି ସବୁଠୁ ଖରାପ କଥା ହଉଚି, ସେମାନେ ଇଂରାଜୀ ଏତେ ଭଲରେ କହି ପାରନ୍ତିନି କି ବୁଝି ବି ପାରନ୍ତିନି । ଆଉ ସେ ଲୋକ ଗୁଡ଼ାକୁ ଖୁବ ଚତୁର, କେବେ କେବେ ବୁଝି କି ଲୋକଙ୍କୁ ଠୁ ପଇସା ପାଇବା ପାଇଁ ଖୁବ ଏପଟ ସେପଟ ରାସ୍ତାରେ ନିଅନ୍ତି । ତେବେ ଯାହା ହଉ ଆମ ହୋଟେଲ ଠୁ ଆମେ ଦେଖିଲୁ ମାତ୍ର ୨୦ ମିନିଟ୍‌ର ରାସ୍ତା ଥିଲା ଓ୍ୱଟ୍ ଅରୁଣ । କିନ୍ତୁ ପ୍ରାୟ ଦୁଇ ଘଣ୍ଟା ପରେ ସେ ଟାକ୍ସି ଡ୍ରାଇଭର ଆମକୁ ଗୋଟେ ନଦୀ କୂଳକୁ ଆଣିଲା । ସେ ଠାରରେ ବୁଝାଇଲା ଯେ ଯାଇକି ଡଙ୍ଗାରେ ବସିବାକୁ । ସେଠି ମୁଁ ଗୋଟେ କଥା ଲକ୍ଷ୍ୟ କଲି ଯେ ଆମେ ଯୋଉଠି ଠିଆ ହୋଇଥିଲୁ, ସେଠୁ ପାହାଚ ଚଢ଼ିକି ଗଲାରୁ ଯାଇ ନଦୀ ପାଖରେ ପହଂଚିଲୁ । ନଦୀ ବନ୍ଧଟା ରାସ୍ତାରୁ ବହୁତ ଉପରେ ଥିଲା, ସେଥିରେ ପାଣିର ସ୍ରୋତ ବି ଖୁବ୍ ବେଶୀ ଥିଲା ଆଉ ନଦୀ ପୁରା ବନ୍ଧର ସମାନ ଉଚ୍ଚତାରେ ବୋହୁଥିଲା, ସନ୍ଧ୍ୟା ବି ହୋଇ ଆସୁଥିଲା । ଅଜଣା ଦେଶର ଅଜଣା ନଈରେ ରାତିରେ ଡଙ୍ଗାରେ ବସି ଯିବା ଏତେଟା ବୁଦ୍ଧିମାନ କାମ ବୋଲି ମୋତେ ଲାଗିଲାନି । ସେ ବିରାଟ ଅକାତକାତ ପାଣି ଥିବା ନଦୀଟିର ନାମ ଚାଓ ଫ୍ରାୟା ନଦୀ ଥିଲା । ସେ ନଦୀର ଦୁଇ ପାଖରେ ଅନେକ ପ୍ରାଚୀନ ତଥା ପ୍ରସିଦ୍ଧ ବୁଦ୍ଧ ମନ୍ଦିର ଯଥା ଓ୍ୱାଟ୍ ଅରୁଣ, ଗ୍ରାଣ୍ଡ୍ ପା ଇତ୍ୟାଦି ଅଛି । ସେ ନଦୀରେ ରାତି ହୋଇଗଲେ, ଡଙ୍ଗାମାନେ ଛୋଟ ଛୋଟ ହୋଟେଲ ହୋଇଯାନ୍ତି । ପର୍ଯ୍ୟଟକମାନେ ସେଥିରେ ବସି ରାତ୍ରୀଭୋଜନ ସଙ୍ଗେ ବ୍ୟାଙ୍କକ୍‌ର ମନ୍ଦିରମାନଙ୍କ ଶୋଭା ଦେଖନ୍ତି ଆଉ ଠାଏ ଠାଏ ଡଙ୍ଗା ଅଟକାଇ ସେଠାକୁ ବୁଲିବାକୁ ବି ଯାନ୍ତି । ଏ ନଦୀ ଏକ ବୃହତ୍ ପର୍ଯ୍ୟଟନ ଆକର୍ଷଣ କହିଲେ ଭୁଲ୍ ହେବନି । ହେଲେ ଆମ ହୋଟେଲ୍ ଠାରୁ ସେ ନଦୀ ତଟରେ ପହଂଚିବା ପର୍ଯ୍ୟନ୍ତର ଏ ଦୁଇ ଘଣ୍ଟାର ପୁରା କାହାଣୀ ମୋ ମନରେ କେମିତି ଗୋଟେ ଅବିଶ୍ୱାସର ଭାବ ଉଦ୍ରେକ ଗଲା । ମୁଁ ଡଙ୍ଗାରେ ବସିବସି ସେ ଅଜଣା ଜାଗାରେ, ଏମିତି ଭରା ନଦୀରେ, ବୌଦ୍ଧ ମନ୍ଦିର ଗୁଡ଼ିକୁ ଦେଖିବାର ଇଚ୍ଛାକୁ ଯେମିତି ହରେଇବସିଲି । ମୋ ନିଜ ସୁରକ୍ଷାକୁ ନେଇ ମୁଁ ବହୁତ ଚିନ୍ତିତ ହୋଇଗଲି । ତେବେ ମୋ ଭାବନା ଠାରୁ ବହୁ ଉପରେ ଥିଲା ଏ ନଦୀର ଇତିହାସ ଆଉ ବ୍ୟାଙ୍କକ୍‌ର ପ୍ରତିଷ୍ଠାରେ ତାର ବିଶେଷ ଭୂମିକା ।

ଚାଓ ଫ୍ରାୟା ନଦୀ ସାଙ୍ଗେ ଥାଇଲାଣ୍ଡ୍‌ର ଅନେକ ଇତିହାସ ତଥା ସଂସ୍କୃତି ଯୋଡ଼ା ହୋଇଛି । ୧୯୬୫-୬୭ରେ ବର୍ମା- ସିୟାମ ଯୁଦ୍ଧରେ ଅତ୍ୟନ୍ତ ସମୃଦ୍ଧ ଥାଇଲାଣ୍ଡ୍ ହାରିଗଲା । ସେତେବେଳେ ଥାଇଲାଣ୍ଡ ଇତିହାସର ସୁବର୍ଣ୍ଣ ଯୁଗ ଚାଲିଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ ସମୟରେ କଳା, ସଂସ୍କୃତି ତଥା ସ୍ଥାପତ୍ୟ କଳାରେ ଥାଇଲାଣ୍ଡ୍ ନିଜର ଗୋଟେ ସ୍ୱତନ୍ତ୍ର ସ୍ଥାନ ସାଉଥ୍ ଇଷ୍ଟ ଏସିଆରେ ବନେଇଥିଲା । ତେବେ ଏ ସୁବର୍ଣ୍ଣ ଯୁଗର ସର୍ଜନା କରିଥିବା ଆୟୁଥୟା ରାଜବଂଶର ରାଜଧାନୀ 'ଆୟୁଥୟା'ର ପତନ ହେଲା ଏହି ଯୁଦ୍ଧରେ । ବ୍ୟାଙ୍କକ୍ ଠାରୁ ପ୍ରାୟ ୮୦ କିଲୋମିଟର ଦୂରରେ ଆୟୁଥାୟା ରାଜଧାନୀର ଧ୍ୱଂସାବଶେଷ ଏବେ world heritage site ଭାବେ ରହିଛି । ବର୍ମାର ଶାସକ ଏହି ସୁନ୍ଦର୍ ରାଜଧାନୀଟିକୁ ଅତ୍ୟନ୍ତ ନିର୍ମମତାର ସହ ଭାଙ୍ଗି ଧ୍ୱଂସ କରିଦେଲେ । ତେଣୁ ଏହି ନଦୀ କୂଳରେ 'ଥୋନବୁରୀ' ନାମକ ଜାଗାରେ ଏକ ନୂତନ ରାଜଧାନୀ ପ୍ରତିଷ୍ଠା କଲେ । ତେବେ ଟାକିନ୍‌ଙ୍କ ଉତ୍ତରାଧିକାରୀ ଥିବା ରାଜା 'ଫୁଥାୟୋଟା ଚୁଲାଲୋକ' ୧୯୭୨ ମସିହାରେ ରାଜଧାନୀକୁ ପୂର୍ବତଟକୁ ସ୍ଥାନାନ୍ତର କରିଥିଲେ ଓ ବର୍ତ୍ତମାନର ଥାଇ ନାମ 'କ୍ରୁଙ୍ଗ ତେ ମହା ନାଖନ୍'ନାମରେ ଏହାର ମୂଳଦୁଆ ପକାଇଲେ । ଏହା ଆଧୁନିକ ବ୍ୟାଙ୍କକ୍ ହିଁ ଥିଲା । ଏହାପରେ ବ୍ୟାଙ୍କକ୍‌ର ବହୁତ ପରିବର୍ତ୍ତନ ଆସିଲା ଓ ଦ୍ରୁତ ଗତିରେ ଏହା ବଢ଼ି ବି ଚାଲିଲା । ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ, ଏହା ଥାଇଲ୍ୟାଣ୍ଡର ସବୁଠାରୁ ବଡ଼ ସହର ଭାବରେ ପରିଣତ ହୋଇଗଲା । ଏ ନଦୀଟି ଥାଇଲାଣ୍ଡର ବିଭିନ୍ନ ପାହାଡ଼ ଉପତ୍ୟକା ଦେଇ ବହୁତ ବୁଲି ବୁଲି ଏକ ଲମ୍ବା ରାସ୍ତା ନେଇ ସମୁଦ୍ରରେ ପଡ଼ିଛି । ଆୟୁଥୟଙ୍କ ଶାସନ ବେଳେ ଚାଓ ଫ୍ରାୟ ନଦୀର ଗୋଟିଏ ପ୍ରାନ୍ତ, ପଞ୍ଚଦଶ ଶତାବ୍ଦୀ ସୁଦ୍ଧା ବ୍ୟାଙ୍କକ୍ ସହର ଏକ ଗୁରୁତ୍ୱପୂର୍ଣ୍ଣ କଷ୍ଟମ୍ସ ଆଉଟ୍‌ପୋଷ୍ଟରେ ପରିଣତ ହୋଇଥିଲା । ରାଜା ଚାଇରଚାଙ୍କ ଶାସନ କାଳରେ (୧୫୩୮-୧୫୪୨ମସିହାରେ), ଏକ ଜଳପଥ ଖନନ କରା ଯାଇଥିଲା । ଏହା ଚାଓ ଫ୍ରାୟା ନଦୀର ବଡ଼ବଡ଼ ବୁଲାଣି ସର୍ପିଳ ପଥ ବା ଲୁପ୍‌କୁ କମ କରିବା ପାଇଁ ଦୁଇଟା ବଡ଼ବଡ଼ କେନାଲର ଖୋଦନ କରିଥିଲେ । ଏହା ଦ୍ୱାରା ରାଜଧାନୀ ଆୟୁଥାୟା ପର୍ଯ୍ୟନ୍ତ ଯାଉଥିବା ଜାହାଜଗୁଡ଼ିକରୁ ଖୁବ କମ ସମୟରେ ଛୋଟ ମାର୍ଗ ଦେଇ ରାଜଧାନୀରେ ପହଂଚି ପାରୁଥିଲା । ଜାହାଜ ଆସିବା ଫଳରେ ସେଇ ନଦୀକୁ ଲାଗିଥିବା ଅନେକ ଛୋଟ ଛୋଟ କେନାଲ ସବୁକୁ ଡଙ୍ଗାରେ ଜିନିଷ ନବା ଆଣିବା ପାଇଁ ବ୍ୟବହାର କରାଯାଉଥିଲା । ଆଉ ସେଇ କେନାଲ ଚାରିପାଖେ ଏତେ ବେଶୀ କାର୍ଯ୍ୟକଳାପ ଯୋଗୁଁ ଏହା ଧୀରେ ଧୀରେ ବହୁତ ବଡ଼ ବ୍ୟବସାୟର କେନ୍ଦ୍ର ହୋଇଗଲା । ଏବେ ବି ବ୍ୟାଙ୍କକ୍‌ର ଅନେକ floating market ଏହି କେନାଲ ମାନଙ୍କରେ ଅଛି ଓ ଆଉ କୁଆଡ଼େ ନଯାଇ, ସେଇ ଟାକ୍ସିରେ ଆମେ ହୋଟେଲକୁ ଫେରି ଆସିଲୁ । ମନକୁ ସାନ୍ତ୍ୱନା ଦେଲୁ ଯେ ଯାହା ହଉ ପଛେ ବାଟ ହୁଡ଼ି ଗଲୁ ସିନା, ହେଲେ ଅଧା ବ୍ୟାଙ୍କକ୍ ସେଦିନ ଆମେ ବୁଲିଗଲୁ ! ସମୟ କମ୍ ଥିବାରୁ ସେଦିନ ଫେରିବା ବେଳେ ହୋଟେଲ୍ ପାଖ ଏକ ଟୁର୍ operator ସଂଗେ ଆମେ ଦେଖା କରି ବ୍ୟାଙ୍କକ୍ ଟୁର୍ ଆମେ ବୁକ୍ କରିଦେଲୁ । ପରଦିନ ସକାଳୁ ଟୁର୍ ଅପରେଟର କମ୍ପାନୀର ଗୋଟେ ଗାଡ଼ି ଆସି ଆମ ହୋଟେଲ୍‌ରେ ସକାଳୁ ସକାଳୁ ପହଞ୍ଚିଗଲା, ହୋଟେଲ୍‌ରେ ଜଳଖିଆ ଖାଇ ଆମେ ପ୍ରଥମେ 'ଓ୍ୱାଟ୍ ଅରୁଣ୍' ଯିବୁ ବୋଲି ଠିକ କଲୁ । ଏଥର ମ୍ୟାପ୍‌କୁ ଦେଖି ଦେଖି ଆମେ ଗଲୁ ଓ ପ୍ରାୟ କୋଡ଼ିଏ ପଚିଶ ମିନିଟରେ ସେଠି ପହଞ୍ଚିଗଲୁ ।

ଓ୍ୱାଟ୍ ଅରୁଣ୍ ବା ଟେମ୍ପଲ୍ ଅଫ୍ dawn (ସୂର୍ଯ୍ୟୋଦୟର ମନ୍ଦିର), ସେହି ଚାଓ ଫ୍ରାୟା ନଦୀର ପଶ୍ଚିମ କୂଳରେ ଅବସ୍ଥିତ ବ୍ୟାଙ୍କକ୍‌ର ଏକ ପୁରାତନ ମନ୍ଦିର । ଏହା ୧୭୬୮ ମସିହାରେ ସ୍ଥାପିତ ବୋଲି ବିଶ୍ୱାସ କରାଯାଏ । ଏହା ବ୍ୟାଙ୍କକ୍‌ର ଏକ ଅତି ପ୍ରସିଦ୍ଧ ମନ୍ଦିର ସ୍ତୁପ ଅଟେ । ୧୭୮୨ ମସିହାରେ ରତ୍ନାକୋସିନ୍ ଯୁଗର ଆରମ୍ଭ ସମୟରେ ଅନ୍ୟ କେତେକ ଖୁବ ସୁନ୍ଦର ମନ୍ଦିର ସଙ୍ଗେ ଏହି ମନ୍ଦିର ବି ପ୍ରତିଷ୍ଠା କରା ଯାଇଥିଲା ବୋଲି ଅନୁମାନ କରାଯାଏ । ଓ୍ୱାଟ୍ ଅରୁଣ୍ ମନ୍ଦିରଟି ଆୟୁଥୟା ଯୁଗରୁ ଆରମ୍ଭ ହୋଇଥିବା ଓ୍ୱାଟ୍ ମାକୋକ୍ ନାମକ ଏକ ପୁରାତନ ମନ୍ଦିରର ଅବଶିଷ୍ଟାଂଶ ଉପରେ ନିର୍ମିତ ହୋଇଥିଲା । ତେବେ ୧୭୮୨ ମସିହାରେ ରାଜା ତକସିନ୍‌ଙ୍କ ମୃତ୍ୟୁ ସହିତ ଥୋନବୁରୀ ରାଜ୍ୟର ସମାପ୍ତି ଏବଂ



ରତ୍ନାକୋସିନ୍ ରାଜ୍ୟ ଆରମ୍ଭ ହେଲା । ରତ୍ନାକୋସିନ୍ ଶାସକ ମାନେ ଚାଓ ଫ୍ରାୟ ନଦୀର ପାର୍ଶ୍ୱରେ ବ୍ୟାଙ୍କକ୍‌କୁ ନୂତନ ରାଜଧାନୀ ଭାବରେ ପ୍ରତିଷ୍ଠିତ କଲେ । ସେଠି ରତ୍ନାକୋସିନ୍ ନାମରେ ଗୋଟେ ନୂଆ ଦ୍ୱୀପକୁ ବିଭିନ୍ନ ମନ୍ଦିର, ରାଜପ୍ରସାଦ ଆଦି ତିଆରି କରି ସୁସଜ୍ଜିତ କଲେ, ରାଜା ରାମ ଦ୍ୱିତୀୟଙ୍କ ଶାସନ କାଳରେ ମନ୍ଦରର ନବୀକରଣ କରାଯାଇଥିଲା ଏବଂ ଏହାର ନାମ ୱାଟ୍ ଅରୁଣ୍ ରାଜୱାରାମ କିମ୍ବା ୱାଟ୍ ଅରୁଣ୍ ନାମରେ ନାମିତ ହେଲା ।

ୱାଟ୍ ଅରୁଣ୍‌ର ବିରାଟ ମନ୍ଦିର ଖମେର ସ୍ଥାପତ୍ୟ କଳାରେ ନିର୍ମିତ । ମୋତେ ଏ ମନ୍ଦିର କୋଣାର୍କ ମନ୍ଦିର ପରି ଲାଗିଲା, ସୂର୍ଯ୍ୟଙ୍କ ଉଦୟ ଠାରୁ ଅସ୍ତ ଯାଏ ଯେମିତି ମୂର୍ତ୍ତି ସବୁ କୋଣାର୍କରେ ଅଛି ଏଠିବି ତାର ନକଲ ଅଛି, ହେଲେ ଏ ମୂର୍ତ୍ତି ସବୁ ବୁଦ୍ଧଙ୍କୁ ସୂର୍ଯ୍ୟ ଭାବେ ଭାବି ଯେମିତି ତିଆରି ହୋଇଛି ମୋତେ ସେମିତି ପ୍ରତୀତ ହେଲା । ବୁଦ୍ଧଙ୍କ ମୁହଁ ଆଉ ପୋଷାକ ଚୀନି ଲୋକଙ୍କ ପରି ଥିଲା । ସେଠି ବୁଦ୍ଧ, ଚୀନିମାନଙ୍କ ପୁରାଣ ଆଉ ଆମର ବିଷ୍ଣୁ ଓ କୃଷ୍ଣ ଭଗବାନଙ୍କ କଥା ଅତି ସୁନ୍ଦର ଭାବେ ଏକାଠି ଯେମିତି ଫେଣ୍ଟି ହୋଇ ଯାଇଛନ୍ତି, ମୋତେ ସେଭଳି ଲାଗିଲା । ସେ ମନ୍ଦିରର ମୁଖ୍ୟ ସ୍ତୁପକୁ ପ୍ରଙ୍ଗ କୁହାଯାଏ । ଏକ ପ୍ରଙ୍ଗ ହେଉଛି ଏକ ମୁନିଆ ଆକୃତିର ଏକ ସ୍ତୁପ ଯାହାର ଏକ ପ୍ରଶସ୍ତ ବେସ୍ ଥାଏ ଓ ତା ଉପରେ ଥିବା ସ୍ତୁପଟି ଉପର ଆଡ଼କୁ ସଂକୀର୍ଣ୍ଣ ହୋଇ ଧୀରେ ଧୀରେ ମୁନିଆ ହୋଇଯାଏ । ଏହା ବାହାରକୁ ନିଦା ଦେଖାଗଲେ ବି ଏହାର ଗୋଟିଏ ପାର୍ଶ୍ୱରେ ଏକ ପ୍ରବେଶ ପଥ ବି ଥାଏ । ପ୍ରଙ୍ଗ ଗୁଡ଼ିକ ଖେମର ସ୍ଥାପତ୍ୟରୁ ଉତ୍ପନ୍ନ, ଖେମର ଷ୍ଟାଇଲରେ ଏମିତି ଟାୱାର ସବୁକୁ ଲକ୍ଷ ଲକ୍ଷ ଛୋଟ ଛୋଟ ରଙ୍ଗୀନ Porcelain broken tiles ର mosaic ରେ ସଜା ଯାଇଥାଏ । ଏ ମନ୍ଦିରରେ ତାର ବହୁଳ ବ୍ୟବହାର ହୋଇଛି । ଏହି porcelain ଖଣ୍ଡ ଗୁଡ଼ିକ, ଚୀନରୁ ଆସୁଥିବା ଜାହାଜରେ ବାଲାଷ୍ଟ ଭାବରେ ବ୍ୟବହୃତ ହେଉଥିଲା ବୋଲି ବିଶ୍ୱାସ କରାଯାଏ । ତେବେ ସେ ପ୍ରଙ୍ଗ ଉପରକୁ ଯିବାକୁ ବହୁତ ପାହାଚ ପଡ଼ିଛି, ମୁଁ ସେଥିରେ ମଝି ଭାଗ ଥିବା ସ୍ତୁପ ପର୍ଯ୍ୟନ୍ତ ଚଢ଼ି ପାରିଲି । ମୋ ପୁଅ ଆହୁରି ଉପରକୁ ଚଢ଼ିଗଲା ହେଲେ ଓହ୍ଲାଇବା ବେଳେ ସେ ଭାଗଟି ଏତେ ତୀକ୍ଷ୍ଣ ଥିଲା ଯେ ଆମେ ଡରିଗଲୁ କି ସେ ବୋଧେ ଓହ୍ଲେଇ ପାରିବନି କିମ୍ବା ତଳକୁ ପଡ଼ିଯିବ, ଯେତେ ଯେତେ ଉପରକୁ ଚଢ଼ିବ ସେ ପାହାଚ ଗୁଡ଼ିକ ଧୀରେ ଧୀରେ ଡେଢ଼ାରୁ ସିଧା ହୋଇ ଚାଲିବ । ସବୁଠାରୁ ଶେଷ ଭାଗଟି ପୁରା ସିଧା କାନ୍ଥରେ ନିଶୁଣିରେ ଚଢ଼ିବା ପରି ଲାଗିବ । ସେଥିରେ ବହୁତ କମ ଲୋକ ଚଢ଼ିପାରନ୍ତି । ହେଲେ ସେହି ଉପର ଥାକରେ ଥିବା ଭାଗଟିରେ ଲୋକ ନିଜ ମନକଥା ଲେଖି ବୁଦ୍ଧଙ୍କୁ ଜଣେଇଲେ ଇଚ୍ଛାପୂର୍ତ୍ତିହୁଏ ବୋଲି ବିଶ୍ୱାସ କରାଯାଏ । ସେ ଛୟାଅଶି ମିଟର ଲମ୍ବା ପ୍ରଙ୍ଗଟି ତାଳୁ ଉପର ଯାଏଁ ଅସଂଖ୍ୟ ଛୋଟ ଛୋଟ ଚୀନ ମାଟି ତିଆରି ଭଙ୍ଗା ଟାଇଲ ଖଣ୍ଡରେ ଖୁବ ସୁନ୍ଦର ସଜ୍ଜିତ ହୋଇଛି । ଖେମର କଳାକୃତି ଯେ କେତେ ସୁନ୍ଦର ସେଇଟା ଦେଖିଲେ ହିଁ ବିଶ୍ୱାସ କରିହେବ ସେଥିରେ ଅନେକ ଫୁଲ, ଜାତକ କଥା ତଥା ବୁଦ୍ଧ ଧର୍ମରେ ଥିବା ଆକୃତି ମାନଙ୍କ ଛବି ମୋଜାଇକରେ ତିଆରି ହୋଇଛି ଯେମିତି ଲତା ଫୁଲର ବଡ଼ର, ପଦ୍ମଫୁଲ, ଏଇଭଳି ଅନେକ କିଛି, ମନ୍ଦିରର ପୁରା ଉଚ୍ଚତା ପ୍ରାୟ ୮୬ ମିଟର ବା ୨୮୨ ଫୁଟ୍ ହେବ । ସେଥିରେ ଅସଂଖ୍ୟ ଛୋଟ ଛୋଟ ଘଣ୍ଟି ଲଗା ହୋଇଥିଲା । ସାମ୍ନାରେ ଥିବା ଚାଓ ଫ୍ରାୟା ନଦୀରୁ ଆସୁଥିବା ସୁନ୍ଦର ଶୀତଳ ପବନରେ ସେ ଘଣ୍ଟିଗୁଡ଼ିକ ଖୁବ୍ ଜୋର୍ ବାଜୁଥିଲା । ତାର ବି ଗୋଟେ ଅଦ୍ଭୁତ ମୂର୍ଚ୍ଛନା ଥିଲା, ତା ଉପରେ ଠିଆ ହୋଇ ମୁଁ ବ୍ୟାଙ୍କକ୍ ତଥା ନଦୀର ଅପରପାର୍ଶ୍ୱରେ ଥିବ ଗ୍ରାଣ୍ଡ୍ ପାଲେସ୍‌ର ଶୋଭା ଦେଖି ମୁଗ୍ଧ ହୋଇଗଲି । ସେ ଶୋଭା ଅତ୍ୟନ୍ତ ରମଣୀୟ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ସେ ମୁଖ୍ୟ ସ୍ତୁପର ବେଢ଼ା ବୁଲୁ ବୁଲୁ ଆମେ ଦେଖିଲୁ ଯେ ସେ ମୁଖ୍ୟ ପ୍ରଙ୍ଗର ଚାରିପାଖରେ ଚାରୋଟି ସମାନ ଛୋଟ ପ୍ରଙ୍ଗ ବା ସ୍ତୁପ ଅଛି । ସେଥିରେ ଚାରିଟି ମୋଣ୍ଡପ୍ କିମ୍ବା ପ୍ୟାଭିଲିୟନ୍ ଅଛି ଯାହାକି ବୁଦ୍ଧଙ୍କ ଜୀବନରେ ଚାରୋଟି ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ଦର୍ଶାଇଛି, ଯଥା ଜନ୍ମ, ସାରନାଥରେ ପ୍ରଥମ ଉପଦେଶ ପାଞ୍ଚ ଜଣ ଭିକ୍ଷୁ, ବୁଦ୍ଧତ୍ୱ ପ୍ରାପ୍ତି ଏବଂ ଶେଷରେ ନିର୍ବାଣରେ ପ୍ରବେଶ । ମନ୍ଦିର କମ୍ପ୍ଲେକ୍ସରେ ଗୋଟେ କ୍ଲାଇଷ୍ଟର ବା ବୁଦ୍ଧଭିକ୍ଷୁମାନେ ରହୁଥିବା ମଠଟେ ଅଛି । ସେଠାରେ ୧୦୦ରୁ ଅଧିକ ସୁବର୍ଣ୍ଣ ବୁଦ୍ଧମୂର୍ତ୍ତି ସ୍ଥାପିତ ହୋଇଛି । ସେଠାରେ ଏକ ମଣ୍ଡପରେ ବୁଦ୍ଧଙ୍କ ପାଦଚିହ୍ନ ଥିବା ପଥରଟେ ବି ଅଛି । ୱାଟ୍ ଅରୁଣ୍‌ର ପୂର୍ବ ଦ୍ୱାରକୁ ଦୁଇଟି ଯକ୍ଷ ମୂର୍ତ୍ତି ଜଗିକି ଠିଆ ହୋଇଛନ୍ତି । ସେ ମୂର୍ତ୍ତି ଗୁଡ଼ିକ ଖୁବ ଉଚ୍ଚ, ପ୍ରାୟ ୩୦ ଫୁଟ କି ତା ଠାରୁ ବି ବେଶୀ ଉଚ୍ଚ ହେବ ଓ ସେମାନେ ଛୋଟ ଛୋଟ ଦର୍ପଣ ଓ ମାଳିକୁ ନେଇ ତିଆରି ଖୁବ ଚିକମିକ ପୋଷାକ ସବୁ ପିନ୍ଧିଥିଲେ । ସେ ନଦୀ ପାର୍ଶ୍ୱରେ ଅନେକ ସାଲା (ଖୋଲା ଆକାଶ ପାଭିଲିୟନ) ବି ଅଛି । ୱାଟ ଅରୁଣର ମୁଖ୍ୟ ପ୍ରଙ୍ଗ ବା ସ୍ତୁପର ଚୂଡ଼ାରେ ଗୋଟେ ସାତଟା ମୁନ ବାଲା ତ୍ରିଶୁଳ ଭଳି ଜିନିଷଟେ ଲାଗିଛି, ଯାହାକୁ ବହୁତ ଲୋକ 'ଶିବଙ୍କ ଟ୍ରାଇଡେଣ୍ଟ' ବୋଲି ଭାବନ୍ତି । ପ୍ରଙ୍ଗର ପ୍ରଥମ ଭାଗର ଚାରିପାଖରେ ପ୍ରାଚୀନ ଚାଇନାର ସୈନିକ ତଥା ପଶୁମାନଙ୍କର ବିଭିନ୍ନ ଚିତ୍ର ରହିଛି । ଦ୍ୱିତୀୟ ଟେରାସ୍‌ରେ ହିନ୍ଦୁ ଦେବତା ଇନ୍ଦ୍ର, ଇରୱାନ ଐରାବତ ଉପରେ ଆସୀନ ହୋଇଥିବା ଚାରିଟି ମୂର୍ତ୍ତି ଅଛି ।



ୱାଟ୍ ଅରୁଣ୍ ଦେଖି ମୋ ମନ ବହୁତ ଖୁସି ହୋଇଗଲା । ଏତେ ସୁନ୍ଦର କଳାକୃତିପୂର୍ଣ୍ଣ ମନ୍ଦିରଟେ ବ୍ୟାଙ୍କକ୍‌ରେ ଥିବ ବୋଲି ମୁଁ ଭାବିନଥିଲି ।

ୱାଟ୍ ଅରୁଣ୍ ଦେଖି ସାରି ଆମେ ଚାଓ ଫାୟା ନଦୀର ଆରପଟେ ଥିବା ଗ୍ରାଣ୍ଡ୍ ପାଲେସ୍ ଗଲୁ, ଗ୍ରାଣ୍ଡ୍ ପାଲେସ୍ ଦେଖି ମୋତେ ପୁରୀ ମନ୍ଦିରକୁ ଯିବା ପରି ଲାଗିଲା କାରଣ ପୁରୀ ମନ୍ଦିର ପରି ସେଠି ବିରାଟ

ବେଢ଼ା ଥିଲା ହେଲେ ସେଠି ସାତଟି ଦ୍ୱାର ଥିଲା । ଏ ମନ୍ଦିର ପୁରୀ ମନ୍ଦିର ପରି । ଏଠିକାର ଲୋକଙ୍କ ତୀର୍ଥ ସ୍ଥାନ । ମନ୍ଦିର ପ୍ରବେଶ ପାଇଁ ଟିକେଟ କରି ଆମେ ଭିତରକୁ ଗଲୁ ।

ମନ୍ଦିର ସାମ୍ନାରେ ଜଣେ ବୌଦ୍ଧ ଭିକ୍ଷୁ ବେଶ ଧାର ଜଗୁଆଳି ଆମକୁ ନମସ୍କାର କରି ଭିତରକୁ ଯିବାକୁ ରାସ୍ତା ଦେଖାଇଲେ, ହେଲେ ମୋ ପଛରେ କିଛି ଇଉରୋପିୟନ୍ ପର୍ଯ୍ୟଟକଙ୍କୁ ସେ ବିଲ୍‌କୁଲ୍ ଭିତରକୁ ଯିବା ପାଇଁ ଦେଲେ ନାହିଁ । କାରଣ ସେମାନେ ବହୁତ ଛୋଟ ପୋଷାକ ପିନ୍ଧିଥିଲେ । ସେ ସେମାନଙ୍କୁ ପୁରା ପୋଷାକ, ଗୋଡ଼ରୁ ମୁଣ୍ଡ ଯାଏଁ ଘୋଡ଼ି ହୋଇଥିବା ପୋଷାକ ପିନ୍ଧିବାକୁ କହି ସେଠାରୁ ଘଉଡ଼ାଇ ଦେଲେ । ସେ ମନ୍ଦିର ଭିତରକୁ ଯିବାକୁ ଟିକେଟ୍ ବି ବହୁତ ପଇସା । ମୋର ଯାହା ମନେପଡୁଛି ଜଣକୁ ପ୍ରାୟ ପନ୍ଦର ଶହ ଟଙ୍କା ଥିଲା । ତେବେ ଯାହାହେଉ ମୁଁ ଖୁସିରେ ଭିତରକୁ ଚାଲିଗଲି । ଭିତରେ ବିରାଟ ବେଢ଼ା ଭିତରେ ଗୋଟେ ସ୍ତୁପ, ଗୋଟେ ସୁନା ପାତିଆରେ ଆଚ୍ଛାଦିତ ଚେତି ଓ ଘାଣ୍ଟି ପରି ଦିଶୁଥିବା ସ୍ତୁପ ଓ ଅନେକ ଛୋଟ ବଡ଼ ମନ୍ଦିର ସ୍ତୁପ ବା ପ୍ରଙ୍ଗ ସେଠି ଥିଲା । ସେଠାରେ ବହିକ୍ଷୁମାନଙ୍କ ଅଧ୍ୟୟନ କକ୍ଷ୍ୟସବୁ ଅଛି । ସେଗୁଡ଼ିକର କାନ୍ଥ କୋଉଠି ସୁନା ଆଚ୍ଛାଦିତ ଥିଲା ତା କୋଉଠି porcelain ର ଟୁକୁଡ଼ାର ମୋଜାଇକ୍‌ରେ ସବୁ ସଜା ହୋଇଥିଲା । ମୁଁ ତା ଭିତରେ ବୁଲୁ ବୁଲୁ ରାସ୍ତା ଭୁଲିଗଲି, ସେଠି ଅଂଗ୍ରେଜୀ ବୁଝିବା ଲୋକ ବି ହାତରେ ଗଣିଦେଲା ପରି । ତେବେ ଦୁଇ ତିନିଥର ବେଢ଼ା ବୁଲିବା ପରେ ମୁଁ ବାଟ ପାଇଲି । ସେଠି ଯାହା ଦେଖିଲି ସେ ମନ୍ଦିରଟିରେ ସାତଟା ଦୁଆର ଅଛି ଆଉ ସବୁ ଦୁଆରକୁ ଦୁଇଟି ଲେଖା ବିରାଟ ଯକ୍ଷ ଜଗିଛନ୍ତି । ସେ ଯକ୍ଷ ସବୁ ୨୫-୩୯ ଫୁଟ ଲେଖାଏଁ ଉଚ୍ଚ । ସେଠି ସବୁ ଦେଖି ମୋତେ ଏକ ଅଦ୍ଭୁତ ଅନୁଭୂତି ହେଲା । ସେ ମନ୍ଦିର ସାରା, ରାମାୟଣ, ଜାତକକଥା, ତଥା ଥାଇ ରାଜା ମାନକ ଯୁଦ୍ଧ ଓ ସେମାନଙ୍କ କାର୍ଯ୍ୟକଳାପର ଚିତ୍ର ଓ ମୂର୍ତ୍ତି ଆକାରରେ ସେଠାରେ ଥିଲା । ଖୁବ୍ ସୂକ୍ଷ୍ମ କାରୁକାର୍ଯ୍ୟ ସୁନାର ପାତିଆରେ ତିଆରି ହୋଇ ମନ୍ଦିରକୁ ଆଚ୍ଛାଦିତ କରା ହୋଇଥିଲା । ପ୍ରାୟ ମନ୍ଦିର ସେଠି ଆମ ତିରୁପତି ମନ୍ଦିର ପରି ସୁନା ପାତିଆରେ ଦ୍ୱାରା ଆଚ୍ଛାଦିତ ହୋଇଛନ୍ତି । ତେବେ ଯାହାହେଉ ସେ ବେଢ଼ା ଭିତରେ ବୁଲି ବୁଲି ମୁଁ ମୁଖ୍ୟ ମନ୍ଦିର ଭିତରକୁ ଗଲି । ସେଠାରେ ଆମ ମନ୍ଦିରକୁ ଯିବ ପରି ଜୋତା ବାହାରେ ରଖିକି ଭିତରକୁ ଯିବାକୁ ହୁଏ । ବେଢ଼ା ଭିତରେ ଜୋତା ପିନ୍ଧିବାରେ କିଛି ବାଧା ନଥିଲା । ସେଠି ବୁଦ୍ଧଙ୍କୁ ଲୋକ ଧୂପ କାଠି ଓ ପଦ୍ମଫୁଲ ଦଉଥିଲେ ।

ତେବେ ସେହି ମୁଖ୍ୟ ବୁଦ୍ଧ ମୂର୍ତ୍ତିଟି ସବୁଜ ରଙ୍ଗର ଓ ପଦ୍ମାସନରେ ଗଭୀର ଧ୍ୟାନରେ ବସିଥିବା ବୁଦ୍ଧ ମୂର୍ତ୍ତି ଥିଲା । ସେ ପ୍ରାୟ ତିନିଫୁଟ ପାଖାପାଖି ଉଚ୍ଚ ଥିଲେ ଓ ତାଙ୍କ ଶରୀର ସ୍ୱଚ୍ଛ ତଥା ପାରଦର୍ଶୀ (translucent) ଥିଲା । ସେ ଗୋଟେ ବହୁତ୍ ଉଚ୍ଚ ପିଣ୍ଡି ଉପରେ ସ୍ଥାପିତ ହୋଇଥିଲେ । ମୁଖ୍ୟ ମନ୍ଦିରର ଏହି ସବୁଜ ମୂର୍ତ୍ତିକୁ ଏମାରଲ୍ଡ ବୁଦ୍ଧ ବୋଲି କୁହାଯାଏ । ମର୍କତ ମଣିରେ ବା ଏମାର୍ଲ୍ଡ ପଥରରେ ଏ ବୁଦ୍ଧ ମୂର୍ତ୍ତିଟି ତିଆରି ହୋଇଛି । ସେ ଏକ ସୁନାର ସୁନ୍ଦର୍ କାରୁକାର୍ଯ୍ୟମୟ ବସ୍ତ୍ରଟେ ପିନ୍ଧିଥିଲେ । ଏହି ବୁଦ୍ଧ ସବୁଦିନ ବେଶ ହୁଅନ୍ତି ନାହିଁ । ସେ ବର୍ଷକୁ ତିନିଥର ବେଶ ହୁଅନ୍ତି । ତାଙ୍କର ଏହି ସୁନା ବସ୍ତ୍ର ବର୍ଷକୁ ତିନିଥର, ପ୍ରତ୍ୟେକ ଋତୁର ପରିବର୍ତ୍ତନ ସମୟରେ ହୁଏ ଓ ଏ କାର୍ଯ୍ୟ ନିଜେ ରାଜା କରନ୍ତି । ସେ ସୁନା ବସ୍ତ୍ରଟିର କାରୁକାର୍ଯ୍ୟ ତଥା ଆକାର ପ୍ରକାର ଋତୁ ଅନୁସାରେ ଅଲଗା ଅଲଗା ହୋଇଥାଏ । ଏ ବୁଦ୍ଧଙ୍କ ସାମ୍ନାରେ ଠିଆ ହୋଇ ଦେଖିବା ମନା । ସେମିତି ଠିଆ ହବ ବୁଦ୍ଧଙ୍କ ପ୍ରତି ଅପମାନ ବୋଲି ସେଠାରେ ବିଶ୍ୱାସ କରନ୍ତି । ସେଥିପାଇଁ ସେଠି ଲୋକ ନିଜ ଗୋଡ଼ ପଛକୁ କରି ବଜ୍ରାସନରେ ବସିବା ନିହାତି ଦରକାର । ସେଠି ଭଗବାନ୍‌ଙ୍କୁ ମୁଣ୍ଡିଆ ମାରି ମୁଁ କିଛି ସମୟ ସେଇ ବଜ୍ରାସନରେ ବସି ରହିଲି । ସେଠାରେ ଏକ ଅଦ୍ଭୁତ ପ୍ରଶାନ୍ତିମୟ ବାତାବରଣ ଥିଲା ।

ସେଠାରେ ମୂର୍ତ୍ତି, ସେମାନଙ୍କ ପୋଷାକ ଆଉ ସବୁ କାରୁକାର୍ଯ୍ୟ ବହୁତ ଚାଇନିଜ୍ କଳା ଦ୍ୱାରା ପ୍ରଭାବିତ ଅଟେ । କିନ୍ତୁ ସେସବୁ ଚିତ୍ରର କାହାଣୀ ଭାରତର ପୁରାଣ ଓ ଜାତକ କଥାରୁ ହିଁ ନିଆ ଯାଇଛି । ସେଠାରେ ସବୁ ଭାରତୀୟ ଦିଅଁ ଚାଇନିଜ୍ ପୋଷାକରେ ପୂଜା ହଉଚନ୍ତି । ମୋତେ ଖୁବ୍ ହସ ଲାଗିଲା ଯେ ଭାରତରୁ ଥାଇଲାଣ୍ଡ ଆସୁ ଆସୁ ସବୁ ଠାକୁର ଏମିତି ଚାଇନିଜ ପୋଷାକକୁ କେମିତି ନିଜର କରିନେଲେ ! ମଣିଷ ନିଜ ଇଚ୍ଛା ଅନୁସାରେ ନିଜ ଦିଅଁଙ୍କୁ ପୋଷାକ ପିନ୍ଧେଇବାରେ ବଡ଼ ଆତ୍ମତୃପ୍ତି ପାଏ ନିଶ୍ଚୟ । ଆଉ ନିଜ ପରି ପୋଷାକ ପିନ୍ଧିଲେ ଦିଅଁ ବେଶୀ ନିଜର ବି ଲାଗନ୍ତି ବୋଧେ ।

ଏହି ଏମର୍ଲାଡ୍ ବୁଦ୍ଧ ଥାଇଲାଣ୍ଡର ମୁଖ୍ୟ ତୀର୍ଥସ୍ଥାନ ଅଟେ । ଏ ବୁଦ୍ଧଙ୍କର ଅଦ୍ଭୁତ ଶକ୍ତି ଅଛି ବୋଲି ଏଠା ଲୋକ ବିଶ୍ୱାସ କରନ୍ତି । ବ୍ୟାଙ୍କକ୍‌ର ପ୍ରାଚୁର୍ଯ୍ୟ ଓ ସୁରକ୍ଷିତ ଜୀବନ ଏହି ମୂର୍ତ୍ତିଙ୍କ ଆଶୀର୍ବାଦ ଯୋଗୁଁ ସମ୍ଭବ ହୋଇଛି ବୋଲି ସେମାନେ ମାନନ୍ତି । ତେବେ ଏହି ଏମରଲଡ଼ ବୁଦ୍ଧଙ୍କ କାହାଣୀ ବି ବଡ଼ ଚମତ୍କାର । ଏ ବୁଦ୍ଧ ପ୍ରକୃତରେ ଭାରତରେ ତିଆରି ହୋଇଥିଲେ । କୁହାଯାଏ ଜଣେ ବୌଦ୍ଧ ଭିକ୍ଷୁ ନାଗେଶନଙ୍କ





ଅନୁରୋଧ କ୍ରମେ ଓ ତାଙ୍କ ଦ୍ୱାରା, ରାଜା ଇନ୍ଦ୍ର ବିଷ୍ଣୁଙ୍କ ସହାୟତାରେ ଏ ମୂର୍ତ୍ତିଟି ତିଆରି ହୋଇଥିଲା ।

ବୁଦ୍ଧଙ୍କ ନିର୍ବାଣର ପାଞ୍ଚଶହ ବର୍ଷ ପରେ ଲୋକମାନେ ବୁଦ୍ଧଙ୍କ ବାଣୀ ତଥା ଧର୍ମକୁ ପ୍ରାୟ ଭୁଲି ଯାଇଥିଲେ । ସେତିକିବେଳେ, ବର୍ତ୍ତମାନର ପାଟଣା, ସେତେବେଳର ପାଟଳୀପୁତ୍ର ନଗରର ୱାଟ ଅଶୋକ କାରେମ୍ ନାମକ ଜାଗାରେ ନାଗସେନ ନାମକ ଜଣେ ଋଷି ରହୁଥିଲେ । ସେ ବୁଦ୍ଧଙ୍କ ବାଣୀ ଦ୍ୱାରା ବହୁତ୍ ପ୍ରଭାବିତ ହୋଇ ଲୋକଙ୍କ ଭିତରେ ପୁନଶ୍ଚ ବୁଦ୍ଧ ଧର୍ମ ଓ ତାଙ୍କ ବାଣୀକୁ ପ୍ରଚାର କରିବାକୁ ଲାଗିଲେ । ଧିରେ ଧିରେ ବହୁତ୍ ଲୋକ ତାଙ୍କ କଥା ଶୁଣିବାକୁ ତାଙ୍କ ଆଶ୍ରମକୁ ଆସିବାକୁ ଲାଗିଲେ । ହେଲେ ସେ ଏକୁଟିଆ ଏତେ ବଡ଼ କାମ କରିପାରିବାକୁ ସକ୍ଷମ ନଥିଲେ । ସେ ମନେମନେ ବଡ଼ ଦୁଃଖିତ ହେଉଥିଲେ ଯେ ତାଙ୍କ ପରେ ଏ ଧର୍ମର କଣ ହବ । ତାଙ୍କର ଏ ଚିନ୍ତାଧାରା ମେରୁ ପର୍ବତରେ ଯାଇ ଗୁଞ୍ଜନ ସୃଷ୍ଟି କଲା । ତାଙ୍କ ଚିନ୍ତାର କାରଣ ଜାଣିବା ପାଇଁ ବିଷ୍ଣୁ ଓ ଇନ୍ଦ୍ର ୱାଟ ଅଶୋକରେନ୍‌ରେ ଆସି ପହଞ୍ଚିଲେ । ତାଙ୍କ ଚିନ୍ତାର କାରଣ ବିଷୟରେ ଅବଗତ ହେଲେ । ନାଗସେନ୍ କହିଲେ ଖାଲି ମୌଖିକରେ ବୁଦ୍ଧ ବାଣୀ ପ୍ରଚାର ନହୋଇ ଯଦି ଗୋଟେ ମୂର୍ତ୍ତି ତିଆରି ହୋଇପାରନ୍ତା ତେବେ ସେ ମୂର୍ତ୍ତି ସବୁବେଳେ ପାଇଁ ରହିଯାନ୍ତା ଓ ବୁଦ୍ଧ ଓ ତାଙ୍କ ଅସ୍ତିତ୍ୱ ସବୁବେଳେ ପାଇଁ ପୃଥିବୀରେ ସ୍ଥାୟୀ ହୋଇ ଯାନ୍ତା । ସେ ଚାହୁଁଥିଲେ ଏପରି ଏକ ମୂର୍ତ୍ତି ତିଆରି ହେବା ଦରକାର ଯିଏ ସମୟ କ୍ରମେ କେବେ ବି କ୍ଷୟ ହେବନାହିଁ । ଉଭୟ ଠାକୁର ଏ କଥା ଶୁଣି ଗୋଟେ ଅକ୍ଷୟ ପଥରର ଖୋଜରେ ଭେଲୁ ପାହାଡ଼କୁ ଗଲେ । ବିଶ୍ୱାସ କରାଯାଏ କି ଭେଲୁ ପାହାଡ଼ ଆଫ୍ରିକାରେ ଅଛି । ସେଠି ଦୁଇଟି ରାକ୍ଷସ ଏହାକୁ ଜଗିଥିଲେ । ସେମାନେ ପ୍ରଥମେ ରାଜି ହେଉ ନଥିଲେ କିନ୍ତୁ ପରେ ଇନ୍ଦ୍ର ଆଉ ବିଷ୍ଣୁଙ୍କୁ ଚିହ୍ନି ସେମାନେ ସେଠାରେ ଥିବା ସବୁଠାରୁ ସୁନ୍ଦର ଆଉ ଏକ ସବୁଜ ଆଭା ବିକରଣ କରୁଥିବା ଏକ ମର୍କତ ମଣି ବା ପାନ୍ନା ପଥରକୁ ବାଛିଲେ । ସେ ପଥରଟିକୁ ନେଇ ବିଷ୍ଣୁ ଭଗବାନଙ୍କ ସହାୟତାରେ ନାଗାସେନ ଗୋଟିଏ ସୁନ୍ଦର୍ ପଦ୍ମାସନରେ ବସିଥିବା ବୁଦ୍ଧ ମୂର୍ତ୍ତିଟିଏ ତିଆରି କଲେ । ନାଗସେନା ସେ ମୂର୍ତ୍ତିକୁ ଦେଖିଦେଖି ଭବିଷ୍ୟତ ବାଣୀ କରିଥିଲେ ଯେ ସେ ମୂର୍ତ୍ତି ପାଞ୍ଚୋଟି ଦେଶରେ ବୁଦ୍ଧଧର୍ମର ପ୍ରତିଷ୍ଠା ଆଉ ପ୍ରସାର କରିବ । ସେ ମୂର୍ତ୍ତି ବହୁଦିନ ଯାଏ ପାଟଳୀପୁତ୍ରରେ ରହି ପୂଜା ପାଉଥିଲେ ।

ଯେତେବେଳେ ପାଟଳୀପୁତ୍ରରେ ଗୃହଯୁଦ୍ଧ ହେଲା ସେଠାରେ ରାଜା ବୁଦ୍ଧ ମୂର୍ତ୍ତିଟିକୁ ସୁରକ୍ଷିତ କରିବା ପାଇଁ ତାକୁ ଲାକ୍ଷା ଦ୍ୱୀପକୁ ପଠାଇଦେଲେ । ସେଠାରେ ବୁଦ୍ଧଧର୍ମ ଖୁବ୍ ପ୍ରଚାର ଓ ପ୍ରସାର ଲାଭ କଲା । ସେଠାରେ ବୁଦ୍ଧ ପ୍ରାୟ ଦୁଇଶହ ବର୍ଷ ରହିଲେ । ପରେ ସେ ମୂର୍ତ୍ତିକୁ ଶ୍ରୀଲଙ୍କା ରାଜା ନିଜ ଦେଶକୁ ନେଇଗଲେ ଓ ଥେରାବାଦ ବୁଦ୍ଧଧର୍ମ ସେଠି ପ୍ରଚାର ଓ ପ୍ରସାର ଲାଭକଲା । ଏଗାର ଶତାବ୍ଦୀରେ ବର୍ମାରୁ କିଛି ବୌଦ୍ଧଭିକ୍ଷୁ ତ୍ରିପିଟକ ଉପରେ ଅଧ୍ୟୟନ କରିବାକୁ ବର୍ମାରୁ ଶ୍ରୀଲଙ୍କା ଆସିଥିଲେ । ବର୍ମା ସେତେବେଳେ ଶ୍ୟୀଲଙ୍କାର ଅଧୀନ ଥିଲା ବୋଧହୁଏ । ସେଥିପାଇଁ ସେମାନେ ତାଙ୍କ ସଙ୍ଗେ ଏହି ମର୍କତମଣି ବୁଦ୍ଧଙ୍କୁ ବର୍ମାକୁ ନେଇ ସେଠାରେ ବୁଦ୍ଧ ଧର୍ମର ପ୍ରଚାର କରିବାକୁ ଚାହିଁଲେ । ହେଲେ ସମୁଦ୍ର ରାସ୍ତାରେ ଏତେ ବଡ଼ ଝଡ଼ ହେଲା ଯେ ସେ ମୂର୍ତ୍ତି ବର୍ମାର ପାଗନ୍‌କୁ ନଯାଇ କମ୍ବୋଡ଼ିଆର ଅଙ୍ଗକୋର୍‌ରେ ପହଞ୍ଚିଲା । ଶ୍ରୀଲଙ୍କା ଯେତେ ମାଗିଲେ ବି ଅଙ୍ଗକୋର୍ ବା ଇନ୍ଦ୍ରପ୍ରସ୍ଥର ରାଜା ତାଙ୍କୁ ଆଉ ଫେରାଇଲେ ନାହିଁ । ପରେ ଅଙ୍ଗକୋର୍‌ରେ ଭୟଙ୍କର ଝଡ଼ ତୋଫାନ ହୋଇ ସେଠାରେ ବହୁ କ୍ଷୟକ୍ଷତି ହୋଇଗଲା । କୁହାଯାଏ ସେ ରାଜାଙ୍କର ଅତ୍ୟନ୍ତ ଅତ୍ୟାଚାରୀ ଗୁଣର କାରଣରୁ ସେଠାରେ ଏଭଳି ଅବସ୍ଥା ହେଲା । ତେବେ ସେଇ ଝଡ଼ ପରେ ଏହି ମର୍କତ ବୁଦ୍ଧଙ୍କୁ ଉତ୍ତର କମ୍ବୋଡ଼ିଆକୁ ନିଆଗଲା । ଏଠାରେ ଆୟୁଥୟା ଆୟୁଧ୍ୟାର ରାଜା ଏ ବୁଦ୍ଧ ମୂର୍ତ୍ତିକୁ ଅକ୍ତିଆର କରିନେଲେ ଓ ନିଜ ରାଜ୍ୟରେ ସ୍ଥାପନା କଲେ । ପରେ ସେ ମୂର୍ତ୍ତି ଥାଇଲାଣ୍ଡର ବିଭିନ୍ନ ଜାଗାରେ କିଛି କିଛି ଦିନ ରହିଲେ । ସେ ମୂର୍ତ୍ତିକୁ ରାଜା ମନେ ନିଜ ନିଜ ରାଜ୍ୟକୁ ନିମନ୍ତ୍ରଣ କରି ନେଉଥିଲେ । କାରଣ ସେ ମୂର୍ତ୍ତିର ପ୍ରଭାବରେ ପ୍ରାକୃତିକ ଦୁର୍ବିପାକ ଓ ଗୃହଯୁଦ୍ଧ ତଥା ମହମାରୀ ପରି ସମସ୍ୟାରୁ ସେ ମୂର୍ତ୍ତି ଲୋକଙ୍କୁ ଉଦ୍ଧାର କରିଦେଉଥିଲେ ବୋଲି ବିଶ୍ୱାସ କରାଯାଉଥିଲା । କିନ୍ତୁ ବହୁଥର ରାଜାମାନେ ମୂର୍ତ୍ତିକୁ ନେଇ ତାକୁ ଜବରଦଖଲ କରି ନିଜ ରାଜ୍ୟରେ

ରଖି ଦେଉଥିଲେ । ଏମିତି ଜଣେ ରାଜା ସେ ମୂର୍ତ୍ତିକୁ ନେଇ ସେଠାର ଚିଏଙ୍ଗ ଚାଇ ନାମକ ମନ୍ଦିର ଭିତରେ ସ୍ଥାପନା କଲେ । କିନ୍ତୁ କଲେ ତାକୁ କିଏ ନେଇଯିବା ଭାବି ସେ ତାକୁ ଗୋଟେ ମାଟି ଟେଳାରେ ଲୁଚାଇ ଦେଲେ । ପରେ ସେଠାରେ ଥିବା ଜଣେ ବୌଦ୍ଧଭିକ୍ଷୁ, ବହୁଦିନ ପରେ ସେ ମୂର୍ତ୍ତିକୁ ଯୋରାରେ ବିଜୁଳି ମାରି ସେ ମାଟି ସ୍ତୁପ ଭାଙ୍ଗିଯିବାରୁ, ଦେଖିବାକୁ ପାଇଲେ । ସେଠାରେ ସେ ହଜି ଯାଇଥିବା ମୂର୍ତିଟି ପାଇ ଲୋକ ମନେ ବଡ଼ ଥାଟ ପାଟରେ ପୁଣି ଲମ୍ପାଙ୍ଗ ବୋଲି ଗୋଟିଏ ଜାଗାକୁ ନେବାକୁ ଚାହିଁଲେ । ସେଠାରେ ସେ ମୂର୍ତ୍ତି ପ୍ରାୟ ବତିଶ ବର୍ଷ ରହିଲେ । ପରେ ବର୍ମା ଆୟୁଥାୟା ରାଜ୍ୟର ରାଜଧାନୀକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେଲେ । ରାଜା ତକସିନ ଆୟୁଥାୟାରୁ ଆସି ଥାନବୁରି ସେ ସ୍ଥାପନା କଲେ । ସେତିକିବେଳେ ସେ ସେଁ ବୁଦ୍ଧ ମୂର୍ତ୍ତିଟି ୱାଟ୍ ଅରୁଣରେ କିଛି ଦିନ ରଖିଥିଲେ । ପରେ ତକ୍ଷିଙ୍କୁ ମାରି ଚଓ ଫେରା ଚକ୍ରି ନିଜ ନାମ ରାମ ପ୍ରଥମ ଦେଇ ଥାଇଲାଣ୍ଡକୁ ଶାସନ କଲେ । ରାମା-୧ ତାଙ୍କ ରାଜଧାନୀ ରତନାକୋସିନ୍ (ବର୍ତ୍ତମାନର ବ୍ୟାଙ୍କକ୍)ର ଏହି ଗ୍ରାଣ୍ଡ୍ ପାଲେସ୍‌ରେ ସେହି ମର୍କତ ମୂର୍ତ୍ତିକୁ ରାଜାଙ୍କର ନିଜ ଭଗବାନ ଭାବେ ଏହି ରାଜା ପ୍ରସାଦରେ ସ୍ଥାପନା କଲେ ।

ଗ୍ରାଣ୍ଡ୍ ପାଲେସ୍ ଠାରୁ କିଛି ଦୂରରେ ଅଛି ୱାଟ୍ ପୋଃ ମନ୍ଦିର, କୁହାଯାଏ ବୁଦ୍ଧ ନିର୍ବାଣ ପାଇବାର କିଛି ଦିନ ପୂର୍ବରୁ ସେଠାରେ ଶୋଇ ରହିଥିଲେ । ତାଙ୍କୁ ଚିକିତ୍ସା କରବାକୁ ସେଠାରେ ଔଷଧ ତଥା ତୈଳର ପ୍ରୟୋଗ ହଉଥିଲା । ଏଇଟା ସେହି ଜଗା ଯୋଉଠି ଥାଇ ମେସେଜ୍ ତଥା ଥାଇ ଚିକିତ୍ସା ବିଜ୍ଞାନ ପାଇଁ ବିଦ୍ୟାଳୟ ଅଛି ।

ଏହି ମନ୍ଦିର ଏହାର ବିଶାଳ ସୁନାରେ ନିର୍ମିତ ବୁଦ୍ଧ ମୂର୍ତ୍ତି ପାଇଁ ପ୍ରସିଦ୍ଧ । Phraphuttha Saiyat ନାମକ ଏହି ପ୍ରତିଛବି ୧୮୩୨ ମସିହାରେ ରାଜା ରାମ ତୃତୀୟଙ୍କ ସମୟରେ ନିର୍ମିତ ହୋଇଥିଲା ଏବଂ ଏହାର ଲମ୍ବ ୪୬ ମିଟର ଏବଂ ଉଚ୍ଚତା ୧୫ ମିଟରଥିଲା । ଏହା ସମ୍ପୂର୍ଣ୍ଣ ସୁନାରେ ଆବୃତ୍ତ ବୁଦ୍ଧ ମୂର୍ତ୍ତି ଥିଲା, ଶୋଇଥିବା ବୁଦ୍ଧ ବା reclining ବୁଦ୍ଧ ବୋଲି କୁହାଯାଏ, ଏହା ବୁଦ୍ଧଙ୍କ ଅନ୍ତିମ ଯାତ୍ରା ଓ ନିର୍ବାଣପ୍ରାପ୍ତିକୁ ଦେଖାଏ । ଏହି ବୁଦ୍ଧଙ୍କ ପାଦର ଉଚ୍ଚତା ପ୍ରାୟ ୩ ମିଟର ଏବଂ ପ୍ରାୟ ୫ ମିଟର ଲମ୍ବ ଥିଲା । ଏହା ମୋତି ଉତ୍ପନ୍ନ କରୁଥିବା ସାମୁକାର ଖୋଳପାରେ ଆବୃତ୍ତ ହୋଇଥିଲା । ଏଥିରେ ୧୦୮ଟି ବୌଦ୍ଧ ଧର୍ମର ଶୁଭ ଚିହ୍ନ ଅଙ୍କିତ ହୋଇଛି । ସେଠାରେ ୧୦୮ଟି ପିତ୍ତଳ ପାତ୍ର ରହିଛି ଯେଉଁଠାରେ ଲୋକମାନେ ମୁଦ୍ରା ଦାନ କରନ୍ତି ।

ଏହି ବୁଦ୍ଧଙ୍କ ମନ୍ଦିର ପାଖରେ ଥିବା ଏକ ଛୋଟ ବଗିଚାରେ ଏକ ବୋଧି ବୃକ୍ଷ ଅଛି । ଏହା ଭାରତର ବୋଧଗୟାରେ ଯୋଉ ବୋଧି ଦ୍ରୁମ ତଳେ ବସି ବୁଦ୍ଧ ବୁଦ୍ଧତ୍ୱକୁ ପ୍ରାପ୍ତ ହୋଇଥିଲେ, ସେହି ବୃକ୍ଷର ବଂଶଧର । ପ୍ରାୟ ୨୦ ଏକର ମନ୍ଦିର କମ୍ପ୍ଲେକ୍ସରେ ଅୟୁଥାୟ ମନ୍ଦିର ଶୈଳୀରେ ଏଠାରେ ଏକ ପ୍ରାର୍ଥନାଗୃହ ବା ଉବସଟ ହଲ, ଭିହାନ ଯେଉଁଠାରେ ଶୋଇଥିବା ଏହି ବୁଦ୍ଧ ମୂର୍ତିଟି ଅଛି, ଏବଂ ଏକ ବଗିଚା ଅଛି, ଏହାର କାନ୍ଥରେ ଜାତକ କାହାଣୀର ଦୃଶ୍ୟ ଅନେକ ମାର୍ବଲ ପଥରରେ କଯାଯାଇ ରାମକିଆନ୍ ବା ରାମାୟଣ ମହାକାବ୍ୟର ଦୃଶ୍ୟ ଦର୍ଶାଉ ଥିବା ଚିତ୍ର ତଥା ବୁଦ୍ଧଙ୍କ ପୂର୍ବ ଜୀବନ ବିଷୟରେ କାହାଣୀ ଗୁଡ଼ିକର ବି ଚିତ୍ରଣ କରାଯାଇଛି । ଏହାର ସାଉଥ୍ ଏଣ୍ଡରେ ଭିକ୍ଷୁମାନେ ବ୍ୟକ୍ତିଗତ ବାସଗୃହ ଏବଂ ଏକ ବିଦ୍ୟାଳୟ ମଧ୍ୟ ଅଛି । ପ୍ରବେଶ ଦ୍ୱାରଗୁଡ଼ିକ ଚାଇନାର ବିଶାଳ ଯୋଦ୍ଧାଙ୍କ ପ୍ରତିମୂର୍ତ୍ତି ବା ଯକ୍ଷମାନେ ଜଗିଛନ୍ତି ।

ବୁଦ୍ଧଙ୍କ ସେବା ପାଇଁ ତିଆରି ଏହି ୱାଟ୍ ଫୋ ମନ୍ଦିର ପାରମ୍ପରିକ ଥାଇ ଔଷଧ ବିଷୟରେ ଜ୍ଞାନ ଏବଂ ଅଧ୍ୟୟନ ପାଇଁ ଏକ କେନ୍ଦ୍ର ଅଟେ । ଏଠାରେ ଏକ ମସାଜ୍ ସ୍କୁଲ୍ ପ୍ରତିଷ୍ଠା କରାଯାଇଥିଲା ଯାହା ଆଜି ବି ବିଦ୍ୟମାନ ଅଛି, ଏହାର ଚାରିପାଖରେ ବିଭିନ୍ନ ମସାଜ୍ କୌଶଳ ପ୍ରଦର୍ଶନ କରୁଥିବା ପଥର ମୂର୍ତ୍ତି ତିଆରି ହୋଇଛି । ୱାଟ ଫୋ ଥାଇ ମସାଜର ଜନ୍ମସ୍ଥାନ ଭାବରେ ଜଣାଶୁଣା ଓ ଏଠାରେ ମସାଜ୍ ପାଠ୍ୟକ୍ରମ ଅନୁଯାୟୀ ମାଲିସ ପଦ୍ଧତିର ଶିକ୍ଷା ଦିଆଯାଏ ।

ଏ ତିନୋଟି ସୁନ୍ଦର ମନ୍ଦିର ଦେଖିସାରି ଆମେ ସେଠାରେ ସରକାରଙ୍କ ଅନୁମୋଦିତ ରତ୍ନ ପଥର, ସୁନା ଅଳଙ୍କାର ଓ ସିଲ୍କ ବସ୍ତ୍ରର ଏକ ବଡ଼ ଦୋକାନକୁ ଗଲୁ । ସେ ଗୋଟିଏ ଜାଗାରେ ଏସବୁ ବିକ୍ରି ହଉଥିଲା । ସବୁଆଡ଼ ବୁଲି ସାରି ଆମେ ବହୁ ପ୍ରସିଦ୍ଧ ଥାଇ ଖାଦ୍ୟକୁ ଖାଇବା ପାଇଁ ଏକ ହୋଟେଲ୍‌କୁ ଗଲୁ । ଏହା ପୂର୍ବରୁ ମୁଁ ଥାଇଲାଣ୍ଡର ଶ୍ରୀରାଜା ସହରକୁ ଯାଇଥିଲି ଓ ସେଠାରେ ଖୁବ ସ୍ୱାଦିଷ୍ଟ ଥାଇ ଖାଦ୍ୟର ମଜା ନେଉଥିଲି । ଏଥର ସେମିତି କିଛି ସ୍ୱାଦିଷ୍ଟ ଖାଦ୍ୟର ସନ୍ଧାନରେ ଆମେ ଗୋଟେ ରେଷ୍ଟୁରାଣ୍ଟରେ ପହଞ୍ଚିଲୁ । ସେଠି ଘରମାନଙ୍କର ଛୋଟ ଛୋଟ ହୋଟେଲ ଖୋଲିକି ଖାଇବା ଦେଉଛନ୍ତି । Authentic Thai food ଖାଇବୁ ବୋଲି ଯୋଉ ରେଷ୍ଟୁରାଣ୍ଟରେ ଆମେ ପହଞ୍ଚିଲୁ ସେଇଟା ବି ଗୋଟେ ଘର ପରି ଥିଲା । ସେଠି ଥିବା ମେନୁ ବହିରେ ଥିବା ରେସିପି ଦେଖି ମୋ ହୋସ ଉଡ଼ିଗଲା । ସେଥିରେ ମାଛ, ଚିକେନ, ମାଂସ ସଙ୍ଗେ ଶାମୁକା, squid ଆଦିର ଖାଦ୍ୟ ତ ଥିଲା । ହେଲେ ମେନୁ ପଢୁ ପଢୁ ଗୋଟିଏ ଜାଗାରେ ମୁଁ ଏମିତି ଅଟକିଗଲି ଯେ, ତାକୁ ପଢ଼ିବା ପରେ ମୋର ଖାଦ୍ୟ ଖାଇବାରେ ଆଉ କିଛି ସ୍ପୃହା ହିଁ ରହିଲା ନାହିଁ । ସେଥିରେ ଗୋଟେ ଖାଦ୍ୟ snake ହେଡ୍ curry ଥିଲା । କଳ୍ପନାରେ ମୁଁ ସେ ସାପକୁ ଦେଖିଲି ଆଉ ଭାବିଲି ଯଦି କେବେ ଖସିକି ବାହାରିଗଲା ତେବେ ନିଶ୍ଚୟ ସେଇ ଆଖ ପାଖରେ ହିଁ ରହିଥିବ ! ସେଠାରେ ବସିବା ବେଳେ ଟେବୁଲ୍ ତଉକି କୋଉଠି ବି ଗୋଡ଼ ବାଜିଲେ ମୁଁ ଖୁବ୍ ଜୋର୍‌ରେ ଚମକି ପଡୁଥିଲି । ଲାଗୁଥିଲା ସାପ ଖସି ଆସି ଯେମିତି ସେଠି କୋଉଠି ଲୁଚିଛି । କହିବା ବାହୁଲ୍ୟ ଯେ ଆଉ ଯୋଉ ଗୋଟିଏ ଦିନ ଆମେ ସେଠାରେ ରହିଲୁ Macdonald ରୁ chicken burger ଖାଇକି ରହିଲୁ । ନା ସେ ହୋଟେଲ୍‌ରେ ଖାଇଲୁ ନା କୋଉ street food ।

ମୁଁ ସେଠାରୁ ବହୁତ ଗୁଡ଼େ ସୋଭେନିୟର ନେଇକି ଆସିଥିଲି । ସେଥିରେ ଗୁଡ଼ାଏ ବୁଦ୍ଧ ମୂର୍ତ୍ତି ବି ଥିଲା । ଭାବିଥିଲି କଳା ମୁଗୁନି ପଥରର ମୂର୍ତ୍ତି, ଚାହିଁଲେ ପୂଜା କରି ପାରିବି । ଏକ ଅଦ୍ଭୁତ ଗନ୍ଧ ବିଶିଷ୍ଟ ଏ ମୂର୍ତ୍ତିଗୁଡ଼ିକ କୋଉଥିରେ ତିଆରି ବୋଲି ମୁଁ ସେ ଦୋକାନୀକୁ ପଚାରିଲି । ତା ଉତ୍ତରରେ ମୁଁ ସ୍ତବ୍ଧ ହୋଇଗଲି । ସେ ମୂର୍ତ୍ତି ମାଛ ହାଡ଼ରେ ତିଆରି ହୋଇଥିଲା । ଭାବୁଥିଲି ମାଛ ହାଡ଼ରେ ତିଆରି ବୁଦ୍ଧ, ସେ ମୂର୍ତ୍ତି ଭିତରେ କି କଷ୍ଟ ପାଉଥିବେ !

ବ୍ୟାଙ୍କକ୍‌ର ଏ ଅଦ୍ଭୁତ ତଥା ସୁନ୍ଦର୍ ସ୍ମୃତି ସବୁବେଳେ ମୋ ମନରେ ଏକ ସୁନ୍ଦର୍ ଅନୁଭୂତି ହୋଇ ରହିବ । ଏବେ ବି ସେ ସାପ ମୁଣ୍ଡ ତରକାରି ଆଉ ମାଛ ହାଡ଼ ବୁଦ୍ଧଙ୍କୁ ଦେଖି ମୁଁ ମନେମନେ ଖୁବ୍ ହସେ ।



# DREAM EDGE INVESTMENTS

*You Dream We Plan*

MUTUAL FUNDS *Sahi Hai*

Wealth Creation | Income Generation | Capital Protection



## OUR SERVICES

TATA MUTUAL FUND

SBI MUTUAL FUND – A PARTNER FOR LIFE

AXIS MUTUAL FUND – The RESPONSIBLE Mutual Fund

UTI Mutual Fund

PPFAS MUTUAL FUND – There's only one right way

kotak Mutual Fund

ICICI PRUDENTIAL MUTUAL FUND – TARAKKI KAREIN!

HDFC MUTUAL FUND

ADITYA BIRLA CAPITAL Mutual Funds

Nippon india Mutual Fund – Wealth sets you free



**CA Bimal Kumar Paul**
*Chief Advisor*

Aaj hi FREE Financial Planning Ke Liye Contact Karein
+91 83399 98420
+91 97767 99017

**F.M. College Road,**
**Near Bela Mangala Temple**
**Azimabad, Balasore, Odisha - 756001**



**Jyotibikash Mohanty**
*Mutual Fund Advisor*
*(ARN - 173715)*

hello@dreamedgeinvestments.com
dreamedgeinvestments.com

## ଅନୁପମାଙ୍କ ତୁଳୀରେ ଚମକୁଛି ପଟ୍ ପେଣ୍ଟିଙ୍ଗ୍



ବାଲେଶ୍ୱର:ଅନୁପମାଙ୍କ ତୁଳୀରେ ଚମକୁଛି ପଟ୍ ପେଣ୍ଟିଙ୍ଗ୍ସ୍ । ଛୋଟ ଛୋଟ କଳସୀ ବା ଠେକିରେ ଅନୁପମା ଆଙ୍କୁଛନ୍ତି ସୁନ୍ଦର ଓ ଆକର୍ଷଣୀୟ ଚିତ୍ର । ବିଭିନ୍ନ ରଙ୍ଗରେ ଡିଜାଇନ୍ ହୋଇଛି ଠେକି । ତେବେ ଅପ୍ରେଲ ମାସରେ ପଣା ସଂକ୍ରାନ୍ତି । ପଣା ସଂକ୍ରାନ୍ତିରେ ଚଉରାରେ ଠେକି ଝୁଲେଇବାର ପରମ୍ପରା ରହିଛି । ତେଣୁ ଏଥର କିଛି ନିଆରା ଠେକି ତୁଳସୀ ଚଉରାରେ ଦେଖିବାକୁ ମିଳିଥିଲା । ଏ ନେଇ ଅନୁପମାଙ୍କ ନିକଟକୁ ୩୫ ରୁ ଅଧିକ ଠେକିରେ ଚିତ୍ର ପାଇଁ ଆସିଥିଲା ଅର୍ଡର । ବର୍ତ୍ତମାନ ସୁଦ୍ଧା ଅନୁପମା ୧୫ ଟି ଠେକି ପ୍ରସ୍ତୁତ କରିସାରିଥିବା ବେଳେ ଆଉ ୧୦ଟି କାମ ଚାଲିଛି । ଲୋକ କେବଳ ନିଜର ପସନ୍ଦର ଅର୍ଡର ଦେବା ପରେ ଅନୁପମା ନିଜେ ମାଠିଆ ଆଣି ରଙ୍ଗତୁଳୀରେ ଏପରି କାରୁକାର୍ଯ୍ୟ ପ୍ରସ୍ତୁତ କରୁଛନ୍ତି । ଯାହା ସମସ୍ତଙ୍କୁ ବେଶ୍ ପସନ୍ଦ ଆସୁଛି । ତେବେ ଏସବୁ ପାଇଁ ଅନୁପମା କୌଣସି ପ୍ରଶିକ୍ଷଣ ନେଇ ନାହାଁନ୍ତି ବରଂ ନିଜ ଉଦ୍ୟମରେ ନୂଆ ନୂଆ କାମ ହାତକୁ ନେଉଛନ୍ତି ।

ପଣା ସଂକ୍ରାନ୍ତି ତଥା ଓଡ଼ିଆ ନୂଆବର୍ଷ ଦିନଟି ସବୁ ଓଡିଆଙ୍କ ପାଇଁ ବେଶ୍ ଗୁରୁତ୍ୱ ରଖେ । କାରଣ ଏହି ଦିନ ହେଉଛି ପଣା ସଂକ୍ରାନ୍ତି, ଓଡିଆ ନବବର୍ଷ, ମହାବୀର ଜୟନ୍ତୀ । ଏହି ଦିନରେ ନୂତନ ପାଞ୍ଜିର ପ୍ରଚଳନ ହୋଇଥାଏ । ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତିରେ ଘରେ ଘରେ ପଣା ପ୍ରସ୍ତୁତ ହୋଇଥାଏ । ତେବେ ଏହି ସଂକ୍ରାନ୍ତିର ବିଶେଷତ୍ୱ ହେଉଛି ଘରେ ଥିବା ଚଉରାର ଉପରେ ଛୋଟିଆ କଳସୀ ବା ଠେକି ବନ୍ଧାଯାଏ । ଠେକିରେ ଛୋଟ ଛିଦ୍ର କରା ଯାଇଥାଏ । ଏଥିରେ ପରବର୍ତ୍ତୀ ସଂକ୍ରାନ୍ତି ଯାଏଁ ସବୁଦିନ ପାଣି ଢଳା ଯାଇଥାଏ । ସେହି ଜଳ ତୁଳସୀ ଗଛ ଓ ଚଉରାରେ ପଡିଥାଏ । ଆମେ ସବୁବେଳେ ଦେଖି ଆସିଛେ ଯେ ସମସ୍ତଙ୍କ ତୁଳସୀ ଚଉରାରେ ଏମିତି ଠେକି ଝୁଲିଥାଏ । ତେବେ ଏହି ପଣା ସଂକ୍ରାନ୍ତିକୁ ଅଧିକ ପାରମ୍ପରିକ କରିବା ପାଇଁ କରଞ୍ଜିଆ ପଞ୍ଚାୟତ ସତ୍ୟନଗରରେ ରହୁଥିବା ଅନୁପମା ଦାସମହାପାତ୍ର ଗତବର୍ଷ ନିଜ ଘର ପାଇଁ ପ୍ରଥମେ ଏକ ପଟ୍ ପେଟିଙ୍ଗ୍ କରିଥିଲେ । ଯାହାକୁ ଦେଖି ଏ ବର୍ଷ ଲୋକେ ଅର୍ଡର ଦେଇଛନ୍ତି । କିଏ ମାଠିଆରେ ମିରର୍ ଡିଜାଇନ୍ ସଜେଇବାକୁ ତ କିଏ କେବଳ ରଙ୍ଗରେ ସଜାଇବାକୁ ଅର୍ଡର ଦେଉଛନ୍ତି । ସେମାନେ ଅର୍ଡର ଦେବା ପରେ ଫେବ୍ରିକ୍ ରଙ୍ଗ ବ୍ୟବହାର କରି ଅନୁପମା ମାଠିଆକୁ ନିଜ ଆଇଡିଆ ଲଗାଇ ମନମୁଗ୍ଧ କରାଉଛନ୍ତି । ପ୍ରଥମେ ଅର୍ଡର ଆସିଥିବା ୧୫ଟି ମାଠିଆକୁ ୪ ଘଣ୍ଟାରେ ପ୍ରସ୍ତୁତ କରିଥିବା ସେ କହିଛନ୍ତି । ଏ ସମସ୍ତ ମାଠିଆର ଦାମ ରହିଛି ୪୦ ରୁ ଆରମ୍ଭ କରି ଶହେ ଟଙ୍କା ପର୍ଯ୍ୟନ୍ତ । କେବଳ ଅର୍ଡର ପାଇଲେ ଅନୁପମା ଠେକିକୁ ପ୍ରସ୍ତୁତ କରି ଦେଉଛନ୍ତି ।

## ବ୍ଲାକ୍ ଇଗଲ୍ ବୁକ୍ସ ଇଣ୍ଟେଲେକ୍ଟ ସେଣ୍ଟର ଉଦ୍‌ଘାଟିତ

## ପୁସ୍ତକ ହେଉଛି ମୂଲ୍ୟବାନ ଗହଣା, ଏହାକୁ ସମସ୍ତେ ଧାରଣ କରିବା ଉଚିତ: ପ୍ରତିଭା ରାୟ

ଭୁବନେଶ୍ୱର: ବ୍ଲାକ୍ ଇଗଲ୍ ବୁକ୍ସ ଇଣ୍ଟେଲେକ୍ଟ ସେଣ୍ଟର ଭୁବନେଶ୍ୱର ଠାରେ ପଦ୍ମଭୂଷଣ ପ୍ରତିଭା ରାୟଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ସମ୍ମାନିତ ଅତିଥି ଭାବେ 'କଥା'ର ସମ୍ପାଦକ ଡକ୍ଟର ଗୌରହରି ଦାସ ଓ ପ୍ରଫେସର ଯତୀନ୍ଦ୍ର କୁମାର ନାୟକ ଯୋଗ ଦେଇଥିଲେ । ପଦ୍ମଭୂଷଣ ପ୍ରତିଭା ରାୟ ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ ଯେ, ମୂଲ୍ୟବାନ ଗହଣା ହେଉଛି ପୁସ୍ତକ । ଏହାକୁ ଯିଏ ବି ଧାରଣ କରିବ ତା'ର ମନ, ଜ୍ଞାନ, ଚେତନା ଜାଗ୍ରତ ହୋଇଯିବ । ବ୍ଲାକ୍ ଇଗଲ୍ ବୁକ୍ସ ଆଜି ଯେଉଁ ମନ୍ଦିର ରୂପକ ପୁସ୍ତକ ମନ୍ଦିରର ଉନ୍ମୋଚନ କରିଛନ୍ତି ତାହା ସମସ୍ତଙ୍କୁ ଆକର୍ଷିତ କରବ ଏବଂ ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ଏ ମନ୍ଦିରକୁ ଆସି ନିଜର ଜ୍ଞାନର ପରିସୀମା ବୃଦ୍ଧି




କରିବା ଉଚିତ୍ । ଏହି ସଭାରେ ସମ୍ମାନିତ ଅତିଥି ଭାବେ ଡକ୍ଟର ଗୌରହରି ଦାସ ଯୋଗ ଦେଇ କହିଥିଲେ ଯେ, ସୁଦୂର ଯୁକ୍ତରାଷ୍ଟ୍ର ଆମେରିକାରେ ରହି ସତ୍ୟ ପଟ୍ଟନାୟକ ଯେପରି ସାହିତ୍ୟ ପାଇଁ ନିଷ୍ଠାର ସହିତ କାର୍ଯ୍ୟ କରୁଛନ୍ତି ସେଥିପାଇଁ ସେ ଧନ୍ୟବାଦର ପାତ୍ର । ଜଣେ ବ୍ୟକ୍ତି ସମସ୍ତ ପ୍ରକାର ସ୍ୱଚ୍ଛଳ ଅବସ୍ଥାରେ ଥାଇ ମଧ୍ୟ ପୁସ୍ତକକୁ ବିଶ୍ୱ ବଜାରରେ ଉପଲବ୍ଧ କରିବା ପାଇଁ ଅହରହ ଉଦ୍ୟମ କରି ଚାଲିଛନ୍ତି ସେଥିଲାଗି ଆମେ ସମସ୍ତେ ତାଙ୍କୁ ସହଯୋଗର ହାତ ବଢ଼ାଇବା ଉଚିତ୍ । ମୋର ଆଉ ଗୋଟିଏ କଥା କହିବାର ଅଛି ଅନୁବାଦକୁ ଦ୍ୱିତୀୟ ଶ୍ରେଣୀର ଦର୍ଜା ଦିଆ ଯାଉଛି । ଏହା ହେବା ଉଚିତ ନୁହେଁ । ଜଣେ ଅନୁବାଦକ ମୂଳ ଲେଖକଙ୍କ ଠାରୁ ଅଧିକ ମାତ୍ରାରେ ବହି ଭିତରକୁ ପ୍ରବେଶ କରିଥାଆନ୍ତି । ଏପରିକି ଅକ୍ଷରକୁ ଅକ୍ଷର ବିଶ୍ଳେଷଣ କରିଥାଆନ୍ତି ଯାହାକୁ ମୂଳ ଲେଖକର ସେତିକି ପ୍ରବେଶ ନଥାଏ । ଅନୁବାଦକମାନେ ଅନୁବାଦ କାମ ପାଇଁ ବର୍ତ୍ତମାନ ପାଉଣା ଠାରୁ ଚାରିଗୁଣା ଅଧିକ ପାଉଣା ପାଇବା ଉଚିତ୍ । ଅନୁବାଦକଙ୍କୁ ସେ ଯଶୋଦାଙ୍କ ସହିତ ତୁଳନା କରିଛନ୍ତି । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯତୀନ୍ଦ୍ର କୁମାର ନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ବହିର କୌଣସି ବିକଳ୍ପ ନାହିଁ । କିଛି ଲୋକ ଧରି ବସିଛନ୍ତି ଆଗାମୀ ପିଢ଼ି ବହି ବଦଳରେ ଡିଜିଟାଲ ଇ-ବୁକ୍ସକୁ ଗୁରୁତ୍ୱ ଦେବେ । କିନ୍ତୁ ବହିର କୌଣସି ବିକଳ୍ପ ନାହିଁ ମୁଁ ଦୃଢ଼ତାର ସହିତ କହିବି । ଇତ୍ୟବସରରେ ସଂଘମିତ୍ରା ଭଞ୍ଜଙ୍କ ଲିଖିତ ପୁସ୍ତକ 'ସମାଜ: ଦର୍ଶନ ଓ ସାହିତ୍ୟ' ଡ. ପ୍ରତିଭା ରାୟ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଦେବାଶିଷ ମହାପାତ୍ର ଓ ଅଶୋକ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବ୍ଲାକ ଇଗଲ୍ ବୁକ୍ସ ଇଣ୍ଟେଲେକ୍ଟ ସେଣ୍ଟରର ଏକ ଗ୍ୟାଲେରୀ ଗୌରହରି ଦାସଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିବା ବେଳେ ଓ ସଭାଗୃହ ପ୍ରଫେସର ଯତୀନ୍ଦ୍ର କୁମାର ନାୟକଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଥିଲା । ଏହି ଗ୍ୟାଲେରୀରେ ପାଞ୍ଚଟି ଷ୍ଟାଣ୍ଡ୍ ମଧ୍ୟ ଉନ୍ମୋଚିତ ହୋଇ ଯାଇଛି । ଚିତ୍ତରଞ୍ଜନ ଦାସ ଓ ମନୋଜ ଦାସ ଷ୍ଟାଣ୍ଡ୍‌କୁ ଡକ୍ଟର ବୈରାଗୀ ଚରଣ ଜେନା ଉଦ୍‌ଘାଟନ କରିଥିବା ବେଳେ ପ୍ରତିଭା ରାୟ ଷ୍ଟାଣ୍ଡ୍‌କୁ ଲେଖିକା ଆଦ୍ୟାଶା ଦାସ ଉଦ୍‌ଘାଟନ କରିଥିଲେ । ସେହିପରି ଗୌରହରି ଦାସ ଷ୍ଟାଣ୍ଡ୍‌କୁ ଧରଣୀଧର ସାହୁ ଉଦଘାଟନ କରିଥିବା ବେଳେ ହରପ୍ରସାଦ ଦାସ ଷ୍ଟାଣ୍ଡ୍‌କୁ ଗୌରହରି ଦାସ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଂଘମିତ୍ରା ଭଞ୍ଜ, ରକ୍ଷକ ନାୟକ, ସରୋଜ ବଳ, ଭାନୁମତୀ ସାହୁ, କନକମଞ୍ଜରୀ ସାହୁ, ଆଦ୍ୟାଶା ଦାସ, ଅକ୍ଷୟ ପରିଜା, କପିଳାସ ଭୂୟାଁ, ପ୍ରଦୋଷ ମିଶ୍ର, ବୈରାଗୀ ଚରଣ ଜେନା, ନିହାରିକା ମଲ୍ଲିକ, ସୁରେନ୍ଦ୍ର ନାଥ, ସୁନୀଲ ପ୍ରଧାନ, ଅରୁଣ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ସଙ୍ଗୀତ, ଅଭିନୟ, ଉପସ୍ଥାପନାରେ ନିପୁଣା ଗୁଡି 'ମିସେସ୍ କଳିଙ୍ଗ ସୁନ୍ଦରୀ' ରନର୍ସ ଅପ୍




ଭୁବନେଶ୍ୱର: ଅବୁଝା ରୂପ୍‌ସା, କହ୍ନେଇ ଖାଉଛି ବହି, ଏଇ ଛୋଟିଆ ଘରଟି ମୋର, ଆମ ଗାଁ ନଈ କୂଳ, ଆମ୍ବତୋଟା ମୂଳେ -ଏମିତି ଅନେକ ଆଲ୍‌ବମ୍‌ରେ ଅଭିନୟ କରିଥିବା ଜଣେ ପରିଚିତ ଚେହେରା ହେଉଛନ୍ତି ଗୁଡ଼ି । ତାଙ୍କର ଭଲ ନାମ ଋତୁପର୍ଣ୍ଣା ମହାପାତ୍ର । କିନ୍ତୁ ଆର.ଜେ.ଗୁଡି ନାମରେ ତାଙ୍କୁ ସମସ୍ତେ ଜାଣନ୍ତି । ସେ ଶ୍ରୋତାଙ୍କ ନିକଟରେ ବେଶ୍ ପରିଚିତ । ଗୁଡ଼ି କଳିଙ୍ଗ ଗୌରବ ପକ୍ଷରୁ ଆୟୋଜିତ ମିସେସ୍ କଳିଙ୍ଗ ସୁନ୍ଦରୀ ପ୍ରତିଯୋଗିତାରେ ଦ୍ୱିତୀୟ ରନର୍ସ-ଅପ୍ ହୋଇଛନ୍ତି । ଭୁବନେଶ୍ୱର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ଠାରେ ଆୟୋଜିତ ମିସ୍ ଓ ମିସେସ୍ କଳିଙ୍ଗ ସୁନ୍ଦରୀର ଷଷ୍ଠ ସଂସ୍କରଣରେ ଭାଗ ନେଇ ସେ ଏହି ମୁକୁଟ ହାସଲ କରିଛନ୍ତି ।

କରୋନା ମହାମାରୀ କାରଣରୁ ଏହାର ଅଡ଼ିସନ ଭର୍ଚୁଆଲ୍‌ରେ ଅନୁଷ୍ଠିତ ହୋଇଥିଲା । ଏଥିରେ ୫୦ରୁ ଅଧିକ ପ୍ରତିଯୋଗୀ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରୁ ମନୋନୀତ ୨୦ଜଣଙ୍କ ଭିତରୁ ମିସ୍ ଓ ମିସେସ୍ କଳିଙ୍ଗ ସୁନ୍ଦରୀ ଚୟନ କରା ଯାଇଥିଲା । ଗୁଡ଼ି ଏବେ ୯୨.୭ ଏଫ୍.ଏମ୍. ସହ ନ୍ୟୁଜ୍-୭ରେ ପ୍ରସାରିତ 'ବ୍ରେକ୍‌ଫାଷ୍ଟ୍ ଓଡ଼ିଶା'ରେ ଉପସ୍ଥାପିକା ଭାବେ କାର୍ଯ୍ୟ କରୁଛନ୍ତି । ଗୁଡ଼ି ବିଜ୍ଞାନ ପଢ଼ିଥିବା ବେଳେ କ୍ୟାରିୟର ଆରମ୍ଭ କରିଛନ୍ତି କଳାରେ । ସେ ବହୁମୁଖୀ ପ୍ରତିଭାର ଅଧିକାରିଣୀ । ଗୀତ ଗାଇବା ସହିତ ଅଭିନୟ, ଡବିଂ, ଟେଲିଭିଜନ କାର୍ଯ୍ୟକ୍ରମରେ ଉପସ୍ଥାପନା କରନ୍ତି । ଗୁଡ଼ି ଆର୍‌ଜେ ଆୱାର୍ଡ଼, ରେଡ଼ିଓ ଚକୋଲେଟ୍ ପୁରସ୍କାର ପାଇଛନ୍ତି । ସେ ସିରିଏଲ ସହିତ ଆଲ୍‌ବମ୍‌ରେ ଅଭିନୟ କରିଛନ୍ତି । ତାଙ୍କ ଜନ୍ମସ୍ଥାନ ଭୁବନେଶ୍ୱର । ତାଙ୍କ ବାପା ନୀଳମଣି ମହାପାତ୍ର, ମା' କଳ୍ପଲତା ଓ ସ୍ୱାମୀ କେ.ପି. ।

# 'ଓଡ଼ିଶାରେ କୃଷି' ପୁସ୍ତକ ଉନ୍ମୋଚିତ




ଭୁବନେଶ୍ୱର : ମାରୁତି ମିଡିଆ ଦ୍ୱାରା ପ୍ରକାଶିତ ସମ୍ବାଦ-ଫିଚରଧର୍ମୀ ପତ୍ରିକା 'ଗେଟ୍‌ୱେ ଓଡ଼ିଶା'ର ଏକ ସ୍ୱତନ୍ତ୍ର ସଂସ୍କରଣ 'ଓଡ଼ିଶାରେ କୃଷି' ଏଠାରେ ଉନ୍ମୋଚିତ ହୋଇଯାଇଛି ।

ସ୍ଥାନୀୟ ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରି ଲିମିଟେଡ୍ (ୟୁସିସିଆଇଏଲ୍) ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ରାଜ୍ୟସଭା ସଦସ୍ୟ ଶ୍ରୀଯୁକ୍ତ ସୁଜିତ୍ କୁମାର ପୁସ୍ତକଟିକୁ ଉନ୍ମୋଚନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀଯୁକ୍ତ ସଂଜୀବ କୁମାର ଚାଡ଼୍ହା, କୌଶଲ୍ୟାଗଙ୍ଗସ୍ଥିତ ଆଇସିଏଆର- ସିଫାର ନିର୍ଦ୍ଦେଶକ ଡକ୍ଟର ସରୋଜ କୁମାର ସ୍ୱାଇଁ ଏବଂ ୟୁସିସିଆଇଏଲ୍‌ର ସଭାପତି ଶ୍ରୀଯୁକ୍ତ ବ୍ରହ୍ମାନନ୍ଦ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ରାଜ୍ୟର ଯୁବ କୃଷି ଉଦ୍ୟୋଗୀମାନଙ୍କ ନିମନ୍ତେ ଏହି ପୁସ୍ତକଟି ବେଶ୍ ସହାୟକ ହେବ ବୋଲି ଅତିଥିମାନେ ଆଶା ପୋଷଣ କରିଥିଲେ ।

ମାରୁତି ମିଡିଆ ନିର୍ଦ୍ଦେଶକ ଶ୍ରୀଯୁକ୍ତ ମନୋଜ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁସ୍ତକର ସମ୍ପାଦକ ଦିଲୀପ ମିଶ୍ର ପୁସ୍ତକଟି ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ମାରୁତି ମିଡିଆ ପରିବାରର ଉପଦେଷ୍ଟା ଶ୍ରୀଯୁକ୍ତ କମଳାକାନ୍ତ ମହାନ୍ତି ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । 'ଓଡ଼ିଶାରେ କୃଷି'ର ପ୍ରକାଶିକା ଶ୍ରୀମତୀ ରଶ୍ମିତା ମହାପାତ୍ରଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଏହି ଅବସରରେ ପୁସ୍ତକର ଲେଖକବୃନ୍ଦ ଏବଂ ଉପଦେଷ୍ଟାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସୂଚନାଯୋଗ୍ୟ ଯେ, 'ଓଡ଼ିଶାରେ କୃଷି' ପୁସ୍ତକରେ ରାଜ୍ୟରେ ଚାଷ ହେଉଥିବା ଶସ୍ୟ ଜାତୀୟ ଫସଲ, ଡାଲି ଜାତୀୟ ଫସଲ, ତୈଳବିଜ, ପନିପରିବା, ଫଳ, ଫୁଲ, ଅନ୍ୟାନ୍ୟ ଅର୍ଥକରୀ ଫସଲ ଚାଷ ସମ୍ପର୍କରେ ବିସ୍ତୃତ ତଥ୍ୟ ରହିଛି । ଯୁବ ଉଦ୍ୟୋଗୀମାନଙ୍କୁ କୃଷି କ୍ଷେତ୍ରରେ ପୁଞ୍ଜିନିବେଶ କରିବା ପାଇଁ ଉତ୍ସାହିତ କରିବା ଲକ୍ଷ୍ୟରେ ଏହି ପୁସ୍ତକଟିକୁ ପ୍ରସ୍ତୁତ କରାଯାଇଛି ।

# ବୈତରଣୀ ବିଷୁବ ଯୁବ ପୁରସ୍କାର ପାଇଲେ ରବୀନ୍ଦ୍ର ବିଶ୍ୱାଳ



ବ୍ରହ୍ମପୁର: ବୈତରଣୀ ବିଷୁବ ପର୍ବ ସ୍ଥାନୀୟ ଏନ୍‌ଜିଓ ହଲ୍ ଠାରେ ଅନୁଷ୍ଠିତ ହୋଇ ଯାଇଛି । ଏହାକୁ ବରିଷ୍ଠ ସାରସ୍ୱତ ସାଧକ ଭଗବାନ ତ୍ରିପାଠୀ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ବକ୍ତା ଥିଲେ କବି ପ୍ରଫୁଲ୍ଲ ତ୍ରିପାଠୀ । କବି ମିତୁ ମମତା ପଟ୍ଟନାୟକ ଓ ରାଇରଞ୍ଜନ ନନ୍ଦଙ୍କ ସଂଯୋଜନାରେ କବି ହୃଷୀକେଶ ଦାଶ, ସିମାଞ୍ଚଳ ରାଉଳ, ବନ୍ଦନା ମହାପାତ୍ର, ସୌଦାମିନୀ ମିଶ୍ର, ସୁଦାମ ପାଣିଗ୍ରାହୀ, ଦୀପ୍ତିଲେଖା ମିଶ୍ର, ମନିତା ବେହେରା, ଲୋକନାଥ ନାୟକ, ବନ୍ଦନା ପଣ୍ଡା, ଇଂ ପ୍ରଫୁଲ୍ଲ ତ୍ରିପାଠୀ କବିତା ପାଠ କରିଥିଲେ । ଦ୍ୱିତୀୟ ଅଧିବେଶନରେ କବି ସୁଶାନ୍ତ ଦାଶ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ପଣ୍ଡିତ ଗୌରୀଶଙ୍କର ପାଢୀ, ସମ୍ମାନିତ ଅତିଥି ଇଂ ଆଶୁତୋଷ ପାତ୍ର, ବିଶିଷ୍ଟ ଶିଶୁ ସାହିତ୍ୟିକ ନିରଞ୍ଜନ ତ୍ରିପାଠୀ ମଞ୍ଚାସୀନ ଥିଲେ । ବୈତରଣୀ ବିଷୁବ ସଂଖ୍ୟା ଉନ୍ମୋଚିତ ହୋଇଥିବା ବେଳେ ସାମ୍ବାଦିକ ଏବଂ ଲୋକପ୍ରିୟ ଲେଖକ ରବୀନ୍ଦ୍ର କୁମାର ବିଶ୍ୱାଳଙ୍କୁ ବୈତରଣୀ ବିଷୁବ ଯୁବ ପୁରସ୍କାର-୨୦୨୨ ପ୍ରଦାନ କରା ଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାହିତ୍ୟିକ ଉଦୟନାଥ ପଣ୍ଡା, ଆଧ୍ୟାତ୍ମିକପ୍ରେମୀ ରମାକାନ୍ତ ମିଶ୍ର,ସାହିତ୍ୟିକ ଡ. ଲକ୍ଷ୍ମୀନାରାୟଣ ଦାଶ, ଉପସ୍ଥାପକ ରତ୍ନାକର ଶୀୟଙ୍କୁ ବୈତରଣୀ ବିଷୁବ ସମ୍ମାନ ପ୍ରଦାନ କରାଯାଇ ଥିଲା ।

# ମଇ - ୨୦୨୨

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

**ଛୁଟିଦିନ**

୦୧/୦୫/୨୦୨୨ : ଶ୍ରମିକ ଦିବସ
୦୩/୦୫/୨୦୨୨ : ଅକ୍ଷୟ ତୃତୀୟା, ଇଦ୍-ଉଲ୍-ଫିତର
୧୬/୦୫/୨୦୨୨ : ବୁଦ୍ଧପୂର୍ଣ୍ଣିମା
୩୦/୦୫/୨୦୨୨ : ସାବିତ୍ରୀ ଅମାବାସ୍ୟା

### ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୦ | ୩୧ | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

### ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | | | | | |

### ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

### ଅପ୍ରେଲ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

### ମଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

### ଜୁନ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

### ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

### ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

### ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | |

### ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୦ | ୩୧ | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

### ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | | | |

### ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |



ାଲେଶ୍ବର
ରେବତୀ
ଆମ ମାଟିର ସର
ମଡେଲ୍ : ଅଞ୍ଜଳି ବେହେରା, ବାରିପଦା
ଫଟୋଗ୍ରାଫି: ଦୀପକ ଅଗ୍ରୱାଲ, ଏଲିଗେଣ୍ଟ୍ ଫଟୋଗ୍ରାଫି, ବାରିପଦା
ଉଚ୍ଚତା : ୫ ଫୁଟ୍ ୩ ଇଞ୍ଚ୍
ଶିକ୍ଷା : ଓଡ଼ିଶୀ ନୃତ୍ୟରେ ଡିପ୍ଲୋମାର ଛାତ୍ରୀ
ବୃତ୍ତି : ଛାତ୍ରୀ
ପ୍ରବୃତ୍ତି : ନାଚ ଓ ମଡ଼େଲିଂ
ମେକ୍ଅପ୍ : ଦିବ୍ୟାନି ବେହେରା
ସ୍ଥାନ : କାଳିଆଖାଲ୍, ବାରିପଦା

# ଦ୍ରୌପଦୀ-୧୫

ପ୍ରଫୁଲ୍ଲ କୁମାର ମହାନ୍ତି



ସକାଳ ପାଖୁଡ଼ା ସବୁ ଓଦା ସୋହାଗରେ
ଧୀରେ ଧୀରେ ମେଲିଗଲେ ମୁକ୍ତ ବିଳାସରେ
ଲାଲ୍ ସୂର୍ଯ୍ୟ ପରଷିଲା ନୂଆ ତେଜ ରକ୍ତ କଣିକାରେ
ମଣିଷ ଗାଈଗୋରୁ ଆରମ୍ଭିଲେ ନୂଆ ଦିନ
ଚାଳଧୂଆଁ ମାଡ଼ିଗଲା ଉଆସ ମନ୍ଦିର ଡେଇଁ
ଅଳସ ନଦୀ ଛନ୍ଦେ ଗଛବୃଛ ଛୁଇଁ
ମିଶିଗଲା ପବନରେ ଦୂର ଆକାଶରେ ।

ସକାଳ ଗାଧୁଆ ପରେ ଦ୍ରୌପଦୀ ଶୁଖାଇଲା
ଓଦାକେଶ ଧୂପ ଚନ୍ଦନରେ:
ଅଳ୍‌ପନା ପଚାରିଲା କେଉଁ ରଙ୍ଗେ ସଜାଇବି ଆଜି
ମଣ୍ଡପର ମନ୍ତ୍ର ପାଇଁ ନା ନୌକାବିହାର ପାଇଁ
ହାତରେ ତରଙ୍ଗ ଭାଙ୍ଗି ମଜ୍ଜିଯିବ ସ୍ୱପ୍ନ ସ୍ୱୟମ୍ବରେ
ଜୀବନର ମଧୁଯାତ୍ରା ଆରମ୍ଭିବା ପାଇଁ

କେତେ ରଙ୍ଗ ଅଛି ତୋର ଥାଳିରେ ଅଳ୍‌ପନା
ମିଶାଇ ଦେ ସବୁ ରଙ୍ଗ ଫେଣ୍ଟିଦେ ଆକାଶ ମାଟି
ଗୋଳିଦେ ମନରେ ମୋର ସାଜିଦେ ମୋତେ
ଅନ୍ତରୀକ୍ଷ ବିହରିଣୀ ଅଦେଖା ପରୀ ପରି
ବର୍ଣ୍ଣଗନ୍ଧହୀନ ପରିଚୟହୀନ ବିବର୍ଣ୍ଣ ସୁନ୍ଦରୀ ।

ଅବାକ୍ ଅଳ୍‌ପନାକୁ ପଛ କରି
ଦ୍ରୌପଦୀ ପିନ୍ଧିଲା ନିଜେ ଅଗ୍ନିରୂପା ଶାଢ଼ି
ଦୃପ୍ତ ପାଦେ ଆଗେଇଲା ପିତାଙ୍କ ସାମ୍ମୁଖ୍ୟ ପାଇଁ
ଲମ୍ବା ବାଳ ଉଡୁଥିଲା ସିଂହ କେଶର ପରି
ପବନ ଢେଉରେ ହାଲ୍‌କା ଅଭିମାନରେ ।
ସହାସେ ପଚାରିଲେ ଦ୍ରୁପଦ
ମା ଡାକିନେଲେ ଆଦରରେ,
ସକାଳୁ ସକାଳୁ କଣ କିଛି ଦିଗହଜା ବ୍ୟଥା
ଘାରିଛି କନ୍ୟାକୁ ମୋର ! କହ କହ କଥା
ତୋର କଥା ହେବନି ଅନ୍ୟଥା ।

ମା କହିଲେ ଛାଡ଼ ସେସବୁ ଚାଲ୍
ତା ପାଇଁ ବରାଦ ଦେବା ନୂଆ ଗହଣା ଶାଢ଼ି
ସ୍ୱୟଂବର ସାଜ ଆଉ ଅନ୍ୟ ବେଭାର ଭାର:
ଶୁଣିଛି ମୁଁ ଭଦୋଦରା ବଣିକମାନେ ଠେକିଛନ୍ତି ଡେରା
କାଶୀର କୁଟକାମ ଫରାସୀ ପସରା-
ଯିବାର ପ୍ରୟୋଜନ କଣ- କହିଲେ ଦ୍ରୁପଦ
ଏଇଠିକି ଆସିଯିବେ ପାଇଲେ ଇସାରା ।

ଏ ସବୁ କାହିଁକି ମା ଆଉ କଣ କିଛି ନାହିଁ
ଜୀବନଟା କଣ ଖାଲି ଆବଶ୍ୟକତାର ହାଟ
ସଉଦା କରିବା ଛଡ଼ା ଦେବା ନେବା କଥା ଛଡ଼ା
ଆଉ କଣ ନାହିଁ କିଛି ଉଚ୍ଛଳ ଉଚ୍ଚାଟ !
ହସି ହସି ପଚାରିଲେ ବାପା
ହଉ ତେବେ କହ ମୋର ବିଦୂଷୀ ଦୁହିତା
କଣ ଚାହୁଁ କି ଗନ୍ଧ ପବନ ଚାହୁଁ
ଭରିଦେବି ଚାରିପଟେ ପଲକ ଛନ୍ଦରେ ।

ମୁଁ ସମୁଦ୍ର ଯିବି ଶୁଣିଛି ମୁଁ
ସିନ୍ଧୁ ଗର୍ଜନ ତାଳରେ ପୃଥିବୀର ଅକ୍ଷଦଣ୍ଡ ଘୁରେ
ଅସଂଖ୍ୟ ବାଲିରେ ତାର ମୁଁ ଖୋଜିବି
ମୋ ମନର ମୁକ୍ତା-
ଆଲୋ ମା’ ସମୁଦ୍ର ବହୁ ଦୂର
କେହି ଆମେ ଦେଖିନାହୁଁ ରଙ୍ଗରୂପ ତା’ର
ଗଙ୍ଗା ଯମୁନା ହିଁ ଆମ ପାଇଁ ସମୁଦ୍ର ସାଗର:
ହଁ ଯିବା ସମସ୍ତେ ମିଶି ଯିବା
ସରିଯାଉ ସ୍ୱୟମ୍ବର ତୋର ।
ଠିକ୍ ଅଛି ମୁଁ ଏକା ଏକା ଯିବି
ଗଙ୍ଗା ଯମୁନା ବେଗବତୀ ଘେରରେ
ହେବ ନାହିଁ ମୋର ସ୍ୱୟଂବର:
ଏ କଣ କହୁଚୁ ?
ଠିକ୍ କହୁଚି ଯଦି ହେବ ସ୍ୱୟଂବର
ମୁଁ ବାଛିବି ମୋର ବର ମୋ’ର ସର୍ତ୍ତରେ
ମୁଁ ନେବି ପରୀକ୍ଷା ଗୁଣଗ୍ରାମ ବିଭବ ତେଜର
ଚୁପ୍ କର୍- ଚିହିଁକି ଉଠିଲେ ଦ୍ରୁପଦ
ଆଖି ମିଶାଇ ଠିଆ ହେଲା ଦ୍ରୌପଦୀ
ପବନ ଆଲୁଅ ସବୁ ଠପ୍ କରିଗଲେ
ଆବେଗର ରଦ୍ଧ ପରିଧିରେ ।

‘ଚିତ୍ରକାବ୍ୟ’, ଶିଶୁ ବିହାର, ଭୁବନେଶ୍ୱର-୭୫୧୦୨୪
ଫୋନ:୯୪୩୮୮୦୩୬୨୩



## ଆଭିମୁଖ୍ୟ

ବିଶ୍ୱସାହିତ୍ୟର ଇତିହାସରେ ଦ୍ରୌପଦୀ ପରି ଏକ ନାରୀ ଚରିତ୍ର ନାହିଁ, ଯାହାଲାଗି ପ୍ରମାଣର ଆବଶ୍ୟକତା ନାହିଁ । ନାରୀର ଦୁଇଟି ମୁଖ୍ୟରୂପ : ପ୍ରେମିକା ଓ ପତ୍ନୀ । ପରେ ନାରୀ ଜନନୀର ମହାନତା ପାଏ । ପ୍ରେମିକା ହିସାବରେ ବୋଧହୁଏ କ୍ଲିଓପାଟ୍ରା ଠାରୁ ଅଧିକ ଲାସ୍ୟମୟୀ, ବିଦୂଷୀ, ମେଧାଶକ୍ତି ସଂପନ୍ନା ଓ ବିବିଧ ଭାବାବେଗର ବିସ୍ମୟିନୀ ସାହିତ୍ୟ ( ଓ ଇତିହାସ)ରେ ନାହିଁ । ସେହିପରି ପତ୍ନୀପ୍ରିୟା ଭାବେ ଦ୍ରୌପଦୀ ପରି ବିଦୂଷୀ, ରାଜଶ୍ରୀ ସଂପନ୍ନା, ବିବିଧତାର ପାବକିନୀ ନାହିଁ । ଏକା ସଙ୍ଗେ ପାଣ୍ଡବ ପାଞ୍ଚଭାଇଙ୍କ ପରି ବିବିଧ ମାନସିକତାର ବିରାଟ ବ୍ୟକ୍ତିତ୍ୱ ସହିତ ପତ୍ନୀଧର୍ମ ପାଳନ କରିଥିବା ନାରୀ ମିଥ୍ ଓ ଇତିହାସରେ ଦେଖାଯାଏ ନାହିଁ । ତେଣୁ ଭାରତୀୟ ନାରୀ ମାନସିକତାରେ ବ୍ୟାପ୍ତି, ଦ୍ୟୁତି, ଦ୍ୱନ୍ଦ୍ୱ, ସହନଶୀଳତା, ଭଦ୍ରତା, ରାଜକୀୟତା ଏବଂ ସମାଜସଂସ୍କୃତିର ତତ୍କାଳୀନ ସ୍ଥିତିରେ ତାପିତା, ଲାଂଛିତା ନାରୀଶ୍ରେଷ୍ଠ ଦ୍ରୌପଦୀ ଉପରେ ଏହି କାବ୍ୟ ରଚିତ: ଏହା ଉଭୟ ଇଂରାଜୀ ଓ ମାତୃଭାଷା ଓଡ଼ିଆରେ ଲେଖା ଯାଉଛି । ପାଠକପାଠିକାଙ୍କ ସହୃଦୟତା କାମନା କରି ପରଷି ଦେଉଛି ଦ୍ରୌପଦୀର ମହାବ୍ୟାପ୍ତିର କାବ୍ୟ ।

ପ୍ରଫୁଲ୍ଲ କୁମାର ମହାନ୍ତି

ସମକାଳୀନ କବିତା

# ବ୍ୟାସବିହାରରେ ବର୍ଷା

## ଡକ୍ଟର ଦେବାଶିଷ ପାତ୍ର

ନିଦାଘରେ କ୍ୟାମ୍ପସ୍‌ରେ
ଅନେକଥର ଲାଗିଛି ନିଆଁ
ସ୍ୱର୍ଣ୍ଣଚୂଡ଼ ପାହାଡ଼ରେ ବି
କ୍ଷୀଣାଙ୍ଗୀ ସୋନନଦୀର ଛାତିରେ
ଧୂ-ଧୂ ଖରାବେଳର ଉଦାସ
ଝାଞ୍ଜି ପବନରେ କାହାର ବା
ମନ ଭଲ ରହିବ ପରା ?
ଗୁପ୍‌ଚୁପ୍ ବିକାଳି ଅନେକଥର
ମୁହଁ ଶୁଖେଇ ଫେରିଛି
କ୍ୟାମ୍ପସ୍ ସାମ୍ନାରୁ
ଫୁଟିବା ଆଗରୁ କଢ଼ ସବୁ
ଶୁଖି ଯାଇଛି ବୃନ୍ତରେ
ବର୍ଷାଟିଏ ଲୋଡ଼ା, ହେଲେ ବର୍ଷା କାହିଁ ଯେ ?
'ଆସନ୍ତେ ବର୍ଷାକାଳ ନିଦାଘ ଶେଷେ'
ଗୁଣୁଗୁଣଉଥିଲା ବାବୁଲୁ ପଧାନ
ଭାଷା ବିଭାଗର ଝର୍କା କଡ଼ରେ ଛିଡ଼ା ହେଇ
ସେନାପତିଙ୍କ ଅଭୟ ମୁଦ୍ରା
ମୁଣ୍ଡ ଟେକି ଛିଡ଼ା ହେଇଛି 'ବ୍ୟାସବିହାର' ।
ଏଠି ବୈଶାଖ ଠାରୁ ଖୁବ୍ ମନୋରମ



ଫଟୋ : ଡ. ଦେବାଶିଷ ପାତ୍ର



ଚିତ୍ର : ଶିଳ୍ପୀ ଆଦିତ ପ୍ରିୟଁ, ୯ମ ଶ୍ରେଣୀ

ବର୍ଷାର ଝୁଲ୍‌ହାତୀ ଖେଳ ।
ବର୍ଷା ଦୌଡ଼ ଆରମ୍ଭ ହେଲା
ସ୍ୱର୍ଣ୍ଣଚୂଡ଼ରୁ ବ୍ୟାସବିହାର
ଓଃ ! କି ବର୍ଷା ।

ଗୀତା ଆକାଶର ମେଘ ଦେଖି
ଫେରି ଯାଉଥିଲା ସ୍କୁଲ୍ ଦିନକୁ
ରୀତି ସାହିତ୍ୟର ନୋଟ୍ ଖାତାରୁ
କାଗଜ ଚିରି ତିଆରିଲା ଡଙ୍ଗା
ବର୍ଷାରେ ଭିଜି ବୋହିଯାଉଥିଲା
ବର୍ଷାର ଧାର ପରି,
ପଦ ଉଚ୍ଚାରୁଥିଲା 'ଲାବଣ୍ୟବତୀ'ର ।

ଖେଲା ମୁର୍ମୁ ଉଦାସ ଆଖିରେ
ଅନଉଥିଲା ଶିମିଳିପାଳ ଆଡ଼େ
ଏତେ ଦୂରରୁ କ'ଣ ଦିଶିବ
ସେଠାକାର ଶାଳଜଙ୍ଗଲ
ପହିଲି ବର୍ଷାରେ ଫୁଟୁଥିବା ଛତୁ

ପଖିଆ ତଳେ ଡଙ୍ଗରରେ ଧାନରୁଆ
ଚାଳରୁ ଝରୁଥିବା ବର୍ଷା, ଚୁଲିରେ ପାଣି
ଭୋକ ହେଇ କୁହୁଳୁଥିବ ସାନଭାଇର ପେଟରେ

ତା' ପାଇଁ ଔଷଧ କାହିଁ !
ତଥାପି ବର୍ଷା ଯେ ଭୋକ ଲିଭେଇବାର ମନ୍ତ୍ର ।

ବାବୁଲୁ ପଧାନ ପୁଣି ଗାଇଲା-
'ବରଷା କାଳ ଅଟେ ମଙ୍ଗଳକାରୀ'
ଅନେକଦିନ ଧରି ବିଛଣାରେ ଶୋଇଥିବା
ମା'ର ଲୁହ ପରି ଦିଶିଲା ବର୍ଷା ।
ଯୋଉଦିନ ସେ ଆସିଥିଲା ବ୍ୟାସବିହାର
ଲୁହରେ ଭରି ହେଇଥିଲା
ଅନେକ ଆଶୀର୍ବାଦ,
ଉର୍ବରତା ଭରିଦେବା ପାଇଁ ।

ବର୍ଷାର ଅନୁଭବ କେମିତି ପ୍ରଶ୍ନରେ
ବାବୁଲୁ ପଧାନର ଉତ୍ତର
ବର୍ଷା- ଶୋକର ଶ୍ରାବଣ
ଗୀତା ପାଇଁ ବର୍ଷା- ପ୍ରେମର ଝରଣ
ଖେଲା ମୁର୍ମୁ ପାଇଁ ବର୍ଷା- ଜୀବନର ମଙ୍ଗଳାଚରଣ ।

ଆଉ କୋଉ ଅନୁଭବ ଦରକାର କି
ବର୍ଷା ପାଇଁ !
ବ୍ୟାସବିହାର ବର୍ଷାର ଛୁଆଁରେ
ସବୁଜେଇ ଉଠୁଥିଲା ।

ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ,
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର,
ବାଲେଶ୍ୱର-୭୫୬୦୮୯,
ଫୋନ:୭୯୭୮୯୦୩୩୪୫

# ପ୍ରଜାପତି ଦିଏନା ଧରା

**ଅକ୍ଷୟ ସ୍ୱାଇଁ**


ଚିତ୍ର : ଶ୍ରୀ ପ୍ରଭାତ ଦେ

ମୁଁ ଭୁଲି ଭୁଲି ଯାଉଥିଲି
କେମିତି ଧରିବାକୁ ହୁଏ ପ୍ରଜାପତି
ତେଣୁ ତାକୁ ଧରିବାକୁ
ଆଜି ଭାରି ଇଚ୍ଛା ହେଲା
ମୁଁ ହାତ ବଢ଼ାଇଲି
ସେ ଉଡ଼ିଯାଇ ଆକାଶରେ
ତାରାଟେ ପାଲଟିଗଲା ।

ତାରା !
ହଁ, ତାରା ପାଖରେ ତାରା
କେତେ କେତେ ତାରା
କେତେକେତେ ଆପଣାର ମଣିଷମାନେ
ମୋ ଅଝଟ କୈଶୋରକୁ
କୋଳେଇ କାଖେଇ ପ୍ରଜାପତି ପରି
ସେଠାକୁ ଉଡ଼ି ଯାଇଛନ୍ତି
ହାତ ବଢ଼େଇଲି, ଆକୁଳ ଆକୂତି କଲି
ଆସ ଫେରିଆସ
ହେ ତାରାମାନେ

କଇଁ ପୋଖରୀ, କଣ୍ଟାବାଡ଼
ଦାଣ୍ଡ ବାରଣ୍ଡା, ବିଲଦଣ୍ଡା
ଯିଏ ଯେଉଁଠ ଥିଲ
ସେଇଠିକି ଫେରିଆସ


ଚିତ୍ର ଅକ୍ଷୟ ସ୍ୱାଇଁ

ଗନ୍ଧର୍ବ ତ ଅଭିଶପ୍ତ ହେଇ ଫେରେ ଏ ମାଟିକୁ
ପରୀ ବି ତ ଫେରେ କେବେ କେବେ
କାହାର ସ୍ୱପ୍ନକୁ !

ତୁମେସବୁ କିନ୍ତୁ ସେମିତି
ଜଳଜଳ କାହିଁ ଚାହିଁଥାଅ
କେବେକେବେ କାକର ବୁନ୍ଦାରେ
ଖୋଜିପାଏ ଯାହା ଶୀତଳ ଲୁହ
କାଉଁରିଆ କାଠି ଜାକି
ଖୋଜେ ତୁମ ମୁହଁ ନା ଉଷ୍ମତା
ଏଇ ଅନ୍ଧାରରେ
ହେଲେ ତୁମେ ତ ଫେରନା କି ଫେରାଅନା
କୋଳେଇ କାଖେଇ ନେଇଥିବା
ମୋ ଶୈଶବକୁ କେତେ କେତେ ବାହାନାରେ

ହଁ, କେତେବାର ହାଲ୍‌କା ହେଇ ଖସିଚ
ହେଲେ ମୋତେ ଛୁଇଁବା ବେଳକୁ ପାଉଁଶ
କେତେବାର ହାତ ବଢ଼େଇଛି
ଘୁଞ୍ଚି ଘୁଞ୍ଚି ଯାଇଛ ତୁମେ ଓ ଆକାଶ
ଏବେ ଚିଠିଟିଏ ଲେଖନ୍ତି ଯେ
ଅପହଞ୍ଚ ତୁମର ଠିକଣା
ଗୀତଟିଏ ଗାଆନ୍ତି ଯେ
ଜଣାନାହିଁ କେଉଁ ରାଗେ ଗାଇ ହୁଏ
ଷୋଳଅଣା ନିଜର ଯନ୍ତ୍ରଣା ।

♥ ଜୟପୁର, ଇଟିପୁର, ଭୁବନେଶ୍ୱର-୭୫୧୦୦୨
ଫୋନ:୯୩୩୮୨୧୧୯୫୯

# ଜନ୍ମଚକ୍ର

## ଯୀଶୁକ୍ରିଷ୍ଟ ଦାସ

ଏଥର
ତା'ର ନିଜର ବୋଲି କେବଳ
ପଞ୍ଚ ସ୍ଥୁଳ ଭୂତର ଦେହ ଖଣ୍ଡେ ।
ବାସ୍ ସେତକ ନେଇ ଫେରିଛି ଜନ୍ମରୁ ଜନ୍ମ ।

ହେଲେ ସେ କଣ ପାଇଁ ଫେରେ ?

ସେ କଣ ହବାକୁ ଚାହେଁ,
ଦେବ ଦେହ, ମିଛ ମୋହ,
ସ୍ୱପ୍ନ-ବୀଜ ନା ଫମ୍ପା ଶବ୍ଦ-ଶବ ?

ସେ କଣ ପାଇବାକୁ ଚାହେଁ,
ପ୍ରେମ, ସଂସାର ଭ୍ରମ, ଲୋଭ ନା
ସଂଘ ଶରଣ ବା ନିର୍ବାଣ ?

ବୋଧେ ଏଇ ପ୍ରଶ୍ନ ସବୁରୁ ଜଳିଲା ଜଙ୍ଗଲ
ଆଉ ଜଳି ଚାଲିଲା ଜୀବନଯାକ ।

ଉଡ଼ି ଆସିଥିବା ନିଆଁ ଝୁଲ
ବତାଳୁଅ ନୂଆଁଣୀ ଚାଳ ଉପରେ ଖସେ ବେଳେବେଳେ
ହେଲେ ହତାଶ ହେଇ ଫେରେ ।

ନିଆଁ ଲାଗିବା ଭଳି ନଥାଏ କିଛି ଘରେ
ନଥାଏ ସୁଖ, ନଥାଏ ସ୍ୱପ୍ନ
ଭୟ ନଥାଏ ଭ୍ରମ ବି ନଥାଏ

ଥାଏ ଖାଲି ଖଣ୍ଡେ ଖବର କାଗଜ ଖଟ ଉପରେ,


ଯୀଶୁକ୍ରିଷ୍ଟ ଦାସ

ଯାହାର ସବୁ ପୃଷ୍ଠାରେ
ବିଜ୍ଞାପିତ ହୁଏ ଶ୍ରାଦ୍ଧ ବାର୍ଷିକୀ
ଅଥବା ଅକାଳ ମୃତ୍ୟୁ ଖବର ।

ଘର ଭିତର ଲୋକଟି କିନ୍ତୁ
ମୃତ୍ୟୁର ତାରିଖ ଖୋଜି ଅଙ୍କ କଷେ,
ପର ଜନ୍ମର ପ୍ରାପ୍ତି କଣ ଖୋଜେ( ?)

ଯା ପରେ
କିଏ ଜଣେ ଜନ୍ମ ନେଇ
ଅଶ୍ୱତ୍ଥ ଗଛ ପାଲଟିଯିବ
ଶକ୍ତ, ସ୍ୱଚ୍ଛ ଅଥଚ ମୂକ ।
ଦେଖୁଥିବ
ବସା ବନେଇ ସଂସାର ବାନ୍ଧୁଥିବା ବଣି ଦଳକୁ,
ଯିଏ ଡାଳରେ ବସା ଖଞ୍ଜିବ, ପିଲା ପାଳିବ,
ଦିନେ କିନ୍ତୁ, ଏକା ଉଡ଼ି ଯାଇଥିବ ସକାଳ ହେବା ଆଗରୁ
ସଂସାର ଜିମା ଆଉ କାହାକୁ ବଢ଼େଇ ଦେଇ ।

କିଏ ପୁଣି ଜନ୍ମ ନେବ
ଗଛ କୋରଡ଼ରେ କୁନ୍ଥଉଥିବା ପେଚା ହେଇ,
ଯିଏ ଘର ଫେରନ୍ତା ହାଟବାଟିଆଙ୍କୁ ପଚାରି ବୁଝେ,
ଏ ଅନ୍ଧାର କାହାର
ଅନ୍ଧ ଆଖିର, ନା ଗଛ ଗଣ୍ଡିର ?

ବୋଧେ ସମସ୍ତେ ସମସ୍ତଙ୍କର ଶୋକ ବାଛି ନିଅନ୍ତି
ଖବରକାଗଜ ପୃଷ୍ଠାରୁ
ତଥାପି ବଳିପଡ଼େ ଯୋଡ଼ାଏ ଯନ୍ତ୍ରଣା
ଯାହାକୁ ଉଧାର ଦେଇ ହୁଏନା ଗୋଟେ ଜନ୍ମରେ ।
ସେଇ ବଳକା ଅନାଥ କ୍ଷତକୁ ନେଇ
ଗଡ଼ାଯାଏ ପୃଥିବୀ
ଗଡ଼ାଯାଏ ଦେବଦେହ
ଗଡ଼ାଯାଏ ସ୍ୱପ୍ନ
ଗଡ଼ାଯାଏ ସଂସାର
ଗଡ଼ାଯାଏ ମିଛ ମୋହ,
ଗଡ଼ାଯାଏ ନିର୍ବାଣ ଲୋଭ
ଗଡ଼ାଯାଏ ଦୁଃଖ,
ହେଲେ ଯାହା ଗଡ଼ା ଯାଇ ପାରେନା ସମୟ ପୂର୍ବରୁ,
ତାହା- 'ମୁକ୍ତିମନ୍ତ୍ର' ।

ସେ ପୁଣି ଫେରେ ।

ନହଙ୍ଗ, କୁପାରୀ, ଖଇରା, ବାଲେଶ୍ୱର-୭୫୬୦୫୯
ଫୋନ: ୮୦୧୮୬୬୧୬୫୨

# ଦୂରତ୍ୱ ବୋଲି କିଛି

## ସୌଭାଗ୍ୟବନ୍ତ ମହାରଣା



ଚିତ୍ର : ଶିଳ୍ପୀ ଦେବେନ୍ଦ୍ର ଲାଲ୍

ଇତିହାସର ଆଦିମ ସକାଳରୁ ଆଜି ଯାଏଁ
ତୁମ ଓ ମୋ ମଧ୍ୟରେ ଲୁଚିଥିବା
ଅବଶିଷ୍ଟ ଆୟୁଷର ମୁହୂର୍ତ୍ତମାନଙ୍କ ମହୋତ୍ସବ ।
ମିଳାମିଶାର ମହାପର୍ବ ଭିତରେ
ଦୂରତ୍ୱ ବୋଲି କିଛି ନାହିଁ
ସତ ମୃତ୍ୟୁ ଓ ମିଛ ଜୀବନର ଫାଙ୍କରେ ।

ଏ ମଗ୍ନ ମାଟିର ଭିଜା ଭିଜା ଅନୁରାଗ
ଓ ଆକାଶର ବର୍ଣ୍ଣିଳ ଚିତ୍ରରାଗ
ସମୁଦ୍ରର ଲହଡ଼ି ଗଣିବାକୁ ସାକ୍ଷୀ ରଖି
ଆମ ଦୁଇଜଣଙ୍କୁ ଘେରିଛି ସମ୍ମୋହନରେ ।
ମାୟା ଓ ମୋହର ନିବିଡ଼ ଆଲିଙ୍ଗନରେ
ସେଇଟା ତ ଆମ ଭିତରେ ଉବୁଟୁବୁ
କୋଉ ଆବହମାନ କାଳରୁ ପାଣିରେ ଚନ୍ଦନ ପରି ।

ତୁମେ ବୋଧେ ଚିହ୍ନି ପାରିନ
ଭ୍ରମର କୁହୁଡ଼ିରେ ଆଉଟୁପାଉଟୁ ହୋଇ
ଆମ ପ୍ରିୟ ଆକାଶର ନୀଳିମ ଉଦାରତାକୁ
ଆମ କୋମଳ ମାଟିରେ ଲୁଚକାଳି ଖେଳୁଥିବା
ସବୁଜ ମାତୃତ୍ୱ ଓ ମହକର ସାନ୍ଦ୍ରତାକୁ ।
ତୁମେ ମୋ ମଧ୍ୟରେ ଅଛ ବୋଲି ଜଣା
ଏ ଉଦାର ମାଟି ଓ ଆକାଶକୁ କୋଉକାଳରୁ
ଅଥଚ ତୁମକୁ ଅଜଣା
ଋତୁର ବର୍ଣ୍ଣାଳୀ ଭିତରେ
ଏଇ ନିଛକ ସତ୍ୟଟିର ଗାଢ଼ ଆତ୍ମୀୟତା
ଯାହା ପ୍ରକଟିତ ଏବେ ସଚରାଚରରେ ।

ଆମ ପରିଚିତିର ପ୍ରତୀକର ବିଶେଷତ୍ୱ
ଓ ପ୍ରଜ୍ଞାର ପରିସୀମାର ଗୁରୁତ୍ୱ
ଆଉ କ'ଣ ହୋଇପାରେ ସଂପର୍କର
ବିଶ୍ୱାସକୁ ବଳି ଦେଇ ଅନ୍ଧରାତିରେ
ନିଃଶ୍ୱାସରୁ, ରକ୍ତରୁ, ହୃଦୟରୁ ?
ଏ ମାଟିର ମୋହ ଓ ମମତାକୁ କିଏ ଭୁଲିପାରେ
ଆମ ପାଖରୁ ଦୂରେଇ ଦେବା ପରେ
ଯୋଜନ ଯୋଜନ ଦୂରତ୍ୱର ଭ୍ରମ ଭିତରକୁ !

ଆମ ଭିତରେ ଦୂରତ୍ୱର ଭ୍ରାନ୍ତିର ନିର୍ଜନତା
ତୁମ ଓ ମୋ ମଧ୍ୟରେ ଥିବା ଧଳା କାନ୍‌ଭାସ୍‌ରେ
ଅନ୍ତରଙ୍ଗ ଅନ୍ଧାରର ଚିତ୍ରକଳା ଆଙ୍କିବାକୁ
ବିଶାଳ ପାଚେରୀ ଭଳି ଛିଡ଼ା ହୋଇଛି
ଆମ ପ୍ରାଚୀନ ଉଦାସୀନତା
ଅନ୍ଧ ଦିଗନ୍ତର ଆକୁଳତା ଓ ନିଃସଙ୍ଗତା ।

ଆସ, ଆମେ ଦୁହେଁ ମିଳେଇ ଯିବା
ହୁରହୁରିଆ ଧୂଳା ଭିତରେ ଫୁଲର ବାସ୍ନା ପରି
ଜୀବନ ଭିତରେ କଷ୍ଟର ଯନ୍ତ୍ରଣା ପରି
ଆଉ ଏକ ପ୍ରେମର ସ୍ଥାପତ୍ୟ ଗଢ଼ିବାକୁ
ନିଃସର୍ତ୍ତ ଭାବରେ
ମାଟି ଓ ଆକାଶର ଘନିଷ୍ଠ ସଖାପଣ ଭିତରେ ।
ଦୂରତ୍ୱର ବିଭ୍ରମ ଆଉ କିଛି ନରହୁ ଏଣିକି
ଆମ ଦୁଇଙ୍କ ହୃଦୟର ଆତ୍ମୀୟ ସ୍ପନ୍ଦନରେ ।



କବି ସୌଭାଗ୍ୟବନ୍ତ ମହାରଣା

ଭାରତୀ ଭବନ, ଶିବମ୍ କଲୋନୀ,
ଆୟକର ଭବନ ପଛ, ସମ୍ବଲପୁର-୭୬୮୦୦୪
ଫୋନ:୯୪୩୭୪୫୭୭୩୬



ଚିତ୍ର : ଅରୁଣ ଦେଓ

# ଲୁହ ତିଆରୁଥିବା ଲୋକ

**ଶର୍ମିଷ୍ଠା ସାହୁ**

କେଉଁ କାନ୍ଦଣାରେ
ଲୁହର ଦରକାର ପଡ଼େନାହିଁ
ଲୁହ ତିଆରୁଥିବା ଲୋକ କଣ ଜାଣିପାରେ ?

ହୃଦୟକୁ ଦଳି ମକ୍ଟି ଚିପୁଡ଼ି ଦେଲେ ବି
ବୁନ୍ଦାଏ ଲୁହ ଆସେ ନାହିଁ
ଛଅ ରାତି ନର୍କରେ ବିତାଇଥିବା
ଝିଅଟି ଆଖିରେ ।
ତା କାନ୍ଦର ଭାଷା ସେ ନିଜେ ବି
ଆଉ ବୁଝି ପାରେ ନାହିଁ ।

ସ୍ତ୍ରୀକୁ ଭୁଲିଯାଏ ସ୍ୱାମୀଟିଏ
ମଝି ରାସ୍ତାରେ ।
ରାତିର ଜଙ୍ଗଲରେ ମିଶିଯାଏ କିଛି
ଅନ୍ଧାରୀ କାନ୍ଦଣା ।
ପରଦିନ ସେ ସ୍ତ୍ରୀଲୋକଟି
ନିଖୋଜ ହୋଇ ସାରିଥାଏ
ନିଜର ଇ ଶୂନ୍‌ଶାନ୍ ଆଖି ଭିତରେ ।

ପରିଚୟହୀନ ଶିଶୁମାନେ ଯେବେ
ଉଦ୍ଧାର ହୁଅନ୍ତି ରାସ୍ତା କଡ଼ରୁ, ଡଷ୍ଟବିନ୍‌ରୁ,
ଡାକ୍ତରଖାନାର ଶୌଚାଳୟରୁ
କେଉଁଠୁ ବି ଶୁଭେନାହିଁ
ସେମାନଙ୍କର ମାଆମାନଙ୍କର କାନ୍ଦ ।
ଆଖିର ଲୁହା କବାଟ ଭିତରେ
ବନ୍ଦ୍ ଥାଏ ସେମାନଙ୍କର ଲୁହ
ଶିଶୁଙ୍କ ଲୁହ ପାଖରେ ଋଣୀ ହେଲାବେଳେ
ସାରା ଜଗତ !

ସ୍ୱପ୍ନ ଶିକାରରେ ବାହାରିଥିବା ଲୋକଟି
ଛାତିରେ ଚୋଟ ଖାଇ ଫେରେ ।
ରକ୍ତ ଝରି ଭିତରେ ଭିତରେ
ବତୁରି ସାରିଥାଏ ମାଟିପିଣ୍ଡ ।
ଆଖିରେ ଥାଏ କେବଳ ଶୁଖିଲା ମେଘ
ଖଣ୍ଡେ ଦିଖଣ୍ଡ ।

ବୟସର ଉପାନ୍ତରେ ପଡ଼ିଥାଏ
ଲୋକଟିଏ ଏକ୍‌ଲା ।
ଆଖିରେ ତାର ଲୁହ ନୁହେଁ
ଥାଏ ଶେଷ ନିଦାଘର ଜ୍ୱାଳା ।

ପ୍ରେମଟିଏ ଅପମାନିତ ହୋଇ
ଲୁଚିଯାଏ ମନର ଅନ୍ଧକାର ଭିତରେ ।
ଜହ୍ନରାତିକୁ ସ୍ତବ୍ଧ କରିଦିଏ
ତାର ଗୋପନ କାନ୍ଦଣା ।
ସକାଳକୁ ଗାଲ ଉପରେ ଚକ୍ ଚକ୍ କରୁଥାଏ
ଆଲୁଅର ଦାରୁଣ ଛଳନା ।

ଲୁହର ନିର୍ମାତା ତଥାପି ଲାଭରେ ଥାଏ ।
କିଛି ଲୁହ ବିକ୍ରି ହୁଏ କ୍ୟାମେରା ସାମ୍ନାରେ
ଖୁବ୍ ଚଡ଼ାଦରରେ ।
କିଛି ଲୁହ ଲୁଚି ଲୁଚି ମୁକ୍ତା ପାଲଟୁଥାଏ
ଗଭୀର ଆବେଗର ସମୁଦ୍ର ଭିତରେ ।

ସଂସାର ହାଟରେ ଲୁହର କାରବାର
ସରେନାହିଁ କେବେ ।

♥ କ୍ୱାର୍ଟର-ସି/୫, ଏମ୍‌ସିଏଲ୍,
ହିଙ୍ଗୁଳା ଏରିଆ, ବଳରାମ ଟାଉନ୍‌ସିପ୍
ନେହେରୁ ଶତାବ୍ଦୀ ନଗର, ତାଳଚେର, ଅନୁଗୋଳ
ଫୋନ:୯୩୪୮୫୨୧୨୮୫



ଫଟୋ ଶର୍ମିଷ୍ଠା ସାହୁ

# ବାପାଙ୍କ ଶବ

## ହେମନ୍ତ ମହାନ୍ତି

ମୋ କାନ୍ଧରେ ଥିଲା, ପାଳ ଦଉଡ଼ିରେ ବନ୍ଧା
ଛଅ ଖଣ୍ଡ ବାଉଁଶର ଶେଯ
ତା ଉପରେ ନିଶ୍ଚିନ୍ତରେ ଶୋଇଥିଲ ତୁମେ,
ମୁଁ ଯେମିତି ଶୋଇ ପଡୁଥିଲି
ତମ କାନ୍ଧେ, ପିଲାବେଳେ
ରାତି ଅଧେ ଯାତରୁ ଫେରିଲାବେଳେ ।

ତୁମେ ଥିଲ ନିର୍ଲିପ୍ତ, ଉଦାସ
ଜୀବନ ଯାକର ଦୁଃଖ ଜୟ କରି ଅବା
ନେଇଥିଲ ସଂସାରରୁ ସନ୍ୟାସ !
ସମସ୍ତେ କହୁଥିଲେ, ଶେଷ ବେଳକୁ
ତୁମେ କୁଆଡ଼େ କଥାବାର୍ତ୍ତା ବନ୍ଦ୍ କରି
ଚୁପ୍ ହୋଇ ଯାଇଥିଲ ।

କାହା ଉପରେ ଥିଲା ତୁମ ଅଭିମାନ ?
ଆଉ କ'ଣ କେହି ଜାଣି ପାରିବେ
ତୁମ ମନର ସେଇ ସବୁ ଅକୁହା କଥା
ଶେଷଥର ଲାଗି ଯାହା କହି ପାରିଥା'ନ୍ତ ?

ତୁମେ କ'ଣ ଆଗରୁ ଜାଣି ପାରିଲ କି
ତୁମ ଫେରିବା ଖବର ?
ସେଥିଲାଗି ଚୁପ୍‌ଚାପ୍ ହିସାବ-କିତାବ
ସବୁ ସାରୁଥିଲ, ବାକିଥିଲା ଯାହା



ଚିତ୍ର : ଶିଳ୍ପୀ ଶ୍ଳୋକା ସଂସ୍କୃତି ମିଶ୍ର

ଜୀବନର ମିଶାଣ-ଫେଡ଼ାଣ !

ତୁମ ଶବ କାନ୍ଧରେ ବୋହି
ଆମ ଘରୁ ମଶାଣି ଯାଏଁ
ଚାଲୁଥିଲି ବାଟ,
ଖୋଜୁଥିଲି ସେଇବାଟେ
ତମ ହାତ ଧରି ଟଳମଳ ପାଦେ ଚାଲିଥିବା
ପିଲାଦିନ ସ୍ମୃତି-ପଦଚିହ୍ନ !

ତମ ପ୍ରିୟ ଇଟା ଗଡ଼ିଆ କୂଳେ
ତମ ହାତ ଲଗା ଆମ୍ବଗଛ ଛାଇରେ
ସଜା ହୋଇଥିଲା ଯୂଇ
ସବା ଉପରେ ବିଛା ହୋଇଥିଲା
ତମେ ସାଇତି ରଖିଥିବା କେତେଖଣ୍ଡ
ଚନ୍ଦନ କାଠ, ତା ଉପରେ ଢଳା ଯାଇଥିଲା
ତୁମେ ଭଲପାଉଥିବା, ଆମ ନାଲି ଗାଈ କ୍ଷୀରରୁ
ବୋଉ ହାତ ତିଆରି ଘିଅ ।

ସେଇଠି ତୁମକୁ ଶୁଆଇଦେଲି ସଂତର୍ପଣେ
ଯେମିତି ପଢ଼ା ଜାଗାରୁ ମୋ ନିଦୁଆ ଦେହକୁ
ଧିରେ ଉଠେଇ ଆଣି ଦିନେ
ଶୁଆଇ ଦେଉଥିଲ ବିଛଣାରେ !

ମୋ ନିଦ ନଭାଙ୍ଗୁ ବୋଲି
ସେତେବେଳେ ତୁମେ ଥିଲ ସତର୍କ, ଆଉ
ତୁମକୁ ନିଦ୍ରୁ ଡାକି ଉଠେଇ ଦେବାକୁ
ମୁଁ ଯେମିତି ଥିଲି ବ୍ୟଗ୍ର !



କବି ହେମନ୍ତ ମହାନ୍ତି

♥ ବ୍ଲକ୍ ନଂ ୨୧, ଫ୍ଲାଟ୍ ନଂ ୧୩, ଦକ୍ଷିଣପୂର୍ବ
ରେଲୱେ ଅଫିସର୍ସ କଲୋନୀ, ୧୧-ଗାର୍ଡେନ୍‌ରିଚ୍
ରୋଡ୍, କୋଲକାତା-୭୦୦୦୪୩,
ଫୋନ:୯୦୩୮୯୨୭୦୨୩

# ବାପାଙ୍କ ଘର

## ତପନ ମାଝୀ

ଫି’ବର୍ଷ ଗାଁକୁ ଯାଏ
ଭିଟା ମାଟିର ମୋହ ନୁହେଁ
ବରଂ ସ୍ୱାର୍ଥରୁ ଅଧେ
କିଏ ନେଇଯିବ
ଯାହା କେବେ ମୋର ନଥିଲା ।
ବାପାଙ୍କର ସେଇ
ପୁରୁଣା କାନ୍ଥ ଫାଟି
ଆଁ କଲାଣି । ବାଡ଼ ମେଲା
ପୈତୃକ ସଂପତ୍ତିର
ସୀମା ନିର୍ଦ୍ଧାରଣ କେବେଠୁ
ଭୁଲିଗଲାଣି ଫଟାମନ ।

ଯେଝା ବାଟରେ ଯେଝେ....
ନିଜ ଶିଙ୍ଗରେ
ମାଟି ତାଡିବାର ପ୍ରୟାସରେ
ବ୍ୟସ୍ତ, ବ୍ୟଗ୍ର, ଗୋପନ ପ୍ରସ୍ତୁତି
ଆଉ କାନକୁହା ମନ୍ତ୍ରଣାରେ



▲ କବି ତପନ ମାଝୀ

ନୂଆ ସାମ୍ରାଜ୍ୟ ଦେଖୁଛି
ବୋହୂମାନଙ୍କର ସାତତାଳ
ପାଣି ପଙ୍କରେ
ସାଇତା କୁହୁକ ପେଡି ।

ସମୟ ସଂପର୍କରେ
ବିଷ ବିଶ୍ୱାସ ଚରିଛି ବୋଧେ
ଯେତେ ଭାଇ
ସେତେ ଘର
ସ୍ୱାର୍ଥ ସାଜିଛି ଅଚିହ୍ନା ଜହର
ପଥହୁଡ଼ା ବି ବିବେକ
ଯେବେଠୁ କର୍ତ୍ତବ୍ୟ
ସର୍ତ୍ତ କରି ପରିବାରର
ମୁଖିଆକୁ ଅଲଗା କରିଛି ।

ଘର କହିଲେ
କ’ଣ ବୁଝନ୍ତି ବାପା
ବାଲି, ଇଟା, ସିମେଣ୍ଟ ଯୋଡି
ଗମ୍ବୁଜଟେ ଆକାଶମୁହାଁ କରି
ଟେକିଦେଲେ କଣ ହେବ ।

ଭାଇ ଆସିଛି
ବିଶ୍ୱାସର ଈଶ୍ୱରଙ୍କୁ
ଦୁଇଫାଳ କରିବ
ଗୋଟେ ପଟ ତାର
ଆରକଟି ମୋର ।



▲ ଚିତ୍ର : ଶିଳ୍ପୀ ଡାକ୍ତର ଦୀନବନ୍ଧୁ ସାହୁ

ମଝିରେ ପାଚେରୀ ହେବ
ମଝି ଅଗଣାରେ ବର୍ଷାରେ
ଭାସିବନି କାଗଜ ଡଙ୍ଗା
ମିଛି ମିଛିକା ବାଲିଖେଳ
ଲାଉଡଙ୍କ ବି
ଚାଳକୁ ଯିବାକୁ
ମୁହଁ ମୋଡିବ ।

ଏପଟେ ତେଲ ଲୁଣର
ମୋ ଅଭାବି ସଂସାରରେ
ଦୁର୍ବଳା ବୋଉ ବୋଝ ଉପରେ
ନଳିତା ବିଡ଼ାକୁ
ସେପଟେ ଭାଇର
ଭଗାରୀ ଭାବକୁ
ସାଥି ହେବେ ବାପାଙ୍କ ପେନ୍‌ସନ୍ ।

ଯିଏ ଦିନେ ସ୍ୱପ୍ନ ଦେଖିଥିଲେ
ମଲା ବେଳକୁ
ରାମନାମ ସାଥେ ଚାରିକାନ୍ଧ
ପୁତ୍ରର ପିତୃକର୍ମ, ଗଂଗା ସ୍ତୁତି, ହୋମ ଯଜ୍ଞର
ଅଖଣ୍ଡ ଭିଟା ମାଟି
ରାମରାଜ୍ୟର ଉଦାହରଣ
ଆଉ ଘର ହେବ ବିଶ୍ୱ ପ୍ରତୀକ
ଯାହା କେହି ଦେଖିନଥିବେ ।

♥ ଅଭଣା, ବାଲେଶ୍ୱର-୭୫୬୦୫୧
ଫୋନ୍ : ୭୨୦୫୪ ୭୦୦୭୦

## ଆଜିର କବିତା

### ମନୋଜ ସିଂ

କବିତା କି ଖାଲି     ଶବ୍ଦର ବିଚିତ୍ରା
ଏଣୁ ତେଣୁ ଗୁଡ଼େ ଲେଖା
ତେଣୁ ଆଜିକାଲି     ସହଜ କବିତା
କବି ପଲପଲ ଦେଖା ।

ଆଗର କବିତା     ଗୋଟେ କାଢ଼ି ଦେଖ
କଥାବସ୍ତୁ ତା'ର ଗପ
ଆଜିର କବିତା     ଅପରିଚିପୂର୍ଣ୍ଣ
ଛନ୍ଦୁତାରେ ଭରା ରୂପ ।

ଯେ' ଯାହା ପାଇଲା     ମେଞ୍ଚାଏ ଲେଖିଲା
ନିଜେ ଯାହା ଏକା ବୁଝିଲା
ପାଠକ ଅବୁଝା     ଶବ୍ଦ ଚାତୁରୀରେ
ମନ ତା' ଅପୂରା ରହିଲା ।

ଆକାଶରେ ଗଙ୍ଗା     ସାଗରେ ଶାଗୁଣା
ଆରାମରେ ଶବ୍ଦ ଥୋଇଲା
ସିଏ ବଡ଼ କବି     ଅବୋଧ ଯେ' ଭାରି
ଯାଡୁ ସାଡୁ ପୁଳେ ଲେଖିଲା ।

କିଏ ସେ ପଢୁଛି     କିଏ ବା ଚିହ୍ନୁଛି
ଆଜି ଏ କବି କୁଳକୁ
ସଚ୍ଚି ରାଉତରା     ପରେ କି' ବା ଲୋକ
ପଢୁଛନ୍ତି କବିତାକୁ ?

ଆହେ କବିକୁଳ     କ'ଣ ଏ କରୁଛ
ଲୋକଙ୍କ ପାଇଁ ଏ କବିତା
ଲୋକ ନ ବୁଝିଲେ     କାହିଁକି ଲେଖୁଛ
ମିଛରେ ଜାଳି ସେ ସଳିତା ।

♥ ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୨୧
ଫୋନ:୯୯୩୭୯୫୮୦୦୩

## ଏମିତି ହୁଅନ୍ତାନି...!

### ଶିବ ଶଙ୍କର ଦାସ

ଏମିତି ହୁଅନ୍ତାନି...,
ଫେରି ଯାଆନ୍ତା ନିଃସର୍ତ୍ତରେ
ଏ ରୁଗ୍ଣ ଅଭିଶପ୍ତ ସମୟଟା
ବହୁତ୍ ପଛକୁ...!

ଏତେ ପଛକୁ ଯେ,
ସମୟର ସେ କୋଣରେ,
ଅନେକ ବର୍ଷ ପରେ
ଆମେ ପୁଣି ଭେଟି ପାରନ୍ତେ ପରସ୍ପରକୁ,
ବାଟହୁଡ଼ା ପକ୍ଷୀମାନେ
ପୁଣି ଫେରିଯାଆନ୍ତେ
ନିଜ ନିଜ ନୀଡ଼କୁ.. ।

ସତରେ
ଏମିତି ହୁଅନ୍ତାନି...,
ଫେରିଯାଆନ୍ତା ଏ ସମୟ
ଅନେକ ପଛକୁ
ଗୀତ ଗାଆନ୍ତା
କେବେଠୁ ବିତି ଯାଇଥିବା
ସେ ଚିହ୍ନାଜଣା ରାତି
ବଢ଼ି ଚାଲନ୍ତା
ଆମ ଦେହର
ହାଲ୍‌କା ହାଲ୍‌କା ତାତି
ଆମେ ଦୁହେଁ ହଜି ଯାଆନ୍ତେ
ପୁଳା ପୁଳା ଅନ୍ଧାର ଭିତରେ
ଏକ ଅଜଣା ନୀରବତାର
ଖୁବ୍ ନରମ କୋଳରେ,

ପୁଣି
ଅଚାନକ୍, ନିଜକୁ ଖୋଜି ପାଆନ୍ତେ
ଗୋଟେ ନୂଆ ସକାଳର
ଚେନାଏ ସୁନେଲୀ ଖରାର ସ୍ପର୍ଶରେ !

♥ ବିଭାଗୀୟ ମୁଖ୍ୟ, ପ୍ରାଣୀବିଜ୍ଞାନ ବିଭାଗ,
ହିନ୍ଦୋଳ ମହାବିଦ୍ୟାଳୟ, ଢେଙ୍କାନାଳ-୨୦
ଫୋନ:୯୯୩୮୦୪୬୪୪୬



▶ ଛବି ମନୋଜ ସିଂ



▶ ଛବି ଶିବ ଶଙ୍କର ଦାସ

କଥାକବିତା

# କେବଳ ପ୍ରେମରେ


**ଅଧ୍ୟାପକ ବିଶ୍ୱରଂଜନ**

୧୯୯ କଂସାରୀଝର, ୟୁନିଟ-୬, ଭୁବନେଶ୍ୱର-୭୫୧୦୦୧
ଫୋନ: ୮୭୬୩୨୩୬୨୧୨



▼ଚିତ୍ର : ଶିଳ୍ପୀ ଫିର୍ଦୋଷି ତବସୁମ୍

**ପ୍ରେମର ଏକ ଅବିକଳ ଆଇନା ସେ । ପ୍ରେମର ପ୍ରଶାନ୍ତ ସାଗରଟିଏ ଅବା । ତାଙ୍କର ପ୍ରାଣରେ ପହଁରୁଥାଏ ସଦା ପ୍ରେମର ହଳେ ହଂସିନୀ । ପ୍ରେମର ମଣିଷ ସେ । ଛଳଛଳ ଅକପଟ ପ୍ରେମୀଟିଏ ବି । ସେ ଅଧ୍ୟାପକ ବିଶ୍ୱରଂଜନ। କଥା ଓ କବିତାର କକ୍‌ଟେଲ୍ । ସବୁଥିରେ ସଫଳ ସେ । ଏଥର 'କଥାକବିତା'ର ଏ ଭେଟି ଆପଣମାନଙ୍କ ପାଇଁ ।**

ସମୟ ସାଗର ତୀରେ, ଜଣକ ପରେ ଜଣେ, ସତୀର୍ଥ ଓ ସହଯୋଗୀ, ସଂପର୍କୀୟ ପ୍ରିୟଜନମାନେ ହଜି ଯାଉଛନ୍ତି ଧୀରେ ଧୀରେ । ସେମାନଙ୍କ ସ୍ମୃତିସବୁ ଖେଳିବୁଲେ ମନବନ ଉପବନେ, ଗଗନରେ, ପବନରେ ।

ମୁଁ ବସି ଗଣୁଛି ଢେଉ । କେତେବେଳେ, କେଉଁ ମୁହୂର୍ତ୍ତରେ ଫଣାଟେକି ଆସିବ ବିଶାଳ ଢେଉ । ନେବ ମୋତେ ଭସାଇ କୂଳରୁ । ପୁଣି ଛାଡ଼ି ଦେଇଯିବ ନିଷ୍ପ୍ରାଣ ଶରୀରେ । ତା'ପରେ ମୁଁ ଜୁଇ ହୋଇ ଜଳୁଥିବି ସ୍ୱର୍ଗଦ୍ୱାର ବାଲିପରେ କାଠର ନିଆଁରେ ।

ଜୀବନ ତ ଏଇଭଳି । ଏଇ ଅଛି, ଏଇ ନାହିଁ । ଅଛି ପାଣି, ପବନ ଓ ନିଆଁର ଘେରରେ । ପାଦତଳେ ମାଟି ଅଛି । ଧସିଗଲେ ମାଟି, ମାଟି-ଘଟ ତେଜଆତ୍ମା ହଜିଯିବ ମହାଶୂନ୍ୟ ମଣ୍ଡଳରେ ।

ସମୟ ସାଗର ତୀରେ, କେତେ ପାଦ ଚିହ୍ନ ପଡ଼ିଛି ଓ ଲିଭି ବି ଯାଇଛି । କିଏ ତା'ର ହିସାବ ରଖିଛି ! ଦିନ, ମାସ, ବର୍ଷ ନୁହେଁ, ଯୁଗ ପରେ ଯୁଗ କେତେ ମନ୍ୱନ୍ତର । ଉଦୟାସ୍ତ ଜୀବନର । ପୁନର୍ଜନ୍ମ ଅଛି କି ସତରେ ! ଥିଲେ, ଥିବ । ଦେଖିବାକୁ ମିଳେ ନାହିଁ କିନ୍ତୁ ଆଉଥରେ କେବେହେଲେ, ସେଇ ଏକା ଶରୀରରେ ।

ଧରା ପରେ ଆସିଗଲେ ଥରେ, ଧନୀ ହୁଅ, ମାନୀ ହୁଅ, ଅବା ଜ୍ଞାନୀ-ଗୁଣୀ-ମହାଜନ, ହାତେ ଧରି କ୍ଷମତାର ଡୋରି ନଚାଅ ସଭିଙ୍କୁ । ଅଟ୍ଟହାସ୍ୟେ ଥରାଅ ମେଦିନୀ । ଅବା ମୂର୍ଖ ହୋଇ, ଚୋର ଓ ତସ୍କର ସାଜି ମୁହଁକୁ ଲୁଚେଇ ଲୁଟିବାରେ ଲାଗିଥାଅ ଛଦ୍ମବେଶ ଧରି । ନେବ ନାହିଁ କିଛି ବି ସାଥିରେ । ଗର୍ଜୁଥିବ ସମୁଦ୍ରର ଢେଉ । ଧୂଳି, ବାଲି, ମାଟି ହୋଇ ସ୍ମୃତିରୁ ବିସ୍ମୃତ ହୋଇ ମିଶି ଯାଇଥିବ ତମେ ଦିନେ ଏ ମାଟିରେ ।

ଆସ, ତେଣୁ ପ୍ରିୟସଖା, ସହୋଦର, ସହଯାତ୍ରୀ, ଭୁଲି ନିଜ ନାମ, ଧର୍ମ, କର୍ମ ଯଶଗାନ । ସମ୍ମାନ ବା ଅପମାନ, ବାଦ ଓ ବିବାଦ । ହାତରେ ମିଳାଇ ହାତ, ନାଚୁଥିବା, ଗାଉଥିବା ଗୀତ ପଦେପଦେ କେବଳ ପ୍ରେମରେ ।

ଆକାଶ ବି କଥା କହେ । ସମୁଦ୍ର ବି ଗୀତଗାଏ । ଏ ପୃଥିବୀ ତିଷ୍ଠିରହେ କେବଳ ପ୍ରେମରେ ।


▼ଲେଖକ ଅଧ୍ୟାପକ ବିଶ୍ୱରଞ୍ଜନ







## ବିରଜା ମହାପାତ୍ର

ଠିକଣା: କେ-୮/୧୦୨୧,
କଳିଙ୍ଗ ନଗର, ଭୁବନେଶ୍ୱର-୭୫୧୦୦୩
ଫୋନ: ୯୮୧୦୯୩୫୫୫୨୬


ଚିତ୍ର : ଈପ୍‌ସିତା ଦେ

ଢେଙ୍କାନାଳ ମହାବିଦ୍ୟାଳୟରେ ସେତେବେଳେ ସହପାଠୀ ଅଭିଜିତ ଅଧ୍ୟକ୍ଷ ଥିଲା । ତାରି ନିମନ୍ତ୍ରଣ । ତା ନିମନ୍ତ୍ରଣରେ ଯାଉଥିଲି କାର୍‌ରେ । ଗାଡ଼ି ଚାଲିଥାଏ ଢେଙ୍କାନାଳ ।

ମନେ ପଡୁଥିଲା ସେ ସହରରେ ଅତୀତର ଘଟଣାଟିଏ । ଥରେ ଦି'ପହର ଟାଇଁ ଟାଇଁ ଖରା ବେଳ । ଅନୁଗୋଳରୁ ଫେରୁଥିଲି । ସହର ଉପକଣ୍ଠରେ ଗାଡ଼ି ଅଟକିଛି । ପଛଚକ ପଙ୍କ୍‌ଚର୍ ହେଲା । ଡ୍ରାଇଭର୍ ନୂଆ । ତାକୁ ଚକା ଲଗେଇ ଆସୁନି । ତାକୁ ସାହାଯ୍ୟ କଲି । ଜଣେ ଭଦ୍ର ବ୍ୟକ୍ତି ଆସୁଥିଲେ ଛତା ଧରି । ବୁଢ଼ା ଲୋକ । ମୁହଁରେ ଦାଢ଼ି । ଆଖିରେ ଚଷମା । ପିନ୍ଧିଛନ୍ତି କୁର୍ତ୍ତା ପାଇଜାମା । ପାଖକୁ ଆସିଲେ । ଦଣ୍ଡେ ଚାହିଁଲେ । ନମସ୍କାର କଲି । ସେ ବେଶ୍ ପରିଚିତ ଥିଲେ । ସେ କୁଣ୍ଢେଇ ପକେଇଲେ ଓ କହିଲେ, "ବାପା ! ଏଠି କେମିତି ?"

ଫେରୁଥିଲି ଅନୁଗୋଳରୁ । ଦିଲ୍ଲୀରୁ ସ୍ୱତନ୍ତ୍ର ଭାବ ନିମନ୍ତ୍ରିତ ଥିଲି । କିଛି ସମାଜସେବୀଙ୍କ ଶିବିରରେ ଅତିଥି ଥିଲି । ମୋର ସ୍କୁଲ୍ ଓ କଲେଜ୍ ଜୀବନ ଏଇ ପାହାଡ଼ତଳି ସହରରେ କଟିଛି ।



ଫଟୋ: ବିରଜା ମହାପାତ୍ର

## ଗଳ୍ପ ପଛର କାହାଣୀ

ପୁରୁଷ ଓ ନାରୀ ଗୋଟିଏ ମୁଦ୍ରାରେ ଦୁଇଟି ପାର୍ଶ୍ୱ । ନାରୀର ଭୂମିକା ପରିବାର ଗଢ଼ିବାରେ ପୁରୁଷଠୁ ବେଶ ବେଶି । କିନ୍ତୁ ଜଣେ ଯୁବତୀ ଯେତେବେଳେ ବିଧବା ହୋଇଯାଏ, ତାର ପରିବାର ଗଢ଼ିବାର ସ୍ୱପ୍ନକୁ ଆମ ସମାଜର ରକ୍ଷଣଶୀଳତା ଚୂରମାର କରିଦିଏ । ଯେଉଁ ପଣତତଳେ ଲାଜୁଆ ଆଖି ଦୁଇ ପ୍ରତିବିମ୍ବ ପେଟିକା ହୋଇ ପରବର୍ତ୍ତୀ ଜୀବନକୁ ଗଢ଼ିବାରେ ସ୍ୱପ୍ନ ଦେଖିଥାଏ, ସେଇ ପଣତ ଓହ୍ଲେଇଆସେ ମୁଣ୍ଡ ଉପରୁ । ଲୁହ ଆଖି ଶୁଖେଇଦିଏ । ଆବେଗହୀନ ହୁଏ ମନ । ପ୍ରଶ୍ନ ଆସେ ମନରେ, ଜଣେ ସ୍ୱାମୀର ପରଲୋକ ପରେ ସ୍ତ୍ରୀ କାହିଁକି ଦଣ୍ଡିତ ହେବ ? ତାର ବା ଭୁଲ କଣ ? ସେ କଣ ତାର ସଂସାର ଆଉ ଗଢ଼ିପାରିବେନି । ଏଇ କଟକଣା କଣ ପୁରୁଷମାନଙ୍କ ପାଇଁ ପ୍ରଯୁଜ୍ୟ ହେଇଛି ? ଯଦି ନୁହେଁ ତାହା ହେଲେ ଜଣେ ନାରୀ ପାଇଁ ଏଇ କଟକଣା କାହିଁକି ? ଏଇ ଭାବନାରୁ କାହଣୀର ଅୟମାରମ୍ଭ ।

ନନା ତାଙ୍କର ମଧ୍ୟବୟସରେ ଏଇ ସହରରେ ଥିଲେ । ଏଇ ସହରରେ ସେ ସ୍କୁଲ୍ ସର୍କଲ ଇନ୍ସପେକ୍ଟର ଥିଲେ । ଦାଶ ବାବୁ ପେସାରେ ଡାକ୍ତର । ମୁଁ ତାଙ୍କୁ ମଉସା ଡାକେ । ସିଏ ଜ୍ୟୋତିଷ ଶାସ୍ତ୍ର ଖୁବ୍ ମାନନ୍ତି । ପିପିଲି ପାଖ ତେଇଶିପୁର ଗାଆଁର ଦାଶ ପରିବାର । ସମ୍ଭ୍ରାନ୍ତ । ଶିକ୍ଷିତ । ତାଙ୍କ ଝିଅ ସ୍ମିତା । ସୁନ୍ଦରୀଟା । ଭାରି ଚୁଲ୍‌ବୁଲି । ଘରେ ଶବଟେ ପଡ଼ିଥିଲେ ବି ସେ ହସ ଫୁଟେଇଦେବ ତା ମୁହଁରେ ।

ଅତୀତ ଛବି ପରି ଉକୁଟି ଉଠିଥିଲା । ପିଲାଦିନର ସ୍ମିତା ବଦଳୁଥିଲା । ବଦଳୁଥିଲା ତାର ଅବୟବ । ତା ଆଖିର ନୀଳ ନଭ ଅସୀମ ଥିଲା । ସେ ଥିଲା ଶୁଆ । ସଭିଙ୍କର ସେ ଆକର୍ଷଣ ଥିଲା । ସେ ଉଡ଼ିଲା ଏକ ସୁନ୍ଦର ସବୁଜ ପକ୍ଷୀର ଡେଣାରେ । ମୋର ନିଶ ହେଲା । ମୁଁ ଉଡ଼ିଲି ଗୁଡ଼ିରେ । ମୋତେ ବନ୍ଧା ହେଇଥିଲା ରକ୍ଷଣଶୀଳତାର ଅଟେଇ ସୂତାରେ ।

ସେଇ ସ୍ମିତା ଦାଶ ସ୍କୁଲ୍‌ବେଳର ସାଙ୍ଗ । ସବୁବେଳେ ମଉକା ଖୋଜେ ମତେ ଭାଣ୍ଡିଆ କରିବାକୁ । ମୋ ବୋକାମୀକୁ ନେଇ ସେ ଖୁବ୍ ଆମୋଦିତ ହୁଏ । ଛାତ ଉପରେ ପାଣିଟାଙ୍କିରେ ଅମୁଲ ଡବାଟେ ପକେଇ ଦେଲେ ଘରର ସଭିଏଁ ଦୁଧ ପିଇ ପାରିବେ ବୋଲି କହି ମୋତେ ମନେଇ ପାରିଥିଲା ସିଏ । ମୁଁ ତାକୁ ବିଜ୍ଞତା ବୋଲି ଭାବିଲି । ଅମୁଲ ଡବା ଦି'ଟା ନେଇ ଛାତ ଉପରେ ପାଣିଟାଙ୍କି ଭିତରେ ପକେଇ ଦେଇଥିଲି । ସ୍ମିତା ଦାଶ ପ୍ରଘଟ କରିଥିଲା କାହାଣୀକୁ ସ୍କୁଲ୍‌ରେ । ଘରେ ମାଡ଼ ଖାଇଲି । ସ୍କୁଲ୍‌ରେ ସଭିଏଁ ହସିଲେ । କହିଲେ, 'ବୋକାଟେ' ।

କଲେଜ ବେଳର କଥା । ଥରେ ମୋ ପିଠିରେ ମୋ ଅଜାଣତରେ ଗଧ ଷ୍ଟିକର୍ ଲଗେଇଥିଲା । ସେଥିରେ ଲେଖା ହେଇଥିଲା 'ଡଙ୍କି' । ସାଙ୍ଗମାନେ କେହି ପିଠିରେ ପଡ଼ିଲେନି । ସଭିଏଁ ମୁରୁକି ହସା ଦଉଥିଲେ । ମଝିରେ ମଝିରେ ଏଡ଼େ ଜୋର୍‌ରେ ହସୁଥିଲେ ଯେ ମୁଁ ବୋକାଙ୍କ ପରି ଚାହୁଁଥିଲି ମୋର ଅବୟବକୁ । କିଛି ବାରି ପାରୁନଥିଲି । ସେ ଆଉ ସମ୍ଭାଳି ପାରିଲାନି । ସଭିଙ୍କ ସାମ୍ନାରେ ଆସି କଲେଜ୍ କରିଡର୍‌ରେ ପିଠିରୁ ଛଡ଼େଇ ଦେଲା ଷ୍ଟିକର୍‌ଟି । ସେଦିନ ଠୁ ମୋ ନାଁ 'ଡଙ୍କି' ହେଇଗଲା । ଏମିତି ବି ମୁଁ ଭଲ ପାଠ ପଢୁନଥିଲି ।

ପରେ ଜାଣିଲି ଏ ଷଡ଼ଯନ୍ତ୍ର ପଛରେ ହାତ ଥିଲା ସ୍ମିତା ଦାଶର ।

କଲେଜ୍ ସାଙ୍ଗଙ୍କ ଭୋଜିହେଲା ଥରେ ସାତଭାଇ ପାହାଡ଼ ଉପତ୍ୟକାରେ । ଅନ୍ୟାନ୍ୟ ବ୍ୟଞ୍ଜନ ଭିତରେ ରଥଗଡ଼ା ଛକର ରମେଶ ହାତର ମହକ । ସେ ମାଇଚିଆ ମାଇଚିଆ ପରି କଥା କହେ । କିନ୍ତୁ ତା ହାତର ଚିକେନ୍ ପକୁଡ଼ି ଓ ଅଣ୍ଡା ଚପ୍‌ର ଜବାବ୍ ନାଇଁ । ସେଥିରେ ପଡ଼ିଥାଏ ବଟା ଅଦା ରସୁଣର ପେଷ୍ଟ୍ । ଚପ୍ ସାଥିରେ ଛେଚା ପିଆଜ ଓ ବଟା ଚଟଣି । ଚମତ୍କାର ଟେଷ୍ଟ୍ । ଦେଖିଲେ ଲାଳ ଗଡ଼ିବ । ସ୍ମିତା ତିନିଟା ଅଣ୍ଡା ଚପ୍ ଗିଳିଦେଲା ।

ମୁଁ କେଉଁ ଛାଡ଼ିବା ଜନ୍ତୁ : କହୁ କହୁ ସମସ୍ତଙ୍କ ଆଗେ କହିଦେଲି, "ହୁଁ ! ତୁ ତିନିଟା ଅଣ୍ଡା ଖାଇଛୁ ନାଇଁ ? ଏବେ ଦେଖିକରି ତୁ ତିନିଟା କୁକୁଡ଼ା ପିଲା ଜନମ କରିବୁ ।" ସଭିଏଁ ଠୋ ଠୋ ହସି ଉଠିଲେ । ସ୍ମିତା ଦାଶ ରାଗିଗଲା । ଖୁବ୍ ରାଗିଗଲା । ମୁହଁ ଲାଲ ଦିଶିଲା । ସଦ୍ୟ ପଦ୍ମଫୁଲିଆ ଲାଲ୍ । ନେଳି ପୋଷାକ । ଲାଲ୍ ଲାଲ୍ ମୁହଁ । ସେ ଦୌଡ଼ି ଆସିଲା ମତେ ପାହାରେ ଦବାକୁ । ହାଇ ହିଲ୍ ପିନ୍ଧିଥିଲା । ଝୁଣ୍ଟି ଛିଟିକି ପଡ଼ିଲା । ଭାଗ୍ୟ ଭଲ ମୋରି ଉପରେ କୁଡ଼େଇ ହେଇ ପଡ଼ିଲା । ନହେଲେ ପଥରରେ ମୁହଁ ଛେଚି ହେଇ ଯାଇଥାନ୍ତା । ତାର ସମଗ୍ର ଶରୀରର ଭାର ମୋର ଦୁଇ ହାତରେ । ମୁଁ ପଡ଼ିଗଲି । ସେ



ମୋ ଛାତି ଉପରେ ପଡ଼ିଗଲା । ମୋ ପିଠି ଖଣ୍ଡିଆ ହେଲା । ମୁଣ୍ଡ ପଛପଟ ପିଟିହେଲା ପଥରରେ । ମୁଣ୍ଡ ଫାଟି ରକ୍ତ ବୋହିଲା । ତାର କିଛି ହେଲାନି । ମୋତେ ଡାକ୍ତରଖାନା ନିଆ ହେଲା । ଫାଟ ଜାଗା ସିଲେଇ ହେଲା । ମୁଣ୍ଡରେ ବ୍ୟାଣ୍ଡେଜ୍ କନା ଗୁଡ଼ାହେଲା କିଛିଦିନ । କିଛିଦିନ ଯାଏଁ ସାଙ୍ଗମାନଙ୍କ କଥାରେ ସମବେଦନା ଥିଲା । ପରେ ପରିହାସ ହେଲା । ମୁଁ ବି ଭାବି ଚାଲିଲି...ସ୍ମିତା ଦାଶ ମୋ ଛାତି ଉପରେ । ସେ ଥିଲା ସେଇ ଦୁର୍ଘଟଣାର ପୂର୍ବ ମୁହୂର୍ତ୍ତ ।

ମୁଁ ପରେ ସଚେତନ ହେଲି । ସେ ବି ହେଲା । ଉଭୟ ଉଭୟଙ୍କଠୁ ଅଲଗା ହେଲୁ । ମୋ ପାଇଁ ତା ଦେହ ମୋ ଦେହରେ ପିଟିହେବା ଏକ ଚମତ୍କାର ଅନୁଭୂତି ଥିଲା । ଏମିତି ଆଗରୁ କେବେ କୌଣସି ଯୁବତୀର ଅଙ୍ଗ ମୋ ଶରୀର ଛୁଇଁ ନଥିଲା । କଲେଜ୍‌ର କରିଡର୍‌ରେ ପୁଅ ପିଲାଟିଏ ଗୋଟିଏ ଝିଅ ସହିତ କଥା ହେଇଗଲେ ତାକୁ ଦେଖୁଥିବା ଅନ୍ୟ ଯୁବ ସୁଲ୍ଲଭ ପ୍ରାଣରେ ଅଗ୍ନି ସଞ୍ଚାର ହୁଏ । ଏଣୁ ମୋର ସେ ଅନୁଭୂତି ଅନେକ ସମୟରେ ଏବେ ବି ଜୀବନ୍ତ ହେଇ ଉଠେ । ସେ ଉଭା ହୁଏ । ସେମିତି ହସୁଥାଏ ।

ଆମ ଘରକୁ ତା ନନା ଆସନ୍ତି । ତାଙ୍କ ଘରକୁ ମୋ ନନା ଯାଆନ୍ତି । ଘଟଣା ପରେ ଆମେ ଦୁହେଁ ଆପଣାର ହେଲୁ । ମୁଁ ତାଙ୍କ ଘରକୁ ଯାଏ । ଆମେ ଚେସ୍ ଖେଳୁ । ମୁଁ ହାରେ । ସେ ଜିତେ । ମୁଁ ପରିହାସରେ ବେଳେବେଳେ ତାକୁ ଲୀଳାବତୀ ଡାକେ ।

ଥରେ ମୁହଁ ଶୁଖେଇ ବସିଥିଲେ ଡାକ୍ତର ଦାଶ । ତାଙ୍କୁ ଜ୍ୟୋତିଷ ହର ପ୍ରସାଦ ମିଶ୍ର ଡରେଇଛନ୍ତି ଯେ ତାଙ୍କ ଝିଅର ବୈବାହିକ ଜୀବନ ଭଲ ନୁହଁ । ସେ କୁଆଡ଼େ ମଙ୍ଗୁଳି । ସେ ବାହାହେଲା ମାତ୍ରକେ ବିଧବା ହେବ । ଏଇ କଥା ଶୁଣି ଡାକ୍ତର ଦାଶ ଆତଙ୍କିତ ହେଲେ, ଶ୍ରୀମତୀ ଦାଶ କହନ୍ତି, "ଜ୍ୟୋତିଷ ମୁଣ୍ଡ ଓ ଖଚୂଆ ତୁଣ୍ଡ ସମାନେ ।" ଏକଥା ପଡ଼ି ଯାଇଛି ସ୍ମିତା ଦାଶ କାନରେ । ସେ ଆତଙ୍କିତ । ଅଥଚ ଜାଣି ନଜାଣିଲା ପରି ନିରବ ।

ସ୍ମିତା ବିଏସ୍‌ସି ଫାଷ୍ଟ ଡିଭିଜନରେ ପାସ୍ କଲା । ମୁଁ ଇତିହାସରେ । ଉଭୟ ପଢିଲୁ ବାଣୀବିହାରରେ । ଆମେ ଦେଖା ହେଉ ବାଣୀବିହାର ପରିସରରେ । କ୍ୟାଣ୍ଟିନ୍‌ରେ । ପରିଜା ପାଠାଗାରରେ । ସେ ହସେ । ମୁଁ ହସେ । ମୁଁ ଅପେକ୍ଷା କରେ । ବେଳେବେଳେ ସେ ବି । ମୁଁ ଅପେକ୍ଷା କରେ, "ସେ ହସି ଲାଲ ପଡ଼ି ଯାଆନ୍ତା କି ?" ସେ ମୋତେ ଚିଡ଼ାଏ । ମୁଁ ତାକୁ । ଶ୍ରେଣୀ କକ୍ଷରେ ପାଠପଢ଼ା ନଥିଲେ ଆମେ ଦୁଇଟା ବଣି ଚଢ଼େଇ ପରି ଉଡ଼ିବୁଲୁ । ବାଣୀବିହାରରେ ନିର ରାଉତରାୟ ରାତିରେ ଖୁବ ଥଙ୍ଗା କରେ । ଯୋଗ ଦିଏ ଜନାର୍ଦ୍ଦନ । ଆସର ଜମିଯାଏ ବେଶ୍ ରାତି ଯାଏଁ ।

ଥରେ ମନସ୍ତତ୍ତ୍ୱ ବିଭାଗର ନମିତା ସହିତ ଆମ ଦୁଇଜଣଙ୍କର ଦେଖା ହେଇଗଲା ତାଳପଦେଶ୍ୱରୀ ମନ୍ଦିର ପାଖରେ । ଚାଲିଚାଲି ଆମେ ପହଞ୍ଚିଲୁ ବାଣୀବିହାର ଗେଟ୍ ପାଖରେ । ସେଠି ଗୁପ୍‌ଚୁପ୍ ଖାଇଲୁ । ସେ ହିଁ ପ୍ରଥମେ ଆମ ଦି' ଜଣଙ୍କୁ ବଣି ଡାକୁଥିଲା । ଗୁପ୍‌ଚୁପ୍ ଖାଇଲାବେଳକୁ ସେ ମନସ୍ତତ୍ତ୍ୱ ନେଇ ସେ ଆମ ମନକୁ ପଢ଼ି ସାରିଥିଲା ।

"ବୌଦ୍ଧାବଲମ୍ବୀ ସବୁ କହନ୍ତି କାମନାର ବିନାଶ ନହେଲେ ପୁନର୍ଜନ୍ମ ଜାରି ରହେ । ସଂସାରରେ ଜନ୍ମ ମୃତ୍ୟୁ, ପୁନର୍ଜନ୍ମ ଏକ ପରିଧି ପରି । ଏ ଦୁଃଖର ପରିଧି ଆମକୁ ଘୁରଉଥାଏ ।" କହିଲା ନମିତା ।

ମୁଁ ହସିଦେଲି ଓ ପଚାରିଲି, "ତମେ ଫିଲୋସଫି ପଢୁଛ ନା ସାଇକୋଲୋଜି ?" ନମିତା ଆମ ଦୁହିଁଙ୍କୁ ଚାହିଁଲା ଓ କହିଲା, "ମୁଁ ଦେଖି ପାରୁଛି ତୁମ ପୂର୍ବ ଜନ୍ମର ଅନ୍ତିମ ଘଟଣା । ବେଶ ଦୁଃଖଦ ।"

ଆମେ ତା ମୁହଁକୁ ଚାହିଁରହିଲୁ ।

ସେ କହିଲା, "ଗୁଜୁରାଟର ନିପଟ ମଫସଲ ଗାଆଁ । ତାହା 'ପ୍ରୀତିନଗର' ଉପକଣ୍ଠରେ । ସେଇ ଗାଆଁରେ ସ୍ୱାମ ସ୍ତ୍ରୀ ହେଇ କୁଆଡ଼େ ଆମେ ଦୁହେଁ ଥିଲୁ । ସେ ମୋ ଚରିତ୍ରକୁ ସନ୍ଦେହ କରିଥିଲା । ସେ ସହରର ଅନ୍ୟଜଣେ ଚିହ୍ନା ମହିଳା ଆସିଥିଲେ ରାତିଅଧରେ କିଛି ଅର୍ଥ ପାଇଁ । ତାହା ପୁଣି ତାଙ୍କ ମାଆଙ୍କ ଶରୀରରେ ଅସ୍ତ୍ରୋପଚାର ପାଇଁ । ତାଙ୍କୁ ଅର୍ଥ ଦେଲାବେଳକୁ ସେ କୃତଜ୍ଞତା ପୂର୍ବକ ମୋର ଦୁଇ ହାତକୁ ଧରି ପକେଇଲେ । ଛାତିରେ ଲୋଟି ପଡ଼ିଲେ । ବାସ୍ ଏତିକି ଯଥେଷ୍ଟ ଥିଲା । ସ୍ମିତା ଚିଲ୍ଲେଇ ଉଠିଲା । ଏହାକୁ ନେଇ ଗଣ୍ଡଗୋଳ । ଗଳିରେ ଗୁଣ୍ଡାଗିରି କରୁଥିବା ଆଉ ଜଣେ ଦୁର୍ଦ୍ଦାନ୍ତ ଲୋକ ମହିଳାଙ୍କ ଠୁ ପଇସା ଲୁଟି ନେଲେ । ଆମ ଦୁହିଁଙ୍କ ମଝିରେ ଖଣ୍ଡ ଯୁଦ୍ଧ ହେଲା । ମୁଁ ଶିକାର ହେଲି ସେଇ କ୍ରୋଧର । ବାରମ୍ବାର ଛୁରୀର ଆଘାତରେ ମୁଁ ଭୂପତିତ ହେଲି । ସ୍ମିତା ମୋତେ ବଞ୍ଚେଇ ପାରିଲାନି । ଆତ୍ମଗ୍ଲାନିରେ ଭାଙ୍ଗି ପଡ଼ିଥିବା ସ୍ମିତା ଏକ ଗଭୀର କୂଅ ଭିତରକୁ ଲମ୍ଫ ପ୍ରଦାନ କରିଥିଲା ।"

ବର୍ଣ୍ଣନା ଜୀବନ୍ତ ଥିଲା । ବର୍ଣ୍ଣନା ଚାତୁରୀ ଜୀବନ୍ତ ହେଲେ ରାମାୟଣ, ମହାଭାରତ, ଲକ୍ଷ୍ମୀପୂରାଣ ପରି ସାହିତ୍ୟ ସବୁ ସତ ଲାଗେ । ସେଗୁଡ଼ିକ ଲୋକପ୍ରିୟ ହେଲେ ସାହିତ୍ୟରୁ ଇତିହାସ ହେଇଯାଏ । ଠିକ୍ ସେମିତି ଲାଗୁଥିଲା । ସତେ ଯେମିତି ତାହା ଅଙ୍ଗେନିଭା ଘଟଣା ଥିଲା । ସତେ ଯେମିତି ସ୍ମିତା ମୋର ପୂର୍ବ ଜନ୍ମର ସାଥି ଥିଲା । ସ୍ମିତାର ଆଖିରେ ଲୁହ ଦେଖିଲି । ସେ ମଙ୍ଗଳବାରେ ଜନ୍ମ ହେଇଥିଲା । ତା ପର ଠାରୁ ସେ ନିଜକୁ ମଙ୍ଗୁଳି କହେ । ମତେ ଦେଖିଲେ କହେ, "ମୁଁ ତମ ପରଲୋକ ସହ୍ୟ କରିପାରିବି ନାହିଁ ।"

ଏହାର ଅର୍ଥ ବୁଝି ସାରିଥିଲି । ଆମେ ଦୁହେଁ ଏକାଠି ହେବୁନି ଏଇ ଜୀବନରେ ।

ବାପା ଓ ମା'ଙ୍କର ଗୋଟିଏ ବୋଲି ଅଲିଅଳି ଝିଅ ସ୍ମିତା ଦାଶ । ବିଧବା ହେବାର ଆତଙ୍କରେ ସ୍ମିତା ବାହା ହେଲାନି ଅନେକ ଦିନ ଯାଏଁ ।

ଏମ୍‌ଏ ପରେ ମୁଁ ଚାକିରି ନକରି ସମାଜସେବା କଲି । ମୋ ଘରର ନନା ବୋଉ ଭାଇ ଭଉଣୀଙ୍କୁ ଅସନ୍ତୁଷ୍ଟ କଲି । ଭିନ୍ନ ଏକ ଜୀବନ ଜିଇଲି । ମୁଖରା ହେଲି । ଉଦ୍ଧତ ବୋଲି ଗାଳି ଶୁଣିଲି । ବଡ଼ ଲୋକଙ୍କୁ ପ୍ରଶ୍ନ ପଚାରି ଆହତ କଲି । ବିଭିନ୍ନ ସ୍ଥାନରେ ଭାଷଣ ଦେଲି । କେଉଁଠି ଗଛ ଲଗେଇଲି ତ କାହାକୁ ଡାକ୍ତରଖାନା ନେଲି । ଏସବୁ କରିବି ବୋଲି ଅଳ୍ପ ବେତନର ସାମ୍ବାଦିକଟିଏ ହେଲି । ଯା ଭିତରେ ମୋ ପଛରେ କେବେ ଗୋଟିଏ ସମାଜସେବୀ ଟ୍ୟାଗ୍ ବି ଲାଗିଗଲା । ଶେଷରେ ମୋ ଗାଁରେ ସ୍ୱେଚ୍ଛାସେବୀ ଅନୁଷ୍ଠାନଟିଏ ଗଢ଼ିଲି ରୋଜଗାର କୌଶଳ ତାଲିମ ଦେବାକୁ । ମୋ ପିଲାଦିନର ହାଉହାଉଆ ଗୁଣ ମୋତେ ବକ୍ତା କରିଦେଲା ବୋଧେ ।

ଶ୍ରୀ ଦାଶ ମୋତେ ଡାକିଲେ ଯିବାକୁ ତାଙ୍କ ଘରକୁ । ବେଶି ଦୂର ନଥିଲା । ସେ ଗାଡ଼ିବାଲାକୁ ସୂଚନା ଦେଲେ । ଷ୍ଟେଫିନ୍ ଲାଗି ସାରିଥିଲା । ଗାଡ଼ି ଚାଲିଲା ତାଙ୍କ ଘର ଆଡ଼କୁ । ଘର ବେଶି ପୁରୁଣା ନୁହଁ । କିନ୍ତୁ ମହଳଣ ପଡ଼ି ଯାଇଥିଲା ସେଇ ସବୁଜ

**ସ୍ମିତା ବିଏସ୍‌ସି ଫାଷ୍ଟ୍ ଡିଭିଜନ୍‌ରେ ପାସ୍ କଲା । ମୁଁ ଇତିହାସରେ । ଉଭୟ ପଢିଲୁ ବାଣୀବିହାରରେ । ଆମ ଦେଖା ହେଉ ବାଣୀବିହାର ପରିସରରେ । କ୍ୟାଣ୍ଟିନରେ । ପରିଜା ପାଠାଗାରରେ । ସେ ହସେ । ମୁଁ ହସେ । ମୁଁ ଅପେକ୍ଷା କରେ । ବେଳେବେଳେ ସେ ବି । ମୁଁ ଅପେକ୍ଷା କରେ, 'ସେ ହସି ଲାଲ ପଡ଼ିଯାଆନ୍ତା କି ?' ସେ ମୋତେ ଚିଡ଼ାଏ । ମୁଁ ତାକୁ । ଶ୍ରେଣୀ କକ୍ଷରେ ପାଠପଢ଼ା ନଥିଲେ ଆମେ ଦୁଇଟା ବଣି ଚଢ଼େଇ ପରି ଉଡ଼ିବୁଲୁ । ବାଣୀବିହାରରେ ନିର ରାଉତରାୟ ରାତିରେ ଖୁବ ଥଙ୍ଗା କରେ । ଯୋଗ ଦିଏ ଜନାର୍ଦ୍ଦନ । ଆସର ଜମିଯାଏ ବେଶି ରାତି ଯାଏଁ ।**

ରଙ୍ଗର କୋଠି । ଗଛପତ୍ର ଶୁଖିଲା ଦିଶୁଥିଲା । ସେ ଘର ତିଆରି ହେବା ପରେ ମୁଁ ଦେଖିଥିଲି । ସେ ପୁରୁଣା ମୁସାଣ୍ଡା ଗଛ ଥିଲା । ମାତ୍ର ଶୁଖି ଯାଇଥିଲା । ବୁଢ଼ା ଦିଶୁଥିଲା । ସେ ପୁରୁଣା କାଗଜଫୁଲ ଗଛ ଥିଲା । ମାତ୍ର କଣ୍ଟାକଣ୍ଟା ଦିଶୁଥିଲା ।

ବାହାରେ ମାର୍ବଲ ଫଳକ । ଡାକ୍ତର ଦାଶଙ୍କ ନାଁ ଲେଖା ହେଇଛି । ଡାକ୍ତର ଦାଶ ଘଣ୍ଟି ବଜେଇଲେ । ଜଣେ ମହିଳା ଗେଟ୍ ଖୋଲିଲେ । ମୁଁ ଘରକୁ ଗଲି । ତାଙ୍କ ପତ୍ନୀଙ୍କୁ ନମସ୍କାର କଲି । ସେ ଚିହ୍ନିଲେ । "ଆରେ ଆରେ ଏବେ କେଉଁଠି ତମେ ଅସୀମ ! ଦିଲ୍ଲୀରେ ସାମ୍ବାଦିକ ଥିଲା ପରା ? ଆଉ ତୁମ ପରିବାର ? ନନା ବୋଉ ?" ଏକ ନିଃଶ୍ୱାସରେ ପଚାରି ଚାଲିଲେ ସେ ।

ମୁଁ ଆଉ ବାହା ହେଇନି, କହିଲି ଅନେକ ପ୍ରଶ୍ନର ଉତ୍ତର ଭିତରେ । ବଲବଲ ହେଇ ଚାହିଁଲେ ମିସେସ୍ ଦାଶ । ଡାକ୍ତର ଦାଶ ମୋ ମୁହଁକୁ ଚାହିଁ ରହିଲେ । ଆଳାପ ଭିତରେ ସର୍ବତ ଗ୍ଲାସ୍‌ଟିଏ ପିଇଲି । ହଠାତ୍ ଗେଟ୍ ଖୋଲିବା ଶବ୍ଦ ଶୁଭିଲା । ଘର ଭିତରକୁ ଧଳା ଶାଢ଼ିଟିଏ ପିନ୍ଧି ପଶୁଥିଲେ ମହିଳା ଜଣେ । ଚମକିଲି ।

"ସ୍ମିତା, ଓଃ", ମୋ ପାଟିରୁ ବାହାରି ଆସିଲା । ଆଖିରେ ଲୁହ ଆସିଲା ।

ମୋତେ ଦେଖି ସେ ଆଖି ଛଳଛଳ କଲା । କିଛି ନକହି ସେ ଘର ଭିତରକୁ ପଶିଗଲା । ତାର ଶୁଖିଲା ମୁହଁ ମୋତେ ଦୋହଲାଇ ଦେଲା । ମା' ତାର କହିବା ଆରମ୍ଭ କଲେ, "ଝିଅ ଆମର ବିଧବା । ଡେରିରେ ବାହା ହେଲା । ବାହାଘର ପର ଚଉଠି ଦିନ ସକାଳେ ତାର ହଜ୍‌ବ୍ୟାଣ୍ଡ୍ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଗଲେ ।" ତା ପରେ ସ୍ମିତା ଶ୍ୱଶୁର ଘରୁ ଫେରି ଆସିଥିଲା । ଏ ବର୍ଣ୍ଣନା ଅତି ଅସହ୍ୟ ହେଉଥିଲା । ମୁଁ ଜାଣି ନଥିଲି ଏଇ ଘଟଣା । ନମିତା ପଟନାୟକ ଶୁଣେଇଥିବା କାହାଣୀ ମନେପଡୁଥିଲା । ମୁଁ ବେଶି ସମୟ ରହିଲିନି । ମୋର ଭିଜିଟିଙ୍ଗ୍ କାର୍ଡ଼ ଦେଇ ବାହାରକୁ ଆସିଲି । ଘର ସାମ୍ନାରେ ଗାଡ଼ି ଠିଆ ହେଇଥିଲା । ଛଳଛଳ ଆଖିରେ ଗାଡ଼ିରେ ପଶିଲି । ଝର୍କା ବାଟେ ଚାହିଁଲି ସେଇ ଘର ଆଡ଼େ । କ୍ରମଶଃ ଦୃଶ୍ୟପଟରୁ ଓହରିଲେ ମିଷ୍ଟର ଦାଶ ।

ଏଇ ଘଟଣାର କିଛି ମାସ ପରେ ସ୍ମିତା ସହିତ ପୁଣି ଯୋଗାଯୋଗ ଫୋନ୍‌ରେ । ମାସେ ଦିମାସରେ ଫୋନ୍‌ଟିଏ ଥରେ ଜରୁର ଆସେ । ସେ ଏବେ ପ୍ରାଧ୍ୟାପିକା ଢେଙ୍କାନାଳ କଲେଜ୍‌ରେ । ସକାଳେ ସେଦିନ ମୋତେ ଫୋନ୍ କରିଥିଲା ।

ଏମିତି ଭାବାବେଗ ଭିତରେ ଗାଡ଼ି ଢେଙ୍କାନାଳ ପହଂଚି ସାରିଥିଲା । କିଛି ନୋଟ୍ କରିଥିଲି ରାସ୍ତାରେ ପଢ଼ିବି ବୋଲି । କିମିଆ କରିଥିଲା ସ୍ମିତା ଦାଶର ଛବି । ନୋଟ୍ ଗୁଡ଼ିକ ଆଉ ପଢ଼ି ନଥିଲି । କଲେଜ୍ ପାଖରେ ପହଂଚିବାର ମାତ୍ର ଦୁଇ ମିନିଟ ପୂର୍ବରୁ ଅଭିଜିତର ଫୋନ୍ ଆସିଲା । ସେ କଲେଜ୍ ପୋର୍ଟିକୋ ପାଖକୁ ଚାରିଜଣ ଛାତ୍ରଛାତ୍ରୀଙ୍କୁ ପଠେଇଲା । ଜଣକ ହାତରେ ଫୁଲ ତୋଡ଼ାଟିଏ । ସେମାନେ ମୋତେ ପାଛୋଟି ନେଲେ ଅଧ୍ୟକ୍ଷଙ୍କ କୋଠରିକୁ ।

କିଛି ସମୟ ଭିତରେ ମୋତେ ସଭାଗୃହକୁ ଯିବାକୁ ହେଲା । ବକ୍ତବ୍ୟ ମଝିରେ ମଝିରେ କରତାଳି ଯୋଗୁଁ ସରଗରମ ହେଇଥିଲା ପରିବେଶ । ଅଧ୍ୟକ୍ଷ ଅଭିଜିତ ମଞ୍ଚ ଉପରେ ପାଖରେ ବସିଥିଲା । ସ୍ମିତା ଦାଶ ସଭା ଶେଷରେ ଧନ୍ୟବାଦ ଦେଲା । ସଭାରୁ ଫେରିଲୁ ଅଧ୍ୟକ୍ଷଙ୍କ କୋଠରିକୁ । ତା କୋଠରିରେ ଚାହା ପାନ ପରେ, ମୋର ଫେରିବାର କଥା ।

ଅଭିଜିତ କହିଲା ଦାଶ ଅଙ୍କଲ ତମକୁ ଅପେକ୍ଷା କରିଛନ୍ତି ତାଙ୍କ ଘରେ । ସେଠି ଲଞ୍ଚ୍ । ମୁଁ ବି ଯିବି । ତାହା ହିଁ ହେଲା । ଗାଡ଼ି ଗଡ଼ିଲା ସେହି ସହର ଉପକଣ୍ଠର ଘରକୁ । ମାର୍ବଲ ଫଳକ ଥିଲା । ମୁସାଣ୍ଡା ଗଛ ଏବେ ହସୁଥିଲା । ଘର ପରିସରର ଗଛ ସବୁ ସବୁଜ ଦିଶୁଥିଲେ । ଜଣେ ଯୁବତୀ ପରିଚାରିକା କବାଟ ଖୋଲିଲେ ।

ଶଯ୍ୟାଶାୟୀ ଥିଲେ ଡାକ୍ତର ଦାଶ । ଇତିମଧ୍ୟରେ ସ୍ମିତାର ମା ଚାଲି ଯାଇଛନ୍ତି । ମୁଁ ଡାକ୍ତର ଦାଶଙ୍କ ପାଖକୁ ଗଲି । ପାଦରେ ହାତମାରି ମୁଣ୍ଡ ମାରିଲି । ତାଙ୍କ ନିର୍ଦ୍ଦେଶରେ ମୁଁ ଡାଇନିଂ ଟେବୁଲ୍ ପାଖକୁ ଗଲି । ସକାଳୁ ସମସ୍ତ ଭୋଜନ ସ୍ମିତା ନିଜେ ପ୍ରସ୍ତୁତ କରିଛି । ଅଭିଜିତ, ମୁଁ ଓ ସ୍ମିତା ମନେ ପକଉଥିଲୁ ବାଣୀବିହାର ସମୟର ଅନ୍ତରଙ୍ଗ ଆତ୍ମୀୟତା । ଆମେ ଠୋଠୋ ହସୁଥିଲୁ ମଝିରେ ମଝିରେ । ଆମ ଆଖିରେ ଫେରି ଆସୁଥିଲା ଯୁବସୁଲଭ ଚପଳତା । କହିବାକୁ ଗଲେ ଏହା ଏକ ରୋମାଣ୍ଟିକ ମୁହୂର୍ତ୍ତ ଥିଲା । ମିଠା ଦହି ମୋର ଖୁବ ପସନ୍ଦ । ସ୍ମିତାର ବି । ମୋ ପାଖରେ ଥିବା ମିଠା ଦହିରୁ ସ୍ମିତା ଗୋଟେ ଚାମୁଚ ଖାଇଲା ପରେ କହିଲା, "ଓଃ ଚମତ୍କାର ହେଇଚି ମ ।" ସେ ପରବର୍ତ୍ତୀ ଚମ୍ମଚରେ ଦହି ଆଣି ମୋତେ ମୁହଁ ଖୋଲିବାକୁ କହିଲା । ମୁଁ ବିନା ପ୍ରତିବାଦରେ ମୁହଁ ଖୋଲିଲି । ପାଠ ପଢ଼ିବା ବେଳେ ଆମେ ଅଇଁଠା ବାରିନଥିଲୁ ।

ଖାଇବା ସରିବା ପରେ ମୁଁ ପୁଣି ଆସି ବସିଲି ଡାକ୍ତର ଦାଶଙ୍କ ଶଯ୍ୟା ନିକଟରେ । ଝର୍କାର ରେଲିଂ ନିକଟରେ ଦି'ଟା ବଣି ଦିଶୁଥିଲେ । ଉଭୟ ଉଭୟଙ୍କର ଚଞ୍ଚୁରେ ଚଞ୍ଚୁ ଘଷୁଥିଲେ । ସାମ୍ନାରେ ବସିଥିଲେ ଅଭିଜିତ ଓ ସ୍ମିତା ଦାଶ ।

ଡାକ୍ତର ଦାଶ ଏଥର ସାହସ କରି କହିଲେ, "ବାପା ! ଏବେବି ଆମ ଝିଅ ତମ ପ୍ରତୀକ୍ଷାରେ ।"

ଚକିତ ହେଲି ମୁଁ । ଏହା କଣ ମୋ ମନର ପ୍ରତିଧ୍ୱନି ? "ଚାହିଁଲି ସ୍ମିତ ଆଡ଼େ । ତାର ମୁହଁ ଗୋଲାପୀ ଦିଶୁଥିଲା । ସେ ଦିନ ସେ ସଫେଦ ରଙ୍ଗର ଶାଢ଼ି ପିନ୍ଧିନଥିଲା । ଅଭିଜିତ ହସିଦେଲା । ଏ ପର୍ଯ୍ୟନ୍ତ ଖୁବ୍ ରକ୍ଷଣଶିଳା ଥିବା ସ୍ମିତା ଦାଶ ତାର ବାହୁଦ୍ୱୟ ପ୍ରସାରିଦେଲା ।


ବାର୍ଷିକ ଗ୍ରାହକ ହୁଅନ୍ତୁ
ଘରେ ବସି ରେବତୀ ପାଆନ୍ତୁ
ରିହାତି ୧୭%
ବାର୍ଷିକ ଗ୍ରାହକ ଯୋଜନା

- ଏକ ବର୍ଷ ପାଇଁ ଟ.୫୦୦.୦୦ (ପାଞ୍ଚଶହ ଟଙ୍କା), ଡାକଖର୍ଚ୍ଚ ୨୪୦.୦୦ ଟଙ୍କା ଅତିରିକ୍ତ । ସମୁଦାୟ ୭୪୦.୦୦ ଟଙ୍କା ପଠେଇବାକୁ ପଡ଼ିବ ।
- ପତ୍ରିକା ରେଜିଷ୍ଟାର୍ଡ ଡାକ (ନିରାପଦ ଡାକ ବ୍ୟବସ୍ଥା)ରେ ଆପଣଙ୍କ ଘରେ ପହଞ୍ଚିବ । ସାଧାରଣ ଡାକରେ ପତ୍ରିକା ପଠାଯାଏ ନାହିଁ ।
- ବାର୍ଷିକ ଦେୟ 'ରେବତୀ ମିଡିଆ ହାଉସ ପ୍ରା. ଲିଃ.' ନାମରେ ଥିବା ବ୍ୟାଙ୍କ ଖାତାକୁ ପଠାଇବେ ।
- ନିଜର ସମ୍ପୂର୍ଣ୍ଣ ଡାକ ଠିକଣା, ପିନ୍‌କୋଡ୍ ନମ୍ବର ଏବଂ ଟେଲିଫୋନ୍ ନମ୍ବର ନିମ୍ନରେ ପ୍ରଦତ୍ତ ଟେଲିଫୋନ୍ ନମ୍ବରର ହ୍ୱାଟ୍‌ସ୍‌ଆପ୍‌କୁ ପଠାଇବେ ।
- ଟଙ୍କା ପୈଠ ହୋଇଥିବାର ପ୍ରମାଣ ସ୍ୱରୂପ ବ୍ୟାଙ୍କ ରିସିପ୍‌ଟି ଆମକୁ ପଠାଇବେ ।



ଯୋଗାଯୋଗ : ରେବତୀ କାର୍ଯ୍ୟାଳୟ, ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ଓଟି ରୋଡ୍, ବାଲେଶ୍ୱର-୧, ଫୋନ : ୭୦୦୮୮୪୫୯୨୦

**Bank Details**
Benificiary Name : Rebati Media House Pvt Ltd.
Bank Name : HDFC BANK (India), Balasore
Account No : 50200033907121
IFSC Code : HDFC0000366

www.rebatee.in
୫୦/-
ରେବତୀ
ଆମ ମାଟିର ସ୍ୱର



# ଈପ୍‌ସିତ ଘରର ଠିକଣା

## କମଳା ଶଥପଥୀ

ଠିକଣା : ୧୨ ଆଟ୍‌ଲାଣ୍ଟା ସିଏଚ୍‌ଏସ୍,
ପ୍ଲଟ୍ ନଂ- ୨୯, ସେକ୍ଟର- ୪୦, ନେରୁଲ୍, ନବି
ମୁମ୍ବାଇ-୪୦୦୭୦୬
ଫୋନ: ୯୩୨୦୬୨୩୬୨୨


ଚିତ୍ର : ଈପ୍‌ସିତା ଦେ



▲ଫଟୋ: କମଳା ଶତପଥୀ

ସେପଟ ଘରୁ କିଛି ବଡ ପାଟିର କଥା, ବାସନ କୁସନର ଫୋପଡା ଫିଙ୍ଗା, ସୁଁ ସୁଁ କାନ୍ଦ ସହିତ ଛାତି ଦୋହଲା କାନ୍ଦୁରିଆ ସ୍ୱରରେ ନିଦ ଭାଙ୍ଗିଗଲା ଜଗନ୍ନାଥଙ୍କର । ଦିନଟିର ଆରମ୍ଭ ହେଇଗଲା ସେଇ ଚିରାଚରିତ ଅନିଚ୍ଛିତ ପରିବେଶରୁ, ଯାହା ସକାଳର ସବୁ ସ୍ନିଗ୍‌ଧତାକୁ ନିତିଦିନ ନଷ୍ଟ କରିଦଉଛି ସେମାନେ ଆସି ଏଠି ରହିଲା ପରଠୁ । କିଏ ଏ ଅସାମାଜିକ ତତ୍ୱ ପଶି ଆସିଛନ୍ତି କଲୋନି ଭିତରକୁ ସତରେ ! ବର୍ଷ ବର୍ଷର ଶାନ୍ତିକୁ ନିତି ରାତି ପାହିଲେ ହତ୍ୟା କରି ଚାଲିଛନ୍ତି !

ଝରକା ଖୋଲି ବିରକ୍ତିରେ ସେପଟର ଘରକୁ ଆଖି ପକେଇଲେ । ହେଲେ ପାଟିରୁ ବାକ୍ୟ ସ୍ଫୁରିଲା ନାହିଁ । ବୟସ୍କା ମହିଳାଙ୍କ ମୁଣ୍ଡରୁ ରକ୍ତଧାର ଝରୁଥିଲା । ଆଖିର ଲୁହ ସହିତ ମିଶି ସେଇ ରକ୍ତ ଛାତିକୁ ଓଦା କରି ଚାଲିଥିଲା । ତଥାପି ଯୁବା କଣ୍ଠର କର୍କଶ ସମ୍ଭାଷଣ ଥମୁନଥିଲା, କି ଥମୁନଥିଲା ବୟସ୍କ ହାତରୁ କାମ । ସ୍ୱରର ଉଗ୍ରତା ଯେତେ ଉର୍ଦ୍ଧ୍ୱକୁ ଉଠି ଉଠି ଯାଉଥିଲା, ତା’ଠୁ ଅଧିକ ତତ୍ପର ହେଇଉଠୁଥିଲା ତାଙ୍କ ବାସନ ମାଜିବା, ପରିବା କାଟିବା, ରୋଷେଇ କରିବା, ପିଲାକୁ ପ୍ରସ୍ତୁତ କରିବାର ଫୁର୍ତ୍ତି । ତା’ ସହିତ ଝରି ପଡୁଥିଲା ଶୁଖିଲା ଆଖି ଭିତରେ ଲୁଚେଇ ରଖିଥିବା ସହସ୍ର ଲୁହର ଧାର !

ଆଶ୍ଚର୍ଯ୍ୟ ଲାଗେ ଜଗନ୍ନାଥଙ୍କୁ । କେମିତିଆ ପରିବାର କେଜାଣି ! କାହାର କାହା ସହିତ କ’ଣ ସଂପର୍କ, ଏ ପର୍ଯ୍ୟନ୍ତ ବି ସେ ସ୍ଥିର କରି ପାରିନାହାନ୍ତି । ପ୍ରଥମ ଦିନ ସେମାନଙ୍କୁ ଘର ସାମ୍‌ନାରେ ଗାଡିରୁ ଓହ୍ଲାଉଥିବାର ଦେଖି ଯୋଉ ମଧୁର ସଂପର୍କର କଳ୍ପନା କରିଥିଲେ, ଦୁଇ ସପ୍ତାହର ରହଣି ଭିତରେ ତାହା ବଦଳି ସାରିଲାଣି । ଯାହାକୁ ଦୂରରୁ ଦେଖି ତାଙ୍କୁ ଭାରି ଭଲ ଲାଗିଥିଲା, ଏବେ ପାଖରୁ ଦେଖିକି ବିତୃଷ୍ଣା ଆସି ଗଲାଣି ! ପ୍ରତିଦିନର ଏ ପାଟିତୁଣ୍ଡି, ହାତଉଠା, ଫୋପଡାଫିଙ୍ଗା ଦେଖି ଶୁଣି, ପାରିବାରିକ ସଂପର୍କକୁ ନେଇ ଆଜି ପର୍ଯ୍ୟନ୍ତ ରହି ଆସିଥିବା ଗୋଟାକ ପରେ ଗୋଟାଏ ଭ୍ରମ ଧାରଣା ମନରୁ ଉଭେଇ ସାରିଲାଣି ! ଖାଲି ସେତିକି ନୁହେଁ, ନିଜ ଏକାନ୍ତ ଜୀବନକୁ ନେଇ ଆଜି ପର୍ଯ୍ୟନ୍ତ ରହିଥିବା ଅବସୋସ ମନରୁ ଉଭେଇ ସାରିଲାଣି । ପାରିବାରିକ ଜୀବନର ଏ ରୂପ ଠୁ ତ ଶତ ଗୁଣରେ ଭଲ ତାଙ୍କ ପରିବାର ବିହୀନ ଜୀବନ !

ଏତେ ବେଶି ବିରୋଧାଭାସରେ ପରିପୂର୍ଣ୍ଣ ସେ ଘରର ପ୍ରାଣୀମାନଙ୍କୁ ଦେଖି ଦେଖି ଏବେ ତାଙ୍କ ମନରେ ଦୃଢ଼ ବିଶ୍ୱାସ ଆସିଗଲାଣି ଯେ ସେମାନଙ୍କ ଭିତରେ କୌଣସି ପ୍ରକାରର ଆବେଗିକ ସଂପର୍କ ନିଶ୍ଚୟ ନାହିଁ ! ଆଗ ମା’ ଝିଅ ବୋଲି ଭାବିଥିଲେ, ପରେ ପରେ ତାହା ଶାଶୁବୋହୂକୁ ରୂପାନ୍ତିରତ ହେଇଥିଲା, ଆଉ ଏବେ ଲାଗୁଛି ରାସ୍ତାରେ ଚାଲୁ ଚାଲୁ ଯେପରି ଅଚାନକ କାହା ସହିତ ସଂପର୍କ ଗଢ଼ିଉଠେ, ଆଉ ଇଚ୍ଛା ନଥାଇ ମଧ୍ୟ ସେ ସଂପର୍କ ସହିତ ପାଦ ମିଳେଇ ଚାଲିବାକୁ ହୁଏ, ଠିକ୍ ସେହିପରି ବୋଧେ ଏମାନଙ୍କର ପରସ୍ପର ସହ ସଂପର୍କ !ଉଭୟଙ୍କ ସ୍ୱଭାବ ମଝିରେ ପ୍ରଖର ସ୍ରୋତଟିଏ ବହି ଯାଉଥିଲା ସତେ କି ! ଯୁବତୀଟି ଯେତିକି ଉଗ୍ର ସ୍ୱଭାବର ଥିଲା, ମହିଳା ଜଣଙ୍କ ଥିଲେ ସେତିକି ନିସ୍ତରଙ୍ଗ .. ସେତିକି ଦୀପ୍ତିଶୂନ୍ୟ .. ! କିନ୍ତୁ ତାଙ୍କ ଉଦାସ ଆଖି ସ୍ପଷ୍ଟ କହି ଦଉଥିଲା ଯେ ସେଇ ନିସ୍ତରଙ୍ଗ ପୁଷ୍କରିଣୀର ଜଳ ଭିତରେ ଲୁଚି ରହିଛି ଯନ୍ତ୍ରଣାର ଉତ୍ତପ୍ତ ଲାଭା !

ସେମାନଙ୍କ ସହିତ ପୁରୁଷ ସଦସ୍ୟ କେହି ରହୁଥିବା ପରି ଲାଗୁନଥିଲା । କେବେ ତ କାହାରି ମୁହଁ ଦିଶିନି ସେଠି । ଜଣେ ଅଧେ କେହି ଯଦି କେବେ ଆସିଛି, ତେବେ ଖୁବ୍ ଶୀଘ୍ର ବାହାରି ଚାଲି ଯାଇଛି । ତା’ପରେ ଆଉ କେବେ ମୁହଁ ଦେଖେଇନି । ଘରଟିର ସ୍ଥାୟୀ ବାସିନ୍ଦା ତା’ମାନେ ସେହି ବୟସ୍କା ମହିଳାଙ୍କ ସହିତ ଏ ଯୁବତୀ ଆଉ ଛୋଟ ଛୁଆଟି କେବଳ ! ସେମାନଙ୍କ ଭିତରେ ସଂପର୍କର କୋଉ ସେତୁ ବିଦ୍ୟମାନ ଅଛି ତା’ହେଲେ ! ଗୋଟିଏ

**କାହାଣୀ ପଛର କାହାଣୀ**

**ମଣିଷ ଜୀବନର ସବୁଠାରୁ ବଡ ଆଉ ସୁଖଦ ସ୍ୱପ୍ନ ବୋଧେ ନିଜର କହି ଏକ ଘର ! ବୟସର କୋଉ ମୋଡରେ ବି ଏ ସ୍ୱପ୍ନ ପତ୍ରଝଡା ଦିଏ ନାହିଁ କି ଏହାକୁ ପାଇବାର ଆକାଂକ୍ଷାର ଅନ୍ତ ହୁଏ ନାହିଁ । ମୁଣ୍ଡ ଉପରେ ନିଜର କହି ଛାତଟିଏ ନଥିବା ମଣିଷ ଜାଣେ କେତେ ଅପମାନର ବିଷ ପିଇକି ବି ସେ ବଞ୍ଚି ରହିବାକୁ ବାଧ୍ୟ ହୁଏ କାହାର ଦୟାରେ ! ଏକ ଜଟିଳ ସଂପର୍କ ଭିତରେ ଘାଣ୍ଟି ହେଉଥିବା ମଣିଷମାନଙ୍କର କଥାକୁ ନେଇ ଆଧାରିତ ମୋ କାହାଣୀ- ‘ଈପ୍‌ସିତ ଘରର ଠିକଣା’ । ଯୋଉ ସ୍ୱପ୍ନକୁ ବାସ୍ତବରେ ପାଇବା ପାଇଁ ମଣଷଟିଏ ସାରାଜୀବନ ସଂଘର୍ଷ ଚଲେଇ ଥାଏ, ତାକୁ ପାଇବାର ଆଶାରେ କେବେକେବେ ନିଜ ମଣିଷ ପାଖରୁ ଦୂରେଇ ଯାଇ ଅଜଣା ମଣିଷକୁ ବି ନିଜର ମଣିପାରେ, ତାକୁ କହିବାକୁ ଚେଷ୍ଟା କରିଛି ମୁଁ ଏଇ କାହାଣୀରେ ।**

କମଳା ଶତପଥୀ

ପରିବାରର ତିନି ପିଢ଼ିର ସଦସ୍ୟ ନା ମାଲିକାଣୀ ଆଉ ଚାକରାଣୀର ସଂପର୍କ! ତେବେ ସେ ଛୋଟ ଝିଅଟି ?

ହେଉ, ଏତେ କଥାରେ ମୁଣ୍ଡ ପୂରେଇ କ'ଣ ମିଳିବ! କେତେ ଦିନ ବା ରହିବେ ଏଠି ସେମାନେ ଯେ ସେ ଏତେ ଚିନ୍ତିତ ହେବେ! ସେମାନେ ଯାହା କରିବା କଥା କରୁଥାନ୍ତୁ! ତାଙ୍କର କ'ଣ ଯାଏ ଆସେ! ନିଜ ଜୀବନରେ ସମସ୍ୟାର କୋଉ ଅଭାବ ଅଛି ଯେ ପରକଥାରେ ମୁଣ୍ଡ ପୂରେଇବେ! ମିଳିବ ବି କ'ଣ ସେଥିରୁ!

ଝରକା ବନ୍ଦ କରିଦେଇପୁଣି ଆସି ଶୋଇବାର ଚେଷ୍ଟା କଲେ । ଆଖିରୁ କିନ୍ତୁ ନିଦ ଉଭେଇ ସାରିଥିଲା । ଏବେ ଖାଲିଆଖି ଆଗରେ ନାଚି ଯାଉଛି ସେହି କରୁଣ ମୁହଁଟା । ବୟସର ଭାରରେ ଅଥବା ପରିସ୍ଥିତିର ଚାପରେ– କେମିତି ଏକ ସ୍ଥବିରତା ଆସି ଯାଇଥିବା ସେଇ ମୁହଁରେ କ'ଣ ଥିଲା କେଜାଣି, ଯାହା ଗୋପନରେ ଛାତିକୁ ବିଦାରି ପକୋଉଥିଲା ବାରମ୍ବାର । ନଚାହିଁକି ବି ମନମସ୍ତିଷ୍କରେ ଘୂରି ବୁଲୁଥିଲା ଅହରହ । ପୁଣି ରକ୍ତ ଝରି ଆସୁଥିଲା ବହୁତ ଦିନ ତଳର କ୍ଷତ ସବୁରୁ! ସେ ରକ୍ତକୁ ବନ୍ଦ କରିବାକୁ ସେ ଆପ୍ରାଣ ଚେଷ୍ଟା କରିଛନ୍ତି... ତା' ବି ଦୀର୍ଘ ବର୍ଷରୁ । ହେଲେ ପ୍ରତିଥର ସେ ତାଙ୍କୁ ଖତେଇ ହେଇ କହିଛି– ୟା'କୁ ତୋର ଏ ଅସଫଳ ଚେଷ୍ଟା ନୁହେଁ...ବରଂ ଆବଶ୍ୟକ ରହିଛି କାହାର ସହାନୁଭୂତିର ସ୍ପର୍ଶ! ଦେଇ ପାରିବୁ କି ତାକୁ ଆଣି ?

ମୁଣ୍ଡତଳକୁ କରି ବସି ରୁହନ୍ତି ଜଗନ୍ନାଥ ବେଶ୍ ବେଳ ଯାଏଁ । ଏକଥା ସତ ଯେ ଅସହାୟତାକୁ ପିଠି କରି ଦିନ ବିତୁନାହିଁ ଆଉ । ହେଲେ ତା' ବୋଲି ଆଉ କାହାକୁ! ନା, ନା, ମୋଟେ ନୁହେଁ! ସେସବୁ ଜାଲରେ ସେ ଆଉ ପଡିବେ ନାହିଁ । ବହୁତ ହେଇ ଯାଇଛି ଏ ଜୀବନରେ କାହାକୁ ବିଶ୍ୱାସ କରିବା । କାହାକୁ ଭଲ ପାଇ ନିଜକୁ ହଜେଇ ଦେବା । ଆଉ ସେସବୁର ମାୟାରେ ସେ ପଡିବେ ନାହିଁ । ହର୍ଷ, ବିଷାଦ, ମିଳନ, ବିରହ, ସୁଖଦୁଃଖର କୁଢ଼ କୁଢ଼ ଅନୁଭୂତି ଭିତରେ ସେ ଅଝଟୁରି ହେଇ ସାରିଲେଣି । ଆଉ ସେସବୁ ଗୋଟେଇବାକୁ ଚାହାନ୍ତି ନାହିଁ । ବୟସର ବହୁତ ପାହାଚ ଏଇ ଭିତରେ ଏକା ଏକା ଅତିକ୍ରମି ସାରିଲେଣି ଯେତେବେଳେ, ଆଉ କେତେ ଦିନ ହାତରେ ଅଛି ଯେ କାହାର କାମନା କରିବାକୁ ଯିବେ! କାହା ପାଇଁ ନିଜ ଶାନ୍ତି ନଷ୍ଟ କରି ବସିବେ!



କିନ୍ତୁ, ବିଗତ କିଛି ଦିନରୁ ବନ୍ଦ ଝରକାକୁ ଭେଦି ଶୁଭୁଥିବା ସେ କର୍ଣ୍ଣଭେଦୀ ଚିତ୍କାର ଓ ଏକ ବିକଳ ବ୍ୟକ୍ତିତ୍ୱ ତାଙ୍କୁ ନିଶ୍ଚିନ୍ତରେ ରହିବାକୁ ଦେଉନି ଯେ! ନିଜ ଅଜାଣତରେ ବାରମ୍ବାର ଧ୍ୟାନ ସେଇ ଆଡକୁ ଚାଲି ଯାଉଛି । ଇଚ୍ଛା ହେଉଚି ଯାଇ ପଚାରି ଦେବାକୁ ଯୁବତୀଟିକୁ, କାହିଁକି ଏମିତି ପାଟିତୁଣ୍ଡ କରୁଛ! ବୟସର କିଛି ତ ମହତ ରଖିବା କଥା! ତାଙ୍କ ସହିତ ନହେଲେ ନାହିଁ, ଛୋଟ ପିଲାଟି ସହିତ ତ ଭଲ ବ୍ୟବହାର ଦେଖାଅ! ପୁଣି ମନକୁ ବୁଝେଇ ଚୁପ୍ ରହି ଯାଉଛନ୍ତି ଯେ ଯଦି ପଲଟିକି ତାଙ୍କୁ ସିଏ ପ୍ରଶ୍ନ କରିବ– 'ମୋ ଘର କଥାରେ ମୁଣ୍ଡ ପୂରେଇବାକୁ ତୁମେ କିଏ ? ତୁମର କ'ଣ କିଛି କାମ ନାହିଁ ଦିନରାତି ଆମରି ଘର ଆଡକୁ କାନେଇ ବସିଛ ?'

ତେବେ ତାଙ୍କ ପାଖରେ କି ଉତ୍ତର ଅଛି ଦେବାକୁ!

କାଲି ରାତିରେ ଝିଅଟି ସଜବାଜ ହେଇ କୁଆଡେ ବାହାରିକି ଗଲାବେଳେ ଛୁଆକୁ କହିଥିବାର ସେ ଶୁଣିଥିଲେ, 'ବେଶି ରାତି ଯାଏ ଚାହିଁବୁନି । ଖାଇକି ସାଙ୍ଗେ ସାଙ୍ଗେ ଶୋଇଯିବୁ । ମୋର ଆସୁ ଆସୁ ଡେରି ହେଇପାରେ । ଜେଜୀ ସହିତ ଟିଭି ଦେଖିବାକୁ ବସି ଯିବୁନି କହି ଦେଉଛି ..ନହେଲେ ଚିହ୍ନିବୁ ମତେ!'

ଏତେ ରାତିରେ ସେ କୁଆଡେ ଗଲା, ଆଉ କାହିଁକି ଫେରିବାକୁ ଡେରି ହେବ, ସେକଥା ତାଙ୍କ ମନକୁ ଆସୁନଥିଲା । ସେ ଖାଲି ଏବେ ଦେଖୁଥିଲେ ଝିଅଟି ଚାଲିଗଲା ପରେ ସେ ଘରର ପରିବର୍ତ୍ତିତ ରୂପକୁ! ଉଆଁସ ଅନ୍ଧାର ଭିତରୁ ତୋଫା ଜହ୍ନ ସଜବାଜ ହେଇ ବାହାରି ପଡିଲା ସତେ କି! ଶୁଖିଲା ମୁହଁରେ କି ଔଜଲ୍ୟ! କି ଛଳଛଳ ଭାବ! ଯେମିତି ଜୀବନର ଉନ୍ମୁକ୍ତ ଛନ୍ଦରେ ବିଭୋର ହୋଇ ଉଠିଛନ୍ତି ଦୁଇଟି ରଙ୍ଗୀନ ପ୍ରଜାପତି କ୍ଷଣିକ ପାଇଁ! ଯେପରି ବନ୍ଧୁର ପର୍ବତ ଦେଶକୁ ଛାଡି କଳକଳ ହେଇ ବହି ଆସିଛି ତଟିନୀ ଦୁଇଟି! ଟାଙ୍ଗରା ପାହାଡରେ ଫୁଟି ଉଠିଲା ସୁନ୍ଦର ଫୁଲରୁ ମେଞ୍ଚେ! ବାସ୍ନାୟିତ ହେଇଉଠିଲା ସମଗ୍ର ପୃଥିବୀ!

ଇଂରାଜୀ ଗୀତର ତାଳେ ତାଳେ ସେମାନେ ନାଚୁଥିଲେ ପରସ୍ପରର ହାତ ଧରି ଧରି । ଭୁଲି ଯାଇଥିଲେ ଜୀବନର ସବୁ ଅବସାଦ... ସବୁ ହାରଜିତ୍ । ଆଜି ରାତିକ ପାଇଁ ସତେକି ପାଇଛନ୍ତି ଏଇ ଦୁର୍ଲଭ ମାନବ ଜୀବନ...ଲାଗି ଯାଇଛି ରଙ୍ଗୀନ ଡେଣା ହଳେ ଅକସ୍ମାତ ସେମାନଙ୍କ ପିଠିରେ! ପାଦକୁ ମିଳିଯାଇଛି ମନପବନ କଠଉ! ସେହିପରି ଆଚ୍ଛନ୍ନ ହୋଇ ଉଠିଥିଲେ ଉଭୟେ । ଏକ ନିରୀହ ଉନ୍ମୁକ୍ତତା ଭିତରେ ମଗ୍ନ ହେଇଯାଇଥିଲେ ବେଶ୍ ସମୟ!

ନିଜ ଭିତରେ ଏତେ ମଜ୍ଜି ଯାଇଥିଲେ ଯେ ଝରକା ବାଟ ଦେଇ କେହି ତାଙ୍କୁ ଦେଖୁ ଥାଇପାରେ, ହୁଏତ ତାହାର କଳ୍ପନା ବି କରିନଥିବେ । ଜଗନ୍ନାଥ ସେମାନଙ୍କର ସେହି ମଗ୍ନତା ଭିତରେ ଲୁଚି ରହିଥିବା ସ୍ୱପ୍ନିଳ ଆଖିର ବାସ୍ତବତାକୁ ମୁଗ୍ଧ ହୋଇ ଦେଖୁଥିଲେ । ସେମାନଙ୍କ ଖୁସିରେ ନିଜକୁ ସମ୍ମିଳିତ କରି ନେଇଥିଲେ । ଆଜି ବହୁତ ବର୍ଷ ପରେ ତାଙ୍କ ଉଦାସ ମନ ତାଙ୍କୁ କିଛି କହିବାକୁ ଚାହୁଁଥିଲା .. ଖୁସି ହେବାକୁ ପ୍ରେରିତ କରୁଥିଲା । ନିଜକୁ ଖୁସି କରିବାକୁ ମଣିଷ ପରିସ୍ଥିତିକୁ ଏମିତି ବି ପାସୋରି ଦେଇ ପାରେ, ପ୍ରଥମ ଥର ଦେଖୁଥିଲେ । କେତେ ହେବ ବୟସ

ତାଙ୍କର ? ପଞ୍ଚାବନ .. ଛପନ .. ଅବା ଦୁଇ ଚାରି ବର୍ଷ ଏପଟ ସେପଟ ! ଜୀବନର ସଂଘର୍ଷ କିନ୍ତୁ ଆଜି ବି ଜାରି ରହିଛି । କେବେ କ'ଣ ଥିବ ତାଙ୍କ ପରିସ୍ଥିତି, ଜଣା ନାହିଁ, ମାତ୍ର ଏବେ ଯାହା ଅଛି, ତାହା ବି ସୁଖକର ନୁହେଁ । ତଥାପି ବି ଜୀବନ ଜିଇଁବା ସେ ଛାଡି ନାହାନ୍ତି । ତାଙ୍କର ସେହି ଜିଜୀବିଷା ହି ଜଗନ୍ନାଥଙ୍କୁ ତାଙ୍କ ଆଡକୁ ଆକୃଷ୍ଟ କରୁଥିଲା ! ବିନା କାରଣରେ ବି ତାଙ୍କ କଥା ଭାବିବାକୁ ବାଧ୍ୟ କରୁଥିଲା । ଆଉ ସେ ଭାବୁଥିଲେ...ସ୍ୱପ୍ନ ଦେଖୁଥିଲେ .. କାରଣ ସଂପର୍କର ଅନ୍ୟ କିଛି ସେତୁ ନରହିଲେ ବି ସ୍ୱପ୍ନ ଦେଖିବାକୁ ତ କିଛି କଟକଣା ନାହିଁ !

ନାଚି ନାଚି ସେମାନେ ନିଜକୁ ସଂପୂର୍ଣ୍ଣ ହଜେଇ ଦବାକୁ ଚାହୁଁଥିଲା ବେଳେ ହଠାତ୍ ଛୁଆଟିର ଦୃଷ୍ଟି ପଡିଗଲା ତାଙ୍କ ଉପରେ । 'ଜେଜୀ ..!' ବୋଲି କହି ସେ ଜଗନ୍ନାଥଙ୍କ ଆଡକୁ ଆଙ୍ଗୁଠି ଉଠେଇଲା ଆଉ ସଙ୍ଗେ ସଙ୍ଗେ ତାଙ୍କ ଆଖି ଝରକା ବାଟ ଦେଇ ସିଧା ଜଗନ୍ନାଥଙ୍କ ଉପରେ ପଡିଗଲା । ଚମକି ପଡିଲେ ସେ । ପର ମୁହୂର୍ତ୍ତରେ ଗୋଟେ ଧରା ପଡିଗଲା ଭଳି ସଲଜ ହସ ଉକୁଟି ଉଠିଲା ତାଙ୍କ ମୁହଁରେ.. ଆଉ ତା'ପରେ ପରେ ସେ ସ୍ଥାନକୁ ଚାଲି ଆସିଲା ଭୟ ଆଉ ଉଦ୍ଦୀପନାର ଏକ ଅନପେକ୍ଷିତ ଭାବ । ଅଜବ ଏକ ବିକଳ ଭାବ ହାତଗୋଡକୁ ସ୍ଥାଣୁ କରିଦେଲା ।

ଧଡ୍ କରି ବସି ପଡିଲେ ଚଉକି ଉପରେ ମୁହଁକୁ ତଳକୁ କରି । ଛୋଟ ଝିଅଟି ଆସି ବନ୍ଦ କରିଦେଲା ଝରକା । ତା' ଆଖିରେ ବ୍ୟାପି ରହିଥିବା ଅଭିଯୋଗର ପାତଳ ରେଖାକୁ ସେ ସ୍ପଷ୍ଟ ଦେଖି ପାରିଥିଲେ । ସତେ ଯେମିତି ସେ କହୁଥିଲା ଜଗନ୍ନାଥଙ୍କୁ – ଆମ ସ୍ୱାଧିନତା ଉପରେ କାହିଁକି ନଜର ପକେଇଲ ! କି ଦୋଷ କରିଥିଲୁ ଆମେ ତୁମର ! ଆମ ଜୀବନରେ ଏମିତି ଏକ ରାତି ପୁଣି କେବେ ଆସିବ କିଏ ଜାଣେ ! ଆମକୁ କ'ଣ ନିଜର ବୋଲି କହି ଗୋଟିଏ ରାତି ବି ମିଳିବା କଥା ନୁହେଁ ! ସେତିକି ଅଧିକାର ବି ଆମେ ପାଇବୁନି !

ମୁହଁ ଫେରେଇ ଆଣିଲେ ସେ । ଭାରି ଗୋଟେ ଅପ୍ରସ୍ତୁତ ଭାବ ଅନୁଭବ କରୁଥିଲେ । କ'ଣ ଭାବୁଥିବେ ସେମାନେ ସତରେ ! ଉଭୟଙ୍କ ଆଖିର ନିରୀହତା ତାଙ୍କୁ ଅଥୟ କରି ପକେଉଥିଲା । ଆଜି ବହୁତ ବର୍ଷ ପରେ ତାଙ୍କ ନିଜ ଚିନ୍ତାରୁ ବାହାରିକି ଆଉ କାହା କଥା ସେ ଭାବୁଥିଲେ ! କିନ୍ତୁ ସେ ଉପାୟହୀନ । ଅନ୍ୟର ଘରକଥା ମୁଣ୍ଡ ଭିତରେ ପୂରେଇବା, ଆଦୌ ଉଚିତ କଥା ନୁହେଁ ।

ଝରକା ବନ୍ଦ କରିଦେଇ ଶୋଇ ପଡିଲେ । ସାରା ରାତି ସ୍ୱପ୍ନରେ ତାଙ୍କର ସେହି ହସ ହସ ମୁହଁଟା ଦେଖା ଯାଉଥିଲା । ସେ ମୁହଁରେ ଆଜି ଥିଲା ଶତ ସୂର୍ଯ୍ୟର ଚମକ...ଆତ୍ମବିଶ୍ୱାସର ପୁଲକ !ତାଙ୍କର ଏ ଆତ୍ମବିଶ୍ୱାସ ଭରା ଚେହେରା କିନ୍ତୁ ଝିଅଟି ଘରେ ଥିଲା ବେଳେ ଜମା ସେ ଦେଖିନଥିଲେ । ମନଟା ତାଙ୍କ ପାଇଁ ଭାରି ଖୁସି ହେଇ ଯାଇଥିଲା । ନିଦରେ ଶୋଇ ଶୋଇ ସେ କେବଳ ତାଙ୍କୁ ମନେ ପକେଉଥିଲେ ଓ ତାଙ୍କ ପାଇଁ ସୁଖର କାମନା କରୁଥିଲେ । ତାଙ୍କ ମୁହଁର ଏ ହସକୁ ଚିରସ୍ଥାୟୀ କରି ରଖିବାକୁ ଠାକୁରଙ୍କୁ ପ୍ରାର୍ଥନା କରୁଥିଲେ ।

କିନ୍ତୁ ସକାଳୁ ସକାଳୁ ପୁଣି ଆରମ୍ଭ ହେଇଯାଇଛି ସେହି ଚିରାଚରିତ ଦୃଶ୍ୟ ! ଆଜି ତ କୌଣସି କଥାକୁ ନେଇ ତାଙ୍କ ମୁଣ୍ଡରେ ଆଘାତ ଲାଗିଛି । ବୋଧହୁଏ କାଲି ରାତିର ସେମାନଙ୍କ କାର୍ଯ୍ୟକଳାପକୁ ଜାଣି ଝିଅଟି ରାଗି ଯାଇଛି, ଆଉ ହାତରେ ଯାହା ପଡିଲା ତାକୁ ଫିଙ୍ଗି ଦେଇଚି ତାଙ୍କ ଉପରକୁ ! ରାଗ ତ ବ୍ରହ୍ମଚଣ୍ଡାଳ...ବୟସର କୋଉ ବାଛବିଚାର କରିପାରେ କି ! ଖାଲି ତ ମହିଳାଙ୍କୁ ଆଘାତ ଲାଗିନି, ସେପଟ କୋଣରେ ବସି ଛୋଟ ଝିଅଟି ବି ନିଜ ହାତକୁ ଧରି କାନ୍ଦୁଛି ! ନିଶ୍ଚୟ ତା' ଉପରେ ବି ଆକ୍ରମଣ କରାଯାଇଛି !

ବିଚାରୀ ମହିଳା ଜଣଙ୍କ ! କାମ କରିବେ ନା ପିଲାଟିକୁ ଆଉଁସିବେ, ସେଇ ଦ୍ୱିଧାରେ ଏକଡ ସେକଡ ହେଲା ବେଳକୁ କର୍କଶ ଧ୍ୱନିରେ ଘରର କାନ୍ଥବାଡ ଦୋହଲି ଉଠୁଥିଲା । ଜଗନ୍ନାଥଙ୍କ ହୃଦୟ ବ୍ୟଥାରେ ଭାରି ଭାରି ହେଇଗଲା । ମଣିଷ କେତେ ଅସୁବିଧାରେ ପଡିଲେ, ଏମିତି ପରିବେଶ ଭିତରେ ରହିବାକୁ ବାଧ୍ୟ ହୋଇଥାଏ ସତରେ !

ଅଜଣା ଏକ ଅସ୍ଥିରତାରେ ଦିନସାରା ମନଟା ବିବ୍ରତ ରହିଲା । ଝରକା ବନ୍ଦ ରଖିବା ସତ୍ୱେ ଦୁଇ ଯୋଡା ଛଳଛଳ ଆଖି ତାଙ୍କ ଆଖପାଖରେ ଘୂରି ବୁଲୁଥିଲା । ସେମାନଙ୍କୁ ସେ ଚିହ୍ନି ନାହାନ୍ତି, ଜାଣି ନାହାନ୍ତି, ତେବେ କାହିଁକି ଏତେ ବ୍ୟସ୍ତ ହେଉଛନ୍ତି ବୋଲି ନିଜ ଉପରେ ବିରକ୍ତ ହେଲେ । ନିଜ କାମରେ ଧ୍ୟାନ ଲଗେଇବାକୁ ଚେଷ୍ଟା କଲେ । କିନ୍ତୁ ମନଟା ଘୂରିଘାରି ପୁଣି ସେଇ ଗୋଟିଏ ଜାଗାକୁ ଫେରି ଆସୁଥିଲା ବାରମ୍ବାର ।

ସନ୍ଧ୍ୟାରେ ଘରୁ ବାହାରି ବନ୍ଧୁମାନଙ୍କ ପାଖକୁ ଯାଉଥିବା ବେଳେ ଜେଜୀ ଆଉ ନାତୁଣୀଙ୍କୁ ପାର୍କରେ ବସିଥିବାର ଦେଖିଲେ। ମୁଣ୍ଡରେ ତାଙ୍କର ବ୍ୟାଣ୍ଡେଜ୍ ମରା ହେଇଚି । ଆଖି ତଳେ ଲୁହର ଦାଗ ସ୍ପଷ୍ଟ ଅଛି । ବଡ ଅନ୍ୟମନସ୍କ ଲାଗୁଛନ୍ତି । ନାତୁଣୀ କିଛି ପଚାରୁଥିଲା, ହେଲେ ତାଙ୍କ କାନରେ ଯେମିତି ପଶୁ ନଥିଲାସେସବୁ । ସେମିତି କାଠ ପାଲଟି ବସିରହି ଦୂର ଆକାଶକୁ ନିର୍ନିମେଷ ନୟନରେ ଚାହିଁ ରହିଥିଲେ ।

ହଁ ..ନାହିଁ..ହଁ ..ନାହିଁ ..ହେଇହେଇ ସେମାନଙ୍କ ପାଖରେ ଯାଇ ପହଞ୍ଚିଗଲେ ଜଗନ୍ନାଥ । 'ନମସ୍କାର ଆଜ୍ଞା ! ମୁଁ ଜଗନ୍ନାଥ ମାହାନ୍ତେ .. ଆପଣଙ୍କର ପଡୋସୀ ।'

ମୁଣ୍ଡ ଉଠେଇ ଚାହିଁଲେ ସେ ମୁହୂର୍ତ୍ତେ । ସଙ୍ଗେ ସଙ୍ଗେ ଆଖି ଫେରେଇ ନେଲେ, ବୋଧହୁଏ ଝରି ଆସୁଥିବା ଲୁହକୁ ଲୁଚେଇ ଦବାକୁ ।

'ମୁଁ ଏଇଠି କିଛି ସମୟ ବସିଲେ, ଆପଣଙ୍କର ଅସୁବିଧା ହେବନି ତ !'

ପୁଣି ଥରେ ଚାହିଁଲେ ସେ ! ଅୟୁତ ଯୁଗର ପୁଞ୍ଜିଭୂତ ପୀଡା ହାବୁକେଇ ଉଠି ଆସୁଥିଲା, ହେଲେ ପେସାଦାର ଅଭିନେତ୍ରୀ ପରି ତାକୁ ଲୁଚେଇ ପକେଇ ହସ ହସ ମୁହଁରେ କହିଲେ, 'ହଁ ହଁ, ବସନ୍ତୁ ନା ! କ'ଣ ଅସୁବିଧା ଅଛି ସେଥିରେ !'

'ଖାଲି ବସି ତ ହେବନି, କିଛି ଗପସପ ବି କରିବାକୁ ଚାହିଁବି ! ମାନେ କିଛି ଗପ ଆପଣ କରିବେ ଆଉ କିଛି ମୁଁ କରିବି...'

ଧପ୍ କରି ଲିଭିଗଲା ତାଙ୍କ ମୁହଁର ସବୁ ସରସତା ! ଚୁପ୍ ହେଇଗଲେ ଅସମ୍ଭବ ଭାବରେ । ଆଖିରୁ ଝରି ଆସିଲା ଲୁହ । ନାତୁଣୀକୁ ଦୋଳିରେ ଯାଇ ଖେଳିବାକୁ କହି ଚାହିଁଲେ ଜଗନ୍ନାଥଙ୍କ ମୁହଁକୁ । ଅସ୍ପଷ୍ଟ ଶବ୍ଦରେ କହିଲେ, 'କ'ଣ ଜାଣିବାକୁ ଚାହୁଁଛନ୍ତି ଆପଣ ଆଉ କାହିଁକି ? ସେଥିରେ କି ଲାଭ ମିଳିବ ଆପଣଙ୍କୁ ?'

'ମଣିଷ ଜୀବନଟା କ'ଣ ଖାଲି ଲାଭ ଆଉ କ୍ଷତି ଭିତରେ ସୀମାବଦ୍ଧ ! ଏହାର ବାହାରକୁ ଯାଇ କ'ଣ ଆମେ ପରସ୍ପରର ସୁଖଦୁଃଖ କାହା ସହିତ ବାଣ୍ଟି ପାରିବାନି ! ନିଜ ଅଭାବ ଅସୁବିଧାର ସମାଧାନ ଖୋଜିବାନି !'

'ଯୋଉଠି ସମାଧାନଟା ହିଁ ନିଜେ ଗୋଟେ ସମସ୍ୟା, ସେଠି ତାକୁ ଜାଣିଲେ ବି କ'ଣ କରିପାରିବ କେହି ? ଘର ନଥିବା .. ପଇସା ନଥିବା.. ସ୍ୱାଧିନତା ନଥିବା କି ଆଶ୍ରା ନଥିବା ଲୋକର ସମସ୍ୟାଟା କ'ଣ, ତାହା କ'ଣ ସତରେ ବୁଝି ପାରିବ କେହି ! ... ହଉ, ଛାଡନ୍ତୁ ସେସବୁ କଥା !କି ଗପ କରିବେ ମୋ ସହିତ ଆପଣ ଆମ ଘରେ ସବୁବେଳେ କାହିଁକି ପାଟିତୁଣ୍ଡ ହେଉଛି, ମାର୍‌ଧର୍ ହେଉଚି ! ସାହି ପଡିଶାର ଲୋକମାନେ ଆମ ଲାଗି ଅଶାନ୍ତି ଭୋଗ କରୁଚନ୍ତି, ଏଇ ସବୁ ତ ! ହେଲେ, ଦୁଃଖର ସହିତ କହିବି, ସେସବୁ କାହା ଆଗରେ କହିବାର ଆଗ୍ରହ ମୋର ନାହିଁ । ମୁଁ ଯେମିତି ଆପଣଙ୍କ ବିଷୟରେ କିଛି ଜାଣିବା ପାଇଁ ଚାହୁଁନି, ସେମିତି ଆପଣ ..'

'ମୋ ବିଷୟରେ ସାରା ଦୁନିଆ ଜାଣିଚି ଯେତେବେଳେ, ସେଥିରେ ଆଉ ନଜାଣିବା ଭଳି କ'ଣ ଅଛି ଯେ ଆପଣ ଜାଣି ନାହାନ୍ତି ବୋଲି କହିବେ ! ଆପଣ କ'ଣ ଏ ପର୍ଯ୍ୟନ୍ତ ଶୁଣି ନାହାନ୍ତି କାହା ଠାରୁ ଯେ ମୋ ଠାରୁ ବୟସରେ ସାତ ସାନ ମୋର ପତ୍ନୀ ସ୍ୱଇଚ୍ଛାରେ ମୋର ହାତ ଧରିବାକୁ ଆଗେଇ ଆସିଥିଲା ଦିନେ । କିଛି ଦିନ ମୋ ଜୀବନକୁ



ଶସ୍ୟ ଶ୍ୟାମଳ କରି ରଖିଲା ପରେ ହଠାତ୍ ଦିନେ ଆମ ଘରେ କାମ କରୁଥିବା ପିଲାଟି ସହିତ ମତେ ଛାଡି ପଳେଇଲା.. ଏହା ପଛରେ ଥିବା କାରଣକୁ ବି ଶୁଣିଥାଇ ପାରନ୍ତି ଯେ ମୁଁ ତାକୁ କୁଆଡେ କୌଣସି ପ୍ରକାରର ସୁଖ ଦେଇପାରିଲିନି ଜୀବନରେ, ଯାହା ପାଇବାର ତା'ର ହକ୍ ଥିଲା ! ମୁଁ କୁଆଡେ କେବଳ ପଇସା ରୋଜଗାର କରିବା ଜାଣିଥିଲି, ସ୍ତ୍ରୀ'କୁ ଭଲ ପାଇବା ନୁହେଁ ..!

ଆପଣଙ୍କ ଘରେ ପଇସା ନାହିଁ ବୋଲି ସମସ୍ୟା ଅଛି, ଆଉ ମୋ ପାଖରେ ଥିବା ପଇସା ହି ମୋର ସବୁ ସମସ୍ୟାର କାରଣ ...ସେଇ ପଇସାର ମୋହ ତାକୁ ବାଧ୍ୟ କରିଥିଲା ଦିନେ ମୋର ହାତ ଧରିବାକୁ । ଆଉ ଗଲା ବେଳେ ବି ... 'ହଉ ଛାଡନ୍ତୁ ମୋ କଥା, ସେସବୁ ସହିତ ମୁଁ ସନ୍ଧି କରିନେଲିଣି କେବେଠୁ । ଆପଣ ନିଜ ବିଷୟରେ କିଛି କୁହନ୍ତୁ ତ !'

ଦୁଇ ତିନି ମିନିଟ୍‌ର ନିରବତା, କହିବେ ନକହିବେର ଦ୍ୱିଧା, ସେସବୁକୁ ବଡ କଷ୍ଟରେ ଅତିକ୍ରମ କରିଗଲା ପରେ ପାଟି ଖୋଲିଲେ ସେ, 'ଆପଣ ଯାହା ଭାବୁଛନ୍ତି, ସେସବୁ ଠାରୁ ମୋ କାହାଣୀ ଖୁବ୍ ବେଶୀ ଭିନ୍ନ । ଜୀବନର ଉଠାପକା ଖେଳରେ କେବେ ଉଠି ପାରିଲିନି ଉପରକୁ ଶତ ଚେଷ୍ଟା କରି ମଧ୍ୟ ! ନିଜର ଘରସଂସାର, ପିଲାଛୁଆ, ସମ୍ମାନଜନକ ଜୀବନ ..ସବୁ ଥିଲା । କିନ୍ତୁ ସ୍ୱାମୀଙ୍କର ଅସମୟ ମୃତ୍ୟୁ ପରେ ଘରଡିହ ବାଡି ନିଲାମ ହେଇଗଲା । ଦୁଃଖ ଖାଲି ସେତିକି ନୁହେଁ, କୌଣସି ମତେ ସବୁକିଛି ଭୁଲି ସଂସାର ଚଳେଇଲା ଭିତରେ ଚଡକ ଆସି ପଡିଲା ଯୋଉଦିନ ପୁଅ, ନିଜ ପତ୍ନୀ ଆଉ ପିଲାକୁ ମୋ ଜିମାରେ ଛାଡି ଅନ୍ୟ କାହା ସହିତ ଯାଇ ଘର ବାନ୍ଧିଲା !

କେତେ କଷ୍ଟରେ ପାଠଶାଠ ପଢ଼େଇ ବାପ ଛେଉଣ୍ଡ ପିଲାଟିକୁ ମୁଁ ମଣିଷ କରିଥିଲି । ଲୁହ ଲହୁ ଢ଼ାଳି ନିଜ ଗୋଡରେ ତାକୁ ଠିଆ କରିଥିଲି । ରାଇଜ ସାରା ଖୋଜି ଖୋଜି ସୁନାନାକୀ ବୋହୂ ବି ଆଣି ଦେଇଥିଲି । କିନ୍ତୁ କ'ଣ ପଶିଲା ତା' ମୁଣ୍ଡରେ ! କି ଦୁର୍ବୁଦ୍ଧି ଜୁଟିଲା ..ସୁନାର ସଂସାରରେ ନିଆଁ ଲଗେଇ ଆଉ ଜଣଙ୍କୁ ନିଜର କରିବାକୁ ଲୁଚି ପଳେଇଲା । ଭୁଲିଗଲା ବୁଢ଼ୀ ମାଆ କଥା .. ଯୁବା ପତ୍ନୀ କଥା .. ଆଉ ଅବୋଧ ଶିଶୁଟିର କଥା, ଯିଏ ଏଇ ବର୍ଷେ ହେବ ସଂସାରରେ ପାଦ ଥୋଇଥିଲା !

କେତେ ଖୋଜାଲୋଡା କଲି .. ସାହି ପଡିଶା, ସାଙ୍ଗସାଥିଙ୍କୁ ଯାଇ ପଚରା ଉଚୁରା କଲି, କିନ୍ତୁ ଲାଭ କିଛି ନଥିଲା । ଉଡନ୍ତା ଚଢ଼େଇ ବସା ଛାଡି ଉଡି ଯାଇଥିଲା ଦୂର ଗଗନକୁ । ଆଶାର ମହଲ ଧୂଳିସାତ୍ ହେଇ ସାରିଥିଲା । ବିଶ୍ୱାସ କରି ନପାରିଲେ ବି ତାହା ହିଁ ସତ୍ୟ ଥିଲା ।

ଜୀବନରେ ଆଉ ପାଇଲି କ'ଣ .. ଖାଲି ଦୁଃଖ ହିଁ ଦୁଃଖ ! ସ୍ୱାମୀ ଚାଲିଯିବାର ଦୁଃଖ ଏ ପର୍ଯ୍ୟନ୍ତ ବି ଫିକା ପଡି ନଥିଲା ବେଳେ ପୁଅ ପର ହେଇଯିବାର ଦୁଃଖ ଛାତି ଉପରେ କୁଢ଼େଇ ପଡିଲା । ତଥାପି ମନ ଦୃଢ଼ କଲି । ବୋହୂ ଆଉ ନାତୁଣୀ ସହିତ ବଞ୍ଚିବା ଶିଖିଲି । କିନ୍ତୁ କେତେ ଦିନ ? ପୁଅ ଯେତେବେଳେ ପଚାରିଲା ନାହିଁ, ସେତେବେଳେବୋହୂ ବା କାହିଁକି ମୋର ଦାୟିତ୍ୱ ନେବ ! ମୁଁ ଯେ ତା' ପାଦର ବେଡି, ସେକଥାକୁ ଦିନରାତି କହି ମତେ ଖୁଣ୍ଟା ଦିଏ । କୋଉ ଅଧିକାରରେ ତା' ପାଖରେ ରହୁଛି ବୋଲି ରାଗରେ ପଚାରେ ।

ହେଲେ କୋଉ ଗୋଟିକ ପ୍ରଶ୍ନର ଉତ୍ତର ମୋ ପାଖରେ ନାହିଁ । ଏତେ ବଡ ଦୁନିଆରେ ନିଜର କହି ଚାଲିଆଟିଏ ନାହିଁ, ଯୋଉଠି ମୃତ୍ୟୁ ପର୍ଯ୍ୟନ୍ତ ଠାକୁରଙ୍କର ନାମ ଜପ କରି ନିଶ୍ଚିନ୍ତରେ ରହିପାରିବି ! କେହି ତ ମୋ କଥା ଦିନେ ହେଲେ ଚିନ୍ତା କଲେ ନାହିଁ, ତେଣୁ ବୋହୂ ପାଟି କରୁ କି ମାରୁ, ତାକୁ ଦୋଷ ଦେଇ ପାରିବି ନାହିଁ । ତାରି ଲାଗି ମୁଣ୍ଡ ଉପରେ ଛାତଟିଏ ତ ପାଇଚି !

କିନ୍ତୁ ସେ ସୁଖ ବି ଶେଷ ହେବାର ଦିନ ଆସି ଯାଇଚି ଏବେ !ସେ ନିଜ ପାଇଁ ଜୀବନସାଥୀ ଯୋଗାଡ କରିସାରିଛି । ସେଥିପାଇଁ ମତେ ବାଧ୍ୟ କରୁଚି ନାତୁଣୀକୁ ନେଇ ଏଠୁ ଚାଲିଯିବାକୁ । ଆମ ଦାୟିତ୍ୱ ଆଉ ଏଣିକି ସେ ନେଇପାରିବ ନାହିଁ । ମାତ୍ର କୁଆଡେ ଯାଇ ପାରିବି ମୁଁ ! କିଏ ବା ଅଛି ମୋର !' ଏକା ନିଃଶ୍ୱାସରେ କହି ଚାଲିଥିଲେ ସେ କମା କି ପୂର୍ଣ୍ଣଚ୍ଛେଦ ନ ପକେଇ । ସତେ ଯେମିତି କାହା ଆଗରେ କହିବାକୁ ବ୍ୟାକୁଳ ହୋଇ ଅପେକ୍ଷା କରି ବସିଥିଲେ କାହିଁ କେତେ ଯୁଗରୁ ! ତାଙ୍କ ଉଜୁଡା ସଂସାରର କାହାଣୀ ଖୁବ୍ ବେଶି ଦୀର୍ଘ ନଥିଲା କି ଆନନ୍ଦଦାୟକ ବି ନଥିଲା । ଗୋଟିଏ ଅନିଶ୍ଚିତ ଆସନ୍ତାକାଲିର ଆଶଙ୍କାରେ ତିଳ ତିଳ କରି ଜଳି ଯାଉଥିବା ବର୍ତ୍ତମାନର ସେ ଥିଲେ ଏକାକୀ ଅଶ୍ୱାରୋହୀ !

'ପୁଅକୁ ଖବର ପଠେଇଲ ନାହିଁ ?'

'କ'ଣ ହେଇଥାନ୍ତା ! ତା' ପାଖରେ ହୃଦୟଟିଏ ଥିଲେ, ନିଜ ଝିଅର ବ୍ୟାକୁଳତାକୁ କ'ଣ ଦେଖି ପାରିନଥାଆନ୍ତା ! ତା'ର କଷ୍ଟ ଯନ୍ତ୍ରଣାରେ ଭରା ମୁହଁକୁ ଦେଖି ଛାତି ଫାଟି ଯାଇନଥାନ୍ତା !'

'କ'ଣ ହେଇଚି କି ତା'ର ?'

'କ୍ୟାନ୍ସର୍ ।' ଚମକି ପଡି ବୁଲିକି ଚାହିଁଲେ ଜଗନ୍ନାଥ ସେହି ନିଷ୍ଠୁର ସତ୍ୟକୁ ସହଜରେ କହି ଦେଇଥିବା ସ୍ୱରକୁ ! ବଡ ନିଷ୍ପ୍ରଭ ଥିଲା ସେ ସ୍ୱର । କାହିଁ କେତେ ଦୂରରୁ ଭାସି ଆସୁଥିଲା ଯେମିତି ! ହେଲେ ପଥରକୁ ବି ତରଳେଇ ଦେବାର କ୍ଷମତା ଥିଲା ସେଥିରେ ।

'ଏସବୁ ଦାୟିତ୍ୱରୁ ମୁକ୍ତି ତାକୁ ଦରକାର ଥିଲା । ତେଣୁ ସେ ପଳେଇଗଲା । ହେଲେ ମୁଁ କ'ଣ ସେମିତି କରି ପାରିବି ? ମୁଁ ଚାଲିଗଲା ପରେ ତା' ଅବସ୍ଥା କ'ଣ ହେବ... ! କେତେଦିନ ଆଉ ସେ ବଞ୍ଚିବ ଯେ ..'ଶେଷ କଥା ଗୁଡା ଆଉ ଶବ୍ଦରେ ରୂପାନ୍ତରିତ ହେଇ ପାରିଲାନି । ହଜିଗଲା କୋହ ଆଉ ଲୁହର ଯୁଗଳବନ୍ଦୀ ଭିତରେ ।

କିଛି ସମୟର ନିରବତା ପରେ ପୁଣି ପାଟି ଖୋଲିଲେ ଜଗନ୍ନାଥ, 'ତୁମେ କେବେ ନିଜ ପାଇଁ ଗୋଟେ ଘର ଖୋଜିଲନି କାହିଁକି ?'

ଚାହିଁଲେ ସେ । ଯୁଗ ଯୁଗର ଏକାନ୍ତ ପଣ ଲହଡି ଖେଳୁଚି ତା' ଭିତରେ । ସେ ଦୁଃଖର ମାତ୍ରା ଏତେ ଅଧିକ ଥିଲା ଯେ ତାଙ୍କୁ ଆଉ କ'ଣ କହିଲେ ସେ ସାନ୍ତ୍ୱନା ପାଇବେ, ସେକଥା ଚିନ୍ତା କରି ପାରୁନଥିଲେ । ମୁଣ୍ଡକୁ ତଳକୁ କରି ନିଜ ସହ ସଂଘର୍ଷ କରୁଥିଲେ ଯେମିତି । ସଂସାରର ସବୁଯାକ କାକଳିକୁ ନିଜ ଭିତରେ ସାଉଁଟି ପକେଇବାକୁ ଚେଷ୍ଟା କରି ହାରି ଯାଉଛନ୍ତି ଯେମିତି ! ବେଶ୍ ସମୟର ନିରବତା ପରେ ଅସ୍ପଷ୍ଟ ସ୍ୱରରେ କହିଲେ- 'ଇଚ୍ଛା ନଥିଲା ବୋଲି ତ କହି ପାରିବିନି... ତେବେ ଜୀବନର ସାୟାହ୍ନରେ କାହାକୁ ଖୋଜିଥାନ୍ତି ! କୋଉ ମୁହଁରେ କହିଥାନ୍ତି କାହାକୁ, ମତେ ସାଥୀ କରିନିଅ ବୋଲି ! ଲାଜ ସରମ ତ୍ୟାଗି ସାହସ କରି କହିଥିଲେ ବି କି ଆଶାରେ ମତେ ନେଇଥାନ୍ତା କେହି ! କୋଉ କାମରେ ଆସିବି କାହାର ମୁଁ ! ଆମ ସମାଜରେ କ'ଣ ସେପରି କଥାଟେ ଗ୍ରହଣୀୟ ହେଇପାରିବ !'

ନିରବ ହେଇଗଲେ ସେ । ମନ ଭିତରର ସବୁକଥାକୁ କ'ଣ କାହାକୁ କହି ହୁଏ ସତରେ !

ଚାହିଁଲେ ଜଗନ୍ନାଥ ପଶ୍ଚିମ ଆକାଶକୁ ।

ଅସ୍ତାଚଳର ସୂର୍ଯ୍ୟ ନିଜ ଆଭା ଏ ପର୍ଯ୍ୟନ୍ତ ବି ଖେଳେଇ ରଖିଛି ସେଠି । ଆଜିର ତମାମ୍ ଦାୟିତ୍ୱ ତା'ର ସରି ଆସିଲାଣି । ତଥାପି ବି ଲୁଚି ଯିବାର ତତ୍ପରତା ନାହିଁ ତା' ପାଖରେ । ସବୁ ସରିଗଲା ପରେ ବି ଆଶାର ଛୋଟିଆ କିରଣ ମନ ଆକାଶକୁ ରଙ୍ଗୀନ କରି ରଖିଛି । ହଁ, ଏଇଟା ବି ଜୀବନର ଗୋଟେ ରଙ୍ଗ ! ସେ ରଙ୍ଗରେ ଦେହମନ ରଙ୍ଗେଇ ହୁଏନି ସିନା, କିନ୍ତୁ ଜୀବନ ପାଇଁ ନୂଆ ଏକ ପରିଚ୍ଛେଦ ତ ଲେଖିହୁଏ !

ଜଗନ୍ନାଥ ଫେରି ଚାହିଁଲେ ତାଙ୍କ ଆଡେ । ଆଖିର ଜ୍ୟୋତି ନିଷ୍ପ୍ରଭ...ମୁଣ୍ଡରେ ଶୁଭ୍ର କେଶ... ହାତଗୋଡରେ ଶିରାପ୍ରଶିରାର ଜାଲ, ତଥାପି ମୁହଁରେ ତାଙ୍କର ସଦ୍ୟ ପ୍ରସ୍ଫୁଟିତ ପୁଷ୍ପର ସ୍ନିଗ୍ଧତା । ଗଙ୍ଗାର ପବିତ୍ରତା । ଯାହା ସେ କେବେ ଦେଖି ପାରିନଥିଲେ ନିଜର ବିବାହିତ ପତ୍ନୀର ମୁହଁରୁ । କୂଟକପଟରେ ଭରା ତା'ର ମୁହଁକୁ ଚାହିଁଲେ, ତାଙ୍କ ଭିତରେ ପ୍ରେମର ଜୁଆର କୂଳ ଲଂଘୁ ନଥିଲା, ବରଂ ତାକୁ ବିବାହ କରି, କରି ଦେଇଥିବା ଭୁଲ୍‌ର ଆତ୍ମଗ୍ଲାନି ଆସୁଥିଲା ।

ସେ ଯିବାର ଏତେ ବର୍ଷ ପରେ ବି ତାଙ୍କ ଭିତରର ଗ୍ଲାନି ମରି ପାରୁନି ! ତାଙ୍କ ଭିତରର ଭଙ୍ଗାରୁଜା ଶେଷ ହେଇପାରୁନି । ଯାହାକୁ ସମୁଦାୟ ପୃଥିବୀ ବୋଲି ଭାବୁଥିଲେ, ସେ ଯେ ଏକ ଛପର ଉଡା ଚାଳିଆ ଠୁ ବି ହୀନ ଥିଲା, ତାହାର ଅନୁଭବକୁ ପାସୋରି ପାରୁନାହାନ୍ତି । ମଣିଷ ବଞ୍ଚିବା ପାଇଁ କେବଳ ଫମ୍ପା ଆମୀୟତା ନୁହେଁ, ଏକ ଦୃଢ଼ ସହାୟତା ଦରକାର, ଯାହା ତାଙ୍କ ପତ୍ନୀଙ୍କ ପାଖରୁ ସେ କେବେ ପାଇନଥିଲେ ।

ଜୀବନରେ ସେ କେବଳ ଗୋଟିଏ କାମନା କରିଥିଲେ– ସୁନ୍ଦର ସୁଶୋଭିତ ଘର, ତା' ଭିତରେ ଦେବୀ ପ୍ରତିମା ପରିକା ପତ୍ନୀ, ଯାହାକୁ ପ୍ରାଣ ଭରି ସେ ଭଲ ପାଇପାରିବେ । ପାଇଲେ ତ ସେ ସବୁକିଛି – ସୁଶୋଭିତ ଘର .. ଦେବୀ ପ୍ରତିମା ପରିକା ପତ୍ନୀ, କିନ୍ତୁ ସେ ପତ୍ନୀକୁ ସେ କେବେ ଭଲ ପାଇ ପାରିଲେ ନାହିଁ । ସେ ତାଙ୍କ ହୃଦୟ ଉପରେ ନୁହେଁ, ବରଂ ତାଙ୍କ ଉପରେ ହୁକୁମ କରିବାକୁ ଆସିଥିଲା ଘର ଭିତରକୁ । ଧନସମ୍ପତ୍ତିର ମାୟାରେ ପତଙ୍ଗ ସମ ଟାଣି ହେଇ ଆସିଥିଲା । ଯେମିତି କପଟ କରି ଆସିଥିଲା, ସେମିତି କପଟ କରି ଚାଲି ବି ଗଲା । କଣ୍ଢେଇ ଖେଳ ପରି ପ୍ରେମଟା ବି ତାଙ୍କ ଜୀବନରୁ ଖେଳରେ ଖେଳରେ ଶେଷ ହେଇଗଲା । ତା'ର ଅବର୍ତ୍ତମାନରେ ତାଙ୍କ ଜୀବନର ଏକ ପ୍ରଶସ୍ତ ସ୍ଥାନକୁ ଅକ୍ତିଆର କରି ନେଇଥିଲା ଏକାନ୍ତତା । ଛିଟିକି ପଡିଥିଲେ ସେ ସ୍ୱପ୍ନ ଆଉ ସମ୍ଭାବନା ଠାରୁ ।

ବହୁତ ଥର ମନକୁ ଆସିଛି ଆଉ ଥରେ ଜୀବନକୁ ସଜେଇବେ ନିଜ ପାଇଁ । କାହାକୁ ଭଲ ପାଇ ନୁହେଁ, ଖାଲି କାହାର ହାତ ଧରି ନିର୍ଭୟରେ ବାଟ ଚାଲିବେ । କିନ୍ତୁ ଜୀବନର ଉତ୍ତର ବୟସରେ ନିଜ ପାଇଁ ଏତେ ଦୃଢ଼ ପଦକ୍ଷେପ ନେବାକୁ ଲୋଡା ଥିବା ଆତ୍ମବିଶ୍ୱାସ ତାଙ୍କ ପାଖରେ ଆଉ ନଥିଲା । ସମାଜର ଭୟ ତାଙ୍କୁ ଚାରିପଟରୁ ଜାବୁଡି ଧରିଥିଲା ।

ମାତ୍ର ଆଜି ଏତେ ବର୍ଷ ପରେ ଲାଗୁଛି ସେପରି ଏକ ଭୟର ହେତୁ ବା କ'ଣ ଥିଲା ! ତାଙ୍କର ଜୀବନ ..ସେ ଯେମିତି ଚାହିଁବେ ସେମିତି ଜିଇଁବେ, ସେଥିରେ ସମାଜର କ'ଣ ଯିବ ନା ଆସିବ ! ବୟସ ଥିଲା ବେଳେ ଯଦି କାହାର ସାହାଚର୍ଯ୍ୟର ଆବଶ୍ୟକତା ମଣିଷ ଲୋଡିପାରେ, ବୟସ ଗଡିଗଲା ପରେ କ'ଣ ସେ ଆବଶ୍ୟକତା ଶେଷ ହେଇଯାଇ ପାରେ ! ଆବଶ୍ୟକତାଟା କ'ଣ ସବୁବେଳେ କେବଳ ଦେହକୁ ନେଇ ? ମନର ଅସ୍ତିତ୍ୱ କିଛି ନାହିଁ ଜୀବନରେ !

'ଏତେ ବର୍ଷ ଏକା ରହି ରହି ମନ ଉପରେ ଶିଉଳି ଜମି ଗଲାଣି ସତ, ହେଲେ ସତ କହିବି, ଆଜି ବି କେବେ କେବେ ମୁଁ ଅନୁଭବ କରେ ନିଜ ପ୍ରତି ମୁଁ ଅନ୍ୟାୟ କରିଛି !ଯୋଉ ବୟସରେ ସ୍ୱାମୀଙ୍କୁ ହରେଇଲି, ସେ ବୟସରେ ଆଜିକାର ପିଢ଼ି ବାହା ହେଇ ଘରସଂସାର ବି କରୁନାହାନ୍ତି ! ଏତେ ଗୁଡା ବର୍ଷ ଦେହ ମନକୁ ଶୃଙ୍ଖଳାରେ ବାନ୍ଧି ଯୋଉମାନଙ୍କ ପାଇଁ ତିଳି ତିଳି କରି ନିଜକୁ ଜାଳିଦେଲି, ସେଇମାନେ ହିଁ ମତେ ବୋଝ ମଣି ଆଶ୍ରୟହୀନା କରିଦେଲେ । ନା ନିଜ ପାଇଁ ସାଥି ଖୋଜିଲି, ନା ନିଜ ମୁଣ୍ଡ ଉପର ଛାତକୁ ମଜଭୁତ କଲି, ଏବେ ସବୁ ଭାଙ୍ଗି ପଡିଲା ପରେ ଆଖି ଖୋଲି ଚତୁର୍ଦ୍ଦିଗକୁ ନିରୀକ୍ଷଣ କଲା ବେଳକୁ ମୁଁ ଯେ କେତେ ଏକୁଟିଆ, କେତେ ଅସଂପୂର୍ଣ୍ଣ, ତାହାର ହେତୁ ହେଉଛି .. କିନ୍ତୁ .. କିନ୍ତୁ ..ମୋ ପାଖରେ ଏବେ ଆଉ ଉପାୟ କ'ଣ ଅଛି .. ! ! ରାତି ପାହିବା ଆଗରୁ ମତେ ନିଜ ପାଇଁ ନହେଲେ ବି ମାମା ପାଇଁ କିଛି ବ୍ୟବସ୍ଥା କରିବାକୁ ହେବ .. କିନ୍ତୁ କ'ଣ ? ସେକଥା ମୁଁ ସତରେ ଚିନ୍ତା କରିପାରୁନି !'

ଥରିଲା କଣ୍ଠର କଥା ସବୁ ପବନରେ କୁଆଡେ ହଜି ହଜି ଗଲା । ଆଖି ଲୁହରେ ଅନ୍ଧ ହେଇଗଲା । ତଥାପି ନିଜକୁ ଆଶ୍ୱାସନା ଦେବା ପାଇଁ ସେ କହୁଥିଲେ, 'ମୁଁ ମୋ ପାଇଁ ଏତେ ବେଶି ଚିନ୍ତିତ ଆଉ ନୁହେଁ । ସରି ଆସିଲାଣି ଜୀବନ.. କେମିତି କରି ଆଉ କିଛି ବର୍ଷ ବି କଟିଯିବ ! କିନ୍ତୁ ଚିନ୍ତା କେବଳ ମାମାକୁ ନେଇ .. ତା'ର ରୋଗକୁ ନେଇ .. ତା'ର ଅଧା ଦେଖା ସ୍ୱପ୍ନକୁ ନେଇ .. ସିଏ ତ ଜୀବନରେ କିଛି ବି ପାଇଲା ନାହିଁ ! ନା ବାପା ମା'ଙ୍କ ସ୍ନେହ ଆଦର .. ନା ସୁସ୍ଥ ଶରୀର .. ନା ନିଜର କହି ଚାରିକାନ୍ଥର ଏକ ଘର, ଯାହା ପାଇଁ ସତରେ ସେ ଖୁବ୍ ବ୍ୟାକୁଳ ! ମୁଁ ତାକୁ ଏ ଜନ୍ମରେ କିଛି ବି ଦେଇ ପାରିଲିନି ..'

'ଯଦି ମୁଁ କହିବି ଚାଲ ଆମେ ପରସ୍ପରର ସାଥି ହେବା, ତେବେ ଆସିବ କି ତୁମେ ?'

'କୁଆଡେ ?'

'ଘରକୁ । ମାନେ ଆମ ଘରକୁ ..ଆସିବ ?'

ମୁଣ୍ଡ ଟେକି ଚାହିଁଲେ ସେ ଜଗନ୍ନାଥଙ୍କୁ । କ'ଣ ଦିଶୁଛି ସେ ଆଖିରେ ? ଆଶା ..ଭରସା ..ବିଶ୍ୱାସ ..ନା କେବଳ ପ୍ରତାରଣା ? ଖୁବ୍ ନିକଟରେ ଶୁଭୁଥିବା ପାଦଶବ୍ଦଟା ସତରେ କାହାର – ସୁଖର ନା ଦୁଃଖର ! ଅନ୍ଧାରର ନା ଆଲୋକର ?

'ଏ ବୟସରେ ମତେ ସାଥୀ କରି ନେବାଟା ତୁମ ପାଇଁ ଏକ ବୋଝ ବ୍ୟତୀତ ଆଉ କ'ଣ ହେବ ଯେ ଏତେ ଆଗ୍ରହରେ ଡାକୁଛ ?'

'ବିନା ବୋଝରେ ଜୀବନ ଜିଇଁବାର ଦୁଃଖ, ତୁମ ଦୁଃଖ ଠାରୁ କିଛି କମ୍ ତ ନୁହେଁ । କୋଳାହଳ ଭିତରେ ସମୟ ଆଗକୁ ଯେତେ ଦ୍ରୁତ ବେଗରେ ମାଡି ଚାଲିଯାଏ, ତା'ର କାଣିଚାଏ ଗତିରେ ବି ଆଗେଇ ପାରେନା ଶୂନ୍ୟତା ସହିତ ସନ୍ଧି କରି କରି ! ମତେ ତମ କୋଳାହଳରୁ କିଛି ଲୋଡା ! ମତେ ସେତକ ତ ଦେଇ ପାରିବ ତୁମେ ? ଆଲୋକକୁ ପଛ କରି ଦର୍ପଣରେ ନିଜ ମୁହଁକୁ ଦେଖିବାର ପ୍ରୟାସ କରି କରି ଆତଙ୍କିତ ହେଇ ଉଠିବା ଅପେକ୍ଷା, ଅନ୍ଧାରରୁ ବାହାରି ଚାଲିଯିବା କ'ଣ ସଠିକ୍ ନିର୍ଣ୍ଣୟ ହେବନି ? ମୁଁ ଏ ଅନ୍ଧାରରୁ ବାହାରି ଯିବାକୁ ଚାହୁଁଛି .. ତୁମ ଦୁଇ ଜଣଙ୍କୁ ବି ବାହାର କରି ନେବାକୁ ଚାହୁଁଛି ! ଆସିବ କି ମୋ ସାଥିରେ ?'

ଅନ୍ଧାର ତ ସତରେ ମାଡି ଆସିଲାଣି ଚାରିଆଡୁ । ତଥାପି ଆଶାର କିରଣଟିଏ ତାଙ୍କ ପାଇଁ କୋଉଠୁ ଝରି ଆସୁଚି । ହସିଦେଲେ ତୃପ୍ତି ଆଉ ବିଶ୍ୱାସର ହସଟିଏ । ନାତୁଣୀକୁ ଡାକିଲେ, 'ମାମା, ଆ ଘରକୁ ଯିବା । ସମୟ ହେଇଗଲାଣି ।'

'ନାହିଁ ଜେଜୀ, ଏବେ ବି ଆଲୁଅ ଯାଇନି !'

'ସେଇଥିପାଇଁ ତ କହୁଛି ଆ ଯିବା, ଏତେ ଦିନ ପରେ ଘରକୁ ଯିବାର ବାଟଟେ ମିଳିଛି ଯଦି ସ୍ୱଚ୍ଛ ଆଲୁଅରେ ଥରେ ଦେଖିନେବା ସେ ବାଟକୁ !'

କହୁ କହୁ ଅତି ଆବେଗରେ ସେ ଧରିନେଲେ ଜଗନ୍ନାଥଙ୍କର ହାତକୁ । ଆଉ ଆଜି ଦୀର୍ଘ ବର୍ଷର ଏକାନ୍ତ ଜୀବନରୁ ମୁକ୍ତି ମିଳିଗଲା ଭାବି ଏତେ ବିଭୋର ହୋଇଗଲେ ଜଗନ୍ନାଥ ଯେ ନିଜ ଅଜାଣତରେ ସେଇ ଶିରାଳ ହାତ ଦୁଇଟିକୁ ଜାବୁଡି ଧରିନେଲେ ନିଜ ମୁଠା ଭିତରେ ।

ଆଗେଇ ଗଲେ ସେମାନେ ଅସ୍ତସୂର୍ଯ୍ୟର ଲୋହିତ ଆଭା ଆଡକୁ ଚାହିଁ ଚାହିଁ । ସମସ୍ତଙ୍କୁ ଏବେ ନିଜ ନିଜ ଈପ୍ସିତ ଘରର ଠିକଣା ସତରେ ମିଳି ଯାଇଥିଲା ବୋଧେ !

SUPRATIK INFRAVENTURES

# The best property in the town to live



Few Villas Available



2BHK, 3BHK & 4BHK Flats Available

## Ammenities



MULTI FACILITY GYM



SWIMMING POOL



ROOFTOP GARDEN



BANQUET HALL



**Supratik Infraventures Private Limited**

Branch Office: Alupur, Near Laxminaryan Temple, O.T. Road, Balasore - 756001

+91-7205330222 | sales@supratikinfraventures.com

www.supratikinfraventures.com



**ଆମ ପରିବାରମାନଙ୍କରେ ଜମିଜମା ଏବଂ ବିବାହ ଛାଡ଼ପତ୍ର ତଥା ମହିଳାମାନଙ୍କ ସମ୍ପର୍କିତ ଅଧିକାରକୁ ନେଇ ଆମ ଆଇନ କଣ କହେ ସେ ବାବଦରେ ମହିଳାମାନେ ଅନେକ କଥା ଜାଣିନଥାନ୍ତି । ଭୁବନେଶ୍ୱର ବାର୍ ଏସୋସିଏସନ୍‌ରେ ୨୦୧୮ରୁ ସଭ୍ୟା ଥିବା ଆଡ଼ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ 'ରେବତୀ' ପୃଷ୍ଠାରେ ଆଇନକାନୁନ୍‌କୁ ନେଇ ଦେଉଛନ୍ତି ପରାମର୍ଶ । ଆପଣମାନେ ଆଇନ ସମ୍ବନ୍ଧିତ ପ୍ରଶ୍ନ ମଧ୍ୟ ପଚାରି ପାରନ୍ତି ।**

## ଆଇନ ପରାମର୍ଶ - ୧୬

# ଆଇନ୍‌କାନୁନ୍ : ଚେକ୍ ବାଉନ୍ସ ହେଲେ କରିବେ କ'ଣ ?



**ଆଡ଼୍‌ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ**
ଭୁବନେଶ୍ୱର ବାର୍ ଏସୋସିଏସନ୍
ଫୋନ : ୯୩୦୯୧୧୯୬୨୫

ଚେକ୍ ବାଉନ୍ସ ହେଲେ ଆପଣ ଭୟଭୀତ ନହୋଇ ସମସ୍ତ ତଥ୍ୟ ଜାଣନ୍ତୁ । ଠିକ୍ ସମୟରେ ଠିକ୍ କାମ କଲେ ଆପଣ କୌଣସି ସମସ୍ୟାର ସମ୍ମୁଖୀନ ହେବେ ନାହିଁ । ତେବେ ଚେକ୍ ବାଉନ୍ସ ହେଲେ ଆପଣ କରିବେ କ'ଣ ? ଚେକ୍ ବାଉନ୍ସ ହେବା ପରେ ବକେୟା ରାଶି ଆଦାୟ ହୋଇପାରିବ ତ ? ଏପରି ଅନେକ ପ୍ରଶ୍ନ ଆମ ମନ ମଧ୍ୟରେ ଉପୁଜିଥାଏ । ତେବେ ବିସ୍ତୃତ ଭାବେ ଆସନ୍ତୁ ଜାଣିବା ।

– ଚେକ୍ ବାଉନ୍ସ ପାଇଁ ୧୩୮ ସେକ୍‌ସନ୍ ନିଗୋସିଏବୁଲ୍ ଇନ୍‌ଷ୍ଟ୍ରୁମେଣ୍ଟ୍ ଆକ୍ଟ (Negotiable Instrument Act) ବ୍ୟବହୃତ ହୁଏ ।



– ଚେକ୍ ବାଉନ୍ସକୁ ଟେକ୍‌ନିକ୍ ଭାଷାରେ ଡିସ୍‌ଅନର୍ ଚେକ୍ ମଧ୍ୟ କୁହାଯାଏ । ଡିସ୍‌ଅନର୍ ଚେକ୍, ଯେଉଁଠି ବ୍ୟାଙ୍କ୍ ପଇସା ଦେବାକୁ ମନା କରିଥାଏ ।

– ଚେକ୍ ବାଉନ୍ସ ହେବା ପରେ ଆଇନତଃ ପରିଚାଳନା ହୁଏ । ସର୍ବପ୍ରଥମେ ନୋଟିସ୍ ପଠାଯାଏ । ବ୍ୟାଙ୍କ୍‌ରୁ ଚେକ୍ ଫେରିଯିବାର ୩୦ଦିନ ଭିତରେ ଏହି କାମ କରାଯାଏ । ଏଥିରେ ନୋଟିସ୍ ଡ୍ରୟରର ନାମ ଥାଏ, ଅଥବା ସିଏ ନିଜ ଖାତାରୁ ଚେକ୍ ପ୍ରଦାନ କରିଛି । ଯଦି ଡ୍ରୟର୍ ନୋଟିସ୍ ମିଳିବା ପରେ ପଇସା ଦେଇଦିଏ ତେବେ ମାମଲା ପଞ୍ଜିକୃତ ହେବ ନାହିଁ । ଯଦି ପଇସା ଦେବାକୁ ମନାକରେ ତେବେ ୩୦ଦିନରେ ମାମଲା ପଞ୍ଜିକୃତ ହୁଏ । ମାମଲା ପୁଣି ଅଦାଲତକୁ ଯାଏ, ତା'ର ସମାଧାନ ଅଦାଲତରେ ହୁଏ ।

– ନୋଟିସ୍ ଡ୍ରାଫ୍ଟ କରିବା ସହଜ କାମ ହୋଇନଥାଏ । ବହୁତ ଲୋକ ଅବହେଳାରୁ ଯେମିତି ସେମିତି ନୋଟିସ୍ ଡ୍ରାଫ୍ଟ କରିଦିଅନ୍ତି । କିନ୍ତୁ ଯେତେବେଳେ ଚେକ୍ ବାଉନ୍ସ କେସ୍ ଡ୍ରାଫ୍ଟ କରାଯାଏ ଏଥିରେ ଆଇନଗତ ପରିଚାଳନାର ଧ୍ୟାନ ରଖିବାକୁ ପଡ଼ିଥାଏ । ନୋଟିସ୍ ଦେବା ପୂର୍ବରୁ ନୋଟିସ୍‌ର ନିୟମକୁ ଠିକ୍ ଭାବେ ଜାଣି ବୁଝିବା ଦରକାର । ନୋଟିସ୍‌ର ଅର୍ଥ ତତ୍‌କ୍ଷଣାତ୍ କାର୍ଯ୍ୟକାରୀ କରାଯିବନି । ଏଥିରେ ପ୍ରକାଶ କରାଯାଏ ଆପଣଙ୍କ ଉପରେ କର୍ଯ୍ୟାନୁଷ୍ଠାନ ଆରମ୍ଭ କରା ହେବ । ଏଥିପାଇଁ ନୋଟିସ୍ ଲେଖିବା ପୂର୍ବରୁ ଏସବୁ କଥାକୁ ଧ୍ୟାନ ରଖିବାକୁ ହେବ । ଯଦି ଥରେ ନୋଟିସ୍ ଦେଇ ଦେଉଛନ୍ତି ତେବେ ସେଥିରେ କୌଣସି ପରିବର୍ତ୍ତନ ହୋଇପାରିବ ନାହିଁ । ଏହି କାମ କୌଣସି କାନୁନ୍ ବିଶେଷଜ୍ଞ ହିଁ କରନ୍ତି । କାରଣ ତାଙ୍କ ପାଖେ ଚେକ୍ ବାଉନ୍ସର ସମସ୍ତ ତଥ୍ୟ ଥାଏ ।

– ଯେତିକି ଟଙ୍କାର ଚେକ୍ ବାଉନ୍ସ ହୋଇଥିବ ନୋଟିସ୍‌ରେ ସେତିକି ରାଶି ଉଲ୍ଲେଖ କରନ୍ତୁ । ଅନେକ ଲୋକ ବଢ଼ାଇ ଲେଖନ୍ତି । ଯଦି ଆପଣ ବଢ଼ାଇ ଲେଖିବେ କୋର୍ଟରେ ଫର୍ଜରୀ ହେବ । ନୋଟିସ୍ ଯେତେବେଳେ ପଠା ହେବ, ତାହା ନିଶ୍ଚିତ ଅବଧି ମଧ୍ୟରେ ପଠାହେବା ଆବଶ୍ୟକ । ନୋଟିସ୍‌ର ବୈଧ ଅବଧି ମଧ୍ୟରେ ନୋଟିସ୍ ଦେବା ଉଚିତ୍ । ନୋଟିସ୍ ସେତେବେଳେ ପଠା ହେବ ଯେତେବେଳେ କମ୍ ପଇସାର ଚେକ୍ ବାଉନ୍ସ ହୋଇଥିବ । ଚେକ ବାଉନ୍ସର ୩୦ଦିନ ଭିତରେ ଲିଗାଲ୍ ନୋଟିସ୍ (Legal Notice) ପଠାଯିବା ଉଚିତ୍ ।

– ଯଦି ଲିଗାଲ୍ ନୋଟିସ୍ (Legal Notice) ପରେ ଡ୍ରୟର୍ ପେମେଣ୍ଟ୍ କରିବାକୁ ମନା କରୁଛି ତେବେ ଅଦାଲତରେ ଏହା ଉପରେ ନିଗୋସିଏବୁଲ୍ ଇନ୍‌ଷ୍ଟ୍ରୁମେଣ୍ଟ୍ ଧାରା ୧୩୮ରେ କୋର୍ଟ ପ୍ରକ୍ରିୟା ଆରମ୍ଭ କରାଯାଏ । ଏହି ଧାରାର ଅନ୍ତର୍ଗତ ଚେକ୍ ବାଉନ୍ସ ଅପରାଧ ଶ୍ରେଣୀରେ ଆସେ । ଯଦି ବ୍ୟକ୍ତି ଚାହିଁବେ ଏହି ମାମଲାରେ ଅପରାଧିକ ମାମଲା ସହ ସିଭିଲ୍ କେସ୍ ମଧ୍ୟ ଦାଖଲ କରିପାରିବେ । ଏହା କେସ୍‌କୁ ଆଗକୁ ବଢ଼ାଇବା ପାଇଁ କୋର୍ଟ ଫି ଦେବାକୁ ହୋଇଥାଏ । ଚେକ୍ ବାଉନ୍ସ ଅଭିଯୋଗ ଦାଖଲ କରିବା ସମୟରେ ଅଭିଯୋଗକାରୀଙ୍କୁ କୋର୍ଟର ଫିସ୍ ଦେବାକୁ ହୋଇଥାଏ । ଏହା ଚେକ୍‌ର ଅର୍ଥରାଶି ଉପରେ ନିର୍ଭର କରେ ।୫୦ହଜାର ଅର୍ଥରାଶି ପର୍ଯ୍ୟନ୍ତ ଚେକ୍ ବାଉନ୍ସର କୋର୍ଟ ଫିସ୍ ୨୦୦ଟଙ୍କା, ୫୦ହଜାରରୁ ୨ଲକ୍ଷ ପର୍ଯ୍ୟନ୍ତ ୫୦୦ଟଙ୍କା ଏବଂ ୨ଲକ୍ଷରୁ ଅଧିକ ଚେକ୍ ବାଉନ୍ସ ଉପରେ ୧୦୦୦ଟଙ୍କା ଫିସ୍ ଦେବାକୁ ପଡ଼ିଥାଏ ।

– ଚେକ୍ ବାଉନ୍ସ ହେଲେ ସିଭିଲ୍ ସ୍କୋର୍ ଉପରେ ପ୍ରଭାବ ପଡ଼େ । ଆଗକୁ ଲୋନ୍ ନେବାବେଳେ ଅସୁବିଧା ହୋଇପାରେ । ଆଇପିସି ସେକ୍‌ସନ୍ ୪୧୭ ଏବଂ ୪୨୦ରେ ଆରୋପୀର ବିରୋଧରେ ନନ୍ ବେଲେବୁଲ୍ ୱାରେଣ୍ଟ୍ ହୋଇପାରେ । କୋର୍ଟରେ ଅଭିଯୋଗକାରୀଙ୍କୁ ଧୋକାଦାରୀ ମାମଲା ସିଦ୍ଧ କରିବାକୁ ପଡ଼ିଥାଏ । ଯଦି କୌଣସି ବ୍ୟକ୍ତିଙ୍କ ଏକାଥରେ ବହୁତ ଚେକବାଉନ୍ସ ହୋଇଥାଏ ତେବେ ସମସ୍ତ ମାମଲା କୋର୍ଟରେ ଏକା ସାଙ୍ଗେ ସମାଧାନ ହୋଇଥାଏ ।



ଧାରାବାହିକ
ଚରିତ୍ର-ଉପନ୍ୟାସ



# ଦାସେ ଆପଣେ

**୨୩**

# ଦାସେ ଆପଣେ


## ପବିତ୍ର ମୋହନ ଦାଶ

ଅଧ୍ୟାପକ : ଇଂରାଜୀ ବିଭାଗ,
ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ, ବାଲିପୁଟ, ପୁରୀ
ଫୋନ : ୯୪୩୭୨୦୭୫୪୮


ଫଟୋ ସୌଜନ୍ୟ : ଲେଖକ
ପୋଟ୍ରେଟ୍ : ସଂଜୟ ରାଉଳ



ଔପନ୍ୟାସିକ ପବିତ୍ର ମୋହନ ଦାଶ

'ଦାସେ ଆପଣେ' କହିଲେ ଆମ ସାମ୍ନାରେ ଭାସି ଉଠେ ଯେଉଁ ଛବିଟି, ସେ ହେଲେ ଗୋପବନ୍ଧୁ ଦାସ । ଉତ୍କଳର ମଣି ସେ । ଉତ୍କଳମଣି । କୋଟି କୋଟି ଓଡ଼ିଆଙ୍କ ମନପ୍ରାଣରେ ବସା ବାନ୍ଧିଥିବା ଏ ମଣିଷ ଜଣକ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ । ଆଧୁନିକ ଯୁଗର ପଞ୍ଚସଖାମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ଭକ୍ତକବି ମଧୁସୂଦନ ରାଓଙ୍କ ନିଷ୍ପତ୍ତି କ୍ରମେ, ଗୋପବନ୍ଧୁ ସାକ୍ଷୀଗୋପାଳର ବକୁଳ ଓ ଛୁରିଆନା କୁଞ୍ଜରେ ପ୍ରତିଷ୍ଠା କରିଥିଲେ ସତ୍ୟବାଦୀ ବନ ବିଦ୍ୟାଳୟ । ଏହି ବିଦ୍ୟାଳୟରୁ ସେତେବେଳେ ଜାତୀୟ ସ୍ୱାଧୀନତା ଆନ୍ଦୋଳନ ପରିଚାଳିତ ହେଉଥିଲା । ୧୯୧୮ରୁ ୧୯୨୦ ମଧ୍ୟରେ ଓଡ଼ିଶାରେ ସଂଘଟିତ ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ଅନାବୃଷ୍ଟି ତାଙ୍କୁ ମର୍ମାହତ କରିଥିଲା । ସେ ଚୁଡ଼ା, ଚାଉଳ ଧରି ପ୍ରପୀଡ଼ିତ ଅଞ୍ଚଳରେ ବାଣ୍ଟିଥିଲେ ।

ତାଙ୍କରି ଅମୂଲ୍ୟ ଓ ଅତୁଲ୍ୟ ଜୀବନକୁ ନେଇ କବି ପବିତ୍ର ମୋହନ ଦାଶ ଆରମ୍ଭ କରିଛନ୍ତି ଏଇ ଉପନ୍ୟାସ । ତେବେ ଗୋପବନ୍ଧୁଙ୍କୁ ନେଇ କାହିଁକି ? ଅନେକ ଜୀବନୀ ତାଙ୍କର ପ୍ରକାଶିତ । ତାଙ୍କ ସମସାମୟିକମାନଙ୍କ ଆତ୍ମଜୀବନୀ ଗୁଡ଼ିକରେ ମଧ୍ୟ ତାଙ୍କ ବିଷୟରେ ବର୍ଣ୍ଣନା ଉପଲବ୍ଧ । କିନ୍ତୁ ତାଙ୍କର ବୃହତ୍ ପୂର୍ଣ୍ଣାଙ୍ଗ ଜୀବନୀଟେ କାହିଁ ? ସୁତରାଂ ଜୀବନୀ ନଲେଖି ଉପନ୍ୟାସ କାହିଁକି ? ଏମିତି ଏକ ପ୍ରଶ୍ନ ଆସିପାରେ । ଗୋପବନ୍ଧୁ ଓଡ଼ିଆ ଜାତିର ଗଣ ଅବଚେତନରେ ସଂଚିତ ଏକ ଶିହରଣ । ତାଙ୍କ ନାଁ ଶୁଣିବା ମାତ୍ରେ କରୁଣା, ଉଦାରତା, ତ୍ୟାଗ, ତପସ୍ୟା, ମାନବିକତା ଓ ସତ୍ୟରେ ଗଢ଼ା ଏକ ଉଜ୍ଜ୍ୱଳ ମୂର୍ତ୍ତି ଆମ ସାମ୍ନାରେ ଉଭା ହୁଏ । ସଂଗ୍ରାମୀ, କବି, ସାମ୍ବାଦିକ, ସମ୍ପାଦକ, ଶିକ୍ଷକ, ଶିକ୍ଷାବିତ୍, ରାଜନେତା, ବିଧାୟକ, ଏମିତି କେତେ ଉପାଦାନରେ ଭରା ତାଙ୍କ ଜୀବନ । ସାଧାରଣ ଜନତା ପାଇଁ ସେ ପରମ କାରୁଣିକ । ଅବିରତ ନିଜ ଆଖିରୁ ଲୁହ ଝରାଇ ଅନ୍ୟ ଆଖିରୁ ଲୁହ ପୋଛୁଥିବା ଜଣେ ଦରଦୀ ପରିବ୍ରାଜକ । ତଙ୍କ ଜୀବନ କୌଣସି ଉପନ୍ୟାସ ଠାରୁ କମ ରୋମାଞ୍ଚକ ନୁହେଁ । ସେ ଆମ ପାଇଁ କେବଳ ଇତିହାସ ଓ ତଥ୍ୟ ନୁହଁନ୍ତି । ସେ ଚଳନ୍ତି କିମ୍ବଦନ୍ତୀ, ଓଡ଼ିଆ ଜାତିର । ତାଙ୍କ ମୃତ୍ୟୁରେ ବ୍ୟଥିତ ସେ ସମୟର ତରୁଣ ବିପ୍ଳବୀ ସୁଭାଷ ଚନ୍ଦ୍ର ବୋଷ କହିଥିଲେ, ଗୋପବନ୍ଧୁଙ୍କ ସହକର୍ମୀମାନେ ତାଙ୍କ ବିସ୍ମୟକର ଜୀବନ ବିଷୟରେ ଦୁନିଆକୁ ଜଣାନ୍ତୁ ।

ଏ ଉପନ୍ୟାସଟି ବସ୍ତୁତଃ ତାଙ୍କ ବିସ୍ମୟକର ଜୀବନ ଭିତରକୁ ପ୍ରବେଶର ଏକ ବିମଳ ପ୍ରୟାସ । ଦାସେ ଆପଣେ ଶିରୋନାମାରେ ରଚିତ ଏ ଚରିତ-ଉପନ୍ୟାସଟି ଲେଖକଙ୍କ ବହୁବର୍ଷର ଗବେଷଣା ଓ ଅନୁଧ୍ୟାନର ଫଳଶ୍ରୁତି । 'ରେବତୀ'ରେ ଏହା ଜାନୁଆରୀ ୨୦୨୦ ଠାରୁ ଧାରାବାହିକ ଭାବେ ପ୍ରକାଶ ପାଉଛି । ଆଶା, ଆମର ପାଠକଙ୍କୁ ଏହା ନୂଆ ସ୍ୱାଦ ଦେବ ।

**ପବିତ୍ର ମୋହନ ଦାଶ:** ଆମ ସମୟର ଜଣେ ପ୍ରଖର କବି । ସେ କବିତା ସର୍ଜନା ସହିତ ଉପନ୍ୟାସ ଓ ପ୍ରବନ୍ଧ ମଧ୍ୟ ଲେଖନ୍ତି । ତାଙ୍କ ରଚିତ ବହିଗୁଡ଼ିକ ହେଲା: (କବିତା) ବଜ୍ରବଂଶୀ, ରକ୍ତଶସ୍ୟ, ସ୍ୱପ୍ନମେଧ, ମେଘସଂଚାର, ବିକ୍ଷୁବ୍ଧ ସମୁଦ୍ର, ଦାଣ୍ଡିବୃତ୍ତ । (ଉପନ୍ୟାସ) ହଂସହାନି, ପାହାର । (ପ୍ରବନ୍ଧ) ମୂଲ୍ୟାୟନର ପ୍ରଶ୍ନ ।

ଅଦୃଷ୍ଟ ଯେମିତି ଆକାଶରୁ ଚଡକ ପରେ ଚଡକ ପକାଇବାକୁ ସୁଖ ପାଏ । ମଣିଷକୁ ତା'ର ଖର୍ବତ୍ୱ ସୂଚାଇ ନ ଦେଲା ଯାଏ ତା'ର ସତେ ଅବ କ୍ଷାନ୍ତି ନାହିଁ । ବର୍ଷେ ଦି ବର୍ଷ ଅନ୍ତରରେ ଗୋପବନ୍ଧୁଙ୍କର ଏପରି ବଜ୍ରାଘାତ ସହିବାର ସୌଭାଗ୍ୟ ହୁଏ । ତାଙ୍କ ଜୀବନ ବୋଧହୁଏ ଏପରି ଆଘାତ ଲାଗି ସ୍ୱତଃ ଅଭିପ୍ରେତ । ୧୯୧୨ ସାଲ ବା ସେଥିରୁ ବାଦ ଯାଆନ୍ତା କେମିତି । ମଣିଷର ସବୁ ଆସ୍ଫାଳନକୁ ବିଦ୍ରୂପ କରି ଅଦୃଷ୍ଟ ଯେମିତି ଅଟହାସ କରେ । ଚିହ୍ନାଇ ଦିଏ ମଣିଷ ଅସ୍ତିତ୍ୱର ଗୌଣତା । କହେ ନା ବ୍ୟକ୍ତି କିଛି ନୁହେଁ । ସବୁ ଅନିଶ୍ଚିତତାର ଖେଳ । ମଣିଷ କେବଳ ନିମିତ୍ତ । ଭାଗ୍ୟର ସାମର୍ଥ୍ୟ ଆଗରେ ସେ ଯେମିତି ଅସହାୟ । ପୌରୁଷ ଭାଗ୍ୟ ବିରୁଦ୍ଧରେ ଲଢ଼ିବା ଶିଖାଇ ପାରେ । କେତେ କ୍ଷଣ ବିଜୟୀ ହେବାର ଭ୍ରମ ବି ଫୁଟାଇ ପାରେ । ହେଲେ ଶେଷକୁ ସେ ଯେ ସମୟର କ୍ରୀଡ଼ନକ ଏକଥା କୌଣସି ନା କୌଣସି ବାଟରେ ଦେଖାଯାଏ । ଏ ବର୍ଷ ଦୋଳ, ହୋଲି ସବୁ ଗଲାଣି । ଠାକୁର ବିମାନରେ ବସି ଭୋଗ ଖାଇବା ସରିଲାଣି । ବାରିପଦାରେ ହୋଲିରେ କଦବା କିଏ ଅବିର ମାଖିହୋଇ ରଙ୍ଗ ଖେଳିଥିବେ ହୁଏତ । ହେଲେ ସବୁ ରଙ୍ଗ କେମିତି ଲାଗୁଛି ଫିକା ଫିକା । ରାଜ ପରିବାର,ତାଙ୍କର ସମ୍ପର୍କୀୟ ଓ ବିଭିନ୍ନ ଦପ୍ତରର ଲୋକଙ୍କ ଲାଗି ଏ ହୋଲି ସତେ ଅବା ରଙ୍ଗ ବର୍ଜିତ । ପ୍ରଜାଙ୍କ ପ୍ରାଣଧନ ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓଙ୍କ ଅକାଳ ବିୟୋଗ ସମସ୍ତଙ୍କୁ କରି ଦେଇଛି ତଟସ୍ଥ । ତେଣୁ ସବୁ ବିଧିବିଧାନ ଖାଲି ଉପଚାର ପରି ପାଳନ କରାଯାଇଛି । ପର୍ବ ପଛରେ ଉଲ୍ଲାସ କି ଉଚ୍ଛ୍ୱାସ ନାହିଁ । ପରିବେଶରେ କେମିତି ଏକ ଶୋକାକୁଳ ଭାବ । ସେଇ ଝୁରିବା ଭାବ ଭିତରେ ଦିନେ ବସାଘରେ ବିଭିନ୍ନ କାଗଜପତ୍ର ଆଡେଇବା ଭିତରେ ଗୋପବନ୍ଧୁଙ୍କ ଆଖିରେ ପଡେ ତାଙ୍କୁ ମୟୂରଭଞ୍ଜର ସରକାରୀ ଓକିଲ ରୂପେ ଦିଆ ଯାଇଥିବା ନିଯୁକ୍ତି ପତ୍ର । ପଢିବା ଭିତରେ ପୁଣି ମନେ ପଡିଯାଆନ୍ତି ମହାରାଜ । ତାଙ୍କୁ ଷ୍ଟେଟ୍ ପ୍ଲିଡ଼ର୍ ଭାବେ ପାଇବା ଲାଗି ସେ ଯେମିତି ବ୍ୟଗ୍ର ଥିଲେ ।

Order No.44/D

Babu Gopabandhu Das B.L. has been appointed the state pleader with effect from the 10th of January,1910on the date on which he has taken charge of his office.

By order of the chief,
Sd/p.K. Mukherjee
Secretary. 12/1

ଶ୍ରୀରାମଚନ୍ଦ୍ର ଭଞ୍ଜ କେତେ ସ୍ୱପ୍ନଦର୍ଶୀ ନଥିଲେ ସତେ । ପ୍ରଜା ହିତ ପାଇଁ କେତେ ଯୋଜନା ନ କରିଥିଲେ । ଶିକ୍ଷା,ସ୍ୱାସ୍ଥ୍ୟ,ଗମନାଗମନ ସବୁଥିରେ ମୟୂରଭଂଜକୁ ଆଗକୁ ନେବା ଥିଲା ତାଙ୍କର ଆକାଂକ୍ଷା । ଓଡିଶା ପାଇଁ ମଧ୍ୟ ସେ ଥିଲେ ସମାନ ବ୍ୟାକୁଳ ।

ମହାରାଜ ବିଦେଶ ଭ୍ରମଣରେ ଯାଇଥିଲେ । ଆଖିରେ କେତେ ଯୋଜନା ଥିଲା । ମୟୂରଭଞ୍ଜ କୁ ବରୋଦା ଭଳି ଅଗ୍ରସର କରି ତୋଳିବାର ଆଶା କୁଆଡେ ମିଳେଇ ଗଲା । ମହାରାଜଙ୍କ ନିଧନ ଗୋପବନ୍ଧୁଙ୍କୁ ଏକ ପ୍ରକାର ଭାଙ୍ଗି ଦେଇଛି । ସେ ଅନ୍ତର ଭିତରୁ ବିଧ୍ୱସ୍ତ । ୧୯୧୨ରେ ଇଏତ ତାଙ୍କ ଉପରେ ସବୁଠୁ ବଡ଼ ଚଡକ । ପାଖାପାଖି ମାସେ ହେଲାଣି ସେ ମାନସିକ ଭାବେ ବଡ଼ ବ୍ୟଥିତ । ରାତିରେ ଆଖି କଷା ପଡିଥାଏ କି ନା ଦିଶିଯାଏ ମହାରାଜଙ୍କ ମୁହଁ । ଚମକି ଉଠି ପଡ଼ନ୍ତି ସେ । ଲାଗେ ଯେମିତି ମହାରାଜ କହୁଛନ୍ତି, "ଗୋପବନ୍ଧୁବାବୁ ! ମୟୂରଭଞ୍ଜ କେମିତି ଶ୍ରେଷ୍ଠ ଗଡ଼ଜାତ ହୋଇପାରିବ ସେଥିପାଇଁ ଆପଣ ଯୋଜନା କରନ୍ତୁ । ଅର୍ଥ ଚିନ୍ତା କରନ୍ତୁ ନାହିଁ । ମୁଁ ଅଛି ।"

ପୁଣି କେତେବେଳେ କହୁଛନ୍ତି, "ଉତ୍କଳ ସମ୍ମିଳନୀର ଆଗାମୀ ଯୋଜନା କଣ ଗୋପବନ୍ଧୁବାବୁ ? କଂଗ୍ରେସ ମଞ୍ଚରେ କଣ ଓଡ଼ିଶାର ଗୁରୁତ୍ୱ ଅଛି ?"

ଆଉ କେତେବେଳେ ଲାଗେ କୁହୁଡି ପରି ମିଳେଇ ଯାଉଥିବା ସେ ମୁହଁରୁ ଶବ୍ଦ ଆସୁଛି: "ବରୋଦା କାହିଁକି ଆମର ଆଦର୍ଶ ହେବ ଆମେ କଣ ସ୍ୱତନ୍ତ୍ର ଭାବେ ଅନ୍ୟ ଗଡ଼ଜାତ ପାଇଁ ଅନୁକରଣୀୟ ହୋଇପାରିବା ନାହିଁ ? ଆପଣ ନକ୍ସା ତିଆରି କରନ୍ତୁ ରୂପ ଦେବାର ଦାୟିତ୍ୱ ମୋର ।"

କେତେବେଳେ ବା କହୁଛନ୍ତି, "ଆପଣ କେବେ ବି ବାରିପଦା ଛାଡି ଯିବା କଥା ସ୍ୱପ୍ନରେ ସୁଦ୍ଧା ମନରେ ଆଣିବେ ନାହିଁ । ଆପଣ କଣ ଏଇଠି ସବୁ ଦିନ ପାଇଁ ରହି ଗଲେ ହେବ ନାହିଁ ?"

ଏସବୁ ଅସ୍ୱାଭାବିକ ପ୍ରଶ୍ନରେ ପୂର୍ଣ୍ଣ ଜାଗ୍ରତ ହୋଇଯାନ୍ତି ଗୋପବନ୍ଧୁ ଦେଖନ୍ତି ସେ ମୁହଁ ଉଭେଇ ଯାଇଛି କୁହୁଡି ଭିତରେ ମଣିଷର ଚେହେରା ଅଦୃଶ୍ୟ ହୋଇଗଲା ପରି । ଏପରି କାହିଁକି ହେଉଛି ? ହୁଏତ ଏ ଯାଏଁ ସେ ନିଜକୁ ବିଶ୍ୱାସ କରାଇ ପାରି ନଥାନ୍ତି ଯେ ସେ ମହାରାଜ ନଥିବା ବାରିପଦାରେ ରହୁଛନ୍ତି । ସଚେତନ ଭାବେ ଦେଖିଲେ ଲାଗେ ଯେମିତି ବାରିପଦାର ଆକାଶ ସାରା ମେଘ ଘୋଟିଛି । ମହାରାଜଙ୍କ ଆରୋଗ୍ୟ ପାଇଁ ସେ କେତେ ପ୍ରାର୍ଥନା ନକରିଛନ୍ତି । ହେଲେ ନିୟତିର ଗତି କିଏ ବା ରୋଧୀ ପାରିବ ?

ଜାନୁଆରୀ ମାସର କଥା । ମହାରାଜ ଟିକେ ହାଲୁକା ଭାବରେ ଥାଆନ୍ତି । ବିଶ୍ୱ ଭ୍ରମଣ ପରର କ୍ଳାନ୍ତି ରାଜ୍ୟକୁ ଫେରି କିଛିଟା ମେଣ୍ଟି ଯାଇଥାଏ । ଶରଧା ବଳିଥାଏ ଭାଲୁ ଶିକାର କରିବେ ।

ଦରବାରରେ କହିଲେ, "କଲିକତାରୁ ମୋର ବନ୍ଧୁମାନେ ଆସିଛନ୍ତି । ପାରିଧିକୁ ଯିବା । ଆୟୋଜନ କର । ପାଖ ଜଙ୍ଗଲରେ ଭାଲୁ ମାତିଛନ୍ତି । ସେମାନଙ୍କୁ ଶିକାର କରିବାକୁ ହେବ ।"

"ସମସ୍ତଙ୍କ ପାଇଁ କଣ ଗୋଟିଏ ମଞ୍ଚା ବନ୍ଧା ଯିବ ?" ପଚାରିଥିଲା ପରିଚାରକ ରାଧୁ ।

"ନା ରାଧୁ !ଦୁଇଟି ମଞ୍ଚା ବାନ୍ଧିବାକୁ ହେବ । ଗୋଟିକରେ ତୋର ଓ ମୋର ବସିବା । ଆଉ ଗୋଟିକରେ ବସିବେ ସେନ ବାବୁ ଓ ଅନ୍ୟମାନେ ।

ମହାରାଜଙ୍କ ନିର୍ଦ୍ଦେଶ ମତେ ରାଧୁ ଓ ଅନ୍ୟମାନେ ସମସ୍ତ ପ୍ରକାର ଆୟୋଜନରେ ଲାଗି ପଡ଼ିଥିଲେ । ମହାରାଜ ଓ ତାଙ୍କ ଅତିଥିଙ୍କର ଯେପରି କୌଣସି ଅସୁବିଧା ନହୁଏ ସେଥିପାଇଁ ସମସ୍ତେ ସତର୍କ ଓ ସଚେତନ ଥିଲେ । ତା ଛଡା ପରିଚାରକ ଓ ଅଧିକାରୀମାନେ ବୁଝୁଥିଲେ ଯେ କଲିକତାରୁ ଆସିଥିବା ଅତିଥିମାନେ କେବଳ ରେଳବାଇ ଇଂଜିନିୟର ନୁହଁନ୍ତି ମହାରାଜଙ୍କ ଦ୍ୱିତୀୟ ପତ୍ନୀ ସୁଚାରୁ ଦେବୀଙ୍କ ସମ୍ପର୍କୀୟ ।

ସାଙ୍ଗରେ ଗଲେ ପରିଚାରକ ରାଧୁ ଆଉ ବଙ୍ଗୀୟ ରେଳବାଇ ଇଂଜିନିୟର । ମହାରାଜଙ୍କ ବରାଦ ମୁତାବକ ଦୁଇ ଜାଗାରେ ବନ୍ଧା ଗଲା ଦୁଇଟି ମଞ୍ଚା । ଗୋଟିଏ ମଞ୍ଚା ଉପରେ ବସିଲେ ମହାରାଜ ଓ ରାଧୁ । ଆରଟିରେ ରାଜାଙ୍କ ଶାଳକ ଇଂଜିନିୟର ଏସ.ଏନ. ସେନ ଓ ତାଙ୍କର ଇଂଜିନିୟର ବନ୍ଧୁ । ଯେ ଯାହା ଜାଗାରେ ସତର୍କ ହୋଇ ବସିଥାନ୍ତି । ଅସ୍ପଷ୍ଟ ଅନ୍ଧାରରେ ଶୁଭେ ଖସଖସ । ହଠାତ ଭାଲୁ ପଲକୁ ଦେଖି ଗୁଳି ଚଳାନ୍ତି ମହାରାଜ । ଗୋଟିଏ ଭାଲୁ ଟଳି ପଡେ । ଆଉ ଗୋଟିଏ ହୁଏ ଆହତ । ରାଜାଙ୍କ ମନରେ ଜନ୍ମେ କୌତୁହଳ । ଆହତ ଭାଲୁଟିକୁ ସେ ଦେଖିବେ । ରାଧୁ ଏ କଥା ଜାଣିବା ମାତ୍ରେ ବାରଣ କରେ: "ନା ମହାରାଜ ! ତଳକୁ ଓହ୍ଲାନ୍ତୁ ନାହିଁ । ବିପଦ ଅଛି । ଭାଲୁମାନେ ଭୟଙ୍କର ଭାବେ ପ୍ରତିହିଂସା ପରାୟଣ । ତା ଛଡା ସେ ଘାଇଲା ।"

ରାଜା ମାନନ୍ତି କେତେକେ: "ନା ରାଧୁ !ମୋତେ ଖୋଜିବାକୁ ହେବ ସେ ଆହତ ଭାଲୁକୁ ।" ଏତିକି କହି ଦେହରେ କଳା କୋଟ୍ ଲଗାଇ ସେ ମଞ୍ଚାରୁ ଓହ୍ଲାଇ ପଡ଼ନ୍ତି ଭାଲୁ ସଂଧାନରେ । ତାଙ୍କ ସହଯୋଗ ପାଇଁ ବାଧ୍ୟ ହୋଇ ଓହ୍ଲାଇ ପଡେ ରାଧୁ । ରାଜାଙ୍କ କଳା କୋଟ ଦେଖି ଝାପ୍ସା ଅନ୍ଧାରରେ ସେନ ବାବୁ ଭାବନ୍ତି ଭାଲୁ ଏପାଖ ସେପାଖ ହେଉଛି । ବାସ ତା ପରେ ଗୁଡୁମ, ଗୁଡୁମ ।

ସେଇଠି ଟଳି ପଡେ ରାଧୁ । ରାଜାଙ୍କ ହାତ, ଗୋଡ଼ ଆଉ ଛାତିରେ ଭେଦି ଯାଏ ଗୁଳି ।

ରାଜାଙ୍କ ଯନ୍ତ୍ରଣାକ୍ତ ଚିତ୍କାର ଶୁଣି କଣ ହେଲା, କଣ ହେଲା କହି ଧାଇଁ ଆସନ୍ତି ସେନବାବୁ ଓ ଅନ୍ୟମାନେ । ପ୍ରକୃତିସ୍ଥ ହେବା ପରେ ତଟସ୍ଥ ହୋଇ ଉଠନ୍ତି ସମସ୍ତେ । ରକ୍ତ ଜୁଡୁବୁଡୁ ରାଧୁର ଶବ ନିଆଯାଏ ସତ୍କାର ପାଇଁ । ଆଉ ମହାରାଜଙ୍କୁ ତୁରନ୍ତ କଲିକତା ପଠାଇବାର ବନ୍ଦୋବସ୍ତ ହୁଏ । ସେଠି ଡାକ୍ତର ବ୍ରାଉନ ତାଙ୍କ ଦେହରେ ଅସ୍ତ୍ରୋପଚାର କରନ୍ତି । ବହୁ କଷ୍ଟରେ ବାହାର କରାଯାଏ ଗୁଳି । ମୁହ୍ୟମିତ ରାଣୀ ସୁଚାରୁ ଦେବୀ ହୋଇ ଉଠନ୍ତି ଶୋକ ବିଧୁରା । ଡାକ୍ତର ବ୍ରାଉନଙ୍କୁ ପଚାରନ୍ତି, "ମହାରାଜ ଠିକ ହୋଇ ଯିବେ ତ ? ତାଙ୍କର ଚେତା କେବେ ଫେରିବ ?"

"ଡର treat he cures.let's hope for the best." ଉତ୍ତର ଦିଅନ୍ତି ଡାକ୍ତର ବ୍ରାଉନ ।

ସମସ୍ତେ ଆଶା ରଖନ୍ତି ଯେ ସେ ସୁସ୍ଥ ହୋଇଯିବେ । ହେଲେ ତାଙ୍କର ରକ୍ତ ବିଷେଇ ଉଠେ । ହୁଏ ସେପ୍ଟିସେମିଆ । ସମସ୍ତଙ୍କର ଅକ୍ଳାନ୍ତ ଉଦ୍ୟମ ସତ୍ତ୍ୱେ ମହାରାଜ ଫେବୃଆରୀ ୨୨ ତାରିଖରେ ଦେହ ଛାଡ଼ନ୍ତି । ଓଡିଶା ସାରା ଚହଳ ପଡ଼ିଯାଏ । ମୟୂରଭଞ୍ଜ ର ଲୋକେ ଲୁହ ଝରାନ୍ତି । ୪୧ ବର୍ଷ କଣ ମରିବାର ବୟସ ? ୨୪ ତାରିଖରେ ଶୋକବାର୍ତ୍ତା ପଠାନ୍ତି ସମ୍ରାଟ ପଞ୍ଚମ ଜର୍ଜ । ପୂର୍ଣଚନ୍ଦ୍ର ନା ବାଳକ । ତେଣୁ ରାଜ୍ୟ ହୁଏ କୋର୍ଟ ଅଫ ୱାର୍ଡସ୍ । କ୍ଷମତା ବଢିଯାଏ ପଲିଟିକାଲ ଏଜେଣ୍ଟ ତଥା ଅନ୍ୟାନ୍ୟ ଅଧିକାରୀ ମାନଙ୍କର । ଏ ଆଘାତ ଗୋପବନ୍ଧୁଙ୍କ ଅନ୍ତରାତ୍ମା ରେ ଲାଗେ । ଢେର ଦିନ ସେ ପ୍ରକୃତିସ୍ଥ ହୋଇ ପାରନ୍ତି ନାହିଁ । ଆଜି ଅନ୍ୟମନସ୍କ ହୋଇ କାଗଜ ଖେଳାଇବା ଭିତରେ ନିଯୁକ୍ତି ପତ୍ରଟି ପାଇଁ ସ୍ମୃତିକୁ ଆସିଲା ଦୁଇ ବର୍ଷ ତଳର କଥା ।

ଗୋପବନ୍ଧୁ ମନେ ପକାଉଥିଲେ ବାରିପଦା କୁ ଆସିବାର ସମୟ । ମଧୁବାବୁଙ୍କ ସୁପାରିଶ ପରେ ତାଙ୍କ ସହ ମହାରାଜଙ୍କ ଦରବାର ତରଫରୁ ହୋଇଥିବା ବିଭିନ୍ନ ପତ୍ରାଳାପର ଉପଚାର । ମଧୁବାବୁଙ୍କ ସୁପାରିଶ ପରେ ମହାରାଜ ନିଶ୍ଚିତ ହୋଇ ନଥାନ୍ତି ଗୋପବନ୍ଧୁଙ୍କ ଯୋଗ ଦାନକୁ ନେଇ । ତେଣୁ ସେ ଟେଲିଗ୍ରାମ କରିଥାନ୍ତି ଗୋପାଳ ଚନ୍ଦ୍ର ପ୍ରହରାଜଙ୍କୁ:

Urgent telegram

Babu Gopal praharaj,

Judges court, cuttack.

Please inform if Gopabandhu Babu is willing to be state pleader here.

Maharaja of Mayurbhanj

ଗୋପାଳ ପ୍ରହରାଜ ତାଙ୍କୁ ଜଣାଇବା ପରେ ସେ ଉତ୍ତର ଦେଇଥାନ୍ତି

To

Gopal Praharaj

Pleader

I accept. Communicate Mayurbhani my willingness . Gopabandhu.

ପୁଣି ପ୍ରହରାଜ ଓ ରାଜାଙ୍କ ଦରବାର ଭିତରେ ପତ୍ରାଳାପ ପରେ ତାଙ୍କ ପାଖକୁ ଆସିଥିଲା ଚିଠି

To

Babu Gopabandhu Das

Puri

Sir

With reference to your telegram D22/12/09 intimating your willingness to accept the post of state pleader of this state , I am directed to request you to join at Baripada after the offices open on 3rd January ,next.

I have etc

Sd/P.M.Mukherjee,secretary.

ମହାରାଜଙ୍କ ଆଗ୍ରହ ଓ ଦାପ୍ତରିକ ତତ୍ପରତା ଦେଖି ସେ କଟକରୁ ଲେଖିଥିଲେ ଚିଠି । cuttack,

January,1910

Dear sir,

On my return from a Christmas tour in the country,I got your letter at Puri asking me to join at Baripada on the 3rd ,instant. I write to you that I would take some time in settling matters in which I have been concerned both at Puri and Cuttack. I hope you have been in due receipt of this letter. I arrived here last night and hope to leave cuttack for Baripada by Madras mail Saturday night failing which the next day's mail would be taken.

Yours sincerely

Sd/Gopabandhu Das

ଆଉ ରାଜାଙ୍କ ଶ୍ରଦ୍ଧା ଡୋରରେ ଟାଣି ହୋଇ ସେ ନିଜେ କଟକରୁ ମାଡ୍ରାସ ମେଲ୍ ଯୋଗେ ଆସି ପହଞ୍ଚିଥିଲେ ବାରିପଦା । ବାରିପଦାରେ ପହଂଚି ଔପଚାରିକତା ପୂରଣ ପାଇଁ ସେ ଲେଖିଥିଲେ ଆଉ ଏକ ଚିଠି ।

Dear sir,

I beg to inform you that I arrived here yesterday and am ready to join the office of the state pleased today. I hope you will kindly send intimation of my appointment to the state judge and will give me a formal letter of appointment.

I remain most obediently yours

Sd/-Gopabandhu Das

Baripada

January 10,1910.

To

P.M.Mukherjee,Esqr,

Secretary to the Chief, Mayurbhanj.

ଏ ଚିଠି ପରେ ତାଙ୍କୁ ଦିଆ ଯାଇଥିଲା ନିଯୁକ୍ତି ପତ୍ର । ଆଜି ସେଇ ପତ୍ରଟି ପୁଣି ଥରେ ତାଙ୍କୁ ସମୁଦାୟ ପ୍ରକ୍ରିୟା ମନେ ପକାଇ ଦେଲା । ମହାରାଜଙ୍କୁ ମନେ ପକାଇ ତାଙ୍କ ହୃଦୟ କରତି ହୋଇଗଲା । ମହାରାଜ ଓ ତାଙ୍କ ଭିତରେ ଥିଲା ହୃଦୟର ମେଳ । ତେଣୁ ସରକାରୀ ଓକିଲ ଥାଇ ମଧ ସେ ରାଜାଙ୍କର ସମାଲୋଚନା କରି ପାରିଥିଲେ । ମ୍ୟୁନିସିପାଲିଟିର ଭାଇସ୍‌ଚେୟାରମ୍ୟାନ୍ ଭାବେ ନିଜ ମୁତାବକ ଅନେକ ପ୍ରସ୍ତାବ ଉପସ୍ଥାପନ କରି ପାରୁଥିଲେ । ହେଲେ ଏବେ ସେ ସବୁ ସମ୍ଭବ କି ? ଏଇତ ଅଳ୍ପ ଦିନ ତଳର କଥା । ମହାରାଜଙ୍କ ସଦ୍ୟ ବିୟୋଗ ଘଟିଥାଏ । ସେ ଘର ଭିତରୁ ଝରକା ଦେଇ ବାହାରକୁ ଦେଖୁଥାନ୍ତି । ତାଙ୍କ ଦୃଷ୍ଟି ଆକର୍ଷଣ କଲା ଏକ ଘୋଡା ଗାଡି । ଠିଆ ହୋଇଥାନ୍ତି ପଲିଟିକାଲ



ଚାରା ନଷ୍ଟ କରିଦେବ ଚାହିଁଲା ? 'ଏମିତି ଅନେକ କଥା ଭାବି ଆଖି ଛଳଛଳ ହୋଇ ଉଠିଲା । ବିଦ୍ୟାଳୟ ପୋଡ଼ିର ପରଦିନ ମାର୍ଚ୍ଚ ୨୩ ତାରିଖରେ ସତ୍ୟବାଦୀରେ ପହଁଚିଲେ ଗୋପବନ୍ଧୁ । ସେତେବେଳକୁ ଖରା ବଢ଼ି ଯାଇଥାଏ । ସମସ୍ତେ ଯାଇ ତାଙ୍କୁ ମୁଣ୍ଡିଆ ମାରିଲେ । ସେ ସ୍ଥିର ହୋଇ ଚାରି ଆଡ଼କୁ ଚାହିଁଲେ । ଠାଏଏଠାଏ ପାଉଁଶ କୁଢ଼ । ମନେ ହେଉଛି ସେ ଯେମିତି କେଉଁ ମଶାଣିରେ ଠିଆ ହୋଇଛନ୍ତି ।

"ତା ହେଲେ ମାଇନର ସ୍କୁଲର ଚାଳ ବଙ୍ଗଳା ସଂପୂର୍ଣ୍ଣ ଧ୍ୱସ୍ତ ।" ଭାରାକ୍ରାନ୍ତ ମନକୁ ସହଜ କରିବା ପାଇଁ ପଚାରିଲେ ଗୋପବନ୍ଧୁ ।

ତାଙ୍କ ପ୍ରଶ୍ନର ଉତ୍ତରରେ ନୀଳକଣ୍ଠ କହିଲେ, "ଆଜ୍ଞା । ଦେଖୁଛନ୍ତି ତ ଉଦ୍ୟୋକ୍ତାମାନଂକ ସବୁ ଶ୍ରମ ମାଟିରେ ମିଶି ଯାଇଛି । ସେମାନେ କେହି ଏମିତି ଶେଠ ନୁହଁନ୍ତି । ଘରୁ ନିଜନିଜର ପାଠ୍ୟପୁସ୍ତକମାନ ଦେଇ, ଭେଦା କରି ବହୁ କଷ୍ଟରେ ଏ ପାଠାଗାର ହୋଇଥିଲା । ପିଲାଏ ଓ ଶିକ୍ଷକମାନେ ସେଥିରୁ କେତେ ଲାଭବାନ ହେଉଥିଲେ ଓ ଆଗକୁ ହୋଇଥାନ୍ତେ । ତାହା ଏବେ ପାଉଁଶ ।"

"ହଁ ବୁଝି ପାରୁଛି । ତୁମ ସମସ୍ତଙ୍କ ମନ କେତେ କଷ୍ଟ ହେଉଥିବ ।"

ଗୋପବନ୍ଧୁ ଚାହୁଁଥିଲେ ନୀଳକଣ୍ଠଙ୍କ ଭିତରୁ ବେଦନାର ଉଦ୍‌ବେଳନ ସବୁ ବାହାରି ଆସୁ । ଏଥର ପୁଣି ନୀଳକଣ୍ଠ କହିଲେ- "କଣ କହିବି ଆପଣେ, ମୋର ସବୁ ପଢ଼ା ବହି ସେ ସମ୍ପର୍କୀୟ ନୋଟ ସେ ଘରେ ଥିଲା । ଚାଳ ବଙ୍ଗଳାର ଗୋଟିଏ ବଖରାର ପାଠାଗାର ଥିଲା,ଇଂରେଜୀ କୋଚିଂ କ୍ଲାସ ମଧ୍ୟ ସେଥିରୁ ଗୋଟିଏ ବଖରାରେ ହେଉଥିଲା । ସବୁ ଗଲା ।"

"ଆଚ୍ଛା ଘର ପୋଡ଼ିରୁ କୁଟା ଖିଏ ତ ବଞ୍ଚିଥିବ ?"

ଆପଣେଙ୍କ ଏ ପ୍ରଶ୍ନରେ ରାମଚନ୍ଦ୍ର ରଥ କହିଲେ, "ଅଳ୍ପ କେତୋଟି ବେଞ୍ଚ ଆଉ ମେଜ ରକ୍ଷା ପାଇ ଯାଇଛିପହେଲେ ପାଠାଗାର ସଂପୂର୍ଣ୍ଣ ପାଉଁଶ ।"

"ଆଚ୍ଛା କେତେ ବେଳେ ଏ ଘଟଣା ଘଟିଲା ?"

"ମାର୍ଚ୍ଚ ବାଇଶି ତାରିଖ ଦିନ ସକାଳ ଓଳି ସ୍କୁଲ୍ ସାରି ସମସ୍ତେ ଗଲା ପରେ ଏ ନାରକୀୟ କାଣ୍ଡ ଉପର ଓଳି ଘଟିଲା । ଦୁର୍ବୃତ୍ତମାନେ ଆମମାନଙ୍କ ଅନୁପସ୍ଥିତିର ସୁଯୋଗ ନେଲେ ।"

ତା ପରେ ଗୋପବନ୍ଧୁ ସମସ୍ତଙ୍କୁ ପାଖକୁ ଡାକିଲେ ଆଉ କହିଲେ, "ଚାଳର ବଙ୍ଗଳା ଘର ପୋଡି ଗଲା ତ, ଏଥିପାଇଁ ଏତେ ଦୁଃଖ କାହିଁକି ? ହୁଏତ ଈଶ୍ୱରଙ୍କ ଇଚ୍ଛା ଆଉ କିଛି ଅଛି । ସେ ହୁଏତ ଚାହୁଁଥିବେ ବିଦ୍ୟାଳୟ ପାଇଁ କୋଠା ଘର ହେଉ । ତେବେ ମୁଁ ତ ଯାହା ଦେଖୁଛି ଏଠି ଛାମୁଣ୍ଡିଆମାନ ଠିଆ ହୋଇଛି ।"

ନୀଳକଣ୍ଠ ଜବାବରେ କହିଲେ, "ହଁ ଆପଣେ! ଘର ପୋଡ଼ିର ଖବର ପାଇ ଆମେ ସମସ୍ତେ ଏଠିକୁ ଆସିଲୁ । କାଲି ରାତାରାତି ଛାମୁଣ୍ଡିଆ ସବୁ ଠିଆ କଲୁ । ବିଭିନ୍ନ ଛାମୁଣ୍ଡିଆ ତଳେ ଭିନ୍ନ ଭିନ୍ନ ଶ୍ରେଣୀ ବସାଇଲୁ । ଆଜି ପିଲାମାନଙ୍କର ପରୀକ୍ଷା ଥିଲା ।"

"ପରୀକ୍ଷା କିପରି ହେଲା ? ପିଲାମାନେ କଣ ଠିକ୍‌ଠାକ୍ ପରୀକ୍ଷା ଦେଇ ପାରିଲେ ?"

"ପିଲାଏ ପ୍ରଶ୍ନ ଆଉ ଉତ୍ତର ଖାତା ନେଇ ନିଜନିଜ ଇଚ୍ଛା ମୁତାବକ ଜାଗାରେ ବସିଗଲେ । ଆମେମାନେ କେହି ବୁଲି ଦେଖିଲୁ ନାହିଁ । ସେମାନେ ନିବିଷ୍ଟ

ଏଜେଣ୍ଟ କବଡେନ ରାମସେ । ତାଙ୍କର ବାରିପଦା ଗସ୍ତ ସମ୍ପର୍କରେ ଗୋପବନ୍ଧୁ ଜାଣିଥାନ୍ତି । ଜୁଲାଇ ମାସରେ ବିହାର-ଓଡ଼ିଶାର ଛୋଟ ଲାଟ ଆସିବେ ମୟୂରଭଞ୍ଜ ପରିଦର୍ଶନରେ । ତେଣୁ ଏଜେଣ୍ଟ ଭାବେ ସେ ଆସିଥାନ୍ତି ପ୍ରସ୍ତୁତି ତଦାରଖ କରିବାକୁ । ହୁଏତ ସେ ତାଙ୍କ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଯାହା ହେଲେ ବି ଶ୍ରୀରାମଚନ୍ଦ୍ରଙ୍କ ଉତ୍ତରାଧିକାରୀ ଗାଦି ଯୋଗ୍ୟ ହେବ ପର୍ଯ୍ୟନ୍ତ ରାମସେ ତ ଦାୟିତ୍ୱରେ । ସେ ତ ତାଙ୍କର ସ୍ୱାଭାବିକ କର୍ତ୍ତବ୍ୟ ତୁଲାଉଛନ୍ତି । ପାଖରେ ଥାଆନ୍ତି ଶିକ୍ଷା ବିଭାଗର ସର୍ବୋଚ୍ଚ ଅଧିକାରୀ ସୁପରିନଟେଣ୍ଡେଣ୍ଟ । ଗୋପବନ୍ଧୁ ଦୂରରୁ ଲକ୍ଷ୍ୟ କରୁଥାନ୍ତି । ଦୁହିଁଙ୍କ ଭିତରର କଥାବାର୍ତ୍ତା ଶୁଭିଲା ନାହିଁ । ତେବେ ପ୍ରଥମେ ଗାଡ଼ିରେ ବସିଲେ ରାମସେ । ତା'ପରେ ଯେତେବେଳେ ସୁପରିନଟେଣ୍ଡେଣ୍ଟ ତାଙ୍କ ପାଖକୁ ଉଠନ୍ତି ସେ ଆଙ୍ଗୁଠି ଦେଖାଇ ବାରଣ କଲେ ।

ପୁଣି ଠାରିଲେ- ସେଠି ବସ । ଅର୍ଥାତ ଗାଡି ଚାଳକ ପାଖରେ ।

ଗୋପବନ୍ଧୁଙ୍କ ମୁଣ୍ଡ ଘୁରାଇ ଦେଲା । ଗୋରା ଅଧିକାରୀଙ୍କର କି ଅହମ୍ମନ୍ୟତା ? ସେ ବିରକ୍ତିରେ ଝର୍କା ବନ୍ଦ କଲେ । ଜାଣିଲେ ଏଠି ଆଉ ବେଶୀ ଦିନ ରହିବା ଠିକ ନୁହେଁ । ମର୍ଯ୍ୟାଦା ହାନି । ଆଜି ଏଠିକୁ ଆସିବା ଓ ଯିବାର ପ୍ରସ୍ତୁତି ଉଭୟ କଥାକୁ ସେ ତଉଲି ଦେଖୁଥିଲେ । ସେ ଯେପରି ବିଧିବଦ୍ଧ ଭାବେ ଏଠି କାମରେ ଯୋଗ ଦେଇଥିଲେ ସେହିପରି ଦାପ୍ତରିକ ଭାବେ ତାଙ୍କୁ କାମରୁ ନିବୃତ୍ତି ନେବାକୁ ହେବ । ସର୍ଦ୍ଦାର ବନମାଳୀ ଧର ମହାପାତ୍ର ବନାମ ମୟୂରଭଞ୍ଜ ଷ୍ଟେଟ ଏକ ଅପରାଧିକ ମକଦ୍ଦମା ଚାଲିଛି । ଯେ ପର୍ଯ୍ୟନ୍ତ ସେ କେଶ ନ ଛିଣ୍ଡିଛି ହୁଏତ ସେ ଯିବାକୁ ଅନୁମତି ପାଇ ପାରିବେ ନାହିଁ । ତେବେ ଦେଖାଯାଉ ।

ଏପରି ଚଡକ ସାମ୍ନା କରୁଥିବା ବେଳେ ଗୋପବନ୍ଧୁଙ୍କ ମୁଣ୍ଡ ଉପରେ ପଡେ ଆଉ ଏକ ଚଡକ । ସତ୍ୟବାଦୀରୁ ଆସେ ଦୁଃସମ୍ବାଦ । ବିଦ୍ୟାଳୟ ଘରେ ରକ୍ଷଣଶୀଳମାନେ ନିଆଁ ଲଗାଇ ଦେଇଛନ୍ତି । ସବୁ ଜଳି ଭସ୍ମ ହୋଇଯାଇଛି । ଖବର ପାଇବା ମାତ୍ରେ ବସିବା ଜାଗାରୁ ଉଠି ବାହାରି ପଡିଲେ ସେ । ରେଳରେ ଗଲା ବେଳେ ବାଟ ସାରା ଘାରି ହେଉଥାନ୍ତି- କୋଉ କୃତାନ୍ତ ଏପରି କରିପାରିଲା । କାହାର ହାତ ଗଲା ଏ ଅପକର୍ମ କରିବା ପାଇଁ । ବର୍ଷ ଆରମ୍ଭରୁ ଉଚ୍ଚ ଇଂରାଜୀ ବିଦ୍ୟାଳୟ ଆରମ୍ଭ ହୋଇଥିଲା । ନୀଳକଣ୍ଠ ନିଯୁକ୍ତ ହେଲା ପରେ କାମ ହୋଇଥିଲା ତ୍ୱରାନ୍ୱିତ । ଏଣ୍ଟ୍ରାନ୍ସ ଚତୁର୍ଥ ଶ୍ରେଣୀରେ ପିଲାମାନେ ନାଁ ଲେଖାଇବା ଆରମ୍ଭ କରିଥିଲେ । କାହାର ବଧି ସହିଲା ନାହିଁ ଶିକ୍ଷାର ଏ ଶିରୀ ଦେଖି । କେତେ କାହାର ତ୍ୟାଗରେ ଗଢ଼ା ଏ ମଞ୍ଜି ପୋତା ହୋଇ ଗଜା ମାରୁଛି କିଏ




ଦୁଇ ଦୁଇଟି ଗାଁର ଲୋକେ ବିଦ୍ୟାଳୟ ପାଇଁ ବ୍ୟଗ୍ର ଥିଲେ । ହେଲେ ସେମାନେ କଣ ଜାଣିଥିଲେ ଆପଣଙ୍କ ସ୍ୱପ୍ନର ବିଦ୍ୟାଳୟ ପଛରେ ଆଉ କି ଯୋଜନା ଅଛ । ଆମେ ଯେ ଅସ୍ପୃଶ୍ୟତା ନିବାରଣ, ଜାତି ଧର୍ମ ନିର୍ବିଶେଷରେ ପଙ୍‌କ୍ତି ଭୋଜନ କାମ ଆରମ୍ଭ କରିଥାଏ ସେକଥା ରକ୍ଷଣଶୀଳଙ୍କର ସହ୍ୟ ହେବ କେମିତି ? ନାନାଦି କୁସଂସ୍କାର ବିରୁଦ୍ଧରେ କହିବା ପୁଣି ସେମାନଙ୍କୁ ବାଧୁଛି । ଥରେ କେତେଜଣ ରକ୍ଷଣଶୀଳ ମୋ ପାଖକୁ ଆସିଥିଲେ । ସବୁ ଜାତିର ଲୋକେ ଏକାଠି ପଙ୍‌ଗତ କରୁଛନ୍ତି ଶୁଣି ସେମାନେ ଉତକ୍ଷିପ୍ତ ହୋଇଉଠିଥାନ୍ତି । ଭିତରର କ୍ରୋଧ ଥିଲେ ମଧ୍ୟ ସେମାନେ ମୋତେ ଅନୁରୋଧ କଲେ –ବ୍ରାହ୍ମଣ ଓ ଅବ୍ରାହ୍ମଣ ଙ୍କ ପାଇଁ ଅଲଗା ଭୋଜନ ସ୍ଥାନର ବ୍ୟବସ୍ଥା କର । ତା ନ ହେଲେ ସ୍ଥାନୀୟ ଲୋକଙ୍କ ପାଇଁ ପରିସ୍ଥିତି ଅସହ୍ୟ ହେଉଛି –"

ଉତ୍ତରରେ ମୁଁ କହିଥିଲି, "କୁଳ ଗୃହର ସମସ୍ତ ଅନ୍ତେବାସୀଙ୍କର ମୁଁ କୁଳ ପତି । ସୁବିଧା ଥିଲେ ମୋର ପତ୍ନୀ ନିଜ ପୁତ୍ର ରୂପେ ସେମାନଙ୍କୁ ରାନ୍ଧି ଖାଇବାକୁ ଦିଅନ୍ତା । ମୁଁ ଏଇ ପୁତ୍ରମାନଙ୍କ ମଧ୍ୟରେ ବର୍ଣ୍ଣ ଧର୍ମ ଭେଦ କରି ପାରିବି ନାହିଁ କ୍ଷମା କରନ୍ତୁ । ଶୁଣିଛି ମୋର ଜବାବରେ ମୁହଁରେ କିଛି କହି ନ ପାରି ସେମାନେ ଭିତରେ ଭିତରେ କୁହୁଳୁଥିଲେ । ଏବେବି ସେମାନେ ପଣ୍ଡିତମାନଙ୍କୁ ଧରି ମୋତେ ସମାଜରେ ବାସନ୍ଦ କରିବାର ମସୁଧାରେ ଅଛନ୍ତି । ସେଇମାନେ ହିଁ ଗୁପ୍ତରେ ନିଆଁ ଲଗାଇ ଘର ପୋଡ଼ିଛନ୍ତି ।"

"ମୋତେ ବି ଏପରି ବାସ୍ନା ହେଉଥିଲା ନୀଳକଣ୍ଠ । ତେବେ ତୁମେ ସେମାନଙ୍କୁ ଉଚିତ ଜବାବ ଦେଇଛ । ତା ଛଡା ଏଥିପାଇଁ ତୁମ ନିଶର ଅବଦାନ ବି କିଛି କମ ନୁହେଁ । ତୁମର ନିଶ ରଖିବା ବ୍ରାହ୍ମଣମାନଙ୍କୁ କିଛି କମ କ୍ଷୁବ୍ଧ କରିନାହିଁ । ଆଉ 'ମୋ ନିଶ' ଲେଖାଟି ତ ନିଶ ଛଳରେ କେତେ କଥା କହିଛି ।" କଷ୍ଟକର ପରିସ୍ଥିତିରେ ବି ଦାସେ ଆପଣେଙ୍କ ସରସତାରେ ସମସ୍ତେ ହସି ପକାଇଲେ ।

"ନିଶ ପଛର ବାର୍ତ୍ତା ତ କେହି ବୁଝୁ ନାହାନ୍ତି ଆଜ୍ଞା । ବରଂ ନିଶ ପୋଡ଼ିଦେବେ ବୋଲି ଧମକ ଦେଉଛନ୍ତି । କେହି କେହି ମୋର ନିଶ ରଖିବାଟାକୁ ଫେସନ ବୋଲି ଭାବୁଛନ୍ତି । ଅବଶ୍ୟ ମୋର ଖୁସି ଯେ ମୋର ଅନେକ ଅନୁଜ ଏବେ କେବଳ ନିଶ ରଖୁଛନ୍ତି ।"

"ହଁ ନୀଳକଣ୍ଠ ! ଆମର ପୂଜ୍ୟ ହରିହର ତ ବ୍ରାହ୍ମଣମାନଙ୍କ ଭିତରୁ ରକ୍ଷଣଶୀଳତା ଯାଉ ବୋଲି କେତେ ବ୍ୟସ୍ତ ହୋଇ କାମ କରୁଥିଲେ । କିଏ ବା ଶୁଣିଲା ତାଙ୍କ କଥା ।"

"ସେଥିପାଇଁ ତ ଆପଣ ତାଙ୍କୁ ନିବେଦିତ କବିତାରେ ଲେଖିଥିଲେ
– ପାଂଚିଥିଲ ମନେ ତେଜିବେ ବ୍ରାହ୍ମଣେ ଯେବେ ଚିର କୁସଂସ୍କାର
ଅନ୍ୟ ଯେତେ ଜାତି ଉଠିବେ ଝଟତି ହେବ ଉନ୍ନତି ପ୍ରଚାର ।"

"ଠିକ ମନେ ରଖିଛ । ତୁମ ସମସ୍ତଙ୍କର ଉଦ୍ୟମ ତ ହରିହରଙ୍କ ଆଦର୍ଶକୁ

ହୋଇ ଉତ୍ତର ଲେଖିଲେ, ଯଥା ସମୟରେ ଶୃଙ୍ଖଳିତ ଭାବେ ଜଣକ ପରେ ଜଣେ ଉତ୍ତର ଖାତା ଦେଇଗଲେ ।" କହିଲେ ନୀଳକଣ୍ଠ ।

"ଏ ତ ବହୁତ ଉତ୍ତମ କଥା । ବିଦ୍ୟାଳୟର ଘରକୁ କିଏ ପୋଡି ଦେଇ ପାରେ । ହେଲେ ଯେଉଁଠି ତୁମ୍ଭମାନଙ୍କ ପରି ଶିକ୍ଷକ ଅଛନ୍ତି ସେଠି ବିଦ୍ୟାଳୟ ର ପ୍ରାଣକୁ କିଏ ଦୋହଲାଇ ପାରିବ ?"

"ତା ସତ ଯେ । ତେବେ ମାନୁଷି ଦାଉ ପରେ ଦୈବୀ ଧକ୍କା କିଛି କମ ନୁହେଁ । ପିଲାଏ ଗଲା ପରେ କିଛି ସମୟ ପ୍ରବଳ ପବନ ହେଲା । ସେଥିରେ ଯାହା କିଛି କାନ୍ଥ ସୁରକ୍ଷିତ ଥିଲା ସବୁ ଭୁଶୁଡି ପଡିଲା । ଟିଣ ସବୁ ଛିନ୍ନଛତ୍ର ହୋଇ ଗଲା । ତେବେ ଆପଣ ପହଁଚିବା ଆଗରୁ ନୀଳକଣ୍ଠ ଅନ୍ୟମାନଙ୍କୁ ଧରି ଟିଣ ସବୁ ଏକତ୍ର କରାଇଛି ।"

କହିଲେ ବଡ଼ ଆପଣେ ମଧୁସୂଦନ ।

ଏତେ ସବୁ କଥା ଶୁଣିବା ପରେ ଗୋପବନ୍ଧୁ କହିଲେ, "ଆପଣମାନେ ପ୍ରମାଣ କରି ଦେଖାଇଛନ୍ତି ଯେ ଶୃଙ୍ଖଳା, ଧୈର୍ଯ୍ୟ ଓ ସଂଯମ ବିଦ୍ୟାଳୟର ମୂଳ ଭିତ୍ତି । ଆଉ ନୀଳକଣ୍ଠ ପ୍ରମାଣ କରିଛି ଶ୍ମଶାନ ରେ ହିଁ ନୀଳକଣ୍ଠ ଗୌରବର ସହ ତପସ୍ୟା କରି ପାରନ୍ତି । ଏଣିକି ଆମେ ବିଭିନ୍ନ ଜାଗାକୁ ଯାଇ ପୃଷ୍ଟପୋଷକତା ଆଦାୟ କରିବା । ଆଛା ଏସବୁ କାହାର କାଣ୍ଡ ହୋଇପାରେ ?"

ତହୁଁ ନୀଳକଣ୍ଠ ଉତ୍ତର ଦେଲେ, "ଏ ସବୁ ରକ୍ଷଣଶୀଳ ଙ୍କର କାମ ।"

"ସେମାନେ ଆମ ଉପରେ ରୁଷ୍ଟ ହେବାର କାରଣ କେଉଁଠି ? ଆମେମାନେ ତ ସମାଜର ଜାଗରଣ ପାଇଁ ଏସବୁ କରୁଥାଇଁ । ପ୍ରଥମେ ତ ବିଦ୍ୟାଳୟ ବସାଇବା ପାଇଁ ଗାଁ ଗାଁ ଭିତରେ ପ୍ରତିଯୋଗିତା ବି ଚାଲିଥଲା । ଏବେ ବିଦ୍ୟାଳୟ କାହା କାହାର ଚକ୍ଷୁ ଶୂଳ ହେବାର କାରଣ କେଉଁଠି ?"

ଗୋପବନ୍ଧୁଙ୍କର ଏ କଥାର ଜବାବ ଦେବାକୁ ଯାଇ ପୁଣି ନୀଳକଣ୍ଠ କହିଲେ, "ଦେଖନ୍ତୁ ଆପଣେ ! ଶିକ୍ଷା ପାଇଲେ ସହଜରେ ଚାକିରୀ ମିଳିବ ତେଣୁ ବିଦ୍ୟାଳୟ ବସିବା ଜରୁରୀ । ଏକଥା ସାଧାରଣରେ ଧାରଣା ଥିଲା । ତେଣୁ ପ୍ରଥମ ପର୍ଯ୍ୟାୟରେ

ରୂପାୟିତ କରୁଛି । ଆଉ ତୁମ୍ଭମାନଙ୍କ ସହ ରାମଚନ୍ଦ୍ରର କାମ ମୋତେ ବେଶୀ ଆନନ୍ଦିତ କରିଛି । ମୁଁ ପହଁଚିଲା ବେଳକୁ ସେ ଯେପରି ଅକ୍ଳାନ୍ତ ଭାବେ ସଫାସଫିରେ ଲାଗିଥାଏ ତାହା ସମସ୍ତଙ୍କର ଅନୁକରଣୀୟ ।"


ବକୁଳ ବନ

ନିଜ ଭିତରେ କଥା ହୋଇ ଗୋପବନ୍ଧୁ ଓ ନୀଳକଣ୍ଠ ଗୋପବନ୍ଧୁଙ୍କ ବସା ଆଡ଼କୁ ଚାଲିଥାନ୍ତି । ପୁରୁଣା ଦିନ ମନେ ପକାଇ ନୀଳକଣ୍ଠ କହନ୍ତି, 'ଆପଣଙ୍କର ରାମଚନ୍ଦ୍ରର ଛାତ୍ର ଜୀବନ ମନେ ଅଛି ।"

"ସବୁ ମନେ ଅଛି । ବିଶ୍ୱନାଥପୁର ଶାସନରୁ ଯାଇ ପୁରୀରେ ସେ ସଂଘର୍ଷ କରୁଥିବାର ଦିନ ମନେ ଅଛି । ତୁମ ଠୁ ଛ ସାତ ବର୍ଷ ସାନ ହେବ ନା କଣ । କାହାରି ଘରେ ଖାଇବନି । ଭାରି ଗରିବ ପରିବାରର । ହାତରେ ରାନ୍ଧି ଖାଉଥାଏ । ଅଭାବରୁ ପଢା ଛାଡିବା ଅବସ୍ଥା ଆସିଥିଲା । ତେଣୁ ମୋତେ କହିଥିଲା, "କିଛି ଆର୍ଥିକ ସହାୟତା ଦିଅନ୍ତୁ ଆପଣେ । ଅଭାବରୁ ପଢା ଛାଡିବା ଅବସ୍ଥା ।"

ଆଉ ମୁଁ ବି ତାକୁ ହୃଦୟ ପଥର କରି କହିଥିଲି, "ମାଗି କରି ନୁହଁ ଅର୍ଜ କରି ପଢ ।"

ସେ ପଚାରିଥିଲା, "କିପରି ଅର୍ଜିବି ।" ମୋର ଉତ୍ତର ଥିଲା, "ଷ୍ଟେସନରେ ବୋଝ ବୋହି ପାରିବ । କୁଲି ହୋଇ ପାରିବ ।"

ନୀଳକଣ୍ଠ କହିଲେ, "ଏକଥା ଆମ ଛାତ୍ର ମହଲରେ ବଡ଼ ଚର୍ଚ୍ଚା ହୋଇଥିଲା । ତା ପର ଦିନ ସେ ଷ୍ଟେସନରୁ ଶୁଖୁଆ ପଟ ବୋହିବାର ଦୃଶ୍ୟ ଲୋକ ଦେଖିଛନ୍ତି । ଆପଣଙ୍କ କଥାକୁ ରାମଚନ୍ଦ୍ରର ବଡ଼ ସମ୍ମାନ ।"

"ସେ କଥା ମୁଁ ବାସୁଦେବକୁ ବି କହିଥିଲି । ଉଭୟଙ୍କୁ କହିଥିଲି ଶ୍ରମ ପଛରେ ମର୍ଯ୍ୟାଦା ଅଛି । ସାଆନ୍ତ ହେବାରେ ନୁହେଁ । ଶ୍ରମ ଆଳସ୍ୟରୁ ମୁକ୍ତି ଦିଏ, ନୂଆ ସଂସ୍କୃତିର ସୂତ୍ରପାତ କରେ । ସୁବିଧାବାଦରୁ ମୁକ୍ତି ଦିଏ । ଦୁହିଁଙ୍କୁ ମୁଁ ଏକଥା ବୁଝାଇ କହିଥିଲି । ଦୁହେଁ ମୋ କଥା ରଖିଥିଲେ ।"

"ରାମଚନ୍ଦ୍ର କିନ୍ତୁ ଏଣ୍ଟ୍ରାନ୍ସ ପାଶ୍ କରି ପୁରୀ କଚେରୀରେ ଦଶ ଟଙ୍କା ଦରମାରେ ନିଯୁକ୍ତ ହେଲେ । ତା ପରେ ଖୋର୍ଦ୍ଧା କୋର୍ଟରେ ପେସ୍କାର । ଦରମା ହେଲା ତିରିଶ୍ ଟଙ୍କା । ହେଲେ ମୁଁ ଏଠି ଯୋଗ ଦେବା ପରେ ମୋତେ ବାରମ୍ବାର ଚିଠି ଲେଖିଲା ସତ୍ୟବାଦୀରେ ଯୋଗ ଦେବା ପାଇଁ । ଖୋର୍ଦ୍ଧା କୋର୍ଟରେ ତାଙ୍କୁ ଲୋକେ ପଇସା ଯାଚୁଥିଲେ । କଚେରୀକୁ ଆସୁଥିବା କି ଧନୀ କି ଗରିବ ସମସ୍ତେ ତାକୁ ଲାଞ୍ଚ ଦେଇ ଫାଇଦା ଉଠାଇବାକୁ ଚେଷ୍ଟା କରିଥିଲେ । ହେଲେ ସେ ଲାଞ୍ଚ ପଇସା ଛୁଏନା । ଆଉ ଏସବୁ ତାଙ୍କୁ ସହ୍ୟ ହେଉ ନଥିଲା । ତା ପରି ନୀତିନିଷ୍ଠ ଲୋକ ଏଥିରେ ବଡ଼ ବ୍ୟଥିତ ହେଉଥିଲା । ଦିନେ ତ ବଡ଼ ବିବ୍ରତ ହୋଇ ରାମଚନ୍ଦ୍ର ମୋତେ ଲେଖେ – ମୁଁ ସତ୍ୟବାଦୀ ବିଦ୍ୟାଳୟରେ ଯୋଗ ଦେବାକୁ ଲୋଡୁଛି । ଆପଣ ମୋତେ ଅନୁମତି ଦିଅନ୍ତୁ ।

ମୁଁ ତାକୁ ଓଲଟା ପତ୍ରରେ ଲେଖିଥିଲି- ଆଉ କିଛିଦିନ ଆପେକ୍ଷା କର । ହେଲେ ସେ ଜାନୁଆରୀ ପହିଲାରେ ସତ୍ୟବାଦୀରେ ସିଧା ପହଂଚି ଯାଏ । ଚାକିରିରୁ ଇସ୍ତଫା ଦେଇ ଥାଏ । ମୁହଁ କିନ୍ତୁ ଉଜ୍ଜ୍ୱଳ ଥାଏ – କହିଲା – ପେସ୍କାର କାମ ବଡ଼ ଖରାପ । ଦିନା କେତେ ଆଉ ଏଠି ରହିଲେ ସତ୍ୟବାଦୀରେ ଆପଣମାନଙ୍କ ସହ ରହିବାର ଯୋଗ୍ୟତା ହରାଇ ବସିବି । ଦିନେ ଜଣେ ବିଖ୍ୟାତ ଲୋକ ମୋତେ ଟଙ୍କାଟିଏ ଯାଚିଲେ । ମୁଁ ନେଲି ନାହିଁ । ସେ ଓଲଟି ମୋତେ ବୁଝାଇବା ଆରମ୍ଭ କରି ଦେଲେ ଯେ ଏପରି ଲାଞ୍ଚ ନିଆଯାଏ । ନ ନେଲେ ନ ଚଳେ । ପୁଣି ମୁରବୀ ଭଳି ବୁଝାଇଲେ ଯେ ଟଙ୍କା ନ ନେଲେ ଲୋକେ ଭାବିବେ ତୁମେ ତାଙ୍କ କାମ ଠିକ ରୂପେ କରୁ ନାହଁ । ମୋତେ ଦୁଃଖିତ ଓ ଲଜ୍ଜିତ ଲାଗିଲା । ପରେ ସେ ଦୁଇ ଟଙ୍କା ଲାଞ୍ଚ ଯାଚିଲେ । ଲୋଭାଇଲେ, ବୁଝାଇଲେ, ନିରାଶ ହୋଇ ଉଦ୍ୟମ ଛାଡିବେ ନାହିଁ ବୋଲି କହିଲେ । ତାଙ୍କ କଥା ଶୁଣିବା ପରେ ରାତିରେ ମୁଁ ଶୋଇ ନାହିଁ । ଦେଖିଲି ଚରିତ୍ର ଖରାପ ହୋଇଯିବ । ତହିଁ ଆର ଦିନ ଇସ୍ତଫା ଦେଇ ଚାଲି ଆସିଲି । ଟଂକା ଦିଅନ୍ତୁ ନ ଦିଅନ୍ତୁ ମୁଁ ଏଇଠି ରହିବି ।

– ରାମଚନ୍ଦ୍ରର ଏ ଚରିତ୍ର ବଳ ମୋତେ ବିସ୍ମିତ କରେ । ସେ ଯଥାର୍ଥରେ ମହାନ । ଆପଣ ସେତେବେଳକୁ ବାରିପଦାରେ । ମୁଁ ତାଙ୍କୁ ରଖିନେଇଥିଲି । ମାତ୍ର ଛ ଟଙ୍କା ଦରମାରେ ସେ କିପରି ଚଳେ ମୁଁ ଜାଣେନା । ଋଣ ଭାର ଗ୍ରସ୍ତ ବୃଦ୍ଧ ପିତାମାତା ଓ ଅନ୍ୟାନ୍ୟ ଜଞ୍ଜାଳ ଭିତରେ ସେ ଏଠି ନିଜର ସାର୍ଥକତା ଦେଖେ । ଆପଣେ ମୋ କଥା ରଖି ତାକୁ ଯେ ଏଠି ଜାଗା ଦେଲେ ସେଥିରେ ମୁଁ କୃତଜ୍ଞ । ଏ ବିଦ୍ୟାଳୟ ପୋଡି ଘନ ଘଟା ରେ ସେ ହିଁ ମୋ ସହ ଅଛି । ରକ୍ଷଣଶୀଳ ଘରୁ ଆସି ମଧ୍ୟ ସେ ନିଜକୁ ବଦଳାଇ ପାରିଛି । ସେମାନଙ୍କ ସହ ସାଲିସ କରିନାହିଁ ।

ରାମଚନ୍ଦ୍ରର ଚରିତ୍ର ଗୋପବନ୍ଧୁଙ୍କ ଆଖିରେ ଲୁହ ଆଣିଦେଲା । ସେ ଉପରକୁ ଚାହିଁ ଅଦୃଷ୍ଟ ଉଦ୍ଦେଶ୍ୟରେ କହିଲେ, "ଏ ଚଡକ ଯେତେ ତୀବ୍ର ହେଉ ରାମଚନ୍ଦ୍ର,ନୀଳକଣ୍ଠ, ହରିହର ଭଳି ଚରିତ୍ର ତାର ପ୍ରଭାବକୁ ପ୍ରତିହତ କରି ପାରିବେ ।"

ଶେଷରେ ନୀଳକଣ୍ଠଙ୍କୁ କହିଲେ, "ମହାରାଜଙ୍କ ଦେହାନ୍ତ ପରେ ମୋର ଆଉ ବାରିପଦାରେ ରହିବାକୁ ଉତ୍ସାହ ନାହିଁ । ଏବେ ସେଠି ନୌକର ସାହି । ବନମାଳୀ ଧର ମହାପାତ୍ର ସର୍ଦ୍ଦାରର ମକଦମା ଛିଣ୍ଡାଇ ମୁଁ ଖୁବ ଶୀଘ୍ର ଏଠିକୁ ଫେରିବି । ହୁଏତ ତା'ହିଁ ଏତେ ଚଡକ ଭିତରେ ଅଦୃଷ୍ଟର ଇଚ୍ଛା ।"

ଧାରାବାହିକ ଆତ୍ମଜୀବନୀ

# ସ୍ମୃତିର ପ୍ରଜ୍ଞାପୀଠ



# (୧୨) ପ୍ରଜ୍ଞାପୀଠରେ ତେତିଶ ବର୍ଷ

**ଜୟନ୍ତୀ ରଥ**
'ସାଇସୁଧା', ୩୬୫/୩୦୨୫, ଶିଶୁ ବିହାର,
ପଟିଆ କିଟ୍, ଭୁବନେଶ୍ୱର-୭୫୧୦୨୪
ଫୋନ : ୮୮୯୫୬୧୭୯୫୬

ଫଟୋ ସୌଜନ୍ୟ : ସୂର୍ଯ୍ୟ ଦେଓ

**'ପ୍ରଜ୍ଞାପୀଠରେ ତେତିଶ୍‌ବର୍ଷ': ଜୟନ୍ତୀ ରଥଙ୍କ ଏକ ଆତ୍ମଜୀବନୀ ମୂଳକ ଆଲେଖିକା । ଏଥିରେ ସେ ଧାରାବାହିକ ଭାବେ ଖୋଲିବେ ତାଙ୍କ ଜୀବନର ସେଇସବୁ ପାଖୁଡ଼ା, ଯେଉଁଥିରେ ପାଠକଙ୍କ ପାଇଁ ରହିବ ରାଶି ରାଶି ତଥ୍ୟ ଓ ଜୀବନ କାହାଣୀ, ପ୍ରାୟପୋନ୍ୟାସ ଶୈଳୀରେ । ଜୟନ୍ତୀ ରଥ ଆମ ସମୟର ଜଣେ ସୁଶୀଳ କଥାଶିଳ୍ପୀ । ଅସଂଖ୍ୟ ଗଳ୍ପ ଲେଖି ସେ ଓଡ଼ିଆ ପାଠକଙ୍କ ମନ ଜିଣି ପାରିଛନ୍ତି । ପାଖାପାଖି ୧୯ଟି ଗଳ୍ପ ସଂକଳନ, ୩ଟି ଉପନ୍ୟାସ, ୪ଟି କବିତା ସଂକଳନର ସେ ସ୍ରଷ୍ଟା । ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ପଦବୀରୁ ଅବସର ନେଇ ସେ ଏବେ ସାହିତ୍ୟ ସାଧନାରେ ମଗ୍ନ । 'ରେବତୀ'ର ପାଠକଙ୍କ ପାଇଁ ଏହି ଧାରାବାହିକଟି, ଅଧୁନା ତାଙ୍କ ସ୍ୱପ୍ନ ଓ ସଂକଳ୍ପ ।**



▲ ଲେଖିକା ଜୟନ୍ତୀ ରଥ

"ତମେ ମୋତେ ବଢ଼େଇ ଦେଇଚ ଚେନାଏ ଆକାଶ
ମୁଁ ଲୁଚିଯିବାକୁ ଚାହେଁ ତମ ପଣତ ତଳେ
ଅସରନ୍ତି କବିତା ଓ କାହାଣୀ ଭିତରେ"

ଏମିତି ସୁନ୍ଦର-ଅର୍ଥପୂର୍ଣ୍ଣ, ଆବେଗପୂର୍ଣ୍ଣ କବିତା ତା ଟେବୁଲ୍ ଉପରେ ରଖି ସ୍ଥିର ଅବିଚଳିତ ମୁଦ୍ରାରେ ତା ରୁମ୍‌ରେ ବସିଥାଏ ମମତା । ବେବି ଲାଇବ୍ରେରୀରୁ ଆସି ଚଉକିରେ ବସୁ ବସୁ ତାର ଆଖି ପଡ଼େ ସେ କବିତା ଉପରେ । ମମତାର ଅକ୍ଷର ଦେଖି ମୁଗ୍ଧ ହୋଇଯାଏ । ରସସିକ୍ତ ହୋଇଯାଏ ।

ମାତ୍ର ୪/୫ମାସ ପାଇଁ ସଂଗ୍ରହାଳୟରେ ସହ ସଂଗ୍ରହାଧ୍ୟକ୍ଷା ଭାବେ କାର୍ଯ୍ୟ କରିଥିଲା ମମତା । ପରେ ପରେ ଇତିହାସର ଅଧ୍ୟାପିକା ଭାବେ ଯୋଗ ଦେଇଥିଲା ଫକୀରମୋହନ ମହାବିଦ୍ୟାଳୟରେ । ଘରର ବଡ଼ ଝିଅ । ମୁଣ୍ଡରେ ବହୁତ ଦାୟିତ୍ୱ । ମାଆଙ୍କ ସ୍ୱାସ୍ଥ୍ୟ ଭଲ ରହୁନଥିଲା । ବାପାଙ୍କ ଶ୍ରମ ଓ ଚିନ୍ତା ଲାଘବ କରିବା ପାଇଁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରୁଥିଲା । ଅଫିସ୍‌ରେ ମନଖୋଲି ବେଶି ମିଶୁ ନଥିଲା କାହା ସାଙ୍ଗରେ । ମାତ୍ର ବେବି ପାଇଁ ସେ ଆଣି ଦେଇଥିଲା ମୃଦୁ ମଳୟର ପ୍ରବାହ । ତା ମନକୁ ତରଙ୍ଗାୟିତ କରିବା ପାଇଁ ଯଥେଷ୍ଟ ଥିଲା ମମତାର ଭାବପୂର୍ଣ୍ଣ କଥା । ଏକାଠି ବସୁଥିଲେ । ବେବି ନିଜ ପାଇଁ ଚା' ମଗେଇଲା ବେଳେ ମମତା ଅଳି କରେ ତା' ପାଇଁ ମିଠା ପାନ ମଗେଇବାକୁ । ଅଭାବ ଅପ୍ରାପ୍ତି, ସବୁକଥାକୁ କହେ ହସି ହସି । ସର୍ତ୍ତହୀନ ଭଲ ପାଇବାର, ମନ ଦିଆନିଆର ସାବଲୀଳ ଧାରାଟିଏ ଛୁଟିଥିଲା ସେମାନଙ୍କ ଭିତରେ । ବେବି ତା'ପାଇଁ ନିଜ ପସନ୍ଦରେ ବାଛି ପଙ୍କଜ ଉଧାସ୍‌ଙ୍କ Stolen Moment ଅଲ୍‌କା ୟାଗ୍‌ନିକଙ୍କ 'ତୁମ ୟାଦ୍ ଆୟେ' କ୍ୟାସେଟ୍ କିଣିଦିଏ ତ, କବିତା କୃଷ୍ଣମୂର୍ତ୍ତି, ସାଧନା ସର୍‌ଗମ୍, ଚିତ୍ରା ସିଂହ, ଜଗଜିତ ସିଂହଙ୍କ ଗାୟକୀ ସହ ପରିଚିତ କରାଏ ସେମାନଙ୍କ କ୍ୟାସେଟ୍ ତାକୁ ଉପହାର ଦେଇ । ମମତା ଯାହା ଶୁଣେ, ଯାହା ପଢେ ଯାହା ଦେଖେ, ଯାହା ବୁଝେ ସବୁର ଗଭୀରକୁ ଯାଏ । ବେବିର ଗପ ଓ କବିତା ସବୁ ତର୍ଜମା କରେ । ତା'କୁ ଅଧିକରୁ ଅଧିକ ଭଲ ଲେଖିବା ପାଇଁ ପ୍ରେରଣା ଦିଏ । ଦିନେ ଦିନେ ସୁନ୍ଦର ପେନ୍‌ଟିଏ ତା' ଟେବୁଲ୍ ଉପରେ ରଖି ଦେଇଥାଏ । ତଳେ ଥାଏ ଧାଡ଼ିଏ ଲେଖା: "ମୋ ଆୟୁଷ ଆପଣଙ୍କୁ ଲାଗିଯାଉ ।"

ମମତା ତାକୁ ଈଶ୍ୱରଙ୍କ କରୁଣାର ସ୍ପର୍ଶ ଦେବାକୁ ଆସିଥିଲା । ମମତା ଥିଲା ଘରର ବଡ଼ଝିଅ, ତଳ ଭାଇ ଭଉଣୀଙ୍କ ଦାୟିତ୍ୱ ଥିଲା ତା' ଉପରେ । ନିଜ ଦରମା ନିଜ ପାଇଁ ହାତ ଖୋଲି ଖର୍ଚ୍ଚ କରୁନଥିଲା । ନିଜ ଖୁସିରେ ଭଲ ଡିଜାଇନ୍‌ର ଡ୍ରେସ୍ କରୁ ନଥିଲା । ନିରୋଳାରେ ବସିଲା ବେଳେ ଗପୁଥିଲା ଭୁବନେଶ୍ୱରରେ ଜନ୍ମ ହୋଇ ଭୁବନେଶ୍ୱରରେ ବଢି ବି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସେ ଲିଙ୍ଗରାଜ ମନ୍ଦିର ଦେଖି ନଥିଲା । ବିଳାସବ୍ୟସନ ତ ବହୁଦୂର କଥା । ତେବେ ଝିଅଟାର ମନରେ ହୀନମନ୍ୟତା ନଥିଲା । ଅନ୍ୟ କାହାର ସୁଖ ସଂପଦ ଦେଖି ସେ ଈର୍ଷା କରୁ ନଥିଲା ।

ତା'ଠୁ ବିଦାୟ ନେଇ ଯିବା ବେଳେ କହିଥିଲା– "ନାନୀ, ତମଠୁ ବୟସରେ ମୁଁ ବହୁତ ସାନ । ହେଲେ ମନର କ'ଣ ବୟସ ଥାଏ ? ଆମେ ଦୁହେଁ ସବୁଦିନ ସାଙ୍ଗ ହୋଇ ରହିବା ।" ସତକୁ ସତ ଦୁହେଁ ସାଥୀ ହୋଇ ରହିଛନ୍ତି ଆଜିଯାଏଁ ।

ଫୋନ୍‌ରେ ଘରସଂସାର କଥା ବିଷୟରେ କଥା ହୁଅନ୍ତି । ସେ ପଢ଼ିଥିବା ନିମ୍ବାର୍କ, ରାମାନୁଜ, ଆନ୍ଦ୍ରେ ଜିଦ୍, ପୁଷ୍କିନ୍‌ଙ୍କ ଜୀବନୀ ବିଷୟରେ ଗପନ୍ତି । ମମତା ଅନୁରୋଧ କରେ କିଛି ଭଲ କବିତା ଆବୃତ୍ତି କରିବାକୁ । କବି ସୀତାକାନ୍ତଙ୍କ 'ମୁନୁ ପାଇଁ ଗୋଟିଏ କବିତା'ର କିଛି ଧାଡ଼ି ଏକାଧିକ ଥର ଆବୃତ୍ତି କରି ଶୁଣେଇଥିଲା ବେବି ।

"ବେଳ ଆସେ ଆମ ସମସ୍ତିଙ୍କୁ ଯେଝା ବାଟରେ
ବାଟ ଭାଙ୍ଗି ଚାଲିଯିବାକୁ ପଡ଼େ
ଦୂର ବଣ, ପାହାଡ଼, ନଈ, ଜନପଦ,
ଶୂନ୍ୟତା, ଅନ୍ଧାର,
ବାଘଭାଲୁ, ଦେବତା କିନ୍ନର
ସମସ୍ତିଙ୍କୁ ସାମ୍‌ନା କରିବାକୁ ପଡ଼େ ।
ନିଜ ବାଟ ନିଜେ ଖୋଜିବାକୁ ପଡ଼େ ।"

ନିଜ ବାଟ ନିଜେ ଖୋଜି ପାଇଛି ମମତା । ଯେତେବେଳେ ସ୍ମୃତିକୁ ଆସିଚି ବେବିର ଏଇ ଆଗୁବୟସୀ ବାନ୍ଧବୀ, ସେତେବେଳେ ଶ୍ରଦ୍ଧାରେ ଆର୍ଦ୍ର ହୋଇ ଉଠିଛି ତା'ର ହୃଦୟ । ଯେତେବେଳେ ଭଲ ବହିଟିଏ

ପଢ଼ିଛି । ମନେ ପଡ଼ିଛି ମମତା, ବହି ଆଲମାରୀରୁ ବହି କାଢ଼ିଲା ବେଳେ ଏବେ ବି ସେ ଦେଖେ ମମତା ତା'କୁ ସ୍ନେହରେ ଦେଇଥିବା 'ମାଟିର ନନ୍ଦିନୀ' ବହି । ନିରୋଳା ଅପରାହ୍ନରେ ଥରେ ଥରେ ମନେ ପଡ଼ିଯାଏ ମମତାର ଓଜନିଆ କଥା– "ଜୀବନ ମୋଠୁ ସବୁ ହସର ମୂଲ୍ୟ ନିଏ ।" ତା' ମାଆଙ୍କ ଅସୁସ୍ଥତାରେ ଅଧୀର ହୋଇ ଥରେ ସେ ଏଇ କଥାଟି କହିଥିଲା । ଏଇ କଥା କେଇପଦ ବେବି ଜୀବନରେ ସ୍ଥିର ହୋଇ ରହିଥିଲା । ପାର୍ଶ୍ୱ ପରବର୍ତ୍ତନ କଲା ନାହିଁ ।



ମମତା ଯିବା ପରେ ବୟସଠୁ ସାନମାନଙ୍କ ଆଖିରେ ପୃଥିବୀକୁ, ଜୀବନକୁ ଦେଖିବାର ପାଇଁ ପ୍ରୟାସ ଆରମ୍ଭ କଲା ବେବି । ମମତା ତା' ଅଲକ୍ଷ୍ୟରେ ବେବି ଜୀବନରେ ଏକ ନୂଆ ସୋପାନର ଆରମ୍ଭ କରିଥିଲା । ଯାହାସବୁ ବିତିଯାଏ, ତାହା ମରି ଯାଏନି କାହିଁକି ? ଏମିତି ନୂଆ ନୂଆ ପ୍ରକାର ପ୍ରଶ୍ନର ଉତ୍ତର ଖୋଜିବାରେ ସେ ମନଦେଲା । ଓଡ଼ିଆ ସାହିତ୍ୟରେ ମୂର୍ତ୍ତିତତ୍ତ୍ୱ ଉପରେ ଗବେଷଣା କରିବା ପାଇଁ କେନ୍ଦ୍ର ସରକାରଙ୍କ ଫେଲୋସିପ୍ ପାଇଲା । ଓଡ଼ିଶାର ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟର ବିଷ୍ଣୁ, ସୂର୍ଯ୍ୟ, ଦେବୀ, ଶିବ, ଗଣେଶ ଓ ଅନ୍ୟାନ୍ୟ କ୍ଷୁଦ୍ର ଦେବଦେବୀଙ୍କ ମୂର୍ତ୍ତି ସଂପର୍କରେ କ'ଣ ବର୍ଣ୍ଣନା ରହିଛି ତାହା ପଢ଼ିବାକୁ ଲାଗିଲା । ଅଗ୍ନିପୁରାଣ, ପଦ୍ମପୁରାଣ, ବାୟୁ ପୁରାଣ ଆଦି ଅଷ୍ଟାଦଶ ପୁରାଣ ପଢ଼ିଲା । ସାରଳା ମହାଭାରତ ପଢ଼ିଲା । ଶିବ ସଦାଶିବ ମୂର୍ତ୍ତି ଧାରଣ କଲାବେଳେ ତାଙ୍କର ପଚିଶଟି ଶିର ଓ ପଞ୍ଚସ୍ତରୀଟି ଆଖି, ଶିରରେ ଚନ୍ଦ୍ର ଧାରଣ କଲାବେଳେ ତାଙ୍କ ନାମ ଚନ୍ଦ୍ରଶେଖର, ଉଗ୍ରରୂପ ଧାରଣ କଲାବେଳେ ତାଙ୍କ ନାମ ରୁଦ୍ର– ଏସବୁ ଉପରେ ସେ ଅଧିକରୁ ଅଧିକ ପଢ଼ିଲା । ଖମ୍ବକୁ,ଖଣ୍ଡାକୁ, ନିଆଁହୁଳା କରେ, ଯନ୍ତ୍ରକୁ ଦେବୀଙ୍କ ପ୍ରତୀକ ମାନ ପୂଜା କରାଯାଏ ବୋଲି ଜାଣିଲା । ଉତ୍କଳୀୟ ଧର୍ମ ଧାରଣାରେ ହରିହର, ଦୁର୍ଗା ମାଧବ, ଉମା ମହେଶ୍ୱର, ଲକ୍ଷ୍ମୀ ନାରାୟଣ, ଲକ୍ଷ୍ମୀ ନୃସିଂହ, ଲକ୍ଷ୍ମୀ ବରାହ, ରାଧାକୃଷ୍ଣ ଆଦି ଯୁଗ୍ମମୂର୍ତ୍ତିର ଇତିବୃତ୍ତ ସମ୍ପର୍କରେ ତା'ର ଧାରଣା ଗଭୀର ହେଲା । ପରିସ୍ଥିତି ପ୍ରତିକୂଳ ହେଲେ ଆଶ୍ରିତ ମଣିଷକୁ ଈଶ୍ୱର, ସଦ୍‌ଗୁରୁ ନିଜ ଆଡ଼କୁ ଟାଣି ନିଅନ୍ତି– ଏ ବିଶ୍ୱାସ ତା'ର ଦୃଢ଼ୀଭୂତ ହେଲା ।

ସୁଦୂର ବଲାଙ୍ଗୀର ଜିଲ୍ଲାର ମେଣ୍ଢା ଗ୍ରାମରୁ ଗ୍ରନ୍ଥ ସୂଚନା ନେବା ପାଇଁ ଚାଲି ଆସୁଥିଲେ ଜଣେ ଜ୍ଞାନ ପାଗଳ ମଣିଷ । ଅପଠିତ ଶିଳାଲେଖ / ଅଭିଲେଖର ପାଠୋଦ୍ଧାରର ନିଶା ତାଙ୍କୁ ଅହୋରାତ୍ର କବଳିତ କରି ରଖିଥିଲା । ବୃତ୍ତି ଥିଲା ବ୍ୟବସାୟ । କିଛି ସ୍ୱତନ୍ତ୍ର ତାଲିମ ନନେଇ, ନିଜ ଆଗ୍ରହ ଓ ଅଧ୍ୟବସାୟ ବଳରେ ସେ ନିଜକୁ ଜଣାଶୁଣା ଲିପିତତ୍ତ୍ୱବିଦ୍ ଭାବେ ପ୍ରତିଷ୍ଠିତ କରି ପାରିଥିଲେ । ବିଶ୍ୱବିଦ୍ୟାଳୟ ଡିଗ୍ରୀଧାରୀ କେତେଜଣ ତଥାକଥିତ ଐତିହାସିକ ତାଙ୍କୁ ବିଦ୍ରୂପ କରୁଥିଲେ । ଶ୍ଳେଷଭରା ଆକ୍ଷେପ କରୁଥିଲେ ତାଙ୍କ ବିବରଣୀକୁ ନେଇ । ସେଥିରେ ଦବିଯିବା ମଣିଷ ନଥିଲେ ସଦାନନ୍ଦ । ଆହୁରି ବହୁ ମନୀଷୀଙ୍କ ପରି ସେ ପ୍ରମାଣିତ କରିଥିଲେ ଯେ ବିଶ୍ୱବିଦ୍ୟାଳୟର ଡିଗ୍ରୀ ଜ୍ଞାନର ସର୍ବଶେଷ ମାପକ ନୁହେଁ । ଅଧ୍ୟୟନ, ଅଧ୍ୟବସାୟ ବଳରେ ଜଣେ ନୂତନ ଜ୍ଞାନ ଲାଭ କରିପାରେ । ଜ୍ଞାନ ବିତରଣ କରିପାରେ । ଓଡ଼ିଶା ହିଷ୍ଟୋରିକାଲ ରିସର୍ଚ୍ଚ ଜର୍ଣ୍ଣାଲ, କଳିଙ୍ଗ ହିଷ୍ଟୋରିକାଲ୍ ରିସର୍ଚ୍ଚ ଜର୍ଣ୍ଣାଲ ଏବଂ ଆହୁରି ବହୁ ଗବେଷଣାମୂଳକ ଓଡ଼ିଆ ଇଂରାଜୀ ପତ୍ରିକାରେ ତାଙ୍କର ତଥ୍ୟଭିତ୍ତିକ ପ୍ରବନ୍ଧମାନ ପ୍ରକାଶ ପାଉଥିଲା । ଶାନ୍ତିନିକେତନ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ତାଙ୍କୁ ଆମନ୍ତ୍ରଣ କରୁଥିଲା ଭିତ୍ତିପ୍ରବନ୍ଧ ପାଠ କରିବାକୁ । ତାଙ୍କ ନାମ ସଦାନନ୍ଦ ଅଗ୍ରୱାଲ । ସ୍ନେହୀ, ମେଳାପୀ ମଣିଷ । ଅନାବିଳ ଶ୍ରଦ୍ଧାର ଡୋରିରେ ବାନ୍ଧିଥିଲେ ବେବିକୁ । ବହୁବାର ଡାକିଥିଲେ ବେବିକୁ ତାଙ୍କ ଘରକୁ ଯିବା ପାଇଁ । ଯୋଜନା ଥିଲା ବେବିକୁ ସାଙ୍ଗରେ ନେଇ ରାଣୀପୁର ଝରିଆଲ୍‌ର ଯୋଗିନୀପୀଠ । ଇଟା ନିର୍ମିତ ଇନ୍ଦ୍ରଲାଟ ମନ୍ଦିର ଦେଖେଇବେ । ମାରାଗୁଡ଼ାର ପ୍ରତ୍ନତାତ୍ତ୍ୱିକ ଖନନସ୍ଥଳ ଦେଖେଇବେ । ବଲାଙ୍ଗୀର, କଳାହାଣ୍ଡିର ଦର୍ଶନୀୟ ସ୍ଥାନମାନେ ବୁଲେଇ ଦେଖେଇବେ । କିଛି ଯାଜନା କାର୍ଯ୍ୟକାରୀ ହୋଇପାରିଲା ନାହିଁ । ମହାକାଳର ନିର୍ଦ୍ଦେଶରେ ଅକାଳରେ ବାହୁଡ଼ିଥିଲେ ସଦାନନ୍ଦ ଦାଦା । ହୃଦ୍‌ଘାତ ଯୋଗୁଁ ତାଙ୍କର ମୃତ୍ୟୁ ସଂବାଦ ଶୁଣି ସ୍ତବ୍ଧ ହୋଇ ଯାଇଥିଲା ବେବି ବହୁକ୍ଷଣ ଧରି । ହାତରୁ ପଇସା ଖର୍ଚ୍ଚ



କରି ଇତିହାସ ଅନ୍ୱେଷଣ କରୁଥିବା ମଣିଷଟିଏ ଥିଲା, ତାକୁ ବଡ଼ଭାଇ ଭଳି ଅଯାଚିତ ସ୍ନେହ ଦେଉଥିଲା, ଆକଟ କରୁଥିଲା- ହଠାତ୍ ବାଟଭାଙ୍ଗି ଚାଲିଗଲା କାହିଁକି? ବିଷାଦ ଆଚ୍ଛନ୍ନ କରି ରଖିଲା ବେବିକୁ ବହୁଦିନ ଧରି । ସଦାନନ୍ଦ ଲେଖିଥିବା ଦକ୍ଷିଣ କୋଶଳର ଇତିହାସ, ଅନୁବାଦ କରିଥିବା ସୁଧାମୂର୍ତ୍ତିଙ୍କ ଗପ, ତାଙ୍କର ଗବେଷଣାତ୍ମକ ପ୍ରବନ୍ଧ ସବୁର ପୃଷ୍ଠା ଲେଉଟେଇ ନିରବରେ ବେବି ଖୋଜିଲା ତାଙ୍କ ସତ୍ତାକୁ । ଶେଷବେଳକୁ ତାଙ୍କୁ ଭଲ ଶୁଣା ଯାଉନଥିଲା । ତେବେ ସେ ପଠେଇଥିବା ପବନ୍ଧ ଓଡ଼ିଶା ହିଷ୍ଟୋରିକାଲ୍ ରିସର୍ଚ୍ଚ ଜର୍ଣ୍ଣାଲ୍‌ରେ କେବେ ପ୍ରକାଶ ପାଇବ ଏବଂ ତହିଁରେ ସେ କ'ଣ କ'ଣ ଆଲୋଚନା କରିଛନ୍ତି ସେ ବିଷୟରେ ଗପିବା ପାଇଁ ସେ ଫୋନ୍ କରୁଥିଲେ । ଥରେ କହିବା ପରେ ଭୁଲି ଯାଉଥିଲେ । ପୁଣିଥରେ ଫୋନ୍ କରି ସେଇ କଥା କହୁଥିଲେ । ବେବି ବ୍ୟସ୍ତ ହୋଇ ପଡୁଥିଲା । ସ୍ମୃତିହୀନତା ଯେ ତାଙ୍କୁ ଧୀରେ ଧୀରେ ଗ୍ରାସ କରୁଥିଲା ଏହା ସେ ଜାଣି ପାରୁ ନଥିଲା । ମୃତ୍ୟୁର କେଇମାସ ପୂର୍ବରୁ ସେ ଭୁବନେଶ୍ୱର ଆସିଲା ବେଳେ ସଂଗ୍ରହାଳୟର ମୁଖ୍ୟ ଦ୍ୱାର ପାଖେ ଠିଆ ହୋଇ ତା'କୁ ଖବର ପଠଉଥିଲେ । ଆଉ ସିଡ଼ି ଚଢ଼ି ଉପରକୁ ଯାଇପାରୁ ନଥିଲେ । ଫୋନ୍ କରୁଥିଲେ । ଶରୀର କ୍ଲାନ୍ତ, ଅବସନ୍ନ ହୋଇ ଯାଇଥିଲା । ମନ ହାର୍ ମାନି ନଥିଲା । କାମ ଚାପରେ ଥାଇ ବେବି ତାଙ୍କ ଲେଖା ଗପ ଓ ଗବେଷଣାତ୍ମକ ପ୍ରବନ୍ଧ ସବୁକୁ ମନଯୋଗ ଦେଇ ପଢ଼ି ପାରିନଥିଲା । ସେ ଚାଲିଯିବା ପରେ ଏକ ପ୍ରକାର ଅପରାଧବୋଧ ତାକୁ ଗ୍ରାସ କରି ରହିଲା କିଛି ସମୟ । କ'ଣ ହୋଇଥାନ୍ତା ତାଙ୍କ ସହିତ ଟିକେ ମନ ଖୋଲି କଥା ହୋଇଥିଲେ !

ନା । ବ୍ୟକ୍ତିଗତ ସଂପର୍କ ବଢ଼େଇବାର ଅବକାଶ ନଥିଲା । ତାକୁ ବହୁ ପ୍ରକାର ସମସ୍ୟା ସାମ୍ନା କରିବାକୁ ପଡୁଥିଲା । ଅଫିସ୍‌ରେ ଲିଫ୍ଟ୍ ଲାଗିବାର ଥିଲା । ସାରା ସଂଗ୍ରହାଳୟକୁ ଶୀତତାପ ନିୟନ୍ତ୍ରିତ କରାଯିବାର ଥିଲା । ସଂପୃକ୍ତ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବାକୁ ପଡୁଥିଲା । ସଂଗ୍ରହାଳୟରେ ଅତ୍ୟାଧୁନିକ ଶୈଳୀରେ ୫ଟି ନୂଆ ଗ୍ୟାଲେରୀ ନିର୍ମାଣ କରିବା ପାଇଁ National Council of Science Museumର କର୍ମକର୍ତ୍ତାଙ୍କ ସହ ଯୋଗାଯୋଗ । ଆହୁରି ଅନେକ ଆଭ୍ୟନ୍ତରୀଣ ପ୍ରସଙ୍ଗ । ପ୍ରସ୍ତାବ ।

ତହିଁରୁ ଗୋଟିଏ ପ୍ରସ୍ତାବ ଥିଲା ବିରଲା ଫାଉଣ୍ଡେସନ୍ ତରଫରୁ ସଂଗ୍ରହାଳୟର ପ୍ରବେଶ ଦ୍ୱାରରେ ଗୋଟିଏ ଗାନ୍ଧୀ କରିଡର ନିର୍ମାଣ କରିବାକୁ । ସେ ସଂପର୍କରେ ଆଲୋଚନା କରିବାକୁ ଆସୁଥିଲେ ମୁମ୍ବାଇରୁ ଭାରତ ପାରେଖ । ଶିଳ୍ପପତି ଜି.ଡ଼ି. ବିରଲାଙ୍କ ବ୍ୟକ୍ତିଗତ ସଚିବ ଭାବେ ବହୁବର୍ଷ କାମ କରି ସେ ଅମୂଲ୍ୟ ଅଭିଜ୍ଞତା ଅର୍ଜନ କରିଥିଲେ । ଗାନ୍ଧୀ କରିଡର ପାଇଁ ସମସ୍ତ ଆର୍ଥିକ ସହଯୋଗ ମିଳିଥାନ୍ତା । ତଥାପି ତାହା କାର୍ଯ୍ୟକାରୀ ହୋଇ ପାରିଲା ନାହିଁ । ତେବେ ଭାରତ ପାରେଖଙ୍କ ଉତ୍ସାହ, ଆଗ୍ରହ ଓ ବାକ୍‌ଚତୁରତା ମନେ ରଖିଲା ପରି । ହସ ହସ ମୁହଁରେ ବହୁ କଥା ଗପି ଯାଆନ୍ତି ।

କଥା କହିବାର ଭଙ୍ଗୀଟା ତାଙ୍କର ଚମତ୍କାର । ଗାନ୍ଧୀ କରିଡର୍‌ର ରୂପରେଖ କଥା କହୁ କହୁ ସେ ଜି.ଡ଼ି. ବିରଲାଙ୍କ କଥା କହିଥିଲେ । କହିଥିଲେ ଯେତେବେଳେ ବିରଲାଙ୍କୁ ମାତ୍ର ୨୧ବର୍ଷ, ସେତେବେଳେ ତାଙ୍କ ପ୍ରଥମ ସ୍ତ୍ରୀ ମରିଗଲେ । ଯେତେବେଳେ ୨୮ବର୍ଷ,ତାଙ୍କ ଦ୍ୱିତୀୟ ସ୍ତ୍ରୀ ମରିଗଲେ । ତା'ପରେ ୮୯ ବର୍ଷ ବୟସ ପର୍ଯ୍ୟନ୍ତ ବଞ୍ଚିଲେ । ଅଶୀ ବର୍ଷ ବୟସରେ ସେ ଚିତ୍ରାଙ୍କନ ଶିଖିଲେ । ପଞ୍ଚାଅଶୀ ବର୍ଷ ବୟସରେ ସେ ଫ୍ରେଞ୍ଚ୍ ଶିଖିଲେ । ଛୟାଅଶୀ ବର୍ଷ ବୟସରେ ସେ ଆରବିକ୍ ଶିଖିଲେ । ସପ୍ତାହରେ ଦୁଇଦିନ ଛୁଟି କେମିତି କଟେଇବେ ଭାବି ସେ ଅସ୍ଥିର ହୋଇ ପଡୁଥିଲେ । ବହୁତ ଜ୍ଞାନୀ, ବହୁତ ଗମ୍ଭୀର ମଣିଷ ଥିଲେ । ତାଙ୍କ ସହିତ କେହି ସହଜରେ ମିଶି ପାରୁ ନଥିଲେ । ଯଦି ଇଂରାଜୀରେ ପଚାରୁଥିଲେ ତା'ର ଉତ୍ତର ଇଂରାଜୀରେ, ଯଦି ହିନ୍ଦୀରେ ପଚାରୁଥିଲେ ତା'ର ଉତ୍ତର ହିନ୍ଦୀରେ ହିଁ ଦେବାକୁ ପଡୁଥିଲା । ହିନ୍ଦୀ ପ୍ରଶ୍ନର ଉତ୍ତର ଇଂରାଜୀରେ ଦେଲେ ରାଗି ଯାଉଥିଲେ । "କ'ଣ ମୁଁ ହିନ୍ଦୀ ବୁଝେନି ନା ତୁମକୁ ହିନ୍ଦୀ ଆସେନି ?"- ଏମିତି ପ୍ରଶ୍ନ କରୁଥିଲେ । ତାଙ୍କର ଡ୍ରେସ୍ ପ୍ୟାରିସ୍‌ରୁ ଇସ୍ତ୍ରୀ ହୋଇ ଆସୁଥିଲା ।

ବିବିଧ ପ୍ରସଙ୍ଗ, ବିବିଧ ଚରିତ୍ର ଓ ବହୁ ପ୍ରତିବନ୍ଧକର ଆଢୁଆଳ ଭିତରେ ବି ସତ୍ ସଂପର୍କ ତିଷ୍ଠି ରହେ । ଆପଣା ସାଥିକା ମଣିଷ ଧ୍ୟାନ ଖୋଜେ । ଆଦର ଲୋଡ଼େ । ସଦାନନ୍ଦ ପରାର୍ଥ ବ୍ରତରେ ବିଶ୍ୱାସ କରୁଥିଲେ । ନିଜର କୌଳିକ ବ୍ୟବସାୟକୁ ଉପେକ୍ଷା କରି ଇତିହାସର ଅନାଲୋଚିତ ଦିଗ ଲିପିତତ୍ତ୍ୱ ପାଇଁ ସବୁ ଶ୍ରମ, ସବୁ ସମୟ ବିନିଯୋଗ କରୁଥିଲେ । ଅକ୍ଷରକୁ ନେଇଏତେ ଜିଜ୍ଞାସା, ଏତେ କୌତୁହଳ ଖୁବ୍ କମ୍ ମଣିଷଙ୍କ ଭିତରେ ଦେଖିଛି ବେବି ।

ସ୍ମୃତି ଅଣ୍ଡାଳିଲେ ଅନାୟାସରେ ଉଭା ହୁଅନ୍ତି ସଦାନନ୍ଦ । ସୋନପୁର ଇତିହାସ ରଚୟିତା ସଦାନନ୍ଦ । ଶାସ୍ତ୍ରୀୟ ସଙ୍ଗୀତପ୍ରେମୀ ସଦାନନ୍ଦ । ସନ୍ଥକବି ଭୀମଭୋଇଙ୍କ ଭଜନର କ୍ୟାସେଟ୍ ପ୍ରସ୍ତୁତକର୍ତ୍ତା ସଦାନନ୍ଦ । ଗଳ୍ପିକ ସଦାନନ୍ଦ । ପ୍ରକୃତିପ୍ରେମୀ ସଦାନନ୍ଦ । ରାଗ, ଅନୁରାଗର ମଣିଷ ସଦାନନ୍ଦ । ବୌଦ୍ଧଧର୍ମ, ଜୈନଧର୍ମ, ମହିମା ଧର୍ମ, ପୁରାତତ୍ତ୍ୱ ସମ୍ବନ୍ଧୀୟ ଆଲୋଚନାଚକ୍ରମାନଙ୍କରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରନ୍ତି । ସଭା ସରିବା ପରେ ଜୈନଧର୍ମର 'ଖମତ୍ ଖାମଣା' ତତ୍ତ୍ୱ ଉପରେ ଦିନେ ବିଷଦ ଭାବରେ ବୁଝେଇ କହିଥିଲେ ବେବିକୁ ।

"ମୁଁ ସଂସାରର ସମସ୍ତ ଜୀବଙ୍କୁ କ୍ଷମା କରୁଛି । ସବୁ ଜୀବ ମୋତେ କ୍ଷମା କରନ୍ତୁ । ସମସ୍ତ ପ୍ରାଣୀଙ୍କ ସହିତ ମୋର ମୈତ୍ରୀଭାବ ରହିଥାଉ । କାହାରି ସହିତ ଶତ୍ରୁ ଭାବ ନରହୁ ।"

"ପୂର୍ବର କଳହ ବା ତିକ୍ତତାର ଭାରକୁ ମୁଣ୍ଡରେ ବୋହି ମନର କ୍ଷତକୁ ବଢ଼ାଅନି । ଦବି ଯାଇଥିବା କିମ୍ବା ପାସୋରି ଦେଇଥିବା ପ୍ରସଙ୍ଗକୁ ପବନ ଫୁଙ୍କି ଫୁଲିବାକୁ ଦିଅନି । ଅନର୍ଥ ସୃଷ୍ଟି ହେବ ।"

ଏଇ ଆପ୍ତ ବାକ୍ୟ ଗୁଡ଼ିକୁ ସମ୍ବଲପୁରୀ ଭାଷାରେ ବ୍ୟାଖ୍ୟା କରୁକରୁ କହିଥିଲେ "ଜୟନ୍ତୀ, ଏଇ କଥା ଗୁଡ଼ିକ ମନରେ ରଖିବ । ଭୁଲିବନି କଦାପି ।"

ଆଉଦିନେ । ଗୋଟିଏ ଆଲୋଚନାଚକ୍ର ଶେଷ ହେବା ପରେ ସମସ୍ତେ ମଧ୍ୟାହ୍ନ ଭୋଜନ ପାଇଁ ଗଲେ । ସେଇ ଦିନଟି ତା'ର ଉପବାସ ଥିବାରୁ ବେବି ବସି ରହିଲା ସମ୍ମିଳନୀ କକ୍ଷର ଗୋଟିଏ ଚଉକିରେ । ପରବର୍ତ୍ତୀ ଅଧିବେଶନକୁ ଅପେକ୍ଷା କରି ।

ସଦାନନ୍ଦ ତାକୁ ଏକୁଟିଆ ବସିଥିବାର ଦେଖି ଅଟକିଗଲେ । ଖାଇବାକୁ ନଯିବାର କାରଣ ପଚାରିଲେ । ତା'ର ଉପବାସ ବୋଲି ଶୁଣି ହୋଟେଲ ପରିଚାରକକୁ କହି ତା' ପାଇଁ ଫଳରସ ମଗେଇଲେ ଓ ନିଜେ ତା' ପାଖେ ବସି ରହିଲେ । ପରିଚାରକ ଫଳରସ ଆଣିବା ପରେ ତା'ଠୁ ଫଳରସ ଗିଲାସଟି ଆଣି ବେବି ହାତରେ ଧରେଇ କହିଲେ- "ଏଠି ସମସ୍ତେ ଖାଇବେ । ମୋ ସାନ ଭଉଣୀଟା କିଛି ନଖାଇ କରି ଯିବ !"

ଏମିତି ଉଚ୍ଛଳ ପ୍ରାଣବନ୍ତ ମଣିଷ ଥିଲେ ସଦାନନ୍ଦ ଦାଦା । ଏକାଠି ବସିଲେ କହୁଥିଲେ ସହଜଯାନର ପ୍ରବର୍ତ୍ତିକା ସମ୍ବଳ ଦେଶର ରାଜକନ୍ୟା ଲକ୍ଷ୍ମୀକରାଙ୍କ କଥା । କହୁଥିଲେ ପଦ୍ମସମ୍ଭବଙ୍କ କଥା । କହୁଥିଲେ ପ୍ରାଚୀନ ଉତ୍କଳ । କୋଶଳର ଗୌରବର କଥା । ଅତୀତ ତାଙ୍କୁ ଜଳଜଳ ହୋଇ ଦିଶୁଥିଲା ଯେମିତି ।

ଜୀବଦ୍ଦଶାରେ ସେ ତାଙ୍କର ପ୍ରାପ୍ୟ ସ୍ୱୀକୃତି ପାଇଲେ ନାହିଁ । ମାତ୍ର ଅଧୁନା ଯଦି ଓଡ଼ିଶାର ଇତିହାସବିତ୍‌ମାନଙ୍କ ବିଷୟରେ ଲେଖାଯାଏ, ତେବେ ସେଥିରେ ସଦାନନ୍ଦ ଅଗ୍ରୱାଲ୍‌ଙ୍କ ନାମକୁ ବାଦ୍ ଦେଇ ହେବ ନାହିଁ ।

ଲିପିତତ୍ତ୍ୱରେ ଗୋଟିଏ ଶବ୍ଦ ଅଛି କାକପାଦ ବା ହଂସପାଦ । ଲେଖୁଲେଖୁ ଲିପିକାର ଦୈବାତ ଭୁଲବଶତଃ ଗୋଟିଏ ଅକ୍ଷର ବା ଶବ୍ଦ ଛାଡ଼ି ଯାଇଥାଏ ତ ତଳେ ଗୋଟିଏ ଯୁକ୍ତଚିହ୍ନ ଦେଇ ଉପରେ ସେଇ ଅକ୍ଷର / ଶବ୍ଦକୁ ଲେଖିଥାଏ । ସଦାନନ୍ଦଙ୍କୁ ମୁଖ୍ୟ ଚରିତ୍ର କରି 'ହଂସପାଦ' ଶୀର୍ଷକ ଗପଟିଏ ଲେଖିବାକୁ କଳ୍ପନା କରିଥିଲା ବେବି । ତାହା ଅଦ୍ୟାବଧି ପୂରଣ ହୋଇନାହିଁ ।

# କଳିଙ୍ଗ ଶିଳ୍ପୀର ଚିଠି



# କଳିଙ୍ଗ ଶିଳ୍ପୀର ଚିଠି

**ଡକ୍ଟର ମଣୀନ୍ଦ୍ର କୁମାର ମେହେର**

ବିଭାଗୀୟ ମୁଖ୍ୟ: ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ,
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର
ବାଲେଶ୍ୱର-୭୫୬୦୮୯
ଫୋନ: ୯୯୩୭୩୬୫୬୯୮

ପୃଷ୍ଠଚିତ୍ର : ଶିଳ୍ପୀ ସଞ୍ଜୟ ରାଉଳ

ପ୍ରଫେସର୍ ମଣୀନ୍ଦ୍ର କୁମାର ମେହେର୍ ଆମର ଅନୁରୋଧ କ୍ରମେ ଓଡ଼ିଆ ସାହିତ୍ୟର ପ୍ରସିଦ୍ଧ କଥାକାହାଣୀ ମଧ୍ୟରୁ ଅମର ହୋଇ ଉଠିଥିବା କିଛି ଚରିତ୍ରର ବିରଳ ବିଶ୍ଳେଷଣ କରୁଛନ୍ତି, ଖାସ୍ କରି 'ରେବତୀ'ର ପାଠକପାଠିକାଙ୍କ ପାଇଁ । ଏହା ନିୟମିତ ପ୍ରକାଶ ପାଇ ଭିନ୍ନ ଭିନ୍ନ ଚରିତ୍ରକୁ ଚିହ୍ନାଇବ ବୋଲି ଆମର ଆଶା । ଏଥର ବିଖ୍ୟାତ ଗାଳ୍ପିକ ରାଜକିଶୋର ରାୟଙ୍କ 'କଳିଙ୍ଗଶିଳ୍ପୀ' ଗଳ୍ପରୁ ଶ୍ରୀଧର ମହାରଣା ଚରିତ୍ର ବିଶ୍ଳେଷଣ ।



▲ ଲେଖକ ମଣୀନ୍ଦ୍ର କୁମାର ମେହେର

ଓଡ଼ିଶାର ମହାନ ଗାଳ୍ପିକ ରାଜକିଶୋର ରାୟ ଯେଉଁ 'କଳିଙ୍ଗଶିଳ୍ପୀ' ଗଳ୍ପ ରଚନା କରି ସୁଖ୍ୟାତି ଅର୍ଜନ କରିଛନ୍ତି, ସେଇ କଳିଙ୍ଗଶିଳ୍ପୀ ହେଉଛି ମୁଁ ନିଜେ । ଆପଣମାନଙ୍କର ମନେ ଥାଇପାରେ ଯେ, ମୋ ନାଆଁ ଶ୍ରୀଧର ମହାରଣା । ଓଡ଼ିଶାର ଭାସ୍କର ଶିଳ୍ପୀଙ୍କୁ କିଏ ବା ନଜାଣେ ଏ ପୃଥିବୀରେ ! ସେହି ଶିଳ୍ପୀକୁଳରେ ମୋର ଜନ୍ମ । ପଥର ଦେହରେ ଜୀବନ ସଞ୍ଚାର କରିବାର କ୍ଷମତା ଆମ ଶିଳ୍ପୀକୁଳଙ୍କୁ ଯେପରି ଶ୍ରୀଜଗନ୍ନାଥଙ୍କ ଏକ ମହାନ ଦାନ, ତାହାକୁ କିପରି ଅବା ବର୍ଣ୍ଣନା କରିପାରିବି ମୁଁ ?

ଶିଳ୍ପୀବଂଶର ପ୍ରତିନିଧିତ୍ୱ କରୁଥିବା ମୋ ପରି ସାମାନ୍ୟ ପ୍ରତିମୂର୍ତ୍ତି ନିର୍ମାଣକୁ ରାଜ କିଶୋର ରାୟ ଯେଉଁ ସର୍ବୋଚ୍ଚ ସମ୍ମାନ ଦେଇଛନ୍ତି ତାହା ଆବେଗସ୍ନାତ ଓଡ଼ିଶାବାସୀଙ୍କ ଅନ୍ତରାତ୍ମାର ନୈବେଦ୍ୟ ବୋଲି ମୁଁ ମନେକରିଛି । ମୁଁ ଯେମିତି ଶିଳ୍ପୀକୁଳର ପ୍ରତିନିଧି, ରାଜକିଶୋର ରାୟ ହେଉଛନ୍ତି ସେହିପରି ଶିଳ୍ପ-ସୌନ୍ଦର୍ଯ୍ୟ-ସନ୍ଦର୍ଶନ-ବିହ୍ୱଳ ଓଡ଼ିଆ ଜାତିର ପ୍ରତିଭୂ । ମୋ ଭଳି ଏକ ଚରିତ୍ରକୁ ଅବଲମ୍ବନ କରି ଗାଳ୍ପିକ ଯେଉଁ ପ୍ରାଣୋଚ୍ଛଳ ଶ୍ରଦ୍ଧାଶୀଳତାର ପରିପ୍ରକାଶ ଘଟାଇଛନ୍ତି ତାହା ଭାବିଲେ କୃତଜ୍ଞତାର ଅନୁଭବରେ ମୋର ଦୁଇଚକ୍ଷୁ ଅଶ୍ରୁସ୍ନାତ ହୋଇଉଠୁଛି ।

ମଣିମାଙ୍କର ନିର୍ଦ୍ଦେଶ ପାଳନ ଥିଲା ମୋର ଶ୍ରେଷ୍ଠ କର୍ତ୍ତବ୍ୟ । ଯେପରି ଭାବରେ ସେ ମୋତେ ନିର୍ଦ୍ଦେଶ ଦେଇଥିଲେ, ସେହି ଅନୁସାରେ ପ୍ରତିମା ପ୍ରତିଷ୍ଠା କରିବାର ସଂକଳ୍ପରେ ମୁଁ ଥିଲି ତଲ୍ଲୀନ । ନେତ୍ରଯୁଗଳରେ ନୀଳପଦ୍ମର ଚାହାଣୀ ଅଙ୍କନ କରିବା ପାଇଁ, କର୍ଣ୍ଣଭୂଷାରେ ମୂର୍ତ୍ତିଟିକୁ ବିଭୂଷିତ କରି ଅଙ୍ଗୁଷ୍ଠିର ନଖପ୍ରାନ୍ତରେ ଗୋରଚନାର ବିନ୍ଦୁ କମନୀୟ ଭାବରେ ଫୁଟାଇବା ଲାଗି ଯେଉଁ ଅଧିର ଆବେଗ ପ୍ରକାଶ କରିଥିଲେ ମଣିମା, ତାହା ମୋ ଶିଳ୍ପୀ ପ୍ରାଣରେ ଯଥାର୍ଥ ଭାବେ ଅନୁଭବ କରିପାରୁଥିଲି । ସେଥିପାଇଁ କହିଥିଲି, "ମଣିମା, ଶିଳ୍ପୀକୁ ତା' ବାଟରେ ଯିବା ପାଇଁ ଛାଡ଼ି ଦିଅନ୍ତୁ, ଦେଖିବେ ଫଳ କ'ଣ ହେଉଛି ।" ବାସ୍ତବରେ ମୋ ସାଧନାର ଅମୃତମୟ ଫଳ କ'ଣ ହେବ ତାହା କ'ଣ ମୋତେ ସତକୁ ସତ ଜଣା ଥିଲା ? ହଁ, ଏତିକି ଜାଣିଥିଲି ଯେ, ମୁଁ ଯେଉଁ ନିହାଣ ମୁଗୁର ମୋ ହାତରେ ଧରି ଶିଳାଖଣ୍ଡ ଉପରେ ଖୋଦନ କରିଚାଲେ, ସେତେବେଳେ ମୋ ହାତଟିକୁ ମୋର ବୋଲି କେବେ ହେଲେ ଭାବି ନଥାଏ । କାହିଁକି ଏ କଥା କହୁଛି ତାହାର ରହସ୍ୟ ଆଜି ଉନ୍ମୋଚନ କରିଦେବା ମୋର ମୂଳ ଲକ୍ଷ୍ୟ । ଯେତେବେଳେ ବି ମୁଁ କିଛି କଳ୍ପନା କରି ମୂର୍ତ୍ତି ଗଢୁଥାଏ, ସେତେବେଳେ ଦେଖିଛି ଯେ ମୋ କଳ୍ପନା ଠାରୁ ଆହୁରି ଅଧିକ ଅଚିନ୍ତନୀୟ ସୌନ୍ଦର୍ଯ୍ୟ ସେଠାରେ ଫୁଟିଉଠେ । ବିଶ୍ୱାସ ହୁଏ ନାହିଁ ଯେ, ଏ ମୂର୍ତ୍ତି ଶ୍ରୀଧର ମହାରଣା ନିର୍ମାଣ କରିଛି । ଶ୍ରୀଧରର ହାତ ଦୁଇଟିକୁ ଆଉ କିଏ ଧରିଥା'ନ୍ତି, ଯାହା ଫଳରେ ମୂର୍ତ୍ତି ଗଠନ ହୁଏ ସମସ୍ତ ଭାବନା ଠାରୁ ବହୁଗୁଣରେ ଭାବପୂର୍ଣ୍ଣ ଓ ଶ୍ରୀସମ୍ପନ୍ନ ।

ଗାଳ୍ପିକ ରାଜକିଶୋର ରାୟ ଏପରି ଏକ ବିଷୟର ପରିକଳ୍ପନା କରିପାରିଲେ ସତରେ କିପରି ? ଯେଉଁ ଯେଉଁ ଘଟଣା ଘଟିଲେ ମୂର୍ତ୍ତି ହେବ ସ୍ୱୟଂ ସମ୍ପୂର୍ଣ୍ଣ, ସେହିପରି ଏ ଘଟଣା ଭିଆଣ କାହାର ? ରାଜକିଶୋର ରାୟଙ୍କର ? ନା ମୋ ହାତକୁ ଯିଏ ମାଧ୍ୟମ ଭାବରେ ବ୍ୟବହାର କରନ୍ତି ସେହି ଅଲୌକିକ ଶକ୍ତି ଦ୍ୱାରା ରାଜକିଶୋର ରାୟ ମଧ୍ୟ ପରିଚାଳିତ ?

ଯଦି କେବଳ ମଣିମାଙ୍କର ନିର୍ଦ୍ଦେଶାନୁସାରେ ମୁଁ ଗଢ଼ିଥାନ୍ତି ସେହି ଅପୂର୍ବ ନାୟିକାର ମୂର୍ତ୍ତିଟିକୁ, ତା'ହେଲେ ପ୍ରକୃତରେ ତାହା ରହିଥା'ନ୍ତା ଅପୂର୍ଣ୍ଣ ହୋଇ । ମଣିମାଙ୍କୁ ମୁଁ ପ୍ରତିଶ୍ରୁତି ଦେଇଥିଲି ମୂର୍ତ୍ତି ଭିତରେ ଜୀବନ୍ୟାସ ଦେଇପାରିବି ବୋଲି । ସେ ଭରସା ଦେଇଥିଲି ଏଇଥିପାଇଁ ଯେ ଏହା ଆମର କୌଳିକ ବ୍ୟବସାୟ । ଏ କାର୍ଯ୍ୟରେ ଆମେ ସିଦ୍ଧହସ୍ତ । ହେଲେ ହେଲା କ'ଣ ? ଯଦି ବିନ୍ଦୁ ସରୋବର ନିକଟରେ ସେଇ ଗୈରିକ ବସନା ଯୋଗିନୀଙ୍କୁ ମୁଁ ଦେଖିନଥାନ୍ତି ତା'ହେଲେ ମୋର କଳ୍ପନା କ'ଣ ପରିପୂର୍ଣ୍ଣତା ଲାଭ କରି ପାରିଥା'ନ୍ତା ? ସେହି ତପସ୍ୱିନୀ ହିଁ ମତେ ପ୍ରଦାନ କରିଥିଲେ ଉଲ୍ଲିଖିତ ନାୟିକାର ମୂର୍ତ୍ତି ସହିତ ନାୟକଙ୍କର ପ୍ରଣୟାନୁରକ୍ତ ଅପୂର୍ବ ମୂର୍ତ୍ତି ନିର୍ମାଣର ସ୍ୱର୍ଗୀୟ ପ୍ରେରଣା । ଆହା ! କି କାବ୍ୟିକ ଭାଷାରେ ସେ ବର୍ଣ୍ଣନା କରିଗଲେ ତାହା ହେଲା ରାଜକିଶୋର ରାୟଙ୍କ ଅବିକଳ ଭାବରେ, "ତମାଳ ଶାଖାରୁ ତ୍ରସ୍ତା ଶୁକପକ୍ଷୀଟିଏ ଗୋଟିଏ ରମଣୀର ଅଙ୍ଗ ଦେଶକୁ ଉଡ଼ି ଆସିଲା । ରମଣୀର କର୍ଣ୍ଣଭୂଷା ପଦ୍ମକୋରକକୁ ସେ ଚଞ୍ଚୁ ଦ୍ୱାରା କ୍ଷତାକ୍ତ କଲା । ସେ ଚିତ୍କାର କରି ନିକଟରେ ଏ ମଧୁର ଅଭିନୟ ଦେଖୁଥିବା ସୁଠାମ ଯୁବାକୁ ଏ ବିପଦରୁ ରକ୍ଷା କରିବା ପାଇଁ ଅନୁରୋଧ କଲା । ସୁଶ୍ରୀ ପୁରୁଷଟି ଶୁକପକ୍ଷୀକୁ ରମଣୀର କନ୍ଧରୁ ଛିନ୍ନ କରି ନେଇଯିବା ଅଭିପ୍ରାୟରେ ଆକର୍ଷଣ କରନ୍ତେ, ତାହା ବିହ୍ୱଳ ହୋଇ ଯୁବକର ପ୍ରଶସ୍ତ ବକ୍ଷ ଉପରେ ଚଞ୍ଚୁ ଓ ନଖ ଦ୍ୱାରା ଏପରି ଆଘାତ କଲା ଯାହା ଫଳରେ ରକ୍ତସ୍ରାବ ଦେଖାଗଲା । ରମଣୀଟି ଏ ଆକସ୍ମିକ ବିପତ୍ତି ଦେଖି ନିଜ ଅଧର ବସାଇ କ୍ଷତ ସ୍ଥଳରୁ ରକ୍ତଧାର ବନ୍ଦ ହେବା ପର୍ଯ୍ୟନ୍ତ ଉଷ୍ଣ ରକ୍ତ ଟାଣି ଆଣୁଥାଏ । ସେହି ଭଙ୍ଗୀ, ସେହି ହୃଦୟର ହୃଦୟ ମିଶା, ଯୁବତୀର ରକ୍ତାଧର, ଯୁବକର ବିସ୍ମୟ ଭାବାବେଶ, ପକ୍ଷୀର କୋରକ ଦଂଶନ ଇତ୍ୟାଦି ସବୁ ଯେପରି ଏକ ନିପୁଣ ଶିଳ୍ପ ଚାତୁରୀରେ ଜୀବନ୍ତ ହେବ । କରି ପାରିବ ଶିଳ୍ପୀ ?" ଏହି ଭାବୋଦ୍ଦୀପକ ଚିତ୍ର ମୋ ଆଖି ଆଗରେ ଚିତ୍ରିତ ହୋଇଉଠିଲା ଯେତେବେଳେ, ସେଇ ତପସ୍ୱିନୀଙ୍କ ଅଧର ଯେତିକି କମ୍ପିତ ହେଉଥିଲା, ତା'ଠାରୁ କାହିଁ କେତେ ଗୁଣରେ ଅଧିକ ଉନ୍ମାଦନାରେ ମୁଁ ଥରି ଉଠିଥିଲି ସେହି ମୁହୂର୍ତ୍ତରେ ।

ରାଜା ବସୁଭୂମା ମୋତେ ଦେଇଥିଲେ ଆଦେଶ । ଯେଉଁ ନାୟିକାଙ୍କର ପ୍ରତିମୂର୍ତ୍ତି ନିର୍ମାଣ ସକାଶେ

ତାଙ୍କ ନାଆଁ ଥିଲା 'ବିନ୍ଧ୍ୟା' । ନିଜେ ମଣିମା ବିନ୍ଧ୍ୟା ସହିତ ତାଙ୍କର ଅନ୍ତର୍ସମ୍ବନ୍ଧର ସତ୍ୟ ଉଦ୍‌ଘାଟିତ କରି ଦେଇଥିଲେ ମୋ ଦ୍ୱାରା ନିର୍ମିତ ମୂର୍ତ୍ତି ଦେଖିବା ପରେ । ବିନ୍ଧ୍ୟା ନାରୀ ହୋଇଥିଲେ ମଧ ଯୁଦ୍ଧବର୍ମ ପିନ୍ଧି ସୈନିକ ବେଶରେ ନିଜକୁ ସଂଯୁକ୍ତ କରିଦେଇଥିଲା ଯୁଦ୍ଧ ଆୟୋଜନ ସହିତ । ସେ ଯୁଦ୍ଧ ପ୍ରମତ୍ତା ରମଣୀ ବସୁଭୂମାଙ୍କ ଅନ୍ତଃପୁରବାସିନୀ ହେବା ପାଇଁ ଅଭିଳାଷ ପୋଷଣ କରିଥିଲେ । ରାଜା ଥିଲେ ଅବିବାହିତ । ତାଙ୍କ ଅନ୍ତଃପୁର ଥିଲା ଶୂନ୍ୟ । ରମଣୀକୁ ଆଶ୍ରୟ ଦେବାରେ ସେ କୁଣ୍ଠିତ ହେଲେ ନାହିଁ । କିନ୍ତୁ ମନେମନେ ଏକ ଆଶଙ୍କା ଜାତ ହୋଇଥିଲା ଯେ ଶତ୍ରୁପକ୍ଷ ଦ୍ୱାରା ପ୍ରେରିତ ହୋଇ ହୁଏତ ଆଗମନ କରିଛି ଏହି ରମଣୀ, ଆଉ ଯୁଦ୍ଧକ୍ଲେଶ ଅପନୋଦନର ଆକାଂକ୍ଷା ପୋଷଣ କରିଛି ଅନ୍ତଃପୁରରେ ଅବସ୍ଥାନ କରିବା ପାଇଁ । ରାଜା ଦେଇଥିଲେ ଆଶ୍ରୟ ଏହି ରମଣୀକୁ । କିନ୍ତୁ ରାଜକାର୍ଯ୍ୟ ନିର୍ବାହ କରୁଥିଲେ ଅନାସକ୍ତ ଭାବରେ । ଏକଦା 'ବିହଙ୍ଗ ବିହାର'ରେ ଭ୍ରମଣ କରିବା ବେଳେ ଏକ ଶୁକପକ୍ଷୀକୁ ପିଞ୍ଜରାମୁକ୍ତ କରିଦେଇଥିଲେ ରାଜା, ଯାହାର ନାଆଁ ସେ ଦେଇଥିଲେ 'ବିମ୍ୱୋଷ୍ଠ' । ପିଞ୍ଜରାମୁକ୍ତ ଶୁକପକ୍ଷୀ ସୁନା ଶିକୁଳିକୁ ଖଣ୍ଡଖଣ୍ଡ କରିଦେଇ ଉଡ଼ିଗଲା ଉଦ୍ୟାନର ତମାଳ ଶାଖାକୁ । ଯେତେ ଅନୁନୟ କରି ତାକୁ ଡାକିଲେ ମଧ୍ୟ ସେ ଫେରିଆସିଲା ନାହିଁ । ଏହି ସମୟରେ ରାଜା ଅନ୍ତଃପୁର ପ୍ରତି ଅଗ୍ରସର ହେବାବେଳେ ଆବିଷ୍କାର କରିଥିଲେ ବିନ୍ଧ୍ୟାର ଅପରୂପ ସୌନ୍ଦର୍ଯ୍ୟକୁ । ଗୋଟିଏ ନୀଳପଦ୍ମକୁ ନିଜ ମୁଦ୍ରିତ ନୟନରେ ସେ ସ୍ପର୍ଶ କରୁଛି, ଆଉ ସେହି ସମୟରେ ବକ୍ଷଦେଶ ତା'ର ଅନାବୃତ୍ତ । ଏ ରୂପାଲୋକ ମୁଗ୍ଧ କରିଥିଲା ଅବିବାହିତ ରାଜାଙ୍କ ଅନ୍ତର୍ମନକୁ । ବିନ୍ଧ୍ୟା ସେଦିନ କମ୍ପିତ କଣ୍ଠରେ କହିଥିଲା, "ମୁଁ ଆପଣଙ୍କ ଅପେକ୍ଷାରେ ଥାଏ ପ୍ରତିଟି ମୁହୂର୍ତ୍ତରେ ।" ରାଜା ଶୁକପକ୍ଷୀକୁ ଫେରିପାଇବା ପାଇଁ କିପରି ବ୍ୟାକୁଳ ତାହା ଅନୁଭବ କରି ବିନ୍ଧ୍ୟା ଅନ୍ୟ ଏକ ଶୁକପକ୍ଷୀ ହାତରେ ଧରି ଡାକ ଦେଇଥିଲା– "ବିମ୍ୱୋଷ୍ଠ, ତୋର ସାଥି ତୋତେ ବଡ଼ କାତର ପ୍ରାଣରେ ଡାକୁଛି, ତୁ ଫେରିଆ ।" କହିବା ବାହୁଲ୍ୟ ଯେ, ଏହା ବିନ୍ଧ୍ୟା ଅନ୍ତରର ଆବେଦନ ଥିଲା ରାଜାଙ୍କ ପ୍ରତି ଉର୍ଦ୍ଦିଷ୍ଟ । ବିମ୍ୱୋଷ୍ଠ ପକ୍ଷ ବିସ୍ତାର କରି ବିନ୍ଧ୍ୟାର କାନ୍ଧ ଉପରକୁ ଉଡ଼ି ଆସିଥିଲା ଓ ବାରମ୍ୱାର ତା'ର ବର୍ଣ୍ଣଭୂଷା ପଦ୍ମକୋରକକୁ ଚଞ୍ଚୁରେ ଆଘାତ କଲା । ଶୁକପକ୍ଷୀର ଏ ଆକ୍ରମଣରୁ ରକ୍ଷା ପାଇବା ନିମନ୍ତେ ବିନ୍ଧ୍ୟା ଆହ୍ୱାନ କରିଥିଲା ରାଜା ବସୁଭୂମାଙ୍କୁ । ରାଜା ଶୁକପକ୍ଷୀକୁ ରମଣୀର ସ୍କନ୍ଧ ପ୍ରଦେଶରୁ ବିଚ୍ଛିନ୍ନ କରନ୍ତେ ସେ ରାଜାଙ୍କ ପ୍ରଶସ୍ତ ବକ୍ଷରେ କଲା ଚଞ୍ଚୁ ଓ ନଖାଘାତ । ବହିଗଲା ଧାର ଧାର ରକ୍ତଧାର । ବିନ୍ଧ୍ୟା ପ୍ରେମ–ପ୍ଲାବିନୀ ବସୁଭୂମା–ସ୍ପର୍ଶ ଆକାଂକ୍ଷା–ଅଧିରା ତରୁଣୀ । ବକ୍ଷ ସ୍ଥଳର ରକ୍ତଧାର ନିଜ ଓଷ୍ଠରେ ଶୋଷିନେବା ପାଇଁ ସେ ହୋଇଗଲା ସମ୍ପୂର୍ଣ୍ଣ ସମର୍ପିତା ।

ସେହି ବିନ୍ଧ୍ୟା ହିଁ ପରବର୍ତ୍ତୀ ସମୟର ଗୈରିକ ବସନା ତପସ୍ୱିନୀ, ଯିଏ ଶ୍ରୀଧରକୁ ନିବେଦନ କରିଥିଲେ ସେହି ପ୍ରେମାମୃତ ପାନର ଅମୃତମୟ ମୁହୂର୍ତ୍ତକୁ ପ୍ରସ୍ତର ଗାତ୍ରରେ ପ୍ରସ୍ଫୁଟିତ କରିବା ପାଇଁ । ଗୋଟିଏ ପକ୍ଷରେ ରାଜାଙ୍କ ଆଦେଶ ଆଉ ଏକ ପକ୍ଷରେ ମାତୃ ପ୍ରତିମା ଗୈରିକ ବସନା ଏହି ରହସ୍ୟମୟୀ ଯୋଗିନୀଙ୍କ ଅଦ୍ଭୁତ ପ୍ରେରଣା ମୋ ଚିତ୍ତକୁ ଯେତିକି ଆନ୍ଦୋଳିତ କରିଥିଲା ସେତିକି ପୁଣି ଧ୍ୟାନମଗ୍ନ କରିଦେଲା ତାହାକୁ ଶିଳ୍ପ–ରୂପ ପ୍ରଦାନ କରିବା ପାଇଁ । ମୁଁ ପ୍ରସ୍ତର–ଖୋଦିତ ମୂର୍ତ୍ତିକୁ ଯେତେବେଳେ ରାଜାଙ୍କ ଆଗରେ କଲି ଉପସ୍ଥାପିତ, ସେତେବେଳେ ରାଜା ଉଚ୍ଚକିତ କଣ୍ଠରେ ଏଇ ଯେ ସ୍ୱୟଂ ବିନ୍ଧ୍ୟା ବୋଲି ଉଚ୍ଚାରଣ କରି ମୂର୍ତ୍ତି ନିକଟକୁ ଝୁଙ୍କି ପଡ଼ିଥିଲେ । ପ୍ରସ୍ତର ମୂର୍ତ୍ତିକୁ ଜୀବନ୍ତ ବିନ୍ଧ୍ୟା ବୋଲି ଯେଉଁ ଭ୍ରମ ଜାତ ହେଲା ବସୁଭୂମାଙ୍କ ଅନ୍ତରରେ ତାହା ହିଁ ମୋର ଯଥାଯୋଗ୍ୟ ପୁରସ୍କାର ବୋଲି ମନେକଲି ସେଦିନ । ବିନ୍ଧ୍ୟା ତ ତାମ୍ବୁଳ ସେବନ କରୁନଥିଲେ । ଅଥଚ ତାଙ୍କ ଅଧର ରକ୍ତବର୍ଣ୍ଣ ହେଲା କାହିଁକି ? ଏ ପ୍ରଶ୍ନ ଯେତେବେଳେ ରାଜା ପଚାରିଲେ ମୋତେ ସେତେବେଳେ ମୁଁ ଚିତ୍ର ପରିକଳ୍ପନାର ଯେଉଁ ପ୍ରେରଣା ପାଇଥିଲି ତୀର୍ଥାଟନରେ ବାହାରିଥିବା ପରି ଶୁଦ୍ଧ ଯୋଗିନୀଙ୍କ ଠାରୁ, ତାହା ବ୍ୟକ୍ତ କରିବା ପାଇଁ ବାଧ ହେଲି ରାଜାଙ୍କ ଆଗରେ । କହିଲି, "ଜାଣେନା, କାହିଁକି ତୂଳୀ ମୋର ଏକ ଧାର ରକ୍ତ ଏଭଳି ସୁଷମାଯୁକ୍ତ ଅଧରରେ ବୋଳି ଦେଲା । ଅପରାଧ କ୍ଷମା କରିବେ । ରାଜାଙ୍କ ଆତ୍ମ ସ୍ୱୀକାରୋକ୍ତି ଅନ୍ତେ ପ୍ରସ୍ତର ଖୋଦିତ ଅନ୍ୟ ମୂର୍ତ୍ତିଟିକୁ ଯେତେବେଳେ ଉପସ୍ଥାପନ କଲି ରାଜାଙ୍କ ଆଗରେ, ସେ ହୋଇଗଲେ ନିର୍ବାକ ଓ ବଜ୍ରାହତ । ପ୍ରସ୍ତର ମୂର୍ତ୍ତିଟିକୁ ଆଲିଙ୍ଗନବଦ୍ଧ କରି ବକ୍ଷସ୍ଥଳରୁ ରକ୍ତ ଶୋଷି ନେଉଥିବା ଯୁବତୀର ରକ୍ତାଧାରରେ ନିଜ ଅଧରକୁ କରିଦେଇଥିଲେ ସଂଯୁକ୍ତ ଆଉ ଚେତନା ଶୂନ୍ୟ ହୋଇ ଭୂପତିତ ହୋଇଥିଲେ । ଯେଉଁ ଯୋଗିନୀଙ୍କର ପ୍ରେରଣାଚାଳିତ ହୋଇ, ଏ ମୂର୍ତ୍ତି ମୁଁ ଗଢ଼ିଥିଲି ସେ ଥିଲେ ଖଣ୍ଡଗିରି ଗୁମ୍ଫାରେ ତପସ୍ୟା ରତା । ଦେଖିଲି ଖଣ୍ଡଗିରିର ଶୈବାଳ ପୂର୍ଣ୍ଣ ପ୍ରସ୍ତର ଉପରେ ଲେଖା ହୋଇଛି– "କଳିଙ୍ଗଶିଳ୍ପୀ ! କଳିଙ୍ଗର ରାଜା ବସୁଭୂମାଙ୍କୁ ଯୋଗିନୀ ପାଇଁ ଉଦ୍ଦିଷ୍ଟ 'ଶୁକପକ୍ଷୀ ଶିଳ୍ପ'କୁ ଉପହାର ଦିଅ ।"

ସେହି ମୋ ଜୀବନର ଶ୍ରେଷ୍ଠ ଉପହାର ପ୍ରଦାନ କରିଥିଲି କଳିଙ୍ଗ ପତିଙ୍କୁ । ଯାହା କିଛି ଘଟଣା ଘଟିଗଲା ନାଟକୀୟ ଭାବରେ ତାହା ତ ଜାଣିଲେ ଆପଣମାନେ । ଯଦି ଏ ଅପୂର୍ବ ସଂଯୋଗ ଘଟି ନଥାନ୍ତା, ତା'ହେଲେ ମୋର ଶିଳ୍ପକଳାର ସୌନ୍ଦର୍ଯ୍ୟ ରହିଥାନ୍ତା ଅପୂର୍ଣ୍ଣ ହୋଇ । ଶିଳ୍ପକଳାକୁ ପରିପୂର୍ଣ୍ଣତା ପ୍ରଦାନ କରିବା ପାଇଁ ଶିଳ୍ପୀର ଜୀବନରେ ଯାହା କିଛି ଘଟଣା ଘଟେ, ତାହା ଯେ ପୂର୍ବ ନିର୍ଦ୍ଧାରିତ, ଏହା ହୃଦୟଙ୍ଗମ କରିପାରିଥିଲି ସେଦିନ । ପାଠକମାନେ ରାଜା ବସୁଭୂମାଙ୍କ ବକ୍ଷସ୍ଥଳରୁ ଝରୁଥିବା ରକ୍ତଧାର ଶ୍ରେଷ୍ଠ ନାୟିକା ବିନ୍ଧ୍ୟା କିପରି ଶୋଷି ନେଉଥିଲେ ତାହା ଦେଖିଛନ୍ତି । କିନ୍ତୁ ଅନ୍ତରାଳର ଯେଉଁ ଦୃଶ୍ୟ ପାଠକମାନେ ଦେଖି ପାରିନାହାନ୍ତି, ତାହା ହେଲା ଅଦୃଶ୍ୟ ଭାବରେ ଏହି ସାମାନ୍ୟ ଶ୍ରୀଧରର ପ୍ରତିଟି ଶିରା ପ୍ରଶିରାରୁ ରକ୍ତକ୍ଷରଣ ହେଉଥିଲା କିପରି ଓ ତାହା ପ୍ରସ୍ତର ମୂର୍ତ୍ତିକୁ ଜୀବନ୍ୟାସ ଦେଉଥିଲା ଅଲୌକିକ ଶକ୍ତି–ସଂଚାର କରି । ରାଜା ବସୁଭୂମା ବିନ୍ଧ୍ୟାକୁ ନିଜ ଅଜାଣତରେ ଦେଇ ବସିଥିଲେ ତାଙ୍କ ସୁକୁମାର ହୃଦୟଟିକୁ । ବିନ୍ଧ୍ୟା ଠିକ୍ ସେହିପରି ସୁଗଠିତ ସୌନ୍ଦର୍ଯ୍ୟ ବିକିରିତ ବସୁଭୂମାଙ୍କ ନିକଟରେ ହୋଇଥିଲେ ସମ୍ପୂର୍ଣ୍ଣ ସମର୍ପିତା । ଆଉ ଯାହା ରହିଲା ଅନୁଲିଖିତ ହୋଇ ତାହା ହେଲା ରାଜା ବସୁଭୂମା ଓ ତାଙ୍କ ଅନ୍ତଃପୁରବାସିନୀ ବିନ୍ଧ୍ୟା ଉଭୟଙ୍କୁ ଶ୍ରୀଧର ସମର୍ପି ଦେଇଥିଲା ତା'ର ଶିଳ୍ପୀ–ହୃଦୟ । କେବଳ ଏହି ସମର୍ପଣ ବଳରେ ହିଁ ପ୍ରସ୍ତର ମୂର୍ତ୍ତି ଦେହରେ ସମ୍ଭବ ହୋଇଥିଲା ଜୀବନ–ସଞ୍ଚାର । ପୁନଶ୍ଚ ଏ ସମର୍ପଣ ଚେଷ୍ଟାକୃତ ନଥିଲା । ତାହା ଥିଲା ସ୍ୱତଃସ୍ଫୂର୍ତ୍ତ । ଆଗରୁ ସେଥିପାଇଁ କହିଛି ଯେ ହାତଟି ମୋର, ନିହାଣ ମୁଗୁର ମୋର । କିନ୍ତୁ ଯିଏ ଏହି ହାତଟିକୁ ପରିଚାଳନା କରୁଛନ୍ତି, ସେ ହେଉଛନ୍ତି ଅଦୃଶ୍ୟ ଜଗତର ବିଶ୍ୱ–ବିଧାଣୀ । ତାଙ୍କରି ଦ୍ୱାରା ପରିଚାଳିତ କଳିଙ୍ଗ ଶିଳ୍ପୀର ନିର୍ମିତ ପ୍ରସ୍ତର ମୂର୍ତ୍ତି କିପରି ବା ନହେବ ପ୍ରାଣବନ୍ତ ! ମୁଁ ଶିଳ୍ପୀ ଶିଳ୍ପ–ସାଧନାରେ ପ୍ରାଣଦାନର କଳା ଶିଖିଛି ବିଶ୍ୱକର୍ମାଙ୍କ ଠାରୁ । ଏହା ଶିଳ୍ପୀକୁଳ ପ୍ରତି ଏକ ପ୍ରଚ୍ଛନ୍ନ ଆଶିଷ–ଧାରା ।

କେଉଁ ଘଟଣା କ୍ରମରେ ବିନ୍ଧ୍ୟା ରାଜା ବସୁଭୂମାଙ୍କ ଅନ୍ତପୁରରୁ ବହିର୍ଗତା ହୋଇ ତପସ୍ୱିନୀ ରୂପ ଧାରଣ କରିଥିଲେ ତାହା ମୁଁ ଜାଣେନାହିଁ । ମାତ୍ର ଉପଲବ୍ଧି କରିଛି ଏତିକି ସତ୍ୟ ଯେ ପ୍ରେମ ହେଉଛି ଏକ ମହାନ ତପସ୍ୟା । ପରସ୍ପର ଠାରୁ ବିଚ୍ଛିନ୍ନ ହୋଇ ରାଜା ବସୁଭୂମା ଓ ବିନ୍ଧ୍ୟା, ଉଭୟେ ଯଥାର୍ଥରେ ହୋଇ ଯାଇଛନ୍ତି ଶ୍ରେଷ୍ଠ ତପସ୍ୱୀ ଓ ତପସ୍ୱିନୀ । ପ୍ରେମ ଯେମିତି ଏକ ପବିତ୍ର ତପସ୍ୟା, ଶିଳ୍ପ–ସାଧନା ସେହିପରି ଏକ ମହିମାନ୍ୱିତ ତପଶ୍ଚାରଣ । ମୋ ପରି ସାମାନ୍ୟ ଶିଳ୍ପୀଟିଏ ଯେ ପ୍ରସ୍ତର ଗାତ୍ରରେ ଜୀବନ ସଞ୍ଚାରରେ ହେଲା ସକ୍ଷମ ତାହା ତାହାର ଆନ୍ତରିକ ଉପାସନାର ମଧୁମୟ କୀର୍ତ୍ତି । ମୁଁ ଶ୍ରୀଧର ଏକ ନିମିତ୍ତ ମାତ୍ର । ମୋତେ ମାଧ୍ୟମ କରି ଯିଏ ପରିସ୍ଫୁଟିତ ହୁଅନ୍ତି ସକଳ ଆତ୍ମିକ ସୌନ୍ଦର୍ଯ୍ୟ ନେଇ, ସେ ତ ଅଦୃଶ୍ୟ–ଅବତାର । ସେ ନିରାକାର । ପୁଣି ସର୍ବତ୍ର ସାକାର ।

ଆଉ ଯେଉଁ ରାଜକିଶୋର ରାୟ ଏ ଗଳ୍ପ ରଚନା କରିଗଲେ, ସେ କ'ଣ କଳିଙ୍ଗ ଶିଳ୍ପୀ ଠାରୁ ଭିନ୍ନ ହେବା ସମ୍ଭବ ? ଶ୍ରୀଧର ଯେମିତି ଭାସ୍କର ଶିଳ୍ପୀ, ରାଜକିଶୋର ସେପରି ଶବ୍ଦଶିଳ୍ପୀ । ନିହାଣ ମୁଗୁରରେ ଶିଳ୍ପୀ ଯେପରି ଦିଏ ଜୀବନ୍ୟାସ ପ୍ରସ୍ତର ମୂର୍ତ୍ତିକୁ, ସେହିପରି ଶବ୍ଦ–ସାଧକ ସାହିତ୍ୟ ମାଧ୍ୟମରେ ପ୍ରମୂର୍ତ୍ତ କରିଥାନ୍ତି ନିଜସ୍ୱ ଜୀବନାଲୋକକୁ । ମୁଁ ଯେମିତି କଳିଙ୍ଗଶିଳ୍ପୀ ଭାବରେ ମହିମାନ୍ୱିତ, ରାଜକିଶୋର ରାୟ ମଧ୍ୟ ସେହିପରି ଆଉ ଏକ ସ୍ତରର ସାଧକ ଭାବରେ 'କଳିଙ୍ଗ ଶିଳ୍ପୀ'ର ମର୍ଯ୍ୟାଦାରେ ବିଭୂଷିତ । ଯେଉଁ ଦିବ୍ୟ ପରମ ଶକ୍ତି ମୋତେ ସଞ୍ଚାଳିତ କରୁଥିଲେ ମୂର୍ତ୍ତିରେ ପ୍ରାଣ ପ୍ରାଚୁର୍ଯ୍ୟ ଭରିଦେବା ନିମିତ୍ତ ତାଙ୍କ ନିକଟରେ ମୁଁ କୃତଜ୍ଞ–ଚିତ୍ତ । ଯେଉଁ ପାଠକ ପାଠିକାମାନେ ଏହି ଗଳ୍ପପାଠ କରି ହୋଇଛନ୍ତି ବିସ୍ମୟାବିଭୂତ, ସେମାନଙ୍କ ପାଦ–ପଦ୍ମରେ ମୁଁ ନତମସ୍ତକ ।

ପୁଷ୍ପବିତାନ

# କୃଷ୍ଣଚୁଡାର କିମିଆ



# ନିଦାଘ ମଞ୍ଜରୀ କୃଷ୍ଣଚୂଡା

**ଶ୍ୱେତା ରାଉତ**
ରାଉତ କମ୍ପ୍ଲେକ୍ସ, କଟକ ରୋଡ୍
ଭୁବନେଶ୍ୱର-୭୫୧୦୦୬
ଫୋନ:୯୪୩୯୭୨୨୦୭୦

ଫଟୋ ସୌଜନ୍ୟ : ଗୁଗୁଲ୍



ବର୍ତ୍ତମାନ ଆମେ ଯେତେବେଳେ ବିଜ୍ଞାନ ସହିତ ଯୋଡ଼ି ହୋଇ ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି କରୁଛୁ, ପ୍ରକୃତି ଆଉ ପ୍ରକୃତିର ସୌନ୍ଦର୍ଯ୍ୟକୁ ଦଣ୍ଡେ ଠିଆ ହୋଇ ଉପଭୋଗ କରିବାର ସମୟ ନପାଇ ପ୍ରକୃତି ଠୁ ମଧ୍ୟ ଦୂରେଇ ରହୁଛୁ, ଯାହାର ଫଳସ୍ୱରୂପ ମାନସିକ ଅଶାନ୍ତି, ଦୁଶ୍ଚିନ୍ତା, ରୋଗବ୍ୟାଧି, ହତାଶ ଏବଂ ଜୀବନ ପ୍ରତି ବିତୃଷ୍ଣା ଭାବ ବଢ଼ି ବଢ଼ି ଚାଲୁଛି । ଟେବୁଲ୍ ଉପରେ ଲାପ୍‌ଟପ୍ ସହିତ ଘଣ୍ଟାଏ ଏବଂ ଫୁଲ ବଗିଚାରେ ଫୁଲମାନଙ୍କ ସହିତ ଘଣ୍ଟାଏ ବସି ପରୀକ୍ଷା କଲେ ଆମେ ନିଶ୍ଚୟ ଜାଣି ପାରିବା ପ୍ରକୃତରେ ଆମକୁ ପ୍ରକୃତି ହିଁ ଅଧିକ ଶାନ୍ତି ଦିଏ, ଆନନ୍ଦ ଦିଏ, ପ୍ରଫୁଲ୍ଲିତ ରଖେ । ପ୍ରକୃତିର ଅତୁଳନୀୟ ଅବଦାନ ହେଉଛି ଫୁଲ, ଯାହାକୁ ଆମେ କୁସୁମ, ପୁଷ୍ପ, ଗୁଲ୍, ପ୍ରସୂନ, ମଞ୍ଜରୀ, ସୁମନ, ଫ୍ଲାୱାର୍ ଇତ୍ୟାଦି କହିଥାଉ । ଫୁଲର ସୌନ୍ଦର୍ଯ୍ୟ ପ୍ରତି ସ୍ୱୟଂ ସୃଷ୍ଟିକର୍ତ୍ତା ମଧ୍ୟ ଆକର୍ଷିତ ହୋଇଥାନ୍ତି, ଆମେ ତ ସାମାନ୍ୟ ମଣିଷ ଆକର୍ଷିତ ହେବା ସ୍ୱଭାବିକ । ଫୁଲ ଜୀବନରେ ସକାରାତ୍ମକ ଉର୍ଜା ସଂଚାର କରେ, ଶ୍ରଦ୍ଧା ଓ ଆବେଗ ପ୍ରକଟ କରାଇଥାଏ । ପ୍ରତ୍ୟେକ ଫୁଲ ଯେମିତି ରୂପ, ମହକ, ଆକାର- ପ୍ରକାରରେ ଭିନ୍ନ, ଠିକ୍ ସେମିତି ପ୍ରତି ଫୁଲ ଭିନ୍ନଭିନ୍ନ ବିଶେଷତା ପାଇଁ ସୁପରିଚିତ । ଆମକୁ ଯେତେବେଳେ ଦୁଃଖ ଆସେ, ଆମେ ହତୋତ୍ସାହ ହୋଇପଡ଼ନ୍ତି, ନିଜକୁ ସର୍ବହରା ମନେକରନ୍ତି, ଆମ ମୁହଁରୁ ହସ ଲିଭିଯାଏ କେବେ ଈଶ୍ୱରଙ୍କୁ ଦୋଷ ଦିଅନ୍ତି ତ କେବେ ଭାଗ୍ୟକୁ ଦୋଷ ଦିଅନ୍ତି । କିନ୍ତୁ ଏମିତି ଗୋଟିଏ ଫୁଲ ଅଛି ଯିଏ ନିଦାଘର ଡହଡହ ତାତିରେ ବି ଲାଲ୍ ଟହଟହ ସାଧବ ବୋହୂ ପରି ସଜେଇ ହୋଇ ଖିଲି ଖିଲି ହସି ମଣିଷକୁ ଧୈର୍ଯ୍ୟ ଆଉ ସାହସ ରଖି ଖୁସି ରହିବାକୁ ପ୍ରେରିତ କରେ । ପତ୍ରଝଡ଼ାର ଥୁଣ୍ଟା ଡାଳରେ ବି ସେ ସ୍ୱପ୍ନ ଓ ଆଶାଗୁଡ଼ିକର ଗୁଚ୍ଛ ଭଳି ଝୁଲୁଥାଏ । ନିଦାଘର କଷଣକୁ ଖାତିର ନକରି ସେ ପ୍ରକୃତିକୁ ସୌନ୍ଦର୍ଯ୍ୟ ପ୍ରଦାନ କରେ । ପ୍ରଭୁ ଶ୍ରୀକୃଷ୍ଣଙ୍କ ଚୂଡାର ଶୃଙ୍ଗାର କରିଥାଏ ବୋଲି ନାଁ ତାର 'କୃଷ୍ଣଚୁଡା' । ଆସନ୍ତୁ ଜାଣିବା କୃଷ୍ଣଚୁଡା ସମ୍ପର୍କରେ କିଛି ରୋଚକ କଥା ।



ଫଟୋ: ଶ୍ୱେତା ରାଉତ

## କୃଷ୍ଣଚୁଡାର ପରିଚୟ

ଗ୍ରୀଷ୍ମର ପ୍ରକୋପରେ ଯେତେବେଳେ ମଣିଷ ବ୍ୟତିବ୍ୟସ୍ତ ହୋଇପଡ଼େ, ପ୍ରକୃତି, ନିଦାଘରେ, ବି ସୁନ୍ଦର ବିଭାମୟ ରୂପ ଧାରଣ କରି ମନକୁ ଆଶ୍ୱସ୍ତି ଦେବା ସହିତ ଆନନ୍ଦରେ ପରିପୂର୍ଣ୍ଣ କରିଥାଏ । ରାସ୍ତାକଡ଼ମାନଙ୍କରେ ଧାଡ଼ିହୋଇ ଲମ୍ବି ଯାଇଥିବା କୃଷ୍ଣଚୁଡା ଗଛଗୁଡ଼ିକୁ ଦେଖିଲେ ମନେହୁଏ ନାଲି ରଙ୍ଗର ପରିପୂର୍ଣ୍ଣ ଫୁଲର ସମ୍ଭାର ସତେ ଯେମିତି ନାଲିପାଟ ପିନ୍ଧି ନବବଧୂଟିଏ ପରି ପ୍ରକୃତି ନାନା ଅଳଙ୍କାରରେ ଭୂଷିତ ହୋଇ ସ୍ୱର୍ଗର ପରୀ ରୂପେ ଧରଣୀ ବକ୍ଷରେ ଶୋଭା ପାଉଛି । କବିମାନଙ୍କ ମନକୁ ଆନ୍ଦୋଳିତ କରି କୃଷ୍ଣଚୁଡା, କବିତାରେ, ଗୀତରେ ଅନେକ ରୂପରେ ନିଜର ସୌନ୍ଦର୍ଯ୍ୟ ପାଇଁ ସ୍ୱର୍ଗର ଫୁଲ ଭାବେ ବିବେଚିତ ହୋଇଛି । ପ୍ରଭୁ ଶ୍ରୀକୃଷ୍ଣ ଚୁଡାର ଶୃଙ୍ଗାର କରୁଥିବାରୁ ତା'ର ନାମ ହୋଇଛି 'କୃଷ୍ଣଚୁଡା' । ଭାରତର ସବୁ ସ୍ଥାନ, ସବୁ ଜଳବାୟୁରେ ବହୁ ମାତ୍ରାରେ ଦେଖା ଯାଉଥିବା ଏହି କୃଷ୍ଣଚୁଡାର ଉତ୍ପତ୍ତିସ୍ଥଳ 'ମେଡ଼ାଗାସ୍କର' ବୋଲି କୁହାଯାଏ । ୧୬୦୦ ଶତାବ୍ଦୀରେ ପର୍ତ୍ତୁଗୀଜ୍‌ମାନେ ଏହି ଲାଲ୍‌ରଙ୍ଗର କୃଷ୍ଣଚୁଡାକୁ ମୋଡାଗାସ୍କରରେ ଆବିଷ୍କାର କରିଥିଲେ ଓ ୧୮୦୦ ଶତାବ୍ଦୀରେ ଫ୍ରେଞ୍ଚ୍ କିଟିସ୍‌ର ଗଭର୍ଣ୍ଣର କାଉଣ୍ଟି. ଡି. ଫୋଏନ୍ସ ଏହାର ନାମ ବଦଳାଇ ନିଜର ନାମ ସହିତ ମିଶିଲା ଭଳି ଏହି ଫୁଲର ନାମ ରଖିଲେ 'ପୋଏନ୍ସିଆନା', ପରେ ଏହି କୃଷ୍ଣଚୁଡାକୁ କିଟିସ୍ ଓ ନେବିସ୍ (ଫ୍ରାନ୍ସ)ର ରାଷ୍ଟ୍ରୀୟ ଫୁଲ ଭାବେ ଘୋଷଣା କରାଗଲା । ଫ୍ରାନ୍ସରେ କୃଷ୍ଣଚୁଡାକୁ ସ୍ୱର୍ଗର ଫୁଲ ବୋଲି କହିଥାନ୍ତି । ଗ୍ରୀଷ୍ମ ସମୟରେ କୃଷ୍ଣଚୁଡା ଗଛରେ ପତ୍ର ନାମକୁ ମାତ୍ର ଥାଏ, କିନ୍ତୁ ଫୁଲ ଗଛ ଭର୍ତ୍ତି ହୋଇ ଫୁଟିଥାଏ । ବିଶେଷକରି ଆମ ଭାରତରେ କୃଷ୍ଣଚୁଡା ଖୁବ୍ ଆକର୍ଷଣ ଭାବେ ପ୍ରକୃତିକୁ ବିଭାମୟ କରିଥାଏ । ଏହି ଫୁଲ ମହୁମାଛିମାନଙ୍କ ପାଇଁ ମଧୁ ସଂଗ୍ରହ କରିବାର ଏକ ଉତ୍ସ । ଏହି ଫୁଲ ଉପରେ ଖୁବ୍ ମହୁମାଛି ବସିଥାନ୍ତି ଏବଂ ପରାଗୀକରଣ ଦ୍ୱାରା ଏକ ସପ୍ତାହ ମଧ୍ୟରେ ଫୁଲଗୁଡ଼ିକ ଗଛଭର୍ତ୍ତୀ ହୋଇ ଫୁଟିଥାଏ । ଦୁଇଶହ ବର୍ଷ ପୂର୍ବରୁ କୃଷ୍ଣଚୁଡା ଭାରତର ସବୁ ସ୍ଥାନରେ ଦେଖିବାକୁ ମିଳୁଛି । ମାର୍ଚ୍ଚ ଓ ଅପ୍ରେଲ୍‌ରୁ ଆରମ୍ଭ କରି ଜୁନ୍ ପର୍ଯ୍ୟନ୍ତ ଏହା ପ୍ରଚୁର ଫୁଲ ଫୁଟାଇଥାଏ ଏବଂ ଅନ୍ୟ ସମୟରେ ଏହା ଫୁଲ ଫୁଟିବା କମ୍ କରିଥାଏ । ଭାରତ ବ୍ୟତୀତ ଏହି ଫୁଲ ୟୁଗାଣ୍ଡା, ନାଇଜେରିଆ, ଶ୍ରୀଲଙ୍କା ମେକ୍ସିକୋ, ଅଷ୍ଟ୍ରେଲିଆ, ଆମେରିକା, ଫ୍ଲୋରିଡା, ବ୍ରାଜିଲ୍, ୟୁରୋପରେ ମଧ୍ୟ ଖୁବ୍ ଦେଖିବାକୁ ମିଳେ । କୃଷ୍ଣଚୁଡା ପ୍ରାୟତଃ ଦୁଇଟି ପ୍ରାକୃତିକ ରଙ୍ଗର ଲାଲ୍ ଓ ହଳଦିଆ

ହୋଇଥାଏ, ଖୁବ୍ କମ୍ ସ୍ଥାନରେ ଗୋଲାପୀ ରଙ୍ଗର ଦେଖିବାକୁ ମିଳେ । ଏହାର ଉଚ୍ଚତା ୪୦-୬୦ ଫୁଟ୍ ପର୍ଯ୍ୟନ୍ତ ହୋଇଥାଏ । ଗୋଟେ ବର୍ଷରେ ଏହା ପ୍ରାୟ ୫-୮ ଫୁଟ ପର୍ଯ୍ୟନ୍ତ ବଢିଥାଏ । କୃଷ୍ଣଚୂଡା ପତ୍ରର ରଙ୍ଗ ସବୁଜ ଓ ଦେଖିବାକୁ ତେନ୍ତୁଳି ପତ୍ର ଭଳି ହୋଇଥାଏ । ଏକ ବଡ଼ ଶାଖାର ୨୦-୨୫ ସଂଖ୍ୟା ବିଶିଷ୍ଟ ପତ୍ର ଲାଗି ଲାଗି ରହିଥାଏ । ମଇ ମାସରେ କୃଷ୍ଣଚୂଡା ପ୍ରଚୁର ମାତ୍ରାରେ ଫୁଟିଥାଏ । ଏହି ଫୁଲ ଗୋଟିଏ ଡାଳରେ ଗୁଚ୍ଛ ଆକାରରେ ଫୁଟିଥାଏ ।



## କୃଷ୍ଣଚୂଡାର ପ୍ରଜାତି ଓ ପ୍ରକାର

କୃଷ୍ଣଚୂଡାର ବନସ୍ପତିକ ନାମ ହେଉଛି 'ଡେଲୋନିକ୍ସ - ରେଜିଆ', ବା 'ରୟାଲ୍ ପାଏନ୍ସିଆନା' । ଏହା ଫାବାସିଆ ପରିବାର ଅନ୍ତର୍ଭୁକ୍ତ । ଏହାର ଛୋଟ ଛୋଟ ଉଜ୍ଜ୍ୱଳ ପତ୍ର ଓ ପ୍ରଚୁର ମାତ୍ରାରେ ଲାଲ ରଙ୍ଗର ଜ୍ୱଳନ୍ତ ଅଗ୍ନିର ଜ୍ୟୋତି ପରି ଦିଶୁଥିବା ଫୁଲ ପାଇଁ ଏହା ଖୁବ୍ ପ୍ରସିଦ୍ଧ ଓ ଲୋକପ୍ରିୟ । 'ଡେଲୋନିକ୍ସ' ଦୁଇଟି ଗ୍ରୀକ୍ ଶବ୍ଦରୁ ଉତ୍ପନ୍ନ ହୋଇଛି । 'ଡେଲୋସ୍'ର ଅର୍ଥ ହେଉଛି ସ୍ପଷ୍ଟ ଓ 'ଅନସ୍କ'ର ଅର୍ଥ ହେଉଛି 'ଅଗ୍ନିଖଣ୍ଡ' । ଏହି ଫୁଲ ଖୁବ୍ ନରମ, କୋମଳ ଓ ଆକର୍ଷକ ଏବଂ ଏହା ପାଖାପାଖି ୨୩ ସେ.ମି. ପର୍ଯ୍ୟନ୍ତ ହୋଇଥାଏ । ଏହା ପାଞ୍ଚ ପାଖୁଡା ବିଶିଷ୍ଟ ଓ ଚାରୋଟି ପାଖୁଡା ସମାନ ରଙ୍ଗ ଓ ଅନ୍ୟ ଏକ ପାଖୁଡା ଟିକେ ଲମ୍ବା ଓ ଏହା ଉପରେ ଧଳା ହଳଦିଆ ଛିଟ ହୋଇଥାଏ । କୃଷ୍ଣଚୂଡା ପ୍ରତି ବର୍ଷ ୫ ଫୁଟ ପର୍ଯ୍ୟନ୍ତ ବଢ଼ିଥାଏ । କୃଷ୍ଣଚୂଡାର ବିଭିନ୍ନ ପ୍ରଜାତିଗୁଡ଼ିକ ହେଲା 'ଜେନୁଇନା ଷ୍ଟେହେଲି, ରେଜିଆ ହୁକ, ରେଜିଆ ବୋଜର, ଫ୍ଲେବିଡା, କେସଲପିନିୟୋଇଡି, କେସ୍ଲପନିଆ ପଲଚେରିମା, କେସଲପନିଆ ଲୁଟିଆ, ଡ୍ୱାର୍ଫ ପାଇନ୍ସିଆନ୍, ଫ୍ଲସ୍ ପାଭୋନିସ୍ ଇତ୍ୟାଦି । ପଲଚେରିମା, କେସଲପନିଆ ଲୁଟିଆ, ଡ୍ୱାର୍ଫ ପାଇନ୍ସିଆନା, ଫ୍ଲସ୍ ପାଭୋନିସ୍ ଇତ୍ୟାଦି । ପଲଚେରିମା ପ୍ରଜାତିର ଆଉ ଏକ ପ୍ରକାର କୃଷ୍ଣଚୂଡା ଅଛି 'ଫ୍ଲେମବୋୟାଣ୍ଟ- ଦେ-ବାରଦିନ୍' ଯାହାକୁ ହାୱାଇନ୍‌ରେ 'ଓହଇ ଅଲି' କହିଥାନ୍ତି । ଆଫ୍ରିକନ୍ ପ୍ଲେଟାଫୋରମ୍ କୃଷ୍ଣଚୂଡାର ଆଉ ଏକ ପ୍ରଜାତି, ଯାହାକୁ ଫ୍ଲେବିଡା ମଧ୍ୟ କୁହାଯାଏ । ଫ୍ଲେବିଡା ପ୍ରଜାତିର କୃଷ୍ଣଚୂଡା ଫୁଲ ଉଜ୍ଜ୍ୱଳ ହଳଦିଆ ରଙ୍ଗର ହୋଇଥାଏ ଏବଂ ଗୁଚ୍ଛ ଆକାରରେ ଫୁଟିଥାଏ । ବଙ୍ଗଳାରେ ଏହାକୁ 'ରାଧାଚୂଡା' କହିଥାନ୍ତି । କୃଷ୍ଣଚୂଡା ଓ ରାଧାଚୂଡା ଦେଖିବାକୁ ଏକାଭଳି, କେବଳ ରଙ୍ଗର ଫରକ ହୋଇଥାଏ । ଭିଏତନାମରେ ଫ୍ଲେବିଡ଼ା ପ୍ରଜାତିର କୃଷ୍ଣଚୂଡାକୁ ସ୍ଥାନୀୟ ଲୋକେ ଏକ ସହରୀ ବୃକ୍ଷ ଭାବେ ଖୁବ୍ ଆଦର କରିଥାନ୍ତି ଏବଂ ଫୁଲକୁ 'ପୁପିଲ୍ସ ଫ୍ଲାୱାର' କହିଥାନ୍ତି । ଯଦିଓ କୃଷ୍ଣଚୂଡାର ଉତ୍ପତ୍ତିସ୍ଥାନ 'ମେଡାଗାସ୍କର' କୁହାଯାଏ, ଅଧୁନା ସେଠାରେ ଏହି ପୁଷ୍ପବୃକ୍ଷ ଲୁପ୍ତପ୍ରାୟ । କୃଷ୍ଣଚୂଡାର ସୌନ୍ଦର୍ଯ୍ୟ ଏବଂ ଅଳଙ୍କୃତ ରୂପ ପାଇଁ ବିଭିନ୍ନ ଦେଶରେ ଏହାର ପାଦପ ପ୍ରବେଶ ଦ୍ୱାରା ସଂରକ୍ଷଣ କରାଯାଇ ବାତାବରଣକୁ ଏକ ନୂଆ ଉପହାର ସ୍ୱରୂପ ସଜା ଯାଇଥାଏ । ଯଦିଓ ଏହି ଫୁଲ ଲାଲ୍ ଓ ହଳଦିଆ ମୁଖ୍ୟତଃ ଦୁଇଟି ରଙ୍ଗର ପ୍ରାକୃତିକ ଭାବେ ହୋଇଥାଏ, ଶଙ୍କରୀକରଣ ଦ୍ୱାରା ଏବେ ଅନେକ ପ୍ରକାର ଯଥା - ହଳଦିଆ, ନାରଙ୍ଗୀ, ଗୋଲାପୀ, ନୀଳ ବାଇଗଣୀ ଇତ୍ୟାଦି ରଙ୍ଗର କୃଷ୍ଣଚୂଡା ସମଗ୍ର ବିଶ୍ୱର ଅନେକ ଦେଶମାନଙ୍କରେ ଦେଖିବାକୁ ମିଳୁଛି । ବାଙ୍ଗାଲୁରର ରାସ୍ତାକଡ଼ମାନଙ୍କରେ ବହୁଳ ଭାବରେ ଦେଖା ଯାଉଥିବା ପ୍ଲେଟାଫୋରମ୍ ପ୍ରଜାତିର କୃଷ୍ଣଚୂଡାର ସୌନ୍ଦର୍ଯ୍ୟ ଯାତାୟାତ କରୁଥିବା ଯାତ୍ରୀମାନଙ୍କୁ ଯେତିକି ସମ୍ମୋହିତ କରେ, ପ୍ରକୃତିକୁ ସେତିକି ସୁସଜ୍ଜିତ କରିଥାଏ । ଜିଲ୍ଲା ପଞ୍ଚାୟତ ସି.ଇ.ଓ. ସଚ୍ଚିଦାନନ୍ଦ ଆଲୋକଙ୍କ କହିବାନୁସାରେ ସେଠାକାର ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ପ୍ରାୟ ୩୦ ହଜାର କୃଷ୍ଣଚୂଡାର ଚାରା କେବିକେରେ ଉତ୍ପନ୍ନ କରାଯାଇ ସହରର ରାସ୍ତା ପାର୍ଶ୍ୱମାନଙ୍କରେ ରୋପଣ କରାଯିବାର ପ୍ରସ୍ତାବ ରହିଛି । କୃଷ୍ଣଚୂଡା ନିଦାଘ ଗ୍ରୀଷ୍ମରେ ମଧ୍ୟ ପୁଷ୍ପଭର୍ତ୍ତି ହୋଇ ରହିଥାଏ ଏବଂ କମ୍ ଜଳ ଆବଶ୍ୟକ କରୁଥିବା ଯୋଗୁଁ ପରିବେଶ ବା ବାତାବରଣ ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପାଇଁ ଏହା ଏକ ଉତ୍ତମ ପୁଷ୍ପ ବୃକ୍ଷ ଭାବେ ବିବେଚନା କରାଯାଏ । ଭାରତର ରାଜଧାନୀ ଦିଲ୍ଲୀ(ଦକ୍ଷିଣ)ରେ ରହିଛି ପ୍ରସିଦ୍ଧ 'ଗୁଲମୋହର ପାର୍କ' ବା 'କୃଷ୍ଣଚୂଡା ପାର୍କ' । ହାଉସ୍‌ଖାସ୍ ଓ ଗୌତମନଗର ରାସ୍ତା ମଝିରେ ପଡ଼େ ଏହି 'ଗୁଲମୋହର ପାର୍କ' । ସେଠାରେ ବହୁଳ ମାତ୍ରାରେ ଲାଲ ରଙ୍ଗର କୃଷ୍ଣଚୂଡା (ଗୁଲମୋହର) ବୃକ୍ଷ ପାଇଁ ସେଠାକାର କଲୋନୀର ନାମକରଣ କରାଯାଇଛି 'ଗୁଲମୋହର ପାର୍କ ଜର୍ନାଲିଷ୍ଟ କଲୋନୀ' । ୪୩ ଏକର ପରିସୀମା ବିଶିଷ୍ଟ ଏହି କଲୋନୀରେ ଚାରୋଟି ବ୍ଲକ ଯଥା -ଏ, ବି, ସି, ଡି ରହିଛି । କଲୋନୀ ମଧ୍ୟରେ ରହିଛି ୧୩ଟି ବଡ଼ ବଡ଼ ପାର୍କ, ଯାହାର ବିଶେଷତଃ ହେଉଛି ଏହି ସୁନ୍ଦର ପୁଷ୍ପ କୃଷ୍ଣଚୂଡାର ସୌନ୍ଦର୍ଯ୍ୟଭରା ବାତାବରଣ । ଦିଲ୍ଲୀର ଉକ୍ତ ସ୍ଥାନରେ ଥିବା ପୋଲିସ୍ ଷ୍ଟେସନ୍, କଲୋନୀ, ରାସ୍ତା, ମାର୍ଗ, ପାର୍କ ସବୁକିଛି ଗୁଲମୋହର ନାମରେ ନାମିତ ହୋଇଛି ।



## କୃଷ୍ଣଚୂଡାର ବିଭିନ୍ନ ନାମ

ଓଡ଼ିଆରେ ଆମ୍ଭେମାନେ ଯାହାକୁ କୃଷ୍ଣଚୂଡା ବା ତାରା କହୁଛନ୍ତି, ବିଭିନ୍ନ ସ୍ଥାନରେ ତାକୁ ବିଭିନ୍ନ ନାମରେ ଲୋକେ ଜାଣିଥାଆନ୍ତି । କୃଷ୍ଣଚୂଡାକୁ ହିନ୍ଦୀରେ କହନ୍ତି - 'ଗୁଲମୋହର, ରକ୍ତ ଗୁଲମୋହର, ଶଣକେସ୍ୱର, କୃଷ୍ଣଚୂଡ, ସ୍ୱର୍ଗକା ଫୁଲ, କୃଷ୍ଣଚରଣ, ବଙ୍ଗଳାରେ 'କୃଷ୍ଣଚୂଡା, ରାଧାଚୂଡା', ତେଲୁଗୁରେ- 'ଚିଟ୍ଟିକେସର', 'ବଟନାରାୟଣ', 'ଅଗ୍ନିପୁଲୁ', 'ସମିଦିତୋଗେଡୁ', 'ଶୀମାସୁଙ୍କେଶୁଲା', ତାମିଲ୍‌ରେ - 'ମାୟାରାମ, ପେରୁ ଗୋଦରାଇ, ମାଇର କୋନରାଇ", ମାଲାୟଲମ୍‌ରେ- 'ଗୁଲପରୀ', ମରାଠୀରେ 'ଗୁଲମୋହର, ମୋରଶେଣ୍ଡୀ, ରାଜତୁରା', କଙ୍କଣୀରେ- 'ରତ୍ନଗନ୍ଧୀ', ସଂସ୍କୃତରେ- 'ରତ୍ନଗନ୍ଧୀ, କୃଷ୍ଣଚୂଡା, ଦେବ ଆହରଣ, ରାଜ ଆଭରଣ', ଆସାମୀରେ - 'କୃଷ୍ଣଚୁରା', ଇଂରାଜୀରେ - ଫ୍ଲେମ୍‌ବୋୟାଣ୍ଟ ଟ୍ରି, ଫ୍ଲେସ୍, ଟ୍ରି, ରୟାଲ ପୋନ୍ସିଆନା, ବାରବାଡସ୍- ଫ୍ଲାୱାର ଫେନ୍ସ', ଗୁଜୁରାଟୀରେ- 'ସଂଧସରୋ', ନେପାଳୀରେ - 'ଗୁଲମୋହର' କନ୍ନଡରେ- 'କେମ୍ପୁକେନଜିଗା, ନିରଙ୍ଗୀ, କେସରକା, ଦୋଡ୍ଡୁର୍ତନାଗ୍ରନଧୀ, ଚନ୍ନକେଶବାଗିଦା,, ଉର୍ଦ୍ଦୁରେ-

‘ଗୁଲ୍ଲେତୁରା’, କେରଳରେ ‘କଲବରିପ୍ପୁ’, ଆରବୀରେ- ‘ଗୋଲ୍ଡମୋର’, ଇଟାଲୀ- ‘ଫୁଲ୍-କେର-ଇଦ୍-ମୁଃ’ ଓ ଅନେକ ସ୍ଥାନରେ ପିକକ୍ ଫ୍ଲାୱାର ବୋଲି କହିଥାନ୍ତି ।

## ଧାର୍ମିକ ବିଶ୍ୱାରେ କୃଷ୍ଣଚୁଡା

ଭାରତର ସବୁ ସ୍ଥାନରେ ବହୁମାତ୍ରାରେ ଦେଖା ଯାଉଥିବା କୃଷ୍ଣଚୁଡାକୁ ପର୍ତ୍ତୁଗୀଜ୍‌ମାନେ ମେଡାଗାସ୍କରରୁ ଭାରତକୁ ଆଣିଥିବାର କୁହାଯାଏ । କିନ୍ତୁ ପୁରାଣ କହେ ହିନ୍ଦୁମାନଙ୍କ ଆରାଧ ଅବତାର ପୁରୁଷ ପ୍ରଭୁ ଶ୍ରୀକୃଷ୍ଣ ଦ୍ୱାପର ଯୁଗରେ ଯେତେବେଳେ ଗୋପ ବୃନ୍ଦାବନରେ ବାଲ୍ୟଲୀଳା ରଚୁଥିଲେ, ଗୋପୀମାନେ ଓ ଶ୍ରୀକୃଷ୍ଣଙ୍କ ସଖାମାନେ ଶ୍ରୀକୃଷ୍ଣଙ୍କ ମଥାରେ ଏହି ଫୁଲର ଗୁଚ୍ଛକୁ ଶ୍ରଦ୍ଧାର ସହିତ ମୁକୁଟ କରି ସଜାଉଥିଲେ । ହିନ୍ଦୁମାନଙ୍କ ପୂଜାଘରେ ଅଦ୍ୟାବଧି କୃଷ୍ଣଙ୍କ ଚୁଡାରେ ଏହି ଫୁଲ ଶୃଙ୍ଗାର କରାଯାଉଥିବାରୁ ଏହାର ନାମ ହୋଇଛି କୃଷ୍ଣଚୁଡା । କୃଷ୍ଣଙ୍କୁ ପୀତବସନ ବନମାଳୀ ମଧ୍ୟ କୁହାଯାଏ । ତେଣୁ କୃଷ୍ଣଙ୍କର ପୀତ ରଙ୍ଗର ବସନ ସଦୃଶ କୃଷ୍ଣଚୁଡାର ରଙ୍ଗ ମଧ୍ୟ ପୀତ ବା ହଳଦୀ ରଙ୍ଗର ହୋଇଥାଏ । ବଙ୍ଗଳାରେ ଓ ଓଡ଼ିଶାରେ କେହି କେହି ଏହି ଫୁଲକୁ ରାଧାଚୁଡା ମଧ୍ୟ କହିଥାନ୍ତି । ବୈବର୍ତ୍ତ ପୁରାଣ ଅନୁସାରେ କୃଷ୍ଣଚୁଡା ଫୁଲ ଭିତରେ ଶ୍ରୀରାଧା ଶ୍ରୀକୃଷ୍ଣଙ୍କ ଉପଲବ୍ଧି ପାଇଥାନ୍ତି ଓ ଏହି ଫୁଲକୁ ଖୁବ୍ ଆଦର କରୁଥିବାରୁ ଏହାକୁ ରାଧାଚୁଡା ମଧ୍ୟ କୁହାଯାଇଥାଏ । କୃଷ୍ଣଚୁଡା ଓ ରାଧାଚୁଡା ମଧ୍ୟରେ ବିଶେଷ କିଛି ଫରକ ନାହିଁ । ପ୍ରାୟତଃ ଏକାପରି । ଜଙ୍ଗଲମାନଙ୍କରେ, ରାସ୍ତାକଡ଼ରେ ବିଶାଳକାୟ ବୃକ୍ଷଗୁଡ଼ିକରେ ଭରିଭରି ଫୁଟିଥିବା ଲମ୍ବା ପାଖୁଡାଯୁକ୍ତ ଲାଲ୍ ଟହଟହ ଫୁଲକୁ କୃଷ୍ଣଚୁଡା ଓ ଘର ଚାରିପାଖରେ, ଉଦ୍ୟାନରେ ମନ୍ଦିର ବେଢାରେ ଫୁଟୁଥିବା ଛୋଟ ଛୋଟ ପାକୁଡାଯୁକ୍ତ ଲାଲ, ନାରଙ୍ଗୀ ଓ ହଳଦିଆ ମିଶ୍ରିତ ରଙ୍ଗର ଫୁଲକୁ ରାଧାଚୁଡା କହିଥାନ୍ତି । କୃଷ୍ଣଚୁଡାର ଚାରୋଟି ପାଖୁଡା ଏକା ରଙ୍ଗ ଓ ଅନ୍ୟଟି ଧଳା ଛିଟଛିଟ ରଙ୍ଗର ଏବଂ ମଧ୍ୟଭାଗରେ ଗୁଚ୍ଛ ହୋଇ କେଶର ରହିଥାଏ । କେଶରଗୁଡ଼ିକର ଅଗ୍ରଭାଗ ବଙ୍କୁଲିବାଡ଼ି ଆକୃତିର ଥାଏ । ଗାଁ ଗହଳରେ ପିଲାମାନେ କୃଷ୍ଣଚୁଡାର ଏହି କେଶରରେ ଲଢେଇ ଖେଳ ଖେଳିଥାନ୍ତି କେଶରର ଅଗ୍ରଭାଗକୁ ଆଙ୍କୁଡ଼ି ଭଳି ଯୋଖି ଖେଳିବା ବେଳେ ଯାହାର ଭାଙ୍ଗିଯାଏ ସେ ହାରିଯାଏ ବୋଲି ମାନିଥାନ୍ତି । କିନ୍ତୁ ରାଧାଚୁଡାରେ ଏହି କେଶରଗୁଡ଼ିକ ଅଧିକ ଲମ୍ବା ଓ ପତଳା ଥାଏ, ପାଖୁଡା ସବୁ ଏକ ପ୍ରକାର ଲାଲ ରଙ୍ଗ, ହଳଦିଆ କୁଞ୍ଚ କୁଞ୍ଚ ବର୍ଡର ଭଳି ହୋଇଥାଏ । କୃଷ୍ଣଚୁଡାର ଛୋଟ ଫୁଲଗୁଡ଼ିକ ଗୋଟିଏ ପେନ୍ଥାରେ ଥାଏ । ୧୧ଟି ପ୍ରଜାତି ଅନୁସାରେ ଏହାର ରଙ୍ଗ, ପାଖୁଡାର ଆକାର ପ୍ରକାର ଭିନ୍ନ ଥାଏ ।

କେରଳରେ କୃଷ୍ଣଚୁଡାକୁ ‘କଲବରିପ୍ପୁ’ କହିଥାନ୍ତି, ଯାହାର ଅର୍ଥ ହେଉଛି କଲବାରୀର ଫୁଲ । କଲବାରୀ ଯରୁଶେଲମ୍ ପାଖରେ ଥିବା ଏକ ପାହାଡ଼, ଯେଉଁଠି ପ୍ରଭୁ ଯୀଶୁଙ୍କୁ କ୍ରୁଶ ଉପରେ ଚଢ଼ା ଯାଇଥିଲା । ମାନ୍ୟତା ଅଛି ଯେ, ଯୀଶୁଙ୍କ କ୍ରୁଶ ପାଖରେ ଏକ ଛୋଟ କୃଷ୍ଣଚୁଡା ଗଛ ଥିଲା । ଯୀଶୁଙ୍କ ଶରୀରକୁ କ୍ରୁଶବିଦ୍ଧ କଲା ପରେ ଯେଉଁ ରକ୍ତ ଝରି ପଡୁଥିଲା, ସେ ରକ୍ତରେ କୃଷ୍ଣଚୁଡାର ରଙ୍ଗ ଲାଲ ଟହଟହ ହୋଇ ଯାଇଥିଲା ।

ଜିନ୍ ରାଇସ୍ ‘ୱାର୍ଲ୍ଡ ସରଗାସୋମୀ’ରେ କହିଥିଲେ, “ମୁଁ ଯେତେବେଳେ ଯୀଶୁଙ୍କୁ କ୍ରୁଶରେ ଲଟକିଥିବାର ଦେଖିଲି, ଲକ୍ଷ୍ୟ କରୁଥିଲି ଯୀଶୁଙ୍କ ରକ୍ତର ରଙ୍ଗର ଜ୍ୱଳନ୍ତ ଅଗ୍ନିଶିଖା ବା ସୂର୍ଯ୍ୟାସ୍ତର ରଙ୍ଗଭଳି ଉଜ୍ଜ୍ୱଳ ଲାଲ୍ ଦିଶିବା ସହିତ କୃଷ୍ଣଚୁଡା ଫୁଲର ରଙ୍ଗ ମଧ୍ୟ ଠିକ୍ ଏକାଭଳି ଦିଶୁଥିଲା ।” ତେଣୁ ବିଶ୍ୱାସ ରହିଛି ଯଦି କୌଣସି ମୃତକଙ୍କ ଅସ୍ଥି କୃଷ୍ଣଚୁଡା ଗଛମୂଳରେ ରହିଯାଇଥାଏ, କୃଷ୍ଣଚୁଡା ଫୁଲ ଫୁଟିବାକ୍ଷଣି ଆତ୍ମା ଉର୍ଦ୍ଧ୍ୱମୁଖୀ ହୋଇ ମୋକ୍ଷ ପାଇଥାଏ । ଅନେକ ଦେଶମାନଙ୍କରେ ସେଥିପାଇଁ ସମାଧିସ୍ଥଳରେ କୃଷ୍ଣଚୁଡା ରୋପଣ କରିଥାନ୍ତି । ଯୁକ୍ତରାଷ୍ଟ୍ର ଆମେରିକାର ମିଆମିଠାରେ ଦୀର୍ଘ ୮୦ ବର୍ଷରୁ ଉର୍ଦ୍ଧ୍ୱ ହେବ ପାରମ୍ପରିକ ଭାବେ ‘ଟ୍ରପିକଲ ଫ୍ଲାୱାରିଙ୍ଗ୍ ଟ୍ରି ସୋସାଇଟି’ ପକ୍ଷରୁ ଏକ ଫୁଲ ଉତ୍ସବ ପାଳନ କରାଯାଏ, ଯାହାର ମୁଖ୍ୟ ବିଶେଷତ୍ୱ ହେଲା କୃଷ୍ଣଚୁଡା ଫୁଲ । କୃଷ୍ଣଚୁଡା ବାର୍ଷିକ ପୁଷ୍ପ ଉତ୍ସବ ଭାବେ ଖୁବ୍ ଲୋକପ୍ରିୟ । ଅନେକ ଦେଶରେ କୃଷ୍ଣଚୁଡାର ଛବି ଡାକ ଟିକଟ ମାନଙ୍କରେ ଦେଖିବାକୁମିଳେ । ଆମ ଓଡ଼ିଶାରେ ମଇ ମାସ (ବୈଶାଖ)ରେ ଏକ କୃଷି ଭିତ୍ତିକ ଗଣପର୍ବ ‘ଅକ୍ଷୟ ତୃତୀୟା’ ପାଳନ କରାଯାଏ । କୃଷକ ଭାଇମାନେ ନୂଆ ଧାନ ଅନୁକୂଳ କରିବା ଲାଗି ବସୁଧାମାତାଙ୍କ ପୂଜନ



## ଔଷଧୀୟ ଉପଚାରରେ କୃଷ୍ଣଚୁଡ଼ା

କୃଷ୍ଣଚୁଡ଼ା କେବଳ ଏକ ମନମୁଗ୍ଧକର ଫୁଲ ନୁହେଁ, ଔଷଧୀୟ ଉପଚାର ପାଇଁ ମଧ୍ୟ ଖୁବ୍ ଉପଯୋଗୀ । ନାଲି ଏବଂ ହଳଦୀ ଉଭୟ ରଙ୍ଗର କୃଷ୍ଣଚୁଡ଼ାର ଔଷଧୀୟ ଗୁଣ ଅଲଗା ଅଲଗା ହୋଇଥାଏ । କମ୍‌ଜୋରି ଅରୁଚି, ମଧୁମେହ ଥକାପଣ, ଅର୍ଶ, ରକ୍ତହୀନ, ନାକରୁ ରକ୍ତ ପଡ଼ିବା ଇତ୍ୟାଦି ଅନେକ ରୋଗରୁ କୃଷ୍ଣଚୁଡ଼ା ଉପଶମ ଦେଇଥାଏ । କୃଷ୍ଣଚୁଡ଼ାର ଫୁଲ ଓ ଫଳ ଭୋକ ବଢାଇବା ସହିତ ଶରୀରରେ ଶର୍କରା ଭାଗକୁ ନିୟନ୍ତ୍ରିତ ରଖିଥାଏ । ପତଞ୍ଜଳି ଯୋଗପୀଠର ଆୟୁର୍ବେଦ ବିଶେଷଜ୍ଞ ଆଚାର୍ଯ୍ୟ ବାଳକୃଷ୍ଣଙ୍କ ଅନୁସାରେ କୃଷ୍ଣଚୁଡ଼ାର ଉପଯୋଗ ଓ ପ୍ରୟୋଗ ଆସନ୍ତୁ ଜାଣିବା । କୃଷ୍ଣଚୁଡ଼ା ଫୁଲରେ ଥାଏ ଆଣ୍ଟି - ବ୍ୟାକ୍ଟେରିଆଲ୍, ଆଣ୍ଟି-ଇନ୍‌ଫ୍ଲାମେଟୋରି, ଆଣ୍ଟି ଅକ୍ସିଡାଣ୍ଟ, କାର୍ଡିଓ ପ୍ରୋଟେକ୍ଟିଭ୍ ଏବଂ କ୍ଷତ ଭରିବାର ଔଷଧୀୟଗୁଣ । କୃଷ୍ଣଚୁଡ଼ା ପତ୍ରରେ ଅତିସାରରୋଧି, ହେପେଟୋ ପ୍ରୋଟେକ୍ସନ, ଫ୍ଲେବୋନାଇଡ୍ସ ଏବଂ ଆଣ୍ଟି ଡାଇବେଟିକ୍ ଗୁଣ ରହିଥାଏ । କୃଷ୍ଣଚୁଡ଼ା ଡାଳରେ ବା ଛାଲରେ ରକ୍ତସ୍ରାବ ରୋକିବାର ଗୁଣ, ମୂତ୍ରରୋଗ ଏବଂ ଦେହହାତ ଫୁଲିବା ସମସ୍ୟା ଦୂର କରିବାର ଗୁଣ ରହିଛି ।

**ଅର୍ଶ :** ଯଦି ଖାଇବା ପିଇବାରେ ଅସନ୍ତୁଳନ ହେବା ଯୋଗୁଁ, ଅର୍ଶ ବା ମଳକଷ୍ଟକର ସମସ୍ୟା ଦେଖାଦିଏ କୃଷ୍ଣଚୁଡ଼ା ଡାଳର ଗୁଣ୍ଡ ଦୁଇଗ୍ରାମ ପାଣିରେ ମିଶାଇ ସେବନ କଲେ ଉପଶମ ମିଳିଥାଏ ।

**ମାସିକ ଅନିୟମିତତା :** ଦୁଇ ଚାରି ଗ୍ରାମ କୃଷ୍ଣଚୁଡ଼ା ଫୁଲର ଚୂର୍ଣ୍ଣ (ଫୁଲକୁ ଶୁଖାଇ) ମହୁ ସହିତ ମିଶାଇ ଖାଇଲେ ମାସିକ ଅନିୟମିତତା ଦୂରହୁଏ ଏବଂ ଉକ୍ତ ସମ୍ବନ୍ଧୀୟ ରୋଗରୁ ମୁକ୍ତି ମିଳେ ।

**ଚନ୍ଦାପଣ ଓ ବ୍ରଣ :** କୃଷ୍ଣଚୁଡ଼ାର ପତ୍ରକୁ ପାଣିରେ ମିଶାଇ ବାଟି ଲେପ ପ୍ରସ୍ତୁତ କରି ମୁଣ୍ଡରେ ଲଗାଇଲେ ଚନ୍ଦାପଣ ଦୂରହୁଏ ଏବଂ ଏହାର ଛାଲକୁ ଚୂର୍ଣ୍ଣକରି ମହୁ ମିଶାଇ ମୁହଁରେ ଲଗାଇଲେ ବ୍ରଣ ହୋଇନଥାଏ । କୃଷ୍ଣଚୁଡ଼ା ଛାଲ ଓ ପତ୍ରକୁ ସିଝାଇ କାଢା ପ୍ରସ୍ତୁତ କରି ମୁହଁ ଧୋଇଲେ ମଧ୍ୟ ବ୍ରଣ ହୋଇନଥାଏ ।

**ବିଛା କାମୁଡିବା :** ହଳଦିଆ କୃଷ୍ଣଚୁଡ଼ାର ଚେରକୁ ବାଟି ବିଛା କାମୁଡିଥିବା ସ୍ଥାନରେ ଲଗାଇଲେ ବିଷର ପ୍ରଭାବ କମ୍ ହୋଇଥାଏ ଓ ଆରାମ ମିଳିଥାଏ ।

**କେଶ ଝଡ଼ିବା :** କୃଷ୍ଣଚୁଡ଼ାର ପତ୍ରକୁ ଶୁଖାଇ ଗୁଣ୍ଡକରି ଗରମ ପାଣିରେ ଗୋଳାଇ ସପ୍ତାହରେ ଦୁଇଥର ମୁଣ୍ଡରେ ଲଗାଇଲେ କେଶ ଝଡ଼ିବା କମ୍ ହୋଇଥାଏ ।

**ଆଥ୍ରାଇଡ୍ସ :** ରିଉମାଟିଜିମ୍‌ରେ ହଳଦିଆ ରଙ୍ଗର କୃଷ୍ଣଚୁଡ଼ା ପତ୍ରକୁ ଗୁଣ୍ଡକରି କାଢା ପ୍ରସ୍ତୁତ କରି ପିଇଲେ ଆର୍ଥ୍ରାଇଡ୍ସ ଯନ୍ତ୍ରଣାରୁ ମୁକ୍ତି ମିଳେ ଏବଂ ଏହାର ଅନ୍ୟ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନଥାଏ ।

**ଡାଇରିଆ :** ସଂକ୍ରମିତ ଖାଦ୍ୟ ବା ଅନ୍ତନଳୀ ସିଣ୍ଡ୍ରୋମ୍ ହୋଇଥିଲେ ଡାଇରିଆ ଏକ୍ୟୁଟ୍ ଡାଇରିଆ, ପାର୍ସୀସେଣ୍ଟ ଡାରିଆ, କ୍ରୋନିକ୍ ଡାଇରିଆ ଇତ୍ୟାଦି ରୋଗରେ ତୁରନ୍ତ ଚିକିତ୍ସା ନକଲେ ଅନ୍ତନଳୀରେ ପ୍ରଦାହ ଭଳି ସମସ୍ୟା ସୃଷ୍ଟି ହୋଇଥାଏ । କୃଷ୍ଣଚୁଡ଼ାରେ ଆଣ୍ଟି-ବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟି- ଡାଇରିଆଲ୍ ଗୁଣ ରହୁଥିବାରୁ ଏହାର ଚେର ଓ ପତ୍ରକୁ ମିଶାଇ କାଢା ପ୍ରସ୍ତୁତ କରି ପିଇଲେ ଉପଶମ ମିଳିଥାଏ ।

**ହର୍ପିଜ୍ :** ହର୍ପିଜ୍ ସମସ୍ୟା ପୁରୁଷ ଓ ମହିଳା ଉଭୟଙ୍କ ଠାରେ ଦେଖାଯାଏ । ଏହା ଏକ ତ୍ୱଚା ସଂକ୍ରମିତ ରୋଗ । ଏହି ରୋଗ ହେଲେ ତ୍ୱଚା ଉପରେ ଫଙ୍ଗଲ ହେବା ଭଳି ଦେଖାଯାଏ । ବୟସ୍କ ବ୍ୟକ୍ତିମାନଙ୍କ ଠାରେ ଅଧିକ ଦେଖାଯାଇଥାଏ ଏବଂ ବଢିଯିବାର ସମସ୍ୟା ଥାଏ, ଶରୀରର ଇମ୍ୟୁନ୍‌ସିଷ୍ଟମ୍ କମ୍ କରିଥାଏ । କିନ୍ତୁ କୃଷ୍ଣଚୁଡ଼ାରେ ଆଣ୍ଟି ବ୍ୟାକ୍ଟେରିଆଲ୍, ଆଣ୍ଟି-ମାଇକ୍ରୋବିଅଲ୍, ଆଣ୍ଟି- ଇନ୍‌ଫ୍ଲାମେଟୋରି ଗୁଣ ରହୁଥିବାରୁ ଏହାର ବ୍ୟବହାର ହର୍ପିଜ୍ ରୋଗରୁ ଉପଶମ ଦେଇଥାଏ । କୃଷ୍ଣଚୁଡ଼ାରେ ବହୁ ପରିମାଣରେ କେରୋଟିନ୍, ଫ୍ଲେବୋନାଇଡ୍ସ , ହାଇଡ୍ରୋକାର୍ବନ, ଫେନୋଲିକ୍-ସି ରହୁଥିବାରୁ ଏହା ଚର୍ମରୋଗ, ସଂକ୍ରମଣ, ଘା ବା କ୍ଷତର ଉପଚାର ଆଦି ଅନେକ ରୋଗରୁ  ମୁକ୍ତି ଦେଇଥାଏ । କିନ୍ତୁ କୃଷ୍ଣଚୁଡ଼ାକୁ ବ୍ୟବହାର କରିବା ପୂର୍ବରୁ ପାର୍ଶ୍ୱ ପ୍ରତିକ୍ରିୟାର ଆଶଙ୍କା ନହେବା ପାଇଁ ବିଶେଷଜ୍ଞ ପରାମର୍ଶ ନିତାନ୍ତ ଜରୁରୀ ।



ନିଜ ଚାଷ ଜମିରେ କଲା ବେଳେ  ନୂଆ ଧାନ ସହିତ କୃଷ୍ଣଚୁଡ଼ା ଫୁଲର ପେନ୍ଥା ପୂଜାରେ ବ୍ୟବହାର କରି ମାତା ବସୁଧାକୁ ସମର୍ପଣ କରିଥାନ୍ତି । ବିଶ୍ୱାସ ରହିଛି କୃଷ୍ଣଚୁଡ଼ା ଯେମିତି ଗ୍ରୀଷ୍ମର ନିଦାଘରେ ବି ସୁଶୋଭିତ ରଙ୍ଗ ରୂପ ନେଇ ବୃକ୍ଷକୁ ଫୁଲରେ ଭରି ଦେଇଥାଏ କୃଷକର କ୍ଷେତ୍ରରେ ଠିକ୍ ସେମିତି ଶସ୍ୟ ଭରିଯାଉ । କ୍ଷେତ ଶସ୍ୟ ଶ୍ୟାମଳା ହୋଇ ଉଠୁ, ଏହା ହିଁ କୃଷକର ନିବେଦନ ରହିଥାଏ । କୃଷ୍ଣଚୁଡ଼ା ଫୁଲକୁ ସ୍ୱପ୍ନରେ ଦେଖିଲେ ଧନପ୍ରାପ୍ତି ଓ ସମୃଦ୍ଧିର ସୂଚନା ଦେଇଥାଏ ବୋଲି ବିଶ୍ୱାସ ରହିଛି ।

### କୃଷ୍ଣଚୁଡ଼ାର ରୋପଣ ବିଧି

କୃଷ୍ଣଚୁଡ଼ା ମଞ୍ଜିରୁ ଯଦି ଆମେ ଗଛ କରିବାକୁ ଚାହିଁବା ତ ଆମକୁ ଫୁଲ ପାଇବାକୁ ୬-୭ ବର୍ଷ ଲାଗିଯିବ । ତେଣୁ କୃଷ୍ଣଚୁଡ଼ାର ଡାଳକୁ କଲମି କରି ଲଗାଇଲେ ଶୀଘ୍ର ବଡ଼ ହୋଇଥାଏ । ମଞ୍ଜିରୁ ଗଛ ପ୍ରସ୍ତୁତ କରିବାକୁ ହେଲେ ସପ୍ତାହେ ପର୍ଯ୍ୟନ୍ତ ମଞ୍ଜିକୁ ପାଣିରେ ବତୁରାଇ ରଖାଯାଇଥାଏ ଏବଂ ପରେ ମାଟିରେ ପୋତି ଦିଆ ଯାଇଥାଏ । ମଞ୍ଜି ଅଙ୍କୁରିତ ହେବାକୁ ୩-୪ ସପ୍ତାହ ସମୟ ଲାଗେ । ସେତେଦିନ ଯାଏ ମଞ୍ଜି ପୋତିଥିବା ସ୍ଥାନରେ ପାଣିଦେଇ ମାଟିକୁ ଆର୍ଦ୍ର ରଖା ଯାଇଥାଏ । ଯଦିଓ କୃଷ୍ଣଚୁଡ଼ାର ମଞ୍ଜି ଖୁବ୍ ଶକ୍ତ ହୋଇଥାଏ ଓ ଅଧିକ ନରମ ମାଟି ପସନ୍ଦ କରେ, କିନ୍ତୁ ଏହା ଅଧିକ ଗରମ ସ୍ଥାନ ବା ସମ୍ପୂର୍ଣ୍ଣ ସୂର୍ଯ୍ୟକିରଣ ଆବଶ୍ୟକ କରିଥାଏ । ୨୦-୨୫ ଦିନ ଭିତରେ ମଞ୍ଜି ଅଙ୍କୁରିତ ହୋଇ ବଢିବାକୁ ଲାଗେ । କଲମି କରି ଲଗାଇଲେ କୃଷ୍ଣଚୁଡ଼ାର ଦୁଇଇଞ୍ଚ ମୋଟା ଡାଳକୁ ତେରଛା କରି କାଟି, ତାକୁ ପାଣିରେ ବୁଡାଇ ରଖାଯାଏ । ଏକ କୁଣ୍ଡରେ ମାଟି ଭରି, ପାଣିରେ  ରଖିଥିବା କଟା ଡାଳରେ ରୁଟିଂ ହରମୋନ୍ ପାଉଡର ଲଗାଇ ପୋତି ଦିଆଯାଏ ଏବଂ ଭଲ ଭାବେ ପାଣି ଦିଆଯାଏ । କୁଣ୍ଡଟିକୁ ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ ରଖି ନିୟମିତ ପାଣି ଦେଲେ ଭଲ ଭାବେ ଉର୍ବର ହୋଇଥାଏ । ଡାଳଟି ମାଟି ଧରି ଆସିଲେ ୨୦-୨୫ ଦିନ ଭିତରେ ଅଙ୍କୁରିତ ହେବା ଆରମ୍ଭ କରେ । ଅଳ୍ପ ଟିକେ ବଡ଼ ହେବା ପରେ ଚାରାଟିକୁ ବଗିଚାରେ ବା ପାଚେରୀ କଡ଼ରେ ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ ରୋପଣ

କରା ଯାଇଥାଏ ।

## କୃଷ୍ଣଚୂଡାର କାହାଣୀ

ଜଣେ ଗରିବ କୁମ୍ଭାରର ଝିଅ ଥିଲା ରେଶମା । ସେ ଖୁବ୍ ଶାନ୍ତ, ସରଳ, ସୁନ୍ଦର ଓ ନମ୍ର ଥିଲା । ପିଲାଦିନରୁ ତା' ମା' ମରି ଯାଇଥିଲା ଏବଂ ବାପା ତା'ର ଲାଳନପାଳନ କରୁଥିଲେ । ଦିନସାରା ମାଟିରେ ତିଆରି ପାତ୍ରସବୁ ବଜାରରେ ବିକୁଥିଲେ ଓ ରେଶମା ଘରର ସବୁ କାମ ସାରି ଗାଈ ଚରେଇବାକୁ ଜଙ୍ଗଲକୁ ଯାଉଥିଲା । ଦିନେ ଜଙ୍ଗଲରେ ଗାଈ ସବୁକୁ ଚରିବାକୁ ଛାଡ଼ି ଦେଇ ରେଶମା ଗୋଟେ ହରାଭରା ସୁନ୍ଦର ଗଛମୂଳରେ ଡେରି ହୋଇ ଆରାମରେ ବସିପଡ଼ିଲା । କିଛି ସମୟ ବସିବା ପରେ ସେ ଆଣିଥିବା ଖାଇବା ପୁଟୁଳି ଖୋଲି ଗଛମୂଳରେ ଖାଇବାକୁ ବସିଲା ଏବଂ ଅଳ୍ପ ଟିକେ ଖାଇବା ଓ ପାଣି ଗଛମୂଳରେ ଦେଇ ହାତଯୋଡ଼ି ଗଛଟିକୁ ପ୍ରଣାମ କରି କହିଲା 'ହେ ବୃକ୍ଷଦେବତା' ପ୍ରଥମେ ତୁମେ ଖାଅ, ତା'ପରେ ମୁଁ ଖାଇବି । ମୋ ମା' କୁହେ ବୃକ୍ଷ ଆମର ଜୀବନ, ଆମର ଧରୋହର, ତେଣୁ ବୃକ୍ଷକୁ ଭଲ ପାଇବା ଉଚିତ୍ । ଏମିତିରେ ବି ମୋତେ ଏକା ଖାଇବାକୁ ଭଲ ଲାଗେନି, ତୁମେ ବି ତ ଭୋକରେ ଥିବ, ଚାଲ ତୁମେ ଖାଇନିଅ, ତା'ପରେ ମୁଁ ଖାଇବି ।" ରେଶମା ସବୁଦିନ ଗାଈ ଚରେଇବା ବେଳେ କୃଷ୍ଣଚୂଡା ଗଛମୂଳରେ ବସି ତା' ସହିତ ଖୁବ୍ ମନଖୋଲି ଗପୁଥିଲା ।

ଦିନେ ରେଶମା କୃଷ୍ଣଚୂଡାକୁ ଖାଇବାକୁ ଦେଇ ନିଜେ ଖାଇବାକୁ ବସିବାବେଳେ ହଠାତ୍ ଗଛ ଉପରୁ କୃଷ୍ଣଚୂଡା ଫୁଲର ଗୁଚ୍ଛାଟିଏ ଖସିପଡ଼ିଲା । ଏତେ ସୁନ୍ଦର ଲାଲ ଟହ ଟହ ଫୁଲକୁ ରେଶମା ହାତରେ ଧରିବାକୁ ହାତ ବଢେଇବା ବେଳେ ସେ ଗଛ ଭିତରୁ ଏକ ସ୍ୱର ଶୁଭାଗଲା 'ଏହି ଫୁଲକୁ ତୁମ ଘର ଅଗଣାରେ ମାଟିତଳେ ପୋତିଦିଅ' । ରେଶମା ଆଶ୍ଚର୍ଯ୍ୟ ହୋଇ ପଚାରିଲା, 'ତୁମେ କିଏ ? ମୋତେ ଏ ଫୁଲ କାହିଁକି ଦେଉଛ ?' ଗଛଟି କହିଲା, 'ତୁମେ ସବୁଦିନ ମୋତେ ଖାଇବାକୁ ଦେଉଛ, ମୋ ସହିତ ଏତେ କଥା ଗପୁଛ, ଅଥଚ ମୋତେ ଜାଣି ପାରୁନ ?' ରେଶମା ଖୁସି ହୋଇ କହିଲା, 'ତୁମେ କ'ଣ ସତରେ ମୋ ହାତ ତିଆରି ଖାଇବା ଖାଉଛ, ଏହା ଶୁଣି ମୁଁ ବହୁତ ଖୁସିହେଲି, ଠିକ୍ ଅଛି ଏବେ ଯାଉଛି ମୋ ବାପାଙ୍କୁ କହିବି, ସେ ବହୁତ ଖୁସି ହେବେ ।' କୃଷ୍ଣଚୂଡା ଗଛ ରେଶମାକୁ ମନାକରି ଏକଥା କାହାକୁ ନକହିବାକୁ କହିଲା ଏବଂ ରେଶମା ସମ୍ମତି ଜଣାଇ ଫୁଲଟିକୁ ନେଇ ଅଗଣାରେ ପୋତିଦେଲା ଏବଂ ନିଜେ ଘର କାମ ଆରମ୍ଭ କଲା । ରେଶମାର ବାପା ବଜାରରୁ ଫେରି ରେଶମାକୁ ଖୁସି ଥିବାର ଦେଖି ଖୁବ୍ ଖୁସି ହେଲେ ଏବଂ ବାପ, ଝିଅ ସାଙ୍ଗ ହୋଇ ଖାଇବା ଖାଇସାରି ଶୋଇବାକୁ ଗଲେ ରେଶମା ଶୋଇବା ପୂର୍ବରୁ ଝରକା ଦେଇ ବାହାରକୁ ଚାହିଁ ଦେଖେ ତ ସେ ଯେଉଁ ଫୁଲ ପୋତିଥିଲା ସେଠି କୃଷ୍ଣଚୂଡା ଗଛ ଉଭୁରି ଉଠିଛି । ଏତେ ଶୀଘ୍ର ଗଛ ହେବାର ଦେଖି ସେ ଆଶ୍ଚର୍ଯ୍ୟ ହେଲା ଓ ବିଛଣାରେ ପଡ଼ି ସେଇକଥା ଭାବିଭାବି ଶୋଇବାକୁ ଚେଷ୍ଟା କଲା ସିନା, ତାକୁ କିନ୍ତୁ ନିଦ ହେଉନଥିଲା । ଅଧାରାତିରେ ସେ କିଛି ଶବ୍ଦ ଶୁଣିଲା ଓ ଝରକା ପାଖକୁ ଯାଇ ଦେଖେ ତ ସେ ଛୋଟ କୃଷ୍ଣଚୂଡା ଚାରାଟି ବିରାଟ ବୃକ୍ଷରେ ପରିଣତ ହୋଇଛି । ସେ ବୃକ୍ଷ ମୂଳରେ ପରୀମାନଙ୍କର ରାଣୀ ଗୋଟେ ସିଂହାସନରେ ଖୁବ୍ ସାଜସଜ୍ଜାର ସହିତ ବସିଛନ୍ତି, ଚାରିପାଖରେ ସୁନ୍ଦର ପରୀମାନେ ନୃତ୍ୟ କରୁଛନ୍ତି, କିଏ ବଂଶୀ ବଜାଉଛନ୍ତି ତ କିଏ ସାହାନଇ, ଆଉ କିଏ ସାରଙ୍ଗ ବଜାଉଛନ୍ତି । କିଛିକ୍ଷଣ ମଧ୍ୟରେ ପରୀମାନଙ୍କ ରାଣୀ ତିନିଥର ତାଳି ବଜେଇଲେ ଏବଂ ବହୁତ ପ୍ରକାର ଖାଦ୍ୟ ପଦାର୍ଥ ଆସିଗଲା ।

ଖାଦ୍ୟର ମହକ ଏତେ ଯୋର ଥିଲା ଯେ ରେଶମାକୁ ବି ଖାଇବାକୁ ଇଚ୍ଛା ହେଉଥିଲା, କିନ୍ତୁ ଭୟରେ ସେ ବାହାରକୁ ଯାଇ ପାରୁନଥିଲା । ପରୀମାନଙ୍କ ଖିଆପିଆ ସରିବା ବେଳକୁ ରାତି ପାହି ଆସିଲା ଏବଂ ଏବଂ ଅଚାନକ କୃଷ୍ଣଚୂଡା ଗଛଟି କବାଟ ଖୋଲିବା ଭଳି ଦୁଇଭାଗ ହୋଇଗଲା ଓ ପରୀମାନେ ସେ ଗଛ ଭିତରେ ପଶିଗଲେ । ରେଶମା ଝରକା ପାଖରେ ଠିଆହୋଇ ସବୁ ଦେଖୁଥିଲା ଏବଂ ଆଶ୍ଚର୍ଯ୍ୟ ହୋଇ, ଯାଇ ଶୋଇ ପଡ଼ିଲା । ସକାଳୁ ରେଶମା ବାପା ଆସି ତାକୁ ଉଠାଇ କହିଲେ, "ରେଶମା ଉଠ୍, ଦେଖ ଆମ ଅଗଣାରେ କେତେବଡ଼ କୃଷ୍ଣଚୂଡା ଗଛ ଆଉ କେତେଗୁଡାଏ ମାଟି ପାତ୍ର ଥୁଆ ହୋଇଛି । ଏସବୁ କୋଉଠୁ ଆସିଲା ଆଶ୍ଚର୍ଯ୍ୟ ଲାଗୁଛି ? ରେଶମା ତା' ବାପାଙ୍କୁ ମାଟି ପାତ୍ରଗୁଡ଼ିକ ନେଇ ବଜାରରେ ବିକ୍ରି କରିବାକୁ କହିଲା । ବଜାର ଯିବା ଆଗରୁ ରେଶମାର ବାପା ତାକୁ ଖାଇବା ବାଢି ଦେବାକୁ କହିଲେ । ରେଶମା କିଛି ବି ରାନ୍ଧି ନଥିଲା, ତରତର ହୋଇ ରୋଷେଇ ଘରକୁ ଧାଇଁଯାଇ ଦେଖେତ ସବୁ ପାତ୍ରରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ଭରି ହୋଇରହିଛି । ରେଶମା ଆଶ୍ଚର୍ଯ୍ୟ ହେଲା । ଏତେ ସବୁ ଗରମ ଗରମ ସୁସ୍ୱାଦୁ ଖାଦ୍ୟ ପରୀମାନେ ମଜାନେଇ ଖାଉଥିଲେ । ଏଠିକି କେମିତି ଆସିଲା । ରେଶମା ସେଥିରୁ କିଛି ଖାଦ୍ୟ ବାପାଙ୍କୁ ପରଷି ଦେଲା, ବାପା ମଧ୍ୟ ଚକିତ ହୋଇଗଲେ ଏଭଳି ଖାଦ୍ୟ ଦେଖି ! ରେଶମା କିନ୍ତୁ ବାପାଙ୍କୁ ଯାଦୁଭରା କୃଷ୍ଣଚୂଡା ଗଛ କଥା କହିପାରୁନଥିଲା, ତେଣୁ ସେ ନିଜେ କରିଛି ବୋଲି ମିଛରେ କହିଦେଲା । ବାପା ଖାଇସାରି ବଜାର ଚାଲିଗଲା ପରେ, ରେଶମା ସେ ଗଛ ମୂଳକୁ ଯାଇ ସଫା ସୁତୁରା କରି ପାଣି ଦେଲା, ଦୁଇଟି ରୁଟି ବନେଇ ଗଛ ମୂଳରେ ଥୋଇ ଗଛକୁ ଖାଇବାକୁ କହିଲା । ରେଶମା ଗଛଟିକୁ କୁଣ୍ଢେଇ ଧରି କହିଲା, "କୃଷ୍ଣଚୂଡା, ତୁମେ ତ ମୋର ସବୁ ଦୁଃଖ ଦୂର



କରିଦେଲ ।" ଗଛଟି, ରେଶମାକୁ ତାଙ୍କ ପରୀ ଦୁନିଆଁରେ ସାମିଲ୍ ହେବାକୁ ପରାମର୍ଶ ଦେଲା । ରେଶମା କିଛି ନ କହି ଘରକୁ ଗାଈମାନଙ୍କୁ ନେଇ ଫେରିଗଲା । ସନ୍ଧ୍ୟାରେ ରେଶମାର ବାପା ଘରକୁ ଫେରି ମାଟିପାତ୍ର ଗୁଡ଼ିକ ସବୁ ବିକ୍ରି ହୋଇଯାଇଛି ବୋଲି ଖୁସିରେ ରେଶମାକୁ କହିଲେ ଏବଂ ରେଶମା କିଛି ଲୁଚାଉଛି ବୋଲି ଅନୁମାନ କରି ପଚାରିବାରୁ ରେଶମା ତଥାପି ବାପାଙ୍କୁ କିଛି କହିଲା ନାହିଁ । ସେଦିନ ରାତି ହେଲା, ଦୁହେଁ ଖାଇପିଇ ଶୋଇ ପଡ଼ିଲେ । ରେଶମା ରାତିରେ ତା' ବାପା ତା' ପାଇଁ ରଖିଥିବା ବାହାଘର ଶାଢୀ, ଗହଣା, ସବୁ ପିନ୍ଧି, ସଜେଇ ହୋଇ ଝରକା ପାଖରେ ଠିଆ ହୋଇ କୃଷ୍ଣଚୁଡା ଗଛ ଆଡକୁ ଚାହିଁଲା ବେଳକୁ ଦେଖିଲା କୃଷ୍ଣଚୁଡା ଗଛ ଭିତରୁ ସବୁ ପରୀମାନେ ବାହାରିଲେ ଓ ଏକ ସିନ୍ଧୁକ ବାହାରିଲା । ପରୀମାନଙ୍କ ରାଣୀ ତିନିଥର ତାଳି ମାରିବାରୁ ସେ ସିନ୍ଧୁକ ଭିତରୁ ଏକ ରାଜକୁମାର ବାହାରିଲେ । ରେଶମା ରାଜକୁମାରଙ୍କୁ ଦେଖି ଖୁସିରେ କବାଟ ଖୋଲି କୃଷ୍ଣଚୁଡା ଗଛ ଆଡକୁ ଧାଇଁଗଲା । ରେଶମାକୁ ଦେଖି ପରୀମାନଙ୍କ ରାଣୀ କହିଲେ, 'ରେଶମା ଇଏ ହେଉଛନ୍ତି ରାଜକୁମାର ଅଭୟ । ତାଙ୍କୁ ତୁମ ପରି ଜଣେ ସୁନ୍ଦର ବୋହୂ ଆବଶ୍ୟକ । ତୁମେ କ'ଣ ତାଙ୍କୁ ବିବାହ କରିବ ?' ରେଶମା ଲାଜରେ ମୁଣ୍ଡ ତଳକୁ କରି ନୀରବ ରହିଲା । ଧିର ସ୍ୱରରେ କହିଲା, 'ଯଦି ମୁଁ ବିବାହ କରିବି ପ୍ରଥମେ ମୋ ବାପାଙ୍କୁ କହିବାକୁ ଚାହୁଁଛି ।' ରାଜକୁମାର କହିଲେ, 'ଚାଲ ଆମେ ସମସ୍ତେ ତୁମ ବାପାଙ୍କ ପାଖକୁ ଯାଇ ଅନୁମତି ନେବା ।' ସମସ୍ତେ ମିଶି ରେଶମା ବାପାଙ୍କୁ ଦେଖାକରି ସବୁକଥା କହିଲେ । ରେଶମାର ବାପା ସବୁ ଶୁଣି ଖୁସିରେ କାନ୍ଦି ପକାଇଲେ । ସେ ଭାବିନଥିଲେ ତାଙ୍କ ଝିଅର ଭାଗ୍ୟ ଏତେ ଉଜ୍ଜ୍ୱଳ । ବାପାଙ୍କ ଆଶୀର୍ବାଦ ନେଇ ରେଶମା ବିବାହ କଲା । ବିବାହ ପରେ ରାଜକୁମାରଙ୍କ ସହ ରେଶମା, ପରୀମାନଙ୍କ ସହିତ ସେହି କୃଷ୍ଣଚୁଡା ଗଛ ଭିତରକୁ ଚାଲିଗଲା । ରେଶମାର ବାପା ରହୁଥିବା କୁଡ଼ିଆଟି ବିରାଟ ପ୍ରାସାଦ ହୋଇଯାଇଥିଲା । ରେଶମାର ବାପାଙ୍କ ପାଇଁ କାମ କରିବାକୁ ଅନେକ ସେବକ ରହୁଥିଲେ । ପ୍ରାସାଦର ଚାରିପାଖ କୃଷ୍ଣଚୁଡା ଗଛରେ ଭରି ଯାଇଥିଲା । ଲାଲ୍ ଟହ ଟହ କୃଷ୍ଣଚୁଡା ଫୁଲକୁ ଦେଖି ରେଶମାର ବାପା ନିଜ ଝିଅକୁ ନାଲି ପାଟ ପିନ୍ଧି ନବବଧୂ ବେଶରେ ଦେଖୁଥିବା ଭଳି ମନେ କରୁଥିଲେ । ରେଶମା କୃଷ୍ଣଚୁଡା ପାଲଟି ଯାଇଥିଲା । ରେଶମାର ବାପା ନିଜ ହାତରେ କୃଷ୍ଣଚୁଡା ଗଛର ଯତ୍ନ ନେଉଥିଲେ, ସେବା କରୁଥିଲେ ସ୍ନେହ କରୁଥିଲେ ଯେମିତି ରେଶମାକୁ ପୂର୍ବଭଳି ସ୍ନେହ କରନ୍ତି । ପ୍ରସାଦଠୁ ଆରମ୍ଭ କରି ସାରା ଗାଁ କୃଷ୍ଣଚୁଡାରେ ଭରି ଯାଇଥିଲା । ଲୋକମାନେ ସେ ପ୍ରାସାଦଟିକୁ 'କୃଷ୍ଣଚୁଡା ବଙ୍ଗଳା' ବୋଲି ନାମ ଦେଲେ ।

## ଓଡ଼ିଆ ସାହିତ୍ୟରେ କୃଷ୍ଣଚୁଡା

ମଧ୍ୟାହ୍ନର ଉଜ୍ଜ୍ୱଳତା ଯେମିତି ରହସ୍ୟମୟ, ଯାହା ଭିତରେ ପ୍ରେମ, ପ୍ରଣୟର, ସୌନ୍ଦର୍ଯ୍ୟ-ସୁଗନ୍ଧର, ସ୍ୱପ୍ନ ଓ ଦୃଶ୍ୟର ପ୍ରୀତିସ୍ନାତା ପ୍ରକୃତିରାଣୀ ନାଲି ପାଟ ପିନ୍ଧି ବଧୂବେଶ ମଣ୍ଡିତ ମୁହଁରେ ବସନ୍ତର ହସନେଇ ଠିକ୍ ସେମିତି କୃଷ୍ଣଚୁଡା ପ୍ରଣୟର ଭାବ ସୃଷ୍ଟି କରେ କବି ମନରେ । କୃଷ୍ଣଚୁଡାକୁ ଦେଖି ଅନେକ କବି, ଲେଖକ, ସାହିତ୍ୟିକ, ନିଜ କଲମ ମୁନରେ ଫୁଟାଇ ଦିଅନ୍ତି କୃଷ୍ଣଚୁଡାର ହସ । ଆମ ଓଡ଼ିଆ ସାହିତ୍ୟରେ ମଧ ଅନେକଙ୍କ କଲମରେ ନିଜକୁ ଚମତ୍କୃତ କରି ଝରିଛି କୃଷ୍ଣଚୁଡା ଏବଂ କବିପ୍ରାଣର ଦିବ୍ୟ କୋମଳ ସ୍ପର୍ଶରେ ଲାଜର ଲାଲ ରଙ୍ଗ ମାଖି ହୋଇ ନାଚି ଉଠିଛି ଶବ୍ଦର ପ୍ରଶସ୍ତ ଉଦ୍ୟାନରେ । କୃଷ୍ଣଚୁଡାକୁ ନେଇ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ତାଙ୍କର ଗଳ୍ପ ସଂକଳନ 'କୃଷ୍ଣଚୁଡା'ରେ ଅନେକ ସୁନ୍ଦର ଗଳ୍ପମାନ ଲେଖିଛନ୍ତି । ଆପଣମାନେ ସମସ୍ତେ ମହାନ୍ ବ୍ୟକ୍ତିତ୍ୱ ଅକ୍ଷୟ ମହାନ୍ତି (ଖୋକା ଭାଇ)ଙ୍କ କଣ୍ଠରେ ନିଶ୍ଚୟ ଶୁଣିଥିବେ କୃଷ୍ଣଚୁଡାକୁ ନେଇ ଅନେକ ଗୀତ । ସେଥିମଧ୍ୟରୁ ସମଗ୍ର ଓଡ଼ିଶାରେ ଚହଳ ସୃଷ୍ଟି କରିଥିଲା ଅକ୍ଷୟ ମହାନ୍ତିଙ୍କ କଣ୍ଠରେ ତାଙ୍କ ସ୍ୱରଚିତ ଗୀତ: "ବୟସର କୃଷ୍ଣଚୁଡା ରଙ୍ଗ ତୋର ମନ୍ଦ ନୁହେଁ ।" ଏ ଗୀତ ଗାଇବା ବେଳେ ଅକ୍ଷୟ ମହାନ୍ତି କୁହନ୍ତି, ସେ କୃଷ୍ଣଚୁଡାକୁ ଦେଖି ନିଜକୁ ଚିର ସବୁଜ ମନେକରନ୍ତି ବା ଯୁବକ ଭାବେ ଅନୁଭବ କରନ୍ତି । ପ୍ରସିଦ୍ଧ ଶାସ୍ତ୍ରୀୟ କଣ୍ଠଶିଳ୍ପୀ ରଘୁନାଥ ପାଣିଗ୍ରାହୀଙ୍କ କଣ୍ଠରେ– "ନାଲି ନାଲି କୃଷ୍ଣଚୁଡା ସେ ତ ଡାକଇ ମୋତେ ଡାକଇ" ଏକ ଚମତ୍କାର ସଂଗୀତ ଯାହା ପ୍ରତ୍ୟେକ ସ୍ରୋତାଙ୍କୁ ଆନ୍ଦୋଳିତ କରେ । ସାମନ୍ତ ନନ୍ଦକିଶୋର ସିଂଙ୍କ ରଚିତ ଶାସ୍ତ୍ରୀୟ ସଂଗୀତ "କୃଷ୍ଣ ହେ ତୁମ ପରଶରେ ସିନା କୃଷ୍ଣଚୁଡା ଏତେ ସୁନ୍ଦର' ଏକ ଆବେଗପୂର୍ଣ୍ଣ ଗୀତ ଯାହା ପ୍ରଭୁ ଶ୍ରୀକୃଷ୍ଣଙ୍କ ପ୍ରତି ଗଭୀର ପ୍ରେମ ପ୍ରକଟ କରାଇଥାଏ । ଏହା ବ୍ୟତୀତ ଆଧୁନିକ ଆଲବମ୍ ଗୁଡ଼ିକରେ ମଧ କୃଷ୍ଣଚୁଡା ଖୁବ୍ ରୋମାଞ୍ଚିତ କରିଛି । ପୁଷ୍ପକ ପରିଡ଼ାଙ୍କ ରଚିତ ଆଲବମ୍ ଗୀତ "ତୋର କୃଷ୍ଣଚୁଡା ହସ ମାରିଦେଉଛି", ନିଜାମ୍‌ଙ୍କ ରଚିତ ବହୁ ପ୍ରସିଦ୍ଧ ଆଧୁନିକ ଗୀତ "ତୋର କୃଷ୍ଣଚୁଡା ରଙ୍ଗର ନାଲି ଓଢଣୀ" ଯାହାକୁ ବାବୁଲ ସୁପ୍ରିୟୋ ଚମତ୍କାର କଣ୍ଠଦାନ ଦେଇଛନ୍ତି । ଓଡ଼ିଆ କବିତା ଗୁଡ଼ିକରେ ମଧ କୃଷ୍ଣଚୁଡା ଖୁବ୍ ଲୋକପ୍ରିୟ ହୋଇପାରିଛି ।

କିଛି କବିତାରେ ଆସନ୍ତୁ ଭେଟିବା କୃଷ୍ଣଚୁଡାକୁ –

ସମୟର ତୁମେ କୃଷ୍ଣଚୁଡା ଗୋ, ସ୍ୱପ୍ନର ସାହାନାଇ
ରୁଦ୍ର ବୀଣାର ମଧ ସପ୍ତକ, ବୟସର ଅଙ୍ଗଡାଇ । – **ସଚ୍ଚିଦାନନ୍ଦ ମିଶ୍ର**

କୃଷ୍ଣଚୁଡାକୁ ଦେଖିଥିଲି ଦିନେ, ରାଜଧାନୀ ରାସ୍ତା ପରେ
କୃଷ୍ଣଚୁଡାକୁ ଭେଟିଥିଲି କେବେ, କନ୍ଧମାଳ କୁଟୀରରେ
କୃଷ୍ଣଚୁଡା ବି କାଳ ବୈଶାଖିରେ ନାଚୁଥଲେ ଥେଇଥେଇ
କୃଷ୍ଣଚୁଡା ବି ଝୁମ୍ପୁଡି ଭିତରେ ଶୋଇଥିଲା ଭୋକହୋଇ
ଅନୁରାଗ ଭରା ଅବିର ମାଗିଲି, ଦୁଃଖର ଦରିଆ ଦେଲ
କୃଷ୍ଣଚୁଡା ହେ ମିଛ ଦେବତାର ମଥାଫୁଲ ତୁମେ ହେଲ ।– **ସୁରେନ୍ଦ୍ର ପାଣିଗ୍ରାହୀ**

ଅପସରି ପରି ମନେ ହେଉଥିଲା, ଯୌବନ ସମ୍ଭାର ଧରି
ପାରିଜାତ ନୋହେ କୃଷ୍ଣଚୁଡା ଫୁଲ ମୁଣ୍ଡେ ପଡୁଥିଲା ଝରି । – **ଛବିରାଣୀ ପତି**

ନିରିଦୟ ଖରା ନିରିମମ ଆଖି ପାରିନାହିଁ ମୋତେ ଜାଳି
କୃଷ୍ଣଚୁଡା ମୁଁ ସ୍ୱପ୍ନ ମୋହର କା' ପାଦେ ଦେଇନି ଦଳି
ଅଦିନ ଝଡ଼ର ମୁଗୁର ମାଡକୁ ନେଇଛି ମୁଁ ତେଣୁ ତୋଳି
କୃଷ୍ଣଚୁଡା ମୁଁ ସ୍ୱପ୍ନ ମୋହର କା' ପାଦେ ଦେଇନି ଦଳି ।
ଏଇ ମୋ ଜୀବନ ପୁଣ୍ୟ ଶାଖାରେ ନିଇତି ଖେଳେ ମୁଁ ଦୋଳି
କୃଷ୍ଣଚୁଡା ମୁଁ ସ୍ୱପ୍ନ ମୋହର କା' ପାଦେ ଦେଇନି ଦଳି । – **ସୁରଞ୍ଜନ ପାତ୍ର**

ନାଲି, ନୀଳ ରଙ୍ଗ ଶାଢୀ, ପିନ୍ଧି ତୁମେ, ଲାଗୁଛ ପରୀଟେ ଆଜି
ନାଲି ଓଠେ ତୁମ ଶୋଭା ପାଉଅଛି, କୃଷ୍ଣଚୁଡା ଫୁଲ ସାଜି ।– **ବିମଳ ସାସମଲ**

କୃଷ୍ଣଚୁଡା ହସ ତମରି ଓଠରେ, ପାଗଳ ସାଜିଛି ଭ୍ରମର
ଓଠର ପାଖୁଡା ଖୋଲିବୁନି ପ୍ରିୟା, ଚୁମିଦେବ ତୋ ଅଧର । – **ପ୍ରସନ୍ନ କୁମାର**

ଡହଡହ ବୈଶାଖି ତାତିରେ
ନାଲି ନାଲି ହସର ପ୍ରସ୍ଫୁଟିତ କଢି ତୁ କୃଷ୍ଣଚୁଡା
କେତେବେଳେ କବରୀ କଳ୍ପନାରେ ତୁ କୃଷ୍ଣଚୁଡା । – **ହେମନ୍ତ ପାତ୍ର**

କଲେଜ ପାଖ କୃଷ୍ଣଚୁଡା ଗଛମାନଙ୍କୁ ଛୁଇଁ
ଦୁଇ ପାଖେ ଥିବା ବିଲ ପଟ ଦେଇ, ବର୍ଷା ଆସିଛି ଖୋଜିଖୋଜି
ପାଦ ଚିପି ଚିପି ଚାଲୁଛି, ସୁନ୍ଦରୀ କୃଷ୍ଣଚୁଡା
ତା ଓଢଣୀ ଭିତରେ ଲୁଚିଥିବା ନାଲି ଟୋପା ସହ
ବର୍ଷା ଭିଜାଇ ସାରିଛି କୃଷ୍ଣଚୁଡାକୁ । – **ତପନ ସାହୁ**

# ହସଖୁସିର ପରିବାର - ୩୦

ହସଖୁସିରେ ଭରା ପରିବାରଟିଏ ଆମ ସମସ୍ତଙ୍କର ସ୍ୱପ୍ନ। ସମସ୍ତେ ଚାହାନ୍ତି, ପରିବାରରେ ସୁଖଶାନ୍ତି ଓ ସଫଳତା ବିରାଜୁ। କିନ୍ତୁ ହୁଏନା । କଳହ, ହିଂସା, ମତଭେଦ, ଗର୍ବ, ଅହଂକାର ଯୋଗୁଁ ଅନେକ ପରିବାର ଭାଙ୍ଗିଯାଏ ଅଥବା ଅଶାନ୍ତି ଓ ଦୁଃଖରେ ପେଷି ହେଉଥାଏ । ସେତେବେଳେ ପରିବାରର ସଦସ୍ୟମାନେ ସେସବୁ ସମସ୍ୟାର ସମାଧାନ ପାଇଁ ବାଟ ଖୋଜନ୍ତି । ସେପରି ନାନାଦି ପାରିବାରିକ ସମସ୍ୟାରେ ସଢୁଥିବା ପରିବାର ବା ପରିବାରର ଯେକୌଣସି ସଦସ୍ୟସଦସ୍ୟା ଏହି ବିଭାଗରେ ଆମକୁ ଜଣାଇ ପାରିବେ ସେମାନଙ୍କ ସମସ୍ୟା । ଆପଣମାନଙ୍କ ପାରିବାରିକ ତଥା ବ୍ୟକ୍ତିଗତ ସମସ୍ୟାର ସମାଧାନ ସୂତ୍ର ବତାଇବୁ ଆମେ ।



## ଡକ୍ଟର ହରପ୍ରସନ୍ନ ଦାସ

ମୁଖ୍ୟ କୋଚ୍
ମ୍ୟାକ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍
ଭୁବନେଶ୍ୱର

ପ୍ରବୀଣ ପରାମର୍ଶଦାତା ହିସାବରେ ଡକ୍ଟର ହରପ୍ରସନ୍ନ ଦାସଙ୍କର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ରହିଛି ୪୩ ବର୍ଷର ଅଭିଜ୍ଞତା । ମନସ୍ତାତ୍ୱିକ ପଦ୍ଧତିରେ ବ୍ୟକ୍ତିଗତ ତଥା ପାରିବାରିକ ସମସ୍ୟା ପାଇଁ ସମାଧାନର ସୂତ୍ର ଯୋଗାଇ ଦେବାରେ ସେ ଦେଶ ଭିତରେ ଓ ବାହାରେ ବେଶ୍ ପରିଚିତ । ଜଣେ ବକ୍ତା, ସୁଲେଖକ, ନାଟ୍ୟକାର, ଅଭିନେତା ତଥା ଟେଲିଭିଜନ୍ ଓ ରେଡିଓ କଳାକାର ହିସାବରେ ମଧ୍ୟ ସେ ବେଶ୍ ବିଖ୍ୟାତ । ଜୀବନ ଦକ୍ଷତାର ବିକାଶ ସମ୍ପର୍କୀୟ ତାଙ୍କର ଅନେକ ଇଂଲିଶ୍ ତଥା ଓଡିଆ ପୁସ୍ତକ ପ୍ରକାଶ ପାଇ ଆଦୃତ । ଏବେ ସେ ମ୍ୟାକ୍ ଗ୍ରୁପ୍‌ର ମୁଖ୍ୟ କୋଚ୍ । 'ରେବତୀ' ପୃଷ୍ଠାକୁ ଆମେ ତାଙ୍କୁ ନେଇ ଆସିଛୁ କେବଳ ଆପଣମାନଙ୍କ ପାଇଁ ।

www.drhpdas.com

### ସମସ୍ୟା ପଠାଇବାର ଠିକଣା

ଡକ୍ଟର ହରପ୍ରସନ୍ନ ଦାସ
ମୁଖ୍ୟ କୋଚ୍, ମାନବ ଅଧ୍ୟୟନ କେନ୍ଦ୍ର
ପୋଖରୀପୁଟ, ଭୁବନେଶ୍ୱର
ଫୋନ : ୯୪୩୭୦୧୧୦୨୨
କିମ୍ବା
ସମ୍ପାଦକ
'ରେବତୀ ଆମ ମାଟିର ସ୍ୱର'
ଓ.ଟି. ରୋଡ୍
ଲକ୍ଷ୍ମୀନାରାୟଣ ମନ୍ଦିର ପାର୍ଶ୍ୱ, ଆଲୁପୁର
ବାଲେଶ୍ୱର-୭୫୬୦୦୧
ଫୋନ୍ : ୭୦୦୮୮୪୫୯୨୦

## ଆପଣଙ୍କ ସମସ୍ୟା : ସମାଧାନ ସୂତ୍ର ଆମର

**ସମସ୍ୟା: ୧**

ମୁଁ ବାପାମାଆଙ୍କର ଗୋଟିଏ ଝିଅ । ମୋର ବାହାଘରକୁ ଏବେ ଏକବର୍ଷ ପୂରିଲା । ମୁଁ ତିନିବର୍ଷ ତଳେ ଏମ୍‌ବିଏ ପାସ୍ କରି ଚାକିରି କରିଛି । ଲକ୍‌ଡ଼ାଉନ୍ ଯୋଗୁଁ ଘରେ ରହି କାମ କରୁଛି । ମାମୁଁଙ୍କର ମଧ୍ୟସ୍ଥିରେ ମୋର ବାହାଘର ହେଇଥିଲା । ନିର୍ବନ୍ଧ ହେବାର ପ୍ରାୟ ଦଶମାସ ପରେ ବାହାଘର ହେଲା । ବରପାତ୍ର ଆମେରିକାରେ କାମ କରୁଥିଲେ । କି଼ନ୍ତୁ କୋଭିଡ଼ ଯୋଗୁ ଆସି କଟକରେ ନିଜ ଘରେ ରହୁଥିଲେ । ଆମ ଘର ଭୁବନେଶ୍ୱରରେ । ବାହାଘର ପୂର୍ବରୁ ଆମେ ପ୍ରତ୍ୟେକ ଦିନ ଫୋନ୍‌ରେ କଥା ହେଉଥିଲୁ । କିନ୍ତୁ ପରସ୍ପରକୁ ଭେଟି ନ ଥିଲୁ । ନିର୍ବନ୍ଧ ପୂର୍ବରୁ ଆମର ପ୍ରଥମଥର ପାଇଁ ଦେଖା ହେଇଥିଲା । ତାଙ୍କର ବ୍ୟବହାର ମୋତେ ବହୁତ ଭଲ ଲାଗିଥିଲା । ବାହାଘର ପରେ ମୋର ଏଠାକାର ଚାକିରି ଛାଡ଼ି ଆମେରିକାରେ ଚାକିରି କରିବାକୁ ପରାମର୍ଶ ଦେଇଥିଲେ । ଏବେ ସେ ବିଷୟରେ ନ ଭାବି ବରଂ ସମୟ ଆସିଲେ

▼ରବି ଶତପଥୀଙ୍କ ହସଖୁସିର ପରିବାର



ମୁଁ ସେ ବିଷୟରେ ସିଦ୍ଧାନ୍ତ ନେବି ବୋଲି ତାଙ୍କୁ ଜଣାଇ ଦେଇଥିଲି । ଏପରିକି ଭବିଷ୍ୟତରେ ଭଲ ଚାକିରି କରିବା ପାଇଁ ସେ ମୋତେ ଉତ୍ସାହିତ କରୁଥିଲେ । କିନ୍ତୁ ବାହାଘରର ମାତ୍ର ସାତଦିନ ପରେ ତାଙ୍କର ବ୍ୟବହାରରେ ଅନେକ ପରିବର୍ତ୍ତନ ଆସିଲା । ଛୋଟ ଛୋଟ କଥାରେ ମୋତେ ଦୋଷଦେବା ସହିତ କଥା କଥାରେ ଅଶାଳୀନ ଭାଷାରେ ଗାଳିଗୁଲଜ କରିଲେ । ଯାହା ମୁଁ ପିଲାଦିନରୁ କେବେ ଶୁଣି ନ ଥିଲି । ତାଙ୍କର ବ୍ୟବହାରରେ ଏପରି ପରିବର୍ତ୍ତନ ଦେଖି ମୁଁ ଆଶ୍ଚର୍ଯ୍ୟ ହେଇଗଲି । ତଥାପି ଧୈର୍ଯ୍ୟ ନ ହରାଇ ତାଙ୍କୁ ବୁଝାଇବାକୁ ଚେଷ୍ଟା କଲି । କିନ୍ତୁ ସେ ବୁଝିବା ପରିବର୍ତ୍ତେ ମୋତେ ଦୋଷ ଦେବାକୁ ଲାଗିଲେ । ତାଙ୍କ ଅସନ୍ତୋଷର କାରଣ ମୁଁ ବୁଝିପାରୁ ନ ଥିଲି । ଏଥିରେ ତାଙ୍କ ମାଆ ଓ ବଡ଼ଭଉଣୀ ତାଙ୍କୁ କିଛି କହିବା ପରିବର୍ତ୍ତେ ମୋତେ ବୁଝାଉଥିଲେ । ଯାହା ମୋତେ ବହୁତ କଷ୍ଟ ଲାଗୁଥିଲା । କିଛିଦିନ ପରେ ମୁଁ ଆମ ଘରକୁ ଆସିଲି । ଭାବିଲି ତାଙ୍କ ଭିତରେ କିଛି ପରିବର୍ତ୍ତନ ହେବ । କିନ୍ତୁ ସେପରି କିଛି ହେଲାନାହିଁ । ବରଂ ସେ ମୋ ବାପାଙ୍କୁ ଦୋଷ ଦେବାକୁ ଲାଗିଲେ । ଫୋନ୍‌ରେ ଅପମାନଜନକ ବାର୍ତ୍ତା ପଠାଇଲେ । ସେଥିରେ ବାପା ବିଚଳିତ ନ ହେଇ ମୋତେ ବୁଝାଇଲେ । ମୁଁ ପୁଣି ତାଙ୍କ ଘରକୁ ଯାଇ ରହିଲି । ତଥାପି କିଛି ପ୍ରଭାବ ପଡ଼ିଲାନାହିଁ । ଏବେ ଦୁଇମାସ ହେବ ସେ ଆମେରିକା ଚାଲିଗଲେଣି । ମୋ ସହିତ କଥା ହେଉନାହାନ୍ତି । ତାଙ୍କର ଗୋଟିଏ ଜିଦ୍ ଯେ ମୁଁ ଏଠାରୁ ଚାକିରି ଛାଡ଼ି ଆମେରିକା ଯିବି । ସେଠାରେ ଚାକିରି ପାଇଁ ଚେଷ୍ଟା କରିବି । କିନ୍ତୁ ତାଙ୍କର ବ୍ୟବହାର ଏତେ କଷ୍ଟଦାୟକ ଯେ ମୁଁ ଆଉ ତାଙ୍କ ଉପରେ ବିଶ୍ୱାସ କରିପାରୁନାହିଁ । ଏଣୁ ଏପରି ପରିସ୍ଥିତିରେ କ'ଣ କରିବା ଠିକ୍ ହେବ ସେଥିପାଇଁ ଆପଣଙ୍କ ପରାମର୍ଶ ଲୋଡ଼ା ।

**ଅର୍ଚ୍ଚନା ଖଟୁଆ,** ଭୁବନେଶ୍ୱର

## ସମାଧାନର ସୂତ୍ର

ଆପଣଙ୍କର ବୈବାହିକ ଜୀବନର ସମସ୍ୟା ବିଷୟରେ ଯାହା ଲେଖିଛନ୍ତି ସେଥିରେ ଯେକୌଣସି ଲୋକ ବି ଆଶ୍ଚର୍ଯ୍ୟ ହେବେ । କାରଣ ବାହାଘର ପୂର୍ବରୁ ସ୍ୱାମୀଙ୍କର ଭଲ ବ୍ୟବହାର କିନ୍ତୁ ବାହାଘରର ସାତଦିନ ପରେ ସଂପୂର୍ଣ୍ଣ ବିପରୀତ, ନିଶ୍ଚିତ ଭାବରେ ଏହାର କିଛି ନିର୍ଦ୍ଦିଷ୍ଟ କାରଣ ଥିବ । ସେ ବିଷୟରେ ଆପଣ କିଛି ଲେଖି ନାହାନ୍ତି । ଏ ସଂପର୍କରେ ଆପଣଙ୍କ ସ୍ୱାମୀଙ୍କ ସହିତ କଥା ହେଲେ ହୁଏତ ଜଣା ପଡ଼ିପାରେ । ଏପରି ଜଟିଳ ପରିସ୍ଥିତିରେ ଦୁଇପଟୁ ନ ଶୁଣିଲେ ଠିକ୍ ସମାଧାନର ପଥ କାଢ଼ି ହେବ ନାହିଁ । ସ୍ୱାମୀସ୍ତ୍ରୀଙ୍କର ମନାନ୍ତର ଭିତରେ ଯେଉଁ ନିର୍ଦ୍ଦିଷ୍ଟ କାରଣଟି ଥାଏ ତାହା କେବଳ ସେହି ଦୁଇଜଣଙ୍କୁ ହିଁ ଜଣା । ଏଥିରେ ତାଙ୍କ ବାପାମାଆ ଅବା ଆପଣଙ୍କ ବାପାମାଆଙ୍କର କିଛି ଭୂମିକା ନାହିଁ । ଆପଣ ଉଚ୍ଚଶିକ୍ଷା ପାଇ ଚାକିରି କରିଛନ୍ତି । ନିଜସ୍ୱ ବୁଦ୍ଧିବିବେକ ଅଛି । ବାହାଘରର ବର୍ଷକ ଭିତରେ ଆପଣ ତାଙ୍କର ଚରିତ୍ରକୁ ଭଲଭାବରେ ବୁଝି ସାରିଲେଣି । ବାହାହେଇ ଘରସଂସାର କରିବା ଏକ ପିଲାଖେଳ ନୁହେଁ । ଏଣୁ ଆପଣ ନିଜ ସହିତ କଥା ହୁଅନ୍ତୁ ଯେ ତାଙ୍କ ସହିତ ଆପଣ ମନ ମିଳାଇ ଜୀବନ କାଟି ପାରିବେ କି ନାହିଁ । ଠିକ୍ ବୁଝାମଣା ଓ ପରସ୍ପର ସହିତ ଖାପଖୁଆଇ ଚଳିବା ହିଁ ଜୀବନ । ଏଥିରେ ଆପଣ କାହାର ପରାମର୍ଶ ନ ଲୋଡ଼ି ବରଂ ଗଭୀର ଭାବରେ ଚିନ୍ତା ନ କରି ସିଦ୍ଧାନ୍ତ ନିଅନ୍ତୁ ।

▼ଶ୍ରୁତକୀର୍ତ୍ତି ତ୍ରିପାଠୀଙ୍କ ହସଖୁସିର ପରିବାର



## ସମସ୍ୟା: ୨

ମୁଁ ୫ବର୍ଷ ତଳେ ସରକାରୀ ଚାକିରିରୁ ଅବସର ନେଇଛି । ମୋର ଗୋଟିଏ ପୁଅ ଓ ଗୋଟିଏ ଝିଅ । ସେମାନେ ବାହାହେଇ ଘରସଂସାର କରି ସାରିଲେଣି । ଝିଅଜ୍ୱାଇଁ କାନାଡ଼ାରେ ଚାକିରୀ କରିଛନ୍ତି । ସେମାନଙ୍କ ପୁଅକୁ ଦୁଇବର୍ଷ । ପୁଅର ବାହାଘର ୩ବର୍ଷ ତଳେ ହେଇଛି । ପୁଅବୋହୂ ଦୁଇଜଣ ହାଇଦ୍ରାବାଦରେ ଚାକିରି କରନ୍ତି । ତାଙ୍କର କିଛି ପିଲାପିଲି ନାହିଁ । ମୁଁ ଓ ମୋ ସ୍ତ୍ରୀ ବରହମ୍ପୁରରେ ନିଜ ଘରେ ରହୁଥିଲୁ । ସ୍ତ୍ରୀର ଦେହ ଭଲ ନ ରହିବାରୁ ଏବେ ଆମେ ପୁଅ ପାଖରେ ହାଇଦ୍ରାବାଦରେ ରହୁଛୁ । ପୁଅବୋହୁ ଦୁଇଜଣ ଦୁଇଟି ଅଲଗା ଅଲଗା ଅଫିସ୍‌ରେ କାମ କରନ୍ତି । ଅଫିସ୍‌ର ସମୟରେ ମଧ୍ୟ ତଫାତ୍ ରହିଛି । ଏଣୁ ଦେଖିବାକୁ ଗଲେ ମୁଁ ଆଉ ମୋ ସ୍ତ୍ରୀ ପୁଅ ଘରେ ଏକୁଟିଆ ରହୁଛୁ । ସେମାନେ ଅଫିସ୍‌ରୁ ଫେରିଲେ ବି ଆମେ ଚାରିଜଣ ଯାକ ଏକାଠି ବସି କଥାହେବା ବହୁତ କମ୍ । ସକାଳୁ ଉଠିଲେ ସେମାନେ ଅଫିସ୍ ଯିବାକୁ ତରତର ହେଉଥାନ୍ତି । ରବିବାରରେ ବି ସେମାନଙ୍କର ଅନେକ କାର୍ଯ୍ୟକ୍ରମ ବାହାରେ ଥାଏ । ସେଠାକୁ ଆମର ଯିବାଟା ସମ୍ଭବ ହୁଏ ନାହିଁ । ଏଣୁ ବରହମ୍ପୁରରେ ଏକୁଟିଆ ଥିଲାପରି ହାଇଦ୍ରାବାଦରେ ବି ଆମେ ଏକୁଟିଆ ଥିବା ପରି ଅନୁଭବ କରୁଛୁ । ଏବେ ନିକଟରେ ଆପଣଙ୍କ ଭିଡ଼ିଓଟିଏ ଦେଖିବାର ସୁଯୋଗ ପାଇଥିଲି । ଯାହାର ନାମ ଥିଲା 'ପୁଅ ଘରେ ମୁଁ କୁଣିଆ' । ଏହାକୁ ଦେଖି ମନଖୁସି ହେଇଗଲା । ଆପଣ ନିରାଟ ସତ କଥା କହିଛନ୍ତି । କାରଣ ଆମର ଅବସ୍ଥା ଏବେ ଠିକ୍ ସେହିପରି । ତେଣୁ ଏଠାରେ ଆଉ ରହିବାକୁ ମୋର ଇଚ୍ଛା ନାହିଁ । କିନ୍ତୁ ସ୍ତ୍ରୀ ମହାଶୟାଙ୍କର ଏଠାରେ ରହିବାକୁ ଇଚ୍ଛା । ପୁଅକୁ କହିବାକୁ ମୋର ସାହସ ବି ନାହିଁ । ଏଣୁ ମୋ ମନ ଛଟପଟ ହେଉଛି । ବରହମ୍ପୁରରେ ପାଖପଡ଼ିଶା ତଥା ସାଙ୍ଗ ବନ୍ଧୁବାନ୍ଧବମାନଙ୍କ ସହିତ ଦେଖାହେଇ ଖୁସିରେ ଦିନ କଟୁଥିଲା । ଏଠାରେ ମୁଁ ସମ୍ପୂର୍ଣ୍ଣ ଏକୁଟିଆ । ଏହାର ସମାଧାନର ବାଟ ବତାନ୍ତୁ ।

**ରଜନୀଶ ରାଉତ,** ହାଇଦ୍ରାବାଦ

## ସମାଧାନର ସୂତ୍ର

ଆପଣ ନିଜ ଜୀବନଯନ୍ତ୍ରଣା ବିଷୟରେ ଯାହା ଲେଖିଛନ୍ତି ତାହା ଏବେ ଅନେକ ପରିବାରରେ ଏକ ସାଧାରଣ ଘଟଣା ହେଇସାରିଲାଣି । ପୁଅଝିଅମାନେ ପାଠପଢ଼ି ଚାକିରି କରିବା ପରେ ନିଜ ନିଜର ସଂସାର ଗଢ଼ିବାରେ ଏତେ ବ୍ୟସ୍ତ ରହୁଛନ୍ତି ଯେ ବାପାମାଆଙ୍କର କଥାକୁ ଭୁଲି ଯାଉଛନ୍ତି । ଚାକିରିରୁ ଅବସର ନେବା ପରେ ବାପାମାଆଙ୍କର ମାନସିକ ଅବସ୍ଥା କଣ ଓ ସେମାନେ ପୁଅଝିଅମାନଙ୍କ ପାଖରୁ କଣ ଚାହୁଁଛନ୍ତି ସେ ବିଷୟରେ ଭାବିବା ପାଇଁ ପିଲାମାନଙ୍କ ପାଖରେ ସମୟ ନାହିଁ । ଏଣୁ ଅନେକ ପରିବାରରେ ବୃଦ୍ଧ ବାପାମାଆ ନିଜ ଘରେ ଏକାକୀ ଜୀବନଯାପନ କରୁଛନ୍ତି । ଅଥବା ଦେଶ ଭିତରେ ଅବା ବିଦେଶରେ ଥିବା ପୁଅବୋହୂଙ୍କ ପାଖରେ ଏକ ଅଲୋଡ଼ା ଜୀବନଯାପନ କରୁଛନ୍ତି । ଯେଉଁ ବାପାମାଆଙ୍କର ସ୍ୱାଭିମାନ ରହିଛି ସେମାନେ ନିଜ ବାସସ୍ଥାନ ଛାଡ଼ି ଯାଉନାହାନ୍ତି । ସ୍ୱାମୀସ୍ତ୍ରୀଙ୍କ ଭିତରୁ ଯଦି ଜଣେ ଆଗ ସଂସାର ଛାଡ଼ିଲେ

ତେବେ ଅନ୍ୟଜଣଙ୍କର ଜୀବନ କଷ୍ଟଦାୟକ ହେଇଯାଉଛି । ଏପରି ସମସ୍ୟା ସମାଧାନର କୌଣସି ନିର୍ଦ୍ଦିଷ୍ଟ ପଥ ନାହିଁ । ଏହା ଆପଣଙ୍କର ମନୋବଳ ତଥା ମନୋଭାବ ଉପରେ ନିର୍ଭର କରେ । ଯଦି ଆପଣ ନିଜ ବାସସ୍ଥାନରେ ଏକାକୀ ରହିବାକୁ ଅକ୍ଷମ ତେବେ ସବୁ କିଛି ସହିଯାଇ ଧୈର୍ଯ୍ୟର ସହିତ ପୁଅବୋହୂଙ୍କ ପାଖରେ ଆନନ୍ଦରେ ରୁହନ୍ତୁ । ଅଥବା ନିଜ ବାସସ୍ଥାନକୁ ଫେରିଆସି ନିଜ ସାହିପଡିଶାର ଲୋକଙ୍କୁ ନିଜର କରି ଖୁସିରେ ରୁହନ୍ତୁ । କିନ୍ତୁ ହଁ ଅବା ନାହିଁର ଦ୍ୱନ୍ଦ୍ୱରେ ପଡନ୍ତୁ ନାହିଁ ଅବା ତାଙ୍କ ପାଖରୁ ବିଶେଷ କିଛି ପାଇବାକୁ ଆଶା କରନ୍ତୁ ନାହିଁ । ତେବେ ଯାଇ ଆପଣ ଆନନ୍ଦରେ ରହିବେ । ନଚେତ ସବୁ ଥାଇ ମଧ୍ୟ ଆପଣଙ୍କର ଜୀବନ ଅଶାନ୍ତିରେ କଟିବ । ଭାବୁଛି ଆପଣ ଏହା ଠିକ ଭାବରେ ବୁଝି ପାରିବେ ।

## ସମସ୍ୟା: ୩

ମୁଁ ଜଣେ ବିବାହିତା ମହିଳା । ମୋର ବୟସ ୩୨ବର୍ଷ । ମୁଁ ମଧ୍ୟବିତ୍ତ ପରିବାରର ଝିଅ । ଏମ.ଏ. ପାସ୍ କରି ପ୍ରାଇଭେଟ୍ କଲେଜ୍‌ରେ ଅଧ୍ୟାପିକା ଥିଲି । ଚାରିବର୍ଷ ତଳେ ବାହାଘର ହେଲା । ପୁଅର ଚାକିରି ଅଷ୍ଟ୍ରେଲିଆରେ ଥିଲା । ସେଥିପାଇଁ ଆମ ଘରେ ମଧ୍ୟ ସମସ୍ତେ ବହୁତ ଖୁସି ଥିଲେ । ବାହାଘରର ଦୁଇମାସ ପରେ ମୁଁ ଅଷ୍ଟ୍ରେଲିଆ ଚାଲିଗଲି । କିଛିଦିନ ପରେ ଜାଣିବାକୁ ପାଇଲି ଯେ ତାଙ୍କର କିଛି ଶାରୀରିକ ଅକ୍ଷମତା ପାଇଁ ସେ ଶାରୀରିକ ସଂପର୍କ ରଖିବାକୁ ଆଦୌ ଆଗ୍ରହୀ ନ ଥିଲେ । ସେ ବିଷୟରେ ସେ ଆଲୋଚନା କରିବାକୁ ମଧ୍ୟ ରାଜି ନ ଥିଲେ । ନବବିବାହିତା ସ୍ତ୍ରୀ ହିସାବରେ ମୁଁ ଶାରୀରିକ ସମ୍ପର୍କ ପାଇଁ ଆଗ୍ରହ ଦେଖାଇଲେ ସେ ଅସନ୍ତୁଷ୍ଟ ହେଉଥିଲେ । ସେହିଥିରୁ ହିଁ ମତାନ୍ତର ହେଇ ଯୁକ୍ତିତର୍କ ତଥା ଅଶାନ୍ତି ସୃଷ୍ଟି ହେଉଥିଲା । ଧୀରେ ଧୀରେ ମୁଁ ଜାଣିବାକୁ ପାଇଲି ଯେ ସେ ଶାରୀରିକ ସମ୍ପର୍କ ପାଇଁ ସମ୍ପୂର୍ଣ୍ଣ ଭାବରେ ଅକ୍ଷମ । ଏଥିପାଇଁ ସେ ବିଶେଷ ଡ଼ାକ୍ତରଙ୍କ ପାଖରେ ଚିକିତ୍ସିତ ମଧ୍ୟ ହେଉଥିଲେ । କିନ୍ତୁ ତାହା ଦ୍ୱାରା କିଛି ସୁଫଳ ମିଳୁ ନ ଥିଲା । କିନ୍ତୁ ସେ ନିଜର ଅକ୍ଷମତାକୁ ସ୍ୱୀକାର କରିବା ପରିବର୍ତ୍ତେ ମୋତେ ବାରମ୍ବାର ଅପମାନଜନକ କଥା କହୁଥିଲେ । ଏପରିକି ମୋର ଚରିତ୍ରକୁ ଆକ୍ଷେପ ମଧ୍ୟ କରୁଥିଲେ । କିଛିଦିନ ପରେ ମତାନ୍ତରରୁ ମନାନ୍ତର ହେଲା । ଆମ ଭିତରେ କଥାବାର୍ତ୍ତା ବନ୍ଦ ହେଇଗଲା । ମୁଁ ଏସବୁ ମୋର ଘରଲୋକଙ୍କୁ ଜଣାଇଲି । ସେମାନେ ମୋର ଶାଶୁଶ୍ୱଶୁରଙ୍କ ସହିତ କଥା ହେଲେ । କିନ୍ତୁ ଶାଶୁଶ୍ୱଶୁର ସେସବୁକୁ ଗୁରୁତ୍ୱ ଦେଲେ ନାହିଁ । ବରଂ କହିଲେ ଚାକିରିରେ କାମର ଚାପ ହେତୁ ସେ ଏ ଦିଗରେ ମନ ବଳାଉ ନଥିବ । ସେମାନେ ବି ମୋତେ ଦୋଷ ଦେବାକୁ ଲାଗିଲେ ଯେ ମୁଁ ସାମାନ୍ୟ ଘଟଣାକୁ ବଡ କରୁଛି । ଏସବୁ ସ୍ୱାମୀସ୍ତ୍ରୀ ଭିତରେ ସମାଧାନ ହେଇଯିବା କଥା । ଏଥିରେ ଅସହାୟ ହେଇ ବର୍ଷକ ତଳେ ମୁଁ ଅଷ୍ଟ୍ରେଲିଆରୁ ଫେରି ଆସି ନିଜ ବାପଘରେ ରହିଛି । ଏହାର ସମାଧାନ ପାଇଁ ଆମ ଦୁଇ ପରିବାର ମଧ୍ୟରେ ୨/୩ ଥର ଆଲୋଚନା ହେଲେ ବି କିଛି ସୁଫଳ ମିଳୁନାହିଁ । ଏଣୁ ମୁଁ ଏବେ ମନସ୍ଥ କରିଛି ଯେ ଆପୋଷ ବୁଝାମଣାରେ ଦୁଇଜଣ ଅଲଗା ହୋଇଯିବା ଠିକ୍ ହେବ । କାରଣ ମୁଁ ନିଜ ଭବିଷ୍ୟତ ନଷ୍ଟ କରିବାକୁ ଚାହୁଁନି । ମାନସିକ ଶାନ୍ତି ନ ଆସିଲେ ଆଉ ଥରେ ଚାକିରି କରିବା ସମ୍ଭବ ନୁହେଁ । ମୋ ସିଦ୍ଧାନ୍ତ ଉପରେ ଆପଣଙ୍କର ପରାମର୍ଶ ଲୋଡୁଛି ।

**ସୁଷମା ସିଂହ,** ଭୁବନେଶ୍ୱର

## ସମାଧାନର ସୂତ୍ର

ଆପଣ ଓ ଆପଣଙ୍କ ସ୍ୱାମୀଙ୍କ ଭିତରେ ଯେଉଁ ସମସ୍ୟା ରହିଛି ସେ ସଂପର୍କରେ ଅନ୍ୟମାନେ କୌଣସି ମତ ଦେବା ଆଦୌ ଉଚିତ ନୁହେଁ । ଏପରିକି ସେମାନଙ୍କ ମତାମତର କୌଣସି ମୂଲ୍ୟ ନାହିଁ । କାରଣ ସ୍ୱାମୀସ୍ତ୍ରୀଙ୍କର ମଧ୍ୟରେ ମାନସିକ ଓ ଶାରୀରିକ ସ୍ତରରେ କେଉଁ ଭଳି ଭାବରେ ସଂପର୍କ ରହିଲେ ବିବାହିତ ଜୀବନ ଆନନ୍ଦମୟ ହେବ ତାହା କେବଳ ସେହି ଦୁଇଜଣ ହିଁ ସ୍ଥିର କରି ପାରିବେ । ପ୍ରତ୍ୟେକ ସମସ୍ୟାର ସମାଧାନର ପଥ ରହିଛି । ସେଥିପାଇଁ ଉଭୟ ପକ୍ଷର ଆଗ୍ରହ ଓ ସହଯୋଗ ରହିବା ଦରକାର । ଆପଣଙ୍କ ସ୍ୱାମୀଙ୍କ ଶାରୀରିକ ଅକ୍ଷମତା ବିଷୟରେ ଆପଣ ଯେଉଁ ପ୍ରଶ୍ନ ଉଠାଇଛନ୍ତି ତାହାର ଉତ୍ତର କେବଳ ଆପଣଙ୍କ ସ୍ୱାମୀଙ୍କ ଠାରୁ ହିଁ ମିଳି ପାରିବ । ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖରେ କିଛି ଭଲଗୁଣ ଓ କିଛି ଖରାପ ଗୁଣ ରହିଛି । ପରସ୍ପର ସହିତ ମନକୁ ଖାପ ଖୁଆଇ ଚଳିବା ସହିତ କିଛି ତ୍ୟାଗ କରିଲେ ହିଁ ଜୀବନରେ ସୁଖଶାନ୍ତି ଆସି ପାରିବ । ଆପଣ ସ୍ୱାମୀଙ୍କ



ନରେନ୍ଦ୍ର ସେଠୀଙ୍କ ହସଖୁସିର ପରିବାର

ଠାରୁ ଯାହା ଚାହୁଁଛନ୍ତି ତାହା ଯଦି ପାଉନାହାନ୍ତି ତେବେ ଆପଣ ଦୁଇଜଣ ହିଁ ଏକାଠି ବସି ମନଖୋଲି ଆଲୋଚନା କରି ସେହି ସମସ୍ୟାର ସମାଧାନର ବାଟ କାଢି ପାରିବେ । ଏହି ସ୍ପର୍ଶକାତର ବିଷୟରେ ଆପଣ ଅନ୍ୟମାନଙ୍କ ପାଖରୁ କେବେହେଲେ ଠିକ ପରାମର୍ଶ ପାଇପାରିବେ ନାହିଁ । ଏଣୁ ଆପଣ ନିଜେ ଗଭୀର ଭାବରେ ଏ ବିଷୟରେ ଚିଂନ କରନ୍ତୁ ଓ ନିଜ ଭବିଷ୍ୟତ ନିଜ ହାତରେ ଗଢନ୍ତୁ । ଜୀବନ ଏକ ଗଣିତ ନୁହେଁ ଅବା ଜୀବନରେ ସମସ୍ୟାର ସମାଧାନ ପାଇଁ କୌଣସି ନିର୍ଦ୍ଦିଷ୍ଟ ଫର୍ମୁଲା ନାହିଁ । ଆପଣ ଜଣେ ଉଚ୍ଚଶିକ୍ଷିତା ମହିଳା । ଆଶା କରୁଛି ଆପଣ ନିଜେ ହିଁ ଏହାର ସମାଧାନର ବାଟ କାଢିପାରିବେ ।

**ସମସ୍ୟା: ୪**

ମୁଁ ମୋର ଯୁକ୍ତ ତିନି ପଢ଼ା ସାରିଛି । ଏବେ ଚାକିରି ଖୋଜୁଛି । ଆମର ବଡ଼ ପରିବାର । ବାପା ଦାଦା ସବୁ ଜେଜେବାପାଙ୍କ ଅମଳରୁ ଏକାଠି ରହି ଆସୁଛନ୍ତି । ତେଣୁ ଆମ ଘରେ ଆମେ ଭାଇଭଉଣୀ ପ୍ରାୟ କୋଡ଼ିଏ ଜଣ । ଭାଇଭଉଣୀଙ୍କ ଭିତରେ ମୁଁ ଅଷ୍ଟମ ହେଲେ ବି ମୋ ବାପାଙ୍କର ମୁଁ ତୃତୀୟ ଝିଅ । ମୋ ସାଙ୍ଗର ମୋର ଆଉ ଦୁଇଟି ଭାଇ ବି ଅଛନ୍ତି । ଯେଉଁମାନେ ମୋର ଦାଦାଙ୍କ ପୁଅ । ମୋର ତିନି ଭଉଣୀଙ୍କର ବିବାହ ସରିଛି । ତଥାପି ମୋ ଉପରେ ଆଉ ଦୁଇ ଭଉଣୀ, ଦୁଇ ଭାଇ ଅଛନ୍ତି ବିବାହ କରିବାକୁ । ତା ପରେ ମୋର ବିବାହ ହେବ । ମୁଁ କିନ୍ତୁ ପାଠ ପଢ଼ିବା ବେଳ ଠାରୁ ଗୋଟିଏ ପୁଅକୁ ଭଲ ପାଉଛି । ତାଙ୍କ ଘରେ ସମସ୍ତେ ରାଜି ଅଛନ୍ତି । କିନ୍ତୁ ଆମ ଘରେ କେହି ବି ସେ ବିଷୟରେ ଜାଣି ନାହାନ୍ତି । ସେ ବାହାରେ ଚାକିରି କରୁଛନ୍ତି । ଏବେ ତାଙ୍କର ଚାକିରି ହେଲା ପରେ ସେ ଓ ତାଙ୍କ ଘରଲୋକ ମୋତେ ବାଧ୍ୟ କରୁଛନ୍ତି ବାହାଘର ପାଇଁ । କିନ୍ତୁ ମୁଁ ଘରେ ଏ କଥା କହି ପାରୁନି ଯେହେତୁ ମୋର ବଡ଼ ଦୁଇ ଭଉଣୀ ଓ ଦୁଇ ଭାଇ ବିବାହ ପାଇଁ ଅଛନ୍ତି । ମୁଁ ବି ଜାଣିଛି ମୁଁ ତାଙ୍କୁ ଛାଡ଼ି ରହି ପାରିବିନି । ଏପରିକି ମୋ ଘର ଲୋକ ଓ ମୋ ଭାଇଭଉଣୀଙ୍କୁ ଛାଡ଼ି ବି ମୁଁ ରହି ପାରିବିନି । ତେଣୁ ମୁଁ ଘରୁ ପଳାଇ ଯିବାକୁ ଚାହୁଁନି । ମୋତେ କିଛି ବୁଦ୍ଧି ବାଟ ଦିଶୁନି କଣ କରିବି ? ଦୟାକରି ଉପାୟ ବତାନ୍ତୁ ।

**ଗାୟତ୍ରୀ ମହାନ୍ତି,** ନୟାଗଡ଼

**ସମାଧାନର ସୂତ୍ର**

ତୁମେ ଯାହା ସବୁ ଲେଖିଛ ସେଥିରୁ ପ୍ରମାଣୀତ ହେଉଛି ଯେ ତୁମେ ହିଁ ନିଜେ ତୁମ ପାଇଁ ସମସ୍ୟା ସୃଷ୍ଟି କରିଛ । ତୁମର ପରିବାର ବିଷୟରେ ତୁମେ ଜାଣିଛ । ତୁମେ ଏ ପର୍ଯ୍ୟନ୍ତ ଚାକିରି କରିନ କିମ୍ବା ନିଜେ ରୋଜଗାରକ୍ଷମ ହୋଇନାହଁ । ଏବେ ବି ତୁମେ ଚଳିବା ପାଇଁ ତୁମ ବାପାମାଆଙ୍କ ଉପରେ ନିର୍ଭର କରୁଛ । ଯେତେବେଳେ ତୁମେ ନିଜେ ସ୍ୱାଧୀନ ନୁହଁ ସେପରି ସମୟରେ ତୁମେ ତୁମ ବାହାଘର ବିଷୟରେ କିପରି ନିଷ୍ପତ୍ତି ନେଇ ପାରିବ ? ଦୁଇ ନାଆରେ ଗୋଡ଼ ଦେଲା ପରି ତୁମେ କାମ କରୁଛ । ତୁମେ ଯାହାକୁ ଭଲ ପାଉଛ ତାକୁ ଛାଡ଼ି ପାରିବ ନାହିଁ କିମ୍ବା ପରିବାର ଲୋକଙ୍କୁ ଧୋକା ଦେଇ ପାରିବ ନାହିଁ । ଏହା ଏକ ଭାବପ୍ରବଣତା । ତୁମକୁ ବାସ୍ତବବାଦୀ ହେବାକୁ ପଡ଼ିବ । ଖାଲି ସ୍ୱପ୍ନ ଦେଖିଲେ କିଛି ଲାଭ ହୁଏ ନାହିଁ । ସ୍ୱପ୍ନକୁ ବାସ୍ତବତାରେ ପରିଣତ କରିବା ପାଇଁ ନିଜକୁ ହିଁ ବାଟ ଖୋଜିବାକୁ ପଡ଼ିବ । ଯଦି ତୁମେ ସେ ପିଲାକୁ ବାହା ହେବା ପାଇଁ ସିଦ୍ଧାନ୍ତ ନେଇଛ ତେବେ ତୁମ ଘରେ ଆଲୋଚନା କର ଏବଂ ସମସ୍ତଙ୍କୁ ବୁଝେଇବା ପାଇଁ ଚେଷ୍ଟା କର । ତାଙ୍କର ପରିବାର ଲୋକମାନେ ବି ଆସି ତୁମର ବାପାମାଆଙ୍କ ସହିତ ଆଲୋଚନା କରିବା ଦରକାର । ଚୁପ୍ ହୋଇ ରହିଲେ ସମସ୍ୟା ଆହୁରି ବଢ଼ିବ ତଥା ତୁମର ବି ମାନସିକ ଅଶାଂି ବଢ଼ିବ । ଆଉ ଡେରି ନ କରି ତୁମେ ଦୃଢ଼ ମନୋବଳ ନେଇ ନିଜେ ଘରେ ଏ ବିଷୟରେ ଆଲୋଚନା କରି ସମାଧାନର ବାଟ ବାହାର କର ।



ରୋକାଲିନ ମହାନ୍ତିଙ୍କ ହସଖୁସିର ପରିବାର

# ସଂଗୀତାଙ୍କ ସୁଆଦିଆ ରୋଷେଇ



# ମାଂସର ମହକ



## ମାଂସ ଡାଲମା



**ଆବଶ୍ୟକ ସାମଗ୍ରୀ :** ଖାସି ମାଂସ ୨୫୦ଗ୍ରାମ, ଡାଲି: ମୁଗ ଡାଲି, ହରଡ଼ ଡାଲି, ମସୁର ଡାଲି ମିଶିକି ୧୫୦ଗ୍ରାମ, ପରିବା: ଆଳୁ, ସାରୁ, ଦେଶୀ ଆଳୁ, ଅମୃତଭଣ୍ଡା ମିଶିକି (ଛୋଟ ଛୋଟ କଟା ହେବା), କୋରା ନଡ଼ିଆ, ବଟା ମସଲା, ଅଦା, ରସୁଣ, ପିଆଜ ଜିରା, ଧନିଆ ପେଷ୍ଟ, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଗରମ ମସଲା, ଭଜା ଜିରା, ଲଙ୍କା ଗୁଣ୍ଡ, ଧନିଆ ପତ୍ର, କଟାପିଆଜ, ତେଲ ଟମାଟୋ, ଲୁଣ, ଚିନି ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗ୍ୟାସ୍‌ରେ ପ୍ରେସର୍ କୁକୁର ବସେଇ ସେଥିରେ ତେଲ ୩ ଚାମଚ ପକେଇବେ । ତାପରେ ସେଥିରେ ଟିକେ ଚିନି ଆଉ ଜୀରା ଛୁଙ୍କ କରିବେ । ସେଥିରେ କଟା ପିଆଜ ଦେଇ ଭାଜିବେ, ପିଆଜ ଭାଜି ହେଇଗଲା ପରେ ସେଥିରେ ହଳଦୀ ଗୁଣ୍ଡ ଟିକିଏ, ଲଙ୍କାଗୁଣ୍ଡ ଏବଂ ବଟା ମସଲା ପକାଇ କଷିବେ । ମସଲା ହେଇଗଲା ପରେ ସେଥିରେ ମାଂସ ପକାଇ ସ୍ୱାଦ ଅନୁସାରେ ଲୁଣ ଦେଇ କଷିବେ । ଯେମିତି ମାଂସ ଅଧା ସିଝିଯିବ । ତାପରେ ସେଥିରେ ଡାଲି ଆଉ ପରିବା ପକେଇ ପାଣି, ଟମାଟୋ, ନଡ଼ିଆ କୋରା ଦେଇ ପ୍ରେସର୍ କୁକର୍‌ରେ କମ୍ ଆଂଚରେ ଗୋଟିଏ ହୁଇସିଲ୍ ମାରିଦେବେ । ତାପରେ ସେଥିରେ ଭଜା ଜିରା ଲଙ୍କା ଗୁଣ୍ଡ ଆଉ ଗରମ ମସଲା, ଧନିଆପତ୍ର ଦେଇ ଗରମ ଗରମ ଭାତ କିମ୍ବା ରୁଟି ସହ ପରସି ଦିଅନ୍ତୁ ।

## ଚିକେନ୍ ଏଗ୍ ଭେଗିସ୍ କରି

**ଆବଶ୍ୟକ ସାମଗ୍ରୀ :** ଚିକେନ ୧୦୦ଗ୍ରାମ, ଏଗ୍ (ଅଣ୍ଡା) ୨ଟା, ସିଝା ମସଲା ପେଷ୍ଟ, ଲମ୍ବା କଟା ଗାଜର, ଗୋଟା ପିଆଜ, ଗୋଟା ରସୁଣ, ତେଲ, ଲଙ୍କା, ହଳଦୀଗୁଣ୍ଡ, ଗରମ ମସଲା, ଚିକେନ ମସଲା, ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଅଦା ରସୁଣ ପିଆଜ ଆଉ ଗୋଟାଏ ଗରମ ମସଲାକୁ ପାଣିରେ ୫ ମିନିଟ ପର୍ଯ୍ୟନ୍ତ ଶିଝେଇ ଦେବେ । ତାପରେ ମସଲା ଟିକେ ଥଣ୍ଡା ହେଲା ପରେ ବାଟି ଦେବେ । ଅନ୍ୟ ଏକ ପାତ୍ରରେ ତେଲ ପକେଇବେ ଓ ସେଥିରେ କଟା ଗାଜର, ଅଣ୍ଡାକୁ ହାଲ୍‌କା କି ଭାଜି ଦେବେ । ଗାଜର, ଅଣ୍ଡାକୁ ବାହାର କରି ସେଇ ତେଲରେ କିଛି ଜିରା ଛୁଙ୍କ କରିବେ । ସେଥିରେ ସିଝା ବଟା ମସଲା, ହଳଦୀ ଗୁଣ୍ଡ, ଲଙ୍କାଗୁଣ୍ଡ ପକେଇ କଷିବେ । ତାପରେ ସେଥିରେ ୨ଟି ଗୋଟା ପିଆଜ ଗୋଟା ରସୁଣ ଆଉ ଗାଜର ଅଣ୍ଡା ଏବଂ ଚିକେନ ପକେଇ ସ୍ୱାଦ ଅନୁସାରେ ଲୁଣ ପକେଇ ଭଲରେ କଷିଦେବୋ । ତାପରେ ସେଥିରେ ଟମାଟୋ କିମ୍ବା ଦହି ଦେବେ ଏବଂ ଆବଶ୍ୟକ ମୁତାବକ ପାଣି ଦେଇ ସିଝିବାକୁ ଛାଡ଼ିଦେବେ । ୧୫ ମିନିଟ୍ ଭିତରେ ଆମର ଚିକେନ୍ ଏଗ୍ ଭେଗିସ୍ କରି ପ୍ରସ୍ତୁତ ହେଇଯିବ ।


**ସଙ୍ଗୀତା ଦାସ**

ମଧୁପାଟଣା, କଟକ-୭୫୩୦୧୨

ଫୋନ:୯୩୪୮୪୬୮୬୭୭


ଫଟୋ ସୌଜନ୍ୟ : ଲେଖିକା



# ସର୍ଜନଶୀଳତାରେ ବିଭାଜନ

ଅଧୁନା ସର୍ଜନା କାର୍ଯ୍ୟରେ ଲିପ୍ତ ସମସ୍ତେ ଦିଶୁ ଥାଉଛୁ ଏକ ବହୁକୁଟୁମ୍ବୀ ପରିବାରରେ ବସବାସ କରୁଥିବା ପରି । ଅସଲରେ କିନ୍ତୁ ସେପରି କିଛି ନୁହେଁ । 'ଦୂର ପାହାଡ଼ ସୁନ୍ଦର' ପରି କଥା ଇଏ । ଆପଣ ପାହାଡ଼ର ଅତି ପାଖକୁ ଯାଇ ଦେଖିବେ ତ ଭିନ୍ନ ଭିନ୍ନ ଗଛ, ଗୁଳ୍ମଲତାରେ ପରିପୂର୍ଣ୍ଣ ଅଗମ୍ୟ ଜଙ୍ଗଲଟିଏ ପାଇବେ । ଅଥଚ ଦୂରରୁ ପାହାଡ଼ କେତେ ଆକର୍ଷଣୀୟ ନଲାଗେ ! ସେହିପରି ସୃଜନ-ସଂସାର ଏକ ବିଶାଳ ପରିବାର ପରି । ଲେଖକ ଲେଖିକାମାନେ ଗୋଟିଏ ପରିବାରର ସଦସ୍ୟସଦସ୍ୟା ପରି ଚଳିବା କଥା । ହେଲେ ଆଜିର ସମୟ ସାହିତ୍ୟାଶ୍ରିତ ଲେଖକକୁଳକୁ ମଧ୍ୟ ଭାଗ ଭାଗ କରିସାରଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଯେଉଁ ଲେଖକ ସମାଜର ହିତ ନିମନ୍ତେ କଲମ ଚଳାଏ, ସେ ଲେଖକ ପାଖରେ ନାହିଁ ନିଜସ୍ୱ ହିତ ନିମନ୍ତେ କୌଣସି ଉପାୟ, ଲେଖକ ଲେଖକ ଭିତରେ ନା ଅଛି ସୌହାର୍ଦ୍ଦ୍ୟ, ନା ଅଛି ସହାନୁଭୂତି । ସମସ୍ତେ ଯେପରି ଏକା ଏକା ଅଧୀଶ୍ୱର । ଐକ୍ୟ ବା ସଂଘବଦ୍ଧତା ତ ଦୃଶ୍ୟ ହୁଏନା କାହାରି ପାଖରେ । ବରଂ ଏକ ତୀବ୍ର 'ଇଣ୍ଡିଭିଜୁଆଲିଜିମ୍' ବ୍ୟାଧିରେ ପୀଡ଼ିତ ଅଛନ୍ତି ସମସ୍ତେ- ଏପରି ପ୍ରତୀତ ହେଉଅଛି ।

ସମାଜରେ ଲେଖକକୁ ଏକ ସମ୍ମାନାସ୍ପଦ ଆସନ ଦିଆ ଯାଇଥାଏ । ଯେହେତୁ ସେମାନେ ସର୍ଜନା ବା ସୃଷ୍ଟିଶୀଳତା ଭଳି ଏକ ଗୁଣ ବା ପ୍ରତିଭାର ଅଧିକାରୀ ହୋଇଥାନ୍ତି ଏବଂ ଏହା ଈଶ୍ୱର ଦତ୍ତ ହୋଇଥାଏ । ସୁତରାଂ ସେମାନେ ଅସାଧାରଣ ଏବଂ ଅନନ୍ୟ ପ୍ରଜାତିର । ମୋର ମନେ ଅଛି ଲେଖାଲେଖିର ଆରମ୍ଭ ସମୟରେ ବିଭୂତି ପଟ୍ଟନାୟକଙ୍କୁ ମୁଁ 'ଦେବତା' ହିଁ ଭାବୁଥିଲି । ନହେଲେ ଏଡ଼େ ସୁନ୍ଦର ଉପନ୍ୟାସମାନ କେମିତି ଲେଖି ପାରିବେ- ଏପରି ଏକ ଭାବନା ରହୁଥିଲା । ପରେ ଯେ ସେଇ ବିଭୂତି ପଟ୍ଟନାୟକ ଜଣେ ଲେଖକ ଏବଂ ତାଙ୍କ ସାନ୍ନିଧ୍ୟ ପାଇବା ସମ୍ଭବ, ଏ କଥା ଜାଣି, ଲେଖକଙ୍କ ପ୍ରତି ମୋର ସମ୍ମାନବୋଧ ବୃଦ୍ଧି ହେଇଥିଲା । ମୋ ପରି ସାଧାରଣ ପାଠକଟିଏ ଏପରି ଧାରଣାର ବଶବର୍ତ୍ତୀ ହୋଇଥିବେ ନିଶ୍ଚୟ- ଏଥିରେ ଭାବିବାର କିଛି ନାହିଁ ।

ଲେଖକମାନେ ଆଜିର ସମୟରେ ଭାଗ ଭାଗ ହୋଇଯିବା ଏବଂ ନିଜ ନିଜ ସ୍ୱାର୍ଥ ପ୍ରତି ମନୋନିବେଶ କରିବା କଥାଟି ଖୁବ୍ ସାଧାରଣ ମନେହୁଏ । ଅବଶ୍ୟ ଏକଥା ସତ ଯେ, ଲେଖା ଓ କଥାରେ ନାନା ପ୍ରକାରର ଅସ୍ୱାଭାବିକତା ଓ ଭିନ୍ନତା ରହିବ ଲେଖକ ଲେଖକ ଭିତରେ । ବ୍ୟକ୍ତି ନିଜର ଦକ୍ଷତା, ସାମର୍ଥ୍ୟ ଓ ପ୍ରୟୋଜନ ମୁତାବକ ନିଜକୁ ଗଢ଼େ । ଲେଖକ ମଧ୍ୟ ତଦନୁସାରେ ଲେଖେ ଓ ଭିନ୍ନ ଭିନ୍ନ ଭାଷାରେ ଲେଖେ । ଏଥିରେ କିଛି ନୂଆ କଥା ନାହିଁ । କିନ୍ତୁ ଭାଷାରେ ଓ ଚଳଣିରେ ସମାନତା ଓ ଶୃଙ୍ଖଳା ଆଣିବା ସହଜ କଥା ନୁହେଁ । ପାରସ୍ପରିକ ବୋଧଗମ୍ୟତା ଏବଂ ଗ୍ରହଣୀୟତା ନରହିଲେ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଐକ୍ୟ ବା ଏକତ୍ରିତ ହୋଇ କାର୍ଯ୍ୟ କରିବା କଥାଟି ଅସମ୍ଭବ ଅଟେ । ପାରିବାରିକ ବୋଧଗମ୍ୟତା ବୋଲି କଥାଟିଏ ଅଛି । ଗୋଟେ ଅଦୃଶ୍ୟ ବନ୍ଧନ ଶକ୍ତି ହିଁ ପାରିବାରିକ ଗଠନ ଓ ବୋଧଗମ୍ୟତାକୁ ବଞ୍ଚାଇ ରଖେ । ଯାହା ଆମର ଲେଖକକୁଳରେ ଦେଖା ଯାଇନାହିଁ । ବିଭାଜନର ବନ୍ଦୀଶାଳାରେ ବନ୍ଦୀ ଆମେ ସଭିଏଁ ।

ନିକଟରେ ମୋର ଜଣେ ଲେଖକବନ୍ଧୁ କୌଣସି ଏକ ସାହିତ୍ୟିକ ସମୂହ ସ୍ୱାର୍ଥ ନିହିତ ଥିବା ଏକ କାର୍ଯ୍ୟରେ ସବୁ ଲେଖକମାନଙ୍କର ସମର୍ଥନ ଓ ସ୍ୱର ପାଇବା ପାଇଁ ନିବେଦନ କରି ଅସଫଳ ହୋଇଥିବା କଥାଟି ମୋତେ ଗଭୀର ଭାବେ ରେଖାପାତ କରିଥିଲା । ଆମେ ଲେଖକମାନେ ସକାଳସଞ୍ଜରେ ଖଟି କରୁଛୁ, ଚା' ପିଉଛୁ, ଜନ୍ମଦିନ ପାଳୁଛୁ, ପୁସ୍ତକ ଉନ୍ମୋଚନ କରୁଛୁ । ଅଥଚ ଲେଖକଙ୍କ ସମୂହ ସ୍ୱାର୍ଥକୁ ସାକାର ରୂପ ଦେବା ବେଳେ ଆମେ ଏତେ ବେଶୀ ଇଣ୍ଡିଭିଜୁଆଲ୍ ବା ଏକକ କିଆଁ ? ଏ ତ ଆତ୍ମପ୍ରବଞ୍ଚନା ଛଡ଼ା କିଛି ନୁହେଁ । ଏ କଥା ତ ଆମେ ସମସ୍ତେ ଜାଣୁ ଯେ, Divided we fall united we stand. ଯଦି ଏତିକି ଆମେ ଜାଣୁଛୁ ତେବେ କାହିଁକି ଏକତ୍ରିତ ହୋଇ ରହିବାରୁ ବିରତ ହେଉଛୁ ? କାହିଁକି ଆମେ ଏତେ ବେଶୀ ଇଣ୍ଡିଭିଜୁଆଲ୍ ବା ବ୍ୟକ୍ତିକୈନ୍ଦ୍ରିକ ହୋଇ ଉଠିଛୁ । ସାହିତ୍ୟ କର୍ମରେ ଲିପ୍ତ ଥାଇ ଆମ ଭିତରେ ସମ୍ବେଦନା, ସଂବେଗ ଓ ସହଧର୍ମୀତା ନାହିଁ କେଉଁ କାରଣ ପାଇଁ ? କେବେ ଏ ବିଷୟରେ ଭାବିଛୁ ଆମେ !

ଅନେକ ସମୟରେ ସାହିତ୍ୟରେ ଏକ ପ୍ରକାର ଗ୍ରୁପିଜିମ୍ ବା ଗୋଷ୍ଠୀବାଦ ମୁଣ୍ଡ ଟେକିଛି । ଏବେ ସୋସିଆଲ୍ ମିଡ଼ିଆ, ଫେସ୍ବୁକ୍, ହ୍ୱାଟ୍ସଆପ୍‌ରେ ଗ୍ରୁପ୍ ତିଆରି ହେଉଛି । ଏପରିକି କମେଣ୍ଟ୍ ବା ମନ୍ତବ୍ୟ ଲେଖିବା ବେଳେ ବି ଗ୍ରୁପିଜିମ୍ ଭାବନା ରହୁଛି । ଜଣେ ଲେଖକ ନିର୍ଦ୍ଦିଷ୍ଟ ଭାବେ ତା ଗ୍ରୁପର ସଦସ୍ୟ ଲେଖକକୁ କମେଣ୍ଟ୍ ଦେଉଛି । ସବୁ ଲେଖକ ବନ୍ଧୁଙ୍କୁ ଦେଉନାହିଁ । ଦେଉ, ଏଥିରେ ଅସୁବିଧା କିଛି ନାହିଁ । କିନ୍ତୁ ସାମଗ୍ରିକ ଭାବରେ ଯେତେବେଳେ ସାହିତ୍ୟିକଙ୍କ ଅଧିକାର ପ୍ରାପ୍ତିର କଥା ଉଠେ, ସେତେବେଳେ ଏ ଗୋଷ୍ଠିବାଦକୁ ଭାଙ୍ଗି ଆମେ କାହିଁକି ଏକତ୍ର ଗୋଟିଏ ସ୍ୱର ଉଠାଇ ପାରୁନା ? କାହିଁକି ଭିନ୍ନ ଭିନ୍ନ ବ୍ୟକ୍ତି ଭିନ୍ନ ଭିନ୍ନ ଆଚରଣ ଦେଖାନ୍ତି ?

ଲେଖକମାନେ ଆଜିକାଲି ଏତେ ବେଶି ଏକକ ବା ବ୍ୟକ୍ତିକୈନ୍ଦ୍ରିକ ହୋଇ ପଡ଼ିଲେଣି ଯେ, ସାମୁହିକ ଭାବରେ ହେଉଥିବା ଏକ ମହତ କାର୍ଯ୍ୟରେ ମଧ୍ୟ ଅଂଶୀଦାର ହେଉ ନାହାନ୍ତି । ଏକ ମହାଭାରତୀୟ ପରମ୍ପରାରେ ବସବାସ କରୁଥିବା ଆମେମାନେ ଏକତ୍ରିତ ହୋଇ କୌଣସି ଏକ ଅବ୍ୟବସ୍ଥିତ ବ୍ୟବସ୍ଥା ପ୍ରତି ସ୍ୱର ଉଠେଇ ପାରିବା ନାହିଁ କାହିଁକି ? ପ୍ରତିଟି ଲେଖକ ନିଜକୁ ଏ ପ୍ରଶ୍ନ ପଚାରୁ । ନିଜ ଭିତରୁ ସେ ଅବଶ୍ୟ ଉତ୍ତର ପାଇବ : 'ତୁ ଖୁବ୍ ବେଶୀ ସ୍ୱାର୍ଥପର ହୋଇପଡ଼ିଛୁ ।' ସବୁ ପୁରସ୍କାର ମୁଁ ପାଇବି, ସବୁଲେଖା ମୋର ଛପା ହେବ, ସବୁ ପ୍ରଶଂସା ମୋତେ ମିଳିବ, ସବୁ ପଦପଦବୀ ମୋତେ ମିଳିବ, ସବୁଠି ମୁଁ ଅତିଥି ହେବି- ଏପରି ଏକ 'ମୁଁ'ତ୍ୱ ଭିତରେ ଦିଶା ହରାଇ ସାରିଛି ଆମର ଲେଖକୀୟ ସତ୍ତା । ସୁତରାଂ ଆମେ ସମ୍ପୂର୍ଣ୍ଣ ଚେତନାହୀନ ହୋଇଯିବା ଆଗରୁ ଆସନ୍ତୁ ପରିଶୋଧିତ ହେବା ଓ 'ମୁଁ'ତ୍ୱରୁ ବାହାରି ଏକାଠି ହେବା ।







HIGHLAND
A Highland Group Entity
A one stop solution for Aquaculture
Vannamei Seeds
Shrimp Feed
Health Care Process (Probiotics)
Quality Control Checks
Consultancy Services
Aquaculture Equipments
Buy & Sell Shrimp
HIGHLAND MARINE
Alupur, O.T Road, Balasore, Odisha, India - 756001
Contact no : +91 - 9990251362, Email: info@highlandgroups.com
www.highlandgroups.com

The **REBATI AMA MATIRA SWARA** ● May 2022 Vol - 4 Issue -7 ● R.N.I. REGD. No. : ODIODI/2018/78444 ● Postal Regn. No - Balasore (Orissa)/ 02/2020-2022 ● Rs. 50
Total Page : 108





Image: HIGHLAND AGRO PLANT, Balasore, Odisha
















/ highlandagro

# HIGHLAND GROUP

**Corporate Office:** Alupur, Near Laxminaryan Temple, O.T. Road, Balasore, Odisha (India) - 756001
+91-6782 - 262550 I info@highlandgroups.com
www.highlandgroups.com


Associate editor : **Krushna Kumar Mohanty**

Editor : **Subasini Jena**